# ଧରିତ୍ରୀ
DHARITRI

ଢେଙ୍କାନାଳ, ଗୁରୁବାର, ସେପ୍ଟେମ୍ବର ୧୯/୨୦୧୯ (୨୦ ପୃଷ୍ଠା) Dhenkanal, Thursday, September 19 / 2019 ★★★★★

୧୫ଶ ଭାଗ ୨୧୩ ସଂଖ୍ୟା www.orissakhabar.com/www.dharitri.com | Printed at Bhubaneswar, Sambalpur, Angul and Rayagada ମୂଲ୍ୟ ₹୫/-




## ଆଲିୟାଙ୍କ ଆଶା ଅଧୁରା ରହିଲା

ଆଲିୟାଙ୍କ ଆଶା ଥିଲା 'ଇଁଶଆଲ୍‌ହା'ରେ ସଲ୍‌ମାନ ଖାନଙ୍କ ସହିତ ଅଭିନୟ କରିବେ। ହେଲେ ଏକ କିସ୍ ସିନ୍ କରିବେ ନାହିଁ କହି ସଲ୍ଲୁ ମିଆଁ ସେଥିରୁ ଓହରି ଯାଇଛନ୍ତି ।

୧୬

୧୯

## ଭିନେଶଙ୍କୁ ଅଲିମ୍ପିକ ଯୋଗ୍ୟତା

କାଜାଖସ୍ତାନରେ ଅନୁଷ୍ଠିତ ବିଶ୍ୱ ରେସ୍‌ଲିଂ ଚାମ୍ପିୟନଶିପ୍‌ରେ ବ୍ରୋଞ୍ଜ ପଦକ ଜିତିବା ସହ ଭାରତୀୟ ମହିଳା ରେସ୍‌ଲର୍ ଭିନେଶ ପୋଗତ୍ ୨୦୨୦ ଅଲିମ୍ପିକକୁ ଯୋଗ୍ୟତା ହାସଲ କରିଛନ୍ତି।




# ସାରା ଦେଶରେ ଲାଗୁହେବ ଏନ୍‌ଆର୍‌ସି

ନୂଆଦିଲ୍ଲୀ,୧୮।୯

ଭାରତରେ ରହୁଥିବା ବେଆଇନ ପ୍ରବାସୀଙ୍କୁ ଚିହ୍ନଟ କରି ବିଦା କରାଯିବ। ଏଥିପାଇଁ କେନ୍ଦ୍ର ସରକାର ଜାତୀୟ ନାଗରିକ ପଞ୍ଜିକା (ଏନ୍‌ଆର୍‌ସି) ସାରା ଦେଶରେ ଲାଗୁ କରିବେ ବୋଲି ବୁଧବାର ସ୍ୱରାଷ୍ଟ୍ରମନ୍ତ୍ରୀ ଅମିତ୍ ଶାହ ସୂଚନା ଦେଇଛନ୍ତି।

ରାଞ୍ଚିରେ ଏକ ହିନ୍ଦୀ ଖବରକାଗଜର କାର୍ଯ୍ୟକ୍ରମରେ ଯୋଗଦେଇ ଶାହ କହିଛନ୍ତି, ଜଣେ ଭାରତୀୟ ବେଆଇନ ଭାବେ ଆମେରିକା, ବ୍ରିଟେନ କି ରୁଷିଆରେ ରହିପାରିବେ ନାହିଁ। ତେବେ ଅନ୍ୟ ଦେଶର ନାଗରିକମାନେ ବିନା ବୈଧ ଦସ୍ତାବିଜରେ ଭାରତରେ କିପରି ରହିପାରିବେ। ଏଥିଲାଗି ସମଗ୍ର ଦେଶରେ ଏନ୍‌ଆର୍‌ସି କାର୍ଯ୍ୟକାରୀ କରିବା ଉଚିତ। ଆଗକୁ ବେଆଇନ ଭାବେ ରହୁଥିବା ଶରଣାର୍ଥୀଙ୍କୁ ଦେଶରୁ କିପରି ବାହାର କରାଯିବ ସେନେଇ ସେ ନିଜେ ଉଦ୍ୟମ କରିବେ ବୋଲି ଶାହ କହିଛନ୍ତି। ଆସାମ ପରେ ଏବେ ଦେଶର ଅବଶିଷ୍ଟ ରାଜ୍ୟଗୁଡ଼ିକରେ ଏହାକୁ ଲାଗୁ କରାଯାଇ ଏକ ଜାତୀୟ ନାଗରିକ ପଞ୍ଜିକା ପ୍ରସ୍ତୁତ କରାଯିବ। କାରଣ ଦେଶର ନାଗରିକମାନଙ୍କ ଏକ ତାଲିକା ରହିବା ଉଚିତ। ଆସାମ ହେଉଛି ଦେଶର ଏକମାତ୍ର ରାଜ୍ୟ ଯେଉଁଠି ଅଗଷ୍ଟ ୩୧ରୁ ଏନ୍‌ଆର୍‌ସି କାର୍ଯ୍ୟକାରୀ ହେଉଛି। ଏହା ଆସାମ ନାଗରିକ ପଞ୍ଜିକା ନୁହେଁ ବୋଲି ଶାହ ସ୍ପଷ୍ଟ କରିଛନ୍ତି। ସେହିପରି ଝାଡ଼ଖଣ୍ଡ ରାଜଧାନୀ ରାଞ୍ଚିରୁ ୨୫୦ କି.ମି. ଦୂର ଜୋହରରେ ଭାଜପାର ଜନ ଆଶୀର୍ବାଦ ଯାତ୍ରାକୁ ସମ୍ବୋଧିତ କରି ଦଳର ଅଧ୍ୟକ୍ଷ ଶାହ ଜମ୍ମୁ-କଶ୍ମୀର ପ୍ରସଙ୍ଗରେ କହିଛନ୍ତି, ଏହା ହେଉଛି ଭାରତର ଅବିଚ୍ଛେଦ୍ୟ ଅଙ୍ଗ। ଅନୁଚ୍ଛେଦ ୩୭୦କୁ ଉଚ୍ଛେଦ କରି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ପାକିସ୍ତାନକୁ ତା'ର ଅସଲ ସ୍ଥାନ ଦେଖାଇଦେଇଛନ୍ତି। ଭାଜପା ମୂଳରୁ ୩୭୦କୁ ବିରୋଧ କରିଆସିଛି। ଏହାକୁ ହଟାଯିବା ପରେ କଂଗ୍ରେସର ପେଟବ୍ୟଥା କାହିଁକି ହେଉଛି। କଂଗ୍ରେସ ନେତା ରାହୁଲ ଗାନ୍ଧୀ ୩୭୦ ଉଚ୍ଛେଦକୁ ସମର୍ଥନ କରୁଛନ୍ତି କି ନାହିଁ ସେ ବିଧାନସଭା ନିର୍ବାଚନ ହେବାକୁ ଥିବା ଝାଡ଼ଖଣ୍ଡ, ମହାରାଷ୍ଟ୍ର ଓ ହରିୟାଣାକୁ ଗଲେ ତାହା ସ୍ପଷ୍ଟ କରନ୍ତୁ।



**ବେଆଇନ ଭାବେ ରହୁଥିବା ଶରଣାର୍ଥୀଙ୍କୁ ଦେଶରୁ ବାହାର କରାଯିବ: ଶାହ**

### ଏନ୍‌ଆର୍‌ସି ପାଇଁ ଆବଶ୍ୟକ ଦସ୍ତାବିଜ

ଜାତୀୟ ନାଗରିକ ପଞ୍ଜିକା (ଏନ୍‌ଆର୍‌ସି)ରେ ନାମ ପଞ୍ଜୀକରଣ ପାଇଁ ନିମ୍ନଲିଖିତ ୧୦ ଦସ୍ତାବିଜ ବୈଧ।

୧. ଜମିଜମା ସଂକ୍ରାନ୍ତ ମାଲିକାନା ସ୍ୱତ୍ୱର କାଗଜପତ୍ର ବା ପଟ୍ଟା
୨. ରାଜ୍ୟ ବାହାରୁ ଜାରି କରାଯାଇଥିବା ସ୍ଥାୟୀ ବାସିନ୍ଦା ପ୍ରମାଣପତ୍ର
୩. ଭାରତ ସରକାରଙ୍କ ପକ୍ଷରୁ ଜାରି ପାସ୍‌ପୋର୍ଟ
୪. ଭୋଟର ପରିଚୟପତ୍ର ବା କୌଣସି ସରକାରୀ କର୍ତ୍ତୃପକ୍ଷ ଜାରି କରିଥିବା ଲାଇସେନ୍ସ/ପ୍ରମାଣପତ୍ର
୫. ସରକାରୀ ନିଯୁକ୍ତି ପ୍ରମାଣପତ୍ର
୬. ବ୍ୟାଙ୍କ/ ଡାକଘରରେ ଖାତା
୭. କ୍ଷମତାପ୍ରାପ୍ତ କର୍ତ୍ତୃପକ୍ଷ ଜାରି କରିଥିବା ଜନ୍ମ ପ୍ରମାଣପତ୍ର
୮. ବୋର୍ଡ/ବିଶ୍ୱବିଦ୍ୟାଳୟରୁ ଜାରି ଶିକ୍ଷାଗତ ଯୋଗ୍ୟତା ପ୍ରମାଣପତ୍ର
୯. କୋର୍ଟ ରେକର୍ଡ ବା ବିଚାର ବିଭାଗୀୟ କିମ୍ବା ରାଜସ୍ୱ ଅଦାଲତର ଶୁଣାଣି ବେଳର ଦସ୍ତାବିଜ
୧୦. ଏଲ୍‌ଆଇସି ବୀମା ପଲିସି

ଜଣକ ପାଖରେ ଉପରୋକ୍ତ ଦସ୍ତାବିଜ ମଧ୍ୟରୁ କୌଣସି ଗୋଟିଏ ଥିଲେ ସେ ଆବେଦନପତ୍ର ସହ ତାକୁ ଦାଖଲ କରି ଏନ୍‌ଆର୍‌ସିରେ ସାମିଲ ହୋଇପାରିବେ। କିନ୍ତୁ ସମ୍ପୃକ୍ତ ଦସ୍ତାବିଜ ୧୯୭୧ ମାର୍ଚ୍ଚ ୨୪ ମଧ୍ୟରାତ୍ରି ସୁଦ୍ଧା ପ୍ରସ୍ତୁତ ହୋଇଥିବା ଜରୁରୀ। ଆସାମରେ ଏନ୍‌ଆର୍‌ସି ପ୍ରସ୍ତୁତି ଚାଲିଥିବାବେଳେ ରାଜ୍ୟ କୋଅର୍ଡିନେଟର ପ୍ରତୀକ ହାଜେଲା ମୋଟ ୧୫ଟି ଦସ୍ତାବିଜର ତାଲିକା ସୁପ୍ରିମକୋର୍ଟଙ୍କୁ ପ୍ରଦାନ କରିଥିଲେ। ସେଥିରୁ ଏହି ୧୦ ଦସ୍ତାବିଜକୁ ପରିଚୟପତ୍ରର ପ୍ରମାଣ ଭାବେ ଗ୍ରହଣ କରିବାକୁ ୨୦୧୮ ସେପ୍ଟେମ୍ବର ୫ରେ ପ୍ରଧାନ ବିଚାରପତି ରଞ୍ଜନ ଗୋଗୋଇଙ୍କ ଖଣ୍ଡପୀଠ ନିର୍ଦ୍ଦେଶ ଦେଇଥିଲେ। ଏନ୍‌ଆର୍‌ସି ଅନୁସାରେ ୧୯୭୧ ମାର୍ଚ୍ଚ ୨୫ ପୂର୍ବରୁ ଭାରତକୁ ଆସିଥିବା ବାଂଲାଦେଶୀଙ୍କୁ ସ୍ଥାନୀୟ ନାଗରିକର ମାନ୍ୟତା ଦିଆଯାଉଛି।

# ୧୮ରେ ସରିବ ଅଯୋଧ୍ୟା ଶୁଣାଣି



- ନଭେମ୍ବର ମଧ୍ୟଭାଗରେ ରାୟ
- ପକ୍ଷ ଚାହିଁଲେ ମଧ୍ୟସ୍ଥତାକୁ ଅନୁମତି

ନୂଆଦିଲ୍ଲୀ,୧୮।୯(ପି.ଟି.)

ଅଯୋଧ୍ୟା ରାମ ଜନ୍ମଭୂମି-ବାବ୍ରୀ ମସ୍‌ଜିଦ ଜମି ବିବାଦ ମାମଲାର ଶୁଣାଣି ଅକ୍ଟୋବର ୧୮ ସୁଦ୍ଧା ଶେଷ କରିବାକୁ ସୁପ୍ରିମକୋର୍ଟ ସମୟସୀମା ଧାର୍ଯ୍ୟ କରିଛନ୍ତି। ଭାରତର ପ୍ରଧାନ ବିଚାରପତି (ସିଜେଆଇ) ରଞ୍ଜନ ଗୋଗୋଇଙ୍କ କାର୍ଯ୍ୟକାଳ ନଭେମ୍ବର ୧୭ରେ ଶେଷ ହେଉଥିବାରୁ ରାଜନୈତିକ ଦୃଷ୍ଟିରୁ ସମ୍ବେଦନଶୀଳ ଅଯୋଧ୍ୟା ମାମଲାର ରାୟ ଏହା ପୂର୍ବରୁ ପ୍ରକାଶ ପାଇପାରେ ବୋଲି ଆଶା କରାଯାଉଛି। ଅନ୍ୟ ପକ୍ଷରେ ମାମଲାର ପକ୍ଷମାନେ ଚାହିଁଲେ ମଧ୍ୟସ୍ଥତା ମାଧ୍ୟମରେ ସମାଧାନ ସୂତ୍ର ବାହାର କରିପାରିବେ ବୋଲି ବୁଧବାର ସର୍ବୋଚ୍ଚ ଅଦାଲତ କହିଛନ୍ତି।

ସୁପ୍ରିମକୋର୍ଟଙ୍କ ଦ୍ୱାରା ନିଯୁକ୍ତ ମଧ୍ୟସ୍ଥ କମିଟି ଆପୋସ ଆଲୋଚନା ମାଧ୍ୟମରେ ସମାଧାନର ସୂତ୍ର ବାହାର କରିବାରେ ବିଫଳ ହେବା ପରେ ଅଗଷ୍ଟ ୬ରୁ ମାମଲାର ଦୈନନ୍ଦିନ ଶୁଣାଣି ଆରମ୍ଭ ହୋଇଥିଲା। ସିଜେଆଇଙ୍କ ଅଧ୍ୟକ୍ଷତାରେ ଗଠିତ ୫ ଜଣିଆ ପୀଠରେ ଉଭୟ ହିନ୍ଦୁ ଓ ମୁସଲମାନ ପକ୍ଷ ସେମାନଙ୍କ ଜବାବ ଓ ତଥ୍ୟ ପ୍ରମାଣ ରଖିଆସୁଛନ୍ତି। ଅକ୍ଟୋବର ୧୮ରେ ଶୁଣାଣି ଶେଷ ହେଲେ ରାୟ ଲେଖିବା ପାଇଁ ବିଚାରପତିମାନଙ୍କୁ ୪ ସପ୍ତାହ ସମୟ ମିଳିପାରିବ ବୋଲି ଅଦାଲତ କହିଛନ୍ତି। ସାମ୍ବିଧାନିକ ପୀଠରେ ☞ପୃଷ୍ଠା-୪

# ରେଳ କର୍ମଚାରୀଙ୍କୁ ୭୮ ଦିନର ବୋନସ୍

ନୂଆଦିଲ୍ଲୀ,୧୮।୯

କେନ୍ଦ୍ର ସରକାର ରେଳ କର୍ମଚାରୀଙ୍କୁ ୭୮ ଦିନର ବୋନସ୍ ଦେବାକୁ ଘୋଷଣା କରିଛନ୍ତି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଅଧ୍ୟକ୍ଷତାରେ ବୁଧବାର ବସିଥିବା କ୍ୟାବିନେଟ ବୈଠକରେ ଏ ସମ୍ପର୍କରେ ନିଷ୍ପତ୍ତି ନିଆଯାଇଛି। କ୍ୟାବିନେଟ ବୈଠକ ଶେଷରେ କେନ୍ଦ୍ରମନ୍ତ୍ରୀ ପ୍ରକାଶ ଜାଭଡେକର ଏ ସମ୍ପର୍କରେ ସୂଚନା ଦେଇ କହିଛନ୍ତି ଯେ, ୧୧ଲକ୍ଷ ୫୨ ହଜାର ରେଳ କର୍ମଚାରୀଙ୍କୁ ସେମାନଙ୍କର ୭୮ ଦିନର ଦରମାକୁ ବୋନସ୍ ଆକାରରେ ପ୍ରଦାନ କରାଯିବ। ଏଥିପାଇଁ ରେଳୱେକୁ ୨୦୨୪.୩୧ କୋଟି ଟଙ୍କା ଖର୍ଚ୍ଚ କରିବାକୁ ହେବ। ରେଳ କର୍ମଚାରୀଙ୍କୁ ସେମାନଙ୍କର ଉତ୍ପାଦକତା ବୃଦ୍ଧି ପାଇ ପୁରସ୍କାର ସ୍ୱରୂପ ବୋନସ୍ ଦିଆଯାଉଛି। ଏହାଦ୍ୱାରା ରେଳ କର୍ମଚାରୀ ପ୍ରୋତ୍ସାହିତ ହେବେ ଓ ସମ୍ପୂର୍ଣ୍ଣ ଶକ୍ତି ଦେଇ କାମ କରିବେ।

# ଦେଶରେ ଇ-ସିଗାରେଟ ନିଷେଧ

ନୂଆଦିଲ୍ଲୀ,୧୮।୯

କେନ୍ଦ୍ରର ମୋଦି ସରକାର ଦେଶରେ ଇ-ସିଗାରେଟକୁ ସମ୍ପୂର୍ଣ୍ଣ ନିଷେଧ କରିଛନ୍ତି। ଏନେଇ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଅଧ୍ୟକ୍ଷତାରେ ବୁଧବାର ଅନୁଷ୍ଠିତ କ୍ୟାବିନେଟ ବୈଠକରେ ନିଷ୍ପତ୍ତି ନିଆଯାଇଛି। ଫଳରେ ଭାରତରେ ଏଣିକି ଇ-ସିଗାରେଟ ଉପରେ ସମ୍ପୂର୍ଣ୍ଣ କଟକଣା ଲାଗିବ। ଖୁବଶୀଘ୍ର ଏ ସମ୍ପର୍କରେ ଏକ ଅଧ୍ୟାଦେଶ ଜାରି କରାଯିବ ବୋଲି କେନ୍ଦ୍ରମନ୍ତ୍ରୀ ନିର୍ମଳା ସୀତାରାମନ୍ କହିଛନ୍ତି।

ଆୟୋଜିତ ଖବରଦାତା ବୈଠକରେ ଯୋଗ ଦେଇ ସୀତାରାମନ୍ କହିଛନ୍ତି ଯେ, ଇ-ସିଗାରେଟ ବ୍ୟାନ୍ ଅର୍ଥ ଏଣିକି ଏହାର ଉତ୍ପାଦନ, ଆମଦାନୀ-ରପ୍ତାନି, ପରିବହନ, ବିକ୍ରି, ବିତରଣ ଏବଂ ବିଜ୍ଞାପନ ପ୍ରସାରଣ ଉପରେ ସମ୍ପୂର୍ଣ୍ଣ କଟକଣା ଲାଗୁ ହେବ। ସୀତାରାମନ୍ କହିଛନ୍ତି ଯେ, ଇ-ସିଗାରେଟର ୪୦୦ ପ୍ରକାର ବ୍ରାଣ୍ଡ୍ ଓ ୧୫୦ ପ୍ରକାର ଫ୍ଲେଭର୍ ରହିଛି। ଏମାନଙ୍କ ମଧ୍ୟରୁ ଗୋଟିଏ ହେଲେ ଭାରତରେ ତିଆରି ହେଉନାହିଁ। ଇ-ସିଗାରେଟ ଠାରୁ ଅଧିକ କ୍ଷତିକାରକ ବୋଲି ମନେ କରାଯାଉଥିବା ସିଗାରେଟକୁ ସରକାର କାହିଁକି ବ୍ୟାନ୍ କରୁନାହାନ୍ତି ବୋଲି ପ୍ରଶ୍ନ ହେବାରୁ ବୈଠକରେ ଉପସ୍ଥିତ ଥିବା ସୂଚନା ପ୍ରସାରଣ ମନ୍ତ୍ରୀ ପ୍ରକାଶ ଜାଭଡେକର କହିଛନ୍ତି ଯେ, ଏବେ ଦେଶରେ ଇ-ସିଗାରେଟର ପ୍ରଚଳନ ଧୀରେ ଧୀରେ ବଢ଼ିବାରେ ଲାଗିଛି। ଯୁବବର୍ଗ ଓ ଶିଶୁଙ୍କୁ ଆରମ୍ଭରୁ ଏହାର କୁଅଭ୍ୟାସରୁ ରକ୍ଷା କରିବା ଲାଗି ସରକାର ଉଚିତ୍ ସମୟରେ ନିଷ୍ପତ୍ତି ନେଇଛନ୍ତି। ସୀତାରାମନ୍ କହିଛନ୍ତି ଯେ, ସରକାର ଇ-ହୁକାକୁ ମଧ୍ୟ ବ୍ୟାନ୍ କରିଛନ୍ତି। ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ



ମନ୍ତ୍ରଣାଳୟ ସଚିବ ପ୍ରୀତି ସୁଦନ କହିଛନ୍ତି ଯେ, ଇ-ସିଗାରେଟ ବିକ୍ରି, ଆମଦାନୀ ଓ ରପ୍ତାନି କଲା ବେଳେ ପ୍ରଥମଥର ଧରାପଡିଲେ ଅଭିଯୁକ୍ତଙ୍କୁ ୧ ବର୍ଷ ଜେଲଦଣ୍ଡ ଅଥବା ତାଙ୍କ ଠାରୁ ୧ ଲକ୍ଷ ଟଙ୍କା ଜରିମାନା ଆଦାୟ କରାଯିବ, କିମ୍ବା ଉଭୟ ଏକାସାଙ୍ଗରେ ଲାଗୁ କରାଯିବ। ବାରମ୍ବାର ଧରାପଡିଲେ ୫ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ଜରିମାନା ଓ ୩ ବର୍ଷର ଜେଲଦଣ୍ଡ ବ୍ୟବସ୍ଥା ରହିଛି। ଜାଭଡେକର କହିଛନ୍ତି ଯେ, ଏମ୍ସ, ଟାଟା ଓ ଅନ୍ୟାନ୍ୟ ପ୍ରମୁଖ ପ୍ରତିଷ୍ଠାନଗୁଡ଼ିକ ତଥା ଡାକ୍ତରମାନେ ଇ-ସିଗାରେଟ ଓ ଇ-ହୁକାକୁ ବ୍ୟାନ୍ କରିବାକୁ ସୁପାରିସ୍ କରିଛନ୍ତି। ଟେକ୍ନିକାଲ କମିଟି ଏ ସମ୍ପର୍କରେ ସମ୍ପୂର୍ଣ୍ଣ ଯାଞ୍ଚ କରିବା ପରେ କେନ୍ଦ୍ର କ୍ୟାବିନେଟ ନିଷ୍ପତ୍ତି ନେଇଛନ୍ତି। ସୂଚନାଥାଉ କି, ଇ-ସିଗାରେଟରେ ତରଳ ପଦାର୍ଥ ଭର୍ତ୍ତି ହୋଇ ରହିଥାଏ। ଏହା ନିକୋଟିନ୍ ଓ ଅନ୍ୟ ହାନିକାରକ ପଦାର୍ଥର ସମ୍ମିଶ୍ରଣରେ ତିଆରି। ଇ-ସିଗାରେଟକୁ ଟାଣିବା କ୍ଷଣି ଏଥିରେ ଲାଗିଥିବା ହିଟିଂ ଡିଭାଇସ୍ ଏହି ତରଳ ପଦାର୍ଥକୁ ଗରମ କରି ଧୂଆଁରେ ପରିଣତ କରିଥାଏ। ଏହି କାରଣରୁ ଏହାକୁ ସ୍ମୋକିଂ ବଦଳରେ ଭ୍ୟାପିଙ୍ଗ୍ କୁହାଯାଉଛି। ଆଜିକାଲି ଯୁବବର୍ଗ ପାରମ୍ପରିକ ସିଗାରେଟ ବଦଳରେ ଇଲେକ୍ଟ୍ରୋନିକ ସିଗାରେଟ ବ୍ୟବହାର କରୁଥିବା ଦେଖାଯାଇଛି। ସେମାନଙ୍କ ମତରେ ଧୂଆଁ ସୃଷ୍ଟି କରୁଥିବା ସିଗାରେଟ ବଦଳରେ ଏହା ସ୍ୱାସ୍ଥ୍ୟ ପକ୍ଷେ କମ୍ ହାନିକାରକ । କିନ୍ତୁ ବାସ୍ତବ ଚିତ୍ର ଏହାଠାରୁ ସମ୍ପୂର୍ଣ୍ଣ ଭିନ୍ନ। ପାରମ୍ପରିକ ସିଗାରେଟ ଭଳି ଇ-ସିଗାରେଟ ମଧ୍ୟ ସମାନ ମାତ୍ରାରେ ସ୍ୱାସ୍ଥ୍ୟପକ୍ଷେ କ୍ଷତିକାରକ ବୋଲି ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ(ଡବ୍ଲ୍ୟୁଏଚ୍‌ଓ) ଏକ ରିପୋର୍ଟରେ ପ୍ରକାଶ କରିସାରିଛି।

## ସୁବାସ ପଶ୍ଚିମ ଓଡ଼ିଶା ବିକାଶ ପରିଷଦ ଅଧ୍ୟକ୍ଷ



ଭୁବନେଶ୍ୱର, ୧୮।୯(ବ୍ୟୁରୋ): ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ସୁବାସ ଚୌହାନଙ୍କୁ ପଶ୍ଚିମ ଓଡ଼ିଶା ବିକାଶ ପରିଷଦ(ଡବ୍ଲ୍ୟୁଓଡିସି)ର ଅଧ୍ୟକ୍ଷଭାବେ ନିଯୁକ୍ତି ଦେଇଛନ୍ତି। ମୁଖ୍ୟମନ୍ତ୍ରୀଙ୍କ କାର୍ଯ୍ୟାଳୟ(ସିଏମ୍‌ଓ) ପକ୍ଷରୁ ବୁଧବାର ଏନେଇ ଗଣମାଧ୍ୟମକୁ ସୂଚନା ଦିଆଯାଇଛି। ସୁବାସ ଦୀର୍ଘଦିନ ଧରି ଭାଜପାରେ ଥିଲେ। ୨୦୧୪ରେ ବରଗଡ ଲୋକ ସଭା ଆସନରୁ ନିର୍ବାଚନ ଲଢ଼ି ଅଳ୍ପ ବ୍ୟବଧାନରେ ପରାଜିତ ହୋଇଥିଲେ। ହେଲେ ଚଳିତ ଥର ସୁବାସ ଟିକେଟ୍‌ରୁ ବଞ୍ଚିତ ହୋଇଥିଲେ। ଏହା ପରେ ସେ ଭାଜପା ଛାଡି ବିଜେଡିରେ ସାମିଲ ହୋଇଥିଲେ। ଦଳର ସଭାପତି ତଥା ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ତାଙ୍କୁ ବିଜେଡିର ସାଧାରଣ ସମ୍ପାଦକ ସହ ୪ଟି ଜିଲାର ପର୍ଯ୍ୟବେକ୍ଷକ ଦାୟିତ୍ୱ ଦେଇଥିଲେ।

## ସବୁ ବର୍ଗର ସ୍କୁଲ୍ ପିଲାଙ୍କୁ ମିଳିବ ଡ୍ରେସ୍, ଜୋତା

ଭୁବନେଶ୍ୱର, ୧୮।୯(ବ୍ୟୁରୋ): ସରକାରୀ ସ୍କୁଲଗୁଡ଼ିକରେ ପ୍ରଥମରୁ ଅଷ୍ଟମ ଶ୍ରେଣୀ ପର୍ଯ୍ୟନ୍ତ ପଢୁଥିବା ସମସ୍ତ ଛାତ୍ରୀଛାତ୍ରଙ୍କୁ ମିଳିବ ଡ୍ରେସ୍ ଓ ଜୋତା। ରାଜ୍ୟ ସରକାର ଏହି ବଡ଼ ନିଷ୍ପତ୍ତି ନେଇଛନ୍ତି। ବୁଧବାର ବିଦ୍ୟାଳୟ ଓ ଗଣଶିକ୍ଷା ମନ୍ତ୍ରୀ ସମୀର ରଞ୍ଜନ ଦାଶ ଏ ସଂକ୍ରାନ୍ତରେ ସୂଚନା ଦେଇ କହିଛନ୍ତି, ପୂର୍ବରୁ କେବଳ ବିପିଏଲ୍ ପରିବାରର ପିଲାଙ୍କୁ ଡ୍ରେସ୍ ଓ ଜୋତା ସରକାର ଦେଉଥିଲେ। କିନ୍ତୁ ଆସନ୍ତା ବର୍ଷରୁ ସବୁବର୍ଗର ପିଲାଙ୍କୁ ଏହା ମିଳିବ। ଏହାଛଡ଼ା ସମସ୍ତ ଛାତ୍ରୀଛାତ୍ରଙ୍କୁ ପରିଚୟପତ୍ର ମଧ୍ୟ ଦିଆଯିବ। ଏଥିସହିତ ଛାତ୍ରୀଛାତ୍ରମାନେ ତଳେ ବସିବା ବଦଳରେ ସ୍କୁଲରେ ଥିବା ମ୍ୟାଟ୍ ବ୍ୟବହାର କରିବେ। ଅନ୍ୟପକ୍ଷରେ ଶିକ୍ଷକଙ୍କ ସ୍କୁଲ୍ ରହଣି ସମୟ ନେଇ ମଧ୍ୟ ମନ୍ତ୍ରୀ ସ୍ପଷ୍ଟ କରିଛନ୍ତି। କେତେକ ଜିଲାରେ କଟକଣା ଲାଗୁ ହୋଇଥିବାବେଳେ ଶିକ୍ଷକଙ୍କ ଆଗମନକୁ ନେଇ ଦ୍ୱନ୍ଦ୍ୱାତ୍ମକ ପରିସ୍ଥିତି ସୃଷ୍ଟି ହେଉଛି। ତେବେ ପୂର୍ବଭଳି ସ୍କୁଲର ସମୟସୀମା ପୂର୍ବାହ୍ନ ୧୦ଟାରୁ ଅପରାହ୍ନ ୪ଟା ରହିବ ବୋଲି ମନ୍ତ୍ରୀ କହିଛନ୍ତି।

### ଆଜିର ସମ୍ପାଦକୀୟ

**ମଣିଷଠୁ ଭିନ୍ନ ନୁହେଁ ପ୍ରାଣୀ**

### ଆଜିର ମନ୍ତବ୍ୟ

"ଜମ୍ମୁ-କଶ୍ମୀରରେ ବିକାଶକୁ ନେଇ ପିଓକେବାସୀ ପାକିସ୍ତାନ ବିରୋଧରେ ବିଦ୍ରୋହ କରି ଭାରତ ସହ ମିଶିବେ।

**-ସତ୍ୟପାଲ ମଲିକ, ଜମ୍ମୁ-କଶ୍ମୀର ରାଜ୍ୟପାଳ**

### କିଛି ତଥ୍ୟ

ଦେଶରେ ଏବେ ୯ ଆଣବିକ ରିଆକ୍ଟର ରହିଛି। ଆଗାମୀ ଦିନରେ ଆହୁରି ୨୧ ରିଆକ୍ଟର ନିର୍ମାଣ ହେବାକୁ ଯାଉଛି। **-ଡିପାର୍ଟମେଣ୍ଟ ଅଫ୍ ଆଟମିକ୍ ଏନର୍ଜି**


NECC NATIONAL EGG CO-ORDINATION COMMITTEE 18.09.2019 Vencobb CHICKEN

| Dist | Farm Gate/Kg | With Skin/Kg | Skinless /Kg |
|---|---|---|---|
| BBSR | 71 | 120 | 130 |
| CTC | 71 | 120 | 130 |
| DKL | 71 | 120 | 130 |
| BDK | 73 | 123 | 133 |
| BLS | 74 | 124 | 134 |
| ANG | 71 | 120 | 130 |
| BHM | 67 | 115 | 125 |

*Conditions Apply

Eggs Retail Price- 48/-Dozen
Issued in the Interest of Consumers


# ନଭେମ୍ବର ୧ରୁ ଧାନ ସଂଗ୍ରହ

ଭୁବନେଶ୍ୱର,୧୮।୯(ବ୍ୟୁରୋ)



**୧୨ ଲକ୍ଷ ଚାଷୀ ପଞ୍ଜୀକୃତ**

- ମହିଳା ସ୍ୱୟଂ ସହାୟକ ଗୋଷ୍ଠୀ କିଣିବେ ଧାନ

ଆସନ୍ତା ନଭେମ୍ବର ୧ରୁ ଖରିଫ ଧାନ ସଂଗ୍ରହ ହେବ। ଧାନ ବିକ୍ରି କରିବାକୁ ଚଳିତବର୍ଷ ୧୧ ଲକ୍ଷ ୫୪ ହଜାର ୧୩୦ ଜଣ ଚାଷୀ ନାମ ପଞ୍ଜୀକୃତ କରିଛନ୍ତି। ଆସନ୍ତା ୨୨ ତାରିଖ ସୁଦ୍ଧା ସମସ୍ତ ଡାଟା ଏଣ୍ଟ୍ରି ଶେଷ ହେବା ପରେ ଚୂଡ଼ାନ୍ତ ଚାଷୀଙ୍କ ତାଲିକା ପ୍ରକାଶ ପାଇବ ବୋଲି ସମବାୟ ମନ୍ତ୍ରୀ ରଣେନ୍ଦ୍ର ପ୍ରତାପ ସ୍ୱାଇଁ କହିଛନ୍ତି। ୨୨ରୁ ୨୪ ତାରିଖ ମଧ୍ୟରେ ଚାଷୀମାନଙ୍କର ଅଭିଯୋଗର ଶୁଣାଣି ହେବ। ଚଳିତବର୍ଷ ଚାଷୀ ପଞ୍ଜୀକରଣ ପାଇଁ ଆଧାରକୁ ବାଧ୍ୟତାମୂଳକ କରାଯାଇଛି। ବିଗତ ବର୍ଷଗୁଡ଼ିକରେ ଯେକୌଣସି ପରିଚୟ ପତ୍ର ଦେଖାଇ ଚାଷୀ ନାମ ପଞ୍ଜୀକରଣ କରୁଥିଲେ। କେବଳ ସେତିକି ନୁହେଁ, ଧାନ କିଣା ଆରମ୍ଭ ଠାରୁ ପଞ୍ଜୀକୃତ ଚାଷୀଙ୍କ ନାମକୁ ପରବର୍ତ୍ତୀ ବର୍ଷରେ ସାମିଲ କରାଯାଉଥିଲା। ଚଳିତ ଖରିଫ୍ ଋତୁଠାରୁ ନବୀକରଣ ବ୍ୟବସ୍ଥା ଉଚ୍ଛେଦ କରାଯାଇ ନୂତନ ନାମ ପଞ୍ଜୀକରଣ କରାଯାଇଛି। ପ୍ରଥମ ଥର ପାଇଁ ଧାନ କିଣିବାକୁ ମହିଳା ସ୍ୱୟଂ ସହାୟକ ଗୋଷ୍ଠୀକୁ ସାମିଲ କରାଯାଇଥିବା ବେଳେ ମାର୍କଫେଡକୁ ଧାନ କିଣାରୁ ବାଦ୍ ଦିଆଯାଇଛି। ଆସନ୍ତା ଖରିଫ୍ ଋତୁରେ କ୍ଷୁଦ୍ର, ନାମମାତ୍ର ଓ ଭାଗଚାଷୀ ମଧ୍ୟ ସେମାନଙ୍କର ଧାନ ବିକ୍ରି କରିପାରିବେ। ମୁଣ୍ଡପିଛା ୩ କ୍ୱିଣ୍ଟାଲ ଧାନ ଛାଡ଼ି ବଳକା ବିକ୍ରି କରିବାକୁ ସରକାର ଅନୁମତି ଦେଇଛନ୍ତି। ଅନ୍‌ଲାଇନ ଜରିଆରେ ଚାଷୀଙ୍କ ବ୍ୟାଙ୍କ ଆକାଉଣ୍ଟକୁ ଅର୍ଥ ପ୍ରଦାନ କରାଯିବ। ୨୦୧୮-୧୯ରେ ଖରିଫ୍ ଧାନ ବିକ୍ରି ପାଇଁ ୧୨ ଲକ୍ଷ ୫୦ ହଜାର ଚାଷୀ ନାମ ପଞ୍ଜୀକୃତ କରିଥିଲେ। ଧାନର ସର୍ବନିମ୍ନ ସହାୟକ ମୂଲ୍ୟ ୧,୮୧୫ଟଙ୍କା କ୍ୱିଣ୍ଟାଲ ପିଛା ଧାର୍ଯ୍ୟ କରାଯାଇଛି। ଗତବର୍ଷ ୧ ଲକ୍ଷ ଭାଗଚାଷୀ ଧାନ ବିକ୍ରି କରିଥିବା ବିଭାଗ ପକ୍ଷରୁ କୁହାଯାଇଛି। ତେବେ ଆଧାର ଲିଙ୍କ୍ କରାଯାଉଥିବାରୁ ଚଳିତବର୍ଷ ଚାଷୀ ପଞ୍ଜୀକରଣ ହ୍ରାସ ପାଇବା ଅନୁମାନ କରାଯାଉଛି।







ଧରିତ୍ରୀ
DHARITRI
ଢେଙ୍କାନାଳ, ଗୁରୁବାର, ୧୯ ସେପ୍ଟେମ୍ବର, ୨୦୧୯





ସ୍ୱରାଷ୍ଟ୍ରମନ୍ତ୍ରୀ ଅମିତ୍ ଶାହଙ୍କ 'ହିନ୍ଦୀ' ପ୍ରସ୍ତାବ ଭାରତର ସଂଘୀୟ ଢାଞ୍ଚାର ପରିପନ୍ଥୀ। ଦେଶର ଏକତା ପାଇଁ ସେ ଏହି ମନ୍ତବ୍ୟକୁ ପ୍ରତ୍ୟାହାର କରିବା ଉଚିତ।

-ବୀରାପ୍ପା ମୋଇଲି, ବରିଷ୍ଠ କଂଗ୍ରେସ ନେତା

## ସଂକ୍ଷେପରେ

### ଭରଣପୋଷଣ ପାଇଁ ସ୍ଥିର ହେବ ନିୟମାବଳୀ



**ନୂଆଦିଲ୍ଲୀ,୧୮।୯(ଆଇଏଏନ୍ଏସ୍):** ବୈବାହିକ ମାମଲାରେ ଭରଣପୋଷଣ ପ୍ରଦାନ ସଂକ୍ରାନ୍ତ ନିୟମାବଳୀ ପ୍ରସ୍ତୁତି ପାଇଁ ସୁପ୍ରିମକୋର୍ଟ ନିଷ୍ପତ୍ତି ନେଇଛନ୍ତି। ଏନେଇ ଖଣ୍ଡପୀଠଙ୍କୁ ସହାୟତା କରିବାକୁ ଦୁଇଜଣ ଆଇନଜୀବୀ ଗୋପାଳ ଶଙ୍କରନାରାୟଣନ ଏବଂ ଅନିଥା ଶେନୟଙ୍କୁ ଆମିକସ୍ କ୍ୟୁରି ଭାବେ ନିଯୁକ୍ତି ଦିଆଯାଇଛି। ଗତ ସପ୍ତାହରେ ଏକ ଛାଡ଼ପତ୍ର ମାମଲାର ଶୁଣାଣି ବେଳେ ଜଷ୍ଟିସ୍ ଇନ୍ଦୁ ମାଲହୋତ୍ରା ଏବଂ ଆର୍. ସୁଭାଷ ରେଡ୍ଡୀଙ୍କ ଖଣ୍ଡପୀଠ ସମ୍ପୃକ୍ତ ସ୍ୱାମୀଙ୍କୁ ଭରଣଭୋଷଣ ବାବଦ ବକେୟା ଥିବା ୫ ଲକ୍ଷ ଟଙ୍କା ସ୍ତ୍ରୀଙ୍କୁ ପ୍ରଦାନ କରିବାକୁ ନିର୍ଦ୍ଦେଶ ଦେଇଥିଲେ। ଏହା ପରେ ଅଦାଲତ ଭରଣପୋଷଣ ପାଇଁ ନିୟମାବଳୀ ଧାର୍ଯ୍ୟ କରିବାକୁ ନିଷ୍ପତ୍ତି ନେଇଥିଲେ। ମାମଲାର ପରବର୍ତ୍ତୀ ଶୁଣାଣି ଅକ୍ଟୋବର ୧୪କୁ ଧାର୍ଯ୍ୟ କରାଯାଇଛି।

### ଦିଗ୍ବିଜୟଙ୍କ ବିରୋଧରେ ମାନହାନି ମାମଲା

ନୂଆଦିଲ୍ଲୀ,୧୮।୯: ଭାଜପା ଓ ବଜରଙ୍ଗ ଦଳ ବିରୋଧରେ ନିକଟରେ ଆପତ୍ତିଜନକ ମନ୍ତବ୍ୟ ଦେଇଥିବା ବରିଷ୍ଠ କଂଗ୍ରେସ ନେତା ତଥା ମଧ୍ୟପ୍ରଦେଶର ପୂର୍ବତନ ମୁଖ୍ୟମନ୍ତ୍ରୀ ଦିଗ୍ବିଜୟ ସିଂଙ୍କ ବିରୋଧରେ ମାନହାନି ମାମଲା ଦାଏର ହୋଇଛି। ଭାଜପା ସଦସ୍ୟ ତଥା ଆଇନଜୀବୀ ରାଜେଶ କୁମାରଙ୍କ ପକ୍ଷରୁ ଦାଏର ଏହି ମାମଲାର ଶୁଣାଣି ଅକ୍ଟୋବର ୯ରେ କରିବାକୁ ଅତିରିକ୍ତ ମୁଖ୍ୟ ମେଟ୍ରୋପଲିଟାନ ମାଜିଷ୍ଟ୍ରେଟ୍ ସମର ବିଶାଲ ସମୟ ଧାର୍ଯ୍ୟ କରିଛନ୍ତି। ପାକିସ୍ତାନୀ ଗୋଇନ୍ଦା ସଂସ୍ଥା ଆଇଏସ୍ଆଇଠାରୁ ଭାଜପା ଏବଂ ବଜରଙ୍ଗ ଦଳ ଟଙ୍କା ନେଇଥିବା ଦିଗ୍ବିଜୟ ଅଭିଯୋଗ କରିଥିଲେ। ତାଙ୍କର ଏଭଳି ମାନହାନି ମନ୍ତବ୍ୟ ଭାଜପା ଓ ଏହାର ନେତାମାନ ଭାବମୂର୍ତ୍ତି କ୍ଷୁଣ୍ଣ କରିଛି। ଏହା ଗୁରୁତର ଅପରାଧ ବୋଲି ରାଜେଶ କହିଛନ୍ତି।

### ସ୍କୁଲରେ ନିଆଁ ଲାଗି ୩୦ ପିଲା ଜଳିଗଲେ

**ମନ୍ରୋଭିଆ, ୧୮।୯:** ପଶ୍ଚିମ ଆଫ୍ରିକୀୟ ରାଷ୍ଟ୍ର ଲାଇବେରିଆର ରାଜଧାନୀ ମନ୍ରୋଭିଆ ଅନ୍ତର୍ଗତ ପେନେସ୍ଭିଲ୍ଲେସ୍ଥିତ ଏକ କୋରାନିକ୍ ସ୍କୁଲରେ ମଙ୍ଗଳବାର ରାତିରେ ଭୟଙ୍କର ଅଗ୍ନିକାଣ୍ଡ ଘଟି ୩୦ ସ୍କୁଲ ପିଲାଙ୍କ ପ୍ରାଣହାନି ଘଟିଛି। ପିଲାମାନେ ଏଠାରେ କୋରାନ୍ ଅଧ୍ୟୟନ କରୁଥିଲେ। ଏମାନଙ୍କ ବ୍ୟତୀତ ୨ ଶିକ୍ଷକ ମଧ୍ୟ ପ୍ରାଣ ହରାଇଥିବା ଜଣାପଡ଼ିଛି। ଏ ସମ୍ପର୍କରେ ଲାଇବେରିଆ ରାଷ୍ଟ୍ରପତିଙ୍କ କାର୍ଯ୍ୟାଳୟ ପକ୍ଷରୁ ବୁଧବାର ସୂଚନା ଦିଆଯାଇଛି। ଅଗ୍ନିକାଣ୍ଡ ପରେ ରାଷ୍ଟ୍ରପତି ଜର୍ଜ ୱେହ ଦୁର୍ଘଟଣା ସ୍ଥଳକୁ ଯାଇ ପରିସ୍ଥିତିର ସମୀକ୍ଷା କରିଥିଲେ। ମୃତ ଛାତ୍ରଙ୍କ ପରିବାରବର୍ଗଙ୍କୁ ସେ ସମବେଦନା ଜଣାଇଛନ୍ତି। ତେବେ କେଉଁ କାରଣରୁ ଏଭଳି ଅଗ୍ନିକାଣ୍ଡ ଘଟିଲା, ସେ ସମ୍ପର୍କରେ କିଛି ଜଣାପଡ଼ିନାହିଁ। ଏନେଇ ଖୋଲତାଡ଼ ଆରମ୍ଭ ହୋଇଥିବା ପୋଲିସ ମୁଖପାତ୍ର ମୋଜେସ୍ କାର୍ଟର ପ୍ରକାଶ କରିଛନ୍ତି।

### ଇତିହାସର ଆଇନାରେ

#### ସେପ୍ଟେମ୍ବର ୧୯ର ପ୍ରମୁଖ ଘଟଣା

୧୯୭୬ ସେପ୍ଟେମ୍ବର ୧୯ରେ ତୁର୍କିର ଏକ ବିମାନ ଇସ୍ତାନବୁଲରୁ ଆନ୍ତାଲ୍ୟା ବିମାନବନ୍ଦର ଅଭିମୁଖେ ଯାଉଥିଲାବେଳେ ପାଇଲଟ୍ଙ୍କ ଅସାବଧାନତା କାରଣରୁ ଦୁର୍ଘଟଣାର ଶିକାର ହୋଇଥିଲା। ଇସ୍ପାର୍ଟା ପ୍ରଦେଶର କାରଡେପେ ପାର୍ବତ୍ୟାଞ୍ଚଳରେ ମାତ୍ର ୫୦୦ ଫୁଟ ଉଚ୍ଚରେ ଉଡୁଥିବା ବିମାନଟି ଧକ୍କା ଖାଇବାରୁ ୧୫୪ ଜଣ ଯାତ୍ରୀ ପ୍ରାଣ ହରାଇଥିଲେ।

୨୦୧୭ ସେପ୍ଟେମ୍ବର ୧୯ରେ ପ୍ରାୟ ୨୦ ସେକେଣ୍ଡ କାଳ ଭୂକମ୍ପ ଅନୁଭୂତ ହେବାରୁ ମେକ୍ସିକୋର ପୁବ୍ଲା ଓ ମୋରେଲସ୍ ସହରରେ ବ୍ୟାପକ କ୍ଷୟକ୍ଷତି ହୋଇଥିଲା। ପୁବ୍ଲାର ଦକ୍ଷିଣକୁ ୫୫ କିମି ଦୂର ଏହି ଭୂକମ୍ପର କେନ୍ଦ୍ରସ୍ଥଳ ଥିଲା। ଏଥିରେ ପ୍ରାୟ ୩୭୦ ଲୋକ ପ୍ରାଣ ହରାଇଥିଲେ।

## ■ ପାକିସ୍ତାନକୁ ୟୁରୋପୀୟ ପାର୍ଲାମେଣ୍ଟର ସମାଲୋଚନା

# ଜହ୍ନରୁ ଓହ୍ଲାଇନାହାନ୍ତି ଆତଙ୍କବାଦୀ

ବ୍ରସେଲ୍ସ,୧୮।୯(ପି.ଟି.)



ପାକିସ୍ତାନ ଜମ୍ମୁ-କଶ୍ମୀର ପ୍ରସଙ୍ଗର ଆନ୍ତର୍ଜାତିକୀକରଣ କରି ବିଶ୍ୱ ସମୁଦାୟ ଆଗରେ ଏହାକୁ ଉଠାଉଥିବାବେଳେ ଆତଙ୍କବାଦୀଙ୍କୁ ପ୍ରୋତ୍ସାହନ ଦେବା ନେଇ ଇସ୍ଲାମାବାଦକୁ ସବୁଠି ହଟହଟା ହେବାକୁ ପଡୁଛି। ଏହିକ୍ରମରେ ୟୁରୋପୀୟ ପାର୍ଲାମେଣ୍ଟରେ ପାକିସ୍ତାନକୁ କଡ଼ା ଭାଷାରେ ସମାଲୋଚନା କରାଯାଇଛି। ଭାରତରେ ଆକ୍ରମଣ କରିଥିବା ଆତଙ୍କବାଦୀମାନେ ଜହ୍ନରୁ ଓହ୍ଲାଇ ନ ଥିଲେ ବୋଲି ପାର୍ଲାମେଣ୍ଟାରିଆନ୍ ରିସ୍ଜାର୍ଡ କଜରନେକି ଏବଂ ଫୁଲଭିଓ ମାର୍ଟୁସିଏଲୋ କହିଛନ୍ତି।

ବେଲ୍ଜିୟମ୍ ରାଜଧାନୀ ବ୍ରସେଲ୍ସସ୍ଥିତ ୟୁରୋପୀୟ ସଂଘ ପାର୍ଲାମେଣ୍ଟରେ ମଙ୍ଗଳବାର ଜମ୍ମୁ-କଶ୍ମୀର ସ୍ଥିତିକୁ ନେଇ ଏକ ସ୍ୱତନ୍ତ୍ର ବିସ୍ତୃତ ବୈଠକ ହୋଇଥିଲା। ପାର୍ଲାମେଣ୍ଟ ସଦସ୍ୟ ତଥା ୟୁରୋପିଆନ୍ କଞ୍ଜରଭେଟିଭ୍ସ ଆଣ୍ଡ ରିଫର୍ମିଷ୍ଟ ଗ୍ରୁପ୍ର ରିସ୍ଜାର୍ଡ କଜରନେକି (ପୋଲାଣ୍ଡ) ଏହାକୁ ସମ୍ବୋଧିତ କରି ଭାରତକୁ ବିଶ୍ୱର ସର୍ବଶ୍ରେଷ୍ଠ ଗଣତନ୍ତ୍ର ଭାବେ ଅଭିହିତ କରି ପାକିସ୍ତାନକୁ ସମାଲୋଚନା କରିଥିଲେ। ସେ କହିଥିଲେ, ଜମ୍ମୁ-କଶ୍ମୀରରେ ହେଉଥିବା ଆତଙ୍କବାଦୀ ଆକ୍ରମଣ ଉପରେ ଆମକୁ ଦୃଷ୍ଟିଦେବାକୁ ପଡ଼ିବ। ସେହି ଆତଙ୍କବାଦୀମାନେ ଚନ୍ଦ୍ରରୁ ଓହ୍ଲାଇ କଶ୍ମୀରକୁ ଆସନ୍ତି ନାହିଁ, ବରଂ ପାକିସ୍ତାନରୁ ଆସିଥାନ୍ତି। ସେହିପରି ଅନ୍ୟତମ ସଦସ୍ୟ ତଥା ଗ୍ରୁପ୍ ଅଫ୍ ୟୁରୋପିଆନ୍ ପିପୁଲ୍ସ ପାର୍ଟି (ଇଟାଲୀ) ଫୁଲଭିଓ ମାର୍ଟୁସିଏଲୋ କହିଥିଲେ, ପାକିସ୍ତାନ ଆଣବିକ ଅସ୍ତ୍ର ପ୍ରୟୋଗର ଧମକ ଦେଇଛି, ଯାହାକି ୟୁରୋପୀୟ ସଂଘ ପାଇଁ ଚିନ୍ତାର ବିଷୟ। ପାକିସ୍ତାନୀ ଆତଙ୍କବାଦୀମାନେ ୟୁରୋପର ବିଭିନ୍ନ ସ୍ଥାନରେ ଆକ୍ରମଣ କରିବାରେ ସଫଳ ହୋଇଛନ୍ତି। ଇସ୍ଲାମାବାଦ ମାନବାଧିକାର ଉଲ୍ଲଂଘନ କରୁଛି ବୋଲି ସେ ସମାଲୋଚନା କରିଥିଲେ। ୟୁରୋପୀୟ କମିଶନ ଉପାଧ୍ୟକ୍ଷ ଫେଡେରିକା ମୋଘେରିନିଙ୍କ ପକ୍ଷରୁ ଅଭିଭାଷଣ ଆରମ୍ଭ କରି ଇୟୁ ମନ୍ତ୍ରୀ ଟେଚ୍ଚି ତୁପ୍ପୁରାଇନେନ୍ କହିଥିଲେ, କଶ୍ମୀରରେ ଆଉ ଏକ ଉତ୍ତେଜନାକୁ କେହି ସମ୍ଭାଳିପାରିବେ ନାହିଁ। ତେଣୁ ଭାରତ ଓ ପାକିସ୍ତାନ ଆଲୋଚନା ମାଧ୍ୟମରେ କଶ୍ମୀର ପ୍ରସଙ୍ଗର ଶାନ୍ତିପୂର୍ଣ୍ଣ ତଥା ରାଜନୈତିକ ସମାଧାନ କରନ୍ତୁ, ଯାହାକି ନିୟନ୍ତ୍ରଣରେଖା (ଏଲ୍ଓସି)ର ଉଭୟ ପାର୍ଶ୍ୱରେ ଥିବା କଶ୍ମୀରୀଙ୍କ ସ୍ୱାର୍ଥକୁ ସମ୍ମାନ ହେବ। ସମ୍ପୃକ୍ତ କ୍ଷେତ୍ରରେ ଅସ୍ଥିରତା ଓ ଅସୁରକ୍ଷାକୁ ଏଡ଼ାଇବା ପାଇଁ ଏହି ଦୀର୍ଘ ସମସ୍ୟାର ଏହା ହିଁ ଏକମାତ୍ର ସମାଧାନ ବୋଲି ସେ କହିଥିଲେ। ଏଥିସହ ଉପତ୍ୟକାରେ ଯୋଗାଯୋଗର ସମସ୍ତ ମାଧ୍ୟମକୁ ସ୍ୱାଭାବିକ କରିବା ପାଇଁ ଭାରତକୁ ପରାମର୍ଶ ଦେଇଥିଲେ। ତେବେ ସମ୍ବିଧାନର ଅନୁଚ୍ଛେଦ ୩୭୦କୁ ଉଚ୍ଛେଦ କରିବା ଭାରତର ଆଭ୍ୟନ୍ତରୀଣ ପ୍ରସଙ୍ଗ। ଭାରତର ସର୍ବଭୌମତ୍ୱକୁ ୟୁରୋପୀୟ ସଂଘ ସମ୍ମାନ ଦେଉଛି ବୋଲି ଉପସ୍ଥିତ ମନ୍ତ୍ରୀମାନେ ମତବ୍ୟକ୍ତ କରିଥିଲେ।

## ପୋଷ୍ଟରରେ ଧମକ ନେଇ ଡିଜିପି କହିଲେ

### ଆତଙ୍କବାଦୀଙ୍କ କଥା ଖୁବ୍ଶୀଘ୍ର ବୁଝିବୁ

**ଜମ୍ମୁ/ଶ୍ରୀନଗର,୧୮।୯(ପି.ଟି.):** କେନ୍ଦ୍ର ସରକାରଙ୍କ ଜମ୍ମୁ-କଶ୍ମୀର ସମ୍ପର୍କିତ ନିଷ୍ପତ୍ତିକୁ ୪୫ ଦିନ ପୂରିଥିଲେ ହେଁ ଉପତ୍ୟକାରେ ସ୍ଥିତି ସ୍ୱାଭାବିକ ହୋଇପାରି ନାହିଁ। ସଶସ୍ତ୍ର ଆତଙ୍କବାଦୀମାନେ ସ୍ଥାନୀୟ ଲୋକଙ୍କୁ ଭୟଭୀତ କରି ପ୍ରଶାସନକୁ ଅବଜ୍ଞା କରିବା ଲାଗି ନାନା ଉପାୟ ଆପଣାଉଛନ୍ତି। ଦୋକାନବଜାର ନ ଖୋଲିବା ପାଇଁ ସେମାନେ ଲୋକଙ୍କୁ ଧମକ ଦେଉଛନ୍ତି। ବ୍ୟବସାୟୀଙ୍କୁ ଡରାଇ ଜୋରଜବରଦସ୍ତି ଦୋକାନ ବନ୍ଦ କରିଦେଉଛନ୍ତି। ସେମାନେ ବିଭିନ୍ନ ସ୍ଥାନରେ ଧମକପୂର୍ଣ୍ଣ ପୋଷ୍ଟର ମାରି ସ୍ଥିତିକୁ ସଙ୍ଗିନ କରିବାରେ ଲାଗିଛନ୍ତି। ଏଭଳି ସମୟରେ ସ୍ଥିତି ହାତରୁ ଖସିଯିବାକୁ ବସିଥିବାବେଳେ ବୁଧବାର ପୋଲିସ ମହାନିର୍ଦ୍ଦେଶକ ଦିଲବାଗ୍ ସିଂ ଆତଙ୍କବାଦୀଙ୍କୁ ଚେତାବନୀ ଦେଇଛନ୍ତି। ଉପତ୍ୟକାବାସୀ ପାକିସ୍ତାନର ଅପପ୍ରଚାର ପ୍ରତି ଧ୍ୟାନ ଦେବା ଅନୁଚିତ। ସାଧାରଣ ଲୋକଙ୍କୁ ଧମକ ଦେଉଥିବା ଆତଙ୍କବାଦୀଙ୍କ କଥା ଆମେ ଖୁବ୍ଶୀଘ୍ର ବୁଝିବୁ। ସେମାନଙ୍କୁ ନିପାତ କରାଯିବ ବୋଲି ସେ ଏକ କାର୍ଯ୍ୟକ୍ରମରେ କହିଛନ୍ତି।

## ରାଜ୍ୟପାଳଙ୍କ ରୋଡ୍ମ୍ୟାପ୍

**କଶ୍ମୀରରେ ବିକାଶ ହେଲେ ଭାରତରେ ମିଶିବା ପାଇଁ ବିଦ୍ରୋହ କରିବେ ପିଓକେବାସୀ**

ଶ୍ରୀନଗର,୧୮।୯(ପି.ଟି)

ପିଓକେକୁ ଫେରାଇଆଣିବା ପାଇଁ ବଳପ୍ରୟୋଗର ଆବଶ୍ୟକତା ନାହିଁ। ଜମ୍ମୁ-କଶ୍ମୀରରେ ଏପରି ବିକାଶ କରାଯିବା ଉଚିତ, ଯାହାକୁ ଦେଖି ପିଓକେବାସୀ ଭାରତ ସହ ମିଶିବା ପାଇଁ ପାକିସ୍ତାନ ବିରୋଧରେ ବିଦ୍ରୋହ କରିବେ। ଶ୍ରୀନଗରରେ ଏକ କାର୍ଯ୍ୟକ୍ରମକୁ ବୁଧବାର ସମ୍ବୋଧିତ କରି ଜମ୍ମୁ-କଶ୍ମୀର ରାଜ୍ୟପାଳ ସତ୍ୟପାଲ ମଲିକ ଏହା କହିଛନ୍ତି। କେତେଜଣ କେନ୍ଦ୍ରମନ୍ତ୍ରୀ ପିଓକେକୁ ଫେରାଇ ଆଣିବା ନେଇ ବାରମ୍ବାର କହୁଛନ୍ତି। ଯଦି ପରବର୍ତ୍ତୀ ଟାର୍ଗେଟ ପିଓକେ ତେବେ କଶ୍ମୀରରେ ବିକାଶ କରି ଆମେ ଲକ୍ଷ୍ୟ ହାସଲ କରିପାରିବା। ଏପରି କଲେ ସୀମା ସେପଟେ ଥିବା ଲୋକେ ବିଦ୍ରୋହ କରି ଭାରତ ସହ ମିଶିବାକୁ ଚାହିଁବେ। ଏହା ହିଁ ରୋଡ୍ମ୍ୟାପ୍ ବୋଲି ରାଜ୍ୟପାଳ ସ୍ପଷ୍ଟ କରିଛନ୍ତି।





ଭାରତ ସୀମା ସଂଲଗ୍ନ ପାକିସ୍ତାନର କର୍ତାରପୁରସ୍ଥିତ ଶିଖ୍ ଧର୍ମପୀଠ ଗୁରୁଦ୍ୱାରା ଦରବାର ସାହିବ୍ କରିଡର୍ ନିର୍ମାଣ ଜୋରଦାର ଚାଲିଥିବାବେଳେ ସେହି କାର୍ଯ୍ୟରେ ନିୟୋଜିତ ଜଣେ ବ୍ୟକ୍ତି।

### ଚିଦାମ୍ବରମ୍ଙ୍କୁ ଜେଲରେ ଭେଟିଲେ ଆଜାଦ


ନୂଆଦିଲ୍ଲୀ, ୧୮।୯: ତିହାର ଜେଲ୍ରେ ଥିବା ପୂର୍ବତନ ଅର୍ଥମନ୍ତ୍ରୀ ପି.ଚିଦାମ୍ବରମ୍ଙ୍କୁ ବୁଧବାର ସକାଳେ କଂଗ୍ରେସର ଦୁଇ ବରିଷ୍ଠ ନେତା ଗୁଲାମ୍ ନବି ଆଜାଦ୍, ଅହମ୍ମଦ ପଟେଲ ଭେଟିଥିଲେ। ସେମାନଙ୍କ ସହ ଚିଦାମ୍ବରମ୍ଙ୍କ ପୁଅ କାର୍ତ୍ତି ମଧ୍ୟ ଥିଲେ। ହିନ୍ଦୀ ଭାଷା ଦେଶକୁ ଏକ ସୂତ୍ରରେ ବାନ୍ଧି ରଖିବାରେ ସହାୟକ ହେବ ବୋଲି ଭାବିବା ଭୁଲ ବୋଲି ତିହାର ଜେଲ୍ରେ ଥିବା ବରିଷ୍ଠ କଂଗ୍ରେସ ନେତା ପି. ଚିଦାମ୍ବରମ୍ ବୁଧବାର କହିଛନ୍ତି। ଏଭଳି ଚିନ୍ତାଧାରା ଭୟଙ୍କର ପରିସ୍ଥିତି ସୃଷ୍ଟିକରିବ। ସବୁ ଭାଷାକୁ ସମାନ ଗୁରୁତ୍ୱ ଦିଆଯିବା ଉଚିତ। ତାମିଲ ଭାଷାଭାଷୀ ଲୋକ ଓ ଅନ୍ୟ ଆଞ୍ଚଳିକ ଭାଷାର ଲୋକମାନେ ଏହାକୁ କଦାପି ଗ୍ରହଣ କରିପାରିବେ ନାହିଁ ବୋଲି ସେ ପ୍ରକାଶ କରିଛନ୍ତି। ଅଧ ଘଣ୍ଟା ଧରି ହୋଇଥିବା ଆଲୋଚନାରେ କଶ୍ମୀର, ଆଗକୁ ହେବାକୁ ଥିବା ନିର୍ବାଚନ, ଆର୍ଥିକ ମାନ୍ଦାବସ୍ଥା, ଦେଶର ରାଜନୈତିକ ସ୍ଥିତି ଆଦି ପ୍ରସଙ୍ଗ ସ୍ଥାନ ପାଇଥିଲା।

## ୪ ହାଇକୋର୍ଟ ମୁଖ୍ୟ ବିଚାରପତିଙ୍କୁ ପଦୋନ୍ନତି




**ନୂଆଦିଲ୍ଲୀ,୧୮।୯:** ୪ ହାଇକୋର୍ଟର ମୁଖ୍ୟ ବିଚାରପତିଙ୍କୁ ସୁପ୍ରିମକୋର୍ଟ ବିଚାରପତି ଭାବେ ପଦୋନ୍ନତି ପ୍ରଦାନ କରାଯାଇଛି। ସେମାନେ ହେଲେ ପଞ୍ଜାବ ହରିୟାଣା ହାଇକୋର୍ଟ ମୁଖ୍ୟ ବିଚାରପତି ଜଷ୍ଟିସ୍ କ୍ରିଷ୍ଣ ମୁରାରୀ, ରାଜସ୍ଥାନ ହାଇକୋର୍ଟ ମୁଖ୍ୟ ବିଚାରପତି ଏସ୍. ରବୀନ୍ଦ୍ର ଭଟ୍ଟ, ହିମାଚଳପ୍ରଦେଶ ହାଇକୋର୍ଟ ମୁଖ୍ୟ ବିଚାରପତି ଭି. ରାମସୁବ୍ରମଣ୍ୟନ ଏବଂ କେରଳ ହାଇକୋର୍ଟ ମୁଖ୍ୟ ବିଚାରପତି ହୃଷୀକେଶ ରାୟ। ସେମାନଙ୍କ ପଦୋନ୍ନତି ନେଇ ବୁଧବାର ରାଷ୍ଟ୍ରପତି ଭବନ ପକ୍ଷରୁ ବିଜ୍ଞପ୍ତି ପ୍ରକାଶ ପାଇଛି। ଭାରତର ପ୍ରଧାନ ବିଚାରପତି (ସିଜେଆଇ) ରଞ୍ଜନ ଗୋଗୋଇଙ୍କ ଅଧ୍ୟକ୍ଷତାରେ ଜଷ୍ଟିସ୍ ବୋବ୍ଡେ, ଜଷ୍ଟିସ୍ ରମାନା, ଜଷ୍ଟିସ୍ ଅରୁଣ ମିଶ୍ର ଏବଂ ଜଷ୍ଟିସ୍, ଆର୍.ଏଫ. ନରିମାନଙ୍କ କଲେଜିୟମ ଅଗଷ୍ଟ ୨୮ରେ ସେମାନଙ୍କ ପଦୋନ୍ନତି ପାଇଁ ସୁପାରିସ୍ କରିଥିଲେ।

## ମୋଦିଙ୍କୁ ଭେଟିଲେ ମମତା




ନୂଆଦିଲ୍ଲୀ,୧୮।୯

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ତୀବ୍ର ବିରୋଧୀ ଭାବେ ପରିଚିତ ପଶ୍ଚିମବଙ୍ଗ ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀ ବୁଧବାର ତାଙ୍କୁ ସାକ୍ଷାତ କରି ବିଭିନ୍ନ ପ୍ରସଙ୍ଗରେ ଆଲୋଚନା କରିଛନ୍ତି। ୨ ବର୍ଷ ମଧ୍ୟରେ ଏହା ସେମାନଙ୍କ ମଧ୍ୟରେ ପ୍ରଥମ ସାକ୍ଷାତ। ଏହାକୁ ନେଇ ରାଜନୈତିକ ମହଲରେ ଚର୍ଚ୍ଚା ଜୋର ଧରିଛି। ପଶ୍ଚିମବଙ୍ଗରେ ବିଶ୍ୱର ଦ୍ୱିତୀୟ ସର୍ବବୃହତ୍ କୋଇଲା ଖଣି ଉଦ୍ଘାଟନ କରିବା ଲାଗି ମମତା ପ୍ରଧାନମନ୍ତ୍ରୀଙ୍କୁ ଆମନ୍ତ୍ରଣ କରିବା ସହ ପଶ୍ଚିମବଙ୍ଗ ନାଁ ବଦଳାଇ ବଙ୍ଗଳା କରିବା ଲାଗି ରାଜ୍ୟର ଅନୁରୋଧକୁ ତୁରନ୍ତ ମଞ୍ଜୁରୀ ଦେବାକୁ ନିବେଦନ କରିଥିଲେ। ବୀରଭୂମ ଜିଲାର ଦେଓଚା ପଚମି କୋଇଲା ଖଣି ପାଖାପାଖି ଲକ୍ଷେ ଲୋକଙ୍କ ପାଇଁ ନିଯୁକ୍ତି ସୃଷ୍ଟି କରିବା ସହ ୧୨ ହଜାର କୋଟି ପୁଞ୍ଜି ଆକର୍ଷଣ କରିପାରିବ ବୋଲି ଆଶା କରାଯାଉଛି। ପ୍ରଧାନମନ୍ତ୍ରୀଙ୍କୁ ଭେଟିବାରେ କୌଣସି ରାଜନୀତି ନାହିଁ। ଏହା ସରକାରଙ୍କ ସହ ସରକାରଙ୍କ ବୈଠକ ବୋଲି ଖବରଦାତାମାନଙ୍କୁ ମମତା କହିଛନ୍ତି। ସୂଚନାଯୋଗ୍ୟ ମଙ୍ଗଳବାର ମୋଦିଙ୍କ ୬୯ତମ ଜନ୍ମଦିନରେ ମମତା ଟୁଇଟ୍ କରି ଶୁଭେଚ୍ଛା ଜଣାଇଥିଲେ।

ମମତା କୋଲକାତାର ଏକ ଜଣାଶୁଣା ଦୋକାନରୁ ପ୍ରଧାନମନ୍ତ୍ରୀଙ୍କ ପାଇଁ ବିଭିନ୍ନ ପ୍ରକାର ସନ୍ଦେଶ ପ୍ୟାକେଟ ଓ ଫୁଲତୋଡ଼ା ନେଇଥିଲେ। ସୂଚନାଯୋଗ୍ୟ ଲୋକ ସଭା ନିର୍ବାଚନ ବେଳେ ଦୁଇନେତା ପରସ୍ପରକୁ କଡ଼ା ଭାଷାରେ ସମାଲୋଚନା କରିଥିଲେ। ବଲିଉଡ୍ ଅଭିନେତା ଅକ୍ଷୟ କୁମାରଙ୍କୁ ଏକ ସାକ୍ଷାତ୍କାର ଦେବାବେଳେ ପ୍ରଧାନମନ୍ତ୍ରୀ କହିଥିଲେ, ମମତା ଦିଦି ତାଙ୍କ ପାଖକୁ ପ୍ରତିବର୍ଷ ରସଗୋଲା ପଠାଇଥାନ୍ତି। ଏହାର ଜବାବରେ ମମତା କହିଥିଲେ, ଏଥର କାଦୁଅ ଓ ଗୋଡ଼ିରେ ତିଆରି ରସଗୋଲା ପଠାଇବି, ଯେମିତି ଖାଇଲେ ମୋଦିଙ୍କ ଦାନ୍ତ ଭାଙ୍ଗିଯିବ।

## ଲଦାଖରେ ସେନାର ସମରାଭ୍ୟାସ

ନୂଆଦିଲ୍ଲୀ,୧୮।୯(ପି.ଟି.)



ପୂର୍ବ ଲଦାଖର ଅତ୍ୟୁଚ୍ଚ ଅଞ୍ଚଳରେ ବୁଧବାର ଭାରତୀୟ ସେନା ପକ୍ଷରୁ ସମରାଭ୍ୟାସ କରାଯାଇଛି। ଲ୍ୟୁଟ୍ନାଣ୍ଟ ଜେନେରାଲ ୱାଇ.କେ. ଜୋଷୀଙ୍କ ତତ୍ତ୍ୱାବଧାନରେ ହାଇ ଟେକ୍ନୋଲୋଜି ପ୍ଲାଟ୍ଫର୍ମ ସହ ବ୍ୟବସ୍ଥିତ ସୁରକ୍ଷା ବଳ ୧୨ ହଜାର ଫୁଟ୍ ଉଚ୍ଚତାରେ ଯୁଦ୍ଧ କୌଶଳ ପ୍ରଦର୍ଶନ କରିଥିଲେ। ନର୍ଦ୍ଦର୍ନ କମାଣ୍ଡ ଯୁଦ୍ଧ କ୍ଷେତ୍ରରେ ସଫଳତା ହାସଲ କରିବାର ଲିଗାସିକୁ ବଳବତ୍ତର ରଖିବ ବୋଲି ଏହାର ମୁଖ୍ୟ ଲ୍ୟୁଟ୍ନାଣ୍ଟ ଜେନେରାଲ ରଣବୀର ସିଂ ଆସ୍ଥା ପ୍ରକଟ କରିଛନ୍ତି। ଏହାସହ ସୀମାନ୍ତରେ ଅପରେଶନ୍ ପାଇଁ ସଜାଗ ଓ ପ୍ରସ୍ତୁତ ରହିବାକୁ ଯବାନମାନଙ୍କୁ ସେ ପରାମର୍ଶ ଦେଇଥିଲେ।

ପ୍ରକାଶ ଯେ, ଗତ ସପ୍ତାହରେ ପୂର୍ବ ଲଦାଖର ପଙ୍ଗୋଙ୍ଗ୍ ସୋ ହ୍ରଦ ନିକଟରେ ଭାରତୀୟ ସେନା ପାଟ୍ରୋଲିଂ କରୁଥିବାବେଳେ ଚାଇନାର ପିପୁଲ୍ସ ଲିବରେଶନ ଆର୍ମି (ପିଏଲ୍ଏ) ଏହାକୁ ନେଇ ଆପତ୍ତି ଉଠାଇଥିଲା। ଫଳରେ ଯୁକ୍ତିତର୍କରୁ ହାତାହାତି ଯାଏ କଥା ଯାଇଥିଲା। ଉଭୟ ପକ୍ଷର ପ୍ରତିନିଧି ମଣ୍ଡଳସ୍ତରୀୟ ଆଲୋଚନା ପରେ ସ୍ଥିତି ଶାନ୍ତ ହୋଇଥିଲା। ଏହି ଅଞ୍ଚଳକୁ ନିଜ ଭୂଖଣ୍ଡ ବୋଲି ଦାବି କରୁଥିବା ଚାଇନା ପାଇଁ ଭାରତୀୟ ସେନାର ସମରାଭ୍ୟାସ ଏକ ସନ୍ଦେଶ ବୋଲି କୁହାଯାଉଛି।

## ଶ୍ୟାମ ରାମ୍ସେଙ୍କ ପରଲୋକ

**ହରର୍ ଫିଲ୍ମର ସ୍ରଷ୍ଟା**



ମୁମ୍ବାଇ,୧୮।୯(ପି.ଟି.)

ଚଳଚ୍ଚିତ୍ର ନିର୍ଦ୍ଦେଶକ ଶ୍ୟାମ ରାମ୍ସେଙ୍କର ବୁଧବାର ପରଲୋକ ହୋଇଯାଇଛି। ତାଙ୍କୁ ୬୭ ବର୍ଷ ହୋଇଥିଲା। ୭ ରାମ୍ସେ ଭ୍ରାତାଙ୍କ ମଧ୍ୟରୁ ଅନ୍ୟତମ ଶ୍ୟାମ 'ପୁରାନି ହବେଲି', 'ତହଖାନା' ଭଳି ହରର୍ (ଭୟ ଉଦ୍ରେକକାରୀ) ଫିଲ୍ମ ନିର୍ମାଣ କରିଥିଲେ। ନିମୋନିଆରେ ପୀଡ଼ିତ ଏହି ଚଳଚ୍ଚିତ୍ର ନିର୍ଦ୍ଦେଶକ ତିନିଦିନ ପୂର୍ବରୁ ମୁମ୍ବାଇର ଏକ ହସ୍ପିଟାଲରେ ଭର୍ତ୍ତି ହୋଇଥିଲେ। ବୁଧବାର ଭୋର ୫ଟାରେ ତାଙ୍କର ମୃତ୍ୟୁ ହୋଇଯାଇଛି।

ହରର୍ ଚଳଚ୍ଚିତ୍ରର ସାମ୍ରାଜ୍ୟ ରାମ୍ସେ ଭ୍ରାତାଙ୍କ ଦ୍ୱାରା ଆରମ୍ଭ ହୋଇଥିଲା। ଫତେଚାନ୍ଦ ୟୁ ରାମସିଙ୍ଘାନି ଦେଶ ବିଭାଜନ ବେଳେ କରାଚୀରୁ ମୁମ୍ବାଇ ଆସି ଚଳଚ୍ଚିତ୍ର ନିର୍ମାଣ କରିବାକୁ ନିଷ୍ପତ୍ତି ନେଇଥିଲେ। ସେ ତାଙ୍କ ନାମ ସହ ରାମ୍ସେ ଯୋଡ଼ିଥିଲେ। ତାଙ୍କ ଚଳଚ୍ଚିତ୍ର ଶହୀଦ-ଇ-ଆଜମ ଭଗତ ସିଂ ଏବଂ ରୁସ୍ତମ ସରାବ ସେତେବେଳେ ବେଶ୍ ଲୋକପ୍ରିୟତା ହାସଲ କରିଥିଲା। ରାମସିଙ୍ଘାନିଙ୍କ ୭ ପୁଅ କୁମାର, ତୁଲସୀ, ଶ୍ୟାମ, କେଶୁ, କିରନ, ଗାଙ୍ଗୁଲି ଓ ଅର୍ଜୁନ ଚଳଚ୍ଚିତ୍ର ନିର୍ମାଣରେ ସାମିଲ ହୋଇ ରାମ୍ସେ ଭ୍ରାତା ଭାବେ ପରିଚିତ ହୋଇଥିଲେ। ଏକ୍ ନହ୍ନି ମୁନ୍ନି ସି ଲଡ୍କୀ (୧୯୭୦)ରେ ସେମାନଙ୍କୁ କ୍ଷତି ସହିବାକୁ ପଡିଲା। ତୁଲସୀ ଓ ଶ୍ୟାମ ହଲ୍ରେ ବସି ଚଳଚ୍ଚିତ୍ର ଦେଖୁଥିଲା ବେଳେ ଏଥିରେ ପୃଥ୍ୱୀରାଜଙ୍କ ମୁଖାପିନ୍ଧା ଅଭିନୟରେ ଦର୍ଶକମାନେ ସର୍ବାଧିକ ପ୍ରତିକ୍ରିୟା ଦେଖାଉଥିବା ଜାଣିପାରିଥିଲେ। ଅଧିକାଂଶ ଲୋକ କେବଳ ସେହିଭଳି ଅଭିନୟ ଦେଖିବାକୁ ଆସୁଥିବା ଜାଣିବା ପରେ ସେମାନେ ହରର୍ ଚଳଚ୍ଚିତ୍ର ନିର୍ମାଣ କରିବାକୁ ନିଷ୍ପତ୍ତି ନେଇଥିଲେ।

# ବିଶ୍ୱରେ ପ୍ରବାସୀ ଭାରତୀୟ ସର୍ବାଧିକ

ଜାତିସଂଘ,୧୮।୯(ପି.ଟି.)

**ଜାତିସଂଘ ରିପୋର୍ଟ**

**■ ୧.୭୫ କୋଟି ଭାରତୀୟ ବିଦେଶରେ**



ଚଳିତ ବର୍ଷର ଅନ୍ତର୍ଜାତୀୟ ପ୍ରବାସୀଙ୍କ ମଧ୍ୟରେ ଭାରତୀୟଙ୍କ ସଂଖ୍ୟା ସର୍ବାଧିକ ବୋଲି ଜାତିସଂଘ ରିପୋର୍ଟରେ ପ୍ରକାଶ ପାଇଛି। ଜାତିସଂଘର ନୂଆ ଆକଳନ ଅନୁଯାୟୀ ସାରା ବିଶ୍ୱରେ ୨୭ କୋଟି ୨୦ ଲକ୍ଷ ପ୍ରବାସୀ ରହିଥିବା ବେଳେ ସେମାନଙ୍କ ମଧ୍ୟରେ ଭାରତୀୟଙ୍କ ସଂଖ୍ୟା ୧ କୋଟି ୭୫ ଲକ୍ଷ, ଯାହା କି ସର୍ବାଧିକ।

ଜାତିସଂଘର ଆର୍ଥିକ ଓ ସାମାଜିକ ବ୍ୟାପର ବିଭାଗର ଜନସଂଖ୍ୟା ଶାଖା ପକ୍ଷରୁ ଅନ୍ତର୍ଜାତୀୟ ପ୍ରବାସୀ ତଥ୍ୟ ୨୦୧୯ ବୁଧବାର ପ୍ରକାଶ ପାଇଛି। ଏଥିରେ ଥିବା ପ୍ରଥମ ୧୦ଟି ଦେଶର ପ୍ରବାସୀଙ୍କ ସଂଖ୍ୟା ମୋଟ ଅନ୍ତର୍ଜାତୀୟ ପ୍ରବାସୀର ଏକ-ତୃତୀୟାଂଶ। ୧୭.୫ ନିୟୁତ ପ୍ରବାସୀଙ୍କ ସହ ଭାରତ ପ୍ରଥମ ସ୍ଥାନରେ ଥିବାବେଳେ ଦ୍ୱିତୀୟ ସ୍ଥାନରେ ମେକ୍ସିକୋ (୧୧.୮ ନିୟୁତ) ଓ ତୃତୀୟରେ ଚାଇନା (୧୦.୭ ନିୟୁତ) ରହିଛି। ଅନ୍ୟମାନଙ୍କ ମଧ୍ୟରେ ରୁଷିଆ, ସିରିଆ, ବାଂଲାଦେଶ, ପାକିସ୍ତାନ, ୟୁକ୍ରେନ୍, ଫିଲିପାଇନ୍ସ ଓ ଆଫଗାନିସ୍ତାନ ଯଥାକ୍ରମେ ଚତୁର୍ଥରୁ ଦଶମ ସ୍ଥାନରେ ରହିଛନ୍ତି।

ଅନ୍ୟପକ୍ଷରେ ଭାରତ ଚଳିତ ବର୍ଷ ୫୧ଲକ୍ଷ ଅନ୍ତର୍ଜାତୀୟ ପ୍ରବାସୀଙ୍କୁ ନିଜ ଦେଶରେ ସ୍ଥାନ ଦେଇଛି। ୨୦୧୦ରୁ ଭାରତରେ ଅନ୍ତର୍ଜାତୀୟ ପ୍ରବାସୀଙ୍କ ସଂଖ୍ୟା ଦେଶର ମୋଟ ଜନସଂଖ୍ୟାର ୦.୪ ପ୍ରତିଶତ ରହିଆସିଛି। ସେମାନଙ୍କ ମଧ୍ୟରେ ମହିଳା ପ୍ରବାସୀଙ୍କ ସଂଖ୍ୟା ୪୮.୮ ପ୍ରତିଶତ। ଭାରତରେ ରହିଥିବା ପ୍ରବାସୀଙ୍କ ମଧ୍ୟରୁ ୨ ଲକ୍ଷ ୭ ହଜାର ଶରଣାର୍ଥୀ ବୋଲି ଏହି ରିପୋର୍ଟରେ କୁହାଯାଇଛି। ଭାରତକୁ ସର୍ବାଧିକ ପ୍ରବାସୀ ବାଂଲାଦେଶ, ପାକିସ୍ତାନ ଓ ନେପାଳରୁ ଆସିଥାନ୍ତି।

ଚଳିତ ବର୍ଷ ୟୁରୋପ ମହାଦେଶ ସର୍ବାଧିକ ୮୨ ନିୟୁତ ପ୍ରବାସୀଙ୍କୁ ସ୍ଥାନ ଦେଇଥିବା ବେଳେ ଏହା ପଛକୁ ଉତ୍ତର ଆମେରିକା (୫୯ ନିୟୁତ) ଏବଂ ଉତ୍ତର ଆଫ୍ରିକା ଓ ପଶ୍ଚିମ ଏସିଆ (୪୯ ନିୟୁତ) ରହିଛି। ସର୍ବାଧିକ ପ୍ରବାସୀ ରହିଥିବା ଦେଶ ମଧ୍ୟରେ ଆମେରିକା ପ୍ରଥମ ସ୍ଥାନରେ ଥିବାବେଳେ ଏହା ପଛକୁ ଜର୍ମାନୀ ଓ ସୌଦି ଆରବ ରହିଛନ୍ତି। ଆମେରିକା ସର୍ବାଧିକ ୫୧ ନିୟୁତ ପ୍ରବାସୀ ବସବାସ କରୁଛନ୍ତି। ଜର୍ମାନୀ ଓ ସୌଦି ଆରବରେ ୧୩ ନିୟୁତ ଲେଖାଏ ପ୍ରବାସୀ ରହୁଥିବାବେଳେ ରୁଷିଆରେ ୧୨ ନିୟୁତ, ବ୍ରିଟେନରେ ୧୦ ନିୟୁତ ଏବଂ ୟୁନାଇଟେଡ ଆରବ ଏମିରେଟ୍ସରେ ୯ ନିୟୁତ ପ୍ରବାସୀ ଅଛନ୍ତି।

୨୦୧୦ରୁ ୨୦୧୭ ମଧ୍ୟରେ ସାରା ବିଶ୍ୱରେ ଶରଣାର୍ଥୀଙ୍କ ସଂଖ୍ୟା ପାଖାପାଖି ୧୩ ନିୟୁତ ବୃଦ୍ଧି ପାଇଥିଲା, ଯାହା କି ମୋଟ ଅନ୍ତର୍ଜାତୀୟ ପ୍ରବାସୀଙ୍କ ଏକଚତୁର୍ଥାଂଶ। ଉତ୍ତର ଆଫ୍ରିକା ଓ ପଶ୍ଚିମ ଏସିଆରେ ପାଖାପାଖି ୪୬ ପ୍ରତିଶତ ଶରଣାର୍ଥୀ ରହୁଛନ୍ତି। ଏହା ପଛକୁ ସାହାରାର ଦକ୍ଷିଣ ପାର୍ଶ୍ୱରେ ଥିବା ଆଫ୍ରିକୀୟ ଦେଶ ରହିଛନ୍ତି। ଅନ୍ୟପକ୍ଷରେ ମହିଳା ପ୍ରବାସୀଙ୍କ ସଂଖ୍ୟା ଉତ୍ତର ଆମେରିକାରେ ସର୍ବାଧିକ ହୋଇଥିବାବେଳେ ଏହା ପଛକୁ ୟୁରୋପ ରହିଛି।

## ସଂକ୍ଷେପରେ

### ୨୧ରେ ଓଡ଼ିଶା ଆସିବେ କେନ୍ଦ୍ର ଜଳଶକ୍ତି ମନ୍ତ୍ରୀ


**ଭୁବନେଶ୍ୱର,୧୮।୯(ବ୍ୟୁରୋ):** କେନ୍ଦ୍ର ଜଳଶକ୍ତି ମନ୍ତ୍ରୀ ଗଜେନ୍ଦ୍ର ସିଂ ଶେଖାୱତ ଆସନ୍ତା ୨୧ତାରିଖରେ ଓଡ଼ିଶା ଗସ୍ତରେ ଆସିବେ। ସେ ସ୍ଥାନୀୟ ଏକ ଘରୋଇ ହୋଟେଲରେ ଅନୁଚ୍ଛେଦ ୩୭୦ ଓ ୩୫ (ଏ) ସମ୍ପର୍କରେ ଆଲୋଚନା କରିବେ ବୋଲି ଭାଜପା ରାଜ୍ୟ ମୁଖପାତ୍ର ଗୋଲକ ମହାପାତ୍ର ସୂଚନା ଦେଇଛନ୍ତି। ଜନସମ୍ପର୍କ ଓ ଜନଜାଗରଣ ଯାତ୍ରା ଅବସରରେ ଜମ୍ମୁ-କଶ୍ମୀରରେ ଅନୁଚ୍ଛେଦ ୩୭୦ ଓ ୩୫(ଏ) ଉଠିବା ପରେ ତା'ର ଉପଲବ୍ଧ ସମ୍ପର୍କରେ ଶେଖାୱତ ଯୁବପିଢ଼ି ଓ ବୁଦ୍ଧିଜୀବୀଙ୍କ ସହ ଆଲୋଚନା କରିବେ।

### ଛାତ୍ରଙ୍କୁ ର‍୍ୟାଗିଂ ଘଟଣା ୬ ଅନ୍ତେବାସୀ ହଷ୍ଟେଲରୁ ବହିଷ୍କୃତ

**କଟକ ଅଫିସ,୧୮।୯:** ରେଭେନ୍‌ଶା ବିଶ୍ୱବିଦ୍ୟାଳୟର ଇଷ୍ଟ ହଷ୍ଟେଲରେ ମଙ୍ଗଳବାର ହୋଇଥିବା ର‍୍ୟାଗିଂ ଅଭିଯୋଗରେ ୬ଜଣ ଅନ୍ତେବାସୀଙ୍କୁ ହଷ୍ଟେଲରୁ ବହିଷ୍କାର ନିର୍ଦ୍ଦେଶ ହୋଇଛି। ଏ ନେଇ ବିଶ୍ୱବିଦ୍ୟାଳୟ ଶୃଙ୍ଖଳା କମିଟି ଏବଂ ଆଣ୍ଟି ର‍୍ୟାଗିଂ କମିଟି ବୈଠକ ବୁଧବାର ଅନୁଷ୍ଠିତ ହୋଇଥିଲା। ଏଥିରେ ୬ଜଣ ଅନ୍ତେବାସୀଙ୍କୁ ଦୋଷୀ ସାବ୍ୟସ୍ତ କରାଯାଇଛି। ସେମାନଙ୍କୁ ଗୋଟିଏ ସେମିଷ୍ଟର ପରୀକ୍ଷାରୁ ବଞ୍ଚିତ କରାଯିବା ସହ ହଷ୍ଟେଲରେ ରହିପାରିବେ ନାହିଁ ବୋଲି କଡ଼ା ପଦକ୍ଷେପ ନେଇଛି ଆଣ୍ଟି ର‍୍ୟାଗିଂ କମିଟି। ଏ ସମ୍ପର୍କରେ ବିଶ୍ୱବିଦ୍ୟାଳୟର ମୁଖ୍ୟ ୱାର୍ଡେନ ପ୍ରଫେସର ସ୍ମୃତିପ୍ରଭା ଦାସ କହିଛନ୍ତି, ର‍୍ୟାଗିଂ ଅଭିଯୋଗ ଆଧାରରେ ପଦକ୍ଷେପ ନିଆଯାଇଛି। ବିଶ୍ୱବିଦ୍ୟାଳୟର କୌଣସି ଛାତ୍ରୀଛାତ୍ର ଯେପରି ନିଜକୁ ଅସୁରକ୍ଷିତ ମନେ ନ କରିବେ ସେ ଦିଗରେ କମିଟି ପକ୍ଷରୁ ଦୃଷ୍ଟି ଦିଆଯାଇଛି। ସୂଚନାଥାଉ କି, ଇଷ୍ଟ ହଷ୍ଟେଲରେ ସୋମବାର ରାତିରେ ଜନ୍ମଦିନ ପାଳନ ଉତ୍ସବରେ ଜଣେ ଛାତ୍ରଙ୍କୁ କେତେଜଣ ଅନ୍ତେବାସୀ ମାଡ ମାରିଥିଲେ। ଏ ସମ୍ପର୍କରେ ସେ ଅଭିଯୋଗ କରି ନ ଥିଲେ ମଧ ତାଙ୍କ ଅଭିଭାବକ ର‍୍ୟାଗିଂ ହୋଇଛି ବୋଲି ବିଶ୍ୱବିଦ୍ୟାଳୟ କର୍ତ୍ତୃପକ୍ଷଙ୍କ ନିକଟରେ ଫେରାଦ ଦେଇଥିଲେ। ଅଭିଭାବକ ଜଣଙ୍କ ୬ ଜଣ ଅନ୍ତେବାସୀଙ୍କ ନାମରେ ର‍୍ୟାଗିଂ ଅଭିଯୋଗ ଉଠାଇଥିଲେ। ମାଡ଼ ଯୋଗୁ ଛାତ୍ରଙ୍କ ପିଠିରେ ଦାଗ ହୋଇଥିବା ମଧ ଦେଖିବାକୁ ମିଳିଥିଲା। ବୁଧବାର ବୈଠକରେ ୬ଜଣ ଅନ୍ତେବାସୀ ମଧ ଶୃଙ୍ଖଳା କମିଟି ଏବଂ ଆଣ୍ଟି ର‍୍ୟାଗିଂ କମିଟି ନିକଟରେ ହାଜର ହୋଇଥିବା ଜଣାପଡ଼ିଛି।

### ବିଜେପୁର ଉପନିର୍ବାଚନ ପାଇଁ ବିଜେଡିର ୪ ଜଣିଆ ସମନ୍ୱୟ କମିଟି

**ଭୁବନେଶ୍ୱର,୧୮।୯(ବ୍ୟୁରୋ):** ବିଜେପୁର ଉପନିର୍ବାଚନ ପାଇଁ ନିର୍ବାଚନ କମିଶନ ଏ ପର୍ଯ୍ୟନ୍ତ ତାରିଖ ଘୋଷଣା କରିନାହାନ୍ତି। ମାତ୍ର ବିଜେଡି ଏବେଠାରୁ ବିଜେପୁର ଆସନ ଦଖଲ କରିବା ସକାଶେ ଅଣ୍ଟା ଭିଡିଛି। ମଙ୍ଗଳବାର ଉପନିର୍ବାଚନ ପାଇଁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ନିର୍ବାଚନ ସମନ୍ୱୟ କମିଟି ଗଠନ କରିଛନ୍ତି। ଏହି କମିଟିରେ ଦଳର ୪ଜଣ ନେତା ମନ୍ତ୍ରୀ ନିରଞ୍ଜନ ପୂଜାରୀ, ମନ୍ତ୍ରୀ ସୁଶାନ୍ତ ସିଂ, ପୂର୍ବତନ ଏମ୍‌ପି କଲିକେଶ ସିଂଦେଓ ଏବଂ ପୂର୍ବତନ ମନ୍ତ୍ରୀ ସଞ୍ଜୟ କୁମାର ଦାସବର୍ମାଙ୍କୁ ରଖାଯାଇଛି। ଏହି କମିଟି ପ୍ରଥମ ପର୍ଯ୍ୟାୟରେ ଉପନିର୍ବାଚନ ପାଇଁ ଦଳୀୟ କାର୍ଯ୍ୟକ୍ରମ ଚଳାଇବେ। ଅନ୍ୟପଟେ ଉପନିର୍ବାଚନ ପ୍ରସ୍ତୁତି ଆରମ୍ଭ ସମୟରୁ ହିଁ ମୁଖ୍ୟମନ୍ତ୍ରୀ ସୁବାସ ଚୌହ୍ୱାନଙ୍କୁ ପଶ୍ଚିମ ଓଡିଶା ବିକାଶ ପରିଷଦର ଅଧକ୍ଷ ଭାବେ ଦାୟିତ୍ୱ ପ୍ରଦାନ କରିଛନ୍ତି। ଦୀର୍ଘଦିନ ଧରି ଏହି ପଦବୀ କାହାକୁ ମିଳିବ ସେନେଇ ଚର୍ଚ୍ଚା ଜୋର୍ ଧରିଥିଲା। ସୁବାସ ୨୦୧୯ ସାଧାରଣ ନିର୍ବାଚନରେ ଭାଜପାରୁ ବରଗଡ ଆସନ ପାଇଁ ଏମ୍‌ପି ଟିକେଟ ଲାଗି ଆଶାୟୀ ଥିଲେ। ମାତ୍ର ଟିକେଟ ନ ମିଳିବାରୁ ସେ ବିଜେଡିରେ ଯୋଗ ଦେଇଥିଲେ। ବରଗଡ ଲୋକ ସଭା ନିର୍ବାଚନମଣ୍ଡଳୀରେ ସୁବାସଙ୍କ ଭଲ ସଂଗଠନ ଥିବାରୁ ତାଙ୍କୁ ବିଜେପୁର ଉପନିର୍ବାଚନ ପୂର୍ବରୁ ପଶ୍ଚିମ ଓଡିଶା ବିକାଶ ପରିଷଦର ଅଧକ୍ଷ ପଦ ଦିଆଯାଇଥିବା ଚର୍ଚ୍ଚା ଜୋର୍ ଧରିଛି। ଅନ୍ୟପଟେ ବିଜେଡି ଗଠନ କରିଥିବା ସମନ୍ୱୟ କମିଟି ଦଳୀୟ ଟିକେଟ କାହାକୁ ଦିଆଗଲେ ଠିକ୍ ହେବ ସେ ନେଇ ଅନୁଧ୍ୟାନ କରିବେ ଏବଂ ଅସନ୍ତୁଷ୍ଟଙ୍କୁ ମନେଇବାର କାର୍ଯ୍ୟ କରିବ ବୋଲି ଜଣାପଡିଛି। ଅପରପକ୍ଷରେ ଭାଜପା ମଧ ବିଜେପୁର ଉପନିର୍ବାଚନକୁ ନେଇ କାର୍ଯ୍ୟକ୍ରମ ଆରମ୍ଭ କରିଥିବା ବେଳେ କଂଗ୍ରେସ ପକ୍ଷରୁ ଏକ କମିଟି ଗଠନ କରାଯାଇ କାର୍ଯ୍ୟକ୍ରମ ଚାଲୁ ରହିଛି।




■ ର‍୍ୟାଗିଂକୁ ନେଇ ଓଏଚ୍‌ଆର୍‌ସିଙ୍କ ଉଦ୍‌ବେଗ

# ୫ ବିଭାଗକୁ ରିପୋର୍ଟ ତଲବ

**ଭୁବନେଶ୍ୱର,୧୮।୯(ବ୍ୟୁରୋ)**

ରାଜ୍ୟରେ ଥିବା ଶିକ୍ଷାନୁଷ୍ଠାନଗୁଡିକରେ ର‍୍ୟାଗିଂ ମୁଖ୍ୟ ସମସ୍ୟା ଭାବେ ଦେଖା ଦେଇଛି। ନିକଟରେ ସମ୍ବଲପୁରଠାରେ ଏକ ଘରୋଇ କଲେଜରେ ଜଣେ ଛାତ୍ରଙ୍କୁ ସହପାଠୀମାନେ ର‍୍ୟାଗିଂ କରିବା ଘଟଣା ସୋସିଆଲ ମିଡିଆରେ ପ୍ରକାଶ ପାଇବା ପରେ ଓଡ଼ିଶା ମାନବାଧିକାର କମିଶନ(ଓଏଚ୍‌ଆରସି) ଗଭୀର ଉଦ୍‌ବେଗ ପ୍ରକାଶ କରିଛନ୍ତି। ଶିକ୍ଷାନୁଷ୍ଠାନଗୁଡିକରେ ର‍୍ୟାଗିଂ ରୋକିବା ପାଇଁ କି ପଦକ୍ଷେପ ନିଆଯାଇଛି ସେ ନେଇ ରାଜ୍ୟ ସରକାରଙ୍କ ୫ ବିଭାଗକୁ କମିଶନ ବୁଧବାର ରିପୋର୍ଟ ତଲବ କରିଛନ୍ତି। କମିଶନଙ୍କ ପକ୍ଷରୁ ଗୃହ ବିଭାଗକୁ ଦିଆଯାଇଥିବା ନୋଟିସରେ ଉଲ୍ଲେଖ କରାଯାଇଛି ଯେ, ର‍୍ୟାଗିଂ ରୋକିବାକୁ ରାଜ୍ୟ ସରକାର ଗାଇଡଲାଇନ ପ୍ରସ୍ତୁତ କରିଛନ୍ତି କି ନାହିଁ। ସୁପ୍ରିମକୋର୍ଟଙ୍କ ନିର୍ଦ୍ଦେଶ ଅନୁଯାୟୀ ରାଜ୍ୟସ୍ତରରେ ଆଣ୍ଟି ର‍୍ୟାଗିଂ ହେଲ୍‌ପଲାଇନ ବ୍ୟବସ୍ଥା କରାଯାଇଛି କି ନାହିଁ। ଏନେଇ ଆସନ୍ତା ଅକ୍ଟୋବର ୧୧ ସୁଦ୍ଧା ଜଣାଇବାକୁ କମିଶନ ସରକାରଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ଯଦି ହେଲ୍‌ପଲାଇନ କରାଯାଇ ନାହିଁ, ତେବେ ପ୍ରତ୍ୟେକ ପୋଲିସ ମୁଖ୍ୟାଳୟରେ ହେଲ୍‌ପଲାଇନ ନମ୍ବର ଜାରି କରିବା ପାଇଁ ନିର୍ଦ୍ଦେଶ ଦେବାକୁ ଗୃହ ସଚିବଙ୍କୁ କମିଶନ ପରାମର୍ଶ ଦେଇଛନ୍ତି। ସେହିପରି ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ, ଉଚ୍ଚଶିକ୍ଷା ବିଭାଗ, ସ୍କୁଲ ଓ ଗଣଶିକ୍ଷା ବିଭାଗ ଏବଂ ବୈଷୟିକ ଶିକ୍ଷା ବିଭାଗକୁ ମଧ ର‍୍ୟାଗିଂ ରୋକିବା ଦିଗରେ ନିଆଯାଇଥିବା ପଦକ୍ଷେପ ସମ୍ପର୍କରେ ଜଣାଇବାକୁ କମିଶନ ନିର୍ଦ୍ଦେଶ ଦେଇଛନ୍ତି। ଅନ୍ୟପକ୍ଷରେ ରାଜ୍ୟର ବିଭିନ୍ନ ଶିକ୍ଷାନୁଷ୍ଠାନରେ ହେଉଥିବା ର‍୍ୟାଗିଂ ଘଟଣାରେ ହସ୍ତକ୍ଷେପ କରିବାକୁ ର‍୍ୟାଗିଂ ମୁକ୍ତ କ୍ୟାମ୍ପସ ଅଭିଯାନର ଆବାହକ ତେଜେଶ୍ୱର ପରିଡାଙ୍କ ନେତୃତ୍ୱରେ ୧୦ ଜଣିଆ ପ୍ରତିନିଧି ଦଳ ବୁଧବାର କମିଶନ ଅଧକ୍ଷ ଜଷ୍ଟିସ ବିମଳ ପ୍ରସାଦ ଦାସ ଓ ଜଷ୍ଟିସ ରଘୁବୀର ଦାସଙ୍କ ଦୁଇଜଣିଆ ଖଣ୍ଡପୀଠକୁ ଭେଟି ଏକ ମାମଲା ଦାଏର କରିଛନ୍ତି।

# ମାସେ ବନ୍ଦ ରହିବ ଭୁବନେଶ୍ୱର-ବ୍ୟାଙ୍କକ୍ ବିମାନ ସେବା

**ଭୁବନେଶ୍ୱର,୧୮।୯(ବ୍ୟୁରୋ)**

■ ନଭେମ୍ବରରୁ ପୁଣି ଆରମ୍ଭ ହେବ

■ ପର୍ଯ୍ୟଟନ ଋତୁରେ ରନ୍‌ୱେ ରି-କାର୍ପେଟିଂକୁ ବିରୋଧ

ଭୁବନେଶ୍ୱରରୁ ବ୍ୟାଙ୍କକ୍‌କୁ ଚଳାଚଳ କରୁଥିବା ଏୟାର ଇଣ୍ଡିଆର ଡାଇରେକ୍ଟ ଫ୍ଲାଇଟ୍ ସେବା ସେପ୍ଟେମ୍ବର ୨୩ରୁ ଅସ୍ଥାୟୀଭାବେ ବନ୍ଦ ରହିବ। ଏହା ଅକ୍ଟୋବର ଶେଷ କିମ୍ବା ନଭେମ୍ବର ଆରମ୍ଭରୁ ପୁଣି ଚଳାଚଳ କରିବ। ବୁଧବାର ଏନେଇ ସୂଚନା ଦେଇଛନ୍ତି ରାଜ୍ୟ ପର୍ଯ୍ୟଟନ ସଚିବ ବିଶାଳ ଦେବ। ସେ କହିଛନ୍ତି, ପର୍ଯ୍ୟଟନ ଶିଳ୍ପର ବିକାଶକୁ ନିଜରରେ ରଖି ବିମାନ ଯୋଗାଯୋଗ ବ୍ୟବସ୍ଥାକୁ ସୁଦୃଢ କରିବାକୁ ରାଜ୍ୟ ସରକାର ଗୁରୁତ୍ୱ ଦେଉଛନ୍ତି। ହେଲେ ଯାତ୍ରୀଙ୍କ ସଂଖ୍ୟା କମ୍ ରହୁଥିବାରୁ ଅଧିକାଂଶ ସଂସ୍ଥା ବିମାନ ସେବା ଆରମ୍ଭ କରିବାକୁ ରାଜି ହେଉନାହାନ୍ତି। ଏହାସତ୍ତ୍ୱେ ଆମେ ଭୁବନେଶ୍ୱରରୁ ସିଙ୍ଗାପୁରକୁ ସିଧାସଳଖ ବିମାନ ସେବା ଯୋଗାଇ ଦେବାକୁ ଯୋଜନା କରୁଛୁ। ଏନେଇ ଏୟାର ଏସିଆ ସହ ଆଲୋଚନା ଚାଲିଛି। ଖୁବ୍‌ଶୀଘ୍ର ଦୁବାଇକୁ ମଧ ସିଧାସଳଖ ବିମାନ ଚଳାଚଳ ଆରମ୍ଭ ହେବ ବୋଲି ସେ କହିଛନ୍ତି। ସେହିଭଳି ଝାରସୁଗୁଡ଼ା ବିମାନ ବନ୍ଦର ଏବେ ଦେଶର ୪ଟି ପ୍ରମୁଖ ସହର ତଥା ହାଇଦ୍ରାବାଦ, କଲିକତା, ଦିଲ୍ଲୀ, ରାୟପୁରକୁ ସଂଯୋଗ କରୁଥିବା ବେଳେ ଯାତ୍ରୀ ସଂଖ୍ୟା ମଧ ଭଲ ରହୁଛି। ଖୁବ୍‌ଶୀଘ୍ର ଝାରସୁଗୁଡାରୁ ବାଙ୍ଗାଲୋରକୁ ବିମାନ ଚଳାଚଳ ଆରମ୍ଭ ହେବାନେଇ ସଚିବ ସୂଚନା ଦେଇଛନ୍ତି।

ଅନ୍ୟପକ୍ଷରେ ଭୁବନେଶ୍ୱର ବିଜୁ ପଟ୍ଟନାୟକ ଅନ୍ତର୍ଜାତୀୟ ବିମାନ ବନ୍ଦରରେ ଆସନ୍ତା ନଭେମ୍ବର ୧ରୁ ୨୦୧୯ ଜୁନ୍ ୩୦ ପର୍ଯ୍ୟନ୍ତ ରନ୍‌ୱେ ରି-କାର୍ପେଟିଂ ହେବାକୁ ଥିବାରୁ ୮ମାସ ପର୍ଯ୍ୟନ୍ତ ପର୍ଯ୍ୟାୟକ୍ରମେ ରନ୍‌ୱେକୁ ବନ୍ଦ ରଖାଯିବ। ତେବେ ସେପ୍ଟେମ୍ବରରୁ ମାର୍ଚ୍ଚ ମାସ ପର୍ଯ୍ୟନ୍ତ ପର୍ଯ୍ୟଟନ ଋତୁ ଥିବାବେଳେ ଏହି ସମୟ ମଧ୍ୟରେ ରନ୍‌ୱେ ବନ୍ଦ ରହିଲେ ବିମାନ ସେବା ବିଶେଷଭାବେ ବାଧାପ୍ରାପ୍ତ ହେବ। ଏହାଦ୍ୱାରା ଉଭୟ ପର୍ଯ୍ୟଟନ ଏବଂ ହୋଟେଲ ଶିଳ୍ପ ବିଶେଷଭାବରେ କ୍ଷତିଗ୍ରସ୍ତ ହେବ ବୋଲି ଆଶଙ୍କା କରିଛି ହୋଟେଲ୍ ଆଣ୍ଡ୍ ରେଷ୍ଟୁରାଣ୍ଟ ଆସୋସିଏସନ୍ ଅଫ୍ ଓଡ଼ିଶା। ଭୁବନେଶ୍ୱର ବିମାନ ବନ୍ଦରରେ ଏବେ ଏୟାର ଟ୍ରାଫିକ୍ ବୃଦ୍ଧି ପାଇଥିବା ବେଳେ ପର୍ଯ୍ୟଟନ ଋତୁରେ ଏହା ଆହୁରି ବୃଦ୍ଧି ପାଇବ। ମାତ୍ର ଠିକ୍ ସେହି ସମୟରେ କମ୍ ବିମାନ ଚଳାଚଳ କଲେ ଓଡ଼ିଶାକୁ ପର୍ଯ୍ୟଟକଙ୍କ ଆଗମନ ହ୍ରାସ ପାଇବ ବୋଲି କୁହାଯାଇଛି। ବାତ୍ୟା ଫନୀ ପରେ ଧୀରେ ଧୀରେ ପରିସ୍ଥିତିରେ ସୁଧାର ଆସୁଥିବା ବେଳେ ପର୍ଯ୍ୟଟନ ଋତୁରେ ପର୍ଯ୍ୟଟକଙ୍କୁ ବିମାନ ନମିଳିଲେ ପର୍ଯ୍ୟଟନ ଶିଳ୍ପକୁ ଏକ ବିରାଟ ବଡ଼ କ୍ଷତି ସହିବାକୁ ପଡ଼ିବ ବୋଲି ହୋଟେଲ୍ ଆଣ୍ଡ୍ ରେଷ୍ଟୁରାଣ୍ଟ ଆସୋସିଏସନ୍ ଅଫ୍ ଓଡ଼ିଶା ଅଧକ୍ଷ ଜେ.କେ. ମହାନ୍ତି କହିଛନ୍ତି। ତେବେ ଏନେଇ ବିମାନ ବନ୍ଦର କର୍ତ୍ତୃପକ୍ଷଙ୍କ ସହ ଆଲୋଚନା କରାଯିବ ବୋଲି ପର୍ଯ୍ୟଟନ ବିଭାଗ ସଚିବ ଦେବ ସୂଚନା ଦେଇଛନ୍ତି।

### ଏବେ ନୂଆ ବିମାନ ବନ୍ଦର ଆବଶ୍ୟକ ନାହିଁ

**ଭୁବନେଶ୍ୱର, ୧୮।୯(ବ୍ୟୁରୋ):** ବର୍ତ୍ତମାନ ଭୁବନେଶ୍ୱରରେ ନୂଆ ବିମାନ ବନ୍ଦରର ଆବଶ୍ୟକତା ନାହିଁ। ବୁଧବାର ବିଜୁ ପଟ୍ଟନାୟକ ଅନ୍ତର୍ଜାତୀୟ ବିମାନ ବନ୍ଦରର ନିର୍ଦ୍ଦେଶକ ସୁରେଶ ଚନ୍ଦ୍ର ହୋତା ଏହା କହିଛନ୍ତି। ସୂଚନାଯୋଗ୍ୟ ୨୦୧୪ରେ ରାଜ୍ୟ ସରକାର ଭାରତୀୟ ବିମାନ ବନ୍ଦର ପ୍ରାଧିକରଣଙ୍କୁ ନୂଆ ବିମାନ ବନ୍ଦର ନିର୍ମାଣ ସକାଶେ ପ୍ରସ୍ତାବ ଦେଇଥିଲେ। ମାତ୍ର ଏବେ ସୁଦ୍ଧା ପ୍ରସ୍ତାବିତ ଦ୍ୱିତୀୟ ବିମାନ ବନ୍ଦର ଜମି ଚିହ୍ନଟ ପ୍ରକ୍ରିୟାରେ ହିଁ ଅଟକିଛି। ପରେ ଏନେଇ ରାଜ୍ୟ ସରକାର ବିମାନ ବନ୍ଦର କର୍ତ୍ତୃପକ୍ଷ ଓ ବେସାମରିକ ବିମାନ ଚଳାଚଳ ମନ୍ତ୍ରାଳୟର ଏକ ମିଳିତ ବୈଠକ ହୋଇଥିଲା। ତେବେ ରନୱେ ସାମୟିକ ବନ୍ଦ ହେବା ବିଷୟରେ ବୁଧବାର ସୁରେଶ ହୋତା ସ୍ପଷ୍ଟୀକରଣ ଦେଇଛନ୍ତି। କେବଳ ଭୁବନେଶ୍ୱର ନୁହେଁ, ଦେଶର ଅଧିକାଂଶ ପୁରୁଣା ବିମାନ ବନ୍ଦରରେ ଗୋଟିଏ ରନୱେ ରହିଛି। ସେଥିପାଇଁ ଆଂଶିକ ଭାବେ ବିମାନଗୁଡ଼ିକର ସମୟସାରଣୀ ପରିବର୍ତ୍ତନ କରାଯିବ ବୋଲି ସେ କହିଥିଲେ।

# ବିଚାରାଧୀନ ବନ୍ଦୀଙ୍କ ସନ୍ଦେହଜନକ ମୃତ୍ୟୁ

**କୋଦଳା,୧୮।୯(ଡି.ଏନ.ଏ.)**

ଗଞ୍ଜାମ ଜିଲା କୋଦଳା ସବ୍‌ଜେଲରେ ମଙ୍ଗଳବାର ରାତିରେ ଜଣେ ବିଚାରାଧୀନ ବନ୍ଦୀଙ୍କ ସନ୍ଦେହଜନକ ମୃତ୍ୟୁ ଘଟିଛି। ସେ ହେଲେ କୋଦଳା ଥାନା ଟିରିଡା ଗ୍ରାମର ପଙ୍କଜ ଦାସ (୪୨)। କୋଦଳା ପୋଲିସ ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇଛି। ଏ ନେଇ ଏକ ଅପମୃତ୍ୟୁ ମାମଲା(ନଂ.୯/୧୯) ରୁଜୁ ହୋଇଛି। ଜେଲ୍‌ରେ ଚିକିତ୍ସା ଅବହେଳାରୁ ପଙ୍କଜଙ୍କ ମୃତ୍ୟୁ ଘଟିଥିବା ପରିବାର ଲୋକେ ଅଭିଯୋଗ କରିଛନ୍ତି।

ଉପ କାରାଗାର ଅଧିକାରୀ ଦାୟିତ୍ୱରେ ଥିବା ବିଭେନ୍ଦୁ କୁମାର ଭୂୟାଁଙ୍କ ସୂଚନା ଅନୁଯାୟୀ, ପଙ୍କଜ ଏକ ଚୋରି ମାମଲାରେ ଗିରଫ ହୋଇ ୪ ସେପ୍ଟେମ୍ବର ୨୦୧୯ରେ କୋଦଳା ସବ୍‌ଜେଲକୁ ଆସିଥିଲେ। ତାଙ୍କୁ ସେଲ ନଂ.୫ରେ ରଖାଯାଇଥିଲା। ମଙ୍ଗଳବାର ସନ୍ଧ୍ୟାରେ ସେ ଖାଇପିଇ ସେଲରେ ଥିବା ୫୦ରୁ ଊର୍ଦ୍ଧ୍ୱ କଏଦୀଙ୍କ ସହିତ ଶୋଇଥିଲେ। କିନ୍ତୁ ବୁଧବାର ଭୋରରୁ ଉଠି ନ ଥିଲେ। ତାଙ୍କୁ ସଂଜ୍ଞାହୀନ ଅବସ୍ଥାରେ ସବ୍‌ଜେଲର କର୍ମଚାରୀମାନେ ସ୍ଥାନୀୟ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ। ସେଠାରେ ଡାକ୍ତର ଚିନ୍ମୟ ମିଶ୍ର ପଙ୍କଜଙ୍କୁ ମୃତ ଘୋଷଣା କରିଥିଲେ। ମୃତ୍ୟୁର କାରଣ ଜଣା ପଡି ନ ଥିବାବେଳେ ମୃତଦେହ ବ୍ୟବଚ୍ଛେଦ ପରେ ପ୍ରକୃତ କାରଣ ଜଣାପଡ଼ିବ ବୋଲି ସେ କହିଛନ୍ତି। ଅନ୍ୟପକ୍ଷେ ପଙ୍କଜଙ୍କ ମା' ଓ ସ୍ତ୍ରୀ ମେଡିକାଲରେ ପହଞ୍ଚି ଜେଲ୍‌ରେ ଚିକିତ୍ସା ଅବହେଳାରୁ ଏହି ଦୁଃଖଦ ଘଟଣା ଘଟିଲା ବୋଲି ଅଭିଯୋଗ କରିଛନ୍ତି। ସେମାନେ କହିଛନ୍ତି, ଗତ ୫ ତାରିଖରେ ଆମେ ପଙ୍କଜଙ୍କୁ ଦେଖା କରିବାକୁ ସବ୍‌ଜେଲକୁ ଯାଇଥିଲୁ। ସେତେବେଳେ ସେ ଅସୁସ୍ଥ ଥିବା କହିଥିଲେ। ଜେଲରେ ତାଙ୍କ ଚିକିତ୍ସାରେ ଅବହେଳା କରାଯାଇଛି ବୋଲି ସେ ଜଣାଇଥିଲେ । ଉକ୍ତ ଖବର ଲେଖା ହେବା ପର୍ଯ୍ୟନ୍ତ ଥାନାରେ କୌଣସି ଅଭିଯୋଗ ହୋଇ ନ ଥିବା ଜଣାପଡିଛି। ବେଗୁନିଆପଡା ଫାଣ୍ଡି ଟିରିଡା ନିକଟରେ ଥିବା ଏକ କୁକୁଡା ଫାର୍ମରୁ ଗତ ୩ ତାରିଖରେ ଫ୍ୟାନ୍ ଓ ଆସବାବପତ୍ର ଚୋରି ହୋଇଥିଲା। ପୋଲିସ ଏକ ମାମଲା(ନଂ.୨୨୬/୧୯) ରୁଜୁ କରି ପଙ୍କଜଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଥିଲା ବୋଲି ଫାଣ୍ଡି ଅଧିକାରୀ ଦୀପ୍ତିରଞ୍ଜନ ବେହେରା କହିଛନ୍ତି।



ପଙ୍କଜ ଦାସ ଫାଇଲ ଫଟୋ।

ବେସାମରିକ ବିମାନ ଚଳାଚଳ ମନ୍ତ୍ରୀଙ୍କୁ ଧର୍ମେନ୍ଦ୍ରଙ୍କ ଚିଠି

# ଭୁବନେଶ୍ୱର-ଦୁବାଇ ବିମାନ ସେବା ମିଳୁ

**ଭୁବନେଶ୍ୱର, ୧୮।୯(ବ୍ୟୁରୋ)**



**ୟୁଏଇରେ ରହୁଛନ୍ତି ୧୫ହଜାରରୁ ଊର୍ଦ୍ଧ୍ୱ ଓଡ଼ିଆ**

ଭୁବନେଶ୍ୱର ବିଜୁ ପଟ୍ଟନାୟକ ବିମାନବନ୍ଦରରୁ ସିଧାସଳଖ ଦୁବାଇ ପର୍ଯ୍ୟନ୍ତ ବିମାନ ସେବା ଆରମ୍ଭ କରିବା ପାଇଁ ଚିନ୍ତା କରାଯାଉଛି। ଏନେଇ ପଦକ୍ଷେପ ନେବାକୁ କେନ୍ଦ୍ର ବେସାମରିକ ବିମାନ ଚଳାଚଳ ମନ୍ତ୍ରୀ ହରଦୀପ୍ ସିଂ ପୁରୀଙ୍କୁ ବୁଧବାର ଚିଠି ଲେଖି କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଅନୁରୋଧ କରିଛନ୍ତି। ଧର୍ମେନ୍ଦ୍ର ନିଜ ଚିଠିରେ ଉଲ୍ଲେଖ କରିଛନ୍ତି, ଭୁବନେଶ୍ୱରରୁ ଦୁବାଇ ଯାତାୟାତ କରୁଥିବା ଓଡିଶାର ଯାତ୍ରୀଙ୍କ ସୁବିଧା ପାଇଁ ଏହା ଆବଶ୍ୟକ । ଓଡିଶାର ବିକାଶରେ ଏହି ଆକାଶପଥ ଯୋଗାଯୋଗର ବଡ ଭୂମିକା ନିର୍ବାହ କରିବ। ବେସାମରିକ ବିମାନ ଚଳାଚଳ ମନ୍ତ୍ରୀ ସ୍ୱତନ୍ତ୍ର ଭାବେ ଏଥିରେ ହସ୍ତକ୍ଷେପ କରି ଭୁବନେଶ୍ୱର-ଦୁବାଇ-ଭୁବନେଶ୍ୱର ସିଧା ବିମାନ ସଂଯୋଗ ସ୍ଥାପନ କରିବା ପାଇଁ ଧର୍ମେନ୍ଦ୍ର ଅନୁରୋଧ କରିଛନ୍ତି।

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଦୂରଦୃଷ୍ଟିସମ୍ପନ୍ନ ପୂର୍ବୋଦୟ ଯୋଜନାରେ ପୂର୍ବ ଭାରତରେ ଓଡିଶା ବିକାଶର ପେଣ୍ଠସ୍ଥଳୀ ଭାବେ ଆଗକୁ ବଢୁଛି । କେନ୍ଦ୍ର ସରକାର ଉଡାନ ଯୋଜନା ମାଧମରେ ଆଞ୍ଚଳିକସ୍ତରରେ ବିମାନ ଯୋଗାଯୋଗ କ୍ଷେତ୍ରରେ ନୂଆ ସମ୍ଭାବନା ସୃଷ୍ଟି କରିଛି। ଏହାସହ ରାଜଧାନୀ ସହିତ ସିଧା ଅନ୍ତଃରାଷ୍ଟ୍ରୀୟ ବିମାନ ଯୋଗାଯୋଗ ପୂର୍ବ ଭାରତର ବିକାଶର ସମ୍ଭାବନାକୁ ଆହୁରି ଶକ୍ତିଶାଳୀ କରିବ । ବର୍ତ୍ତମାନ ଭୁବନେଶ୍ୱରରୁ ସିଧା ବିମାନ ସଂଯୋଗ କେବଳ ଥାଇଲାଣ୍ଡର ବ୍ୟାଙ୍କକ୍ ସହ ରହିଛି। ଭୁବନେଶ୍ୱରକୁ ୟୁଏଇ(ୟୁନାଇଟେଡ୍ ଆରବ୍ ଏମିରେଟସ୍)ର ଦୁବାଇ ସହିତ ଯୋଡିବା ପାଇଁ ଦୀର୍ଘଦିନରୁ ଦାବି ହୋଇ ଆସୁଛି । ୟୁଏଇର ବିଭିନ୍ନ ଅଞ୍ଚଳରେ ୧୫ ହଜାରରୁ ଊର୍ଦ୍ଧ୍ୱ ଓଡିଆ ଲୋକ ବସବାସ କରୁଛନ୍ତି। ସେହି ଲୋକମାନେ ନିଜ ରାଜ୍ୟକୁ ଯାତାୟାତ କରିବା ଏହାଦ୍ୱାରା ସହଜ ହେବ। ୟୁଏଇର ଓଡିଆ ସୋସାଇଟି ଏୟାର ଇଣ୍ଡିଆର ମଧପ୍ରାଚ୍ୟ ଅଧିକାରୀଙ୍କ ସହ ସାକ୍ଷାତ୍ କରି ଦୁବାଇ-ଭୁବନେଶ୍ୱର ମଧ୍ୟରେ ସିଧା ବିମାନ ଯୋଗାଯୋଗ ପାଇଁ ଥିବା ଭଲ ଯାତାୟାତ ତଥ୍ୟକୁ ସୂଚିତ କରିଛନ୍ତି । ଭୁବନେଶ୍ୱର ଶିକ୍ଷା, ସ୍ୱାସ୍ଥ୍ୟସେବା, ସଂସ୍କୃତି ଓ ପର୍ଯ୍ୟଟନର କେନ୍ଦ୍ର ଭାବେ ବିକଶିତ ହୋଇଛି। ସ୍ୱାସ୍ଥ୍ୟ ଓ ସାଂସ୍କୃତିକ ପର୍ଯ୍ୟଟନ ତଥା ଶିକ୍ଷା କ୍ଷେତ୍ରରେ ସଂଯୋଗ ସ୍ଥାପନ ପାଇଁ ଏହା ଏକ ପ୍ରମୁଖ କେନ୍ଦ୍ର ହୋଇପାରିବ ବୋଲି ପ୍ରଧାନ ଉଲ୍ଲେଖ କରିଛନ୍ତି।

■ ବୈଦିକ କଲେଜ ର‍୍ୟାଗିଂ ଘଟଣା

# ମାଲିକଙ୍କ ଗିରଫ ଦାବି ଜୋରଦାର

**ସମ୍ବଲପୁର,୧୮।୯ (ବ୍ୟୁରୋ)**

■ ରାସ୍ତାରୋକୋ ଚେତାବନୀ

■ ପ୍ରଶାସନକୁ ଭେଟିଲେ ଅଭିଷେକଙ୍କ ମା'ବାପା

■ ମେଡିକାଲରେ ଆହତ ଛାତ୍ର ଭର୍ତ୍ତି

■ ପ୍ରଶାସନ ପକ୍ଷରୁ ମଧ ତଦନ୍ତ କରାଯିବ

■ ୪ ଛାତ୍ରଙ୍କ ବିରୋଧରେ ମାମଲା ରୁଜୁ

ସମ୍ବଲପୁର ଶାସନ ଥାନା ଅଧୀନ ବୈଦିକ ଇଣ୍ଟରନ୍ୟାଶନାଲ ଘରୋଇ କଲେଜର ଯୁକ୍ତ ୨ ପ୍ରଥମ ବର୍ଷ କଳା ଛାତ୍ର ଅଭିଷେକ ମିଶ୍ରଙ୍କୁ ଗତ ଶନିବାର ର‍୍ୟାଗିଂ କରାଯାଇଥିଲା। ଜଣେ ସିନିୟରଙ୍କ ସହ ୩ ଜଣ ସହପାଠୀ ତାଙ୍କୁ ଲୁହା ଛଡ଼ ଓ ବେଲ୍ଟରେ ମାଡ ମାରି ଲହୁଲୁହାଣ କରିଥିଲେ । କଲେଜ କର୍ତ୍ତୃପକ୍ଷ ଏହି ଘଟଣାକୁ ଚାପି ଦେବାକୁ ଉଦ୍ୟମ କରିଥିଲେ । ମଙ୍ଗଳବାର ସମ୍ପୃକ୍ତ ଛାତ୍ରଙ୍କ ମା, ବାପା ପୁଅକୁ ଦେଖିବାକୁ ଆସିଥିବାବେଳେ ଏହି ଘଟଣା ପଦାକୁ ଆସିଥିଲା । ବୁଧବାର ପ୍ରଶାସନ ନିକଟରେ ଏନେଇ ଅଭିଯୋଗ ହୋଇଛି। ଅଭିଷେକଙ୍କ ବାପା ଗୌରଚରଣ ମିଶ୍ର, ମା' ଗୀତାଞ୍ଜଳି ମିଶ୍ର ଓ ସମ୍ପର୍କୀୟ ଜିଲା ପ୍ରଶାସନ ଦ୍ୱାରସ୍ଥ ହୋଇ କଲେଜର ମାଲିକ ଆନନ୍ଦ ଅଗ୍ରୱାଲାଙ୍କୁ ୨୪ ଘଣ୍ଟା ମଧ୍ୟରେ ଗିରଫ କରିବାକୁ ଦାବି କରିଛନ୍ତି।

ଏଡିଏମ୍‌ଙ୍କ ଦାୟିତ୍ୱରେ ଥିବା ଉପଜିଲାପାଳ ଅନିରୁଦ୍ଧ ସାହୁଙ୍କୁ ସେମାନେ ଭେଟି ଏହି ଅଭାବନୀୟ ଘଟଣା ସମ୍ପର୍କରେ ଅବଗତ କରିଥିଲେ । କଲେଜ ମାଲିକ ଅଗ୍ରୱାଲ ଏହି ଘଟଣାକୁ ଜାଣିଶୁଣି ୪ ଦିନ ଚାପି ରଖିଥିଲେ। ଘର ଲୋକଙ୍କୁ ସୂଚନା ଦିଆ ଯାଇ ନ ଥିଲା। ଅଭିଯୁକ୍ତ ଛାତ୍ରମାନଙ୍କୁ ଘରକୁ ପଠାଇ ଦିଆଯାଇଥିଲା। ତେଣୁ ୨୪ ଘଣ୍ଟା ମଧ୍ୟରେ ମାଲିକ ଅଗ୍ରୱାଲଙ୍କୁ ଗିରଫ କରାଯାଉ ବୋଲି ଏମାନେ ଉପଜିଲାପାଳଙ୍କଠାରେ ଦାବି କରିଛନ୍ତି। ଅନ୍ୟଥା ରାସ୍ତାରୋକୋ କରାଯିବ ବୋଲି ଚେତାବନୀ ଦେଇଛନ୍ତି। ଏମାନେ ଯୁକ୍ତି ଦର୍ଶାଇଛନ୍ତି ଯେ, ଛାତ୍ରୀଛାତ୍ରଙ୍କ ସୁବିଧା ଓ ସୁରକ୍ଷା ଦେବା କଲେଜର ଦାୟିତ୍ୱ ଏବଂ କର୍ତ୍ତବ୍ୟ। ଏଥିପାଇଁ କଲେଜ କର୍ତ୍ତୃପକ୍ଷ ଲକ୍ଷାଧିକ ଟଙ୍କା ନେଉଛନ୍ତି। ହେଲେ ବ୍ୟବସାୟକୁ କଲେଜ ଗୁରୁତ୍ୱ ଦେଉଛି ସିନା ପିଲାଙ୍କ ସ୍ୱାର୍ଥ କଥା ଭାବୁନି। ସୁରକ୍ଷା ଦାୟିତ୍ୱରେ ଥିବା ୱାର୍ଡେନ ଓ ଅଭିଯୁକ୍ତ ଛାତ୍ରମାନଙ୍କୁ ମଧ ତୁରନ୍ତ ଗିରଫ କରାଯାଉ । ପୋଲିସ ତଦନ୍ତ କରୁଛି। ପ୍ରଶାସନ ପକ୍ଷରୁ ମଧ ଏକ ଟିମ୍ ଗଠନ କରାଯାଇ ତଦନ୍ତ କରାଯିବ। ନିଶ୍ଚୟ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ଉପଜିଲାପାଳ ସେମାନଙ୍କୁ ପ୍ରତିଶ୍ରୁତି ଦେଇଥିଲେ । ଅନ୍ୟପକ୍ଷେ ଆହତ ଛାତ୍ରଙ୍କୁ ପ୍ରଶାସନ ପକ୍ଷରୁ ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଛି। ବର୍ତ୍ତମାନ ସେ ଚିକିତ୍ସାଧୀନ ଅଛନ୍ତି। ଅତିରିକ୍ତ ଏସ୍‌ପି ପ୍ରଦୀପ କୁମାର ମହାପାତ୍ର ଘଟଣାର ତଦନ୍ତ କରୁଛନ୍ତି। ବୁଧବାର କଲେଜର କର୍ମଚାରୀ, ଅଧିକାରୀ, ସହପାଠୀ ଛାତ୍ରମାନଙ୍କୁ ପୋଲିସ ପଚରାଉଚୁରା କରିଛି। ଅଭିଯୁକ୍ତ ଛାତ୍ର ସ୍ମୃତିମାନ ମହାକୁଡ, ରାଜକୁମାର ଧରୁଆ, ଆକାଶ ସାହୁ, ଅଂଶୁମାନ ମଣ୍ଡଳାଙ୍କ ବିରୋଧରେ ଥାନାରେ ମାମଲା ରୁଜୁ ହୋଇଛି।



କଲେଜ ଅଧକ୍ଷ ଓ କର୍ମଚାରୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଦାବି କରୁଛନ୍ତି ଅଭିଷେକଙ୍କ ମା'ବାପା।

**ସୁରକ୍ଷିତ ଶୈଶବ, ପୂର୍ଣ୍ଣ ବିକାଶ ଉପରେ ଗୁରୁତ୍ୱାରୋପ**

# ଚିହ୍ନଟ ହେବେ ଅନାଥ, ଏକକ ଅଭିଭାବକ ଶିଶୁ

**ଭୁବନେଶ୍ୱର, ୧୮।୯(ବ୍ୟୁରୋ)**

ଶିଶୁଙ୍କ ସୁରକ୍ଷିତ ଶୈଶବ ଓ ପୂର୍ଣ୍ଣ ବିକାଶକୁ ସୁନିଶ୍ଚିତ କରିବା ଉଦ୍ଦେଶ୍ୟରେ ରାଜ୍ୟରେ ଅନାଥ ଓ ଏକକ ଅଭିଭାବକ ଥିବା ଶିଶୁଙ୍କୁ ଚିହ୍ନଟ କରାଯିବ। ଏଥିପାଇଁ ଅଙ୍ଗନୱାଡ଼ି କର୍ମୀଙ୍କ ସହାୟତାରେ ସ୍ୱତନ୍ତ୍ର ସର୍ଭେ ଆରମ୍ଭ ହେବ। ଏ ସଂକ୍ରାନ୍ତରେ ରାଜ୍ୟ ମହିଳା ଓ ଶିଶୁ ବିକାଶ ଏବଂ ମିଶନ ଶକ୍ତି ବିଭାଗ ପକ୍ଷରୁ ବୁଧବାର ସମସ୍ତ ଜିଲାପାଳଙ୍କୁ ଚିଠି ଲେଖାଯାଇଛି। ଏଥିସହ ଆବଶ୍ୟକ ଫର୍ମାଟ ସଂଲଗ୍ନ କରି ପ୍ରେରଣ କରାଯାଇଛି। ଏ ସମସ୍ତ କାର୍ଯ୍ୟ ଅକ୍ଟୋବର ୫ ମଧ୍ୟରେ ସାରିବାକୁ ନିର୍ଦ୍ଦେଶ ଦିଆଯାଇଛି।

ବିଭାଗ ପକ୍ଷରୁ ରାଜ୍ୟରେ ଶିଶୁ ଯତ୍ନ ଗୃହ, ପୋଷ୍ୟ ସନ୍ତାନ ଗ୍ରହଣ, ବିଜୁ ଶିଶୁ ସୁରକ୍ଷା ଯୋଜନା ଆଦି କାର୍ଯ୍ୟକାରୀ ହେଉଛି। କିନ୍ତୁ ଠିକ୍ ଭାବେ ଚିହ୍ନଟ ହୋଇପାରୁ ନ ଥିବାରୁ ରାଜ୍ୟର ପିତା-ମାତା ନ ଥିବା (ଅନାଥ, ଅସହାୟ) ଓ ଏକକ ଅଭିଭାବକ ଥିବା ଶିଶୁଙ୍କ ପାଇଁ ଏଭଳି କଲ୍ୟାଣମୂଳକ ଯୋଜନା କାର୍ଯ୍ୟରେ ଆସୁନି। ତେଣୁ ଏହି ବର୍ଗର ଶିଶୁଙ୍କ ଚିହ୍ନଟୀକରଣ ଉପରେ ବିଭାଗ ଗୁରୁତ୍ୱ ଦେଇ ସର୍ଭେ କରାଯିବ। ଏଥିପାଇଁ ଉଦ୍ଦିଷ୍ଟ ଫର୍ମାଟରେ ଅଙ୍ଗନୱାଡ଼ି କର୍ମୀମାନେ ଅନାଥ ଓ ଏକକ ଅଭିଭାବକ ଥିବା ଶିଶୁଙ୍କୁ ଭିନ୍ନ ଭିନ୍ନ ଭାବେ ଚିହ୍ନଟ କରିବା ସହ ସେମାନଙ୍କ ସମ୍ପର୍କରେ ସବିଶେଷ ତଥ୍ୟ ସୁପରଭାଇଜରଙ୍କୁ ପ୍ରଦାନ କରିବେ। ସେଥିରେ ଶିଶୁ ପରିବାରର ସମ୍ପୂର୍ଣ୍ଣ ତଥ୍ୟ, ଲିଙ୍ଗ, ବୟସ, ବିଦ୍ୟାଳୟ ଶିକ୍ଷା, ଠିକଣା, ପରିବାରର ଆର୍ଥିକ ସ୍ଥିତି, ଶିଶୁଟି କାହା ପାଖରେ ଅଛନ୍ତି ଆଦି ତଥ୍ୟ ରହିବ। ସୁପରଭାଇଜରମାନେ ଏହାକୁ ଯାଞ୍ଚ କରି ବ୍ଲକ୍ ଶିଶୁ ବିକାଶ ପ୍ରକଳ୍ପ ଅଧିକାରୀଙ୍କ ଜରିଆରେ ଜିଲା ଶିଶୁ ସୁରକ୍ଷା ଅଧିକାରୀଙ୍କୁ ପ୍ରଦାନ କରିବେ। ଜିଲାପାଳ ଏହାକୁ ମହିଳା ଓ ଶିଶୁ ବିକାଶ ଏବଂ ମିଶନ ଶକ୍ତି ବିଭାଗ ନିକଟକୁ ପ୍ରେରଣ କରିବେ।

ଏହି କାର୍ଯ୍ୟ ପାଇଁ ଅଙ୍ଗନୱାଡ଼ି କର୍ମୀଙ୍କୁ ପାରିତୋଷିକ ପ୍ରଦାନ କରାଯିବ। ମୁଖ୍ୟମନ୍ତ୍ରୀଙ୍କ ୫ 'ଟି' ସୂତ୍ର ଆଧାରରେ ଶିଶୁ ସର୍ବେକ୍ଷଣ କାର୍ଯ୍ୟକ୍ରମ ହାତକୁ ନିଆଯାଇଛି। ନିର୍ଦ୍ଧାରିତ ସମୟସୀମା ମଧ୍ୟରେ କାର୍ଯ୍ୟ ସମ୍ପାଦନ କରିବାକୁ ପ୍ରୟାସ କରାଯାଉଛି ବୋଲି ବିଭାଗୀୟ ପ୍ରମୁଖ ଶାସନ ସଚିବ ଅନୁ ଗର୍ଗ ଏକ ପ୍ରେସ୍ ବିବୃତିରେ ଜଣାଇଛନ୍ତି।

**ଅଙ୍ଗନୱାଡ଼ି କର୍ମୀ କରିବେ ସର୍ଭେ**

## ଜନ୍ମଦିନର ଶୁଭେଚ୍ଛା

ନାମ: ..............................
ବୟସ: ..............................
ଜନ୍ମ ତାରିଖ: ..............................



ଓମ୍ ସାଇ
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।

### ନରସିଂହପୁର ଇଲେକ୍ଟ୍ରି ଡିଜିଏମ୍‌ଙ୍କ ଘରେ ଭିଜିଲାନ୍ସ ଚଢ଼ାଉ

# ୧.୩୬ କୋଟିର ସମ୍ପତ୍ତି ଠାବ

କଟକ ଅଫିସ, ୧୮।୯

କଟକ ଜିଲା ନରସିଂହପୁର ଇଲେକ୍ଟ୍ରି ଗ୍ରୀଡ୍‌ର ଡେପୁଟି ଜେନେରାଲ ମ୍ୟାନେଜର (ଡିଜିଏମ୍) ରାମେଶ୍ୱର ମହଲାଙ୍କ ଘରୁ ଭିଜିଲାନ୍ସ ବିଭାଗ ୧ କୋଟି ୩୬ ଲକ୍ଷ ୫୩ ହଜାର ୧୧୨ ଟଙ୍କାର ସ୍ଥାବର ଓ ଅସ୍ଥାବର ସମ୍ପତ୍ତି ଠାବ କରିଛି। ଭିଜିଲାନ୍ସ ପକ୍ଷରୁ ଡିଜିଏମ୍ ମହଲାଙ୍କ ଯାଜପୁର ଜିଲା ପଦ୍ମପୁରସ୍ଥିତ ଘର, ମୟୂରଭଞ୍ଜ ଜିଲା ବଡ଼ଡାଙ୍ଗୁଆରେ ଥିବା ପୈତୃକ ଘର, କଟକ ଇଲେକ୍ଟ୍ରି ଗ୍ରୀଡସ୍ଥିତ ଅଫିସ ଚାମ୍ବର, ସିଡିଏସ୍ଥିତ ଭଡ଼ାଘର, ବାଲେଶ୍ୱର ରାଜବ୍ରହ୍ମପୁରସ୍ଥିତ ସମ୍ପର୍କୀୟଙ୍କ ଘରେ ଏକସଙ୍ଗରେ ଚଢାଉ କରିଥିଲା। କଟକ ଭିଜିଲାନ୍ସ ବିଭାଗ ସ୍ୱତନ୍ତ୍ର ଜଜ୍‌ଙ୍କ ୱାରେଣ୍ଟ ବଳରେ ଏହି ଚଢାଉ କରାଯାଇଥିଲା। ଜବତ ସମ୍ପତ୍ତି ମଧ୍ୟରେ ପଦ୍ମପୁରସ୍ଥିତ ଚାରି ମହଲା କୋଠା(ଯାହାର ଆନୁମାନିକ ମୂଲ୍ୟ ୯୨ ଲକ୍ଷ ଟଙ୍କା), ଏହି ଅଞ୍ଚଳରେ ଥିବା ଦୁଇଟି ପ୍ଲଟର ମୂଲ୍ୟ ୨୮ ଲକ୍ଷ ୯୩ହଜାର ୧୭ ଟଙ୍କା, ତିନୋଟି ଦୁଇଚକିଆ ଯାନ (ଯାହାର ମୂଲ୍ୟ ୧ ଲକ୍ଷ ୪୫ହଜାର ୨୫୮ ଟଙ୍କା), ବ୍ୟାଙ୍କ ଡିପୋଜିଟ ଏବଂ ଇନ୍ସୁ୍ୟରାନ୍ସ କମ୍ପାନୀରେ ଥିବା ୫ ଲକ୍ଷ ୬୮ହଜାର ୩୭ ଟଙ୍କା, ସୁନାଗହଣାର ମୂଲ୍ୟ ୪ ଲକ୍ଷ ୧୪ହଜାର ଟଙ୍କା, ନଗଦ ୩୨,୮୦୦ ଟଙ୍କା ଏବଂ ୪ ଲକ୍ଷ ଟଙ୍କାର ଘରୋଇ ଉପକରଣ ରହିଥିବା ଭିଜିଲାନ୍ସ ପକ୍ଷରୁ ସୂଚନା ଦିଆଯାଇଛି।

## ଜଗା-କାଳିଆଙ୍କୁ ଭେଟିଲେ ଶିଶୁ ସୁରକ୍ଷା ଆୟୋଗ ଅଧକ୍ଷା

କଟକ ଅଫିସ, ୧୮।୯- କଟକ ଏସ୍‌ସିବି ମେଡିକାଲରେ ଚିକିତ୍ସିତ ହେଉଥିବା ଜଗା- କାଳିଆଙ୍କୁ ବୁଧବାର ଓଡ଼ିଶା ଶିଶୁ ସୁରକ୍ଷା ଆୟୋଗ ଅଧକ୍ଷା ସନ୍ଧ୍ୟାବତୀ ପ୍ରଧାନ ଭେଟିଛନ୍ତି। ଜଗା ସହ କଥା ହୋଇଥିବାବେଳେ ଉଭୟଙ୍କ ସ୍ୱାସ୍ଥ୍ୟବସ୍ଥା ସମ୍ପର୍କରେ ଏସ୍‌ସିବି ସୁପରିଣ୍ଟେଣ୍ଡେଣ୍ଟ ଓ ଦାୟିତ୍ୱରେ ଥିବା ଡାକ୍ତରଙ୍କଠାରୁ ପଚାରି ବୁଝିଥିଲେ। ଏ ସମ୍ପର୍କରେ ପ୍ରଧାନ କହିଛନ୍ତି, ଜଗାର ଅବସ୍ଥା ଏବେ ସମ୍ପୂର୍ଣ୍ଣ ଭଲ ଅଛି। ସେ ଯେତେଦିନ ପର୍ଯ୍ୟନ୍ତ ମେଡିକାଲରେ ଅଛି, ତାକୁ ଘରୋଇ ପରିବେଶ ଯୋଗାଇ ଦିଆଯିବା ସହ ମାନସିକ ସ୍ତରରେ କିପରି ବିକାଶ ଘଟିବ ସେ ଦିଗରେ ଧ୍ୟାନ ରଖିବା ଜରୁରୀ। ଏ ଦିଗରେ ଆମ ପକ୍ଷରୁ ସମ୍ପୂର୍ଣ୍ଣ ସହଯୋଗ କରାଯିବ। ଖେଳିବା ନିମନ୍ତେ ଖେଳ ସରଞ୍ଜାମ ଯୋଗାଇ ଦିଆଯିବ ଓ ମେଡିକାଲରେ ରହି ଯେପରି ପଢିପାରିବ ସେ ଦିଗରେ ଧ୍ୟାନ ଦିଆଯିବ। ଯେପରି ଠିକ୍ ଚିକିତ୍ସା ଦ୍ୱାରା ଦୁଇ ଜଣଙ୍କ ସ୍ୱାସ୍ଥ୍ୟାବସ୍ଥାରେ ଉନ୍ନତି ଘଟିବ ସେ ଦିଗରେ ଚେଷ୍ଟା କରାଯିବ। କାଳିଆର ଅବସ୍ଥା ସ୍ୱାଭାବିକ ରହିଛି। ତାକୁ ଚଲାବୁଲା କରିବା ପାଇଁ ଆଉ କିଛିଦିନ ଲାଗିବ। ଦୁଇଜଣଙ୍କ ପାଇଁ ନିୟୋଜିତ ହୋଇଥିବା ୧୪ ଜଣିଆ ଡାକ୍ତର ଟିମ୍ ଚିକିତ୍ସା କରୁଛନ୍ତି। ଏଥିରେ ଏମ୍‌ସର ଡାକ୍ତର ମଧ୍ୟ ସହଯୋଗ କରୁଛନ୍ତି। ଖୁବ୍‌ଶୀଘ୍ର କାଳିଆ ସୁସ୍ଥ ହେବ ବୋଲି ଆମେ ଭାବୁଛୁ।

## ଏମ୍ସ କର୍ତ୍ତୃପକ୍ଷଙ୍କୁ ମୁଖ୍ୟମନ୍ତ୍ରୀଙ୍କ ଧନ୍ୟବାଦ

ଭୁବନେଶ୍ୱର, ୧୮।୯(ବ୍ୟୁରୋ)- କନ୍ଧମାଳ ଜିଲାର ଦୁଇମୁଣ୍ଡ ଯୋଡା ଶିଶୁ(ଜଗା-କାଳିଆ)ଙ୍କ ସଫଳ ଅସ୍ତ୍ରୋପଚାର ଓ ପରବର୍ତ୍ତୀ ଚିକିତ୍ସା ପାଇଁ ନୂଆଦିଲ୍ଲୀସ୍ଥିତ ଏମ୍ସ କର୍ତ୍ତୃପକ୍ଷଙ୍କୁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଧନ୍ୟବାଦ ଜଣାଇଛନ୍ତି। ଦୁଇଦିନିଆ ଦିଲ୍ଲୀ ଗସ୍ତରେ ଥିବା ମୁଖ୍ୟମନ୍ତ୍ରୀ ଏମ୍ସ କର୍ତ୍ତୃପକ୍ଷଙ୍କୁ ଭେଟି ଜଗା-କାଳିଆଙ୍କ ସ୍ୱାସ୍ଥ୍ୟ ସମ୍ପର୍କରେ ଅବଗତ ମଧ୍ୟ ହୋଇଥିଲେ। ଏଥିସହିତ ବର୍ତ୍ତମାନ କଟକ ଏସ୍‌ସିବିରେ ଜଗା-କାଳିଆଙ୍କ ଚିକିତ୍ସା ଉପଯୁକ୍ତ ଭାବେ କରାଯିବ ବୋଲି ମଧ୍ୟ ପ୍ରତିଶ୍ରୁତି ଦେଇଥିଲେ। ଏହି ସାକ୍ଷାତ୍ ସମୟରେ ଏମ୍ସ କର୍ତ୍ତୃପକ୍ଷ ତଥା ନିର୍ଦ୍ଦେଶକ ଡା. ରଣଦୀପ ଗୁଲେରିଆ ମୁଖ୍ୟମନ୍ତ୍ରୀଙ୍କ ରିଲିଫ୍ ପାଣ୍ଠିକୁ ୯୩ ଲକ୍ଷ ୮୯ ହଜାର ୪୬୧ ଟଙ୍କାର ଚେକ୍ ପ୍ରଦାନ କରିଥିଲେ। ଏମ୍ସରେ କାର୍ଯ୍ୟରତ କର୍ମଚାରୀ ଏବଂ ସ୍ୱାସ୍ଥ୍ୟ ଅଧିକାରୀମାନେ ସ୍ୱେଚ୍ଛାକୃତ ଭାବେ ଏହି ରାଶି ପ୍ରଦାନ କରିଥିବା ଜଣାପଡିଛି।

# 'ବଂଶୀ'କୁ ଟାର୍ଗେଟ୍ କଲା 'ଅସ୍ତ୍ର'




ବାଲେଶ୍ୱର ଅଫିସ, ୧୮।୯

ବାଲେଶ୍ୱର ଚାନ୍ଦିପୁର ସ୍ଥିତ ପ୍ରତିରକ୍ଷା ଗବେଷଣା ଓ ଉନ୍ନୟନ ସଂଗଠନ (ଡିଆର୍‌ଡିଓ) ପକ୍ଷରୁ ବୁଧବାର ପୂର୍ବାହ୍ନ ୧୦ଟା ୧ ମିନିଟ୍ ସମୟରେ ଆକାଶରୁ ଆକାଶକୁ ନିକ୍ଷେପ କରାଯାଇ ପାରୁଥିବା ସ୍ୱଳ୍ପ ଦୂରଗାମୀ କ୍ଷେପଣାସ୍ତ୍ର 'ଅସ୍ତ୍ର'ର ବ୍ୟବହାରିକ ପରୀକ୍ଷଣ କରାଯାଇଥିଲା। କାଲାଇକୁଣ୍ଡା ଏୟାର ବେସ୍‌ରୁ ସୁଖୋଇ ୩୦ଏମ୍‌କେଆଇ ଫ୍ଲାଇଟ୍ ଜେଟ୍‌ରୁ ଏହାକୁ ନିକ୍ଷେପ କରାଯିବାର କିଛି ସମୟ ପରେ ଚାନ୍ଦିପୁର ସମନ୍ୱିତ ପରୀକ୍ଷଣ ପରିସର (ଆଇଟିଆର୍)ର ୩ ନଂ. ଲଞ୍ଚପ୍ୟାଡ୍‌ରୁ କ୍ଷେପଣାସ୍ତ୍ର 'ବଂଶୀ'ର ପରୀକ୍ଷଣ କରାଯାଇଥିଲା। ଆକାଶମାର୍ଗରେ 'ଅସ୍ତ୍ର' କ୍ଷେପଣାସ୍ତ୍ର 'ବଂଶୀ'କୁ ଟାର୍ଗେଟ୍ କରିବାରେ ସଫଳ ହୋଇଥିବା ବିଶେଷ ସୂତ୍ରରୁ ଜଣାପଡ଼ିଛି। ଗତ ୧୬ ତାରିଖରେ କାଲାଇକୁଣ୍ଡା ଏୟାର ବେସ୍‌ରୁ ସୁଖୋଇ ୩୦ଏମ୍‌କେଆଇ ଫ୍ଲାଇଟ୍ ଜେଟ୍‌ରୁ କେବଳ 'ଅସ୍ତ୍ର' ନିକ୍ଷେପ କରାଯାଇଥିଲା, ଯାହା ସଫଳ ହୋଇଥିଲା। ଏହି କ୍ଷେପଣାସ୍ତ୍ରର ଲମ୍ବ ୩.୮ ମିଟର ଓ ମୋଟେଇ ୧୭୮ ସେ.ମି.। ଏହା ୧୫୪କେଜି ଯୁଦ୍ଧାସ୍ତ୍ର ବହନ କରିବାର କ୍ଷମତା ରଖିଛି। ଏହା ତରଳ ଇନ୍ଧନରେ ଚାଳିତ ହୁଏ ଏବଂ ଶବ୍ଦର ଗତି ଠାରୁ ୪.୫ ମାର୍ଚ୍ଚ ସ୍ପିଡ୍‌ରେ ଗତି କରିପାରେ। ଏହାକୁ ଉଭୟ ସ୍ୱଳ୍ପ ଏବଂ ଦୂରଗାମୀ କ୍ଷେପଣାସ୍ତ୍ର ଭାବେ ବ୍ୟବହାର କରାଯାଇ ପାରିବ। ୨୦କି.ମି.ରୁ ୧୧୦କି.ମି. ପର୍ଯ୍ୟନ୍ତ ଏହାର ଲକ୍ଷ୍ୟଭେଦ କରିବା ସାମର୍ଥ୍ୟ ରହିଛି। ଭାରତୀୟ ପ୍ରତିରକ୍ଷା ଗବେଷଣା ପ୍ରତିଷ୍ଠାନ ଏହି କ୍ଷେପଣାସ୍ତ୍ର ନିର୍ମାଣ କରିଛି।

# ବାପା ନାମରେ ବଳାତ୍କାର ଅଭିଯୋଗ ଆଣିଲେ ଝିଅ

କାଲିମେଳା/ମାଲକାନଗିରି, ୧୮।୯ (ଡି.ଏନ୍.ଏ.)

ନିଜ ବାପାଙ୍କ ନାମରେ ବଳାତ୍କାର ଅଭିଯୋଗ ଆଣିଛନ୍ତି ଝିଅ। ମାଲକାନଗିରି ଜିଲା କାଲିମେଳା ଥାନା ଅନ୍ତର୍ଗତ ଏକ ଏମ୍‌ଭି ଗ୍ରାମରେ ଘଟିଛି ଏପରି ଏକ ଘଟଣା। ଜନୈକା ୧୩ ବର୍ଷର ଝିଅ ଏନେଇ ଥାନାରେ ଏକ ଲିଖିତ ଅଭିଯୋଗ କରିଛନ୍ତି। ମାମୁଘରକୁ ବୁଲାଇ ନେଇ ଘରକୁ ଫେରୁଥିବା ବେଳେ ବାଟରେ ବାପା ଏକ ଜଙ୍ଗଲରେ ତାଙ୍କୁ ଜୋର ଜବରଦସ୍ତି ବଳାତ୍କାର କରିଥିଲେ ବୋଲି ଅଭିଯୋଗ କରିଛନ୍ତି ସମ୍ପୃକ୍ତା ପୀଡ଼ିତା। ଗତ ୧୬ତାରିଖରେ ଘଟିଥିବା ଏହି ଘଟଣା କାହାକୁ ନ କହିବା ପାଇଁ ତାଙ୍କୁ ବାପା ମନା କରିବା ସହ ଧମକ ଦେଇଥିଲେ। ୧୭ରେ ଝିଅକୁ ବିଦ୍ୟାଳୟ ଯିବା ପାଇଁ ମାଆ କହିବାରୁ ଝିଅ ବିଦ୍ୟାଳୟ ଯିବାକୁ ମନା କରି ଏ ଘରେ ମୁଁ ଆଉ ରହିବି ନାହିଁ ବୋଲି କହିଥିଲେ। ପରେ ଝିଅକୁ କଣ ହୋଇଛି ବୋଲି ମାଆ ପଚାରିବାରୁ ସେ ମାଆଙ୍କୁ ସବୁ କଥା କହିଥିଲେ। ଏହା ଶୁଣି ମା ଗ୍ରାମବାସୀଙ୍କୁ ଘଟଣା ସମ୍ପର୍କରେ ଜଣାଇଥିଲେ। ଗ୍ରାମବାସୀ ଚାଇଲ୍ଡ ଲାଇନକୁ ଖବରଦେଇଥିଲେ। ଏନେଇ ଝିଅ ମାଆଙ୍କ ସହ ଯାଇ ବୁଧବାର କାଲିମେଳା ଥାନାରେ ଅଭିଯୋଗ କରିଛନ୍ତି। ପୋଲିସ ଆଇପିସି ଦଫା ୨୯୪, ୪୨୭, ୩୭୬(୩), ୨୭୬(୨) ଏବଂ ୫୦୬ ଅନୁଯାୟୀ ମାମଲା(୧୪୨/୧୯) ରୁଜୁ କରି ତଦନ୍ତ ଜାରି ରଖିଛି। କାଲିମେଳା ଥାନା ଅଧିକାରୀ ଶେଷଦେବ ବେହେରା କହିଛନ୍ତି ଅଭିଯୁକ୍ତ ଫେରାର ହୋଇଯାଇଛନ୍ତି। ତାଙ୍କୁ ଗିରଫ ପାଇଁ ଉଦ୍ୟମ ଜାରି ରହିଛି ।

# ପୁରୀ ପାଇଁ ଲୋଡ଼ା ୨ହଜାର କୋଟି

### ପଞ୍ଚଦଶ ଅର୍ଥ କମିଶନଙ୍କୁ ରାଜ୍ୟ ସରକାର ଦେବେ ଦାବିପତ୍ର

ଭୁବନେଶ୍ୱର,୧୮।୯(ବ୍ୟୁରୋ)

ବାତ୍ୟା ଫନୀରେ କ୍ଷତିଗ୍ରସ୍ତ ପୁରୀ ସହରର ପୁନରୁଦ୍ଧାର ଏବଂ ଏହାକୁ ଐତିହ୍ୟ ସହରରେ ପରିଣତ କରିବା ପାଇଁ ରାଜ୍ୟ ସରକାର ପଞ୍ଚଦଶ ଅର୍ଥ କମିଶନଙ୍କଠାରୁ ୨ହଜାର କୋଟି ଟଙ୍କାର ସହାୟତା ଲୋଡ଼ିଛନ୍ତି। ମୁଖ୍ୟମନ୍ତ୍ରୀଙ୍କ କାର୍ଯ୍ୟାଳୟରୁ ଏ ନେଇ ସବୁଜ ସଙ୍କେତ ମିଳିସାରିଛି। ପଞ୍ଚଦଶ ଅର୍ଥ କମିଶନ ଏନ.କେ. ସିଂଙ୍କୁ ଏ ସଂକ୍ରାନ୍ତ ଦାବିପତ୍ର ଆସନ୍ତା ଦିନେ କିମ୍ବା ଦୁଇଦିନ ମଧ୍ୟରେ ପ୍ରଦାନ କରାଯିବ ବୋଲି ଅର୍ଥ ବିଭାଗର ଜଣେ ବରିଷ୍ଠ ଅଧିକାରୀ କହିଛନ୍ତି। ୨୦୧୯ ଜାନୁୟାରୀ ୯ ତାରିଖରେ ରାଜ୍ୟ ସରକାର ପୁରୀ ସହରର ବିକାଶ ପାଇଁ ଅର୍ଥ କମିଶନଙ୍କୁ ୨୦୦ କୋଟି ଟଙ୍କାର ପ୍ରସ୍ତାବ ଦେଇଥିଲେ। ସେତେବେଳେ ସହର ପାଇଁ କେଉଁ ସବୁ ଯୋଜନା କରିବେ ସେ ନେଇ କୌଣସି ରୂପରେଖ ପ୍ରସ୍ତୁତ ହୋଇ ନ ଥିଲା। ରାଜ୍ୟ ସରକାର ପୁରୀ ସହରକୁ ଏକ ମେଗା ଐତିହ୍ୟ ସହରରେ ପରିଣତ କରିବାକୁ ଘୋଷଣା କରିଛନ୍ତି। ଏ ନେଇ ବିଭିନ୍ନ ଯୋଜନାର ପରିକଳ୍ପନା କରିଛନ୍ତି। ଏ ସବୁ ପାଇଁ ଅଧିକ ଅର୍ଥ ଆବଶ୍ୟକ ପଡ଼ିବ। ସେଥିପାଇଁ ଅର୍ଥ କମିଶନଙ୍କ ନିକଟରେ ୨ ହଜାର କୋଟିର ପ୍ରସ୍ତାବ ଦିଆଯାଇଛି ବୋଲି ବିଭାଗୀୟ ଅଧିକାରୀ କହିଛନ୍ତି। କମିଶନ ଏହି ପ୍ରସ୍ତାବକୁ ଅନୁମୋଦନ କଲେ ପୁରୀ ସହରର ବିଭିନ୍ନ ଯୋଜନା ପାଇଁ ଆସନ୍ତା ୨୦୨୦-୨୧ ଏବଂ ୨୦୨୧-୨୨ ଆର୍ଥିକ ବର୍ଷ ମଧ୍ୟରେ ଏହାକୁ ଖର୍ଚ୍ଚ କରାଯିବ ବୋଲି ସେ ପ୍ରକାଶ କରିଛନ୍ତି। ଏଠାରେ ସୂଚନାଯୋଗ୍ୟ, ପଞ୍ଚଦଶ ଅର୍ଥ କମିଶନ ଗତ ଜାନୁୟାରୀରେ ଓଡ଼ିଶା ଗସ୍ତରେ ଆସିଥିବାବେଳେ ରାଜ୍ୟ ସରକାର କେନ୍ଦ୍ରୀୟ ଟିକସ ଓ ଶୁଳ୍କ ବାବଦରେ ୨୦୨୦-୨୫ ପାଇଁ ୯.୨୪ ଲକ୍ଷ ଟଙ୍କାର ପ୍ରସ୍ତାବ ଦେଇଥିଲେ। ସେଥିମଧ୍ୟରେ ବାତ୍ୟା ପୁନରୁଦ୍ଧାର ଓ ଥଇଥାନ ପାଇଁ ୧୫୦୦ କୋଟି ଏବଂ ପୁରୀ ସହରର ବିକାଶ ପାଇଁ ୨୦୦ କୋଟି ଟଙ୍କାର ପ୍ରସ୍ତାବ ରହିଛି। ଇତିମଧ୍ୟରେ ରାଜ୍ୟ ସରକାର ପୁରୀ ଶ୍ରୀଜଗନ୍ନାଥ ମନ୍ଦିର ବିକାଶ ଲାଗି ୧ ହଜାର କୋଟି ଟଙ୍କାର ସ୍ୱତନ୍ତ୍ର ପ୍ୟାକେଜ ଘୋଷଣା କରିଛନ୍ତି।

## ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ

**ମେଷ** ଆଜିର ଶ୍ରୀଚନ୍ଦ୍ର ପ୍ରଭାବରେ ଅର୍ଥଲାଭ,ବ୍ୟବସାୟିକ ଉତ୍କର୍ଷତା,ବନ୍ଧୁ ସମ୍ପର୍କରେ ଉନ୍ନତି ହେବ। କିନ୍ତୁ ଜନ୍ମ ଚନ୍ଦ୍ର ହେତୁ ଯାତ୍ରା,ବିବାଦ, ଗୃହାରମ୍ଭ ପାଇଁ ପ୍ରତିକୂଳତା ଆସିପାରେ। ପାରିବାରିକ ସମସ୍ୟା ସମାଧାନ ହେବା ସକାଶେ ବନ୍ଧୁ ମାର୍ଗଦର୍ଶକ ସାଜିବେ। ବନ୍ଧୁଙ୍କ ସାହାଯ୍ୟରେ ନିର୍ମାଣାଧୀନ କାମର ଶେଷ ପର୍ଯ୍ୟାୟରେ ପ୍ରତିବନ୍ଧକ ଦୂର ହୋଇଯିବ।

**ବୃଷ** କର୍ମାଧିପତିଙ୍କ ଶୁଭଦୃଷ୍ଟି କାର୍ଯ୍ୟସାଧନ ପାଇଁ ଅନୁକୂଳ ରହିବ କିନ୍ତୁ ନିଜଲୋକ ମାନଙ୍କଠାରୁ ସାହାଯ୍ୟ ଆଶା ମଉଳି ଯିବ। କୌଣସି ସାମାଜିକ କିମ୍ବା ଆନୁଷ୍ଠାନିକ କାମରେ ଯୋଗଦେବେ। ଶିଳ୍ପ,ବାଣିଜ୍ୟ,ବ୍ୟବସାୟ ଓ ପରିବହନ ପାଇଁ ବିଶେଷ ଅସୁବିଧା ହେବ ନାହିଁ। ପରିବାର ଭିତରେ ସମସ୍ୟା ଦେଇ ଗତି କରିପାରନ୍ତି।

**ମିଥୁନ** ଧନାଧିପ ଏକାଦଶସ୍ଥ ଯୋଗୁ ଯାହା ଆଶା କରୁଛନ୍ତି ତାହା ପାଇବାରେ କୌଣସି ଅସୁବିଧା ରହିବ ନାହିଁ। ପାରିବାରିକ ସମସ୍ୟା ଥିଲେ ମଧ୍ୟ କାମଗୁଡ଼ିକୁ ସଫଳତାର ସହ ସମ୍ପନ୍ନ କରିବେ। କିଛି ଗୋଳମାଳିଆ ପରିସ୍ଥିତିରେ ମଧ୍ୟସ୍ଥତା କରିଥିବାରୁ ଅନ୍ୟକୁ କୈଫିୟତ ଦେବାକୁ ପଡ଼ିପାରେ। ବ୍ୟବସାୟରେ କ୍ରମଶଃ ସମସ୍ୟା ବଢ଼ି ବଢ଼ି ଯିବ।

**କର୍କଟ** ଚନ୍ଦ୍ରଙ୍କ ସୁପ୍ରଭାବରେ ସମସ୍ୟାଗୁଡ଼ିକର ସରଳ ସମାଧାନ କରିବାରେ ସଫଳ ହେବେ। ଅଫିସରେ ମିଥ୍ୟା ଅଭିଯୋଗ ସକାଶେ ଅନ୍ୟ ଉପରେ ବିରକ୍ତି ପ୍ରକାଶ କରିପାରନ୍ତି। ସତ୍‌ସଙ୍ଗ ଓ ଧର୍ମଚର୍ଚ୍ଚା ଦିଗକୁ ମନ ବଳାଇବେ। ପାରିବାରିକ କଳହକୁ କେନ୍ଦ୍ରକରି ସାୟାହ୍ନେ ଭାବପ୍ରବଣ ହେବେ।

**ସିଂହ** ରାଶିରେ ମଙ୍ଗଳ ସାମାନ୍ୟତଃ କାମରେ ଅଗ୍ରଗତି ସାଙ୍ଗକୁ ପାରିବାରିକ ଦିଗକୁ ନିୟନ୍ତ୍ରଣ ମଧ୍ୟରେ ରଖିବ।। ପରିସ୍ଥିତିବିଶତଃ ଆବଶ୍ୟକତାଠାରୁ ଅଧିକ ଖର୍ଚ୍ଚ କରିବାକୁ ବାଧ ହେବେ। ବନ୍ଧୁ ପରିଜନମାନଙ୍କ ସହ ମାତ୍ରାଧିକ ଭ୍ରମଣ ଯୋଗୁ କ୍ଲାନ୍ତି ଅନୁଭବ କରିପାରନ୍ତି। ପ୍ରତ୍ୟେକ କ୍ଷେତ୍ରରେ ସନ୍ଦେହ ଓ ଭୁଲ୍ ବୁଝାମଣା ହେତୁ ସମସ୍ୟା ବଢ଼ିପାରେ।

**କନ୍ୟା** ଚନ୍ଦ୍ର ଓ ବୃହସ୍ପତିଙ୍କ ପାରସ୍ପରିକ ଦୃଷ୍ଟି ପାରିବାରିକ ସ୍ଥିତି ସାଙ୍ଗକୁ ବ୍ୟବସାୟିକ ସଫଳତା ପ୍ରଦାନ କରିବ। ବନ୍ଧୁ କଥାରେ ପ୍ରଭାବିତ ହୋଇ ଭୁଲ କାମ କରିପାରନ୍ତି। ଅନ୍ୟମାନଙ୍କ ଦ୍ୱାରା ପ୍ରଭାବିତ ହୋଇ ସତ୍‌ସଙ୍ଗ ଓ ଧର୍ମଚର୍ଚ୍ଚା ଦିଗକୁ ମନ ବଳାଇବେ। ସାହିତ୍ୟ ଓ ସଭା ସମିତିରେ ସମସ୍ୟା ସମାଧାନ ପାଇଁ ରାସ୍ତା ବାହାର କରିବାରେ ସମର୍ଥ ହେବେ।

**ତୁଳା** ଶନିଙ୍କ ପ୍ରଭାବରେ ପରିବାରରେ ସୁଖ ଶାନ୍ତି ଫେରାଇ ଆଣିବା ଦିଗରେ ପ୍ରଯତ୍ନ କଲେ ମଧ୍ୟ ପୂର୍ଣ୍ଣମାତ୍ରାରେ ସଫଳତା ପାଇବେ ନାହିଁ। ଶିଳ୍ପ, ବାଣିଜ୍ୟ, ବ୍ୟବସାୟ ଓ ପରିବହନରେ ସଫଳତା ଅବଶ୍ୟ ମିଳିବ। କର୍ମକ୍ଷେତ୍ରରେ କୌଣସି ସୁଯୋଗ ହରାଇବା ସକାଶେ ବ୍ୟଥିତ ହୋଇପାରନ୍ତି। ସ୍ତ୍ରୀଙ୍କ ସହ ମତ ପାର୍ଥକ୍ୟ ଦେଖା ଦେଇପାରେ।

**ବିଛା** ଗତକାଲିଠାରୁ ଯେଉଁ ବିଷୟ ସକାଶେ ଚିନ୍ତିତ ରହିଛନ୍ତି ସେଥିରେ କିଛିଟା ପରିବର୍ତ୍ତନର ଆଶା କରାଯାଇପାରେ। ଏକାଦଶରେ ଅନ୍ୟ ଦୁଇଟି ଗ୍ରହ ସହ ରବି ଯୋଗୁ କର୍ମକ୍ଷେତ୍ରରେ ଅପୂର୍ବ ସାହସିକତା ପ୍ରଦର୍ଶନ କରି ଉଚ୍ଚ ପ୍ରଶଂସିତ ହୋଇପାରନ୍ତି। ପ୍ରଶାସନ,ରାଜନୀତି, ସାହିତ୍ୟ ଓ ସଂଗୀତରେ ସୁନାମ ଅର୍ଜନ କରିବେ ।

**ଧନୁ** ଚନ୍ଦ୍ରଙ୍କ ଦ୍ୱାରା ସୃଷ୍ଟ ବିପରୀତ ରାଜ ଯୋଗ ପ୍ରଭାବରୁ ସମସ୍ୟା ଆସିଲେ ମଧ୍ୟ ତାହାର ସରଳ ସମାଧାନ କରିବାରେ ସମର୍ଥ ହେବେ। ରପ୍ତାନି ବାଣିଜ୍ୟ,ପରିବହନ କ୍ଷେତ୍ରରେ,ଆଲୋଚନା ପରିସରରେ,ସଭାସମିତିରେ,ତର୍କ ଓ ବିବାଦରେ,ଆଇନ ଅଦାଲତରେ ସ୍ଥଗିତ କାମକୁ ପୂରା କରିବେ।

**ମକର** କର୍ମସ୍ଥାନରେ ଏକାଧିକଗ୍ରହ ଶନିଙ୍କ ପ୍ରତ୍ୟକ୍ଷ ଦୃଷ୍ଟିରେ ରହିଥିବାରୁ ଯେତେ ପ୍ରକାରର ଚେଷ୍ଟା କଲେ ମଧ୍ୟ ସବୁ କାମ ଗୁଡିକ ବିଳମ୍ବିତ ସମୟରେ ହିଁ ସମ୍ପନ୍ନ ହେବ। ତଥାପି ଶ୍ରବଣା ନକ୍ଷତ୍ର କୌଣସି ନୂତନ କାର୍ଯ୍ୟରେ ହାତ ଦେବାକୁ ସ୍ଥିର କରି କେତେକାଂଶରେ ସଫଳତା ପାଇପାରିବେ । ବିବାଦୀୟ ଘଟଣାର ପରିସ୍ଥିତି ହଠାତ୍ ବଦଳି ଯାଇପାରେ।

**କୁମ୍ଭ** ବୃହସ୍ପତିଙ୍କ ସୁପ୍ରଭାବରୁ କର୍ମକ୍ଷେତ୍ରରେ ଆତ୍ମୀୟତାର ସହ କାମ କରିବେ ଓ ସଫଳତା ମଧ୍ୟ ପାଇବେ। ନିଜ ନିଜର କିଛି ସ୍ୱାର୍ଥହାସଲ ପରିପ୍ରେକ୍ଷୀରେ ପାଖ ପଡୋଶୀ ସହାନୁଭୂତି ପ୍ରଦର୍ଶନ କରିପାରନ୍ତି। ଚେଷ୍ଟା କରୁଥିବା କାମରେ, ମାଙ୍ଗଳିକ କାର୍ଯ୍ୟ, କଚେରି ମାମଲା, ଜମିଜମା ବିବାଦରେ ଉପକୃତ ହେବେ ।

**ମୀନ** ଆଜିର ଅନୁକୂଳ ଗ୍ରହସ୍ଥିତି ପ୍ରଭାବରେ ସମସ୍ୟାଗୁଡିକୁ ସାମନା କରି କାର୍ଯ୍ୟ ସିଦ୍ଧି ଘଟାଇବେ। ବିବ୍ରତ ବୋଧ କରି ପାରନ୍ତି। ଆରୋଗ୍ୟଲାଭ ସାଙ୍ଗକୁ ନୂତନ କର୍ମାରମ୍ଭ ସକାଶେ ଯୋଜନା ତିଆରି କରିପାରନ୍ତି। ପାଖପଡ଼ୋଶୀ ଏବଂ ସହକର୍ମୀଙ୍କ ସହାନୁଭୂତି ଯୋଗୁ ହାତକୁ ନେଇଥିବା କାମଗୁଡ଼ିକ ସଂପନ୍ନ କରିବାରେ ଅସୁବିଧା ହେବ ନାହିଁ।

ଆଜି ଆଶ୍ୱିନ କୃଷ୍ଣପକ୍ଷର ଅଶ୍ୱ ୫ମୀ ଗୁରୁବାର, ସେପ୍ଟେମ୍ବର ୧୯ ତାରିଖ,ରାଶି ନକ୍ଷତ୍ର-ଦିବା ଘ୯ ।୩୮ମି. ପର୍ଯ୍ୟନ୍ତ ଦ୍ୱିଜା/ମେଷ, ୫ମୀର ଶ୍ରାଦ୍ଧ, ଦିବା ଘ୭ ।୧୫ମି. ମଧ୍ୟେ, ଘ୧ ।୩୭ମି. ଗତେ ଘ୩ ।୧୨ମି. ମଧ୍ୟେ ଅମୃତବେଳା। ସକାଳ ଘ୭ ।୦୯ମି. ମଧ୍ୟେ, ଘ୧୧ ।୩୯ମି. ଗତେ ଘ୧ ।୦୯ମି. ମଧ୍ୟେ ମାହେନ୍ଦ୍ରବେଳା। ଦିବା ଘ୧ ।୧୧ମି. ଗତେ ଘ୨ ।୪୧ମି. ମଧ୍ୟେ ରାହୁକାଳ।

**classifieds Everyday** 0674-2580101, 2549302

**real estate**

**SALE**

Plot at Sundarpada Mouza Botanda 2.5k.m from Airport, Bhubaneswar. Contact for detail: 9078002314, 7735015318. D-67067

ଭୁବନେଶ୍ୱର AIIMS Medical ନିକଟରେ Yellowzone gharabari 32ft road electricity ଥାଇ immediate boundary patta plot. 9777553622. D-66784

BDA Plot 30' road, electric ସହିତ ମାତ୍ର 7,00,000/-ରେ NH-16ରୁ 200 mtr. distanceରେ ମିଳୁଅଛି। 9777614605, 9438158275. D-14389

Residential plot sale at Patrapada 600mtr from NH, Sqft-2200/- (Size-2024) near Kalinganagar DAV School (Nuagaon) Sqft. 1950/- (Gharabari). 9853606253, 7978332619. D-66781

**PURCHASE**

Sthitiban gharabari land requires in around Bhubaneswar. Contact: 9937816565, 9937568585. D-67392

**GENERAL**

**SALE**

Agarbati Machine ଏବଂ Paperplate Machine ପାଇଁ ଯୋଗାଯୋଗ କରନ୍ତୁ। 9853089865. D-66767

**to-let**

250sqft furnished room for office, near BDA, Keshari Talkies Plot-5, Bhubanewar. Contact: 9238579309. D-66189

**ACCOMMODATION**

Wanted 1000sqft space for office (Jaydev Vihar, Nayapalli, Acharya Vihar, Bargad Canal road, Goutamnagar, Rathroad and others. Call: 9938720683, 9853483658. D-67391

ନିଜର ପ୍ରିୟଜନମାନଙ୍କୁ ଜନ୍ମଦିନର ଓ ବିବାହ ଶୁଭେଚ୍ଛା ଜଣାନ୍ତୁ କେବଳ ଟ୨୧୦/-ରେ। ରଙ୍ଗୀନ ଟ୪୨୦/-ରେ (ଫଟୋ ସହ)। ଶୁଭେଚ୍ଛା ୬ସେମି. (H) X ୪ସେମି. (W) ହେବା ଆବଶ୍ୟକ।

**healthcare**

Fully refreshed / relaxed body massage by expert therapist, Shastri Nagar. 7377984773. D-67368

Rejuvenate and ayurvedic full body massage by smart therapist. 9114402304. D-67367

Ayurvedic herbal body massage trend therapist. Mob: 8018246332. D-66961

Herbal full body massage by smart / expert therapist. Contact: 8338067247. D-67386

Summer special mesmerizing offer expert therapeutic refreshing massage appointment. 9668374480. D-67387

Experience full body massage with us (expert). Call: 7377048581, 06742597822. D-67389

Full body herbal massage with refreshment expert therapist. 7381239385, 06742540855. D-67388

Refresh your mind and soul with best therapy at Orchid Salon/ Spa. 9937287222. D-66963

Newly open full body massage by ladies, gents therapist. 8018656899 D-60838

Ayurvedic full body massage by ladies, gents therapist. 7008773793 D-60839

Ayurvedic full body massage ladies/gents smart experts therapist: 8480939300. D-66966

**business**

ନିଜ ଜିଲ୍ଲାରେ office କରନ୍ତୁ। ମାସକୁ ୧୦,୦୦୦ରୁ ୩୦,୦୦୦ କମାନ୍ତୁ। Mob: 9777434078. D-14379

**ପାଠକଙ୍କ ପାଇଁ ସୂଚନା**

କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

**astrology**

ଖବରଦାର କଳାଇଲମ, ଶ୍ମଶାଣୀ ଶକ୍ତି ଦ୍ୱାରା ବାବା ସିକନ୍ଦର ସ୍ପେଶାଲିଷ୍ଟ- ମହାବଶୀକରଣ, ପ୍ରେମବିବାହ, କାନ୍ଦୁଥିବାକୁ ହସେଇବା, ମୁଠକରଣୀ, ଜଟିଳରୁ ଜଟିଳ ସମସ୍ୟାର ସମାଧାନ (କାମ ନ ହେଲେ ପଇସା ଫେରସ୍ତ) 9997928820, 9780806657. D-14392

**AFFIDAVIT**

By virtue of an affidavit before Executive Magistrate, Bhubaneswar on 10/09/2019, I have changed my name from Kumudini Parida to Dali Parida. Henceforth I shall be known as Dali Parida for all purposes. W/o- Khageswar Parida, GE- 43, VSS Nagar, Bhubaneswar. D-14386

ଏତଦ୍ୱାରା ମୁଁ ନିର୍ମଳ ମହାଭୋଇ କୋର୍ଟଙ୍କ ନିର୍ଦ୍ଦେଶ ମୁତାବକ ଘୋଷଣା କରେକି, ମୋର ଜନ୍ମିତ ବାପା ନିରଞ୍ଜନ ମହାଭୋଇଙ୍କ ପୁତ୍ର ପ୍ରତିବଦଳରେ ଆନନ୍ଦ ମହାଭୋଇ, ଗ୍ରାମ- ଜାଫରାବାଦ, ପୋ- ମୁଦୁସୁଲି, ତିହିଡି, ଭଦ୍ରକ ପୋଷ୍ୟପୁତ୍ର ଭାବେ ଭବିଷ୍ୟତରେ ପରିଚିତ ହେବି। ଧ-୧୪୩୯୧

## ପ୍ରଥମ ପୃଷ୍ଠାରୁ...

### ୧୮ରେ ସରିବ ...

ଅନ୍ୟମାନଙ୍କ ମଧ୍ୟରେ ଜଷ୍ଟିସ୍ ଏସ୍.ଏ. ବୋବ୍‌ଡେ, ଡି.ୱାଇ. ଚନ୍ଦ୍ରଚୂଡ଼, ଅଶୋକ ଭୂଷଣ ଏବଂ ଏସ୍.ଏ. ନାଜିର ରହିଛନ୍ତି। ମଧ୍ୟସ୍ଥତା ପ୍ରକ୍ରିୟା ପୁନର୍ବାର ଆରମ୍ଭ କରିବା ପାଇଁ କେତେକ ପକ୍ଷ ଲିଖିତ ଭାବେ ଜଣାଇଥିବା ୩ ଜଣିଆ ମଧ୍ୟସ୍ଥ କମିଟିର ଅଧ୍ୟକ୍ଷ ସୁପ୍ରିମକୋର୍ଟର ପୂର୍ବତନ ବିଚାରପତି ଏଫ୍.ଆଇ. କାଲିଫୁଲ୍ଲା ଅଦାଲତଙ୍କୁ ଜଣାଇଥିଲେ। ମଧ୍ୟସ୍ଥ କମିଟିରେ ହେବାକୁ ଥିବା ଶୁଣାଣିକୁ ଗୋପନ ରଖାଯାଇପାରିବ ବୋଲି ଖଣ୍ଡପୀଠ କହିଛନ୍ତି। ୭୦ ବର୍ଷ ଧରି ଲାଗି ରହିଥିବା ଜମି ବିବାଦର ସମାଧାନ ପାଇଁ ଜଷ୍ଟିସ୍ କାଲିଫୁଲ୍ଲାଙ୍କ ଅଧ୍ୟକ୍ଷତାରେ ଆଧ୍ୟାତ୍ମିକ ଗୁରୁ ଶ୍ରୀଶ୍ରୀ ରବିଶଙ୍କର ଏବଂ ବରିଷ୍ଠ ଆଇନଜୀବୀ ଶ୍ରୀରାମ ପଞ୍ଚୁଙ୍କୁ ନେଇ ମାର୍ଚ୍ଚ ୮ରେ ମଧ୍ୟସ୍ଥ କମିଟି ଗଠନ କରାଯାଇଥିଲା। ୯ ସପ୍ତାହ ମଧ୍ୟସ୍ଥତା ପ୍ରକ୍ରିୟା ସତ୍ତ୍ୱେ ସମାଧାନର କୌଣସି ସୂତ୍ର ବାହାର କରିବାରେ କମିଟି ବିଫଳ ହୋଇଥିଲା। ମେ ମାସରେ ଅଦାଲତ କମିଟିର କାର୍ଯ୍ୟକାଳ ଅଗଷ୍ଟ ୧୫ ପର୍ଯ୍ୟନ୍ତ ବୃଦ୍ଧି କରିଥିଲେ। ଜୁଲାଇରେ ମାମଲାର ପ୍ରଥମ ପକ୍ଷଙ୍କ ଓକିଲ ଗୋପାଳ ସିଂ ବିଶାରଦ ମଧ୍ୟସ୍ଥତା ରିପୋର୍ଟକୁ ଅପେକ୍ଷା ନ କରି କୋର୍ଟ ଶୁଣାଣି ଆରମ୍ଭ କରନ୍ତୁ ବୋଲି ଦାବି କରିଥିଲେ। ଫଳରେ ଜୁଲାଇ ୧୮ ସୁଦ୍ଧା ଅଗ୍ରଗତି ରିପୋର୍ଟ ଦାଖଲ କରିବାକୁ ସାମ୍ବିଧାନିକ ପୀଠ ମଧ୍ୟସ୍ଥ କମିଟିକୁ ନିର୍ଦ୍ଦେଶ ଦେଇଥିଲେ। ମଧ୍ୟସ୍ଥତାରେ କୌଣସି ଅଗ୍ରଗତି ହେଉ ନ ଥିବା ଜାଣିବା ପରେ ଅଗଷ୍ଟ ୬ରୁ ସାମ୍ବିଧାନିକ ପୀଠରେ ଦୈନନ୍ଦିନ ଶୁଣାଣି କରିବାକୁ ସେହି ମାସ ୨ ତାରିଖରେ ସର୍ବୋଚ୍ଚ ଅଦାଲତ ଘୋଷଣା କରିଥିଲେ। ଅଯୋଧ୍ୟାର ୨.୭୭ ଏକର ବିବାଦୀୟ ଜମିକୁ ତିନି ପକ୍ଷ ରାମ ଲାଲା, ନିର୍ମୋହୀ ଆଖଡ଼ା ଏବଂ ସୁନ୍ନି ୱାକଫ୍ ବୋର୍ଡ ମଧ୍ୟରେ ସମାନ ଭାବେ ବାଣ୍ଟିବା ଲାଗି ୨୦୧୦ରେ ଆଲ୍ଲାହାବାଦ ହାଇକୋର୍ଟ ରାୟ ଦେବା ପରେ ଏହାକୁ ଚ୍ୟାଲେଞ୍ଜ କରି ସୁପ୍ରିମକୋର୍ଟରେ ୧୪ଟି ପିଟିଶନ୍ ଦାଏର ହୋଇଥିଲା।

# ଓଡ଼ିଶା ପର୍ଯ୍ୟଟନ ପାଇଁ ଗେମ୍‌ଚେଞ୍ଜର ହେବ ଶାମୁକା ପ୍ରକଳ୍ପ

ଭୁବନେଶ୍ୱର,୧୮।୯(ବ୍ୟୁରୋ)

ଓଡ଼ିଶାର ପର୍ଯ୍ୟଟନ ଶିଳ୍ପ ପାଇଁ ଗେମ୍‌ଚେଞ୍ଜର ହେବ ଶାମୁକା ବିଚ୍ ପ୍ରକଳ୍ପ। ରାଜ୍ୟ ସରକାରଙ୍କ ଏହି ବହୁ ପ୍ରତିକ୍ଷୀତ ପ୍ରକଳ୍ପ ଖୁବ୍‌ଶୀଘ୍ର ବାସ୍ତବ ରୂପ ନେବ। ପୁରୀ ସହରଠାରୁ ୧୦ କିମି ଦୂରରେ ହେବାକୁ ଥିବା ଏହି ପ୍ରକଳ୍ପକୁ ନ୍ୟାଶନାଲ ଗ୍ରୀନ୍ ଟ୍ରିବ୍ୟୁନାଲ(ଏନ୍‌ଜିଟି) ମଞ୍ଜୁରି ମିଳିସାରିଛି। ଇତିମଧ୍ୟରେ ୨୦୦୮ରେ ପ୍ରକଳ୍ପ ପାଇଁ ହୋଇଥିବା ମାଷ୍ଟର୍‌ପ୍ଲାନ୍‌କୁ ବାତିଲ କରାଯାଇଥିବାବେଳେ ଏବେ ଅନ୍ତର୍ଜାତୀୟ ଆର୍କିଟେକ୍ ସଂସ୍ଥା ଏହାର ନୂଆ ଡିଜାଇନ୍ ପ୍ରସ୍ତୁତ କରିବ। ପ୍ରାୟ ୪ ହଜାର କୋଟି ପୁଞ୍ଜିନିବେଶ କରାଯାଇ ଏହି ପ୍ରକଳ୍ପରେ ପଞ୍ଚ ତାରକା ହୋଟେଲ, ବୁଟିକ୍ ହୋଟେଲ, ସ୍ପା, ୱେଲ୍‌ନେସ୍ ସେଣ୍ଟର, ଏଣ୍ଟରଟେନ୍‌ମେଣ୍ଟ ଜୋନ୍, କନ୍‌ଭେନଶନ୍ ସେଣ୍ଟର ଏବଂ ବିଭିନ୍ନ ପ୍ରକାର କ୍ରୀଡା ସାମିଲ ହେବ। ପର୍ଯ୍ୟଟନ ଦୃଷ୍ଟିରୁ ଗୁରୁତ୍ୱକୁ ଉପଲବ୍ଧ କରି ଶାମୁକାକୁ ରାଜ୍ୟ ସରକାର ଫାଷ୍ଟ୍‌ଟ୍ରାକ୍‌ରେ ରଖିବେ ବୋଲି କହିଛନ୍ତି ରାଜ୍ୟ ପର୍ଯ୍ୟଟନ ସଚିବ ବିଶାଳ ଦେବ।



୪ର୍ଥ ଓଡ଼ିଶା ଟୁରିଜମ୍ କନ୍‌କ୍ଲେଭ୍‌ରେ ରାଜ୍ୟପାଳ ଗଣେଶୀ ଲାଲ୍ ଓ ଅନ୍ୟମାନେ।

- ଚିଲିକାର ବିକାଶକୁ ପ୍ରାଥମିକତା
- ୨୦୨୦ରେ ୫ ଦେଶରେ ରୋଡ୍ ଶୋ’
- ୨୦୨୧ ସୁଦ୍ଧା ୧୯ ହେରିଟେଜ୍ ହୋଟେଲ
- ଆରମ୍ଭ ହେବ ‘ରିଭର୍ କ୍ରୁଜ୍’ ବ୍ୟବସ୍ଥା

ହୋଟେଲ ଆଣ୍ଡ ରେଷ୍ଟୁରାଣ୍ଟ ଆସୋସିଏଶନ ଅଫ୍ ଓଡ଼ିଶା (ଏଚ୍‌ଆର୍‌ଏଓ) ପକ୍ଷରୁ ହୋଟେଲ ସ୍ୱସ୍ତି ପ୍ରିମିୟମ୍‌ଠାରେ ଆୟୋଜିତ ୪ର୍ଥ ଓଡ଼ିଶା ଟୁରିଜମ୍ କନ୍‌କ୍ଲେଭ୍‌ରେ ଯୋଗଦେଇ ସଚିବ ଦେବ କହିଛନ୍ତି, ୯ ଟୁରିଜମ୍ ସର୍କିଟ୍‌ରେ ଭିତ୍ତିଭୂମି ବିକାଶକୁ ପ୍ରାଥମିକତା ଦିଆଯିବ। ଏବର୍ଷ ଡୋମେଷ୍ଟିକ୍ ରୋଡ୍ ଶୋ’ ଉପରେ ଗୁରୁତ୍ୱ ଦିଆଯାଉଥିବାବେଳେ ଆଗାମୀବର୍ଷ ଇଣ୍ଟରନ୍ୟାଶନାଲ ରୋଡ୍ ଶୋ’ର ଆୟୋଜନ କରାଯିବ। ୨୦୨୦ରେ ମାଲେସିଆ, ଥାଇଲାଣ୍ଡ, ଇଣ୍ଡୋନେସିଆ, ଭିଏତ୍‌ନାମ୍, କମ୍ବୋଡିଆରେ ରୋଡ୍ ଶୋ’ କରାଯିବ। ଓଡ଼ିଶାରେ ଏବେ ୫୧ ହେରିଟେଜ୍ ପ୍ରପଟି ତଥା ରାଜପ୍ରାସାଦ ରହିଛି। ଏହାମଧ୍ୟରୁ ୧୯ ପ୍ରାସାଦକୁ ଆଗାମୀ ଦୁଇବର୍ଷ ମଧ୍ୟରେ ବୁଟିକ୍ ହେରିଟେଜ୍ ହୋଟେଲ ଏବଂ ହେରିଟେଜ୍ ହୋମ୍ ଷ୍ଟେ’ ଭାବେ ବିକଶିତ କରାଯିବ। ଏବେ ୬ଟି ରହିଥିବାବେଳେ ଆଉ ୩ଟିକୁ ଆସନ୍ତା ଡିସେମ୍ବର ସୁଦ୍ଧା ହେରିଟେଜ୍ ହୋଟେଲ ଓ ହୋମ୍ ଷ୍ଟେ’ରେ ପରିଣତ କରାଯିବ। ବଳକା ୧୦ ପ୍ରାସାଦକୁ ୨୦୨୧ ସୁଦ୍ଧା ହୋଟେଲ ରୂପ ଦିଆଯିବ। ଏହାସହ ତାଜ୍ ଗ୍ରୁପ୍, ଆକ୍କୋର୍ ଗ୍ରୁପ୍ ଭଳି ଚେନ୍ ହୋଟେଲ ଖୁବ୍‌ଶୀଘ୍ର ଓଡ଼ିଶା ଆସିବାର ସମ୍ଭାବନା ରହିଛି। ଚିଲିକା ପର୍ଯ୍ୟଟକ କ୍ଷେତ୍ରର ବ୍ୟାପକ ବିକାଶ ହେବ। ପ୍ରାଥମିକ ପର୍ଯ୍ୟାୟରେ ରମ୍ଭା ଓ ଏହା ଚାରିପାଖରେ ଥିବା ଦ୍ୱୀପଗୁଡ଼ିକରେ ପର୍ଯ୍ୟଟନ ଭିତ୍ତିଭୂମି ବିକାଶ କରାଯିବ। ଭିତରକନିକା ଓ ଚିଲିକା ସହ ହୀରାକୁଦରେ ମଧ୍ୟ ହାଉସ୍‌ବୋଟ ବ୍ୟବସ୍ଥା ହେବ। ପର୍ଯ୍ୟଟକଙ୍କ ପାଇଁ ଓଡ଼ିଶାରେ ‘ରିଭର୍ କ୍ରୁଜ୍’ ବ୍ୟବସ୍ଥା ଆରମ୍ଭ ହେବାର ଯୋଜନା ରହିଛି। ଏନେଇ ଇନ୍‌ଲ୍ୟାଣ୍ଡ ୱାଟର୍‌ୱେଜ୍ ଅଥରିଟି ଅଫ୍ ଇଣ୍ଡିଆ ସହ ଆଲୋଚନା ହୋଇଥିବାବେଳେ ସ୍ଥାନ ନିର୍ଦ୍ଧାରଣ ପାଇଁ କଥାବାର୍ତ୍ତା ଚାଲିଥିବା ସଚିବ ସୂଚନା ଦେଇଛନ୍ତି।

କାର୍ଯ୍ୟକ୍ରମରେ ମୁଖ୍ୟଅତିଥିଭାବେ ରାଜ୍ୟପାଳ ପ୍ରଫେସର ଗଣେଶୀ ଲାଲ୍ ଯୋଗଦେଇ ଦେଶ ଏବଂ ରାଜ୍ୟର ଉତ୍କୃଷ୍ଟ ପର୍ଯ୍ୟଟନ ଶିଳ୍ପ ସମ୍ପର୍କରେ କହିଥିଲେ। ରାଜ୍ୟ ପର୍ଯ୍ୟଟନ ମନ୍ତ୍ରୀ ଜ୍ୟୋତିପ୍ରକାଶ ପାଣିଗ୍ରାହୀ ୨୦୨୦ରେ ଆସିବାକୁ ଥିବା ନୂଆ ପର୍ଯ୍ୟଟନ ନୀତି ଉପରେ ଆଲୋଚନା କରିଥିଲେ। ଏଚ୍‌ଆର୍‌ଏଓ ଅଧ୍ୟକ୍ଷ ଜେ.କେ. ମହାନ୍ତି ହୋଟେଲ ଶିଳ୍ପରେ ଜିଏସ୍‌ଟି ହ୍ରାସ, ଚିଲିକାରେ ୱାଟର୍ ସ୍ପୋର୍ଟସର ବିକାଶ, ୪୮୦ କିମି କୋଷ୍ଟାଲ୍ ହାଇୱେ ରିଙ୍ଗ୍ ରୋଡ୍ ନିର୍ମାଣ, ଆଦର୍ଶ ପର୍ଯ୍ୟଟନସ୍ଥଳୀ ତାଲିକାରେ ଓଡ଼ିଶାର କୋଣାର୍କ ଏବଂ ବୁଦ୍ଧିଷ୍ଟ ସର୍କିଟକୁ ଅନ୍ତର୍ଭୁକ୍ତ କରିବା ପାଇଁ କେନ୍ଦ୍ର ସରକାରଙ୍କ ନିକଟରେ ପ୍ରସ୍ତାବ ରଖିଥିଲେ। କେନ୍ଦ୍ର ଓ ରାଜ୍ୟ ସରକାର ମିଳିତଭାବେ ପର୍ଯ୍ୟଟନ ବିକାଶ ପାଇଁ କାର୍ଯ୍ୟ କରିବେ ବୋଲି ଭାରତ ପର୍ଯ୍ୟଟନର ଏଡିଜି ରୁପିନ୍ଦର ବ୍ରାର୍ କହିଥିଲେ। କାର୍ଯ୍ୟକ୍ରମରେ ପର୍ଯ୍ୟଟନ ବିଶେଷଜ୍ଞମାନଙ୍କୁ ନେଇ ଦିନସାରା ଏକାଧିକ ଅଧିବେଶନ ଅନୁଷ୍ଠିତ ହୋଇଥିଲା।

## ଚୋରା ବାଇକ୍ ଉଦ୍ଧାର: ଅଭିଯୁକ୍ତ ଗିରଫ

ବଡ଼ସାହି,୧୮।୯(ସ୍ୱ.ପ୍ର)- ବଡ଼ସାହି ପୋଲିସ ଜାରକାଣୀ ଗ୍ରାମରୁ ଏକ ଚୋରିଯାଇଥିବା ବାଇକ୍ ଉଦ୍ଧାର କରିବା ସହିତ ଅଭିଯୁକ୍ତଙ୍କୁ ଗିରଫ କରି ମଙ୍ଗଳବାର କୋର୍ଟଚାଲାଣ କରିଛି। ଅଭିଯୁକ୍ତ ଜଣଙ୍କ ହେଲେ ଜାରକାଣୀ ଗ୍ରାମର ଭକ୍ତ ହାଁସଦାଙ୍କ ପୁଅ ନିରଞ୍ଜନ। ସେ ନିକଟସ୍ଥ କଦମଡ଼ିହି ଗ୍ରାମର ଶ୍ୟାମ ସିଂଙ୍କ ବାରଣ୍ଡାରେ ଥିବା ହୋଣ୍ଡା ସାଇନ ବାଇକଟିକୁ ଚୋରାଇ ନେଇଥିଲେ। ଶ୍ୟାମ ବଡ଼ସାହି ଥାନାରେ ଏନେଇ ଅଭିଯୋଗ କରିବା ପରେ ପୋଲିସ ଏକ ମାମଲା ରୁଜୁ କରି ତଦନ୍ତ ଚଳାଇଥିଲା। ତେବେ ନିରଞ୍ଜନଙ୍କ ଘରେ ବାଇକ ଥିବା ନେଇ ଖବର ମିଳିବା ପରେ ଚଢ଼ାଉ କରି ପୋଲିସ ଉପରୋକ୍ତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିଛି।

ଅଷ୍ଟମ ଜନ୍ମବାର୍ଷିକ ଶୁଭେଚ୍ଛା




ଓମ୍ ସାଇ ବିଶ୍ୱାଳ
ଲେଣ୍ଡୋ, ନିରାକାରପୁର, ଖୋର୍ଦ୍ଧା
‘‘ଚକ୍ର ଛାୟା ତଳେ ରଖିବେ ପ୍ରଭୁ ‘‘ସାଇ’’କୁ ମୋର, ଦୀର୍ଘାୟୁ କରିଣ ବିଦ୍ୟାରେ ଦେବେ ଅଭୟବର’’
ଶୁଭେଚ୍ଛା ସହ:
ମା’, ଜେଜେ, ମାମା, ବାପା, ଖୁଡ଼ୀ, ଦାଦା, ଅପା, ପିଇସା, ଆଈ, ଅଜା, ମାଈଁ, ମାମୁ, ମାଉସୀ, ମଉସା, ଭଉଣୀ, ଭାଇ, ଗୁରୁମା, ଗୁରୁଜୀ, ବନ୍ଧୁ ଓ ପରିବାରବର୍ଗ।
ଧ-୧୪୩୮୭

ଜନ୍ମଦିନ ଶୁଭେଚ୍ଛା
ଶିଖା
‘‘ସ୍ନେହ ସିନା ସାରା ସଂସାରରେ ବଡ
ବଡ କାଳିଆ ଠାକୁର
ଚକାଆଖି ସିଏ ସବୁ ତ ଦେଖୁଛି
ପଲକ ପଡେନା ତା’ର...’’
ଆଜି ତୁମର ୨୩ତମ ଜନ୍ମଦିବସରେ ତୁମକୁ ତୁମ ଜେଜେମା’, ବୋଉ, ଦାଦା, ଖୁଡୀ, ବଡଭାଇ-ଭାଉଜ, ସାନଭାଇ-ଭାଉଜ, ସାନଭାଇ-ଭଉଣୀଙ୍କ ତରଫରୁ ଅନେକ ଅନେକ ଶୁଭେଚ୍ଛା ଓ ଶୁଭକାମନା।
ପ୍ରଭୁ ଜଗତର ନାଥ ଶ୍ରୀଜଗନ୍ନାଥ ଓ ସାଇବାବାଙ୍କ ପାଖରେ ଏତିକି ପ୍ରାର୍ଥନା କରୁଛୁ, ତୁମ ଚଲାପଥ କୁସୁମିତ ହେଉ।
ଧ-୧୪୩୮୮

## ଜିଲ୍ଲା ଚିଠି: ଯାଜପୁର



### ସେବା ନାଁରେ ଶୋଷଣ

ଯାଜପୁର ଜିଲାର କଳିଙ୍ଗନଗର ଶିଳ୍ପାଞ୍ଚଳର ମୁଖଶାଳା ଭାବେ ପରିଚିତ ଯାଜପୁରରୋଡ଼ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଗରିବ ଲୋକଙ୍କ ଏକମାତ୍ର ସାହା ଭରସା। ଜିଲାର ଗ୍ରାମାଞ୍ଚଳରେ ସ୍ୱାସ୍ଥ୍ୟସେବା ଏକ ପ୍ରକାର ଭୁଶୁଡ଼ି ପଡ଼ିଥିବାବେଳେ ଲୋକେ ଧାର ଉଧାର କରି ରୋଗୀଙ୍କୁ ନେଇ ଧାଇଁ ଆସନ୍ତି ଯାଜପୁରରୋଡ଼କୁ। ଖାଲି ଶିଳ୍ପାଞ୍ଚଳ ନୁହେଁ ଖଣି ଅଞ୍ଚଳ ସୁକିନ୍ଦା ସମେତ କୋରେଇ, ରସୁଲପୁର ଓ ଧର୍ମଶାଳା ବ୍ଲକର ଲୋକେ ମଧ୍ୟ ଏହି ଡାକ୍ତରଖାନା ଉପରେ ନିର୍ଭର କରିଥାନ୍ତି। ମାତ୍ର ଏଠାକାର ବ୍ୟବସ୍ଥା ରୋଗୀଙ୍କୁ ସେବା ଯୋଗାଇବା ପରିବର୍ତ୍ତେ ଶୋଷଣ କରିବା ପାଇଁ ଉଦ୍ଦିଷ୍ଟ ଭଳି ମନେ ହୁଏ। ଏଠାରେ ଏକ ମାନୁଆଲ ଏକ୍ସ-ରେ ମେଶିନ ଅଛି। ହେଲେ ତାହା ସପ୍ତାହକୁ ମାତ୍ର ୩ ଦିନ ଚାଲେ। ଏହା ଡିଜିଟାଲ ହୋଇ ନ ଥିବାରୁ ରୋଗୀଙ୍କୁ ସ୍ପଷ୍ଟ ଚିତ୍ର ଦିଆଯାଇ ପାରି ନ ଥାଏ। ଅଲଟ୍ରାସାଉଣ୍ଡ, ଲାପୋରୋସ୍କୋପି, ଡିଜିଟାଲ ଏକ୍ସ-ରେ ଇତ୍ୟାଦି ଆଧୁନିକ ଯନ୍ତ୍ରପାତି ନ ଥିବାରୁ ଲୋକେ ବାହାରେ ନିର୍ଭରଶୀଳ ହୋଇ ଅଧିକ ଖର୍ଚ୍ଚାନ୍ତ ହୋଇଥାନ୍ତି। ଏହି ଡାକ୍ତରଖାନାକୁ ଉପଖଣ୍ଡସ୍ତରୀୟ ଡାକ୍ତରଖାନା ଭାବେ ମାନ୍ୟତା ଦେବାକୁ ବିଭିନ୍ନ ସମୟରେ ଦାବି ହେଉଛି। କିନ୍ତୁ କୌଣସି ସୁଫଳ ମିଳୁନାହିଁ। ଅନ୍ୟ ଏକ ଗୁରୁତ୍ୱପୂର୍ଣ୍ଣ ବିଷୟ ଯେ, ଏହି ଡାକ୍ତରଖାନାରେ ଅଧିକାଂଶ ଡାକ୍ତର ଦୋକାନରୁ ଔଷଧ କିଣିବାକୁ ରୋଗୀଙ୍କୁ ପରାମର୍ଶ ଦେଇଥାନ୍ତି। ସମସ୍ତଙ୍କୁ ମାଗଣାରେ ଔଷଧ ଯୋଗାଇ ଦେବାକୁ ରାଜ୍ୟ ସରକାରଙ୍କ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗର ଯୁଗ୍ମସଚିବ ୨୭।୨।୨୦୧୫ ତାରିଖରୁ ପତ୍ରସଂଖ୍ୟା ୪୫୩୮ରେ କ୍ୟାମ୍ପସ ମେଡିକାଲ ଷ୍ଟୋରକୁ ବାରଣ କରିଥିଲେ ହେଁ ତାହା ଯାଜପୁରରୋଡ଼ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଲାଗୁ ହୋଇ ପାରିନାହିଁ। ଏହି ନିର୍ଦ୍ଦେଶର ସାଢ଼େ ୪ ବର୍ଷ ଅତିକ୍ରାନ୍ତ ହୋଇ ସାରିଥିଲେ ହେଁ ଜିଲା ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ପରୋକ୍ଷରେ ହସ୍ପିଟାଲ କ୍ୟାମ୍ପସ ମଧ୍ୟରେ ମେଡିକାଲ ଷ୍ଟୋରକୁ ସୁରକ୍ଷା ଦିଆଯାଇ ଆସୁଛି। ମାମଲା କୋର୍ଟରେ ବିଚାରାଧୀନ ଥିଲେ ହେଁ ଜିଲା ସ୍ୱାସ୍ଥ୍ୟ ବିଭାଗ କର୍ତ୍ତୃପକ୍ଷ ଆବଶ୍ୟକ ଯୁକ୍ତି ଦର୍ଶାଉ ନ ଥିବାରୁ କିଛି ସୁଫଳ ମିଳୁନାହିଁ। ଏହାବାଦ ସରକାର ମାଗଣାରେ ରକ୍ତ, ମୂତ୍ର, ମଳ, କଫ ଓ ଅନ୍ୟାନ୍ୟ ପରୀକ୍ଷା କରିବା ସହିତ ସମସ୍ତ ପ୍ରକାର ଔଷଧ ଯୋଗାଇ ଦେବାକୁ ବ୍ୟବସ୍ଥା କରିଛନ୍ତି। ଏନେଇ ବିଭିନ୍ନ କ୍ଷେତ୍ରରେ ସରକାରୀ ଭାବେ ପ୍ରଚାରପ୍ରସାର କରାଯାଉଛି। ଯାଜପୁରରୋଡ଼ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ କିନ୍ତୁ ରୋଗୀଙ୍କୁ ଏସବୁ ସୁବିଧା ମିଳି ପାରୁନାହିଁ। କେତେକ ସରକାରୀ ସେବା ନିର୍ଦ୍ଧାରିତ ସମୟ ମଧ୍ୟରେ ରହିଥିବାରୁ ଅନ୍ୟ ସମୟରେ ରୋଗୀ ନୟାନ୍ତ ହୋଇଥାନ୍ତି। ଏଣୁ ବାଧ ହୋଇ ପ୍ରତିଦିନ ବହୁ ରୋଗୀ ଡାକ୍ତରଖାନା ପରିସର ଓ ବାହାରେ ଥିବା ଔଷଧ ଦୋକାନ ଉପରେ ନିର୍ଭର କରୁଛନ୍ତି। ଡାକ୍ତର ପ୍ରେସ୍‌କ୍ରିପ୍‌ଶନ ଲେଖିବା ସମୟରେ ସରକାରୀ ଡାକ୍ତରଖାନାରେ ଉପଲବ୍ଧ ଔଷଧ ଲେଖିବାକୁ କଡ଼ା ତାଗିଦ କରାଯାଇଥିଲେ ହେଁ ଏଠାରେ ତାହାର ସମ୍ପୂର୍ଣ୍ଣ ଓଲଟା ହେଉଛି। ଏପରିକି ବାଧ ହୋଇ ପ୍ରତିଦିନ ବହୁ ରୋଗୀ ବାହାର ପାଥୋଲ୍ୟାବକୁ ଯାଇ ଆବଶ୍ୟକ ପରୀକ୍ଷାନିରୀକ୍ଷା କରୁଥିବା ଦେଖିବାକୁ ମିଳୁଛି। ଏହି ଡାକ୍ତରଖାନାରେ ପରୀକ୍ଷାଗାର ରହିଥିଲେ ହେଁ ରୋଗୀଙ୍କୁ ଜାଣିଶୁଣି ଅଧିକ ଖର୍ଚ୍ଚାନ୍ତ ଆଡ଼କୁ ଠେଲି ଦିଆଯାଉଛି। ସରକାରଙ୍କ ମାଗଣା ସେବାକୁ ଡାକ୍ତରଖାନା କର୍ତ୍ତୃପକ୍ଷ ବିକ୍ରି କରି ଦେଉଥିବା ମନେ ହେଉଛି।

- ହର୍ଷବର୍ଦ୍ଧନ ବେହେରା

## ବଜାରରୁ ହଜିଗଲା ଟାଟା ସୁମୋ

ନୂଆଦିଲ୍ଲୀ,୧୮।୯:

ଆଜିଠାରୁ କିଛି ବର୍ଷ ପୂର୍ବେ ପର୍ଯ୍ୟନ୍ତ ଟାଟା ସୁମୋର ଭାରତୀୟ ବଜାରରେ ରାଜତ୍ୱ ଥିଲା। ସହର ମୁକାବିଲାରେ ଅର୍ଦ୍ଧ ସହରାଞ୍ଚଳ ଓ ଗ୍ରାମାଞ୍ଚଳରେ ଏହାର ବେଶ୍ ଆଦର ଥିଲା। ଏବେ ଭାରତୀୟ ବଜାରରୁ ଏହି ମଡେଲ ଗାଡ଼ି ଚୁପ୍‌ଚାପ୍ ବିଦାୟ ନେଇସାରିଛି। ତେବେ କମ୍ପାନୀ ପକ୍ଷରୁ ଏ ସମ୍ପର୍କରେ ଆନୁଷ୍ଠାନିକ ଭାବେ କିଛି କୁହାଯାଇନାହିଁ। ଦୀର୍ଘ ୨୫ ବର୍ଷ ଧରି ଦେଶର ଗାଡ଼ି ବଜାରରେ ରାଜତ୍ୱ କରିଥିବା ବେଳେ ୧୯୯୪ରେ ଏହା ପ୍ରଥମଥର ଭାରତୀୟ ବଜାରରେ ପ୍ରବେଶ କରିଥିଲା। ୨୫ ବର୍ଷର ଦୀର୍ଘ ଯାତ୍ରା ପରେ ଚଳିତବର୍ଷ ଏପ୍ରିଲରୁ କମ୍ପାନୀ ଏହାର ଉତ୍ପାଦନ ବନ୍ଦ କରିଦେଇଛି। ଏବେ ବିକ୍ରି ଲାଗି ଟାଟା ଡିଲରଶିପ୍ ନିକଟରେ ମଧ୍ୟ ଟାଟା ସୁମୋ ଗାଡ଼ି ନାହିଁ। ଏହାର ପ୍ରଦର୍ଶନ ସମ୍ପର୍କରେ ଉଲ୍ଲେଖ କଲେ ଏତିକି କୁହାଯାଇପାରେ ଯେ, ଏଥିରେ ୩.୦ ଲିଟରର ଡିଜେଲ ଇଞ୍ଜିନ ଲାଗିଥିଲା। ଏହାର ଇଞ୍ଜିନ ୮୫ପିଏସ୍‌ର ମ୍ୟାକ୍ସିମମ୍ ପାୱାର ଓ ୨୫୦ଏନ୍‌ଏମ୍ ପିକ୍ ଟର୍କ ଜେନେରେଟ କରୁଥିଲା। ଏହାଛଡ଼ା ଏହାର ଇଞ୍ଜିନ ୫-ସ୍ପିଡ ମାନୁଆଲ ଗିୟରବକ୍ସଯୁକ୍ତ ରହିଥିଲା। ପ୍ରାପ୍ତ ସୂଚନାରୁ ଜଣାପଡିଛି ଯେ, ନୂଆ ଏଆଇଏସ୍ ୧୪୫ ସୁରକ୍ଷା ମାନକ ଏବଂ ବିଏସ୍-୬ ନିୟମକୁ ଦୃଷ୍ଟିରେ ରଖି ଏହି ଗାଡ଼ିର ଉତ୍ପାଦନକୁ ବନ୍ଦ କରିଦିଆଯାଇଛି।

## ଗୋପାଳପୁର ବେଳାଭୂମିରେ ‘ସାଗର ସୁରକ୍ଷା କବଚ’

ଗୋପାଳପୁର,୧୮।୯


ଗୋପାଳପୁର ବେଳାଭୂମିରେ ପୋଲିସ ପକ୍ଷରୁ ମକ୍‌ଡ୍ରିଲ୍।

ଜଳପଥ ଦେଇ ଆତଙ୍କବାଦୀଙ୍କ ପ୍ରବେଶ ଉପରେ ରୋକ୍ ଲଗାଇବାକୁ ପୋଲିସ ଓ କୋଷ୍ଟଗାର୍ଡର ମିଳିତ ସହଯୋଗରେ ଗୋପାଳପୁର ଓ ସୋନପୁର ବେଳାଭୂମିରେ ଆରମ୍ଭ ହୋଇଛି ସାଗର ସୁରକ୍ଷା କବଚ। ବୁଧବାର ଓ ଗୁରୁବାର ୨ ଦିନ ଧରି ଏହି ମକ୍‌ଡ୍ରିଲ୍ ଚାଲିବ। ଗୋପାଳପୁର ଠାରୁ ସୁନପୁର ବେଳାଭୂମି ପର୍ଯ୍ୟନ୍ତ ପୋଲିସ ଫୋର୍ସ ଓ କୋଷ୍ଟଗାର୍ଡ ମୁତୟନ ରହି ସମୁଦ୍ର ପଟରୁ ଆତଙ୍କବାଦୀଙ୍କ ଅନୁପ୍ରବେଶକୁ କିପରି ରୋକାଯାଇପାରିବ ତାହାର ରଣ କୌଶଳ ଶିଖିବା ସହ ସତର୍କ ନଜର ରଖିଛନ୍ତି। ବୁଧବାର ପୂର୍ବାହ୍ନ ପ୍ରାୟ ୮ଟାରେ ବ୍ରହ୍ମପୁର ଅତିରିକ୍ତ ଏସ୍‌ପି ପ୍ରଶାନ୍ତ କୁମାର ମିଶ୍ର, ସଦର ଏସ୍‌ଡିପିଓ ଜୟନ୍ତ କୁମାର ମହାପାତ୍ର, ଜୟକୃଷ୍ଣ ପଟ୍ଟନାୟକ, ଗୋପାଳପୁର ଥାନାଧିକାରୀ ବିବେକାନନ୍ଦ ମହନ୍ତ, ମେରାଇନ ଥାନାଧିକାରୀ ଗୌରାଙ୍ଗ ସାହୁ ଗୋପାଳପୁର ବେଳାଭୂମିରେ ଉପସ୍ଥିତ ଥିଲେ। ଗୋପାଳପୁରଠାରୁ ସୋନପୁର ମଧ୍ୟରେ ୩ ପ୍ଲାଟୁନ ପୋଲିସ ଫୋର୍ସ, କୁଇକ୍ ରିଆକ୍ସନ୍ ଟିମ, ୪୦ ଜଣ ହୋମଗାର୍ଡ ଏହି ମକ୍‌ଡ୍ରିଲରେ ମୁତୟନ ହୋଇଛନ୍ତି। ପ୍ରକାଶ ଯେ, ଜମ୍ମୁ କଶ୍ମୀରରେ ଧାରା ୩୭୦ ଉଚ୍ଛେଦ ପରେ ପାକିସ୍ତାନ ଆତଙ୍କବାଦୀମାନେ ଜଳପଥ ଦେଇ ଭାରତରେ ପ୍ରବେଶ କରି ଆକ୍ରମଣ କରିବା ନେଇ ଗୋଇନ୍ଦା ସୂଚନା ମିଳିଛି। ଏହାପରେ କେନ୍ଦ୍ର ଗୃହବିଭାଗ ଉପକୂଳବର୍ତ୍ତୀ ରାଜ୍ୟମାନଙ୍କୁ ସମୁଦ୍ର ବେଳାଭୂମି ସୁରକ୍ଷା ବଢାଇବା ସହ ପାଟ୍ରୋଲିଂ କଡାକଡି କରିବାକୁ ନିର୍ଦ୍ଦେଶ ଦେଇଛନ୍ତି।

ରିକଭରୀ ଅଫିସରଙ୍କ ଅଦାଲତ
ଋଣ ଅସୁଲି ପ୍ରାଧିକରଣ
ପ୍ଲଟ୍ ନଂ. ସି-୭୧, ସେକ୍ଟର-୭, ସିଡ଼ିଏ, କଟକ-୧୪, ଓଡ଼ିଶା
ସତ୍ୟମେବ ଜୟତେ
ସମ୍ପତ୍ତି ନିଲାମ ବିଜ୍ଞପ୍ତି
ଆର୍.ପି. ନଂ. : ୧୭୧/୨୦୧୮/କଟକ
(୨୦୧୪ର ଓଏ ନଂ. ୩୦୧ ରୁ ଉଦ୍ଧୃତ)
ଆନ୍ଧ୍ର ବ୍ୟାଙ୍କ, ଖଣ୍ଡଗିରି ଶାଖା, ଖଣ୍ଡଗିରି, ଭୁବନେଶ୍ୱର .....ସାର୍ଟିଫିକେଟ୍‌ଧାରୀ ବ୍ୟାଙ୍କ
ବନାମ
ମେସର୍ସ ଚନ୍ଦନ କାର୍ କେୟାର ଏବଂ ଅନ୍ୟମାନେ .....ସାର୍ଟିଫିକେଟ୍ ଋଣଗ୍ରହୀତାମାନେ
ନିମ୍ନ ସ୍ୱାକ୍ଷରକାରୀଙ୍କ ଦ୍ୱାରା ବ୍ୟାଙ୍କର ଥିବା ବକେୟା ଦେୟ ଆଦାୟ ପାଇଁ ନିମ୍ନ ବର୍ଣ୍ଣିତ ତାରିଖ ଓ ସମୟରେ, ଅନ୍‌ଲାଇନ୍ ଇ-ନିଲାମ ଜରିଆରେ ନିମ୍ନରେ ବର୍ଣ୍ଣିତ ହୋଇଥିବା ସମ୍ପତ୍ତି ‘‘ଯେଉଁଠାରେ ଯେପରି ଅଛି ଭିତ୍ତିରେ’’ କ୍ରୟ କରିବା ନିମନ୍ତେ ଇଚ୍ଛୁକ ନିଲାମଧାରୀଙ୍କ ପକ୍ଷରୁ ଜଉମୁଦଦିଆ ଲଫାପାରେ/ଅନ୍‌ଲାଇନ୍ ମାଧ୍ୟମରେ ପ୍ରସ୍ତାବ ସହିତ ଅମାନତ ରାଶି ତା.୨୯.୧୦.୨୦୧୯ରିଖ ଅପରାହ୍ନ ୫.୦୦ ଘଟିକା ସୁଦ୍ଧା ନିମ୍ନ ସ୍ୱାକ୍ଷରକାରୀଙ୍କ ଠାରେ ଦାଖଲ କରିବା ପାଇଁ ଆହ୍ୱାନ କରାଯାଉଅଛି।
ସମ୍ପତ୍ତିର ବିବରଣୀ

| ସମ୍ପତ୍ତିର ବିଶେଷ ବିବରଣୀ | ସଂରକ୍ଷିତ ମୂଲ୍ୟ/ ଅମାନତ ଜମା | ପ୍ରାରମ୍ଭିକ ବିଡ୍ ସହିତ ଅମାନତ ଜମା ଦାଖଲ କରିବାର ତାରିଖ ଏବଂ ସମୟ | ୧) ଅନ୍‌ଲାଇନ ନିଲାମର ତାରିଖ ଏବଂ ସମୟ ୨) ବିଡ୍ ବୃଦ୍ଧି ମୂଲ୍ୟ |
|---|---|---|---|
| ସମ୍ପତ୍ତିର ସାରଣୀ: ଖାତା ନଂ.: ୬୪୧, ପ୍ଲଟ୍ ନଂ.: ୧୨୬୭, ମ୍ୟୁଟେସନ୍ ଖାତା ନଂ.: ୧୦୫୭/୬୦୧, ମ୍ୟୁଟେସନ୍ ପ୍ଲଟ୍ ନଂ.: ୧୨୬୭/୨୭୯୪, କ୍ଷେତ୍ର: ଏକର୦.୦୪୨ଡିସିମିଲି ସହିତ ଗୃହ ଯାହାର ହୋଲ୍ଡିଂ ନଂ.: ୬୪୮୪ ଯାହାକି ଭୁବନେଶ୍ୱର ସହର ୟୁନିଟ୍ ନଂ. ୩୨, ଗୋବିନ୍ଦ ପ୍ରସାଦ, ଜିଲ୍ଲା: ଖୋର୍ଦ୍ଧା, ଏସ୍‌ଆରଓ/ତହସିଲ: ଭୁବନେଶ୍ୱର, ଥାନା: ନିଉ କ୍ୟାପିଟାଲ, ଏହାର ଚରିପାର୍ଶ୍ୱରେ: ଉତ୍ତର: ରାସ୍ତା, ଦକ୍ଷିଣ: ପ୍ଲଟ୍ ନଂ. ୧୨୯୦, ପୂର୍ବ: ପ୍ଲଟ୍ ନଂ. ୧୭, ପଶ୍ଚିମ: ପ୍ଲଟ୍ ନଂ. ୧୨୬୮ | ଟ.୭୯,୧୮,୦୦୦/- (ଅଣାଅଶି ଲକ୍ଷ ଅଠର ହଜାର ଟଙ୍କା ମାତ୍ର) / ଟ.୩,୯୫,୯୦୦/- (ତିନି ଲକ୍ଷ ପଞ୍ଚାନବେ ହଜାର ନଅ ଶହ ଟଙ୍କା ମାତ୍ର) | ୨୯.୧୦.୨୦୧୯ ଅପରାହ୍ନ ୫.୦୦ ଘଟିକା ପର୍ଯ୍ୟନ୍ତ | ୧) ୩୧.୧୦.୨୦୧୯ ମଧ୍ୟାହ୍ନ ୧୨.୦୦ ଘଟିକା ରୁ ଅପରାହ୍ନ ୧.୦୦ ଘଟିକା ମଧ୍ୟରେ ଏବଂ ଆବଶ୍ୟକ ହେଲେ ୫ ମିନିଟ୍ ବର୍ଦ୍ଧିତ ସମୟ ସହିତ ୨) ଟ.୫୦,୦୦୦/- (ପଚାଶ ହଜାର ଟଙ୍କା ମାତ୍ର) |

କଥିତ ସ୍ଥାବର ସମ୍ପତ୍ତି ଋଣ ଅସୁଲି ଅଧିକାରୀ/ନିଯୁକ୍ତ ଅଧିକାରୀଙ୍କ ଦ୍ୱାରା ବିକ୍ରୟର ନିୟମ ଓ ସର୍ତ୍ତାବଳୀ ଅନୁଯାୟୀ ବିକ୍ରି କରାଯିବ, ଯାହାର ଏକ ନକଲ https://www.tenderwizard.com/ANB ଏବଂ https://tenders.gov.in କିମ୍ବା ତା.୨୯.୧୦.୨୦୧୯ରିଖ ପର୍ଯ୍ୟନ୍ତ ଶାଖା ପ୍ରବନ୍ଧକ, ଆନ୍ଧ୍ର ବ୍ୟାଙ୍କ, ଖଣ୍ଡଗିରି ଶାଖା, ଖଣ୍ଡଗିରି, ଭୁବନେଶ୍ୱରଙ୍କ ଠାରେ ଯେ କୌଣସି କାର୍ଯ୍ୟ ଦିବସରେ ଉପଲବ୍ଧ ହେବ। ଇଚ୍ଛୁକ ନିଲାମଧାରୀମାନେ ପ୍ରସ୍ତାବ ସହ ଅମାନତ ରାଶି “THE RECOVERY OFFICER, Debts Recovery Tribunal, Cuttack”ଙ୍କ ନାମରେ ଓ କଟକଠାରେ ପଇଠ ହୋଇଥିବା ପେ ଅର୍ଡର/ଡିମାଣ୍ଡ ଡ୍ରାଫ୍ଟ ଜରିଆରେ ଜମା କରିପାରିବେ କିମ୍ବା "The Recovery Officer, DRT, Cuttack ଙ୍କ ସପକ୍ଷରେ RP No.: 171/2018/CTC” ଆକାଉଣ୍ଟ ନଂ.: ୧୦୮୬୧୭୦୫୪୭୩, ଭାରତୀୟ ଷ୍ଟେଟ୍ ବ୍ୟାଙ୍କ, କଟକ ମୁଖ୍ୟ ଶାଖା, ଶାଖା କୋଡ୍ : 00059, IFSC Code : SBIN0000059 ସପକ୍ଷରେ RTGS/NEFT ମାଧ୍ୟମରେ ଟ୍ରାନ୍ସଫର କରିପାରିବେ। ଇଚ୍ଛୁକ କ୍ରେତାମାନେ ନିଜସ୍ୱ ଖର୍ଚ୍ଚରେ ସମ୍ପତ୍ତିର ତନଖି ଯେ କୌଣସି କାର୍ଯ୍ୟଦିବସରେ ତା.୨୯.୧୦.୨୦୧୯ରିଖ ପର୍ଯ୍ୟନ୍ତ ପୂର୍ବାହ୍ନ ୧୦.୦୦ ଘଟିକା ରୁ ଅପରାହ୍ନ ୫.୦୦ ଘଟିକା ମଧ୍ୟରେ କରିପାରିବେ।
ନିମ୍ନଲିଖିତ କାଗଜାତ୍ ସହିତ ପ୍ରସ୍ତାବ ଗୁଡ଼ିକ ଅନ୍‌ଲାଇନ ଇ-ମେଲ ଆଇଡ଼ି: ro1drtctak-dfs@nic.in ମାଧ୍ୟମରେ କିମ୍ବା ବ୍ୟକ୍ତିଗତ ଭାବେ ତା.୨୯.୧୦.୨୦୧୯ରିଖ ଅପରାହ୍ନ ୫.୦୦ ଘଟିକା ପୂର୍ବରୁ ଦାଖଲ କରିବା ଉଚିତ୍: (କ) ସଠିକ୍ ଭାବେ ପୁରଣ କରାଯାଇଥିବା ଘୋଷଣାନାମା, (ଖ) ସଠିକ୍ ଭାବେ ପୁରଣ କରାଯାଇଥିବା ଅନ୍‌ଲାଇନ ଇ-ନିଲାମ ବିଡ୍ ଫର୍ମ, (ଗ) ଅମାନତ ଜମା ଦାଖଲ ପ୍ରମାଣ ପତ୍ର, (ଘ) ଗୋଟିଏ ଫଟୋଗ୍ରାଫ, (ଙ) ଠିକଣା ପ୍ରମାଣପତ୍ର, (ଚ) ବାସସ୍ଥାନ ପ୍ରମାଣପତ୍ର ଏବଂ (ଛ) ପାନ୍ କାର୍ଡର ଏକ ନକଲ।
ସଂରକ୍ଷିତ ମୂଲ୍ୟରୁ କମ ଏବଂ ଅମାନତ ରାଶି ବିନା ଦିଆଯାଇଥିବା ପ୍ରସ୍ତାବକୁ ନାକଚ କରାଯିବ। ନିଲାମଧାରୀମାନଙ୍କୁ ଫଟୋ ପରିଚୟପତ୍ର, ଠିକଣା ପ୍ରମାଣ ପତ୍ର ଏବଂ ଗୋଟିଏ ଫଟୋ ଅପ୍‌ଲୋଡ କରିବାକୁ ଅନୁରୋଧ।
ମାନ୍ୟବର ଋଣ ଅସୁଲି ଅଧିକାରୀଙ୍କ ଦସ୍ତଖତ ଏବଂ ମୋହର ସହ କଟକଠାରେ ତା.୦୬.୦୮.୨୦୧୯ରିଖରେ ଆଦିଷ୍ଟ। ସ୍ୱା/-(ଏସ୍. ଆର୍. ପରିଡା)
ରିକଭରୀ ଅଫିସର

ମନେ ପଡ଼ନ୍ତି

ଦ୍ୱାଦଶାହ ଉପଲକ୍ଷେ ଅଶ୍ରୁଳ ଶ୍ରଦ୍ଧାଞ୍ଜଳି



ସ୍ୱର୍ଗତ ଶୁଭେନ୍ଦୁ ରଥ
ଜଗଦା, ରାଉରକେଲା
ଆବିର୍ଭାବ: ୨୯।୦୮।୧୯୫୦
ତିରୋଧାନ: ୦୮।୦୯।୨୦୧୯
ତୁମ ଆକସ୍ମିକ ତିରୋଧାନର ଆଜି ଦ୍ୱାଦଶାହ। ଆମ ମା’ ପୁଅଙ୍କ ପାଇଁ ଚାରିଆଡ ଅନ୍ଧାର। ତୁମ ନନା, ଭାଉଜ, ଭଉଣୀ-ଭିଣୋଇମାନେ, ପିଲାମାନେ ଆଉ ତୁମ ବନ୍ଧୁବର୍ଗ ସମସ୍ତେ ସ୍ତବ୍ଧ ଆଉ ମର୍ମାହତ। ତୁମେ ଥିଲ ଅମାୟିକ, କଳାପ୍ରାଣ, ଶାନ୍ତ, ସରଳ ଓ ସାମାଜିକ ପରିବର୍ତ୍ତନର ବାର୍ତ୍ତାବହ। ଈଶ୍ୱର ତୁମ ଆତ୍ମାକୁ ସଦ୍‌ଗତି ଦିଅନ୍ତୁ, ଏତିକି ପ୍ରାର୍ଥନା। ତୁମ ହତଭାଗ୍ୟ ପୁଅ ‘ଟିକୁ’କୁ ଆଶୀର୍ବାଦ କରୁଥାଅ।
।। ତୁମର ଶୋକ-ସନ୍ତପ୍ତା ପତ୍ନୀ- ଅନୁ।।
-ଶୋକାକୁଳ ପରିବାର-
ଲଲାଟେନ୍ଦୁ, ଶାନ୍ତି, ପ୍ରଫୁଲ୍ଲ, ପ୍ରତିମା, ଆଦିତ୍ୟ, ମହିମା, କୁଲୁ, ରୁଚି, ଗୀତା, ବବ୍‌ଲି, ଡାବୁନ୍, ପିନୁ
ଧ-୬୭୨୩୨

ଅଶ୍ରୁଳ ଶ୍ରଦ୍ଧାଞ୍ଜଳି



ସ୍ୱର୍ଗତ କୃଷ୍ଣଚନ୍ଦ୍ର ରଥ
ସ୍ୱାଧୀନତା ସଂଗ୍ରାମୀ
ଗ୍ରାମ- ବାଣପୁର, ଅଳଗୁମ, ସତ୍ୟବାଦୀ, ପୁରୀ
ପ୍ରଥମ ସରପଞ୍ଚ ଶୁକଳ ଗ୍ରାମ ପଞ୍ଚାୟତ
ପ୍ରତିଷ୍ଠାତା- ଅଳଗୁମ ମୌଳିକ ସ୍କୁଲ
ଆବିର୍ଭାବ: ଜନ୍ମାଷ୍ଟମୀ ୧୯୨୫
ତିରୋଧାନ: ଅଶ୍ୱପଞ୍ଚମୀ ୧୯୭୨
ଆଜିର ପୁଣ୍ୟ ତିଥିରେ ଆପଣଙ୍କୁ କୋଟି କୋଟି ପ୍ରଣାମ।
ଶୋକସନ୍ତପ୍ତ ପରିବାରବର୍ଗ
ବିଜୟ କିଶୋର ରଥ
ତଳମାଳି ସାହି, ପୁରୀ
ଧ-୬୩୭୮୮

## ଗଣବଳାତ୍କାର ମାମଲା
## ଜଣେ ଅଭିଯୁକ୍ତଙ୍କୁ ୨୦ ବର୍ଷ ଜେଲ

ଫୁଲବାଣୀ ଅଫିସ, ୧୮।୯


କନ୍ଧମାଳ ଜିଲା ଖଜୁରିପଡା ଥାନା ଅଞ୍ଚଳରେ ୨୦୧୫ରେ ହୋଇଥିବା ଏକ ଗଣବଳାତ୍କାର ମାମଲାର ରାୟ ବୁଧବାର ପ୍ରକାଶ ପାଇଛି। ଫୁଲବାଣୀ ଅତିରିକ୍ତ ଦୌରାଜଜ୍ ତଥା ପୋକ୍‌ସୋ କୋର୍ଟ ବିଚାରପତି ସମରବିଳାସ ବେହେରା ଜଣେ ଅଭିଯୁକ୍ତଙ୍କୁ ୨୦ ବର୍ଷ ସଶ୍ରମ କାରାଦଣ୍ଡାଦେଶ ସହ ୫୦ ହଜାର ଟଙ୍କା ଜରିମାନା କରିଛନ୍ତି। ଜରିମାନା ଅନାଦାୟ ଅଧିକ ୬ ମାସ ଜେଲ ଭୋଗିବା ପାଇଁ ରାୟରେ ଉଲ୍ଲେଖ ରହିଛି। ଅଭିଯୁକ୍ତ ଜଣକ ହେଲେ ଖଜୁରିପଡା ଥାନା କୁକୁର୍‌କୁମ୍ପାର ଦଶରଥ ସେଠୀ ଓରଫ ବୁଲୁ।

ଖଜୁରିପଡ଼ା ଥାନା ଅଞ୍ଚଳର ନାବାଳିକା ଜଣଙ୍କ ୨୦୧୫ ଅଗଷ୍ଟ ୨୯ ତାରିଖ ରାତି ପ୍ରାୟ ୧୧ଟାରେ ଘର ପାଖ ପଡ଼ିଆକୁ ଶୌଚ ହେବାକୁ ଯାଇଥିଲେ। ଫେରିବା ବେଳେ ପଡ଼ିଆ ପାଖ ଏକ ଗଛ ମୂଳରେ ଠିଆ ହୋଇଥିବା ଦଶରଥ ଓ ତାଙ୍କ ସହଯୋଗୀ ନାବାଳିକାଙ୍କ ପାଟିକୁ ବନ୍ଦ କରି କିଛି ଦୂର ନେଇ ଯାଇଥିଲେ। ଏକ ଗଛ ମୂଳକୁ ନେଇ ସେଠାରେ ଦଶରଥ ନାବାଳିକାଙ୍କୁ ବଳାତ୍କାର କରିଥିବା ବେଳେ ସହଯୋଗୀ ଜଣକ ତାଙ୍କୁ ସହଯୋଗ କରିଥିଲେ। ଘଟଣା ବିଷୟରେ ଅନ୍ୟ କାହାରିକୁ କହିଲେ ଜୀବନରେ ମାରି ଦେବାକୁ ଧମକ ଦେଇଥିଲେ। ଏପଟେ ଝିଅ ନ ଫେରିବାରୁ ମା’ ଏବଂ ଭଉଣୀ ପଡିଆ ଆଡ଼େ ଖୋଜିବାକୁ ଯାଉଥିବା ବେଳେ ଅଭିଯୁକ୍ତଦ୍ୱୟ ଫେରାର ହୋଇଯାଇଥିଲେ। ନାବାଳିକା ଅସୁସ୍ଥ ଥିବାରୁ ସେ ଘଟଣାର ୨ ଦିନ ପରେ ଅର୍ଥାତ୍ ୩୧ ତାରିଖରେ ଥାନାରେ ଏତଲା ଦେଇଥିଲେ। ପୋଲିସ ଏ ନେଇ ନଂ.୯୫/୧୫ରେ ମାମଲା ରୁଜୁ କରି ଦଶରଥଙ୍କୁ ଗିରଫ କରିଥିଲା। ଅନ୍ୟ ଅଭିଯୁକ୍ତ ଜଣକ ଏବେ ବି ଫେରାର ଅଛନ୍ତି। ଉପଯୁକ୍ତ ସାକ୍ଷ୍ୟ ପ୍ରମାଣକୁ ଭିତ୍ତିକରି ବିଚାରପତି ଉପରୋକ୍ତ ଦଣ୍ଡାଦେଶ ଦେଇଛନ୍ତି। ସରକାରଙ୍କ ପକ୍ଷରୁ ସ୍ୱତନ୍ତ୍ର ପିପି ଅସୀମ କୁମାର ପ୍ରହରାଜ ମାମଲା ପରିଚାଳନା କରୁଥିଲେ।

STATE COUNCIL FOR TECHNICAL EDUCATION & VOCATIONAL TRAINING, ODISHA



ଡିପ୍ଲୋମା ଛାତ୍ର ଛାତ୍ରୀ ଓ ଅଭିଭାବକମାନଙ୍କ ନିମେନ୍ତ ବାୟୋମେଟ୍ରିକ ଉପସ୍ଥାନ ସମ୍ବନ୍ଧୀୟ ନୋଟିସ୍
No. KK-66:
୧. ପଲିଟେକ୍ନିକରେ ଅଧ୍ୟୟନ କରୁଥିବା ଡିପ୍ଲୋମା ଛାତ୍ର ଛାତ୍ରୀ, ପ୍ରତ୍ୟେକ ସେମିଷ୍ଟାର ପରୀକ୍ଷା ଦେବାକୁ ଯୋଗ୍ୟ ବିବେଚିତ ହେବା ପାଇଁ ଅତିକମ୍ ରେ ଶତକଡା ୭୫ ଭାଗ କ୍ଲାସରେ ଉପସ୍ଥାନ ଦେବା ନିହାତି ପ୍ରୟୋଜନ ।
୨. ଏତଦ୍ୱାରା ଡିପ୍ଲୋମା ଅଧ୍ୟୟନ କରୁଥିବା ଛାତ୍ର ଛାତ୍ରୀମାନଙ୍କୁ ପରାମର୍ଶ ଦିଆଯାଉଛି କି ସେମାନେ ନିୟମିତ କ୍ଲାସରେ ଉପସ୍ଥିତ ରହିବା ସହିତ ପ୍ରତିଦିନ ବାୟୋମେଟ୍ରିକ ମେସିନ୍ ଜରିଆରେ ନିଜର ଉପସ୍ଥାନ(ଉଭୟ ଆଗମନ ଓ ପ୍ରସ୍ଥାନ) ନିଶ୍ଚୟ ପ୍ରଦାନ କରିବେ ।
୩. ଏହା ବ୍ୟତୀତ ଛାତ୍ର/ଛାତ୍ରୀମାନେ ସେମାନଙ୍କ ଅନୁଷ୍ଠାନ ମାଧ୍ୟମରେ ନିୟମିତ ଭାବେ ନିଜର ଉପସ୍ଥାନର ତଥ୍ୟ ତଦାରଖ କରିବା ପାଇଁ ପରାମର୍ଶ ଦିଆଯାଉଛି ।
ଯେଉଁ ଛାତ୍ର/ଛାତ୍ରୀଙ୍କର ଉପସ୍ଥାନ ଶତକଡା ୭୫* ଭାଗରୁ କମ୍ ରହିବ ସେମାନେ ସେମିଷ୍ଟାର ପରୀକ୍ଷା ଦେବାରୁ ବଂଚିତ ହେବା ସଙ୍ଗେ ସଙ୍ଗେ ଉକ୍ତ ସେମିଷ୍ଟାରରେ ଅଟକି ରହିବେ ଏବଂ ପରବର୍ତ୍ତୀ ବର୍ଷରେ ପୁନର୍ବାର ସେହି ସେମିଷ୍ଟାରରେ ଆଡ୍‌ମିଶନ ନେବେ । କିନ୍ତୁ ପ୍ରଥମ ସେମିଷ୍ଟାରରେ ଉପସ୍ଥାନ ଶତକଡା ୭୫* ଭାଗରୁ କମ୍ ରହିଲେ ପୁର୍ନବାର ଆଡ୍‌ମିଶନ ସୁବିଧା ମିଳିବ ନାହିଁ ଏବଂ ଆଗକୁ ପଢିବା ପାଇଁ ଯୋଗ୍ୟ ବିବେଚିତ ହେବେନାହିଁ । ଏହି ବ୍ୟବସ୍ଥା ୨୦୧୯ ଶୀତକାଳୀନ ପରୀକ୍ଷାରୁ ଆରମ୍ଭ ହୋଇ ଆଗାମୀ ସମସ୍ତ ପରୀକ୍ଷାରେ ଲାଗୁ କରାଯିବ ।
*ସ୍ୱାସ୍ଥ୍ୟଗତ କାରଣ ହେତୁ ଛାଡ କ୍ଷେତ୍ରରେ ଶତକଡା ୬୦ ଭାଗ ପ୍ରଯୁଜ୍ୟ ।
44002/11/0006/1920
ଉପାଧ୍ୟକ୍ଷ



# ମଣିଷଠୁ ଭିନ୍ନ ନୁହେଁ ପ୍ରାଣୀ



## ପରିବେଶ ପରିଚିନ୍ତା

ମାନେକା ଗାନ୍ଧୀ

ମଣିଷ କ'ଣ ଏକମାତ୍ର ପ୍ରାଣୀ ଯିଏ ଭୋଟ ଦିଏ, ମଦ୍ୟପାନ କରେ, ପରକୀୟା ପ୍ରୀତିରେ ନିମଗ୍ନ ହୁଏ ବା ଅନ୍ୟମାନଙ୍କ କଥାବାର୍ତ୍ତାକୁ ଲୁଚିଲୁଚି କାନ ଡେରି ଶୁଣେ ? ଅନ୍ୟ ପ୍ରାଣୀମାନେ ବି ସେମିତି କରନ୍ତି। ତେଣୁ ଏ ପୃଥିବୀକୁ ଆମେ କାହିଁକି ଏକ ନୂଆ ଦୃଷ୍ଟିରେ ନ ଦେଖିବା ଏବଂ ସବୁ ପ୍ରାଣୀ ସମାନ ବୋଲି ଅନୁଭବ ନ କରିବା ? ତା'ହେଲେ ଆମେ ଆଉ ଅନ୍ୟ ପ୍ରାଣୀମାନଙ୍କ ପୀଡ଼ାର କାରଣ ହେବା ନାହିଁ କିମ୍ବା ଅନ୍ୟମାନଙ୍କର ସେପରି କାର୍ଯ୍ୟ ବା ନିଷ୍ପତ୍ତିକୁ ସହ୍ୟ କରି ପାରିବା ନାହିଁ। ନିକଟରେ ବ୍ରାଜିଲର ରାଷ୍ଟ୍ରପତି ଆମାଜନ ଜଙ୍ଗଲକୁ କାଟି ସେଠାରେ ଗୃହ ନିର୍ମାଣ ଓ ଖଣି ଖନନ କାର୍ଯ୍ୟ କରିବା ପାଇଁ ଯେଉଁ ନିଷ୍ପତ୍ତି ନେଇଛନ୍ତି, ତାହା କେବଳ ଉକ୍ତ ଜଙ୍ଗଲରେ ବାସ କରୁଥିବା ହଜାର ହଜାର ପ୍ରଜାତିର ପ୍ରାଣୀ, କୀଟପତଙ୍ଗ ପ୍ରଭୃତିଙ୍କୁ ଧ୍ୱଂସ କରିବ ନାହିଁ, ବରଂ ତାହାଦ୍ୱାରା ମଣିଷ ସମେତ ଏ ପୃଥିବୀର ଜୀବଜଗତ ଧ୍ୱଂସମୁଖୀ ହେବ। ଯଦି ଗୋଟିଏ ମଣିଷ ଏ ପୃଥିବୀକୁ ଅତ୍ୟନ୍ତ କ୍ଷତିକାରକ ଭାବେ ବଦଳାଇ ଦେଇପାରେ, ତା'ହେଲେ ଆପଣ କାହିଁକି ଏହାକୁ ଭଲ ଦିଗରେ ବଦଳାଇବାକୁ ଚେଷ୍ଟା ନ କରିବେ- ତାହା କେବଳ ଆପଣଙ୍କ ଅଞ୍ଚଳରେ ହେଉ ପଛେ ?

✲ କୁକୁଡ଼ାମାନେ ସାମାଜିକ ଆଭିଜାତ୍ୟକୁ ସମ୍ମାନ ଦିଅନ୍ତି ଏବଂ ପ୍ରତ୍ୟେକ ଦଳରେ କ୍ଷମତାର ଅନୁକ୍ରମ ରହିଛି। ଆମେରିକାନ୍ ନ୍ୟାଚୁରାଲିଷ୍ଟ ପତ୍ରିକାରେ ପ୍ରକାଶିତ ଅକ୍ସଫୋର୍ଡ ବିଶ୍ୱବିଦ୍ୟାଳୟର ଏକ ଗବେଷଣା ଅନୁସାରେ ଗଞ୍ଜାମାନେ ମାଈ କୁକୁଡ଼ା ସହ ଯେତେବେଳେ ମେଟିଂ କରନ୍ତି, ସେତେବେଳେ କୁକୁଡ଼ାମାନେ ନିଜ ଗର୍ଭାଶୟରୁ ନିମ୍ନବର୍ଗର ଗଞ୍ଜାଙ୍କ ଶୁକ୍ରାଣୁକୁ ବାହାର କରିଦିଅନ୍ତି, ଯାହାଫଳରେ କେବଳ ଉଚ୍ଚବର୍ଗର ଗଞ୍ଜାଙ୍କ ଦ୍ୱାରା ନିଷିକ୍ତ ହୋଇ ସେମାନେ ଅଣ୍ଡା ଦେଇ ଉଚ୍ଚମାନର ଛୁଆ ଉତ୍ପନ୍ନ କରିପାରିବେ। ଉଭୟ ଲିଙ୍ଗର କୁକୁଡ଼ା ଅନେକ ସାଥୀଙ୍କ ସହ ମେଟିଂ କରନ୍ତି। କୁକୁଡ଼ାମାନେ ବେଳେବେଳେ ଉଚ୍ଚବର୍ଗର ଗଞ୍ଜାଙ୍କୁ ପସନ୍ଦ କରିବାର ସୁଯୋଗ ପାଆନ୍ତି ନାହିଁ। କାରଣ ନିମ୍ନ ପାହ୍ୟାର ଗଞ୍ଜାମାନେ ଅନେକ ସମୟରେ ସେମାନଙ୍କଠାରୁ ଆକାରରେ ଛୋଟ ମାଈ କୁକୁଡ଼ାଙ୍କ ସହ ଜବରଦସ୍ତ ମେଟିଂ କରନ୍ତି। ଏପରି ସ୍ଥଳେ ମାଈ କୁକୁଡ଼ାମାନେ ଅବାଞ୍ଛିତ ଗଞ୍ଜାଙ୍କ ସହ ଲଢ଼େଇ କରି ନ ପାରି ଅନ୍ୟ ଉପାୟରେ ସେମାନଙ୍କୁ ପ୍ରତ୍ୟାଖ୍ୟାନ କରନ୍ତି। ସେମାନେ ଏପରି ଗଞ୍ଜାଙ୍କ ଶୁକ୍ରାଣୁକୁ ଦେହରୁ କାଢ଼ିଦେବାର ଏକ ଉପାୟ ବିକଶିତ କରିଛନ୍ତି।

✲ ଆଲ୍‌କୋହଲ/ଇଥାନୋଲ (ମଦ) ସେବନ କରିବା ପ୍ରତ୍ୟେକ ମଣିଷ ସମାଜରେ ଚଳେ, ଯେଉଁମାନେ ସୁରାସାର କିଣ୍ୱନ ପ୍ରକ୍ରିୟାରେ ମଦ ପ୍ରସ୍ତୁତ କରନ୍ତି। ଶିମ୍ପାଞ୍ଜିମାନେ ମଧ୍ୟ ମଦ ସେବନ କରନ୍ତି। ରୟାଲ ସାଇନ୍ସ ଓପନ ସୋସାଇଟିର ବୈଜ୍ଞାନିକମାନେ କରିଥିବା ଆବିଷ୍କାର ଅନୁସାରେ ଗିନିର ଶିମ୍ପାଞ୍ଜିମାନେ କିଣ୍ୱନୀକୃତ ତାଳରସ ପାନ କରନ୍ତି। ଏହା ହେଉଛି ପ୍ରାକୃତିକଭାବେ ମିଳୁଥିବା ମଦ, ଯାହାକୁ ମଣିଷମାନେ ବି କିଛି ପରିମାଣରେ ସେବନ କରନ୍ତି। ଏହି ମଦକୁ ସଂଗ୍ରହ କରିବା ଓ ପିଇବା ପାଇଁ ଶିମ୍ପାଞ୍ଜିମାନେ ପାତ୍ର ମଧ୍ୟ ବ୍ୟବହାର କରନ୍ତି। ପତ୍ରଗୁଡ଼ିକ ଛେଚି ସ୍ପଞ୍ଜ ପରି କରି ସେମାନେ ଏହି ମଦ ସେବନ କରନ୍ତି। ସ୍ଲୋ ଲୋରିସ୍ (ଲେମୁର ବିଶେଷ) ବର୍ଟାମ ପାମ୍‌ରୁ କିଣ୍ୱନୀକୃତ ରସ (ଯେଉଁଥିରେ ୩.୮% ଇଥାନୋଲ ଥାଏ) ପାନ କରନ୍ତି। ସେଣ୍ଟ କିଟ୍ସର ଗ୍ରୀନ୍ ମଙ୍କିମାନେ (ମାଙ୍କଡ଼ ବିଶେଷ) ଟୁରିଷ୍ଟମାନଙ୍କ କକ୍‌ଟେଲ (ଆଲ୍‌କୋହଲ ମିଶ୍ରିତ ଫଳରସ)କୁ ଟାର୍ଗେଟ କରନ୍ତି। ତେବେ ପ୍ରାଇମେଟମାନେ ମଣିଷ ପରି ଅତି ପାଚିଲା ଫଳ (ଯେଉଁଥିରେ ଉଚ୍ଚମାତ୍ରାର ଇଥାନୋଲ ଥାଏ) ପ୍ରତି ବିଶେଷ ଆକୃଷ୍ଟ ହୁଅନ୍ତି ନାହିଁ ଓ ସେପରି ଫଳକୁ କ୍ୱଚିତ୍ ଖାଆନ୍ତି।

✲ ମଣିଷମାନେ ଅନ୍ୟମାନଙ୍କୁ ଦେଖି ବୁଝିନିଅନ୍ତି କିଏ ଭଲ ଓ କିଏ ସଂକୀର୍ଣ୍ଣମନା। କୁକୁରମାନେ ବି ସେମିତି କରନ୍ତି କି ? ଚିଜିଓ୍ୱା, କୁରୋଶିମା ପ୍ରଭୃତି ବୈଜ୍ଞାନିକମାନେ ୫୪ଟି କୁକୁରଙ୍କୁ ପରୀକ୍ଷା କରିଥିଲେ, ଯେଉଁମାନେ ତାଙ୍କ ମାଲିକ ଏକ ପାତ୍ରରୁ କିଛି କାଢ଼ିବା ବେଳେ ତାଙ୍କୁ ନିରୀକ୍ଷଣ କରୁଥିଲେ। ଏହି କୁକୁରମାନଙ୍କୁ ତିନିଭାଗରେ ବିଭକ୍ତ କରାଯାଇଥିଲା: ହେଲ୍‌ପର, ନନ୍-ହେଲ୍‌ପର ଓ କଣ୍ଟ୍ରୋଲ। ହେଲ୍‌ପର ଗ୍ରୁପ୍‌ରେ ମାଲିକ ତାଙ୍କୁ ସାହାଯ୍ୟ କରିବା ପାଇଁ ଆଉ ଜଣଙ୍କୁ ଡାକିଲେ, ଯିଏ ପାତ୍ରଟି ତାଙ୍କ ଆଗରେ ଧରିଲେ। ନନ୍-ହେଲ୍‌ପର ଗ୍ରୁପ୍‌ରେ ମାଲିକ ସାହାଯ୍ୟ କରିବାକୁ ଯାହାଙ୍କୁ ଡାକିଲେ ସେ ସାହାଯ୍ୟ ନ କରି ମୁହଁ ବୁଲାଇଦେଇ ପଳାଇଲେ। କଣ୍ଟ୍ରୋଲ ଗ୍ରୁପ୍‌ରେ ମାଲିକଙ୍କୁ ଜଣେ ଲୋକ ବିନା ଡାକରାରେ ଆସି ସାହାଯ୍ୟ କଲା। ଏହାପରେ ପ୍ରତ୍ୟେକେ କୁକୁରଙ୍କୁ କିଛି ଖାଦ୍ୟ ଯାଚିଲେ। କୁକୁରମାନେ ହେଲ୍‌ପର ବା କଣ୍ଟ୍ରୋଲ ପର୍ସନ (ବିନା ଡାକରାରେ ସାହାଯ୍ୟ କରିଥିବା ବ୍ୟକ୍ତି)ଠାରୁ ଖାଦ୍ୟ ନେଲେ କିନ୍ତୁ ନନ୍-ହେଲ୍‌ପର ବା ସାହାଯ୍ୟ କରି ନ ଥିବା ବ୍ୟକ୍ତିଠାରୁ ଖାଦ୍ୟ ନେଲେ ନାହିଁ। କୁକୁରଙ୍କ ଏପରି ବ୍ୟବହାରରୁ ମନେହୁଏ ଅନ୍ୟମାନଙ୍କୁ ନିରୀକ୍ଷଣ କରି ସେମାନେ ଭଲ ବା ଖରାପ ବିଚାର କରିବା ମଣିଷ ଛଡ଼ା ଅନ୍ୟ ପ୍ରାଣୀମାନଙ୍କ କ୍ଷେତ୍ରରେ ବି ସାଧାରଣ।

✲ raisingyourpaws.com ଅନୁସାରେ ମଣିଷଟିଏ ଯେତେବେଳେ ଖୁବ୍ ମାନସିକ ଆଘାତ ପାଏ ବା ଅତ୍ୟନ୍ତ ଭୟଭୀତ ହୋଇଯାଏ, ସେତେବେଳେ ତା'ର ହାତ ଓ ବେଳେବେଳେ ବେକର ଲୋମଗୁଡ଼ିକ ଠିଆ ହୋଇଯାନ୍ତି। ବିରାଡ଼ିମାନଙ୍କ କ୍ଷେତ୍ରରେ ବି ସେପରି ଘଟିଥାଏ। ଆଡ୍ରେନାଲିନ କ୍ଷରଣ କାରଣରୁ ଏହା ଘଟିଥାଏ। ମଣିଷ ବା ବିରାଡ଼ିଙ୍କ ଲୋମଗୁଡ଼ାକ ଠିଆ ହୋଇଗଲେ ସେଥିରୁ ତାଙ୍କର ମାନସିକ ଧକ୍କା ବା ଅତିଶୟ ଭୟ ସୂଚିତ ହୁଏ।

✲ ଯୁବକଟିଏ ଯେତେବେଳେ କୌଣସି ଯୁବତୀକୁ ପ୍ରେମ ନିବେଦନ କରେ ସେତେବେଳେ ସେ ତାକୁ ଏକ ମୂଲ୍ୟବାନ୍ ପଥର (ସୁନା ବା ହୀରା ମୁଦି ବା ଅନ୍ୟ ଗହଣା) ପ୍ରଦାନ କରେ। ପେଙ୍ଗୁଇନ କ୍ଷେତ୍ରରେ ବି ଠିକ୍ ସେଇଆ ଘଟେ। ଏଡିନ୍‌ବର୍ଗ ଚିଡ଼ିଆଖାନାର ଏକ ଗବେଷଣା ଅନୁସାରେ ମଣିଷଙ୍କ ପାଇଁ ଯେମିତି ହୀରା, ଆଡେଲି ପେଙ୍ଗୁଇନ୍‌ମାନଙ୍କ ପାଇଁ ସେମିତି ବାଲିଗରଡ଼ା ହେଉଛି ବହୁତ ମୂଲ୍ୟବାନ୍। ଏହି ଗୋଡ଼ି ସାହାଯ୍ୟରେ ପେଙ୍ଗୁଇନ୍‌ମାନେ ନିଜ ବସା ତିଆରି କରନ୍ତି ଓ ବରଫ ପରି ଥଣ୍ଡା ପାଣି ଉପରେ ନିଜ ଅଣ୍ଡାକୁ ଭାସମାନ ଅବସ୍ଥାରେ ରଖନ୍ତି। ସେମାନେ ବାସ କରୁଥିବା ଆଣ୍ଟାର୍କଟିକା ଉପକୂଳରେ କିନ୍ତୁ ଏପରି ବାଲିଗରଡ଼ା ଖୁବ୍ ଦୁର୍ଲଭ। ତେଣୁ ପେଙ୍ଗୁଇନ୍‌ମାନେ ଅନ୍ୟ ପେଙ୍ଗୁଇନ୍‌ଠାରୁ ବାଲିଗରଡ଼ା ଚୋରି କରନ୍ତି ଏବଂ ସେଥିପାଇଁ ପରସ୍ପର ସହ ଲଢ଼େଇ ବି କରନ୍ତି। ପ୍ରେମ ନିବେଦନ ସମୟରେ ଅଣ୍ଡିରା ପେଙ୍ଗୁଇନ୍ ମାଈ ପେଙ୍ଗୁଇନ୍‌କୁ ବାଲିଗରଡ଼ା ଉପହାର ଦିଅନ୍ତି। ଯଦି ମାଈଟି ଏଇ ଉପହାର ଗ୍ରହଣ କରେ ତେବେ ପରସ୍ପର ଭିତରେ ପ୍ରେମ ହୋଇଯାଏ ଓ ଉଭୟ ସାରାଜୀବନ ସାଥୀ ହୋଇ ରହନ୍ତି। କିନ୍ତୁ ମଣିଷଙ୍କ ପରି ଲୋଭରେ ଏଇ ମୂଲ୍ୟବାନ୍ ପଥର ନେଇ କେତେକ ମାଈ ପେଙ୍ଗୁଇନ୍ ଅନେକ ସମୟରେ ନିଜର ସାଥୀ ଥାଇ ବି ଅନ୍ୟ ପୁରୁଷ ସହ ମେଟିଂ ପାଇଁ ରାଜି ହୋଇଯାନ୍ତି। ଏପରି ମାଈ ପେଙ୍ଗୁଇନ୍‌ଙ୍କୁ ତାଙ୍କ ଜାତିର ଗଣିକା ବୋଲି କୁହାଯାଇପାରେ।

✲ ନେଚର ପତ୍ରିକାରେ ପ୍ରକାଶିତ ତଥ୍ୟ ଅନୁସାରେ ମୂଷାମାନେ ମୁଖଭଙ୍ଗୀ ମାଧ୍ୟମରେ ମଣିଷ ପରି ନିଜର ଯନ୍ତ୍ରଣା ପ୍ରକାଶ କରନ୍ତି। ସେମାନଙ୍କର ବିଭିନ୍ନ ପ୍ରକାର ମୁଖଭଙ୍ଗୀ ବୈଜ୍ଞାନିକମାନେ ରେକର୍ଡ କରିଛନ୍ତି।

✲ ମଣିଷ କ'ଣ ଏକମାତ୍ର ପ୍ରାଣୀ ଯିଏ ଭୋଟ ଦିଏ ? ୟୁରେସିଆର ରେଡ୍ ଡିୟର (ଲାଲ୍ ହରିଣ) ବଡ଼ ବଡ଼ ଦଳରେ ଚରନ୍ତି ବା ଶୁଅନ୍ତି। କେତେକ ହରିଣ ଅନ୍ୟତ୍ର ଯିବା ପାଇଁ ପ୍ରସ୍ତୁତ ହୋଇ ଠିଆ ହୋଇଯାନ୍ତି। କିନ୍ତୁ ଗବେଷକଙ୍କ ମତରେ ଯେତେବେଳେ ୬୦ ପ୍ରତିଶତ ବୟସ୍କ ହରିଣ ଠିଆ ହୋଇ ନିଜ ଗୋଡ଼ ସାହାଯ୍ୟରେ ଯିବା ସପକ୍ଷରେ ଭୋଟ ଦିଅନ୍ତି, ସେତେବେଳେ ଯାଇ ପୂରା ଦଳ ଯିବାକୁ ଆରମ୍ଭ କରେ। ତେଣୁ ସେମାନଙ୍କ ଭିତରେ ଯେ ଗଣତାନ୍ତ୍ରିକ ଚିନ୍ତାଧାରା ପ୍ରଚଳିତ ତାହା ବୁଝିବାରେ ଅସୁବିଧା ହୁଏ ନାହିଁ।

Email: gandhim@nic.in

# କେତେଦିନକୁ ମନ ବାନ୍ଧିଛୁ ଆଣ୍ଟି



ଡ. ତ୍ରିନାଥ ପଟ୍ଟନାୟକ

ଜ୍ଞାନ, ଗରିମା ଓ ଚରିତ୍ରରୁ ତେଜସ୍ୱିତା ପ୍ରକାଶ ପାଇଥାଏ। ତା' ପାଇଁ କେହି ଶରୀରକୁ ସଜାଇ ଅହଂପୂର୍ଣ୍ଣ ବାର୍ତ୍ତା ବାଣ୍ଟି ତେଜସ୍ୱୀ ହୋଇଯାଏ ନାହିଁ। କାର୍ଯ୍ୟସିଦ୍ଧି ଇଚ୍ଛା କରୁଥିବା ମନସ୍ୱୀ ପୁରୁଷ କେତେବେଳେ ଭୂମି ଉପରେ ଶୟନ କରେ ତ କେତେବେଳେ ପଲଙ୍କ ଉପରେ, କେତେବେଳେ ଶାଗପତ୍ର ଖାଏ ତ କେତେବେଳେ ମଠାପାଟ ମଧ୍ୟ ପରିଧାନ କରେ। ସେଥିପାଇଁ ସେ ନିଜକୁ ଅନ୍ୟ ନିକଟରେ ଉତ୍ତମ ରୂପେ ଉପସ୍ଥାପନ କରିବା ନିମନ୍ତେ ପ୍ରସ୍ତୁତ କରାଇ ନ ଥାଏ।

ଯେଉଁମାନେ ପ୍ରତିଭାବାନ ସେମାନେ ନିଜକୁ କାହିଁକି ସଜେଇବେ ? କାହିଁକି ନା ସେମାନଙ୍କ ହୃଦୟକୁ ସୁନ୍ଦରୀମାନଙ୍କ କଟାକ୍ଷ ବାଣ ବିଦୀର୍ଣ୍ଣ କରିପାରେ ନାହିଁ। କ୍ରୋଧରୂପୀ ଅଗ୍ନିତାପ ଜ୍ୱାଳା ଦେଇପାରେ ନାହିଁ। ବିଷୟ ବାସନା ଲୋଭପାଶ ଦ୍ୱାରା ଟାଣିପାରେ ନାହିଁ। ସେହି ତ ସମସ୍ତ ହୃଦୟକୁ ଜିଣିପାରେ। ନିଜ ଶରୀର ସୌନ୍ଦର୍ଯ୍ୟ ପ୍ରତି ସେ କାହିଁକି ଗୁରୁତ୍ୱ ଦେବ ?

ଜଣେ ଅଭିନେତା ଅଭିନୟ ମାଧ୍ୟମରେ ନିଜକୁ ସଜାଇପାରେ। କିଶୋର ବୟସରେ ଯୁବତୀଯୁବକମାନେ ନିଜ ତନୁ ତନିମାକୁ ଆକର୍ଷିତ କରାଇଥାନ୍ତି। ତାହା ବୟସର ଦାବି। ମାତ୍ର ଜଣେ ସମାଜସେବୀ, ନେତା ବୋଲାଉଥିବା ବ୍ୟକ୍ତି, ଜଣେ ସଂସାରବିରାଗୀ, ସାଧୁ ସନ୍ନ୍ୟାସୀ ବୋଲି ନିଜକୁ ଚିହ୍ନାଉଥିବା ବ୍ୟକ୍ତି ପ୍ରତିଦିନ ପ୍ରସାଧନର ପ୍ରଲେପ ନେଇ ସଜାଇବାର କିଛି ମାନେ ନାହିଁ। ତା' ଦ୍ୱାରା ନିଜର ବ୍ୟକ୍ତିତ୍ୱ ଓ ତେଜସ୍ୱିତାର ପରିପ୍ରକାଶ ଆଦୌ ଘଟିବ ନାହିଁ, ବରଂ ସେ ସମାଜରେ ସମାଲୋଚିତ ହେବେ।

ଜଣେ ନେତାଙ୍କୁ ଦୀର୍ଘ ସମୟ ଧରି ଅପେକ୍ଷା କରିବାକୁ ପଡ଼ିଲା। ସେ ବିଭିନ୍ନ ପ୍ରସାଧନ ଓ ଆକର୍ଷକ ପୋଷାକରେ ସଜାଇ ବାହାରକୁ ବାହାରିଲେ। ମୁଁ ବ୍ୟସ୍ତ ହେଉଥାଏ, ଆଉ ମନେ ମନେ ଭାବୁଥାଏ ଗାନ୍ଧୀ, ଗୋପବନ୍ଧୁ ଯଦି ନିଜ ଶରୀର ପ୍ରତି ଏମିତି ଯତ୍ନ ନେଉଥାନ୍ତେ, ତେବେ ସେମାନେ ଦେଶସେବା କେତେବେଳେ କରିଥାନ୍ତେ। ଆଉ ଥରେ ଜଣେ ସାଧୁ ଯାତ୍ରାପାର୍ଟି କଳାକାର ଭଳି ମୁହଁରେ ତୀବ୍ର ପ୍ରସାଧନ ନେଇ ମଞ୍ଚ ଉପରକୁ ଆସିଲେ। ଓଠର ସୌନ୍ଦର୍ଯ୍ୟ ବଢ଼ାଇବା ନିମନ୍ତେ ଆରକ୍ତ ରଞ୍ଜିତ କରିଥାନ୍ତି। ସେମାନେ ବୁଝନ୍ତି ନାହିଁ ସାଧୁର ସୌନ୍ଦର୍ଯ୍ୟ ପ୍ରତି ସମାଜ ଆକର୍ଷିତ ହୁଏ ନାହିଁ। ସେଥିପାଇଁ ତ ସେମାନେ ମୁଣ୍ଡନ ହୁଅନ୍ତି କି ଅଯତ୍ନ ଭାବେ ଦାଢ଼ି ନିଶ ବାଳ ବଢ଼ାଇ ଦିଅନ୍ତି। ଦେହରେ ପାଉଁଶ ବୋଳନ୍ତି। ବଚନ ଓ ଆଚରଣ ଦ୍ୱାରା ସାଧାରଣ ଜନତା ପ୍ରଭାବିତ ହୁଅନ୍ତି, ଚେହେରାକୁ ଚାହିଁ ନୁହେଁ। ସାଧୁମାନେ ଏସବୁ କଥା ବୁଝିଥିଲେ। ଯଦି ବିଚାରପୂର୍ବକ ଦେଖାଯାଏ ତେବେ ଜଣାପଡ଼େ ସଂସାରରେ ଜୀବନ ନିର୍ବାହ ଓ ଶରୀର ରକ୍ଷା ନିମନ୍ତେ ରୁଚିକର ଅନ୍ନ, ଡାଲି, ତରକାରି, ଥଣ୍ଡା ପାଣିର ଆବଶ୍ୟକତା ଅଛି। ଶୀତୋଷ୍ଣରୁ ରକ୍ଷା ପାଇବା ନିମନ୍ତେ ଦୁଇ ଚାରିଖଣ୍ଡ ବସ୍ତ୍ର ହେଲେ ଚଳିଲା। ଏହା ବ୍ୟତୀତ ଯିଏ ଅଧିକ ଚାହେଁ ତାକୁ ଆମେ ବାହ୍ୟ ଆଡ଼ମ୍ବର ବା ଫେଶନ ବୋଲି କହିବା।

ଆଜିକାଲି ବିଦେଶୀ ସଂସ୍କୃତିକୁ ଆଖିଆଗରେ ରଖି ଆମେ କପଡ଼ାକୁ କାଟି ଅତି ଛୋଟ ଖଣ୍ଡ କରି ପୁଣି ଯୋଡି ଦେହ ଦେଖାଯିବା ଭଳି ପୋଷାକ ପ୍ରସ୍ତୁତ କରୁଛୁ। ତାହାକୁ ପିନ୍ଧୁଛୁ। କେବଳ ଫେଶନ ନିମନ୍ତେ ଯେତିକି କପଡା ନଷ୍ଟ ହେଉଛି ଆମ ଦେଶର ଅର୍ଦ୍ଧନଗ୍ନ ରହୁଥିବା ବହୁ ଲୋକଙ୍କର ଶରୀର ତହିଁରେ ଢଙ୍କା ଯାଇପାରନ୍ତା। ବିଳାସପ୍ରିୟତା ଆମମାନଙ୍କୁ ଅହଂଭାବର ନିର୍ଜୀବ କାଠକଣ୍ଢେଇ ସଜାଇ ଦେଲାଣି। ସେଥିପାଇଁ ଆମେ ଆମ ନିଜ ଦେଶ, ଭାଷା, ଜାତି, ଧର୍ମ ଓ ଐତିହ୍ୟ ଗୌରବର ସ୍ୱାଭିମାନକୁ ଭୁଲିଗଲୁଣି। ପଞ୍ଚ ଭୌତିକ ଶରୀରରେ ପ୍ରାକୃତିକ ସୌନ୍ଦର୍ଯ୍ୟ, ସଦ୍‌ଗୁଣ ଓ ସାତ୍ତ୍ୱିକ ବିଚାର ଭରି ରହିଥାଏ। ମାତ୍ର ତାକୁ ଆମେ ଉନ୍ମୋଚନ ନ କରି ବାହ୍ୟାଡମ୍ବରରେ ମାତିଥାଉ। ଆଉ ଗୋଟିଏ କଥା ମନେରଖିବା ଉଚିତ, ଆମେ ଏଇ ସଂସାରକୁ ଲଙ୍ଗଳା ହୋଇ ଆସିଥିଲେ। ଆଉ ଦିନେ ନିଶ୍ଚିତ ଭାବେ ଆମେ ସମସ୍ତ ବ୍ୟସନବାସନାକୁ ଏଇଠି ଛାଡ଼ିଦେଇ ଚାଲିଯିବା। ଏତେ ଭଲରେ ଥିବା, ସଜେଇ ରଖିଥିବା, ସୁଗନ୍ଧ ଲେପନ କରିଥିବା ଶରୀର ଖଣ୍ଡିକ ଅଗ୍ନିରେ ଭସ୍ମ ହେବ କି ମାଟିରେ ମାଟି ହୋଇ ମିଶିଯିବ। ଆମର ମୂଲ୍ୟବାନ ପରିଧାନ, ସ୍ୱର୍ଣ୍ଣ ଅଳଙ୍କାର ସବୁକୁ ପରିବାର ଲୋକେ ଛଡେଇ ରଖିବେ। କିଛି ହେଲେ ଆମ ସାଥିରେ ନେବା ପାଇଁ ଦେବେ ନାହିଁ।

ଏବେ କୁହ ତ ଆମର ବିଳାସବ୍ୟସନ, ଅନ୍ୟକୁ ଆକର୍ଷିତ କରିବାର ପ୍ରଚେଷ୍ଟାର ପରିଣତି କ'ଣ ହେଲା ? ଶରୀରସର୍ବସ୍ୱ ହୋଇ, ନିଜକୁ ଶ୍ରେଷ୍ଠ ମଣି କ'ଣ ପାଇଲେ ? ଆମ ପାଇଁ ସ୍ୱତନ୍ତ୍ର ମାଟି କିମ୍ବା ସ୍ୱତନ୍ତ୍ର ଅଗ୍ନିର ବ୍ୟବସ୍ଥା ହେଲା କି? ନିଆଁ ସମସ୍ତଙ୍କ ପାଇଁ ଏକମାତ୍ର ନିଆଁ, ମାଟି ମଧ୍ୟ ଧନୀ ଗରିବ ଜ୍ଞାନୀ ମାନୀ ସମସ୍ତଙ୍କ ପାଇଁ ସେଇ ଏକମାତ୍ର ମାଟି।


ଆମେ ସର୍ବଦା ବୁଝିବିଚାରି କାମ କରିବା ଉଚିତ। ନିଜକୁ ନିଜେ ଚିହ୍ନିବା ପ୍ରୟୋଜନ। ଆତ୍ମଜ୍ଞାନ ଲୋଡ଼ା। ମନ ସ୍ଥିର କରି ପ୍ରକୃତି ଓ ପରିବେଶକୁ ଲକ୍ଷ୍ୟ କର। ସେଇଠି ଅଛନ୍ତି ଈଶ୍ୱର। ଯେଉଁ ଈଶ୍ୱର ସମସ୍ତଙ୍କ ପାଇଁ ଏକ। ସେଥିପାଇଁ ପ୍ରକୃତି ସ୍ୱରୂପ ହିଁ ଆନନ୍ଦ ବ୍ରହ୍ମ। ଜ୍ଞାନୀ ହୁଅ, ପ୍ରକୃତିକୁ ଭଲ ପାଅ, ପ୍ରାଣୀ ପ୍ରତି ପ୍ରେମ କର, ଜୀବହିଂସା କରନାହିଁ। ତେବେ ତୁମେ ହୋଇଯିବ ସତ୍ୟମ୍ ଶିବମ୍ ସୁନ୍ଦରମ୍।

ନିଆଳି, କଟକ, ମୋ-୯୯୩୭୮୪୦୩୮୭

## ଏଇ ଭାରତରେ

ଭାରତରେ ଉଚ୍ଚଶିକ୍ଷା କ୍ଷେତ୍ରରେ ଛାତ୍ର ଓ ଶିକ୍ଷକ ଅନୁପାତ ନୈରାଶ୍ୟଜନକ ଥିବାବେଳେ ଏକ ବିଶ୍ୱବିଦ୍ୟାଳୟର ଗୋଟିଏ ବିଭାଗରେ ଜଣେ ଛାତ୍ରକୁ ୭ ଜଣ ପ୍ରାଧ୍ୟାପକ ରହିଥିବା ଭଳି ରୋଚକ ଖବର ସାମ୍ନାକୁ ଆସିଛି। ଆଉ ମଧ୍ୟ ସେହି ଛାତ୍ର ଜଣକ ବାର୍ଷିକ ପରୀକ୍ଷାରେ ଫେଲ୍ ହେବା ଘଟଣା ଆହୁରି ଆଶ୍ଚର୍ଯ୍ୟଜନକ । ଏମିତି ଏକ ଘଟଣା ଘଟିଛି ଛତିଶଗଡ଼ ରାୟପୁରସ୍ଥିତ ପଣ୍ଡିତ ରବିଶଙ୍କର ଶୁକ୍ଲା ବିଶ୍ୱବିଦ୍ୟାଳୟ (ଆର୍‌ବିବି)ରେ। ଏହି ବିଶ୍ୱବିଦ୍ୟାଳୟରେ ଏମ୍‌ଫିଲ୍ ପାଠ୍ୟକ୍ରମକୁ ଶନିଦଶା ଚଳିବା ଭଳି ମନେହେଉଛି। ଏମିତି ଦୁର୍ଦ୍ଦଶା ପଡିଛି ଯେ, ଜଣେ ଛାତ୍ରଙ୍କ ପାଇଁ ଖୁବ୍ କସରତ କରିଛି ଏହି ବିଶ୍ୱବିଦ୍ୟାଳୟ। ବିଶେଷକରି ୨୦୧୯ ମାର୍ଚ୍ଚ-ଏପ୍ରିଲ୍‌ରେ ଅନୁଷ୍ଠିତ ଏମ୍‌ଫିଲ୍ କମ୍ପ୍ୟୁଟର ସାଇନ୍ସର ବାର୍ଷିକ ପରୀକ୍ଷାରେ ଜଣେ ଛାତ୍ର ପରୀକ୍ଷା ଦେଇଥିଲେ। ଏହାର ଫଳ ଚାରି ମାସ ପରେ ବାହାରିଛି। ତାହା ପୁଣି ଶୂନ, ଅର୍ଥାତ୍ ପରୀକ୍ଷାର୍ଥୀ ଜଣକ ଫେଲ୍। ଏହି ପାଠ୍ୟକ୍ରମରେ ନିୟମିତ ଓ ଚୁକ୍ତିଭିତ୍ତିକ ପ୍ରାଧ୍ୟାପକଙ୍କ ସଂଖ୍ୟା କିନ୍ତୁ ୭। ଏତେ ଜଣ ଫାକଲ୍‌ଟି ଥାଇ ବି ପରୀକ୍ଷାର୍ଥୀ ପାସ୍ କରି ନ ପାରିବା ଯୋଗୁ ଆର୍‌ବିବିକୁ ଶୂନ ପ୍ରତିଶତ ଫଳ ଘୋଷଣା କରିବାକୁ ପଡିଛି। ଏମ୍‌ଫିଲ୍‌ରେ ଅତିକମ୍‌ରେ ପାଞ୍ଚଜଣ ଛାତ୍ର ଆବଶ୍ୟକ ଥିବାବେଳେ କମ୍ପ୍ୟୁଟର ସାଇନ୍ସରେ କିଭଳି ଜଣେ ପରୀକ୍ଷା ଦେଇଥିଲେ ଓ ତାହା କିପରି ଫଳଶୂନ୍ୟ ହୋଇଛି, ସେ ବିଷୟରେ ତଦନ୍ତ କରିବାକୁ ପଡିବ ବୋଲି ସ୍ପଷ୍ଟୀକରଣ ଦେଇଛନ୍ତି ବିଶ୍ୱବିଦ୍ୟାଳୟର କୁଳପତି ଡ. ଗିରୀଶକାନ୍ତ ପାଣ୍ଡ୍ୟା।

# ଗୋଟିଏ ଟଙ୍କା



ଡ. ସୁବାସ ଚନ୍ଦ୍ର ପାତ୍ର

ଆଜି ଯଦି ଜଣେ ଯୁବକ ବା କିଶୋରକୁ ପଚରାଯାଏ ଗୋଟିଏ ଟଙ୍କା ସମାନ କେତେ? ସେ ହୁଏତ ତାଜୁବ ହେବ, ବିରକ୍ତ ହେବ ଏ ପ୍ରକାର ନିରର୍ଥକ ପ୍ରଶ୍ନ ଉତ୍ଥାପନ ପାଇଁ। ସେ ହୁଏତ କହିବ ଲକ୍ଷେ ଟଙ୍କା ସମାନ କେତେ ପଚାରନ୍ତୁ, ଏକ ଟଙ୍କା ତ ଏକଟଙ୍କା। ପଇସାର ପ୍ରଚଳନ ଆପାତତଃ ବନ୍ଦ ହୋଇଯାଇଥିବାରୁ ଏକ ଟଙ୍କା ଯେ ଶହେ ପଇସା ସେ ଅବା କାହୁଁ ଜାଣିବ। ଅବଶ୍ୟ ଏବେ ବି ଗୋଟିଏ ଟଙ୍କା ଭିତରେ ୪ଟି ୨୫ ପଇସି, ଦୁଇଟି ୫୦ ପଇସି ଅଛି।

ଏବେ କୋଟିଏ ଟଙ୍କାର ପ୍ରଶ୍ନ (କୋନ୍ ବନେଗା କରୋଡପତି ପ୍ରସଙ୍ଗ) ପଚରା ଯାଉଥିବା ବେଳେ ଗୋଟିଏ ଟଙ୍କା କ'ଣ ପ୍ରଶ୍ନବାଚୀ ସୃଷ୍ଟି କରିପାରେ, ପ୍ରସଙ୍ଗ ପାଲଟି ପାରେ? ଅଥଚ ଏକ ସମୟରେ ବହୁତ କଥା ଏହି ଆଠଅଣି, ଟଙ୍କାଏ, ଦୁଇଟଙ୍କାକୁ ନେଇ ଘୂରିବୁଲୁଥିଲା। ୬୦ ଦଶକରେ ଯେତେବେଳେ ଦୈନିକ ମଜୁରି ଏକଟଙ୍କା ଥିଲା ସେତେବେଳେ ସମାଜର ଦୁର୍ବଳ ଶ୍ରେଣୀର ଲୋକ ଗୋଟିଏ ଟଙ୍କାର ସଉଦା କିଣି ଆରାମରେ ଘରକୁ ଫେରୁଥିଲେ। ଦୋକାନରେ ପହଞ୍ଚି ଲୋକଟି କହୁଥିଲା- ''ମୋତେ ଗୋଟେ ଟଙ୍କାର ସଉଦା ଦେ। ହଁ, ଶୁଣ୍ ମୋତେ ୨୫ ପଇସାରେ ଡାଲି, ୨୫ପଇସାର ତେଲ, ୪୦ ପଇସାର ଚାଉଳ ଆଉ ପାଞ୍ଚ ପାଞ୍ଚ ପଇସାର ଲୁଣ, ଆଉ ଦୋକ୍ତା (ଧୂଆଁପତ୍ର) ଦେ।'' ଗାମୁଛାରେ ଚାଉଳ, ଡାଲି, ଲୁଣ, ଧୂଆଁପତ୍ରର ପୁଡ଼ିଆ ବାନ୍ଧି ଘରକୁ ଫେରୁଥିଲା। ଏହି କଥା ଭାବି ଖୁସି ହେଉଥିଲା ଯେ ଆଜି ତା' ସ୍ତ୍ରୀ, ପିଲାଛୁଆ ଉପାସରେ ରହିବେ ନାହିଁ। ଏ ଥିଲା ଗୋଟିଏ ଟଙ୍କା ବିନିମୟର ଶାନ୍ତି, ଗୋଟିଏ ଦିନର ଆଶ୍ୱସ୍ତି। କାଲିକଥା କାଲିକି ବୁଝାଯିବ।

ଖାଲି ଦିନ ମଜୁରିଆ ନୁହେଁ, ଶିକ୍ଷିତ ଯୁବତୀଯୁବକ ମଧ୍ୟ ଏକ ଟଙ୍କାର ମୂଲ୍ୟ ବୁଝୁଥିଲେ। ଆଉ ତା'ର ମହାର୍ଘତା ବୁଝୁଥିଲେ ଶିକ୍ଷାନୁଷ୍ଠାନର କର୍ତ୍ତୃପକ୍ଷ। ୧୯୭୬-୭୮ରେ ରେଭେନ୍‌ଶାରେ ଏମ୍.ଏ. ପଢ଼ିଲାବେଳେ ହଷ୍ଟେଲର ମାସିକ ମେସ୍‌ଖର୍ଚ୍ଚ (ଖାଦ୍ୟ ଖର୍ଚ୍ଚ) ଥିଲା ଏକ ଟଙ୍କା ହିସାବରେ ୬୦ଟି ମିଲ୍ ପାଇଁ ୬୦ ଟଙ୍କା ଓ ଅଣଖାଦ୍ୟ ଖର୍ଚ୍ଚ ୧୮ ଟଙ୍କା। ଟଙ୍କିକିଆ ମିଲ୍‌ରେ ଖାଦ୍ୟର ଗୁଣବତ୍ତା ରହୁ ନ ଥିଲା। ଅଧ୍ୟକ୍ଷ ଡ. ମହେନ୍ଦ୍ର କୁମାର ରାଉତଙ୍କୁ ଏ କଥା କହିଲା ପରେ ସେ ଦିନେ ରାତିରେ ହଷ୍ଟେଲ ଆସିଲେ। ପେଯମିଶା ଭାତ, ପାଣିମିଶା ଡାଲି, ହଳଦିଆ ପାଣିରେ ଭାସୁଥିବା ମଟର ଆଳୁର ଅସହଯୋଗ ନିଜ ଆଖିରେ ଦେଖିଲେ, ଦୁଃଖ ପ୍ରକାଶ କଲେ, ସହାନୁଭୂତିଶୀଳ ହେଲେ କିନ୍ତୁ କହିଲେ, ''ଖାଇବା ପାଇଁ ମାସକୁ ଏହି ୬୦ଟଙ୍କା ଦେବାକୁ ପଡ଼ିବ ବୋଲି ଅନେକ ପିଲା ହଷ୍ଟେଲରେ ରହୁନାହାନ୍ତି। ମିଲ୍ ଖର୍ଚ୍ଚ ସେହି ୬୦ଟଙ୍କା ରହିବ। ଭିନ୍ନ ଏକ ରସିଦରେ ତୁମେମାନେ ମିଲ୍ ଖର୍ଚ୍ଚ ପାଇଁ ମାସକୁ ଆଉ ୧୦ଟଙ୍କା ଦେବ, କିନ୍ତୁ କଲେଜ କ୍ୟାଲେଣ୍ଡରରେ ମେସ୍ ଖର୍ଚ୍ଚ ସେହି ୬୦ଟଙ୍କା ହିଁ ଲେଖା ରହିବ।'' ପାଦେ ଆଗେଇ ଯାଇ ଡ. ରାଉତ ମରମ କଥାଟି କହିଲେ, ''ମୋ ପାଖରେ ଖବର ଅଛି ରେଭେନ୍‌ଶା ଭଳି କଲେଜ ହଷ୍ଟେଲର ପିଲାମାନେ ଚଟାଣରେ ବା ସ୍ଲେଟ୍‌ରେ ଅଙ୍କ କଷୁଛନ୍ତି, କାଗଜ ମହଙ୍ଗା ବୋଲି। ରଫ୍‌ଖାତାରେ ପେନ୍‌ସିଲରେ ଲେଖି ଲିଭେଇ ପୁଣି ତା'ଉପରେ କଲମରେ ଲେଖୁଛନ୍ତି ଏକା ପୃଷ୍ଠାକୁ ଦୁଇଥର ବ୍ୟବହାର କରିବାକୁ। ଏଭଳି ସ୍ଥିତିରେ ଟଙ୍କାଟିଏ ଦୁଇ ଟଙ୍କା ହେବନାହିଁ।''

ମୁଦ୍ରାର ଅଭାବ ମଣିଷକୁ ମହଙ୍ଗାପଣ ସହ ଲଢ଼ିବାକୁ ବୁଦ୍ଧି ଦିଏ, କଷ୍ଟ ସ୍ୱୀକାର କରିବାକୁ ପ୍ରେରଣା ଦିଏ। କିଛି ଆଦର୍ଶମୂଳକ, ମହତ୍ ଚିନ୍ତା କରିବାକୁ ଖୋରାକ ଯୋଗାଏ। ସେହି ସମୟରେ ଥିଲେ ଜଣେ ମୋର ବରିଷ୍ଠ ଇଂରାଜୀ ବନ୍ଧୁ। ଘରୁ ଆସୁଥିବା ଚୁଡ଼ାମୁଢ଼ି ରାତିରେ ଖାଇ, ରାତି ମିଲ୍‌ଟିକୁ ବନ୍ଦ କରି ଦିଅନ୍ତି, ଆପାତତଃ ୫/୭ ଦିନ ପାଇଁ, ବହିର ଦାମ୍ ଭରଣା ନ ହେଲା ପର୍ଯ୍ୟନ୍ତ। ମୋର ମନେ ଅଛି ଆଇଫର ଇଭାନସଙ୍କ 'ଇଂରାଜୀ ସାହିତ୍ୟର ଇତିହାସ' ଓ 'ପେଲିକାନ୍ ଗାଇଡ୍ ତୃତୀୟ ଖଣ୍ଡ' ୩/୪ ଟଙ୍କାରେ ମିଳୁଥିଲା। ତା' ସାଙ୍ଗକୁ ରେଭେନ୍‌ଶା କଲେଜ ଛକରେ ସୋଭିଏତ ଦେଶର ପାଖାପାଖି ମାଗଣା ପୁସ୍ତକର ପସରା ବି ମେଳା। କଟକର କିତାବ ମହଲ, ଡି.ପି. ସୁର, ଟ୍ରିମ୍ଲ୍ୟାଣ୍ଡ ବହି ଦୋକାନ ସେ ପ୍ରାୟ ଯାଆନ୍ତି। କୌଣସି ଭଲ ବହି ଦେଖିଲେ ରହିପାରନ୍ତି ନାହିଁ। ତା'ପରେ ଆରମ୍ଭ ହୁଏ ରାତି ମିଲ୍ ବନ୍ଦ, ବହି କିଣା ଅଭିଯାନ। ଦୁଇବର୍ଷ ଭିତରେ ସେ ତାଙ୍କ ପ୍ରକୋଷ୍ଠରେ ଗୋଟିଏ ଛୋଟ ଲାଇବ୍ରେରି କରି ପକାଇଥିଲେ ଆମ ସମସ୍ତଙ୍କ ଉପକାର ପାଇଁ।

ଟଙ୍କାର ଅଭାବ ମଣିଷକୁ କେତେବେଳେ ଦାର୍ଶନିକ କରି ତୋଳେ ତ କେତେବେଳେ ଉଗ୍ର ସ୍ୱାଭିମାନୀ ଅବସ୍ଥାକୁ ନେଇଯାଏ। ବନ୍ଧୁଜଣକ କହିଲେ, ''ମୋତେ ଛଅ ଟଙ୍କା ଦେଲା।'' ଟଙ୍କାତକ ପାଇଲା ପରେ କହିଲେ, ''ଏ ଟଙ୍କା ମୁଁ ତୁମକୁ ଫେରାଇ ପାରେ ଅବା ନ ପାରେ। ତେବେ ଭାବିବନି ଏ ଟଙ୍କା ତୁମର ବୋଲି। ଟଙ୍କା ସରକାରଙ୍କର। ତୁମର ଗୁଜୁରାଣ ପାଇଁ ଏ ଟଙ୍କା ତୁମ ପାଖରେ ପହଞ୍ଚିଛି, ସେଇଠୁ ମୋ ପାଖରେ, ପୁଣି ଚାଲିଯିବ କାହା ପାଖକୁ। ମୁଁ ଚେଷ୍ଟା କରିବି ଫେରାଇବାକୁ, କିନ୍ତୁ ଏ ଟଙ୍କାର ମାଲିକ ତୁମେ ବୋଲି କେବେ ଭାବିବ ନାହିଁ।'' ରାୟବାବୁ ଜଣେ ପଦସ୍ଥ ଅଫିସର। ଜିଲା ମୁଖ୍ୟାଳୟରୁ ପରିଦର୍ଶନରେ ଗଲେ ପାଶ୍ୱବର୍ତ୍ତୀ ଅନ୍ୟ ଏକ ବ୍ଲକକୁ। ଖାମଖିଆଲି ଲୋକ। ପରିଦର୍ଶନ ପରେ ଫେରିଲାବେଳେ ଦେଖନ୍ତି ପକେଟରେ ଯଥେଷ୍ଟ ପଇସା ନାହିଁ ଟ୍ରେନ୍ ଭଡ଼ା ପାଇଁ। ଆପାତତଃ ଭଡ଼ାତକ ଦେବା ପାଇଁ ଲୋକର ଅଭାବ ନ ଥିଲା। କିନ୍ତୁ ମନକୁ ଏକ ଅହେତୁକ ସ୍ୱାଭିମାନ ଆଚ୍ଛନ୍ନ କଲା। ପକେଟରେ ଥିବା ପଇସାରେ କିଛି ବାଦାମ ଓ ବୁଟ କିଣି ଚାଲିବାକୁ ଲାଗିଲେ। ବାଦାମ, ବୁଟକୁ ପକେଇ ପକେଇ, ମଝିରେ ଚାଣକ୍ୟ ଶ୍ଳୋକ ଆବୃତ୍ତି କରି କରି ମଧ୍ୟରାତ୍ରିରେ ଘରେ ପହଞ୍ଚିଲେ।

ଏବେ ସ୍ଥିତି ଭିନ୍ନ। ଏବେ ଖୁବ୍ କମ୍ ଲୋକଙ୍କୁ ଏପରି ସ୍ଥିତିର ସମ୍ମୁଖୀନ ହେବାକୁ ପଡୁଛି। ନା ଅଛି କଷ୍ଟ, ନା ଅଛି କଷ୍ଟସୃଷ୍ଟ ସ୍ୱାଭିମାନ ଅବା ଆଦର୍ଶ। ଟଙ୍କା ଯେ ଭାରି ଦରକାରୀ ଚିଜ, ଏ କଥା ଆଜିର ଅଭିଭାବକ ପିଲାଛୁଆଙ୍କୁ କହନ୍ତି ନାହିଁ। ଆଜିକାଲି ଟଙ୍କା ସହଜରେ ମିଳିଯାଉଛି। ତା' ଭିତରେ ପୁଣି ଅନେକ ଟଙ୍କାର ରଙ୍ଗ କଳା। କଷ୍ଟ କରି ଟଙ୍କା ଉପାର୍ଜନ କରିବାକୁ ପଡ଼େ, ଏ କଥା ଅନେକେ ଭାବୁନାହାନ୍ତି। ଯୁବପିଢ଼ି ଭିତରେ ଟଙ୍କା ପ୍ରତି ଏକ ଆଦର୍ଶଗତ ମନୋଭାବ ରୋପଣ କରିବାର ପ୍ରୟାସ ଯଦି କରା ନ ଯାଏ, ସେମାନେ ପରବର୍ତ୍ତୀ ସମୟରେ ଖାଲି ପରଜୀବୀ ପାଲଟିଯିବେ ତା' ନୁହେଁ, କୈଶୋର ଅବସ୍ଥାର ବେପରୁଆ ଖର୍ଚ୍ଚ ସହ ତାଳଦେଇ ଶିକ୍ଷିତ ହୋଇ, କୌଣସି ନିର୍ଦ୍ଦିଷ୍ଟ ନିଯୁକ୍ତି ନ ଥାଇ ଲୁଟ୍, ଛିନ୍ତାଇ ମାଧ୍ୟମରେ ସହଜ ଜୀବନଯାପନ କରିବାକୁ ଚେଷ୍ଟା କରିବେ, ଯାହା ଭୁବନେଶ୍ୱରରେ ପଢୁଥିବା ଏମ୍‌ବିଏ ବା ଇଞ୍ଜିନିୟରିଂ ଛାତ୍ରଙ୍କ କ୍ଷେତ୍ରରେ ଦେଖିବାକୁ ମିଳୁଛି। ଇଚ୍ଛାକୃତ ହେଉ ବା ଅନିଚ୍ଛାକୃତ ଅବା ବାଧ୍ୟବାଧକତାମୂଳକ, ଏକ ଶୃଙ୍ଖଳିତ, ଦାୟିତ୍ୱଭରା ଆଦର୍ଶ ଜୀବନଯାପନ ପାଇଁ କିଛିଟା ଅଭାବବୋଧ ନିତାନ୍ତ ଆବଶ୍ୟକ।

ଅବସରପ୍ରାପ୍ତ କଲେଜ ଅଧ୍ୟକ୍ଷ, ଜେଲ ରୋଡ,
ବାଲେଶ୍ୱର, ମୋ : ୯୪୩୭୩୭୬୨୧୯,
subashbls56@gmail.com

## ଚିରନ୍ତନୀ

ମାନବ ନୟନେ ଯାହା ଶୂନ୍ୟ ବୋଲି ହୁଅଇ ପ୍ରତୀତି,
ସୂକ୍ଷ୍ମତମ ସେହି ଶୂନ୍ୟେ ପୂରିଅଛି ଜୀବନର ଗୀତି,
କୋଟି କୋଟି ଚେତନାର ଅଣୁ ପରମାଣୁ ରସେ
ରୂପେ ରୂପେ ଏ ସୃଷ୍ଟି ବିଳସେ !
ଘୂର୍ଣ୍ଣାୟିତ ବିଶ୍ୱଚକ୍ରେ ଯେତେ ଲୟସ୍ଥିତି ବା ଜନମ
ବ୍ୟଥାର ଆନନ୍ଦ ରସେ ସଦା ତା'ର ପୀଡିତ ମରମ,
ଅନୁକ୍ଷଣ ବହି ଏହି ବ୍ୟଥାର ଆନନ୍ଦ
ଜାଗି ଉଠେ ସୃଜନର ଛନ୍ଦ। (ସୃଜନ ବ୍ୟଥା)

-କାଳିନ୍ଦୀ ଚରଣ ପାଣିଗ୍ରାହୀ

## su|do|ku | ସୁ-ଡୋ-କୁ

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| 9 | | | C | | 4 | | 1 | B | | | 6 | 2 | 7 | |
| | | | | D | | 8 | 0 | | 1 | | A | | | |
| 2 | | | E | 5 | | | C | 3 | | | 0 | | | |
| | | B | | | | 7 | | A | | | | | 1 | |
| | 7 | C | 1 | 9 | | | 6 | | | | 3 | | | 4 |
| | 1 | E | | | | 6 | | | | | | 4 | | |
| 7 | 2 | | | | 5 | | | 8 | | | | D | | |
| D | 4 | | | | | | | | | 5 | 2 | | 6 | |
| 5 | | 0 | | 7 | | 4 | | | | E | 8 | | C | |
| | | | 8 | 4 | D | 3 | B | | | | | 5 | | |
| | | 5 | | 8 | 3 | | D | | | | E | | | 6 |
| | 9 | | | | 6 | | | | | | | | D | 1 |
| | 6 | | | B | 7 | 0 | | | | 8 | | | | |
| C | | | D | 1 | 2 | | | | | 0 | 5 | 3 | | B |
| | | 8 | 9 | | | | A | | 7 | | | C | | |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୦ରୁ ୯ ପର୍ଯ୍ୟନ୍ତ ଅଙ୍କ ଓ Aରୁ E ପର୍ଯ୍ୟନ୍ତ ଇଂଲିଶ ଲିପି ରହିବ।

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| 7 | C | 2 | A | B | 0 | 6 | D | 4 | E | 3 | 8 | 1 | 9 | 5 |
| 6 | 0 | 1 | C | 3 | 4 | B | 9 | 7 | 5 | A | 2 | E | 8 | D |
| 5 | D | 3 | E | 8 | 9 | 1 | C | 2 | 0 | B | 6 | 4 | A | 7 |
| E | 9 | 8 | 7 | 2 | 6 | 5 | 0 | A | 4 | D | 1 | 3 | C | B |
| A | 4 | B | 1 | D | 5 | 8 | E | 3 | C | 7 | 9 | 0 | 6 | 2 |
| 0 | 5 | C | 9 | 6 | B | E | 8 | D | 1 | 4 | 3 | 7 | 2 | A |
| 8 | B | A | 2 | E | 3 | 4 | 5 | 0 | 9 | 6 | 7 | D | 1 | C |
| 2 | E | D | 0 | 4 | C | 7 | 1 | 6 | B | 8 | A | 9 | 5 | 3 |
| 1 | 3 | 9 | 5 | 7 | A | 2 | B | C | D | 0 | E | 6 | 4 | 8 |
| 4 | 7 | 6 | 8 | 1 | D | A | 3 | 9 | 2 | C | 5 | B | E | 0 |
| C | 8 | 5 | D | 9 | 7 | 0 | A | E | 6 | 1 | B | 2 | 3 | 4 |
| 3 | A | E | 4 | C | 8 | 9 | 6 | B | 7 | 2 | 0 | 5 | D | 1 |
| 9 | 2 | 4 | 3 | 0 | E | D | 7 | 1 | 8 | 5 | C | A | B | 6 |
| D | 6 | 0 | B | 5 | 1 | 3 | 2 | 8 | A | E | 4 | C | 7 | 9 |
| B | 1 | 7 | 6 | A | 2 | C | 4 | 5 | 3 | 9 | D | 8 | 0 | E |

ଗତକାଲିର ଉତ୍ତର

## ପାଠକ ଶ୍ରେଷ୍ଠ ବିଚାରକ

### ସେମାନେ ପଣ୍ଡିତ ପୁଅ

ମହାଶୟ,

ଧରିତ୍ରୀରେ ପ୍ରକାଶିତ ଛନ୍ଦା ମିଶ୍ରଙ୍କର 'ସେମାନେ ପଣ୍ଡିତ ପୁଅ' ଆଲେଖ୍ୟଟି ପାଠ କଲି। ଏହା ମୋତେ ଖୁବ୍ ଭଲ ଲାଗିଲା କାରଣ ଏହା ସମୟୋପଯୋଗୀ ଓ ସତ୍ୟ ଉପରେ ଆଧାରିତ। ଆମେ କହୁ ଆଇନର ଊର୍ଦ୍ଧ୍ୱରେ କେହି ନୁହନ୍ତି, କିନ୍ତୁ ପ୍ରକୃତରେ ଆମ ଦେଶରେ ଗରିବଙ୍କ ପାଇଁ ଯେଉଁ ନିୟମ ଧନୀଙ୍କ ଲାଗି ତାହା ଅଲଗା। ଜଣେ ଧନୀ, ବାହୁବଳୀ, କ୍ଷମତାଶାଳୀ ଓ ରାଜନେତା ମେସାନଙ୍କ ବିରୋଧରେ ହୋଇଥିବା ସଙ୍ଗିନ ଅଭିଯୋଗକୁ କ୍ଷମତା ବଳରେ ଲିଭାଇ ଦେଇ ଆଇନର ଗଳାବାଟରେ ନିର୍ଦ୍ଦୋଷରେ ଖଲାସ ହୁଏ। ଏହିଭଳି ବ୍ୟକ୍ତିମାନେ ପୋଲିସ, ପ୍ରତିପକ୍ଷ ଓକିଲ, ପ୍ରତିପକ୍ଷର ପ୍ରତ୍ୟକ୍ଷଦର୍ଶୀ ସାକ୍ଷୀ ଏପରି କି ବିଚାରପତିଙ୍କୁ ସେମାନଙ୍କର ଧନ, କ୍ଷମତା ଓ ବାହୁବଳରେ ପ୍ରଭାବିତ କରୁଥିବାର ଦେଖାଯାଉଛି। ଅପରପକ୍ଷରେ ବିଚରା ନିର୍ଦ୍ଦୋଷ ଗରିବ ବ୍ୟକ୍ତିଟି ଆଇନର ଜାଲରେ ଫସିଯାଉଛି। ଫଳରେ ତାକୁ ଶଢ଼ିବାକୁ ହେଉଛି ବିଚାର ଶେଷ ପର୍ଯ୍ୟନ୍ତ ଜେଲରେ।

ଭଗବାନ ଦାସ, ହରି ନିବାସ, ନାରାୟଣପୁର, କେନ୍ଦ୍ରାପଡ଼ା

### ପରିବହନ ଆଇନ କଡ଼ାକଡ଼ି

ନୂଆ ମୋଟର ଯାନ ଆଇନକୁ ସମଗ୍ର ଭାରତ ବର୍ଷରେ ଲାଗୁ କରାଯାଇଛି। ଦିନ କେଇଟା ଧରପଗଡ଼ରେ ସବୁ ସାବାଡ଼। ଶୁଭୁନି ଆଉ ମୋଟରସାଇକେଲର ବିକଟାଳ ରଡ଼ି। ବିନା ହେଲ୍‌ମେଟରେ ଯୋଡ଼ି ଧରି ମୋଟରସାଇକେଲ ଓ ସ୍କୁଟର ଚଳାଇବାର ଆଧୁନିକ ଶୈଳୀ ଫିକା ପଡ଼ିଯାଇଛି। କିନ୍ତୁ ସନ୍ଧ୍ୟା ହେଲେ ରୋଡ୍‌ରୋମିଓ ମୋଟର ସାଇକେଲ ଧରି ବିନା ହେଲ୍‌ମେଟରେ ପଇଁତରା ମାରୁଛନ୍ତି। ଆଗରେ ଚେକିଂ ହେଉଛି ଶୁଣିଲେ ଗଳିକନ୍ଦିରେ ଲୁଚି ଯାଉଛନ୍ତି। ଆଉ ତିନିମାସ ପରେ ସବୁ ଶୃଙ୍ଖଳିତ ହେବ। ଏବେ କିନ୍ତୁ ନୈତିକ ସମର୍ଥନ ବୃଦ୍ଧି ପାଉଛି।

ପୂର୍ବତନ ଅତିରିକ୍ତ ଆରକ୍ଷୀ ଅଧୀକ୍ଷକ, ଖୋର୍ଦ୍ଧା, ଭୁବନେଶ୍ୱର

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି-୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

## ୨୫ ବର୍ଷ ତଳର ଧରିତ୍ରୀ

୧୯ ସେପ୍ଟେମ୍ବର ୧୯୯୪

- କେ.ଏନ୍. ଛିବେର ପଞ୍ଜାବର ରାଜ୍ୟପାଳ ଓ କେନ୍ଦ୍ରଶାସିତ ଅଞ୍ଚଳ ଚଣ୍ଡିଗଡ଼ର ପ୍ରଶାସକ ଭାବେ ଶପଥ ନେଲେ।
- ହଂକଂରେ ରାଜନୈତିକ ସଂସ୍କାର ପରେ ଏଠାରେ ଗଣତାନ୍ତ୍ରିକ ପଦ୍ଧତିରେ ନିର୍ବାଚନ କାର୍ଯ୍ୟ ଆରମ୍ଭ।
- ନାଗାଲାଣ୍ଡର ଶିକ୍ଷା, କ୍ରୀଡ଼ା ଓ ଯୁବକଲ୍ୟାଣ ମନ୍ତ୍ରୀ ଆଇ. ଇମକଙ୍ଗେ ଗିରଫ।

## ସଂକ୍ଷେପରେ

### ସାନ୍ତରାପୁରରେ ବିଶ୍ୱକର୍ମା ପୂଜା

ଅନୁଗୋଳ ଅଫିସ, ୧୮।୯- ଅନୁଗୋଳ ଜିଲା ସାନ୍ତରାପୁର ଗ୍ରାମରେ ବିଶ୍ୱକର୍ମା ପୂଜା ପାଳିତ ହୋଇଯାଇଛି। ପ୍ରାୟ ୧୦ ବର୍ଷ ହେବ ଏଠାରେ ପୂଜା ଅନୁଷ୍ଠିତ ହୋଇଆସୁଛି। ଏହାକୁ ବିଶ୍ୱକର୍ମା ପୂଜା କମିଟି ଓ ଗ୍ରାମବାସୀଙ୍କ ପକ୍ଷରୁ ପାଳନ କରାଯାଉଛି। ଏହି ଅବସରରେ କଳସ ଯାତ୍ରାର ଆୟୋଜନ ହୋଇଥିଲା। ଏଥିରେ ପୂଜା କମିଟିର ସାଗର ବେହେରା, ସିଟୁନ ବେହେରା, ଅମିତ ସାହୁ, ସରୋଜ ବେହେରା, ତ୍ରିନାଥ ମହାଳିକ, ତାପସ ମହାଳିକ, ଦିପୁନ ବେହେରା, ଅଗସ୍ତି ସାହୁ, ସୁଜିତ ବେହେରା, ମାନସ ବେହେରା, ସମ୍ପିତ, ସିଦ୍ଧାନ୍ତ ସାହୁ, ସୁରଥ ସାହୁ, ସମୀର ସାହୁ, ବିକାଶ ମହାଳିକ, ହେମନ୍ତ ମହାଳିକ, ସିଦ୍ଧେଶ୍ୱର ମହାଳିକ ପ୍ରମୁଖଙ୍କ ସମେତ ଗ୍ରାମବାସୀ ସହଯୋଗ କରିଥିଲେ।

### ଦୁର୍ଗାପୂଜା ପ୍ରସ୍ତୁତି ବୈଠକ

ଛେଣ୍ଡିପଦା,୧୮।୯(ଡି.ଏନ.ଏ)-ଜରପଡା ଥାନା ସାନହିଂସର ଦୁର୍ଗାଶଙ୍କର ପୂଜା କମିଟି ପକ୍ଷରୁ ୮ମ ବାର୍ଷିକ ଦୁର୍ଗାପୂଜା ପାଳନ ସକାଶେ ଏକ ପ୍ରସ୍ତୁତି ବୈଠକ ବୁଧବାର ଅନୁଷ୍ଠିତ ହୋଇଯାଇଛି। କମିଟି ସଭାପତି ସଞ୍ଜୟ କୁମାର ପ୍ରଧାନଙ୍କ ସଭାପତିତ୍ୱରେ ଆୟୋଜିତ ଏହି ବୈଠକରେ ମେଢ ସାଜସଜ୍ଜା, ଆଲୋକୀକରଣ, ତୋରଣ ନିର୍ମାଣ, ପ୍ରତ୍ୟହ ଅନ୍ନପ୍ରସାଦ ସେବନ ବ୍ୟବସ୍ଥା, ସାଂସ୍କୃତିକ କାର୍ଯ୍ୟକ୍ରମ ଆୟୋଜନ କରାଯିବା ଆଦି ଉପରେ ଆଲୋଚନା ହୋଇଥିଲା। ସେହିପରି କମିଟି ପକ୍ଷରୁ ଆୟ ବ୍ୟୟ ସାଙ୍ଗକୁ ଖର୍ଚ୍ଚ ଅଟକଳ କରାଯାଇଥିଲା। ଅନ୍ୟମାନଙ୍କ ମଧ୍ୟରେ ଉପ ସଭାପତି ନରେନ୍ଦ୍ର ଧଳ, ସମ୍ପାଦକ ଅଜିତ କୁମାର ସାହୁ, କୋଷାଧକ୍ଷ ବୀରବର ସାହୁ, ସଦସ୍ୟ ଲିଙ୍କନ ପ୍ରଧାନ, ସୁମନ ସାହୁ, ସନ୍ତୋଷ ସାହୁ, ଭଜମନ ସାହୁ, ଶିବାନନ୍ଦ ସାହୁ, ତ୍ରିନାଥ ସାହୁ, ଲୁଲୁ ପ୍ରଧାନ, ସଞ୍ଜୟ କୁମାର ସିଂହ, ନୀଳକଣ୍ଠ ସାହୁ, ମୋତିଲାଲ ସାହୁଙ୍କ ସମେତ ସମସ୍ତ ସଦସ୍ୟ ଉପସ୍ଥିତ ଥିଲେ।

### ମାନସିକ ବିକାରଗ୍ରସ୍ତଙ୍କୁ ଆକ୍ରମଣ

ପାଲଲହଡ଼ା, ୧୮।୯(ଡି.ଏନ.ଏ)- ପାଲଲହଡ଼ା ଉପଖଣ୍ଡ ସଦର ମହକୁମାଠାରେ ବୁଲୁଥିବା ଜଣେ ମାନସିକ ବିକାରଗ୍ରସ୍ତଙ୍କୁ ବୁଧବାର କେହି ଦୁର୍ବୃତ୍ତ ମରଣାନ୍ତକ ଆକ୍ରମଣ କରିଛନ୍ତି। ଦେହରେ ଗଭୀର କ୍ଷତ ସହ ରକ୍ତସ୍ରାବ ହେଉଥିବା ଦେଖି କେତେଜଣ ସ୍ଥାନୀୟ ଲୋକ ୧୦୮ ଆମ୍ବୁଲାନ୍ସ ଯୋଗେ ତାଙ୍କୁ ଉପଖଣ୍ଡ ଚିକିତ୍ସାଳୟରେ ଭର୍ତ୍ତି କରିଥିଲେ। ସ୍ଥାନୀୟ ଯୁବକମାନେ ତାଙ୍କ ଔଷଧ ଓ ଖାଦ୍ୟପେୟର ବ୍ୟବସ୍ଥା କରିଥିଲେ। ଦୀର୍ଘଦିନରୁ ଏହି ଅଞ୍ଚଳରେ ବହୁ ସଂଖ୍ୟାରେ ମାନସିକ ରୋଗୀ ବୁଲୁଥିଲେ ମଧ ସେମାନଙ୍କ ଚିକିତ୍ସା ଓ ଥଇଥାନ ପାଇଁ ପ୍ରଶାସନିକ ସ୍ତରରେ ଉଦ୍ୟମ କରାଯାଉ ନ ଥିବାରୁ ଅସନ୍ତୋଷ ଦେଖାଦେଇଛି।



# ଜମୁଛି ନାଲ୍କୋ ବିଶ୍ୱକର୍ମା ପୂଜା

ବଅଁରପାଳ, ୧୮।୯ (ଡି.ଏନ୍.ଏ.)

ଅନୁଗୋଳ ଜିଲା ନାଲ୍କୋ ନଗରରେ ମଙ୍ଗଳବାରଠାରୁ ଆରମ୍ଭ ହୋଇଥିବା ବିଶ୍ୱକର୍ମା ପୂଜାରେ ପ୍ରବଳ ଗହଳି ହେଉଛି। ପ୍ରଥମ ଦିନରେ ୩୦ ହଜାରରୁ ଊର୍ଦ୍ଧ୍ୱ ଲୋକଙ୍କ ସମାଗମ ହୋଇଥିବା ବେଳେ ଦ୍ୱିତୀୟ ଦିନରେ ଭିଡ଼ ଆହୁରି ବଢ଼ିଥିବା ଦେଖିବାକୁ ମିଳିଛି। ପାଗ ଅନୁକୂଳ ଥିବାରୁ ବୁଧବାର ପ୍ରାୟ ୪୦ ହଜାରରୁ ଊର୍ଦ୍ଧ୍ୱ ଲୋକଙ୍କ ସମାଗମ ହୋଇଥିଲା।

ଚଳିତ ବର୍ଷ ବିଭିନ୍ନ ବିଭାଗ ପକ୍ଷରୁ ୨୩ଟି ମଣ୍ଡପରେ ପୂଜା ଅନୁଷ୍ଠିତ ହେଉଛି। ଆକର୍ଷଣୀୟ ତୋରଣ ସାଙ୍ଗକୁ ମଣ୍ଡପର ସାଜସଜ୍ଜା ଆକର୍ଷଣୀୟ ହୋଇଛି। ପଟ୍‌ଲାଇନ୍ସର ପ୍ରାୟ ୧୨ ଫୁଟ ଉଚ୍ଚତାର ତୋରଣ ଲୋକଙ୍କୁ ଅଧିକ ଆକର୍ଷିତ କରିଛି। ସେହିପରି ମୋବାଇଲ ଇକ୍ୟୁପମେଣ୍ଟ, ନାଲକୋ ଠିକାଦାର ସଂଘ, କାଷ୍ଟହାଉସ-ବି, କାର୍ବନ ଏରିଆ, ସିପିପି ଅପରେଶନ୍, ରଡିଂଶପ୍ ଆଦିର ମଣ୍ଡପ ସହ ତୋରଣ ବେଶ୍ ମନୋଲୋଭା ହୋଇପାରିଛି। ପୂଜା ଅଞ୍ଚଳରେ ପଲ୍ଲିଶ୍ରୀ ମେଳା ସାଙ୍ଗକୁ ଦୋଳି, ମିନା ବଜାରରେ ଦର୍ଶକମାନଙ୍କ ମଧ୍ୟରେ ଭିଡ଼ ଜମୁଛି। ସେହିପରି ରଙ୍ଗିନ ଆଲୋକରେ ସମଗ୍ର ନାଲକୋ ଅଞ୍ଚଳ ବେଶ୍ ଝଲମଲ ହୋଇପଡ଼ିଛି। କମ୍ୟୁନିଟ୍ ସେଣ୍ଟର ଠାରୁ ନାଲକୋ ଷ୍ଟାଡିୟମ ପର୍ଯ୍ୟନ୍ତ ରଙ୍ଗ ବେରଙ୍ଗ ଆଲୋକ ସଜ୍ଜା କରାଯାଇଛି। ଶାନ୍ତିଶୃଙ୍ଖଳା ପାଇଁ ପୋଲିସ ପକ୍ଷରୁ ବ୍ୟାପକ ସୁରକ୍ଷା ବ୍ୟବସ୍ଥା କରାଯାଇଛି। ନାଲ୍‌କୋ ପୂଜାକୁ ସୁପରିଚାଳନା ପାଇଁ ନାଲକୋ ୱେଲଫର କମିଟି ଅଧକ୍ଷ ରାଜାରାମ୍ ମିଶ୍ର, ମଣିରଞ୍ଜନ ପଟ୍ଟନାୟକ, କୋଅର୍ଡିନେଟ୍‌ର କେ.କେ. ବେହେରା ପ୍ରମୁଖ ବେଶ୍ ସହଯୋଗ କରୁଛନ୍ତି। ଚିତ୍ତରଞ୍ଜନ ଚୌଧୁରୀ ଧାରା ବିବରଣୀ ପ୍ରଦାନ କରୁଛନ୍ତି।

**ପାଗ ଅନୁକୂଳ ଥିବାରୁ ବଢ଼ୁଛି ଭିଡ଼**



ମୋବାଇଲ ଇକ୍ୟୁପମେଣ୍ଟ ଶପ୍ ତୋରଣ।




ନାଲ୍‌କୋ ଟ୍ରକ୍ ମାଲିକ ସଂଘ ତୋରଣ।

# ଖାଦ୍ୟର ମାନ ପରଖିଲା ଜନସ୍ୱାସ୍ଥ୍ୟ ବିଭାଗ

ଅନୁଗୋଳ ଅଫିସ, ୧୮।୯



ନାଲ୍‌କୋ ନଗର ଠାରେ ଚାଲିଥିବା ବିଶ୍ୱକର୍ମା ପୂଜାରେ ପଡ଼ିଥିବା ଖାଦ୍ୟ ଷ୍ଟଲଗୁଡ଼ିକରେ ଖାଦ୍ୟର ମାନ ପରଖିଛି ଜିଲା ଜନସ୍ୱାସ୍ଥ୍ୟ ବିଭାଗ। ପାଖାପାଖି ୩୦ଟି ଷ୍ଟଲରେ ବିଭାଗ ପକ୍ଷରୁ ଚଢ଼ାଉ କରାଯାଇଥିଲା। ଏଥିରେ ୧୦ କେଜିରୁ ଊର୍ଦ୍ଧ୍ୱ ବାସିଖାଦ୍ୟ ନଷ୍ଟ କରାଯାଇଥିବା ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି। ସେହିପରି ବିଭିନ୍ନ ନନ୍‌ବ୍ରାଣ୍ଡର ଆଇସ୍‌କ୍ରିମ ବିକ୍ରିକୁ ବ୍ୟାନ୍ କରିଛି ବିଭାଗ। ବିଭିନ୍ନ ଦୋକାନରେ ଆଇସ୍‌କ୍ରିମ ଗୁଡ଼ିକର ତିଆରି କରାଯାଇଥିବା ତାରିଖ ନ ଥିବାରୁ ଏପରି ପଦକ୍ଷେପ ଗ୍ରହଣ କରାଯାଇଛି। ଅନୁଗୋଳ ଜିଲା ଜନସ୍ୱାସ୍ଥ୍ୟ ବିଭାଗ ଅଧିକାରୀ ଡାକ୍ତର ରାକେଶ କୁମାର ସାହୁଙ୍କ ନିର୍ଦ୍ଦେଶକ୍ରମେ ଡାକ୍ତର ବିନୋଦ କୁମାର ସାହୁ, ସୁବାସ ଚନ୍ଦ୍ର ବେହେରା, ସୁନୀଲ ନନ୍ଦ, ସତ୍ୟରଞ୍ଜନ ଚାନ୍ଦ ପ୍ରମୁଖ ଖାଦ୍ୟର ମାନ ଯାଞ୍ଚ କରିଥିଲେ।

# ମହିଳାଙ୍କଠାରୁ ଅଳଙ୍କାର ଲୁଟ୍

ବଅଁରପାଳ,୧୮।୯(ଡି.ଏନ.ଏ.)

ନାଲ୍‌କୋ ବିଶ୍ୱକର୍ମା ପୂଜାରେ ପୋଲିସ କଣ୍ଟ୍ରୋଲ ରୁମଠାରୁ ଅଳ୍ପ ଦୂରରେ ବୁଧବାର ସନ୍ଧ୍ୟାରେ ଜଣେ ମହିଳାଙ୍କ ବେକରୁ ଦୁର୍ବୃତ୍ତମାନେ ସୁନାହାର ଲୁଟି ନେଇଛନ୍ତି। ଜରପଡ଼ା ଅଞ୍ଚଳର ଚାରୁଲତା ସାହୁ ପରିବାର ଲୋକଙ୍କ ସହିତ ପୂଜା ମଣ୍ଡପ ବୁଲୁଥିଲେ। ଗହଳିର ସୁଯୋଗ ନେଇ କେତେଜଣ ଦୁର୍ବୃତ୍ତ ତାଙ୍କଠାରୁ ଅଳଙ୍କାର ଲୁଟି କରି ନେଇଥିଲେ। ଏ ନେଇ ମହିଳା ଜଣକ ପୋଲିସ କଣ୍ଟ୍ରୋଲରେ ଅଭିଯୋଗ କରିଛନ୍ତି।

**FORM NO. 13**
**BEFORE THE DEBTS RECOVERY TRIBUNAL, CUTTACK, ORISSA**
**C-71, SECTOR-7, CDA, CUTTACK, ODISHA**
**O.A. No. 134 of 2019**
**BANK OF INDIA, Berhampur Branch, Berhampur** ............Applicant
Versus
**Sri Dhirendra Kumar Sethi & another** .........Defendants
To,
1. **Sri Dhirendra Kumar Sethi**, S/o: Bhikari Sethi, At: Hansatuli, Sandhamul, Sumandal, Kodala, Dist: Ganjam- 761035 .
2. **Mrs Puspa Sethi**, W/o: Dhirendra Kumar Sethi, At: Hansatuli, Sandhamul, Sumandal, Kodala, Dist: Ganjam- 761035 .

**SUMMONS BY PAPER PUBLICATION**
**FOR SHOWING CAUSE AS TO WHY THE RELIEF PRAYED SHOULD NOT BE GRANTED**

Take notice that the applicant has instituted an **O.A. No 134 of 2019** in the court of the Debts Recovery Tribunal, Cuttack for recovery of **Rs.15,31,900/-** only together with current and future interest, costs and other reliefs. The above referred defendants are therefore, directed to appear before this Tribunal in person or through an Advocate or duly authorized agent, in support of their defense to show cause within 30 days from the date of publication or on **07.11.2019** at **10.30** a.m as to why reliefs prayed for should not be granted.

Take notice that in case of default, the application will be heard and determined in their absence.

Given under my hand and seal of this Tribunal on this 17th day of SEPTEMBER, 2019 .

Sd/-
**REGISTRAR**
**(M. K. PATNAIK)**

# ସହାୟତା କେନ୍ଦ୍ର ଉଦ୍‌ଘାଟିତ



ଷ୍ଟଲକୁ ଏମ୍‌ପି ଉଦ୍‌ଘାଟନ କରୁଛନ୍ତି।

ବଅଁରପାଳ, ୧୮।୯ (ଡି.ଏନ୍.ଏ.)

ନାଲ୍‌କୋ ବିଶ୍ୱକର୍ମା ପୂଜା ଅବସରରେ ବଅଁରପାଳ ଖବରଦାତା ସଂଘ ପକ୍ଷରୁ ଏକ ସହାୟତା କେନ୍ଦ୍ର ଖୋଲାଯାଇଛି। ମଙ୍ଗଳବାର ସନ୍ଧ୍ୟାରେ ଢେଙ୍କାନାଳ ଏମ୍‌ପି ମହେଶ ସାହୁ ମୁଖ୍ୟଅତିଥି ଭାବେ ଯୋଗଦେଇ ଏହି କେନ୍ଦ୍ରକୁ ଉଦ୍‌ଘାଟନ କରିଥିଲେ। ସମ୍ମାନିତ ଅତିଥି ଭାବେ ଓଡ଼ିଶା ଗ୍ରାମ୍ୟ ଗୃହ ନିଗମ ଅଧକ୍ଷ ମୀନକେତନ ଅମାନ୍ତ, ଜିଲା ପରିଷଦ ସଭ୍ୟା ମଞ୍ଜୁଲତା ସାହୁ, ଏମ୍‌ପିଙ୍କ ପ୍ରତିନିଧି ନିର୍ମଳ ସାହୁ ଓ ଠିକାଦାର ସଂଘର କାର୍ଯ୍ୟକାରୀ ସଭାପତି ବୁଲେଶ ଜେନା ପ୍ରମୁଖ ଯୋଗଦେଇଥିଲେ। ଲୋକମାନଙ୍କୁ ପୂଜା ଅଞ୍ଚଳରେ ସହାୟତା ଯୋଗାଇଦେବା, ସେମାନଙ୍କ ମୌଳିକ ସମସ୍ୟା ପ୍ରତି ଦୃଷ୍ଟି ଦେବା, ପ୍ରାଥମିକ ଚିକିତ୍ସା, ମୋବାଇଲ ସେବା ଆଦି ପାଇଁ ଏହି ଷ୍ଟଲ ଖୋଲାଯାଇଛି। ପୂଜା ବଜାରରେ ଏଭଳି ଜନହିତ କାର୍ଯ୍ୟକୁ ବୁଦ୍ଧିଜୀବୀ ମହଲରେ ପ୍ରଶଂସା କରାଯାଇଛି। ସଂଘ ସଭାପତି ଉପେନ୍ଦ୍ର କୁମାର ରାଉତ, ସମ୍ପାଦକ ସନ୍ତୋଷ ମିଶ୍ର, କାର୍ଯ୍ୟକାରୀ ସଭାପତି ସଞ୍ଜୀବ ମାଣ୍ଡୋଠିଆ, ଅଶୋକ ଜେନା, ନିରଞ୍ଜନ ନାୟକ, ନିପୁ ଭୂତିଆ, ସମୀର ସାହୁ, ଜଗନ୍ନାଥ ପ୍ରସାଦ, ଦିବ୍ୟରଞ୍ଜନ ସାମଲ, ସତ୍ୟ ଦାସ ପ୍ରମୁଖ ଖବରଦାତାଙ୍କ ସମେତ ବହୁସଦସ୍ୟ ଉପସ୍ଥିତ ଥିଲେ।

No. 42-F:

ଓଡ଼ିଶା ସରକାର
ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗ

**ଖାସମାହାଲ, ନଜୁଲ, ଗ୍ରାମକଣ୍ଠ ପରମ୍ପୋକ ଓ ଆବାଦୀ ଜମିରେ ନ୍ୟାୟସଙ୍ଗତ ଭାବରେ ବସବାସ କରୁଥିବା ଲୋକଙ୍କ ପାଇଁ ବିଶେଷ ସୂଚନା**

**ଜମି ରେକର୍ଡ କରିବାକୁ ଆବେଦନପତ୍ର ଦାଖଲ କରିବାର ସମୟସୀମା ବୃଦ୍ଧି**

ଖାସମାହାଲ, ନଜୁଲ, ଗ୍ରାମକଣ୍ଠ ପରମ୍ପୋକ କିମ୍ବା ଆବାଦୀ ଜମିରେ ଯଦି ଆପଣ ତା୨୬ ଫେବୃୟାରୀ, ୨୦୦୬ରିଖ ପୂର୍ବରୁ ଆଇନାନୁମୋଦିତ ଭାବେ ବାସ କରୁଥିବେ, ତେବେ ଆପଣ ଏହି ଜମିକୁ ନିଜ ନାମରେ ରୟତି ସ୍ୱତ୍ୱରେ ରେକର୍ଡ କରିପାରିବେ। ଏହାଦ୍ୱାରା ପୁରୁଷାନୁକ୍ରମିକ ଭାବରେ ବିନା ବାଧାରେ ଭୋଗ କରିପାରିବେ ଓ ଜମି ହସ୍ତାନ୍ତରଯୋଗ୍ୟ ହୋଇପାରିବ।

ଏଠାରେ ଉଲ୍ଲେଖଯୋଗ୍ୟ ଯେ, ଓଡ଼ିଶା ସରକାର ଉପରୋକ୍ତ କିସମର ଜମିର ରୟତି ସ୍ୱତ୍ୱରେ ରେକର୍ଡ କରିବାକୁ ଆବେଦନପତ୍ର ଦାଖଲ କରିବାର ସମୟସୀମା ତା୩୧ ମାର୍ଚ୍ଚ, ୨୦୨୦ରିଖ ପର୍ଯ୍ୟନ୍ତ ବଢ଼ାଇ ଦେଇଛନ୍ତି।

**ଆବେଦନ ଫର୍ମ, ଯୋଗ୍ୟତା ଓ ସମ୍ପୂର୍ଣ୍ଣ ପ୍ରଣାଳୀ ଜାଣିବା ପାଇଁ ଆପଣଙ୍କ ରାଜସ୍ୱ ନିରୀକ୍ଷକଙ୍କ କାର୍ଯ୍ୟାଳୟରେ ବା ତହସିଲ କାର୍ଯ୍ୟାଳୟରେ ଯୋଗାଯୋଗ କରନ୍ତୁ।**

24001/11/0153/1920

# ଛେଣ୍ଡିପଦାରେ ଜମୁଛି ସାଂସ୍କୃତିକ କାର୍ଯ୍ୟକ୍ରମ



କୋଶଳାସ୍ଥିତ ଏକ ପୂଜା ମଣ୍ଡପରେ ବିଧାୟକଙ୍କ ପୂଜାର୍ଚ୍ଚନା।





ରାଜମିସ୍ତ୍ରି ମହାସଂଘ ପୂଜା କମିଟି ମେଢ଼। ଛେଣ୍ଡିପଦା ସେସୁ ପକ୍ଷରୁ ବିଶ୍ୱକର୍ମା ପୂଜା।

ଛେଣ୍ଡିପଦା,୧୮।୯(ଡି.ଏନ.ଏ.)

ଛେଣ୍ଡିପଦା ବ୍ଲକ ଅଞ୍ଚଳରେ ବିଶ୍ୱ ବିନ୍ଧାଣି ପ୍ରଭୁ ବିଶ୍ୱକର୍ମାଙ୍କ ପୂଜା ଉତ୍ସବ ସମାରୋହରେ ପାଳିତ ହୋଇଛି। ବିଭିନ୍ନ ପୂଜା କମିଟି ପକ୍ଷରୁ ସୁସଜ୍ଜିତ ପୂଜା ମଣ୍ଡପରେ ବିଶ୍ୱକର୍ମାଙ୍କ ପୂଜାର୍ଚ୍ଚନା କରାଯାଇଥିଲା। ଏହି ଅବସରରେ ହୋମଯଜ୍ଞ, ନାମ ସଂକୀର୍ତ୍ତନ, ପୁରାଣ ପାଠ, ଅନ୍ନପ୍ରସାଦ ସେବନ ଆଦି କାର୍ଯ୍ୟକ୍ରମ ଆୟୋଜନ କରାଯାଇଥିଲା। ସେହିପରି ବିଭିନ୍ନ ପୂଜା ଅନୁଷ୍ଠାନ ପକ୍ଷରୁ ସନ୍ଧ୍ୟାରେ ସାଂସ୍କୃତିକ କାର୍ଯ୍ୟକ୍ରମ ଆୟୋଜନ କରାଯାଇଥିଲା। ଛେଣ୍ଡିପଦା ବିଦ୍ୟୁତ ବିଭାଗ, କୋଶଳା, ଜରପଡା ବିଦ୍ୟୁତ ବିଭାଗ, ଛେଣ୍ଡିପଦା ପିସିଇଆଇଟି ଯାନ୍ତ୍ରିକ ପ୍ରତିଷ୍ଠାନ ସମେତ ଅନେକ ବ୍ୟବସାୟିକ ପ୍ରତିଷ୍ଠାନ ପକ୍ଷରୁ ପୂଜା ପାଳନ କରାଯାଇଛି। ପୂଜା ଦେଖିବାକୁ ଆଖପାଖ ଅଞ୍ଚଳରୁ ବହୁ ଶ୍ରଦ୍ଧାଳୁଙ୍କ ସମାଗମ ହୋଇଛି।

## ସଂକ୍ଷେପରେ

### ଆକ୍ସିସ ବ୍ୟାଙ୍କ ଡକାୟତି ଘଟଣା ଅଭିଯୁକ୍ତଙ୍କୁ ୨ ଦିନିଆ ରିମାଣ୍ଡରେ ଆଣିଲା ପୋଲିସ

**ବେଲପାହାଡ଼,୧୮।୯ (ଡି.ଏନ୍.ଏ.):** ଝାରସୁଗୁଡ଼ା ଜିଲା ବେଲପାହାଡ଼ ଆକ୍ସିସ ବ୍ୟାଙ୍କ ଡକାୟତି ଘଟଣାରେ ପୋଲିସ ଗିରଫ କରିଥିବା ନୀରଜ ଠାକୁର (୩୮)ଙ୍କୁ ୨ ଦିନିଆ ରିମାଣ୍ଡରେ ଆଣି ପଚରାଉଚରା କରୁଛି। ଗତ ମଙ୍ଗଳବାର ପୋଲିସ ଝାରସୁଗୁଡ଼ା ଏସ୍‌ଡିଜେଏମ୍‌ଙ୍କ କୋର୍ଟରେ ଆବେଦନ କରିଥିଲା। କୋର୍ଟ ଏଥିପାଇଁ ଅନୁମତି ପ୍ରଦାନ କରିଥିଲେ। ଗତ ୪ ତାରିଖରେ ବେଲପାହାଡ଼ ଗୁମାଡ଼େରାସ୍ଥିତ ଆକ୍ସିସ ବ୍ୟାଙ୍କରେ ୬ ଜଣ ଲୁଟେରା ୧୧ ଲକ୍ଷ ଟଙ୍କା ଲୁଟି ଏକ ସ୍କର୍ପିଓ ଗାଡ଼ିରେ ବିହାରକୁ ପଳାଇଥିଲେ। ଲୁଟେରାମାନଙ୍କୁ ଧରିବା ପାଇଁ ଝାରସୁଗୁଡ଼ା ଏସ୍‌ପି ଅଶ୍ୱିନୀ କୁମାର ମହାନ୍ତିଙ୍କ ନିର୍ଦ୍ଦେଶରେ ଏକ ପୋଲିସ ଟିମ୍ ବିହାର ଯାଇଥିଲା। ସ୍ଥାନୀୟ ପୋଲିସର ସହାୟତାରେ ଝାରସୁଗୁଡ଼ା ପୋଲିସ ଅଭିଯୁକ୍ତ ନୀରଜଙ୍କୁ ସେଠାରୁ ଗିରଫ କରିଥିଲା। ପରେ ପଶ୍ଚିମ ମୁଜାଫରପୁର ଏସ୍‌ସିଜେଏମ୍‌ଙ୍କ କୋର୍ଟରେ ଅଭିଯୁକ୍ତ ନୀରଜକୁ ହାଜର କରାଇଥିଲା। କୋର୍ଟରୁ ଆଦେଶ ପାଇଲା ପରେ ପୋଲିସ ଅଭିଯୁକ୍ତଙ୍କୁ ୩ ଦିନ ପାଇଁ ଟ୍ରାଞ୍ଜିଟ୍ ରିମାଣ୍ଡରେ ଝାରସୁଗୁଡ଼ାକୁ ଆଣିଥିଲା। ଗତ ଶନିବାର ରିମାଣ୍ଡ ଅବଧି ପୂରିଲା ପରେ ବେଲପାହାଡ଼ ପୋଲିସ ତାଙ୍କୁ (ମାମଲା ନଂ ୧୪୫/୪.୯.୨୦୯ ଦଫା ୩୯୫ ଆଇପିସି ଆର୍/ଡ଼ବ୍ଲୁ ଓ ୨୫/୨୭ ଆର୍ମ୍ସ ଆକ୍ଟରେ) ଏସ୍‌ଡିଜେଏମ୍ କୋର୍ଟକୁ ଚାଲାଣ କରିଥିଲା। କୋର୍ଟ ତାଙ୍କୁ ଜେଲ ହାଜତକୁ ପଠାଇଦେଇଥିଲେ। ଏବେ ବେଲପାହାଡ଼ ପୋଲିସ ନୀରଜଙ୍କୁ ୨ ଦିନ ପାଇଁ ରିମାଣ୍ଡରେ ଆଣି ବିଭିନ୍ନ ଦିଗରୁ ଡ଼କାୟତି ଯୋଜନାର ରହସ୍ୟ ଉନ୍ମୋଚନ ପାଇଁ ତଦନ୍ତ ଚଳାଇଛି।

### ମା'ଙ୍କ ଚକ୍ଷୁଦାନ କରାଇଲେ ସନ୍ତାନ



ଭି.ଦମୟନ୍ତୀ।

ବ୍ରହ୍ମପୁର ଅଫିସ୍,୧୮।୯

ବ୍ରହ୍ମପୁର ବଡ଼ବଜାର ଚନ୍ଦ୍ରମା ସାହି ନିବାସୀ ଭି.ଦମୟନ୍ତୀଙ୍କ ମଙ୍ଗଳବାର ରାତିରେ ମୃତ୍ୟୁ ଘଟିଥିଲା। ମୃତ୍ୟୁ ବେଳକୁ ତାଙ୍କୁ ୯୨ବର୍ଷ ହୋଇଥିଲା। ଏହି ଖବର ଜାଣିବା ପରେ ଫ୍ରେଣ୍ଡସ୍ ହେଲପିଂ କ୍ଲବର ଭି. ରାମାକ୍ରୀଷ୍ଣା ପରିବାର ବର୍ଗଙ୍କ ସହ ଦମୟନ୍ତୀଙ୍କ ଚକ୍ଷୁଦାନ କରିବା ନେଇ ପରାମର୍ଶ ଦେଇଥିଲେ। ସେମାନେ ରାଜି ହେବା ପରେ ଏମ୍‌କେସିଜି ମେଡିକାଲ କଲେଜର ଚକ୍ଷୁ ବିଭାଗ ଡା. ସମୀର ଦାସ, ଡା. ଏ.ସି ରଘୁ ଏବଂ ଡା. ମୋହିତ ଶର୍ମା ପ୍ରମୁଖ ଦମୟନ୍ତୀଙ୍କ ଘରେ ପହଞ୍ଚି ତାଙ୍କ ୨ ଚକ୍ଷୁ ସଂଗ୍ରହ କରିଥିଲେ। ସେ ସମୟରେ ପାଖରେ ଦମୟନ୍ତୀଙ୍କ ୨ ପୁଅ ଭି.ଭି. ସତ୍ୟ ରାଓ, ଭି.ଭେଙ୍କେଟ ରାଓ ଏବଂ ଝିଅ ଇ.ସତ୍ୟାବତୀଙ୍କ ସହ ପରିବାରବର୍ଗ ଉପସ୍ଥିତ ଥିଲେ। ଫ୍ରେଣ୍ଡସ୍ ହେଲପିଂ କ୍ଲବ ପକ୍ଷରୁ କେ.ପି.କେ. ସୁବୁଦ୍ଧି, ଭି.ଭେଙ୍କେଟରାମଣା ରାଜୁ, କେ.ମୋହନ ରାଓ, ଭି.ସୋମେଶ୍ୱର ରାଓ ଏବଂ ଭି.ବଦ୍ରିନାରାୟଣ ପ୍ରମୁଖ ଉପସ୍ଥିତ ଥିଲେ। ବ୍ରହ୍ମପୁର ସହରବାସୀଙ୍କ ମଧ୍ୟରେ ଗତ କିଛି ବର୍ଷ ହେଲା ଚକ୍ଷୁ ଏବଂ ଅଙ୍ଗଦାନ ପ୍ରତି ଆଗ୍ରହ ବଢୁଥିବା ଦେଖିବାକୁ ମିଳୁଛି। ଏ ସମ୍ପର୍କରେ ଫ୍ରେଣ୍ଡସ୍ ହେଲପିଂ କ୍ଲବ ପକ୍ଷରୁ ସଚେତନତା କାର୍ଯ୍ୟକ୍ରମ ଆୟୋଜନ କରାଯାଉଛି। ୨୦୦୦ ମସିହାରୁ କ୍ଲବ ତରଫରୁ ଏହି ପଦକ୍ଷେପ ନିଆଯାଇଛି। ଚଳିତବର୍ଷ ବର୍ତ୍ତମାନ ସୁଦ୍ଧା ଏଭଳି ୭ ଜଣଙ୍କ ଠାରୁ ମୃତ୍ୟୁ ପରେ ଚକ୍ଷୁ ସଂଗ୍ରହ କରାଗଲାଣି। ସଂଗୃହୀତ ଚକ୍ଷୁକୁ ଦୃଷ୍ଟିହୀନଙ୍କଠାରେ ପ୍ରତିରୋପଣ କରାଯାଉଛି। ଫଳରେ ଦୃଷ୍ଟିହୀନମାନେ ଦୃଷ୍ଟିଶକ୍ତି ଫେରି ପାଉଛନ୍ତି।

### ମଦ ବେପାରୀ କୋର୍ଟଚାଲାଣ

ବଡ଼ସାହି,୧୮।୯(ସ୍ୱ.ପ୍ର)-ମାଣତ୍ରୀ-ବଡ଼ସାହି ରାସ୍ତାର ଅଙ୍ଗାରୀ ଛକରେ ବେଆଇନ ଭାବେ ଦେଶୀମଦ ବିକ୍ରି କରୁଥିବା ଅଭିଯୋଗରେ ବଡ଼ସାହି ପୋଲିସ ଜଣଙ୍କୁ ଗିରଫ କରି ମଙ୍ଗଳବାର କୋର୍ଟଚାଲାଣ କରିଛି। ଅଭିଯୁକ୍ତ ଜଣଙ୍କ ହେଲେ ମାଣତ୍ରୀ ପଞ୍ଚାୟତ ମୂଷାଗଡ଼ିଆ ଗ୍ରାମର ନିରଞ୍ଜନ ମହାନ୍ତି(୫୦)। ତାଙ୍କ ନିକଟରୁ ୪୦ଲିଟର ଦେଶୀ ମଦ ଓ ବିକ୍ରୟ ପାଇଁ ରଖାଯାଇଥିବା ଆବଶ୍ୟକ ସାମଗ୍ରୀକୁ ପୋଲିସ ଜବତ କରିଛି।

# ଗତିପଥ ବଦଳାଇଲା ମଙ୍ଗଳା ମୁହାଣ

ପୁରୀ ଅଫିସ,୧୮।୯:

ପ୍ରାୟ ପ୍ରତିବର୍ଷ ମଙ୍ଗଳା ନଦୀ ମୁହାଣ ଗତିପଥ ବଦଳୁଛି। ବିଭିନ୍ନ ସମୟରେ ପ୍ରାକୃତିକ ମୁହାଣ ପୋତିହୋଇ ଭିନ୍ନ ଜାଗାରେ ନୂଆ ଧାର ସୃଷ୍ଟି ହେଉଛି। ଗତ କିଛିଦିନ ହେବ ମଙ୍ଗଳା ନଦୀ ମୁହାଣ ପୋତିହୋଇ ସଙ୍କୁଚିତ ହୋଇଯାଇଥିଲା। ଏବେ ଏହି ପ୍ରାକୃତିକ ମୁହାଣ ସମ୍ପୂର୍ଣ୍ଣ ଭାବେ ପୋତିହୋଇ ପ୍ରାୟ ୪୦୦ ମିଟର ଦୂରକୁ ଘୁଞ୍ଚି ଯାଇଛି। ଚାରିୟଟ ହୋଟେଲ ପଛ ପାର୍ଶ୍ୱରେ ଦୁଇଟି ନୂଆ ଧାର ଖୋଲିଛି। ବାରମ୍ବାର ମଙ୍ଗଳା ନଦୀ ମୁହାଣ ଗତିପଥ ପରିବର୍ତ୍ତନ କରୁଥିବାରୁ ଏହା ସ୍ଥାନୀୟ ଅଞ୍ଚଳ ପ୍ରତି ବିପଦ ସୃଷ୍ଟି କରିଛି। ଅନ୍ୟପକ୍ଷରେ ନୂଆ କରି ଖୋଲିଥିବା ଦୁଇଧାର ବନ୍ଧ ଖାଉଥିବାରୁ ବାଲିବସ୍ତା ପକାଯାଇଛି।

ହୋଟେଲ ଷ୍ଟର୍ଲିଂ ପଛପାର୍ଶ୍ୱରେ ମଙ୍ଗଳା ନଦୀ ସମୁଦ୍ରରେ ମିଶିଛି। କିନ୍ତୁ ଅଧିକାଂଶ ସମୟରେ ମଙ୍ଗଳା ନଦୀର ଏହି ପ୍ରାକୃତିକ ମୁହାଣ ପୋତି ହୋଇଯାଉଛି। ଫଳରେ ସମୁଦ୍ର ଓ ନଦୀର ଜଳରାଶି ଅନେକ ସ୍ଥାନରେ ମୁହାଣ ସୃଷ୍ଟି କରି ସ୍ଥଳ ଭାଗ ଆଡ଼କୁ ମାଡ଼ୁଛି। ନିକଟରେ ଷ୍ଟର୍ଲିଂ ପଛ ପାର୍ଶ୍ୱରେ ଥିବା ମୁହାଣ ପୋତି ହୋଇଯାଇଛି। ଚାରିୟଟ ହୋଟେଲ ପଛ ପାର୍ଶ୍ୱରେ ପ୍ରାୟ ୩୦ ଫୁଟ ଚଉଡ଼ାର ଦୁଇଟି ଧାର ଖୋଲିଯାଇଛି। ଏହି ଦୁଇଧାର କିଛି ବାଟରେ ମିଶି ମଙ୍ଗଳା ନଦୀରେ ସଂଯୋଗ ହୋଇଛି। ଫଳରେ ଏହି ଧାର ନୂଆ ମୁହାଣ ଭାବେ ପରିଚିତ ହେଉଛି। ଏ ସମ୍ପର୍କରେ ପୁରୀ ଜଳସେଚନ ବିଭାଗର ନିର୍ବାହୀ ଯନ୍ତ୍ରୀ ପ୍ରମୋଦ କୁମାର ରାଉତ କହିଛନ୍ତି, ମୁହାଣ ଘୁଞ୍ଚିବା ଏକ ସ୍ୱାଭାବିକ ପ୍ରକ୍ରିୟା। ଏହା ପୁଣି ଯେଉଁଠି ଥିଲା ସେଠାକୁ ଚାଲି ଆସିବ। ଏହାର ସ୍ଥାୟୀ ପ୍ରତିକାର ପାଇଁ ମୁହାଣ ଉଭୟ ପାର୍ଶ୍ୱରେ ଅଧକିଲୋମିଟର ପର୍ଯ୍ୟନ୍ତ ସୁରକ୍ଷା ପ୍ରାଚୀର ନିର୍ମାଣ ଲାଗି ନକ୍ସା ତିଆରି କରାଯାଇଛି। କେନ୍ଦ୍ର ସରକାରଙ୍କ ଆଇସିଜେଡ୍ଏମ୍‌ପି (ସମନ୍ୱିତ ଉପକୂଳ ଜୋନ ପରିଚାଳନା ପ୍ରକଳ୍ପ) ଯୋଜନାରେ ଏହି ସୁରକ୍ଷା ପ୍ରାଚୀର ନିର୍ମାଣ କରାଯିବ। ଏଥିପାଇଁ ୮.୨୩ କୋଟି ଟଙ୍କାର ଡିପିଆର (ଡିଟେଲ ପ୍ରୋଜେକ୍ଟ ରିପୋର୍ଟ) ପ୍ରସ୍ତୁତ ହୋଇ ଅନୁମୋଦନ ପାଇସାରିଛି। ଏହି ଅର୍ଥରାଶି ମଧ୍ୟ ବଢ଼ିପାରେ। ଖୁବ୍‌ଶୀଘ୍ର ଟେଣ୍ଡର ପରେ କାମ ଆରମ୍ଭ କରାଯିବ ବୋଲି ନିର୍ବାହୀ ଯନ୍ତ୍ରୀ ସୂଚନା ଦେଇଛନ୍ତି। ତେବେ କୌଣସି ସମୟରେ ମଙ୍ଗଳା ନଦୀ ଓ ସମୁଦ୍ରର ଉଛୁଳା ଜଳରାଶି ଯଦି କୂଳ ଲଙ୍ଘି ପୁରୀ ସହରରେ ପଶେ ତା'ହେଲେ ଧନଜୀବନ କ୍ଷୟକ୍ଷତି ହେବ। ତେଣୁ ଏହାକୁ ଏଡ଼ାଇବା ପାଇଁ ଆଇସିଜେଡ୍ଏମ୍‌ପି ଯୋଜନା ପ୍ରସ୍ତୁତ କରିଛି।



ମଙ୍ଗଳା ନଦୀର ମୁହାଣ କୂଳ ଖାଉଛି।

- ୪୦୦ ମିଟର ଦୂରକୁ ଘୁଞ୍ଚିଗଲା
- ଖୋଲିଲା ୨ନୂଆ ଧାର
- ବନ୍ଧ ଖାଉଥିବାରୁ ପକାଯାଇଛି ବାଲିବସ୍ତା

# ଗୁଣି ସନ୍ଦେହରେ ଯୁବକଙ୍କୁ ଗାଁ ଦାଣ୍ଡରେ ହତ୍ୟା

**କବିସୂର୍ଯ୍ୟନଗର,୧୮।୯**

ଗଞ୍ଜାମ ଜିଲା କବିସୂର୍ଯ୍ୟନଗର ଥାନା ମୋରାବାଇ ଗାଁରେ ଜଣେ ଯୁବକଙ୍କୁ ମଙ୍ଗଳବାର ହତ୍ୟା କରାଯାଇଛି। ମୃତକ ହେଲେ ସେହି ଗାଁର ବନମାଳୀ ସ୍ୱାଇଁ (୪୮)। ଗୁଣି ସନ୍ଦେହରେ ତାଙ୍କୁ ସଂଘବଦ୍ଧ ଭାବେ ହତ୍ୟା କରାଯାଇଥିବା ପୋଲିସ କହିଛି। ମୃତକଙ୍କ ପୁଅ ଏନେଇ କବିସୂର୍ଯ୍ୟନଗର ଥାନାରେ ଅଭିଯୋଗ କରିଛନ୍ତି। ପୋଲିସ ସୂତ୍ରରୁ ପ୍ରକାଶ ଯେ, ଗ୍ରାମର ଜଣେ ମହିଳା କିଡ୍‌ନୀ ରୋଗୀରେ ଆକ୍ରାନ୍ତ ଥିଲେ। ବହୁ ଚିକିତ୍ସା ପରେ ଭଲ ନ ହେବାରୁ ଗୁଣିଗାରେଡି ଯୋଗୁ ଏଭଳି ହେଉଥିବା ତାଙ୍କ ସ୍ୱାମୀ ସନ୍ଦେହ କରିଥିଲେ। ସ୍ତ୍ରୀ ମଧ୍ୟ ଏଥିରେ ସହମତି ହେବା ସହ ବନମାଳୀଙ୍କ ସ୍ତ୍ରୀ ଏପରି କରୁଥିବା କହିଥିଲେ। ଏନେଇ ମଙ୍ଗଳବାର ସକାଳେ ଦୁଇ ପରିବାର ମଧ୍ୟରେ ବଚସା ହୋଇଥିଲା। ଯାହା ସନ୍ଧ୍ୟାରେ ଉଗ୍ରରୂପ ନେଇଥିଲା। ସମ୍ପୃକ୍ତ ବ୍ୟକ୍ତି ଓ ତାଙ୍କ ୨ ପୁଅ ଠେଙ୍ଗା ଓ ଲୁହାଛଡ଼ରେ ମଙ୍ଗଳବାର ରାତି ପ୍ରାୟ ୯ଟାରେ ବନମାଳୀ ଓ ତାଙ୍କ ସ୍ତ୍ରୀଙ୍କୁ ଆକ୍ରମଣ କରିଥିଲେ। ଉଭୟଙ୍କୁ ଗୁରୁତର ଅବସ୍ଥାରେ ହିଞ୍ଜିଳି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଥିଲା। ବନମାଳୀଙ୍କ ଅବସ୍ଥା ଗୁରୁତର ହେବାରୁ ତାଙ୍କୁ ବ୍ରହ୍ମପୁର ବଡ ମେଡିକାଲ ଓ ପରେ ରାତି ପ୍ରାୟ ୩ଟାରେ କଟକ ବଡ ମେଡିକାଲ ସ୍ଥାନାନ୍ତର କରିଥିଲେ। କିନ୍ତୁ ବାଲୁଗାଁଠାରେ ପହଞ୍ଚିବାବେଳକୁ ତାଙ୍କର ମୃତ୍ୟୁ ଘଟିଥିଲା। ସେଠାରୁ ମୃତଦେହ ବ୍ରହ୍ମପୁର ଫେରାଇ ଅଣାଯାଇଥିଲା। ବ୍ୟବଚ୍ଛେଦ ପରେ ବୁଧବାର ଗାଁରେ ଶେଷକୃତ୍ୟ ସମ୍ପନ୍ନ କରାଯାଇଛି। କବିସୂର୍ଯ୍ୟନଗର ପୋଲିସ ଗାଁରେ ପହଞ୍ଚି ତଦନ୍ତ ଚଳାଇଥିବା ଥାନା ଅଧିକାରୀ ତପନ କୁମାର ପତି କହିଛନ୍ତି। ମୃତ ବନମାଳୀଙ୍କ ପୁଅଙ୍କ ଅଭିଯୋଗ ପ୍ରକାରେ ନଂ.୨୨୪/୧୯ ଧାରା ୩୦୨,(୩୪)ଆଇପିସିରେ ମାମଲା ରୁଜୁ କରି ତଦନ୍ତ ଚଳାଇଛି। ଥାନା ଅଧିକାରୀ ଗୁଣିଗାରେଡିକୁ ନେଇ ଏହି ହତ୍ୟାକାଣ୍ଡ ଘଟିଥିବା କହୁଥିବାବେଳେ ପୂର୍ବ ଶତ୍ରୁତାରୁ ଏପରି ହୋଇଥିବା ଗ୍ରାମବାସୀ କହିଛନ୍ତି।

## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ବାଂଝ ଗାଈଠାରୁ ଲୋଡେ ଗୋରସ**
**ବରଗୀଠାରୁ ଦୟାକରେ ଆଶ**
**ବେଶ୍ୟାଠାରୁ ଯେ ସ୍ନେହ କରେ ଆଶା,**
**କହେ ଦନାଇ ଏ ଫସରଫସା ।**

ବାଛୁରୀ ଜନ୍ମ ନ କଲା ପର୍ଯ୍ୟନ୍ତ ଗାଈ କ୍ଷୀର ଦେଇ ପାରି ନ ଥାଏ। ମରହଟ୍ଟାବର୍ଗୀମାନେ ଅତ୍ୟନ୍ତ କଠୋର, ପରାକ୍ରମୀ। ତାଙ୍କଠାରୁ ଦୟା ଆଶା କରିବା ବୃଥା। ବିଟପୀ ନାରୀ ମନରେ ସ୍ନେହ, ଭଲ ପାଇବା ନ ଥାଏ। ସେମାନେ ବେକଳ ଧନ ଚାହିଁ ଥାନ୍ତି ବୋଲି ଏଠାରେ ବର୍ଣ୍ଣନା କରାଯାଇଛି।

**ବାଟରେ ଦେଖିଲି କମାର,**
**ଫାଳ ପଜେଇ ଦେ ଆମର ।**

ଯାହାଠାରୁ କିଛି ସାହାଯ୍ୟ ପାଇବାର ଆଶାଥାଏ ତାଙ୍କୁ ଦେଖିବାମାତ୍ରେ କିଛି ବ୍ୟକ୍ତି ନିଜର ଫାଇଦା କଥା ଭାବି ଉତ୍‌ଫୁଲ୍ଲିତ ହୋଇଉଠନ୍ତି। ସ୍ଥାନ କାଳ ପାତ୍ର ଭୁଲି ନିଜର ଈପ୍‌ସିତ କାର୍ଯ୍ୟ କରାଇଦେବା ଲାଗି ଜିଗର କରିଥାନ୍ତି। କରିବା ଲୋକ ତ ହାବୁଡେ ପଡ଼ିଗଲା, କାମଟା କରେଇ ନବା ଚକ୍କରରେ ରହିଥାନ୍ତି। ସୁବିଧାଦେଖି କାର୍ଯ୍ୟ ହାସଲ କରିବା ଅର୍ଥରେ ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି।

ନିର୍ବାଚିତ ଢଗଢମାଳି, ପ୍ରବାଦ, ପ୍ରବଚନ ଓ ଅନ୍ୟାନ୍ୟ
-ପ୍ରାଚୀ ସାହିତ୍ୟ ପ୍ରତିଷ୍ଠାନ

# ମହାପ୍ରଭୁଙ୍କର ହେଲା ବନକଲାଗି

ପୁରୀ ଅଫିସ,୧୮।୯:

ଶ୍ରୀମନ୍ଦିରରେ ବୁଧବାର ବନକଲାଗି ନୀତି ସମ୍ପନ୍ନ ହୋଇଛି। ଏଥିପାଇଁ ଅପରାହ୍ନ ୩ଟା ୪୫ରୁ ରାତି ୮ଟା ୫ମି. ପର୍ଯ୍ୟନ୍ତ ମହାପ୍ରଭୁଙ୍କ ଦର୍ଶନ ବନ୍ଦ ରହିଥିଲା। ଏହା ଏକ ଗୁପ୍ତ ନୀତି ହୋଇଥିବାରୁ ଶ୍ରୀମନ୍ଦିରର ଜୟ ବିଜୟ ଦ୍ୱାର ବନ୍ଦ କରାଯାଇ ଏହି ନୀତି କରାଯାଇଥିଲା। ଦ୍ୱିପ୍ରହର ଧୂପ ସରିବା ପରେ ଦତ୍ତମହାପାତ୍ର ସେବକମାନେ ମହାପ୍ରଭୁଙ୍କ ଶ୍ରୀମୁଖ ଶୃଙ୍ଗାର କରିଥିଲେ। ପ୍ରାକୃତିକ ପ୍ରଣାଳୀରେ ତିଆରି ପ୍ରସାଧନରେ ଠାକୁରଙ୍କ ଶ୍ରୀମୁଖ ଶୃଙ୍ଗାରକୁ ବନକଲାଗି କୁହାଯାଏ। ଏଥିପାଇଁ ଦତ୍ତମହାପାତ୍ର ସେବକମାନେ ଶୁଦ୍ଧପୁତ ଭାବେ ପ୍ରସାଧନ ପ୍ରସ୍ତୁତ କରିଥିଲେ। ପ୍ରାୟ ୪ଘଣ୍ଟାରୁ ଊର୍ଦ୍ଧ୍ୱ ସମୟ ଧରି ହୋଇଥିବା ଏହି ନୀତି ପରେ ପୁଣି ଭକ୍ତମାନେ ମହାପ୍ରଭୁଙ୍କୁ ଦର୍ଶନ କରିଥିଲେ ବୋଲି ଶ୍ରୀମନ୍ଦିର ଲୋକ ସମ୍ପର୍କ ଅଧିକାରୀ ଲକ୍ଷ୍ମୀଧର ପୂଜାପଣ୍ଡା କହିଛନ୍ତି। ଦତ୍ତମହାପାତ୍ର ସେବକମାନେ ପ୍ରସ୍ତୁତ କରିଥିବା ପ୍ରାକୃତିକ ରଙ୍ଗରେ କସ୍ତୁରୀ ଓ କେଶର ମିଶିଥାଏ। କସ୍ତୁରୀ ଯୋଗୁ ମହାପ୍ରଭୁଙ୍କ ମୁଖମଣ୍ଡଳ ଉଜ୍ଜ୍ୱଳ ଓ ମସୃଣ ରୁହେ। ରତ୍ନସିଂହାସନ ସମ୍ମୁଖରେ ଯେଉଁ ଭୋଗ ବଢ଼ାହୁଏ ତା'ର ଗରମ ବାଷ୍ପ ଯୋଗୁ ମୁଖମଣ୍ଡଳର ଉଜ୍ଜ୍ୱଳତା କମିଯାଏ। କସ୍ତୁରୀ ବ୍ୟବହାର ଯୋଗୁ ରଙ୍ଗ ଦୀର୍ଘସ୍ଥାୟୀ ହୋଇଥାଏ।


# CLASSIFIED DISPLAY

MORE SPACE • SAME PRICE

TARIFF

| For Single Day | | For 7 Days | | For 15 Days | | For 30 days | |
|---|---|---|---|---|---|---|---|
| 6 x 4 | 12 x 4 | 6 x 4 | 12 x 4 | 6 x 4 | 12 x 4 | 6 x 4 | 12 x 4 |
| 1,500.00 | 2,000.00 | 6,000.00 | 12,000.00 | 12,000.00 | 25,000.00 | 20,000.00 | 40,000.00 |

GST 5%

ALL EDITION - B/W (Everyday)
for Booking Contact:
0674-2580385, 7894447148, 7894447131, 9337021532, 7894447167, 7894447165

FINANCE

ଲୋନ! ଲୋନ! ଲୋନ
୧ ରୁ ୫୦ ଲକ୍ଷ୍ୟ ଲୋନ
NRC FINANCE
ଗୃହରୁଣ୍, ମାର୍କସିଟ ପର୍ସନାଲ୍, ବିଜନେସ୍, କୃଷି, ବ୍ୟବସାୟ, ସମ୍ପତି, କୁକୁଡାପାଳନ, ଇଟାଭାଟି, ଆଧାର କାର୍ଡ, ରାସନ କାର୍ଡ, ଆଦି ସମସ୍ତ ରୁଣ
ବେରୋଜଗାର ଓ ମହିଳାଙ୍କୁ ବିଶେଷ ଛାଡ ୧% ସୁଧ ୫୦% ରିହାତି
99901-64008
99901-64236
nrcfinanceonline@gmail.com
Office no. 09 11th floor statesman House plot no. 48 Connaught Place N.D 110001

ଋଣ
ପ୍ରଥମ 100 କଲର୍‌ଙ୍କୁ ବିଶେଷ ରିହାତି
ଟଙ୍କା ନେଉନ୍ତୁ, ଧୋକା ଦେଉନ୍ତୁ
ଆଗେ କାମ - ପରେ ଦାମ୍
ସରକାରୀ ଯୋଜନା ଅଧୀନରେ
ଲକ୍ଷାଧିକ ଗ୍ରାହକଙ୍କ ସମ୍ପୂର୍ଣ୍ଣ ବିଶ୍ୱାସ
1,00,000ରୁ 50,00,000 ପର୍ଯ୍ୟନ୍ତ ଋଣ
ଆଦର୍ଶ ଫାଇନାନ୍ସ
ମାର୍କଶିଟ୍, ପ୍ରପର୍ଟି ପର୍ସନାଲ, ବ୍ୟବସାୟ, ରାଶନ କାର୍ଡ, ଆଧାର କାର୍ଡ, ଚାଷ, ଏଗ୍ରିକଲ୍ଚର ସବୁ ପ୍ରକାର ଋଣ
24 ଘଣ୍ଟାରେ ଘରେ ବସି ପାଆନ୍ତୁ
2% ସୁଧ - 40% ରିହାତି
ଠକମାନଙ୍କ ପ୍ରତି ସାବଧାନ
7289999543
7289948952
SCO- 106, Second Floor, Vishal Tower, Cannaught Place, Delhi.

FINANCE
କ୍ୟାପିଟାଲ ଫାଇନାନ୍ସ
ସରକାରୀ ଯୋଜନା ଦ୍ୱାରା ନିଜର ମାର୍କସିଟ, ଆଧାରକାର୍ଡ, କୃଷି, ସମ୍ପତି, ବ୍ୟକ୍ତିଗତ ଋଣ ମାତ୍ର ୨୪ ଘଣ୍ଟାରେ। ୨% ସୁଧ ୪୦%ଛାଡ। ଘରେ ବସି ପାଆନ୍ତୁ।
ମହିଳା ଓ ବିଦ୍ୟାର୍ଥୀମାନଙ୍କ ପାଇଁ ସ୍ୱତନ୍ତ୍ର ସୁବିଧା
Mahaveer Nagar, Lewis Road, Bangalore
7894251618

FINANCE
ବିଶ୍ୱାସର ପ୍ରତୀକ, ଲୋନର ଗ୍ୟାରେଣ୍ଟି SHREE FINANCE ଦ୍ୱାରା ପ୍ରପର୍ଟି, ପର୍ସନାଲ BPL ଆଧାରକାର୍ଡ ଲୋନ 24 ଘଣ୍ଟାରେ ଘରେ ବସି ପାଆନ୍ତୁ।
MOB: 7292041586
Address - 12, Govt. Place (East), 2nd floor, Kolkata, west Bengal- 700069

EDUCATION

BUSINESS

ଖର୍ଚ୍ଚ ଋଣ ମଞ୍ଜୁର ହେବା ପରେ
CAPITAL FINANCE LTD.
(Reg. No. - U6519TN198PLC00855)
ମାର୍କଶିଟ୍. ପ୍ରପର୍ଟି. ପର୍ସନାଲ. ଗ୍ରୁପ୍. ବ୍ୟବସାୟ।
ସମସ୍ତ ଋଣ 3-4 ଦିନରେ ଘରେ ବସି ପାଆନ୍ତୁ। 2% ସୁଧ 40% ରିହାତି।
7310644620
9499439810
VISHAL ENCLAVE, M. ROAD, UP

KUBER FINANCE
Kuber ଋଣ ଲିମିଟେଡ୍ ଭରସାର ପ୍ରତିକ ସରକାରୀ ସ୍ୱୀକୃତୀପ୍ରାପ୍ତ କମ୍ପାନୀ ଦ୍ୱାରା ମାର୍କସିଟ, କୃଷି ଆଧାରକାର୍ଡ ଓ ସମ୍ପତି, ବ୍ୟକ୍ତିଗତ BPL ଋଣ ମାତ୍ର ୧ ଦିନରେ, 2% ସୁଧ 40% ଛାଡ। ଘରେ ବସି ପାଆନ୍ତୁ
ଖର୍ଚ୍ଚ ଲୋନ ପାସ ହେଲା ପରେ
Plot No-14/524, Chandini Chowk, Kolkata
8146524009
8146359004

ADMISSION OPEN
MAA TARA TARINI SCHOOL OF NURSING,
Neelachal Nagar, Berhampur
ANM/ Multipurpose Health Worker (Female) Training Programme Recognised by Govt. of Odisha H&FW Dept. Affiliated by INC, New Delhi.
We also offered Course (OT Technician, DMLT X-ray Technician)
Contact No:
9437425759
8280476992
Email : maataratarinison@gmail.com

HINDUSTAN TOWER
ନାମ ନୁହେଁ କାମ କହିଥାଏ।
25 ବର୍ଷ ଧରି ଆପଣଙ୍କ ଭରସାଯୋଗ୍ୟ କମ୍ପାନୀ
Hindustan Tower Group
Govt. Regd କମ୍ପାନୀ ଦ୍ୱାରା ନିଜର ଖାଲି ଜମି, ଛାତ, କ୍ଷେତ, ପ୍ଲଟ୍ ଉପରେ ଡିଜିଟାଲ ରେଡିଏଶନ୍ ଫ୍ରି ଟାୱାର ଲଗାନ୍ତୁ, ଅଗ୍ରିମ ୨୦ ଲକ୍ଷ, ଭଡ଼ା 60,000 + ବାଇକ୍।
20 ବର୍ଷର କୋର୍ଟ ଏଗ୍ରିମେଣ୍ଟ।
8929313996
7042350747
4397, Arya Pura, Old Subzi Mandi, Delhi-110007

REQUIRED / LOAN
HARI OM FINANCE
ସମଗ୍ର ଭାରତରେ କମ୍ପାନୀକୁ ଆବଶ୍ୟକତା ଅଛି, ଏଜେଣ୍ଟ, ଲୋନ୍ ଏଜେଣ୍ଟ, ଟିମ୍‌ଲିଡ଼ର।
୨୫,୦୦୦ - ୩୦,୦୦୦ ମାସିକ
ଆଧାରକାର୍ଡ୍, ପ୍ରପର୍ଟି, ପର୍ସନାଲ ଲୋନ୍
8394004932
8394004961
8394004898

TIRUPATI FINANCE
ସମସ୍ତ ପ୍ରକାର ଲୋନ ମାତ୍ର ୪୮ ଘଣ୍ଟାରେ କମ୍ ସୁଦରେ ଦିଆଯାଉଛି। ତୁରନ୍ତ ଯୋଗାଯୋଗ କରନ୍ତୁ ଏବଂ ଘରେ ବସି ଲୋନ ପାଆନ୍ତୁ। ମହିଳା ଏବଂ ସିନିୟର ସିଟିଜନ୍‌ଙ୍କ ପାଇଁ ବିଶେଷ ସୁବିଧା।
HIMAYAT NAGAR, MAIN ROAD, HYDERABAD- 500029
8658503781
9667987587
9717166871
balajitrusty@gmail.com

BASUNDHAR FINANCE
ପର୍ସନାଲ, ବିଜିନେସ୍, ମାର୍କଶିଟ୍, ଗୃହ, ଶିକ୍ଷା, କୃଷି, ଗାଈ ଓ କୁକୁଡା ପାଳନ ଇତ୍ୟାଦି BASUNDHAR FINANCE ସମସ୍ତ ପ୍ରକାର LOAN ଯୋଗାଇ ଦେଉଛି।
ସୁଧ = 1%
CONTACT
7683914951
9658224887
Plot No.4720, Shahnajaf Rd, Chandigarh-226002, At-Hemamura, Luhapank, Rairakhol, Sambalpur-768106

ASTROLOGY

ADMISSION OPEN FOR 2019-21
B.Ed & M.Ed
Acharya Nagarjuna University
UGC & NCTE Approved
Equivalent to Govt. of Odisha
FREE Practical & Study Material
NIDT
B.Ed Academy Since 2001
B.J.B. Nagar, Lewis Road, Bhubaneswar
9338229373, 7978204082
9438286091

Shinghania Tower
ନିଜର ଛାତ, ଜମି, କ୍ଷେତ, ଫ୍ଲାଟ୍ ଉପରେ ଡିଜିଟାଲ ଟାୱାର ଲଗାନ୍ତୁ। ଘରେ ବସି ରୋଜଗାର କରନ୍ତୁ। ଅଗ୍ରିମ 60 ଲକ୍ଷ + ଭଡ଼ା 45000/- + ବାଇକ୍
ଯୋଗାଯୋଗ: 8887232676
Add- Ashoka puram, Mysore, Karnataka- Pin Code 570008

COLOR DISPLAY CLASSIFIED

| SIZE | 15 days | 8 days | 4 days | Single day |
|---|---|---|---|---|
| 6 X 8 | 40,000 | 20,000 | 11,000 | 2,800 |

GST 5% will be added extra
on every Tuesday & Friday

ଫ୍ରି ସେବା କୌଣସି ଫିସ୍ ନାହିଁ
ଭଲ କାମର ପରିଣତି ଭଲ ହୋଇଥାଏ
MY PROMISE
ଅଘୋରୀ ତାନ୍ତ୍ରିକ ବାବା ଓମପ୍ରକାଶ ଶାସ୍ତ୍ରୀ
ବଶୀକରଣ, ମୂଠକରଣୀ ସ୍ପେଶାଲିଷ୍ଟ
ପ୍ରେମବିବାହ, ମନ ଚାହୁଁଥିବା ପ୍ରେମ, ଗୃହକ୍ଳେଶ, ଚାକିରି, ବ୍ୟବସାୟ, ସ୍ୱାମୀ, ସ୍ତ୍ରୀ ମନୋମାଳିନ୍ୟ, ସଉତୁଣୀ, ଶତ୍ରୁ ମୁକ୍ତି, ବିବାହରେ ବାଧା
3 ଘଣ୍ଟାରେ ଘରେ ବସି ସମାଧାନ।
81 26 92 24 05
ହରିଦ୍ୱାର

ଆଗେ ଆସନ୍ତୁ, ଆଗେ ପାଆନ୍ତୁ
GOVT. APPROVED ପଞ୍ଜୀକୃତ କମ୍ପାନୀ
GLOBAL TOWER
ନିଜର ଖାଲି ଜମି, ଛାତ, କ୍ଷେତ୍ର, ପ୍ଲଟ୍‌ରେ ଡିଜିଟାଲ ମଲ୍ଟିମିଡିଆ ଟାୱାର ଲଗାନ୍ତୁ
ଅଗ୍ରିମ 90 ଲକ୍ଷ, ଭଡ଼ା + 75000 + 25,000ର ଅନ୍ୟାନ୍ୟ ସୁବିଧା + ରହିବା ଖାଇବା ଫ୍ରି + ବାଇକ୍
7325835499
B-36/7 A-Block Vijay Enclave Burari New Delhi 74


**ପାଠକଙ୍କ ପାଇଁ ସୂଚନା:**

ଏହି ପୃଷ୍ଠାରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଇଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

# ଚିକିତ୍ସାଧୀନ ଅବସ୍ଥାରେ ମୃତ୍ୟୁ

**ରଣ ବୋଝ ସହି ନ ପାରି କୀଟନାଶକ ପିଇଲେ ଚାଷୀ**

ଧାମନଗର, ୧୮।୯ (ଡି.ଏନ.ଏ.)

ଭଦ୍ରକ ଜିଲା ଧାମନଗର ବ୍ଲକ ବମକୁରା ପଞ୍ଚାୟତ ଅଧୀନ ଦେଉଳଡିହି ନୂଆପାଟଣା ଗ୍ରାମର ଚାଷୀ ଉମାକାନ୍ତ ଲେଙ୍କା(୫୮) କୀଟନାଶକ ପିଇ ଆତ୍ମହତ୍ୟା କରିଛନ୍ତି। ବୁଧବାର ଅପରାହ୍ନରେ ମୃତ ଉମାକାନ୍ତଙ୍କ ବଡ଼ପୁଅ ମନୋଜ ଏ ନେଇ ଧୂଷୁରୀ ଥାନାରେ ଲିଖିତ ଅଭିଯୋଗ କରିଛନ୍ତି। ରଣ ବୋଝ ସହି ନ ପାରି ତାଙ୍କ ବାପା କୀଟନାଶକ ପିଇଦେଇଥିଲେ। ମଙ୍ଗଳବାର ରାତିରେ ଚିକିତ୍ସାଧୀନ ଅବସ୍ଥାରେ ଡାକ୍ତରଖାନାରେ ତାଙ୍କର ମୃତ୍ୟୁ ଘଟିଥିବା ସେ ଅଭିଯୋଗରେ ଦର୍ଶାଇଛନ୍ତି।

ଅଭିଯୋଗ ଅନୁଯାୟୀ, ଉମାକାନ୍ତ ଚାଷ କରିବା ସହିତ ରାଜମିସ୍ତ୍ରି ଭାବେ କାର୍ଯ୍ୟ କରୁଥିଲେ। ଚଳିତବର୍ଷ ସେ ସୋସାଇଟିରୁ ରଣ ନେଇ ପ୍ରାୟ ୪ ଏକର ଜମିରେ ଧାନ ଚାଷ କରିଥିଲେ। ସ୍ଥାନୀୟ ସୋସାଇଟିରୁ ଗତ ଜୁଲାଇ ୨୩ରେ ଖରିଫ ଫସଲ ପାଇଁ ୩୨ ହଜାର ୫୫୦ ଟଙ୍କା ରଣ ଉଠାଇଥିଲେ। ଏଥିସହିତ ଗାଁ ଗଣ୍ଡାରୁ ସୁଧରେ ଏବଂ ଗ୍ରୁପ ଦ୍ୱାରା ସେ ରଣ ଆଣିଥିଲେ। ରଣ କେମିତି ଶୁଝିବେ ସେନେଇ ସବୁବେଳେ ସେ ଚାପରେ ରହୁଥିଲେ। ଗତ ଶୁକ୍ରବାର ସନ୍ଧ୍ୟାରେ ସେ କୀଟନାଶକ ପିଇ ଦେଇଥିଲେ। ତାଙ୍କୁ ଭଦ୍ରକ ମେଡିକାଲକୁ ନିଆଯାଇଥିଲା। ସେଠାରେ ଦୁଇଦିନ ଚିକିତ୍ସା ପରେ ଅବସ୍ଥା ସଙ୍କଟାପନ୍ନ ହେବାରୁ ତାଙ୍କୁ କଟକ ସ୍ଥାନାନ୍ତର କରାଯାଇଥିଲା। ସେଠାରେ ଚିକିତ୍ସାଧୀନ ଅବସ୍ଥାରେ ମଙ୍ଗଳବାର ରାତି ପ୍ରାୟ ୯ଟା ବେଳେ ତାଙ୍କର ମୃତ୍ୟୁ ଘଟିଛି। ଘଟଣାର ତଦନ୍ତ ସହ ବ୍ୟବଚ୍ଛେଦ ରିପୋର୍ଟ ଆସିବା ପରେ ସତ୍ୟାସତ୍ୟ ଜଣାପଡ଼ିବ ବୋଲି ଧୂଷୁରୀ ଥାନା ଆଇଆଇସି ପ୍ରଫୁଲ୍ଲ କୁମାର ସିଂ ସୂଚନା ଦେଇଛନ୍ତି।

## ଅପହର୍ତ୍ତାଙ୍କ କବଳରୁ ମୁକୁଳିଲେ ଯୁବକ

**ବାରିପଦା ଅଫିସ,୧୮।୯:** ମୟୂରଭଞ୍ଜ ଜିଲା ଦେଉଳି ନିକଟରେ ବୁଧବାର ଟାଉନ ପୋଲିସ ଚଢ଼ାଉ କରି ଅପହର୍ତ୍ତାଙ୍କ କବଳରୁ ଜଣେ ଯୁବକଙ୍କୁ ଉଦ୍ଧାର କରିଛି। ଯୁବକ ଜଣକ ହେଲେ ବାଲେଶ୍ୱର ଜିଲା କମର୍ଦ୍ଦା ଅଞ୍ଚଳର ଅଞ୍ଜନ ଦାସ। ସଦର ଏସ୍‌ଡିପିଓ କେ.ପି ପଟ୍ଟନାୟକଙ୍କ ସୂଚନା ଅନୁଯାୟୀ, ପୂର୍ବ ଶତ୍ରୁତା ଯୋଗୁ ଅଞ୍ଜନଙ୍କୁ ତାଙ୍କ ସାଙ୍ଗମାନେ ଗତ ୧୬ ତାରିଖରୁ ଅପହରଣ କରି ନେଇଥିଲେ। ତାଙ୍କୁ ଛାଡ଼ିବା ପାଇଁ ୧ ଲକ୍ଷ ଟଙ୍କା ଦାବି କରିଥିଲେ। ଏଥିନେଇ ଅଭିଯୋଗ ପାଇ ପୋଲିସ ଏକ ମାମଲା ରୁଜୁ କରିଥିଲା। ତେବେ ଅପହର୍ତ୍ତାମାନେ ପୋଲିସ କବଳରୁ ଖସି ପଳାଇଛନ୍ତି। ଅପହର୍ତ୍ତାମାନେ ଚିହ୍ନଟ ହୋଇ ସାରିଛନ୍ତି। ସେମାନଙ୍କୁ ଖୁବ ଶୀଘ୍ର ଧରାଯିବ ବୋଲି ଭାରପ୍ରାପ୍ତ ଥାନା ଅଧିକାରୀ ସ୍ୱର୍ଣ୍ଣଲତା ମିଞ୍ଜ କହିଛନ୍ତି।

## ଜୁଆଆଡ୍ଡାରେ ଚଢ଼ାଉ, ଜଣେ ଗିରଫ, ୩ ଫେରାର

ଆଠମଲ୍ଲିକ,୧୮।୯(ଡି.ଏନ.ଏ.)

ଆଠମଲ୍ଲିକ ପୋଲିସ ମଙ୍ଗଳବାର ସ୍ଥାନୀୟ ବସ୍‌ଷ୍ଟାଣ୍ଡ ପଛପଟେ ଚାଲିଥିବା ଜୁଆଆଡ୍ଡାରେ ଚଢ଼ାଉ କରି ଜଣକୁ ଗିରଫ କରିଛି। ସେ ହେଲେ ସ୍ଥାନୀୟ ହରିଡ଼ାନାଳୀ ଗ୍ରାମର ବେଲାଳସେନ ମୁଣ୍ଡା (୩୩)। କାଳିନ୍ଦୀ ବେହେରା, ମଙ୍ଗୁଲୁ ସାହୁ, ଦିଲୀପ ସ୍ୱାଇଁ ଘଟଣାସ୍ଥଳରୁ ଫେରାର ହୋଇଯାଇଛନ୍ତି। ଆଇଆଇସି ପ୍ରିୟବ୍ରତ ଦାଶଙ୍କ ତତ୍ତ୍ୱାବଧାନରେ ସେକେଣ୍ଡ ଅଫିସର ଦେବଯାନୀ ଛତର ସଦଳବଳ ଚଢ଼ାଉ କରିଥିଲେ। ଏ ନେଇ ପୋଲିସ କେସ୍ ନଂ .୧୦୧/୧୯ରେ ମାମଲା ରୁଜୁକରି ବୁଧବାର ବେଲାଳସେନଙ୍କୁ କୋର୍ଟଚାଲାଣ କରିଛି।

## ଚୋରି ଅଭିଯୁକ୍ତ ଗିରଫ

ଆଠମଲ୍ଲିକ,୧୮।୯(ଡି.ଏନ.ଏ.)

ସିସିଟିଭି କ୍ୟାମେରା ଚୋରି କରିବା ଅଭିଯୋଗରେ ବୁଧବାର ଆଠମଲ୍ଲିକ ପୋଲିସ ହରିଡାନାଳି ଗ୍ରାମର ମିଥୁନ ବେହେରାଙ୍କୁ ଗିରଫ କରିଛି। ଗତ ୧୦ ତାରିଖ ରାତିରେ ମିଥୁନ୍ ଆଦିଶକ୍ତି ଫିଲିଂ ଷ୍ଟେଶନରେ ଲାଗିଥିବା ସିସି କ୍ୟାମେରା ଚୋରିକରି ନେଇଥିବା ଥାନାରେ ଅଭିଯୋଗ ହୋଇଥିଲା।

■ବ୍ରାଉନ୍‌ସୁଗାର ଡିଲର ସେକ୍ ରାଜାଙ୍କ ଘର ଉପରେ ଚଢ଼ାଉ

# ସିସି କ୍ୟାମେରା ଜଗୁଥିଲା କଳାବେପାର

ବାଲେଶ୍ୱର ଅଫିସ,୧୮।୯/ ଭୁବନେଶ୍ୱର (ବ୍ୟୁରୋ)



ବାଲେଶ୍ୱର ଅରଡ଼ବଜାର ମସଜିଦ୍ ଗଳି ସ୍ଥିତ ସେକ୍ ରାଜାଙ୍କ ଘରୁ ଜବତ ସିସିଟିଭି କ୍ୟାମେରା ଓ ହାର୍ଡଡିସ୍କ ଧରି ବାଲେଶ୍ୱର ପୋଲିସର ସ୍ପେଶାଲ ସ୍କ୍ୱାଡ୍ ଫେରୁଛନ୍ତି।

ବ୍ରାଉନ୍‌ସୁଗାର ଡିଲର ସେକ୍ ରାଜା କ୍ରାଇମବ୍ରାଞ୍ଚ ସ୍ପେଶାଲ ଟାସ୍କ ଫୋର୍ସ (ଏସ୍‌ଟିଏଫ୍) ହାତରେ ଧରାପଡିବା ପରେ ଅନେକ ଗୁମର ଫିଟିବାରେ ଲାଗିଛି। ଓଡ଼ିଶା ସମେତ ପଶ୍ଚିମବଙ୍ଗ, ରାଜସ୍ଥାନ, ନେପାଳ, ବାଂଲାଦେଶ, ଗୋଆରେ ରାଜାଙ୍କର ନେଟ୍‌ୱାର୍କ ରହିଛି। ବାଂଲାଦେଶରୁ ଜଳପଥରେ ବ୍ରାଉନସୁଗାର ଆଣି ବାଲେଶ୍ୱରରେ ପହଞ୍ଚାଇବା ପରେ ରାଜ୍ୟର ବିଭିନ୍ନ ଅଞ୍ଚଳ ଓ ଅନ୍ୟ ରାଜ୍ୟକୁ ଚାଲାଣ କରନ୍ତି ରାଜା। ତେବେ ତାଙ୍କ କଳା ସାମ୍ରାଜ୍ୟ ଓ ବହୁ କୋଟି ସମ୍ପତ୍ତିର ସୁରାକ ମିଳିବା ପରେ ଖୋଳତାଡ଼ ଆରମ୍ଭ ହୋଇଛି। ଭୁବନେଶ୍ୱର ସ୍ପେଶାଲ କୋର୍ଟ ଅନୁମତି ଦେବା ପରେ ବୁଧବାରଠାରୁ ଏସ୍‌ଟିଏଫ୍ ତାଙ୍କୁ ୭ଦିନିଆ ରିମାଣ୍ଡରେ ଆଣିଛି। ଏସ୍‌ଟିଏଫ୍ ଏସ୍‌ପି ରାହୁଲ ପିଆର୍‌ଙ୍କ ତତ୍ତ୍ୱାବଧାନରେ ସ୍ୱତନ୍ତ୍ର ଟିମ୍ ତାଙ୍କୁ ଜେରା କରୁଛି। ଏଥିସହ ରାଜାଙ୍କ ସହଯୋଗୀ ତଥା ଲେଡି ବ୍ରାଉନସୁଗାର ବ୍ୟବସାୟୀ ହାସିନାରା ଖାତୁନ ଓରଫ ମୀନାଙ୍କୁ ଗିରିଫ କରି ତାଙ୍କଠାରୁ ଆଉକିଛି ତଥ୍ୟ ହାସଲ କରିଛି। ଅନ୍ୟପକ୍ଷରେ ମଧ୍ୟାହ୍ନରେ ବାଲେଶ୍ୱର ପୋଲିସର ସ୍ପେଶାଲ ସ୍କ୍ୱାଡ୍ ସହଦେବଖୁଣ୍ଟା ମଡେଲ ଥାନା ଅନ୍ତର୍ଗତ ଅରଡ଼ବଜାର ମସଜିଦ୍ ଗଳିସ୍ଥିତ ରାଜାଙ୍କ ବିଳାସପୂର୍ଣ୍ଣ ବାସଭବନ ଉପରେ ଚଢ଼ାଉ କରିଥିଲା। ସେଠାରୁ ପୋଲିସକୁ ବହୁ ଗୁରୁତ୍ୱପୂର୍ଣ୍ଣ ତଥ୍ୟ ମିଳିଛି। ରାଜାଙ୍କ କଳାକାରବାରକୁ ସୁରକ୍ଷା ଦେବାକୁ ଘର ଓ ଗଳି ରାସ୍ତାକୁ ପୂରା ସିସିଟିଭି କ୍ୟାମେରା ଜଗୁଥିଲା। ବ୍ରାଉନସୁଗାର ବ୍ୟବସାୟୀଙ୍କ ସମେତ ପୋଲିସ ଓ ଅନ୍ୟ ଲୋକଙ୍କ ଯାତାୟାତ ଉପରେ ଏହା ନଜର ରଖୁଥିଲା। ସ୍ପେଶାଲ ସ୍କ୍ୱାଡ୍ ଘର ଓ ବାହାରେ ଲାଗିଥିବା ୪ ସିସିଟିଭି କ୍ୟାମେରା ସହ କମ୍ପ୍ୟୁଟର ହାର୍ଡଡିସ୍କକୁ ଜବତ କରିଛି। ହାର୍ଡଡିସ୍କକୁ ଯାଞ୍ଚ କଲାପରେ ରାଜାଙ୍କ କଳା ସାମ୍ରାଜ୍ୟ ସମ୍ପର୍କରେ ବହୁ ତଥ୍ୟ ମିଳିବ ବୋଲି ପୋଲିସ ଆଶା ରଖିଛି।

ଗତ ୧୬ ତାରିଖରେ ଏସ୍‌ଟିଏଫ୍ ଭୁବନେଶ୍ୱର ଖଣ୍ଡଗିରି ଥାନା ଅନ୍ତର୍ଗତ ଯଦୁପୁର ଅଞ୍ଚଳରୁ ସେକ୍ ରାଜାଙ୍କୁ ଗିରଫ କରିଥିଲା। ତାଙ୍କ ନିକଟରୁ ନଗଦ ୧ଲକ୍ଷ ଟଙ୍କା, ଗୁଳି ଭର୍ତ୍ତି ପିସ୍ତଲ, ୧୩୦ ଗ୍ରାମ୍ ବ୍ରାଉନ୍‌ସୁଗାର ଏବଂ ୬ଟି ମୋବାଇଲ ଫୋନ୍ ଜବତ ହୋଇଥିଲା। ପୂର୍ବରୁ ଖୋର୍ଦ୍ଧାରୁ ଗିରଫ ହୋଇଥିବା ପଥର ତଥା ବ୍ରାଉନସୁଗାର ବେପାରି ଛୋଟା ଓ ଅନ୍ୟକେତେଜଣ ସହଯୋଗୀଙ୍କୁ ପଚରାଉଚରାବେଳେ କିଙ୍ଗପିନ୍ ରାଜାଙ୍କ ସମ୍ପର୍କରେ ସୁରାକ ପାଇଥିଲା ଏସ୍‌ଟିଏଫ୍। ତାଙ୍କୁ ଧରିବା ପରେ ପୂରା ସାମ୍ରାଜ୍ୟକୁ ଧ୍ୱଂସ କରିବା ପାଇଁ ଏସ୍‌ଟିଏଫ୍ ଅଭିଯାନ ଆରମ୍ଭ କରିଛି। ତେବେ ବୁଧବାର ପୋଲିସ ବାଲେଶ୍ୱର ଅରଡ଼ବଜାରସ୍ଥିତ ରାଜାଙ୍କ ବାସଭବନ ଉପରେ ଚଢ଼ାଉବେଳେ ତାଙ୍କ ଘର ବନ୍ଦ ଥିବା ଦେଖିବାକୁ ମିଳିଥିଲା। ମସଜିଦ୍ ଗଳି ଆରମ୍ଭରୁ ତାଙ୍କ ଘର ଯାଏ ସିସି ଟିଭି କ୍ୟାମେରା ଲଗାଯାଇଥିବା ଦେଖି ପୋଲିସ ସତର୍କତାର ସହ ଆଗକୁ ବଢ଼ିଥିଲା। ତେବେ ସିସିଟିଭି କ୍ୟାମେରାର ହାର୍ଡଡିସ୍କ ରାଜାଙ୍କ ଭାଉଜ ସନ୍‌ୱାର ବିବିଙ୍କ ଘରେ ରହିଥିଲା। ସ୍ପେଶାଲ ସ୍କ୍ୱାଡ୍ ସେସବୁକୁ ଜବତ କରିବା ସହ ପରିବାର ସଦସ୍ୟଙ୍କୁ ପଚରାଉଚରା କରିଥିବା ସୂଚନା ମିଳିଛି। ବାଲେଶ୍ୱର ପୋଲିସର ସ୍ପେଶାଲ ସ୍କ୍ୱାଡ୍ ଟିମ୍‌ରେ ଡିଏସ୍‌ପି ମନୋଜ ରାଉତ, ରେମୁଣା ଥାନା ଆଇଆଇସି ଶୁଭ୍ରାଂଶୁ ନାୟକ ପ୍ରମୁଖ ଥିଲେ।

ଏସ୍‌ଟିଏଫ୍ ଆଇଆଇସି ଆଲୋକ ଜେନା କହିଛନ୍ତି, ସେକ୍ ରାଜା ଅଧିକାଂଶ ସମୟରେ କଲିକତାରେ ରହୁଥିବା ଓ ଗୋଆ, ରାଜସ୍ଥାନ, ନେପାଳକୁ ଯାଉଥିବା ଜଣାପଡିଥିଲା। ତାଙ୍କ ଇସାରାରେ ସହଯୋଗୀ ଓ ଏଜେଣ୍ଟମାନେ ବ୍ରାଉନ୍‌ସୁଗାର ଠିକଣା ସ୍ଥାନରେ ପହଞ୍ଚାଇ ଦେଉଥିଲେ। ରାଜାଙ୍କ ନିଶା ବ୍ୟବସାୟ ବିଭିନ୍ନ ରାଜ୍ୟରେ ଥିବାରୁ ଏ ସମ୍ପର୍କରେ ଅଧିକ ଜାଣିବା ପାଇଁ ଉଦ୍ୟମ ଚାଲିଥିବା ସେ କହିଛନ୍ତି।


## BHUBANESWAR DEVELOPMENT AUTHORITY

AKASH SHOVA BUILDING, PANDIT JAWAHARLAL NEHERU MARG, BHUBANESWAR - 751001
PABX No. 0674-2392801 / 0998 / 6437, FAX No. 0674-2390633 / 085
Visit us at: http://www.bda.gov.in/

**Bid Identification No. 934** **Dated: 18.09.2019**

### INVITATIONS FOR BIDS (IFB)

Executive Engineer, Setu Division-IV, BDA, Bhubaneswar on behalf of Bhubaneswar Development Authority invites **percentage rate bids** in **Double Cover system** conforming to the Detailed Tender Call Notice (DTCN) from Electrical Contractors having valid H.T. license registered under Government of Odisha, having PAN and valid EPF & ESI registration No., GST Certificate for the item of works as indicated in the table below.

| Sl No. | Name of work | Estimated Cost (in Rs.) | EMD (in Rs.) | Cost of Tender Paper | Period of Completion |
|---|---|---|---|---|---|
| (1) | (2) | (3) | (4) | (5) | (6) |
| 1. | Restoration of power supply and illumination of Biju Pattnaik Park affected by cyclone "FANI" (Illumination of the park by replacement of damaged fittings). | 10,45,498.00 | 10,500.00 | 6000.00 + 12% GST | 30 (Thirty days) |
| 2. | S/R to E.I of Kalyan Mandap at Kalinga Nagar K-VII, Bhubaneswar. | 7,23,795.00 | 7,300.00 | 4000.00 + 12% GST | 30 (Thirty days) |

1. The bid documents will be available in the website: **https://tendersodisha.gov.in** from **20/09/2019 at 10.30 Hours.** Any Addendum/ Corrigendum/ Cancellation of tender can also be seen in the said website.
2. Bids shall be received only **"online"** on or before dated - **04.10.2019 up to 17.00 Hours.** The bidder must possess compatible Digital Signature Certificate (DSC) of Class-II or Class-III.
3. Other details can be seen in the bidding documents.
4. The authority reserves the right to cancel any or all bids without assigning any reason.

Sd/-
Executive Engineer,
Division - IV, BDA, BBSR

## OTPC
## ODISHA THERMAL POWER CORPORATION LTD.

3RD FLOOR, SETU BHAWAN, OBCC BUILDING, NAYAPALLY, BBSR-751012
Telefax-0674-2390732, Website- otpcl.com, Email-info@otpcl.com/otpcbbsr@gmail.com CIN:U40102OR2007SGC009145

**Invitation for Bid No.393** **Date 18.09.2019**

1. The Divisional Engineer (Civil), Dhenkanal invites item rates bid for the work detailed in the table for the registered contractors with State Govt. for execution of works to be eventually drawn up in the F2 contract form. The intending bidders are not required to produce any document during purchase of bid documents.

| Name of the work | Approx. value of work (₹ in lakhs) | Class of contractor | EMD Deposit | Cost of tender | Period of completion |
|---|---|---|---|---|---|
| 1 | 2 | 3 | 4 | 5 | 6 |
| Construction and fixing of R.C.C pillars in property line and diversion road line for demarcation of Main Plant area of OTPC Limited. | ₹ 5,73,900/- | C & D | ₹ 5,740/- | ₹4,720/- including GST @18% | 02 (Two months) |

2. The document consist of drawing, designing and specification. The schedule of quantity and the act of terms & conditions of contract and other necessary document can be seen in the office of the Divisional Engineer, OTPC, Dhenkanal during office hours of working days except on Sunday & Holidays. The site can be seen by contacting Site Engineer stationed at Dhenkanal.
3. Bids must be accompanied with E.M.D to the tune of the amount specified for the work in the table above. EMD shall be paid in shape of DD payable at Bhubaneswar in favour of "Odisha Thermal Power Corporation Limited" drawn on any scheduled bank of India & shall have to be submitted along with the Bid.
4. The sale of bid document shall start from **20.09.2019** to **30.09.2019** in the O/o Divisional Engineer, OTPC, Dhenkanal on all working days from **11.00AM** to **2.00PM** except holidays where the bids have been notified to be sold.
5. Copy of all documents i.e. License, PAN card, GST details along with Machineries available with the contractor to be attached with the tender.
6. The bids will be received upto **4.30 PM** on **03.10.2019** and opened on **04.10.19** at **11.30 AM** in the O/o Divisional Engineer, OTPC, Dhenkanal in the presence of bidders/his authorized representatives.
7. Other details can be seen in the bidding documents.
8. No bidding document will be received after schedule date and time.
9. The Chief Executive Officer reserves the right to reject any or all the tender without assigning any reason thereof.

Sd/-
Chief Executive Officer

ଓଡ଼ିଶା ବିଦ୍ୟୁତ୍ ଶକ୍ତି ସଂଚାରଣ ନିଗମ ଲିଃ.
## ODISHA POWER TRANSMISSION CORPORATION LTD.
(A Government of Odisha Undertaking)
OPTCL Lifeline of Odisha
OFFICE OF THE DEPUTY GENERAL MANAGER, TELECOM. DIVISION
SLDC Building, P.O. - Mancheswar Railway Colony, Bhubaneswar-751017
CIN : U40102OR2004SGC007553

**CORRIGENDUM No. 1 to TENDER CALL NOTICE NO.01/2019-20**

The Sale of Tender paper as called for vide this office Tender Call Notice No. 01/2019-20 dated 07.09.2019 is hereby **extended up to 5:00 PM** on dated **24.09.2019** and the same will be submitted to this office up to **1:00 PM** on dated **27.09.2019**. The tender will also be opened at **4:00 PM** on dated **27.09.2019**. All other terms & conditions remain unaltered.

Deputy General Manager, Telecom. Division

## OFFICE OF THE NOTIFIED AREA COUNCIL, GANJAM
**e-Procurement Notice No.1752, Dt.16.09.2019**
**Tender Reference No.GJM-NAC-02/2019-20**

The Ganjam N.A.C invites online bid in Double cover system through e-Procurement.

| | |
|---|---|
| Total Numbers of work | :01 No. |
| Value of works | :Rs.55,39,000/- |
| Date and time of availability of Bids documents in the portal | :From dt.18.09.2019 at 10.00 A.M. to 10.10.2019 upto 5.00 P.M. |
| Last date of receipt of bids in the portal | :Dt.10.10.2019 upto 5.00 P.M. |
| Last date of submission of original documents in the Office of NAC, Ganjam | :Dt.14.10.2019 upto 05.00 P.M. |
| Date of opening of tender | :Dt.15.10.2019 at 11.00 A.M. in NAC Office, Ganjam |

Further details can be seen from the website:- https://tendersodisha.gov.in/
Sd./- Executive Officer, N.A.C., Ganjam

## INSTITUTE ON MANAGEMENT OF AGRICULTURAL EXTENSION (IMAGE)
**(AN AUTONOMOUS INSTITUTE OF GOVERNMENT OF ODISHA)**
**Siripur, BHUBANESWAR-751003, Odisha**
**Ph. - (0674) 2562151, Fax - 2561879**
**E-mail : imagebbsr@rediffmail.com**

**Expression of Interest for empanelment of Agencies for Documentation and preparation of Video CDs**

Expression of Interest (EoI) No.3382 has published in daily Samaj, Sambad & The New Indian Express on 20.08.2019 was cancelled. The same EoI is once again published for empanelment of agencies for Documentation and Preparation of Video CDs. The last date of application is 03.10.2019 by 02:00 PM. The agencies, who have already submitted their proposals in response to earlier advertisement, need not to submit the proposal again. However, if any one feel they have some documents to be submitted which were not submitted earlier, can submit the same within the stipulated period i.e. 03.10.2019 by 02:00 PM. It may be noted that, the agencies have to submit the soft copies of the presentation to be viewed by experts on the same day i.e. 03.10.2019 by 04:00 PM. The EoI document may be obtained from the office of the **IMAGE at Siripur, Bhubaneswar** latest by **02:00 PM of 03.10.2019.** The EoI document may also be downloaded from the website /Odisha Government Portal **www.odisha.gov.in.**

**Director, IMAGE**

## INSTITUTE ON MANAGEMENT OF AGRICULTURAL EXTENSION (IMAGE)
**(AN AUTONOMOUS INSTITUTE OF GOVERNMENT OF ODISHA)**
**Siripur, BHUBANESWAR-751003, Odisha**
**Ph. - (0674) 2562151, Fax - 2561879**
**E-mail : imagebbsr@rediffmail.com**

**Expression of Interest for empanelment of Agencies for Exposure Visit of Farmers (Inter State & Within the State)**

Expression of Interest (EoI) No.3383 has published in daily Samaj, Sambad & The New Indian Express on 20.08.2019 was cancelled. The same EoI is once again published for empanelment of agencies for Exposure Visit of Farmers (Inter State & Within the State). The last date of application is 03.10.2019 by 02:00 PM. The agencies, who have already submitted their proposals in response to earlier advertisement, need not to submit the proposal again. However, if any one feel they have some documents to be submitted which were not submitted earlier, can submit the same within the stipulated period i.e. 03.10.2019 by 02:00 PM. It may be noted that, the agencies have to submit the soft copies of the presentation to be viewed by experts on the same day i.e. 03.10.2019 by 04:00 PM. The EoI document may be obtained from the office of the **IMAGE at Siripur, Bhubaneswar** latest by **02:00 PM of 03.10.2019.** The EoI document may also be downloaded from the website /Odisha Government Portal **www.odisha.gov.in.**

**Director, IMAGE**

## MGNREGS ODISHA SOCIETY
## PANCHAYATI RAJ & DRINKING WATER DEPARTMENT
## GOVERNMENT OF ODISHA

MANGEGS-37/19, **329**, Date **18.09.2019**

**Corrigendum to the Tender Notice for outsourcing the services of Data Entry Operator, *Peon, Security Guard and Night Watchman***

**No.34-i :-** The following corrigenda are hereby issued to the Tender Notice for outsourcing of services of ***DATA ENTRY OPERATOR, PEON, SECURITY GUARD*** and ***NIGHT WATCHMAN*** by MGNREGS Odisha Society webhosted in the website of Panchayati Raj & Drinking Water Department the website www.odishapanchayat.gov.in.

1. The ***"Take Home Remuneration"*** mentioned anywhere in the Tender Notice excludes Employer's share of contribution towards EPF and ESI. The employers' contribution towards EPF and ESI for personnel outsourced through service providers will be reimbursed over and above the ***"Take Home Remuneration".*** The Proforma under point No.2 of the "Application for Financial Bid" will be as follows.

| Sl. No. | Type of Manpower required | Monthly rate per person per month (In Rs.) | | | | | |
|---|---|---|---|---|---|---|---|
| | | Take home remuneration | EPF/ ESI (Employer's share) | | Other statutory dues, if any | Service Charge | Total [Col.3+Col.4+ Col.5+ Col.6+ Col.7] |
| | | | EPF | ESI | | | |
| (1) | (2) | (3) | (4) | (5) | (6) | (7) | (8) |
| 1 | DATA ENTRY OPERATOR | | | | | | |
| 2 | PEON | | | | | | |
| 3 | SECURITY GUARD | | | | | | |
| 4 | NIGHT WATCHMAN | | | | | | |

2. The Bidders will quote the Service Charge/ Commission in rupees of a whole number i.e. not fraction of a rupee.
3. The date of opening of "Technical Bids as mentioned in Para-13 under "SCOPE OF WORK AND GENERAL INSTRUCTIONS FOR BIDDERS" (page-6 of the Tender Notice) shall be read as **26.09.2019 at 11.00 AM** instead of **24.09.2019 at 11.00 AM.**
4. All other terms and conditions of Tender Notice remain unchanged.

**19001/11/0005/1920** **Sd/- Director Special Projects**

No. 56-L:

## ପତ୍ରମୋଡ଼ା ଓ ନଳୀ ପୋକର ପରିଚାଳନା ନିମନ୍ତେ ଚାଷୀ ଭାଇ ଓ ଭଉଣୀମାନଙ୍କ ପାଇଁ ବିଶେଷ ସୂଚନା

ବର୍ତ୍ତମାନ ରାଜ୍ୟର କେତେକ ଜିଲ୍ଲାରେ ଖରିଫ୍ ଧାନ ଫସଲରେ ପତ୍ରମୋଡ଼ା ଓ ନଳୀ ପୋକର ପ୍ରାଦୁର୍ଭାବ ଦେଖାଦେଇଛି।

ଅଧିକ ବର୍ଷା ହୋଇ ପାଣି ଜମି ରହିଲେ ନଳୀପୋକ ଆକ୍ରମଣ ଅଧିକ ହୋଇଥାଏ। ପାଣି ସୁଅରେ ନଳୀଗୁଡ଼ିକ ଭାସି ଖାଲୁଆ ବିଲରେ ଜମା ହୋଇଯାଆନ୍ତି । ତେଣୁ ଖାଲ ଜମିରେ ଏହି କୀଟର ପ୍ରାଦୁର୍ଭାବ ଅଧିକ ହୋଇଥାଏ। ଶୂକଗୁଡ଼ିକ ପତ୍ରରୁ ସବୁଜ କଣା କୋରି ଖାଇବା ଯୋଗୁଁ ପତ୍ର ଧଳା ଦେଖାଯାଏ। ଶୂକ ପତ୍ରକୁ କାଟି ନଳୀ କରି ତା ମଧ୍ୟରେ ରହେ। ଦୂରରୁ ଦେଖିଲେ ଧାନ ପତ୍ରକୁ କଇଁଚିରେ କାଟିବା ପରି ଦେଖାଯାଏ। ଏହାର ପ୍ରଜାପତି ଚିକ୍ ଚିକ୍ ଧଳା ଓ ଦିନ ବେଳେ ଉଡ଼ିବାର ଲକ୍ଷ୍ୟ କରାଯାଏ।

ଉଷ୍ମ ଓ ଆର୍ଦ୍ର ପାଣିପାଗରେ ପତ୍ରମୋଡ଼ା ପୋକ ଅଧିକ ଆକ୍ରମଣ କରିଥାନ୍ତି। ଏହି କୀଟର ପ୍ରଜାପତି ବାଦାମୀ ରଙ୍ଗର ଓ ଡେଣାରେ କଳା ଗାର ସବୁ ଥାଏ। ଶୂକଗୁଡ଼ିକ ପତ୍ରଧାରକୁ ନିଜ ଲାଳ ଦ୍ୱାରା ଗୁଡ଼ାଇ ମୋଡ଼ି ଦିଅନ୍ତି ଓ ତା ମଧ୍ୟରେ ରହି ସବୁଜ ଅଂଶ କୋରି ଖାଆନ୍ତି। ପତ୍ର ଉପରେ ସମାନ୍ତରାଳ ଧଳା ଦାଗ ସବୁ ଦେଖାଯାଏ। ଥୋଡ଼ ପତ୍ର ବାହାରିବା ସମୟରେ ଏହି କୀଟର ଆକ୍ରମଣ ହେଲେ ଅମଳ ହ୍ରାସ ପାଇଥାଏ।

**ପରିଚାଳନା**

୧) ପତ୍ରମୋଡ଼ା ଓ ନଳୀପୋକ ଆକ୍ରାନ୍ତ ବିଲରେ ଏକର ପ୍ରତି ୨୫ କି.ଗ୍ରା. ବାଲି ସହ ଏକ ଲିଟର କିରୋସିନ୍ ଭଲଭାବରେ ମିଶାଇ ବିଞ୍ଚି ଦିଅନ୍ତୁ। ଏହା ପରେ ଧାନଗଛ ଉପରେ ଦୁଇ ପଟୁ ଦୁଇ ଜଣ ଦଉଡ଼ି ଧରି ଚଲାଇ ଦିଅନ୍ତୁ। ଏହା ଦ୍ୱାରା ଗଛରେ ଲାଗିଥିବା ଶୂକଗୁଡ଼ିକ ପାଣିରେ ପଡ଼ି ମରିଯିବେ।

୨) ଅଧିକ ଆକ୍ରାନ୍ତ ବିଲରେ ନିମ୍ନୋକ୍ତ କୀଟନାଶକରୁ ଯେକୌଣସି ଗୋଟିଏ ଅନୁମୋଦିତ ମାତ୍ରାରେ ପ୍ରୟୋଗ କରନ୍ତୁ।

| ନଳୀ ପୋକ | | ପତ୍ରମୋଡ଼ା ପୋକ | |
|---|---|---|---|
| କୀଟନାଶକ | ଏକର ପ୍ରତି ମାତ୍ରା | କୀଟନାଶକ | ଏକର ପ୍ରତି ମାତ୍ରା |
| ଫିପ୍ରୋନିଲ୍ ୫% ଏସ୍.ସି. | ୪୦୦ ମି.ଲି. | କାର୍ଟାପହାଇଡ୍ରୋକ୍ଲୋରାଇଡ୍ ୫୦% ଏସ୍.ପି. | ୪୦୦ ଗ୍ରାମ୍ |
| ଇଣ୍ଡକ୍ସାକାର୍ବ ୧୪.୫% ଏସ୍.ସି. | ୨୦୦ ମି.ଲି. | ଇଣ୍ଡକ୍ସାକାର୍ବ ୧୪.୫% ଏସ୍.ସି. | ୨୦୦ ମି.ଲି. |
| ପ୍ରୋଫେନୋଫସ୍ ୫୦% ଇ.ସି. | ୪୦୦ ମି.ଲି. | ଲାମଡାସାଇହାଲୋଥ୍ରିନ୍ ୨.୫% ଇ.ସି. | ୨୦୦ ମି.ଲି. |

**ଅଧିକ ବିବରଣୀ ନିମନ୍ତେ ନିକଟସ୍ଥ ସହକାରୀ କୃଷି ଅଧିକାରୀ କିମ୍ବା ଜିଲ୍ଲା କୃଷି ଅଧିକାରୀଙ୍କ ସହ ଯୋଗାଯୋଗ କରନ୍ତୁ।**

01034/11/0020/1920

**କୃଷି ଓ ଖାଦ୍ୟ ଉତ୍ପାଦନ ନିର୍ଦ୍ଦେଶାଳୟ, ଓଡ଼ିଶା**



କପିଳ ଶର୍ମା ଶୋ'କୁ ଫେରିବା ନେଇ ହେଉଥିବା ଆଲୋଚନାରେ କୌଣସି ସତ୍ୟତା ନାହିଁ।

–ସୁନୀଲ ଗ୍ରୋଭର,
ହାସ୍ୟାଭିନେତା



## 'ଉବର' ଆପ୍‌ରେ ତ୍ରୁଟି ଧରିଲେ ଭାରତୀୟ ବିଶେଷଜ୍ଞ

# କମ୍ପାନୀ ଦେଲା ୪.୬ ଲକ୍ଷ ପୁରସ୍କାର

**ନୂଆଦିଲ୍ଲୀ:** ମାତ୍ର କିଛି ବର୍ଷ ମଧ୍ୟରେ ମଲ୍ଟିନ୍ୟାଶନାଲ ଟ୍ରାନ୍ସପୋର୍ଟ କମ୍ପାନୀ 'ଉବର' ଜନସାଧାରଣଙ୍କ ବିଶ୍ୱାସ ଜିତିବାରେ ସକ୍ଷମ ହୋଇଛି। ଲୋକଙ୍କୁ ହାତ ପାହାନ୍ତାରେ କ୍ୟାବ୍ ସେବା ଯୋଗାଇ ଦେବାକୁ କମ୍ପାନୀ ନିଜସ୍ୱ ଆପ୍ ବି ବିକଶିତ କରିସାରିଲାଣି। ହେଲେ ହୁଏତ କମ୍ ଲୋକଙ୍କ ଧାରଣା ଥିବ, 'ଉବର' ଭଳି ବହୁଦେଶୀୟ କମ୍ପାନୀର ଆପ୍ ବି ତ୍ରୁଟିରହିତ ନୁହେଁ। ଏହାକୁ ପ୍ରମାଣିତ କରି ଦେଖାଇଛନ୍ତି ଭାରତୀୟ ସଫ୍ଟୱେର ଇଞ୍ଜିନିୟର ଆନନ୍ଦ ପ୍ରକାଶ। ଏଥିପାଇ 'ଉବର' ତାଙ୍କୁ ପୁରସ୍କୃତ କରିଛି। ଆଉ ପୁରସ୍କାର ରାଶି ବାବଦକୁ ଦେଇଛି ୬୫୦୦ ଡଲାର, ଯାହାର ମୂଲ୍ୟ ଭାରତୀୟ ମୁଦ୍ରାରେ ପାଖାପାଖି ୪.୬ ଲକ୍ଷ।


ସାଇବର ସୁରକ୍ଷା ସମ୍ପର୍କିତ ଗବେଷଣରେ ରୁଚି ରଖିଥିବା ଆନନ୍ଦ ଚେନ୍ନାଇସ୍ଥିତ ବେଲ୍ଲୋର ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ଟେକ୍ନୋଲୋଜିରୁ କମ୍ପ୍ୟୁଟର ସାଇନ୍ସରେ ସ୍ନାତକ ପାସ୍ କରିଛନ୍ତି। 'ଉବର' ଆପ୍‌ର ପ୍ରୋଗ୍ରାମିଂ ଇଣ୍ଟରଫେସ୍‌ରେ ସାଂଘାତିକ ତ୍ରୁଟି (ବଗ୍) ରହିଥିଲା। ହ୍ୟାକରମାନେ ଆପ୍‌କୁ ସହଜରେ ହ୍ୟାକ୍ କରିବା ଆଶଙ୍କା ରହିଥିଲା। ଏହାକୁ ବ୍ୟବହାର କରି ଜଣେ ଚାହିଁଲେ କମ୍ପାନୀର ଆପ୍ ଜରିଆରେ ଅନ୍ୟଜଣଙ୍କ ଆକାଉଣ୍ଟକୁ ସହଜରେ ନିୟନ୍ତ୍ରଣ କରିପାରନ୍ତେ। ନିଜର ଗବେଷଣାଲବ୍ଧ ଜ୍ଞାନର ପ୍ରୟୋଗ କରି ଏହି ତ୍ରୁଟିକୁ ଧରିଥିଲେ ଆନନ୍ଦ। ଏ ସମ୍ପର୍କରେ କମ୍ପାନୀକୁ ଅବଗତ କରାଇବା ପରେ ଏହାକୁ ସୁଧାରି ଦିଆଯାଇଛି। ବାଙ୍ଗାଲୋର ନିବାସୀ ଆନନ୍ଦ ଏଥିପୂର୍ବରୁ ମଧ୍ୟ ଉବର ଆପ୍‌ରେ ଥିବା ଏକ ତ୍ରୁଟିକୁ କମ୍ପାନୀ ନଜରକୁ ଆଣିଥିଲେ। ଉକ୍ତ ଆପ୍‌ରେ ଭୁଲରେ ଏପରି ଏକ ବ୍ୟବସ୍ଥା ରହିଯାଇଥିଲା, ଯାହାକୁ ବ୍ୟବହାର କରି ଜଣେ ବ୍ୟକ୍ତି ସାରା ଜୀବନ ବିନା ଦେୟରେ ଉବର କ୍ୟାବ୍ ସେବାର ଲାଭ ଉଠାଇପାରିଥାନ୍ତା। ଏଥିଲାଗି ମଧ୍ୟ କମ୍ପାନୀ ତାଙ୍କୁ ୫୦୦୦ ଡଲାର (ଭାରତୀୟ ମୁଦ୍ରାରେ ପାଖାପାଖି ୩.୫ ଲକ୍ଷ ଟଙ୍କା) ପୁରସ୍କାର ଦେଇଥିଲା।




ବୃତ୍ତିଗତ ଜୀବନରେ ଖୁବ୍ ମେହନତି ଆନନ୍ଦ। ୨୦୧୪ରେ ଇ-କମର୍ସ କମ୍ପାନୀ ଫ୍ଲିପକାର୍ଟର ସିକ୍ୟୁରିଟି ଇଞ୍ଜିନିୟର ଭାବେ ସେ ନିଜର କ୍ୟାରିୟର ଆରମ୍ଭ କରିଥିଲେ। ଏବେ ସେ ଫୁଡ୍‌ଟେକ୍ ଷ୍ଟାର୍ଟଅପ୍ 'ଫ୍ରେଶମେନ୍ୟୁ' ପାଇଁ କାମ କରୁଛନ୍ତି। ୨୦୧୬ରେ ସେ ନିଜର ସାଇବର ସିକ୍ୟୁରିଟି ଷ୍ଟାର୍ଟଅପ୍ 'ଆପ୍‌ସିକ୍ୟୁର' ଆରମ୍ଭ କରିଥିଲେ। ସାଇବର ସିକ୍ୟୁରିଟି କ୍ଷେତ୍ରରେ ଅତୁଳନୀୟ ଅବଦାନ ଲାଗି ତାଙ୍କୁ ଅନେକ କମ୍ପାନୀ ପୁରସ୍କୃତ କରି ସାରିଛନ୍ତି। ନିଜର ଦକ୍ଷତା ପାଇଁ 'ଥାର୍ଟି ଅଣ୍ଡର ଥାର୍ଟି ଏସିଆ ସୂଚୀ'ରେ ତାଙ୍କ ନାମ ତାଲିକାଭୁକ୍ତ ହୋଇଛି। ଏକଦା ବିନା ଆକାଉଣ୍ଟରେ ସେ ଫେସ୍‌ବୁକ୍ ପେଜ୍ ଲଗ୍ ଅନ୍ କରି ଚର୍ଚ୍ଚାକୁ ଆସିଥିଲେ। ଏଥିପାଇଁ ଫେସ୍‌ବୁକ୍ ତାଙ୍କୁ ୧୫ ହଜାର ଡଲାର (ପ୍ରାୟ ୧୦.୭୨ ଲକ୍ଷ ଟଙ୍କା) ପୁରସ୍କାର ପ୍ରଦାନ କରିଥିଲା।

## ଆଧାର କାର୍ଡ ନ ଥିଲେ ମନ୍ଦିର ଯିବା ମନା

**ମହୀଶୂର:** ଆଧାର କାର୍ଡ ନ ଥିଲେ କର୍ନାଟକ ବାନ୍ଦିପୁର ବ୍ୟାଘ୍ର ଅଭୟାରଣ୍ୟରେ ଥିବା ମା' ହୁଲିୟମ୍ମା ବେଟାଙ୍କ ଦର୍ଶନ କରିବାକୁ ଅନୁମତି ମିଳେନାହିଁ। ଜଙ୍ଗଲ ଆଖପାଖରେ ରହୁଥିବା ଲୋକମାନେ ମା'ଙ୍କ ପାଖକୁ ଗଲାବେଳେ ବନ ବିଭାଗ ଯାଞ୍ଚର ସମ୍ମୁଖୀନ ହୁଅନ୍ତି। ଆଧାରକାର୍ଡ କିମ୍ବା ଏହାର ଫଟୋକପି ନ ଦେଖାଇଲେ ସେମାନଙ୍କୁ ଜଙ୍ଗଲରେ ପ୍ରବେଶ କରିବାକୁ ଅନୁମତି ଦିଆଯାଏନାହିଁ। ଲୋକମାନେ ଜଙ୍ଗଲର ଗୋଟିଏ ପାଖରେ ରହୁଥିବାବେଳେ ମା' ହୁଲିୟମ୍ମା ବେଟାଙ୍କ ମନ୍ଦିର ଜଙ୍ଗଲ ଆର ପାଖରେ ରହିଛି। ଏଣୁ ସ୍ଥାନୀୟ ଲୋକମାନେ ସେଠାକୁ ଯିବା ପାଇଁ କମ୍ ଦୂରତାର ଜଙ୍ଗଲିଆ ରାସ୍ତା ଜାଣିଛନ୍ତି । ବିଭିନ୍ନ ଅଞ୍ଚଳରୁ ମା'ଙ୍କୁ ଦର୍ଶନ କରିବାକୁ ଯାଉଥିବା ଶ୍ରଦ୍ଧାଳୁଙ୍କ ସାଥିରେ ବନ ବିଭାଗର କର୍ମଚାରୀ ବି ଯାଆନ୍ତି। ଜଙ୍ଗଲରେ ବାଘ ଆକ୍ରମଣର ଆଶଙ୍କା ରହିଥିବାରୁ ଲୋକମାନଙ୍କ ଉପରେ ବନବିଭାଗ କର୍ମଚାରୀମାନେ ସତର୍କ ଦୃଷ୍ଟି ରଖିଥାନ୍ତି। ଲୋକମାନେ ମଙ୍ଗଳବାର ଓ ଶୁକ୍ରବାର ମା'ଙ୍କୁ ଦର୍ଶନ କରିବା ପାଇଁ ଦିନରାତି ଚାଲିଥାନ୍ତି। ସେଠାରେ ମା'ଙ୍କୁ ମାଂସ ଭୋଗ ଲଗାଇବାର ବିଧି ରହିଛି। ଲୋକମାନେ ମା'ଙ୍କୁ ପୂଜା କରିବା ସହ ଛେଳି, ମେଣ୍ଢା ଓ କୁକୁଡ଼ା ବଳି ଦେବା ପରେ ତାହାକୁ ଜଙ୍ଗଲରେ ଫିଙ୍ଗି ଦିଅନ୍ତି । ବାଘ ତାହାକୁ ଖାଇବା ପାଇଁ ଆସି ଲୋକଙ୍କୁ ଆକ୍ରମଣ କରନ୍ତି। ଏହି କରଣରୁ ମା'ଙ୍କ ଦର୍ଶନ ପାଇଁ ପ୍ରତିବନ୍ଧକ ଲଗାଯାଇଛି।



ମନ୍ଦିରା ବେଦୀ



## କ୍ୟାରିୟରର ଲାଗି ମାତୃତ୍ୱକୁ ଅଣଦେଖା

ନୂଆଦିଲ୍ଲୀ : ନିଜର କ୍ୟାରିୟର ଲାଗି ଅଭିନେତ୍ରୀ ମନ୍ଦିରା ବେଦୀ ଦୀର୍ଘ ୧୨ ବର୍ଷ କାଳ ମାତୃତ୍ୱରୁ ଦୂରେଇ ରହିଥିବା କହିଛନ୍ତି। ଥରେ ମା'ହେଲେ କ୍ୟାରିୟର ଶେଷ ହୋଇଯିବ ବୋଲି ସେ ଭାବି ନେଇଥିଲେ। ପ୍ରଥମେ କ୍ୟାରିୟରକୁ ଗୁରୁତ୍ୱ ଦେବା ଲାଗି ସେ ନିଷ୍ପତ୍ତି ନେଇଥିଲେ। ସ୍ୱାମୀଙ୍କ ସହ କଥାହୋଇ ଏଭଳି ନିଷ୍ପତ୍ତି ନେଇଥିବା ସେ ପ୍ରକାଶ କରିଛନ୍ତି। ମନୋରଞ୍ଜନ ଜଗତରେ ମାତ୍ର ୨୦ ବର୍ଷ ବୟସରୁ ପାଦ ଥାପିଥିବା ମନ୍ଦିରାଙ୍କୁ ଏବେ ୪୭ ବର୍ଷ। ବୟସର ଛାପ ତାଙ୍କ ଉପରେ ସେଭଳି ପଡ଼ିନି। ଟେଲିଭିଜନ ଜଗତର ଜଣେ ଜଣାଶୁଣା ଚେହେରା ଭାବେ ସେ ବେଶ୍ ପରିଚିତ। 'ଶାନ୍ତି', କ୍ୟୁଁକି ଶାଶ୍ ଭି କଭି ବହୁ ଥି' ଠାରୁ ଆରମ୍ଭ କରି ଫିଲ୍ମ 'ଦିଲ୍‌ୱାଲେ ଦୁଲ୍‌ହନିୟା ଲେ ଯାଏଙ୍ଗେ', ତାସ୍‌କେଣ୍ଟ ଫାଇଲ୍', 'ସାହୁ'ରେ ସେ ତାଙ୍କ ଅଭିନୟର ଯାଦୁ ଦେଖାଇଛନ୍ତି। ନିଜ୍ ଗ୍ଲାମର ଲୁକ୍ ସହ ବୟସକୁ ସବୁବେଳେ ଜଣେ ଅଭିନେତ୍ରୀ ଦେଖିବାକୁ ପଡ଼ିବ। ବୟସାଧିକ ହେଲେ କିମ୍ବା ଥରେ ମା' ହୋଇଗଲେ ସେଭଳି ଗ୍ଲାମର କିମ୍ବା ଲୁକ୍ ପାଇବା କଷ୍ଟକର ହୋଇପଡ଼େ। ମୋଠାରୁ ଅଧିକ ବୟସର ଅଭିନେତ୍ରୀ ଟେଲିଭିଜନ କିମ୍ବା ଫିଲ୍ମ ଦୁନିଆରେ ତିଷ୍ଠିରହିଲେ ମୋତେ ବହୁତ କଷ୍ଟ ଲାଗେ ବୋଲି ମନ୍ଦିରା କହିଛନ୍ତି। ଅଭିନୟ ଛଡ଼ା କ୍ରିକେଟରେ ରୁଚି ରଖିଥିବା ମନ୍ଦିରା ୧୨ ବର୍ଷ କାଳ ମ୍ୟାଚ୍‌ହୋଷ୍ଟିଂ ଓ ଷ୍ଟୁଡିଓ ଶୋ'ରେ ଭାଗ ନେଇଥିବା କହିଛନ୍ତି। ୧୯୯୯ରେ ରାଜ୍ କୌଶଲଙ୍କୁ ବିବାହ କରି ୨୦୧୧ରେ ପୁତ୍ର ସନ୍ତାନର ଜନନୀ ହୋଇଥିଲେ ସେ। କେବଳ କ୍ୟାରିୟର ଲାଗି ୧୨ ବର୍ଷ ତାଙ୍କୁ ମା' ହେବା ଲାଗି ଅପେକ୍ଷା କରିବାକୁ ପଡ଼ିଥିଲା। ୩୯ ବର୍ଷ ବୟସରେ ସେ ମା' ହେବାର ସୌଭାଗ୍ୟ ହାସଲ କରିଥିଲେ।

## ପାକିସ୍ତାନରୁ ଆସିଛି ଗୁପ୍ତଚର ପାରା

**ଜୟପୁର:** ରାଜସ୍ଥାନରେ ପହଞ୍ଚିଥିବା ପାକିସ୍ତାନୀ ପାରା ଭାରତୀୟ ଅନୁସନ୍ଧାନ ସଂସ୍ଥାର ନିଦ ହଜେଇ ଦେଇଛି। ଦୁଇ ଦିନ ପୂର୍ବରୁ ରାଜସ୍ଥାନର ଗଙ୍ଗାନଗର ଜିଲା ୬୧ ଏଫ୍ ନାମକ ଏକ ଗାଁକୁ ଆସିଛି ଏହି ପାରା। ଲଖବିନ୍ଦ୍ର ସିଂଙ୍କ ଚାଷଜମିରେ ପାରାଟି ଉଡିଆସି ବସିବା ଦେଖି ସେ ଏହା ଉପରେ ସନ୍ଦେହ ପ୍ରକଟ କରିଥିଲେ। ଏହାପରେ ଲଖବିନ୍ଦ୍ର ପୋଲିସକୁ ଖବର ଦେବାରୁ ପୋଲିସ ଓ ସୀମା ସୁରକ୍ଷା ବଳର ଜଣେ ଅଧିକାରୀ ସେଠାରେ ପହଞ୍ଚି ପାରାଟିକୁ ଧରି ନେଇଛନ୍ତି। ଶ୍ରୀକରଣପୁର ଥାନାରେ ପାରାଟି ଦୁଇଦିନ ରଖିବା ସମୟରେ ସୀମାସୁରକ୍ଷା ବଳ ଓ ପୋଲିସ ଅଧିକାରୀମାନେ ତା' ଉପରେ ତଦନ୍ତ କରି ଅନ୍ୟ ତଦନ୍ତକାରୀ ସଂସ୍ଥାକୁ ବି ସୂଚନା ଦେଇଥିଲେ। ଏବେ ଅଧିକ ଯାଞ୍ଚ ପାଇଁ ପାରାକୁ ବିକାନେର ଭେଟେରିନାରୀ କଲେଜକୁ ଅଣାଯାଇଛି। ଦିଲ୍ଲୀରୁ ବିଶେଷଜ୍ଞମାନେ ଆସି ଏହା ଉପରେ ଯାଞ୍ଚ କରିବେ। ପାରାର ଡାହାଣ ପାଖ ପରରେ ଉର୍ଦ୍ଦୁ ଭାଷାରେ କିଛି ମୋହର ଲଗାଯାଇଛି।



## ଆସୁଛି ମହାପ୍ରଳୟ

ନ୍ୟୁୟର୍କ: ଆଜକୁ ୨୬୦ ମିଲିଅନ ଅର୍ଥାତ୍ ପାଖାପାଖି ୨୬ କୋଟି ବର୍ଷ ପୂର୍ବେ ପୃଥିବୀ ସାମୂହିକ ବିନାଶର ବା ମହାପ୍ରଳୟର ସମ୍ମୁଖୀନ ହୋଇଥିଲା। ସେ ସମୟରେ ପୃଥିବୀ ଜୀବଜନ୍ତୁ ବିହୀନ ହୋଇଯାଇଥିଲା। ଏହାସହ ଭୂଗର୍ଭ ତଥା ବାହ୍ୟ କାରଣ ଯୋଗୁ ୬ଥର ପୃଥିବୀରେ ମହାପ୍ରଳୟ ସଂଘଟିତ ହୋଇଯାଇଛି। ଏବେ ଗବେଷକମାନେ ଆଉ ଏକ ମହାପ୍ରଳୟର ଆଶଙ୍କା କରିଛନ୍ତି । ଆମେରିକା ନ୍ୟୁୟର୍କ ୟୁନିଭର୍ସିଟିର ପ୍ରାଧ୍ୟାପକ ମିଶେଲ ରେମ୍ପିନୋ କହନ୍ତି, ପୂର୍ବରୁ ପରିବେଶ ଅସନ୍ତୁଳନ ଯୋଗୁ ମହାପ୍ରଳୟ ଆସିଥିଲା। ବଡ଼ଧରଣର ବନ୍ୟା ଓ ଜ୍ୱାଳାମୁଖୀ ବିସ୍ଫୋରଣ ଘଟଣା ଘଟିଥିଲା। ଜ୍ୱାଳାମୁଖୀରୁ ଲାଭା ଉଦ୍‌ଗୀରଣ ହୋଇ ଲକ୍ଷ ଲକ୍ଷ କିଲୋମିଟର ପୃଥିବୀରେ ମାଡିଯିବା ଦ୍ୱାରା ଜୀବଜନ୍ତୁ ଲୋପ ପାଇଯାଇଥିଲା। ଏବେ ପୃଥିବୀରେ ତାପମାନ କ୍ରମାଗତ ଭାବେ ବୃଦ୍ଧି ପାଉଛି। ଏହାଦ୍ୱାରା ଖୁବ୍ ଶୀଘ୍ର ଆମକୁ ଆଉ ଏକ ମହାପ୍ରଳୟର ସାକ୍ଷୀ ହେବାକୁ ପଡିବ। ପୂର୍ବରୁ ଏମିତି ଘଟଣା ଘଟିଥିବାରୁ ବୈଜ୍ଞାନିକମାନେ ଏବକାର ବିଶ୍ୱତାପମାନ ବୃଦ୍ଧି ଆଉ ଏକ ମହାପ୍ରଳୟର ସୂଚନା ଦେଉଛି ବୋଲି କହନ୍ତି ରେମ୍ପିନୋ।




## ପି ଭି ସିନ୍ଧୁଙ୍କୁ ବାହାହେବାକୁ ଜିଦ୍

### ଜିଲାପାଳଙ୍କୁ ଆବେଦନ କଲେ ୭୦ ବର୍ଷୀୟ ବୃଦ୍ଧ

**ରାମନାଥପୁରମ୍:** ୭୦ ବର୍ଷର ବୃଦ୍ଧ ଜଣେ ଆନ୍ତର୍ଜାତିକ ଖ୍ୟାତିସମ୍ପନ୍ନ ଖେଳାଳିଙ୍କ ପାଇଁ କିଭଳି ପାଗଳ ହୁଅନ୍ତି ତାହା ସାମ୍ନାକୁ ଆସିଛି ତାମିଲନାଡୁରେ। ୭୦ ବର୍ଷ ବୟସ୍କ ମଲାୟସାମୀ ବିଶ୍ୱ ବ୍ୟାଡମିଣ୍ଟନ ବିଜେତା ପି ଭି ସିନ୍ଧୁଙ୍କୁ ବାହା ହେବା ପାଇଁ ରାମନାଥପୁରମ୍ ଜିଲାପାଳ କାର୍ଯ୍ୟାଳୟରେ ଅନୁଷ୍ଠିତ ସାପ୍ତାହିକ ଜନଶୁଣାଣି ଅବସରରେ ଜିଲାପାଳଙ୍କୁ ଆବେଦନ କରିଛନ୍ତି। ମଲାୟସାମୀ ପିଭି ସିନ୍ଧୁ ଓ ତାଙ୍କ ଫଟୋ ସହ ଆବେଦନ ପତ୍ର ଜିଲାପାଳଙ୍କୁ ପ୍ରଦାନ କରି ସିନ୍ଧୁଙ୍କୁ ବାହାହେବା ପାଇଁ ନିଜର ଇଚ୍ଛା ପ୍ରକଟ କରିଛନ୍ତି। ପ୍ରଶାସନ ଯଦି ଏହି ବାହାଘର ପାଇଁ ଅନୁମତି ନ ଦିଅନ୍ତି ତେବେ ସେ ସିନ୍ଧୁଙ୍କୁ ଅପହରଣ କରିବେ ବୋଲି ଧମକ ମଧ୍ୟ ଦେଇଛନ୍ତି। ଏତିକିରେ ତାଙ୍କ ଦାବି ଅଟକି ନାହିଁ। ବୃଦ୍ଧାବସ୍ଥାର ରୂପ ଯାହା ହେଉନା କାହିଁକି ନିଜକୁ କିଶୋର ବୋଲି ପ୍ରମାଣ କରିବା ପାଇଁ ପଛାଇ ନାହାନ୍ତି ମଲାୟସାମୀ। ସେ ଏପ୍ରିଲ ୪, ୨୦୦୪ରେ ଜନ୍ମ ହୋଇଛନ୍ତି ଓ ତାଙ୍କ ବୟସ ଏବେ୧୬ ବର୍ଷ ବୋଲି ଯୁକ୍ତି ବାଢିଛନ୍ତି। ସବୁ ଶୁଣି ଜିଲାପାଳ ଏହି ଆବେଦନକୁ ଖାରଜ କରିଦେଇଛନ୍ତି। ବୃଦ୍ଧ ଜଣଙ୍କର ମାନସିକ ଅବସ୍ଥା ଠିକ୍ ଅଛି କି ନାହିଁ ତାହା ତଦନ୍ତ କରାଯିବ ବୋଲି କହିଛନ୍ତି।



## ପ୍ରେମ ସମ୍ପର୍କକୁ ସୁଦୃଢ଼ କରେ ସ୍ୱାଭିମାନ



ପ୍ରେମିକା ପ୍ରେମିକଙ୍କ ମଧ୍ୟରେ ପ୍ରେମ ସମ୍ପର୍କକୁ ସୁଦୃଢ଼ କରିଥାଏ ସ୍ୱାଭିମାନ। ଏହା ପ୍ରେମୀ ଯୁଗଳଙ୍କ ମାନସିକ ସ୍ଥିତିକୁ ଦୃଢ଼ କରିବାରେ ସହାୟକ ହୋଇଥାଏ। ଫଳରେ ପ୍ରେମୀ ଯୁଗଳଙ୍କଠାରେ ଆତ୍ମସମ୍ମାନ ଓ ବ୍ୟକ୍ତିତ୍ୱ ନିଷ୍ଠା ସ୍ୱାଭିମାନ ଦ୍ୱାରା ପରିପ୍ରକାଶ ହୋଇଥାଏ ବୋଲି ୱାଟରଲୁ ବିଶ୍ୱ ବିଦ୍ୟାଳୟର ଏକ ଗବେଷଣା ରିପୋର୍ଟରେ ଉଲ୍ଲେଖ ରହିଛି। ଏନେଇ ଏକ ସର୍ଭେରେ ୧୦ ହଜାର ପ୍ରେମୀଯୁଗଳଙ୍କ ଉପରେ ଅଧ୍ୟୟନ କରାଯାଇଥିଲା। ଜଣାପଡ଼ିଥିଲା ସ୍ୱାଭିମାନ ଯୋଗୁ ପ୍ରେମୀ ଯୁଗଳଙ୍କ ମଧ୍ୟରେ ଅନେକ ପରିବର୍ତ୍ତନ ଦେଖାଯାଇଥାଏ। ଏହାର ପ୍ରଭାବରେ ସେମାନେ ବାହାରେ ବୁଲିବା ଛାଡିଦେଇ ପରସ୍ପର ସହିତ ସମୟ କଟାଇବାକୁ ଅଧିକ ପସନ୍ଦ କରନ୍ତି। ସେହିପରି ଖାମଖିଆଲି ଭାବେ କଥାବାର୍ତ୍ତା କରିବାକୁ ସେମାନେ ନାପସନ୍ଦ କରିଥାନ୍ତି। ଜୀବନକୁ ଏକ ଭିନ୍ନ ଦୃଷ୍ଟିରେ ଦେଖିବା ଆରମ୍ଭ କରନ୍ତି ବୋଲି ଏହି ଗବେଷଣା ରିପୋର୍ଟରେ ସୂଚିତ ହୋଇଛି।

## ଲଣ୍ଡା ହେଉଛନ୍ତି ଦକ୍ଷିଣ କୋରିଆ ନେତା

**ସିଓଲ:** ଦକ୍ଷିଣ କୋରିଆର ବିରୋଧୀ ଦଳ ନେତା ହେଉଛନ୍ତି ସରକାରଙ୍କୁ ବିରୋଧ କରି ସଦ୍ୟ ସର୍ବସାଧାରଣରେ ଚୁଟି କଟାଇଥିବା ରାଜନେତା। ହୟାଙ୍ଗ୍ କ୍ୟୋ-ଅହନ୍ ସୋମବାର ସନ୍ଧ୍ୟାରେ ରାଷ୍ଟ୍ରପତୀୟ ପ୍ରାସାଦ ସମ୍ମୁଖରେ ତାଙ୍କ ସମର୍ଥକ ଓ ଖବରଦାତାଙ୍କ ଆଗରେ ଲଣ୍ଡା ହୋଇଛନ୍ତି। ଏହି ବିକ୍ଷୋଭ ହେଉଛି ନୂଆ ନ୍ୟାୟ ମନ୍ତ୍ରୀ ଚୋ କୁକ୍‌ଙ୍କ ବିରୋଧରେ, ଯାହାଙ୍କ ପରିବାର ଭ୍ରଷ୍ଟାଚାର ଅଭିଯୋଗରେ ଛନ୍ଦି ହୋଇଯାଇଛି। ଗତ ସପ୍ତାହରେ ଦୁଇଜଣ ମହିଳା ଏମ୍‌ପି ଏହି ବିବାଦକୁ ନେଇ ସେମାନଙ୍କ ମୁଣ୍ଡର ଚୁଟି କଟାଇଦେଇଥିଲେ। ଚୋ କୁକ୍ ହେଉଛନ୍ତି ଜଣେ ପୂର୍ବତନ ଆଇନଜୀବୀ ତଥା ରାଷ୍ଟ୍ରପତି ମୁନ୍‌ଙ୍କ ସହଯୋଗୀ। ଗତ ସପ୍ତାହରେ ମୁନ୍ ତାଙ୍କୁ ନ୍ୟାୟ ମନ୍ତ୍ରୀ ଭାବେ ନିଯୁକ୍ତ କରିଛନ୍ତି। ଚୋ'ଙ୍କ ପରିବାର ବିରୋଧରେ ଶୈକ୍ଷିକ ଠକେଇ ତଥା ଆର୍ଥିକ ଅପରାଧ ଅଭିଯୋଗ ରହିଥିଲେ ହେଁ ମନ୍ତ୍ରୀ ପଦ ଦିଆଯାଇଥିବାରୁ ତାଙ୍କ ସମାଲୋଚକମାନେ କ୍ଷୁବ୍ଧ ହୋଇଛନ୍ତି। ଚୋ ଇସ୍ତଫା ଦିଅନ୍ତୁ ନଚେତ୍ ରାଷ୍ଟ୍ରପତି ମୁନ୍ ଜାଏ-ଉନ୍ ତାଙ୍କୁ ପଦରୁ ବହିଷ୍କାର କରନ୍ତୁ ବୋଲି ସେମାନେ ଦାବି କରୁଛନ୍ତି। ଦକ୍ଷିଣ କୋରିଆରେ ଚୁଟି କଟାଇ ବା ଲଣ୍ଡା ହୋଇ ବିକ୍ଷୋଭ ପ୍ରଦର୍ଶନ କରିବାର ପୁରୁଣା ପରମ୍ପରା ରହିଛି। ୧୯୬୦ରୁ ୭୦ ଦଶକ ମଧ୍ୟରେ ଦକ୍ଷିଣ କୋରିଆରେ ସାମରିକ ଏକଚ୍ଛତ୍ରବାଦ ଶାସନ ଚାଲିଥିବାବେଳେ ବିଦ୍ରୋହୀ ଗୋଷ୍ଠୀ ଲଣ୍ଡା ହୋଇ ଏହାର ପ୍ରତିବାଦ କରୁଥିଲେ। ୨୦୧୮ରେ ଟଏଲେଟ ଓ ଚେଞ୍ଜିଙ୍ଗ୍ ରୁମ୍‌ଗୁଡ଼ିକରେ ସ୍ପାଏ କ୍ୟାମେରା ସଂଯୋଗ କରାଯାଇ ଗୋପନୀୟ ଭାବେ ମହିଳାଙ୍କ ବିବସ୍ତ୍ର ଦୃଶ୍ୟର ଶୁଟିଂ କରାଯାଉଥିଲା। ଏହାକୁ ବିରୋଧ କରି ମହିଳାମାନେ ଲଣ୍ଡା ହୋଇ ବିକ୍ଷୋଭ ଶୋଭାଯାତ୍ରା କରିଥିଲେ। ଏହାର ଦୁଇବର୍ଷ ପୂର୍ବରୁ ୯୦୦ରୁ ଊର୍ଦ୍ଧ୍ୱ ଦକ୍ଷିଣ କୋରୀୟ ଲଣ୍ଡା ହୋଇ ଆମେରିକାର ଏକ କ୍ଷେପଣାସ୍ତ୍ର ନିରୋଧୀ ବ୍ୟବସ୍ଥା (ଆଣ୍ଟାଇ ମିଶାଇଲ୍ ସିଷ୍ଟମ୍)କୁ ବିରୋଧ କରିଥିଲେ। ସେହିପରି ୨୦୦୭ରେ ମଧ୍ୟ ଏକ ନୂଆ ଶିଳ୍ପ ପ୍ରତିଷ୍ଠା ପାଇଁ ସ୍ଥାନକୁ ନେଇ ବିବାଦ ସୃଷ୍ଟିହେବା ପରେ ଶତାଧିକ ଲୋକ ଲଣ୍ଡା ହୋଇ ବିକ୍ଷୋଭ କରିଥିଲେ।



## ସଂକ୍ଷେପରେ

### ଅବସରକାଳୀନ ସମ୍ବର୍ଦ୍ଧନା ସଭା



ବଇଣ୍ଡା,୧୮।୯(ଡି.ଏନ.ଏ.)- କିଶୋରନଗର ବ୍ଲକ ବଇଣ୍ଡା ରାମଦେଓ ଉଚ୍ଚ ବିଦ୍ୟାଳୟ ପରିସରରେ ଏକ ଅବସରକାଳୀନ ସମ୍ବର୍ଦ୍ଧନା ସଭା ଅନୁଷ୍ଠିତ ହୋଇଛି। ପ୍ରାଥମିକ ଓ ଉଚ୍ଚ ପ୍ରାଥମିକ ଶିକ୍ଷକ ସଂଘ ହଣ୍ଡପା ଶାଖା ଆନୁକୂଲ୍ୟରେ ଅନୁଷ୍ଠିତ ଏହି ସମ୍ବର୍ଦ୍ଧନା ସଭାରେ ଅବସରଗ୍ରହଣ କରିଥିବା ଲୁହାମୁଣ୍ଡା ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ପ୍ରଧାନ ଶିକ୍ଷକ କ୍ଷୀରୋଦ ମୋହନ ଦେହୁରୀଙ୍କୁ ମାନପତ୍ର ଦେଇ ସମ୍ବର୍ଦ୍ଧିତ କରାଯାଇଥିଲା। ବସନ୍ତ କୁମାର ପ୍ରଧାନଙ୍କ ସଭାପତିତ୍ୱରେ ମୁଖ୍ୟଅତିଥି ଭାବେ କିଶୋରନଗର ବିଇଓ ପ୍ରଦୀପ କୁମାର ରଥ, ସମ୍ମାନିତ ଅତିଥି ଭାବେ ଏବିଇଓ ନରୋତ୍ତମ ପ୍ରଧାନ, ପ୍ରଧାନ ଶିକ୍ଷୟିତ୍ରୀ ମନୋରମା ସାହୁ, କନିଷ୍ଠ ଯନ୍ତ୍ରୀ ସୁଧାକର ସାହୁ, ହରିହର ସାହୁ, ଦିଲୀପ ପ୍ରଧାନ, ପ୍ରତାପ ପ୍ରଧାନ ପ୍ରମୁଖ ଯୋଗ ଦେଇଥିଲେ। ଭବାନୀଶଙ୍କର ପ୍ରଧାନ, ନିତ୍ୟାନନ୍ଦ ବାରିକ ଅତିଥି ପରିଚୟ ପ୍ରଦାନ କରିଥିଲେ। ଭୈରବ ଦେହୁରି ପରିଚାଳନା କରିଥିବାବେଳେ ଗଣପତି ସ୍ୱାଇଁ ଧନ୍ୟବାଦ ଦେଇଥିଲେ।

### ସ୍ୱାସ୍ଥ୍ୟକେନ୍ଦ୍ରରେ ରୋଗୀଙ୍କୁ ଫଳ ବଣ୍ଟନ

ଛେଣ୍ଡିପଦା/ତାଳଚେର,୧୮।୯(ସ୍ୱ.ପ୍ର.) ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଜନ୍ମଦିନ ଅବସରରେ ଛେଣ୍ଡିପଦା ନିର୍ବାଚନମଣ୍ଡଳୀ ଭାଜପା ପକ୍ଷରୁ ମଙ୍ଗଳବାର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ରୋଗୀମାନଙ୍କୁ ଫଳ ବଣ୍ଟନ କରାଯାଇଛି। ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ଅଗସ୍ତି ବେହେରାଙ୍କ ନେତୃତ୍ୱରେ ଏହି କାର୍ଯ୍ୟକ୍ରମ କରାଯାଇଥିଲା। ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଅଧିକାରୀ ଡାକ୍ତର ମହାମିଳନ ମୁର୍ମୁଙ୍କ ଉପସ୍ଥିତିରେ ଭାଜପା କର୍ମୀମାନେ ୱାର୍ଡରେ ବୁଲି ରୋଗୀମାନଙ୍କ ସ୍ୱାସ୍ଥ୍ୟବସ୍ଥା ପଚାରି ବୁଝିଥିଲେ। ଭାଜପା ଜିଲା ସମ୍ପାଦକ ଚୈଧୁରୀ ପ୍ରଧାନ, ଛେଣ୍ଡିପଦା ମଣ୍ଡଳ ସଭାପତି ଗୋପବନ୍ଧୁ ଗଡନାୟକ, ବ୍ରାହ୍ମଣବିଲ ସରପଞ୍ଚ ସୁଧାକର ବେହେରାଙ୍କ ସମେତ ଶତାଧିକ କର୍ମୀ ଯୋଗ ଦେଇଥିଲେ। ସେହିପରି ତାଳଚେର ଉପଖଣ୍ଡ ଡାକ୍ତରଖାନାରେ ଭାଜପା କାର୍ଯ୍ୟକର୍ତ୍ତାମାନେ ଫଳ ବଣ୍ଟନ କରିବା ସହ ରୋଗୀଙ୍କ ଆଶୁ ଆରୋଗ୍ୟ କାମନା କରିଥିଲେ। ପରେ ଘଂଟପଡ଼ା ପଞ୍ଚାୟତର ବଗାଧର ବସ୍ତିବାସିନ୍ଦାଙ୍କୁ ଫଳ ବଣ୍ଟନ କରିଥିଲେ। ଆଗାମୀ ୨୦ ତାରିଖରେ ସମସ୍ତ ମଣ୍ଡଳରେ ସ୍ୱଚ୍ଛଭାରତ କାର୍ଯ୍ୟକ୍ରମ କରାଯିବ ବୋଲି କାର୍ଯ୍ୟକ୍ରମ ସଂଯୋଜକ ପର୍ଶୁରାମ ବାରିକ ସୂଚନା ଦେଇଛନ୍ତି। ଭାଜପା ରାଜ୍ୟ ସମ୍ପାଦକ କାଳନ୍ଦି ସାମଲ, ବରିଷ୍ଠ ନେତା ରବି ନାରାୟଣ ପାଣି, ତାଳଚେର ବ୍ଲକ ଅଧକ୍ଷ ବୃନ୍ଦାବନ ବେହେରା, ଜିଲା ଉପସଭାପତି ପେସ୍କାର ଗଡ଼ନାୟକ, ଜିଲା ସାଧାରଣ ସମ୍ପାଦକ ପ୍ରକାଶ ମହାରଣା, ମଣ୍ଡଳ ସଭାପତି ବରୁଣ ସାହୁ, ଯଶୋବନ୍ତ ଦାସ, ନିରୋଜ ଦାସ, ଜ୍ଞାନେନ୍ଦ୍ରୀୟ ସେଠୀ, ସହଦେବ ସାହୁ, ବିଭୂତି ସାହୁ, କାଳନ୍ଦି ପ୍ରଧାନଙ୍କ ସମେତ ଶତାଧିକ କାର୍ଯ୍ୟକର୍ତ୍ତା ସାମିଲ ହୋଇଥିଲେ।

### ମଦ୍ୟପ ଚାଳକ, ଅଭିଯୁକ୍ତ ଗିରଫ

କଣିହାଁ, ୧୮।୯(ଡି.ଏନ.ଏ.)- କଣିହାଁ ବ୍ଲକ ରେଙ୍ଗାଳି ଡ୍ୟାମ୍ ଥାନା ପକ୍ଷରୁ ମଙ୍ଗଳବାର ସନ୍ଧ୍ୟାରେ ଗାଡ଼ି ମୋଟର ଯାଞ୍ଚ କରାଯାଇଥିଲା। ପାଲଲହଡ଼ା ଅଞ୍ଚଳର ଟିଟୁ ନାୟକ ମଦ୍ୟପାନ କରି ଅଟୋ ଚଲାଉଥିବାବେଳେ ପୋଲିସ ତାଙ୍କୁ ଗିରଫ କରିଥିଲା। ବୁଧବାର ଏମଭି ଆକ୍ଟରେ ତାଙ୍କୁ କୋର୍ଟ ଚାଲାଣ କରାଯାଇଛି। ସେହିପରି ସମଲ ଥାନା ପୋଲିସ ଚୋରି ମାମଲାକୁ ନେଇ ଅଭିଯୁକ୍ତ ବଲାଙ୍ଗୀ ଗ୍ରାମର ଯୋଗୀ ଦାଶଙ୍କୁ ଗିରଫ କରି କୋର୍ଟଚାଲାଣ କରିଛି।

### ବାଇକ୍ ଜବତ, ଜଣେ ଗିରଫ

ବଇଣ୍ଡା,୧୮।୯(ଡି.ଏନ.ଏ)- ହଣ୍ଡପା ପୋଲିସ ପକ୍ଷରୁ ମଙ୍ଗଳବାର ରାତିରେ ନାକିଚି ଛକଠାରେ ମଦ୍ୟ ପାନ କରି ଗାଡ଼ି ଚଳାଉଥିବା ଚାଳକମାନଙ୍କୁ ଯାଞ୍ଚ କରାଯାଇଥିଲା। କିଶୋରନଗର ଥାନା ବଆଁରନାଳୀ ଗ୍ରାମର ଦିଲୀପ ଦେହୁରି ମଦ୍ୟପାନ କରି ବାଇକ୍ ଚଳାଉଥିବାବେଳେ ପୋଲିସ ତାଙ୍କୁ ଗିରଫ କରିଛି। ଏଥିସହ ତାଙ୍କ ବାଇକକୁ ଜବତ କରାଯାଇଛି। ଏ ନେଇ ଏମଭି ଆକ୍ଟ ନଂ. ୨/୧୯ରେ ଏକ ମାମଲା ରୁଜୁ ହୋଇଥିବା ହଣ୍ଡପା ଆଇଆଇସି ଲବ ବୋଡ଼ା ପ୍ରକାଶ କରିଛନ୍ତି।

# ଭାଙ୍ଗିଗଲାଣି ତନଖି ଫାଟକ ଗୃହ

ଛେଣ୍ଡିପଦା,୧୮।୯(ସ୍ୱ.ପ୍ର.)

- ତଦାରଖ କରୁନି ବନ ବିଭାଗ
- ରହୁନାହାନ୍ତି ଅଧିକାରୀ
- ମାତିଛନ୍ତି କାଠ ମାଫିଆ

କାଠ ମାଫିଆଙ୍କ ଉପରେ ରୋକ ଲଗାଇବାକୁ ଅନୁଗୋଳ ଜିଲା ଛେଣ୍ଡିପଦା ବ୍ଲକ ଜରପଡା ବନାଞ୍ଚଳର ଉଗୀ-ଅନ୍ତୁଳିଆ ରାସ୍ତାରେ ଥିବା ତନଖି ଫାଟକ କାମରେ ଆସୁନି। ବନ ବିଭାଗ ପକ୍ଷରୁ ତିଆରି ହୋଇଥିବା ଏହି ତନଖି ଫାଟକ ଓ ଗୃହ ତଦାରଖ ଅଭାବରୁ ଭାଙ୍ଗିରୁଜି ଗଲାଣି। ଏଠାରେ ନିୟୋଜିତ ବନ ଅଧିକାରୀଙ୍କ ମଧ ସେଠାରେ ଦେଖାମିଳୁନି। ଫଳରେ ଉକ୍ତ ରାସ୍ତା ଦେଇ ମାଫିଆମାନେ ବିନା ଦ୍ୱିଧାରେ ନିକଟସ୍ଥ ଜଙ୍ଗଲ ପଦା କରି କାଠ ଚାଲାଣ କରିବାରେ ଲାଗିଛନ୍ତି। ଏହାକୁ ନେଇ ଅଞ୍ଚଳବାସୀ ତୀବ୍ର ଅସନ୍ତୋଷ ପ୍ରକାଶ କରିଛନ୍ତି।

ସ୍ଥାନୀୟ ଲୋକଙ୍କ ଅଭିଯୋଗ ମୁତାବକ, ଉକ୍ତ ରାସ୍ତା ଦେଇ ମାଫିଆମାନେ ସହଜରେ ଗଛ କାଟି ବାହାରକୁ କାଠ ଚାଲାଣ କରୁଛନ୍ତି। ଏହି ଚୋରି ରୋକିବାକୁ ସେଠାରେ ବନ ବିଭାଗ ପକ୍ଷରୁ ଏକ ତନଖି ଫାଟକ କରାଯାଇଥିଲା। ଏଥିସହ ଜଣେ ଫରେଷ୍ଟରଙ୍କୁ ଦାୟିତ୍ୱ ପ୍ରଦାନ କରାଯାଇଥିଲେ ହେଁ ଅଧିକାଂଶ ସମୟରେ ସେ ଅନୁପସ୍ଥିତ ରହୁଛନ୍ତି। ଫଳରେ ମାଫିଆମାନେ ସାତକୋଶିଆ, ଅନ୍ତୁଳିଆ, ଟାଇଁସି ଆଦି ସଂରକ୍ଷିତ ଜଙ୍ଗଲରୁ ବହୁ ମୂଲ୍ୟବାନ କାଠ ଚୋରି କରି ଚାଲାଣ କରୁଛନ୍ତି। ଏଥିସହ ଫାଟକ ନିକଟରେ ଥିବା ଚାଳଘରଟି ଭାଙ୍ଗି ରୁଜି ଗଲାଣି। ତୁରନ୍ତ ସେଠାରେ ତନଖି ଫାଟକ କାର୍ଯ୍ୟକ୍ଷମ କରାଯିବାକୁ ଦାବି ହୋଇଛି। ଏ ସମ୍ପର୍କରେ ଜରପଡା ବନାଞ୍ଚଳ ଅଧିକାରୀ ହୃଦାନନ୍ଦ ନାଏକ କୁହନ୍ତି, ଦାୟିତ୍ୱରେ ଥିବା ଫରେଷ୍ଟର ସେଠାକୁ ଆସୁ ନ ଥିବାରୁ ତନଖି ଫାଟକଠାରେ ଥିବା ଘରଟି ନଷ୍ଟ ହୋଇଗଲାଣି। ଏ ନେଇ ବହୁଥର ତାଙ୍କୁ କୈଫତ ମଗାଯାଇଥିଲେ ବି କୌଣସି ପରିବର୍ତ୍ତନ ନାହିଁ। ଏ ସଂକ୍ରାନ୍ତରେ ଉଚ୍ଚ କର୍ତ୍ତୃପକ୍ଷଙ୍କୁ ଜଣାଯିବ।



ଭାଙ୍ଗିଯାଇଥିବା ତନଖି ଫାଟକ ଗୃହ।

# 'ଓଜୋନସ୍ତର ସବୁଜ ପୃଥିବୀର ସୁରକ୍ଷା ବଳୟ'

ବନ୍ତଲା, ୧୮।୯ (ଡି.ଏନ୍.ଏ.)

ଓଜୋନସ୍ତର ସବୁଜ ପୃଥିବୀର ସୁରକ୍ଷା ବଳୟ। ପ୍ରତି ସ୍ତରରେ ସଚେତନତା ସୃଷ୍ଟି ହେଲେ ଜୀବନ୍ତ ପୃଥିବୀ ପ୍ରତି ଅତିବାଇଗଣୀ ରଶ୍ମୀକୁ ପ୍ରତିହତ କରିବା ପାଇଁ ଓଜନସ୍ତର ସକ୍ଷମ ହୋଇପାରିବ ବୋଲି ପୋକତୁଙ୍ଗା ସରକାରୀ ଉଚ୍ଚ ବିଦ୍ୟାଳୟ ଠାରେ ଅନୁଷ୍ଠିତ ଅନ୍ତର୍ଜାତୀୟ ଓଜନସ୍ତର ସଂରକ୍ଷଣ ଦିବସ ଅବସରରେ ଅତିଥିମାନେ ଆଲୋଚନା କରିଥିଲେ। ପ୍ରକୃତି ପରିବେଶ ବନ୍ୟଜୀବନ ସମିତି ଦ୍ୱାରା ଆୟୋଜିତ ଏହି ସଚେତନତା କାର୍ଯ୍ୟକ୍ରମରେ ବିଦ୍ୟାଳୟ ପରିଚାଳନା ସଭାପତି ଦିନେଶ ଦେହୁରୀ ଅଧକ୍ଷତା କରିଥିଲେ। ପ୍ରଧାନଶିକ୍ଷକ ସନାତନ ମୁଦୁଲି ଦିବସ ପାଳନର ଲକ୍ଷ୍ୟ ଓ ଉଦ୍ଦେଶ୍ୟ ସମ୍ବନ୍ଧରେ ଆଲୋଚନା କରିଥିଲେ। ମୁଖ୍ୟଅତିଥି ଭାବେ ସହକାରୀ ବନ ସଂରକ୍ଷକ ବାସୁଦେବ ନାୟକ ଯୋଗଦେଇଥିଲେ। ବନ୍ତଲା ବନାଞ୍ଚଳ ଅଧିକାରୀ ଡିଲେଶ୍ୱର ପ୍ରଧାନ, ନିୟୁଜ ଅନୁଷ୍ଠାନର ଟିମ୍ ଲିଡର ବିଜୟ କୁମାର ଜେନା, ବିଜ୍ଞାନ ଶିକ୍ଷକ ମହେଶ୍ୱର ଦେହୁରୀ, ଶିକ୍ଷୟିତ୍ରୀ କମଳିନୀ ପ୍ରଧାନ ଓ ସମିତି ସଭ୍ୟା ଝଟକ ଦେହୁରୀ ପ୍ରମୁଖ ଆଲୋଚନା କରିଥିଲେ। ସୁବ୍ରତ କୁମାର ପ୍ରଧାନ, ପ୍ରିୟବ୍ରତ ବେହେରା, ବନରକ୍ଷୀ ବିଶିଷ୍ଟ ଦେହୁରୀ ପ୍ରମୁଖ କାର୍ଯ୍ୟକ୍ରମ ଆୟୋଜନ କରିଥିଲେ।

# ଆଠମଲ୍ଲିକ ଆଞ୍ଚଳିକସ୍ତରୀୟ ସମ୍ମିଳନୀ




ଆଠମଲ୍ଲିକ,୧୮।୯(ଡି.ଏନ.ଏ.)

୧୨ ଦଫା ଦାବିରେ କେନ୍ଦ୍ରୀୟ ଶ୍ରମିକ ସଂଗଠନ ଏଆଇୟୁଟିୟୁସି ସହବନ୍ଧିତ ଓଡିଶା ମିଳିତ ବିଦ୍ୟାଳୟ ପାଚିକା ସହାୟିକା ସଂଘ ପକ୍ଷରୁ ସ୍ଥାନୀୟ ଗୁଣ୍ଡିଚା ମନ୍ଦିର ପରିସରରେ ଆଠମଲ୍ଲିକ ଆଞ୍ଚଳିକସ୍ତରୀୟ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ସମ୍ମିଳନୀ ପୂର୍ବରୁ ଶତାଧିକ ପାଚିକା ସହାୟିକା ଏକ ଶୋଭାଯାତ୍ରାରେ ଆଠମଲ୍ଲିକ ଖେଳ ପଡିଆଠାରୁ ବାହାରି ବଜାର ପରିକ୍ରମା ପରେ ଗୁଣ୍ଡିଚା ମନ୍ଦିରଠାରେ ପହଞ୍ଚି ଥିଲେ। ପରେ ସତ୍ୟଭାମା ସାହୁଙ୍କ ସଭାପତିତ୍ୱରେ ଏକ ସଭା ଅନୁଷ୍ଠିତ ହୋଇଥିଲା। ଏଥିରେ ଓଡିଶା ମିଳିତ ବିଦ୍ୟାଳୟ ପାଚିକା ସହାୟିକ ସଂଘର ଜିଲା ଆବାହକ ବ୍ରଜବନ୍ଧୁ ସାହୁ, ଏଆଇୟୁଟିୟୁସି ଜିଲା ସମ୍ପାଦକ ମଣ୍ଡଳୀ ସମ୍ପାଦକ ତୀର୍ଥବାସୀ ଭୋଇ ଯୋଗଦେଇ ପାଚିକା ସହାୟିକାମାନଙ୍କୁ ସରକାରୀ କର୍ମଚାରୀର ମାନ୍ୟତା, ସର୍ବନିମ୍ନ ମଜୁରି ପ୍ରଦାନ ନ କରି ସରକାର ସେମାନଙ୍କୁ ଶୋଷଣ କରୁଛନ୍ତି ବୋଲି ଅଭିଯୋଗ କରିଥିଲେ। ଆଗାମୀ ଦିନରେ ଆଠମଲ୍ଲିକ ବ୍ଲକରେ ସଂଗଠନକୁ ନେତୃତ୍ୱ ଦେବା ପାଇଁ ସତ୍ୟଭାମା ସାହୁ ସଭାନେତ୍ରୀ, ନବାତି ଭୋକ୍ତା ସମ୍ପାଦିକା, ସୁରଭି କ୍ଷେତୀ, ସୁବାସିନୀ ଆଚାର୍ଯ୍ୟ, ବିଳାଶିନୀ ପ୍ରଧାନ, ନନ୍ଦିନୀ ଦେହୁରୀ, ଉପସଭାନେତ୍ରୀ ସତ୍ୟଭାମା ପ୍ରଧାନ, ଉମା ଦେହୁରୀ, ସନ୍ଧ୍ୟାରାଣୀ ବେହେରା, ମିନତି ବେହେରା, ବାସନ୍ତି ବେହେରାମାଳି ସହସମ୍ପାଦିକଙ୍କୁ ନେଇ ଏକ ୧୦ ଜଣିଆ କମିଟି ଗଠିତ ହୋଇଥିଲା। ଏହାସହ ପାଚିକା ସହାୟିକାଙ୍କ ଦାବିକୁ ନେଇ ୨ ନଭେମ୍ବରରେ ଜିଲାପାଳଙ୍କ ଅଫିସ ଘେରାଉ ପାଇଁ ସମ୍ମିଳନୀରେ ଘୋଷଣା କରାଯାଇଥିଲା। ସ୍ଥାନୀୟ ସଂଗଠକ ଜଗନ୍ନାଥ ମହାକୁର, ମିନତି ବେହେରା ପ୍ରମୁଖ ସହଯୋଗ କରିଥିଲେ।

# 'ପିଲାଙ୍କ ଭବିଷ୍ୟତ ମା' ହାତରେ'



ତାଳଚେର,୧୮।୯(ନି.ପ୍ର.)

କଳମଛୁଇଁ ଶିଶୁ ମନ୍ଦିରରେ ଶିଶୁବାଟିକା ବିଭାଗର ମାତୃ କର୍ମଶାଳା ଅନୁଷ୍ଠିତ ହୋଇଯାଇଛି। ବିଦ୍ୟାଳୟ ପରିଚାଳନା କମିଟି ସଭାପତି ଶିକ୍ଷାବିତ୍ ଦିବାକର ବାରିକ ଏଥିରେ ଅଧକ୍ଷତା କରିଥିଲେ। ମୁଖ୍ୟଅତିଥି ଭାବେ ରାଜ୍ୟପାଳ ପୁରସ୍କାରପ୍ରାପ୍ତ ଶିକ୍ଷାବିତ୍ ଡ. ସଦାନନ୍ଦ ପରିଡା, ମୁଖ୍ୟବକ୍ତା ଶିକ୍ଷାବିକାଶ ସମିତି ମଧ୍ୟସମ୍ଭାଗ ଶିଶୁବାଟିକା ପ୍ରମୁଖ ସୁଶୀଳ କୁମାର ସାହୁ, ସମ୍ମାନିତ ଅତିଥି ସାମାଜିକ କର୍ମୀ ବିଜୟ କୁମାର ମାଝି ପ୍ରମୁଖ ଯୋଗ ଦେଇଥିଲେ। ଶିଶୁର ଭବିଷ୍ୟତ ନିର୍ମାଣ ମା' ହାତରେ ବୋଲି ଅତିଥିମାନେ ପ୍ରକାଶ କରିଥିଲେ। ପ୍ରଧାନ ଆଚାର୍ଯ୍ୟ ଅନିଲ କୁମାର ଦେହୁରୀ ଅତିଥି ପରିଚୟ ଦେଇଥିଲେ। ଉପସ୍ଥିତ ମା' ମାନଙ୍କ ମଧ୍ୟରେ ବିଭିନ୍ନ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। କଳ୍ପନା ସାହୁ, ପ୍ରିୟଙ୍କା ବେହେରା, ବିଭୂତି ଭୂଷଣ ସ୍ୱାଇଁ, କୁମୁଦ ଚନ୍ଦ୍ର ବେହେରା ପ୍ରମୁଖ ସହଯୋଗ କରିଥିଲେ।

# ବିଦ୍ୟାଳୟ ସମସ୍ୟା ନେଇ ଦାବିପତ୍ର

ପବିତ୍ରନଗର,୧୮।୯(ଡି.ଏନ.ଏ)

କଣିହାଁ ବ୍ଲକ ପବିତ୍ରନଗରଠାରେ ମଙ୍ଗଳବାର ଢେଙ୍କାନାଳ ଏମ୍‌ପି ମହେଶ ସାହୁଙ୍କୁ ବିଭିନ୍ନ ଶିକ୍ଷାନୁଷ୍ଠାନ ତରଫରୁ ସ୍ୱାଗତ ସମ୍ବର୍ଦ୍ଧନା ଦିଆଯାଇଛି। ପ୍ରଥମେ ପବିତ୍ରନଗର ଉଚ୍ଚ ମାଧମିକ ବିଦ୍ୟାଳୟ ତରଫରୁ ଏମପିଙ୍କୁ ଛାତ୍ରୀଛାତ୍ରମାନେ ଫୁଲ ଚନ୍ଦନ ଦେଇ ବିଦ୍ୟାଳୟ ପରିସରକୁ ପାଛୋଟି ନେଇଥିଲେ। ଆୟୋଜିତ ସ୍ୱାଗତ ସଭାରେ ଅଧକ୍ଷ ଧନେଶ୍ୱର ନାୟକ ଅଧକ୍ଷତା କରିଥିଲେ। ଅଧାପକ ରମାକାନ୍ତ ସାହୁ ମଞ୍ଚ ପରିଚାଳନା କରିଥିଲେ। ବ୍ରହ୍ମାନନ୍ଦ ପ୍ରଧାନ ଅତିଥି ପରିଚୟ ଦେଇଥିଲେ। ଏହି ଅବସରରେ ବିଦ୍ୟାଳୟର ସମସ୍ୟା ନେଇ ଏମ୍‌ପିଙ୍କୁ ଦାବିପତ୍ର ପ୍ରଦାନ କରାଯାଇଥିଲା। ସେହିପରି ଯୁକ୍ତ ୩ କଲେଜରେ ଅଧକ୍ଷ ବନୋଜ କୁମାର ପ୍ରଧାନଙ୍କ ଅଧକ୍ଷତାରେ ଆୟୋଜିତ ସ୍ୱାଗତ ସମ୍ବର୍ଦ୍ଧନା ସଭାରେ ଏମ୍‌ପି ସାହୁଙ୍କୁ ସ୍ୱାଗତ କରାଯାଇଥିଲା। ଅଧାପକ ସନ୍ତୋଷ କୁମାର ସାହୁ ମଞ୍ଚ ପରିଚାଳନା କରିଥିଲେ। ଅଧାପିକା ପ୍ରତିଭା ପ୍ରଧାନ ମାନପତ୍ର ପାଠ କରିଥିଲେ। ସେହିପରି ପବିତ୍ରନଗର ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର ତରଫରୁ ଏମପିଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା ଦିଆଯାଇଛି। ଶିକ୍ଷାନୁଷ୍ଠାନ ଗୁଡିକର ଭିତ୍ତିଭୂମି ବିକାଶ କରିବା ନିମନ୍ତେ ଏମ୍‌ପି ପ୍ରତିଶ୍ରୁତି ଦେଇଥିଲେ।

# ସୁରକ୍ଷା ସଙ୍ଗଠନ ପକ୍ଷରୁ ସମ୍ବେଦୀକରଣ ଉତ୍ସବ

ଅନୁଗୋଳ ଅଫିସ,୧୮।୯

ଅନୁଗୋଳ ବିଶ୍ୱ ମାନବାଧିକାର ସୁରକ୍ଷା ସଙ୍ଗଠନ ସଭ୍ୟମାନଙ୍କ ସମ୍ବେଦୀକରଣ ଉତ୍ସବ ପାଳିତ ହୋଇଯାଇଛି। ମୁଖ୍ୟଅତିଥି ଭାବେ ସୁରକ୍ଷା ସଙ୍ଗଠନର ରାଷ୍ଟ୍ରୀୟ ସଭାପତି ଡ. ଅଭିନ୍ନ କୁମାର ହୋତା ଯୋଗଦେଇ ଏହାକୁ ଉଦ୍‌ଘାଟନ କରିଥିଲେ। ରାଜ୍ୟ ସଂଯୋଜକ ରାଜେଶ ମଲ୍ଲିକ, ଅନୁଗୋଳ ଜିଲା ସାଧାରଣ ସମ୍ପାଦକ ଅର୍ଜୁନ କୁମାର ମୁଦୁଲି, ସଭାପତି ରାମଚନ୍ଦ୍ର ରାଉତରାୟ, ଉପସଭାପତି ଶରତ କୁମାର ମିଶ୍ର ପ୍ରମୁଖ ମଞ୍ଚାସୀନ ଥିଲେ। ରାଷ୍ଟ୍ରୀୟ ସଭାପତି ଡକ୍ଟର ହୋତା ଉପସ୍ଥିତ ସମସ୍ତ ସଭ୍ୟା ସଭ୍ୟମାନଙ୍କୁ ମାନବ ଅଧିକାର ଓ ସମାଜସେବା ଦିଗରେ ମାର୍ଗଦର୍ଶନ କରାଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ଆଇନଜୀବୀ ମମତା ମହାପାତ୍ର, ରାକେଶ ସୋଲାଙ୍କି, ସଞ୍ଜୟ ମହାପାତ୍ର, ପ୍ରଶାନ୍ତ ରଥ, ଅରବିନ୍ଦ ସାହ, ସ୍ଥାୟୀ ସଭ୍ୟ ଗୋଲକ ଚନ୍ଦ୍ର ସାହୁ, ପ୍ରଫୁଲ୍ଲ କୁମାର ପ୍ରଧାନ, ବିକାଶ ସରଳିଆ, ଅଶୋକ ଜେନା, ରୀତାଞ୍ଜଳି ନନ୍ଦ, ଆଶୁତୋଷ ପ୍ରସାଦ ସାହୁ ପ୍ରମୁଖଙ୍କ ସମେତ ବହୁ ମାନ୍ୟଗଣ୍ୟ ବ୍ୟକ୍ତି ଉପସ୍ଥିତ ଥିଲେ। ଶେଷରେ ସମାଜସେବା କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ପାଇଁ ବ୍ୟକ୍ତି ବିଶେଷଙ୍କୁ ସମ୍ମାନିତ କରାଯାଇଥିଲା।

# 'ସମୟାନୁବର୍ତ୍ତିତା ସଫଳ କରିପାରିବ'

ଅନୁଗୋଳ ଅଫିସ, ୧୮।୯




କାର୍ଯ୍ୟକ୍ରମରେ ଉପସ୍ଥିତ ଅତିଥିବୃନ୍ଦ।

ଅନୁଗୋଳର ସାମାଜିକ କର୍ମୀ ସଙ୍ଗଠନ ସ୍ପନ୍ଦନ ପକ୍ଷରୁ ଓ ନେହେରୁ ଯୁବକେନ୍ଦ୍ର ଅନୁଗୋଳ ଆନୁକୂଲ୍ୟରେ ମା' କଳାପାଟ କ୍ଲବ, ପିଙ୍ଗୁଆ, ବଳରାମପ୍ରସାଦ ଠାରେ ପଡ଼ୋଶୀ ଯୁବ ସଂସଦ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏହାକୁ ଅଭୟ ରାୟ ଉଦ୍‌ଘାଟନ କରି ସମୟାନୁବର୍ତ୍ତିତା, ଏକାଗ୍ରତା, ଆତ୍ମ ସମୀକ୍ଷା ଓ ଆମ ଚିନ୍ତନ ଦ୍ୱାରା ହିଁ ଯୁବ ସମାଜ ସଫଳ ବ୍ୟକ୍ତିତ୍ୱର ଅଧିକାରୀ ହୋଇପାରିବ ବୋଲି ମତବ୍ୟକ୍ତ କରିଥିଲେ। ଅନ୍ୟତମ ଅତିଥିଭାବେ ନାଲ୍‌କୋ ସରସ୍ୱତୀ ବିଦ୍ୟାମନ୍ଦିରର ଅଧାପକ ବିଚିତ୍ରାନନ୍ଦ ନାୟକ, ବଳରାମ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଦାୟିତ୍ୱରେ ଥିବା ନିହାର ରଞ୍ଜନ ଦାଶ, ସାମାଜିକ କର୍ମୀ ଅନିଲ କୁମାର ମହାନ୍ତି, କିରଣ ସାମଲ ପ୍ରମୁଖ ଯୋଗଦେଇ ବର୍ତ୍ତମାନ ସମୟରେ ଦେଖାଦେଇଥିବା ବିଭିନ୍ନ ସମସ୍ୟା ସମ୍ପର୍କରେ ଆଲୋଚନା କରିଥିଲେ। ସାମାଜିକ କର୍ମୀ ତପନ କୁମାର ସାମଲ, ସ୍ପନ୍ଦନର କର୍ମୀ ଅଜିତ କୁମାର ଖୁଣ୍ଟିଆ, ବଷ୍ଟି ଭୂତିଆ, ବିଭୂ ପ୍ରସାଦ ଶତପଥୀ, ଅଜୟ ନାହକ ପ୍ରମୁଖ ପରିଚାଳନାରେ ସହାୟତା କରିଥିଲେ। ବିଭିନ୍ନ ଯୁବ ଅନୁଷ୍ଠାନ, ମହିଳା ସ୍ୱୟଂସହାୟକ ଗୋଷ୍ଠୀର ୮୦ ଜଣ ସଦସ୍ୟା, ସଦସ୍ୟ ଯୋଗଦାନ କରିଥିଲେ। ସମ୍ପାଦକ ଦୀପକ କୁମାର ସାହୁ ଧନ୍ୟବାଦ ଅର୍ପଣ କରିଥିଲେ।

# ମହାବିଦ୍ୟାଳୟରେ ସ୍ୱଚ୍ଛତା ପକ୍ଷ

ତାଳଚେର,୧୮।୯(ନି.ପ୍ର.)




କାର୍ଯ୍ୟକ୍ରମରେ ଅଧାପିକା ଅଧାପକମାନେ।

ତାଳଚେର ବ୍ଲକ ସାଉଥବଲଣ୍ଡାସ୍ଥିତ ନୀଳକଣ୍ଠେଶ୍ୱର ଉଚ୍ଚ ମାଧମିକ ମହାବିଦ୍ୟାଳୟରେ ସ୍ୱଚ୍ଛତା ପକ୍ଷ ଚଳିତ ମାସ ୧ ଠାରୁ ୧୫ ତାରିଖ ପର୍ଯ୍ୟନ୍ତ ପାଳିତ ହୋଇଯାଇଛି। ଏଥିରେ ଏନ୍‌ଏସ୍‌ଏସ୍ ଓ ଯୁବ ରେଡକ୍ରସର ଶତାଧିକ ଛାତ୍ରୀଛାତ୍ର ସାମିଲ ହୋଇ ବିଭିନ୍ନ କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରିଥିଲେ। ଏହି ଅବସରରେ ମହାବିଦ୍ୟାଳୟ ପରିସରରେ ସଫେଇ କାର୍ଯ୍ୟକ୍ରମ, ଶ୍ରେଣୀଗୃହରେ ଡଷ୍ଟବିନ୍‌ର ବ୍ୟବହାର, ଚାରାରୋପଣ, ଶପଥ ପାଠ ଆଦି ବିଭିନ୍ନ କାର୍ଯ୍ୟକ୍ରମ ସହ ପ୍ରତିଯୋଗିତାମାନ ଆୟୋଜନ କରାଯାଇଥିଲା। ଉଦ୍‌ଯାପନୀ ସମାରୋହରେ ଯୁକ୍ତ ୩ ଅଧକ୍ଷ ବଳଭଦ୍ର ଜେନା ଯୋଗ ଦେଇ ସ୍ୱଚ୍ଛତା ଉପରେ ଗୁରୁତ୍ୱାରୋପ କରିଥିଲେ। ଯୁକ୍ତ ୨ ଅଧକ୍ଷା ବିନୋଦିନୀ ଦାସଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମକୁ ଯୁବ ରେଡକ୍ରସ ଅଧିକାରୀ ବଶିଷ୍ଠ କୁମାର ସାହୁ ପରିଚାଳନା କରିଥିଲେ। ଏନ୍‌ଏସ୍‌ଏସ୍ ଅଧିକାରୀ ସସ୍ମିତା ନନ୍ଦ ଧନ୍ୟବାଦ ଅର୍ପଣ କରିଥିଲେ। ଅଧାପିକା ଅନ୍ନପୂର୍ଣ୍ଣା ପତି, ତନୁଜା ପାତ୍ର, ଲୁସି ମହାନ୍ତି, ବୀଣାପାଣି ମହାରଣା, ଡଲି ବେହେରା, ତ୍ରିନାଥ ସାହୁ, ସୁଚିସ୍ମିତା ସାମଲ, ନିର୍ମଳ ପାଢୀ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସକ୍ରିୟ ସହଯୋଗ କରିଥିଲେ।

# ବିଜେଡି କାର୍ଯ୍ୟକାରିଣୀ ବୈଠକ



ପାଲଲହଡ଼ା, ୧୮।୯(ଡି.ଏନ.ଏ.)

ପାଲଲହଡ଼ା ବ୍ଲକ ବିଜେଡି ପକ୍ଷରୁ ସ୍ଥାନୀୟ ଶରତଚନ୍ଦ୍ର ସଭାଗୃହ ପରିସରରେ ପରିବର୍ଦ୍ଧିତ କାର୍ଯ୍ୟକାରିଣୀ ବୈଠକ ଅନୁଷ୍ଠିତ ହୋଇଯାଇଛି। ଏଥିରେ ପାଲଲହଡ଼ା ବିଧାୟକ ମୁକେଶ କୁମାର ପାଲ ମୁଖ୍ୟଅତିଥି ଭାବେ ଯୋଗଦେଇ ଉପସ୍ଥିତ କାର୍ଯ୍ୟକର୍ତ୍ତାମାନଙ୍କୁ ସଦସ୍ୟତା ସଂଗ୍ରହ ଅଭିଯାନକୁ ତ୍ୱରାନ୍ୱିତ କରିବାକୁ ଆହ୍ୱାନ ଦେଇଥିଲେ। ବିଧାୟକଙ୍କ ବ୍ଲକ ପ୍ରତିନିଧି ନରେନ୍ଦ୍ର କୁମାର ଭୁକ୍ତା, ବ୍ଲକ ଅଧକ୍ଷ ନବ କିଶୋର ନାଏକ, ଅନୁଗୋଳ ଜିଲା ପରିଷଦ ଉପାଧକ୍ଷ ଇନ୍ଦ୍ରମଣି ଗଡନାୟକ, ବିଜେଡି ରାଜ୍ୟ ସମ୍ପାଦକ ମନୋଜ କୁମାର ସାହୁଙ୍କ ସମେତ ବିଭିନ୍ନ ପଞ୍ଚାୟତର ଶତାଧିକ ବିଜେଡି କାର୍ଯ୍ୟକର୍ତ୍ତାମାନେ ଉପସ୍ଥିତ ଥିଲେ। ବ୍ଲକ ସଭାପତି ଲଳିତ କୁମାର ପ୍ରଧାନ, ବରିଷ୍ଠ କାର୍ଯ୍ୟକର୍ତ୍ତା ପ୍ରହଲ୍ଲାଦ ପ୍ରଧାନ, ରଞ୍ଜିତ କୁମାର ସାମଲ, ଚିନ୍ମୟ କୁମାର ସାହୁ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

# ଗାରିମା ପରୀକ୍ଷାରେ ୨୩ ସ୍କୁଲକୁ ସଫଳତା

କଣିହାଁ, ୧୮।୯(ଡି.ଏନ.ଏ.)

ବିଦ୍ୟାଳୟ ଶିକ୍ଷାର ମାନବୃଦ୍ଧି ପାଇଁ ଚଳିତ ମାସ ୧୨ ତାରିଖରେ କଣିହାଁ ବ୍ଲକରେ ଗାରିମା ପରୀକ୍ଷା ଅନୁଷ୍ଠିତ ହୋଇଥିଲା। ଏଥିରେ ବ୍ଲକର ୨୩ଟି ବିଦ୍ୟାଳୟର ଛାତ୍ରୀଛାତ୍ର କୃତକାର୍ଯ୍ୟ ହୋଇ ଅନୁଗୋଳ ଜିଲାରେ ସର୍ବାଧିକ ସଫଳତା ପାଇଛନ୍ତି। ଫଳରେ ବ୍ରୋଞ୍ଜ ପଦକ ପାଇବା ପାଇଁ ୨୩ଟି ବିଦ୍ୟାଳୟ ଯୋଗ୍ୟ ବିବେଚିତ ହୋଇଛନ୍ତି। ଉକ୍ତ ଖବର ଜଣାପଡ଼ିବା ପରେ ସଫଳତା ପାଇଥିବା ବିଦ୍ୟାଳୟର ଛାତ୍ରୀଛାତ୍ର ଓ ଶିକ୍ଷକ ଖୁସି ବ୍ୟକ୍ତ କରିଛନ୍ତି। ଏପରି କି ତେଷ୍ଟେଇବେରେଣୀ ଭାଗୀରଥିପୁର ପ୍ରାଥମିକ ବିଦ୍ୟାଳୟରେ ଶିକ୍ଷୟିତ୍ରୀଶିକ୍ଷକ ଛାତ୍ରୀଛାତ୍ରଙ୍କୁ ମିଠା ବଣ୍ଟନ କରିଥିବା ଦେଖାଯାଇଛି। ବ୍ଲକ ଶିକ୍ଷା ଅଧିକାରୀଙ୍କ କାର୍ଯ୍ୟାଳୟରୁ ଜଣାପଡ଼ିଛି, ଗାରିମା ପରୀକ୍ଷା ପାଇଁ ୯୩ଟି ବିଦ୍ୟାଳୟ ଆବେଦନ କରିଥିଲେ। ଗାଇଡଲାଇନକୁ ନେଇ ପ୍ରାରମ୍ଭିକ ନିରୀକ୍ଷଣ ପରେ ୬୫ ବିଦ୍ୟାଳୟ ଚିହ୍ନଟ ହୋଇଥିଲା। ଛେଣ୍ଡିପଦା ଡିଆଇଇଟି ପରିଚାଳନାରେ ପରୀକ୍ଷା ହୋଇଥିଲା। ଏଥିରେ ଛାତ୍ରୀଛାତ୍ରଙ୍କ ଦକ୍ଷତାକୁ ନେଇ ୨୩ଟି ବିଦ୍ୟାଳୟ ବ୍ରୋଞ୍ଜ ପଦକ ପାଇବାକୁ ଯୋଗ୍ୟ ହୋଇଛନ୍ତି। ଜିଲାରେ ୮ଟି ବ୍ଲକ ମଧ୍ୟରୁ ଅନୁଗୋଳର ୮ ସ୍କୁଲ, ଆଠମଲ୍ଲିକ ୩, ବଆଁରପାଳ ୭, ଛେଣ୍ଡିପଦା ୧୫, ପାଲଲହଡ଼ା ୧୭, ତାଳଚେର ୫ ଓ କିଶୋରନଗର ବ୍ଲକର ୪ଟି ସ୍କୁଲ ସ୍ଥାନ ପାଇଥିବା ଜିଲା ଶିକ୍ଷା ଅଧିକାରୀଙ୍କ ୱେବ ସାଇଟ ତଥ୍ୟରୁ ଜଣାପଡ଼ିଛି।



ଛାତ୍ରୀଛାତ୍ରଙ୍କୁ ମିଠା ବଣ୍ଟନ କରାଯାଉଛି।

## ସଂକ୍ଷେପରେ

### ବେପରୁଆ ଗାଡ଼ିଚାଳନାକୁ ନେଇ ଅସନ୍ତୋଷ




**ଢେଙ୍କାନାଳ ଅଫିସ, ୧୮।୯:** ବେପରୁଆ ବସ୍ ଚାଳନାକୁ କେନ୍ଦ୍ରକରି ଢେଙ୍କାନାଳ ସଦର ଥାନା ଝାରଗାଡ଼ିଆ ଫାଣ୍ଡି ୫୫ନଂ. ଜାତୀୟ ରାଜପଥର ସିମିନଇରେ ବୁଧବାର ଚାପା ଉତ୍ତେଜନା ପ୍ରକାଶ ପାଇଛି। ଅପରାହ୍ନରେ ଡିପିଏସ୍ ସ୍କୁଲ ବସ୍ ଛିଡ଼ା ହୋଇଥିବାବେଳେ ଅନ୍ୟ ଏକ ଯାତ୍ରୀବାହୀ ବସ୍ ଦ୍ରୁତଗତିରେ ଆସି ଘଷି ହୋଇଯାଇଥିଲା। ସ୍କୁଲ ବସ୍‌ରେ ବସିଥିବା ଛାତ୍ରୀଛାତ୍ର ଭୟଭୀତ ହୋଇପଡ଼ିଥିଲେ। ଏପରି ଦାୟିତ୍ୱହୀନ ଗାଡ଼ିଚାଳନା ପାଇଁ ଅଞ୍ଚଳବାସୀ ଯାତ୍ରୀବାହୀ ବସ୍‌କୁ ଅଟକ ରଖିଥିଲେ। ସୂଚନାପାଇ ସଦର ଥାନା ପୋଲିସ ପହଞ୍ଚି ଉଭୟ ଗାଡ଼ିକୁ ରାସ୍ତାରୁ ହଟାଇଥିଲା। ଲୋକମାନଙ୍କୁ ବୁଝାଶୁଝା କରିବା ପରେ ଗାଡ଼ି ଦୁଇଟିକୁ ଥାନାକୁ ଅଣାଯାଇଥିଲା। ଏହାପରେ ଯାନବାହନ ଚଳାଚଳ ସ୍ୱାଭାବିକ ହୋଇଥିଲା। ଜାତୀୟ ରାଜପଥରେ ବେପରୁଆ ବସ୍ ଚାଳନା ପାଇଁ ଦୁର୍ଘଟଣା ବଢ଼ିବାରେ ଲାଗିଛି। ଏଥିପ୍ରତି ପୋଲିସ ପ୍ରଶାସନ ଦୃଷ୍ଟି ଦେବାକୁ ଅଞ୍ଚଳବାସୀ ଦାବି କରିଛନ୍ତି।

### ନିର୍ଯାତିତାଙ୍କୁ ମିଳିଲା ଆଇନଗତ ସହାୟତା

**ଢେଙ୍କାନାଳ ଅଫିସ, ୧୮।୯:** ଢେଙ୍କାନାଳ ସଦର ଥାନା ଗୁଣ୍ଡିଚାପଡ଼ା ଗ୍ରାମର ସ୍ୱାମୀ ନିର୍ଯାତିତା ସୁଲତାନା ବିବିଙ୍କୁ ଆଇନଗତ ସହାୟତା ମିଳିଛି। ବାରମ୍ବାର ପୋଲିସ ନିକଟରେ ଅଭିଯୋଗ କରି ବିଫଳ ହେବାପରେ ତାଙ୍କୁ ସହାୟତାର ହାତ ବଢ଼ାଇଥିଲା ମହିଳା ସ୍ୱେଚ୍ଛାସେବୀ ଅନୁଷ୍ଠାନ 'ସୌନ୍ଦର୍ଯ୍ୟା'। ଅନୁଷ୍ଠାନର ସଭାନେତ୍ରୀ ସ୍ମିତାରାଣୀ ସାମଲଙ୍କ କହିବା କଥା, ସୁଲତାନା ସ୍ୱାମୀ ଶେଖ ସକିଲଙ୍କ ଦ୍ୱାରା ନିର୍ଯାତନାର ଶିକାର ହୋଇ ଆସୁଥିଲେ। ଏ ନେଇ ପୋଲିସର ଦ୍ୱାରସ୍ଥ ହୋଇଥିଲେ ମଧ ସୁଫଳ ମିଳିଲାନି। ଏପରିକି ସ୍ୱାମୀଙ୍କ ସମ୍ପର୍କୀୟ ତାଙ୍କୁ ଧମକଚମକ ଦେବା ଆରମ୍ଭ କରିଥିଲେ। ଏଥିରେ ଅତିଷ୍ଠ ହୋଇ ସେ ସୌନ୍ଦର୍ଯ୍ୟା ଅନୁଷ୍ଠାନକୁ ଫୋନ୍ କରି ସହାୟତା ମାଗିଥିଲେ। ଏ ନେଇ ତୁରନ୍ତ ଏସ୍‌ଡିପିଓ ଶ୍ରୀହର୍ଷ ମିଶ୍ରଙ୍କୁ ଅବଗତ କରାଯାଇଥିଲା। ଏସ୍‌ଡିପିଓଙ୍କ ହସ୍ତକ୍ଷେପ ଏବଂ ସୁଲତାନାଙ୍କ ଅଭିଯୋଗକୁ ଭିତ୍ତିକରି ପୋଲିସ ସେପ୍ଟେମ୍ବର ୧୪ରେ କେସ୍ ନଂ. ୩୨୮/୧୯ରେ ମାମଲା ରୁଜୁ କରିଥିଲା। ପୋଲିସ ଅଭିଯୁକ୍ତଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ଏ ନେଇ ସୁଲତାନା ଅନୁଷ୍ଠାନ ସଦସ୍ୟଙ୍କୁ କୃତଜ୍ଞତା ଜଣାଇଛନ୍ତି।

### ସ୍ୱାସ୍ଥ୍ୟକେନ୍ଦ୍ରରେ ଫଳ ବଣ୍ଟନ



**କାମାକ୍ଷାନଗର, ୧୮।୯(ଡି.ଏନ୍.ଏ.):** କାମାକ୍ଷାନଗର ଉପଖଣ୍ଡ ଚିକିତ୍ସାଳୟ ଅନ୍ତେବାସୀ ରୋଗୀଙ୍କୁ ବୁଧବାର ଭାଜପା ପକ୍ଷରୁ ଫଳ ବଣ୍ଟନ କରାଯାଇଛି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଜନ୍ମଦିନ ଉପଲକ୍ଷେ ଦେଶବ୍ୟାପୀ ସେବା ଦିବସ ପାଳନ କରାଯାଉଛି। ଏହି ଦିବସକୁ ଅଧିକ ସ୍ମୃତିମଧୁର କରିବାକୁ ଦଳ ପକ୍ଷରୁ ରୋଗୀଙ୍କୁ ଫଳ ବଣ୍ଟନ କରାଯାଇଥିଲା। ରାଜ୍ୟ କାର୍ଯ୍ୟକାରିଣୀ ସଭ୍ୟ ଶତ୍ରୁଘ୍ନ ଜେନାଙ୍କ ନେତୃତ୍ୱରେ ବରିଷ୍ଠ ନେତା ରୁଦ୍ରନାରାୟଣ ପାଣି, ପୂର୍ବତନ ଜିଲା ସଭାପତି ପ୍ରେମାନନ୍ଦ ଜେନା, ଅଶ୍ୱିନୀ ମହାପାତ୍ର, ରଣଜିତ୍ ସାହୁ, ଶେଷଦେବ ନାୟକ, ସୁରେଶ ନାଏକ, ମୀନକେତନ ସାହୁ, ଶେଷଦେବ ବେହେରା ପ୍ରମୁଖ ଉପସ୍ଥିତ ଥିଲେ।

### କେନାଲରୁ ଯୁବକଙ୍କ ମୃତଦେହ ଉଦ୍ଧାର

**ଢେଙ୍କାନାଳ ଅଫିସ, ୧୮।୯:** ଢେଙ୍କାନାଳ ସଦର ଥାନା ତରଭା ଫାଣ୍ଡି ଅଧୀନ ଜୁଆଙ୍ଗ ସାହିର ଜଣେ ଯୁବକଙ୍କ ମୃତଦେହ ବୁଧବାର ରେଙ୍ଗାଲି ଦକ୍ଷିଣ କେନାଲରୁ ଉଦ୍ଧାର କରାଯାଇଛି। ସେ ହେଲେ କନ୍ଧା ନାଏକ (୨୯)। କନ୍ଧା ସକାଳେ ଶୌଚ ହେବାକୁ ଯାଇ ଆଉ ଫେରି ନ ଥିଲେ। ସେ କେନାଲରେ ବୁଡ଼ି ଯାଇଥିବା ସନ୍ଦେହ କରାଯାଉଛି। ପୋଲିସ ପହଞ୍ଚି ମୃତଦେହ ଉଦ୍ଧାର କରିବା ସହ ବ୍ୟବଚ୍ଛେଦ ଲାଗି ପଠାଇଥିଲା।

# ନରହନ୍ତା ଦନ୍ତାର ଉଗ୍ରରୂପ

- ଗାଁରେ ପଶି ଆତଙ୍କ ସୃଷ୍ଟିକଲା
- ୪ ପରିବାର ବାସହରା
- ବ୍ୟାପକ ଫସଲ ନଷ୍ଟ

**ପରଜଙ୍ଗ, ୧୮।୯(ଡି.ଏନ.ଏ.)**

ଗାଁରୁ ଗାଁକୁ ଘୂରିବୁଲୁଛି। ଯୁଆଡ଼େ ମୁହାଁଉଛି ସିଆଡ଼େ ଆତଙ୍କର ବାତାବରଣ ସୃଷ୍ଟି କରୁଛି। ଚାଳ ଛପର, କଂକ୍ରିଟ୍ କୋଠା, ପାଚେରି, ବାଡ଼ି ବଗିଚା କିଛି ବାଦ୍ ପଡୁନି। ରାତିରେ ଜନବସତିରେ ବୁଲୁଛି। ମଣିଷ ଦେଖିଲେ ମାରିବାକୁ ଗୋଡ଼ାଉଛି। ଢେଙ୍କାନାଳ ବନଖଣ୍ଡ ମହାବିରୋଡ ରେଞ୍ଜ ଡିହଡୋଳ ଫରେଷ୍ଟ ସେକ୍ସନ ନରହନ୍ତା ଦନ୍ତାର ଏପରି ହିଂସ୍ରରୂପରେ ଲୋକେ ତ୍ରାହି ତ୍ରାହି ଡାକିଲେଣି। କେବଳ ନରହନ୍ତା ଦନ୍ତା ନୁହେଁ, ଅଞ୍ଚଳରେ ୩୦ଟିକିଆ ହାତୀପଲ ଦୀର୍ଘଦିନ ହେଲା ବ୍ୟାପକ ଉପଦ୍ରବ ସୃଷ୍ଟି କରୁଛନ୍ତି। ସେମାନଙ୍କ ଘଉଡ଼ାଇବାକୁ ଯାଇ ବନ ବିଭାଗ ନାକେଦମ ହୋଇପଡ଼ିଥିବାବେଳେ ଉପଦ୍ରୁତ ଅଞ୍ଚଳବାସୀଙ୍କ ମଧ୍ୟରେ ଅସନ୍ତୋଷ ବଢ଼ିବାରେ ଲାଗିଛି।

ମଙ୍ଗଳବାର ବିଳମ୍ବିତ ରାତିରେ ନରହନ୍ତା ଦନ୍ତା ପରଜଙ୍ଗ ପଞ୍ଚାୟତର ଭାଲିଆଡଇଲା ଗ୍ରାମରେ ପଶି ତାଣ୍ଡବ ରଚିଥିଲା। ହାତୀ ଉପଦ୍ରବରେ ଗୁଣ୍ଡିଚା ମଲ୍ଲିକ, କପିଳ ମଲ୍ଲିକ, ପ୍ରଶାନ୍ତ ମଲ୍ଲିକ, ବାମଦେବ ମଲ୍ଲିକଙ୍କ ଘର କ୍ଷତିଗ୍ରସ୍ତ ହୋଇଛି। ପରିବାର ଲୋକେ ଶୋଇଥିବାବେଳେ ହାତୀ ଘର ଭାଙ୍ଗି ଦେଇଥିଲା। ସୌଭାଗ୍ୟବଶତଃ ଏଥିରୁ ସମସ୍ତେ ବର୍ତ୍ତିଯାଇଛନ୍ତି। ବର୍ଷା ଚାଲିଥିବାରୁ ବାସହରା ପରିବାର ନାହିଁ ନ ଥିବା ହିନସ୍ତା ହେଉଛନ୍ତି। ଏହାପରେ ହାତୀ ଖଣ୍ଡୁଆଳମୁଣ୍ଡା ଗ୍ରାମ ନିକଟରେ ନିର୍ମାଣାଧୀନ ରେଳପଥ କାମରେ ନିୟୋଜିତ କର୍ମଚାରୀଙ୍କ କ୍ୟାମ୍ପକୁ ଭାଙ୍ଗି ଦେଇଛି। ସେଠାରେ ଥିବା ରାତ୍ର ଜଗୁଆଳି, ଦୁଇଜଣ ମେଶିନ ଅପରେଟର ହାତୀମୁହଁରୁ ବର୍ତ୍ତି ଯାଇଛନ୍ତି।



ହାତୀ ଏକ ଘର ଭାଙ୍ଗିଦେଇଛି।

ଏଥିପୂର୍ବରୁ ସନ୍ଧ୍ୟାରେ ଦନ୍ତାହାତୀ ଡମୋଳ ଗ୍ରାମ ନିକଟରେ ଥିବା ସୂଚନା ପାଇ ବନ ବିଭାଗ କର୍ମଚାରୀ ଘଉଡ଼ାଇଥିଲେ। ବାଣ ମାରିଲେ କିମ୍ବା ଲାଇଟ୍ ଆଲୁଅ ଦେଖିଲେ ହାତୀ ଅଧିକ ହିଂସ୍ର ହୋଇଉଠୁଛି। ଏହାପରେ ଘରଦ୍ୱାର ଭାଙ୍ଗି ପକାଉଛି। ରେଞ୍ଜର ହରମୋହନ ନାୟକ, ଫରେଷ୍ଟର ରାମଚନ୍ଦ୍ର ରାଉତ, ହାତୀସ୍କ୍ୱାଡ୍ କର୍ମଚାରୀ ଦନ୍ତାକୁ ଘଉଡ଼ାଇବାକୁ ଚେଷ୍ଟା କରିଥିଲେ ମଧ୍ୟ ସୁଫଳ ମିଳି ନ ଥିଲା। ଅଞ୍ଚଳରେ ଧାନ ଚାଷ ଶେଷ ପର୍ଯ୍ୟାୟରେ ପହଞ୍ଚି ଥିବାବେଳେ ହାତୀ ପଲ ଉପଦ୍ରବ ଚାଷୀଙ୍କ ଚିନ୍ତା ବଢ଼ାଇଛି। ଲୋକେ ସନ୍ଧ୍ୟା ହେଲେ ଘରୁ ବାହାରିବାକୁ ଭୟ କରୁଛନ୍ତି। ତୁରନ୍ତ ଉକ୍ତ ନରହନ୍ତା ଦନ୍ତାକୁ ଅନ୍ୟତ୍ର ଘଉଡ଼ାଇବାକୁ ଅଞ୍ଚଳବାସୀ ଦାବି କରିଛନ୍ତି । ସେହିପରି ଭାଲୁମୁଣ୍ଡା-ପରଜଙ୍ଗ ପୂର୍ତ୍ତ ବିଭାଗ ରାସ୍ତାର ଗଣ୍ଡତଇଲା ଗ୍ରାମ ନିକଟରେ ମଙ୍ଗଳବାର ସନ୍ଧ୍ୟାରେ ୨୦ରୁ ଊର୍ଦ୍ଧ୍ୱ ହାତୀ ପାର ହୋଇଥିଲେ। ଫଳରେ ଦୀର୍ଘ ସମୟ ଯାଏ ଯାତାୟାତ ବାଧାପ୍ରାପ୍ତ ହୋଇଥିଲା। କ୍ଷତିଗ୍ରସ୍ତଙ୍କୁ ତୁରନ୍ତ କ୍ଷତିପୂରଣ ପ୍ରଦାନ କରିବାକୁ ଏମ୍‌ପି ମହେଶ ସାହୁ, ବ୍ଲକ ଅଧ୍ୟକ୍ଷ ଅକ୍ଷୟ ବେହେରା, ସରପଞ୍ଚ ପ୍ରିୟଜିତ୍ ସାମଲ, ଯୁବ ବିଜେଡି ସଭାପତି ସୁବ୍ରତ ଦାସ ପ୍ରମୁଖ ବିଭାଗୀୟ ଅଧିକାରୀଙ୍କ ସହ ଆଲୋଚନା କରିଛନ୍ତି। ଏ ନେଇ ରେଞ୍ଜର କୁହନ୍ତି, ଉକ୍ତ ଦନ୍ତା ଆକ୍ରମଣରେ ୧୧ରୁ ଊର୍ଦ୍ଧ୍ୱ ଲୋକଙ୍କ ଜୀବନ ଗଲାଣି। ବନ ବିଭାଗ ତରଫରୁ କ୍ଷୟକ୍ଷତି ଆକଳନ କରାଯାଇଛି। ଖୁବ୍‌ଶୀଘ୍ର କ୍ଷତିପୂରଣ ମିଳିବ।

## କଂକ୍ରିଟ୍ ବିମ୍ ବଞ୍ଚାଇଦେଲା ୩ ଜୀବନ



କଥାରେ ଅଛି ରଖେ ହରି ତ ମାରେ କିଏ। ଖଣ୍ଡୁଆଳମୁଣ୍ଡା ଗ୍ରାମର ରମେଶ ପରିଡ଼ାଙ୍କ କ୍ଷେତ୍ରରେ ଏହା ସତ୍ୟ ପ୍ରମାଣିତ ହୋଇଛି। ଘରର କଂକ୍ରିଟ ବିମ୍ ପାଇଁ ହାତୀ ଆକ୍ରମଣରୁ ରକ୍ଷା ପାଇଯାଇଛନ୍ତି ପରିବାରର ୩ଜଣ ସଦସ୍ୟ। ପରଜଙ୍ଗ ଶାଖା କେନାଲ ପାଖରେ ବଖରାଏ ଘରେ ରୁହନ୍ତି ରମେଶ, ତାଙ୍କ ସ୍ତ୍ରୀ କୁନି ଏବଂ ଝିଅ ସ୍ମୃତି। ମଙ୍ଗଳବାର ସମ୍ପୃକ୍ତ ପରିବାର ଲୋକେ ଖାଇସାରି ଏକାଠି ଶୋଇଥିଲେ। ଏହି ସମୟରେ ପରଜଙ୍ଗ ଅଞ୍ଚଳରେ ଉପଦ୍ରବ ସୃଷ୍ଟି କରୁଥିବା ନରହନ୍ତା ଦନ୍ତା ହଠାତ୍ କବାଟ ଭାଙ୍ଗି ଭିତରକୁ ପଶିବାକୁ ଉଦ୍ୟମ କରିଥିଲା। ଘର ଲୋକେ ଉଠିପଡ଼ି ଲାଇଟ୍ ଲଗାଇ ଦେଇଥିଲେ। ସେତେବେଳକୁ ହାତୀ ଘରେ ଭିତରେ ଶୁଣ୍ଢ ପୂରାଇ ସାରିଥିଲା। ହେଲେ କଂକ୍ରିଟ ବିମ୍ ଥିବାରୁ ଭିତରକୁ ପଶି ପାରୁ ନ ଥିଲା। ଘର ସାମାନ୍ୟ ବଡ଼ ହୋଇଥିବାରୁ ୩ଜଣ ସଦସ୍ୟ ଗୋଟିଏ କୋଣରେ ରହିଯାଇଥିଲେ। ଠାକୁରଙ୍କୁ ଡାକିବା ଛଡ଼ା ସେମାନଙ୍କ ପାଖରେ ଅନ୍ୟ କୌଣସି ବାଟ ନ ଥିଲା। କିଛି ସମୟ ଦୁଆର ପାଖରେ ଜଗି ରହିବା ପରେ ହାତୀ ଫେରିଯାଇଥିଲା। ହେଲେ ଯିବା ପୂର୍ବରୁ ଭାଙ୍ଗିଥିବା କବାଟକୁ ଶୁଣ୍ଢରେ ଟେକି ନେଇ ଚାଳ ଖୁଣ୍ଟ ଭାଙ୍ଗି ଦେଇଥିଲା। ଫଳରେ ପରିବାର ଲୋକ ଘରୁ ବାହାରି ପାରି ନ ଥିଲେ। ଦୀର୍ଘ ସମୟ ପରେ ଚିତ୍କାର ଶୁଣି ପଡ଼ୋଶୀ ଆସି ସେମାନଙ୍କୁ ଉଦ୍ଧାର କରିଥିଲେ।

ଏ ନେଇ ରମେଶ କୁହନ୍ତି, ମଙ୍ଗଳବାର ରାତି ସବୁଦିନ ଅଭୁଲା ହୋଇ ରହିବ। ସମସ୍ତେ ମୃତ୍ୟୁକୁ ନିକଟରୁ ଦେଖିଲୁ। କଂକ୍ରିଟ ବିମ୍ ନ ଥିଲେ କେହି ବର୍ତ୍ତି ନ ଥାନ୍ତୁ ବୋଲି ସେ କହିଛନ୍ତି।

## ପୁଣ୍ୟତିଥିରେ ମନେପଡ଼ିଲେ ସଂଗ୍ରାମୀ ସାରଙ୍ଗଧର ଦାସ




ସାରଙ୍ଗଧରଙ୍କ ପ୍ରତିମୂର୍ତ୍ତି ତଳେ ଏକାଠି ହୋଇଥିବା ସଦସ୍ୟମାନେ।

**ଢେଙ୍କାନାଳ ଅଫିସ, ୧୮।୯**

ଢେଙ୍କାନାଳ ସଚେତନ ନାଗରିକ ଫୋରମ୍ ଏବଂ ବଜରଙ୍ଗ କ୍ଲବ ପକ୍ଷରୁ ବୁଧବାର ମହାନ୍ ସ୍ୱାଧୀନତା ସଂଗ୍ରାମୀ ସାରଙ୍ଗଧର ଦାସଙ୍କ ୬୨ତମ ପୁଣ୍ୟତିଥି ପାଳିତ ହୋଇଯାଇଛି। ଏହି ଅବସରରେ ବଳରାମ ମନ୍ଦିର ନିକଟରେ ଥିବା ବିପ୍ଳବୀଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପମାଲ୍ୟ ଅର୍ପଣ କରାଯିବାସହ ତାଙ୍କୁ ଭକ୍ତିପୂତ ଶ୍ରଦ୍ଧାଞ୍ଜଳି ଅର୍ପଣ କରାଯାଇଥିଲା।

ମୁଖ୍ୟଅତିଥି ଭାବେ ଅତିରିକ୍ତ ଜିଲାପାଳ ଭବେଶ କୁମାର ନାୟକ, ସମ୍ମାନିତ ଅତିଥି ଜିଲା ସଂସ୍କୃତି ଅଧିକାରୀ ଶୁକ୍ରୁ ସ୍ୱାଇଁ, ଫୋରମ୍ ସଭାପତି ପ୍ରଦ୍ୟୁମ୍ନ ରଥ, ସମ୍ପାଦକ ଭରତ ଦାସ, ଶ୍ରମିକ ନେତା ଯୋଗେନ୍ଦ୍ର ତ୍ରିପାଠୀ, ଗୁପ୍ତେଶ୍ୱର ମିଶ୍ର, ସରୋଜ ଶତପଥୀ, ରୁଦ୍ରମାଧବ ମହାପାତ୍ର ପ୍ରମୁଖ ଉପସ୍ଥିତ ରହି ସ୍ୱାଧୀନତା ସଂଗ୍ରାମରେ ସାରଙ୍ଗଧରଙ୍କ ଅବଦାନକୁ ମନେପକାଇଥିଲେ।

ସେହିପରି ପୂର୍ବାହ୍ନ ୧୦ଟାରେ ଫୋରମ୍‌ର ଗଁଦିଆ ବ୍ଲକ ଶାଖା ପକ୍ଷରୁ ଗଡ଼ଜାତ ଗାନ୍ଧୀ ସାରଙ୍ଗଧରଙ୍କ ମହାପ୍ରୟାଣ ଦିବସ ପୋରୁହଖୋଜ ସଭାଗୃହରେ ପାଳିତ ହୋଇଯାଇଛି। ଏଥିରେ ବରିଷ୍ଠ ନାଗରିକ ବିଜୟ କୁମାର ମିଶ୍ର ସଭାପତିତ୍ୱ କରିଥିଲେ। ବିପିନ ବିହାରୀ ସିଂ, କାଳିନ୍ଦୀଚରଣ ସାହୁ ଆଲୋଚନାରେ ଭାଗନେଇ କହିଲେ, ଜଣେ ଆଦର୍ଶ ଏମ୍‌ପି, ବିଧାୟକ, ସାମାଜିକ କର୍ମୀ ଭାବେ ସାରଙ୍ଗଧର ବେଶ୍ ପରିଚିତ ଥିଲେ। ତାଙ୍କ ପରି ବ୍ୟକ୍ତିତ୍ୱ ବିରଳ। ଶିକ୍ଷକ ଦଣ୍ଡଧର ସାହୁ, ଅନନ୍ତଚରଣ ଶତପଥୀ, ଆଞ୍ଚଳିକ ସେବା ସଙ୍ଗଠନ ସଭାପତି ବିଦ୍ୟାଧର ସାହୁ, ଶିଳ୍ପୀ ରାଘବ ମହାରଣା, ସୁବ୍ରତ ସାହୁ, ଅନ୍ନଦାଶଙ୍କର ପତି, ତାପସ ରାଉତ, ମୁରଲୀଧର ରାଉତ, ମୋହନ ଚନ୍ଦ୍ର ସାହୁ, ଉମ୍ବରୁଧର ସେଠୀ, ମାଧବଚନ୍ଦ୍ର ସାହୁ ପ୍ରମୁଖ ଉପସ୍ଥିତ ଥିଲେ। ବ୍ଲକ ସଂଯୋଜକ ଗଣେଶ୍ୱର ପ୍ରଧାନ ଧନ୍ୟବାଦ ଦେଇଥିଲେ।

### ■୮ରେ ଐତିହାସିକ ବଳଦଯାତ୍ରା

## ଡିଜେ ସମ୍ପୂର୍ଣ୍ଣ ବ୍ୟାନ କରିବାକୁ ପ୍ରସ୍ତାବ

- ଦଶହରାରେ କରାଯାଉ ରାବଣପୋଡ଼ି
- ଶୋଭାଯାତ୍ରା ରୁଟ୍ ବଦଳାଇବା ଦାବି

**ଭୁବନ, ୧୮।୯(ଡି.ଏନ୍.ଏ.)**



ବୈଠକରେ ପ୍ରଶାସନିକ ଅଧିକାରୀ, କମିଟି ସଦସ୍ୟ ଏବଂ ଅନ୍ୟମାନେ

ଅକ୍ଟୋବର ୮ରେ ଢେଙ୍କାନାଳ ଜିଲା ଭୁବନର ଐତିହାସିକ ବଳଦ ଯାତ୍ରା ଆୟୋଜିତ ହେବ। ଏଥିପାଇଁ ସ୍ଥାନୀୟ ଏନ୍‌ଏସି ସଭାଗୃହରେ ବୁଧବାର ପ୍ରଥମ ଶାନ୍ତି କମିଟି ବୈଠକ ଅନୁଷ୍ଠିତ ହୋଇଯାଇଛି। କମିଟି ସଭାପତି ତଥା କାମାକ୍ଷାନଗର ଉପଜିଲାପାଳ ଇଂ. ବିଷ୍ଣୁ ପ୍ରସାଦ ଆଚାର୍ଯ୍ୟ ଏଥିରେ ଅଧ୍ୟକ୍ଷତା କରି ପୂଜା ଉତ୍ସବକୁ ସରସ ସୁନ୍ଦର କରିବାକୁ ସମସ୍ତଙ୍କ ସହଯୋଗ ଲୋଡ଼ିଥିଲେ। ବ୍ଲକ ଅଧ୍ୟକ୍ଷ ଧର୍ମାନନ୍ଦ ବରାଳ, ତହସିଲଦାର ଶକ୍ତିକାନ୍ତ ରାୟ, ଥାନାଧିକାରୀ ନିର୍ମଳା ଗୋଚ୍ଛାୟତ, ନିର୍ବାହୀ ଅଧିକାରୀ ପ୍ରମୋଦ ବରାଳ ପ୍ରମୁଖ ଉପସ୍ଥିତ ରହି ବିଭିନ୍ନ ବିଷୟରେ ଆଲୋଚନା କରିଥିଲେ। ସହର ସଙ୍ଗଠନ ସଭାପତି ବାସୁଦେବ ବେହେରା ଗତବର୍ଷ ହୋଇଥିବା ଅବ୍ୟବସ୍ଥାକୁ ନେଇ କ୍ଷୋଭ ପ୍ରକାଶ କରିଥିଲେ। ଗତବର୍ଷ କେତେକ ପୂଜା ପ୍ରତିଷ୍ଠାନ ନିଷ୍ପତ୍ତି ଉଲ୍ଲଂଘନ କରି ଡିଜେ ବଜାଇଥିଲେ। ଚଳିତବର୍ଷ ଡିଜେକୁ ସମ୍ପୂର୍ଣ୍ଣ ବ୍ୟାନ କରିବାକୁ ସେ ପ୍ରଶାସନ ନିକଟରେ ନିବେଦନ କରିଛନ୍ତି। ବରିଷ୍ଠ ଆଇନଜୀବୀ ନବକିଶୋର ଗୁରୁ କହିଲେ, ଗତବର୍ଷ ସବର୍ଣ୍ଣ-ଅସବର୍ଣ୍ଣ ବିବାଦ ଯୋଗୁ ଯାତ୍ରା ଫିକା ପଡ଼ିଯାଇଥିଲା। ବିବାଦକୁ ଭୁଲି ଭାଇଚାରା ରଖିଲେ ସମସ୍ତେ ଯାତ୍ରାର ମଜା ନେଇପାରିବେ। ଭସାଣି ଦିବସ ପରିବର୍ତ୍ତେ ଦଶହରାରେ ରାବଣ ପୋଡ଼ି ଏବଂ ଟ୍ରାଫିକ୍ ଯନ୍ତ୍ରଣାରୁ ମୁକ୍ତି ଲାଗି ଦିନବେଳା ମେଢ଼ଗୁଡ଼ିକୁ ନଗର ପରିକ୍ରମା କରିବା ଲାଗି ସେ ଅନୁରୋଧ କରିଥିଲେ। ଶାନ୍ତି କମିଟିର ବରିଷ୍ଠ କର୍ମକର୍ତ୍ତା ଦିଲୀପ ଦାସ ଶୋଭାଯାତ୍ରାର ରୁଟ୍ ବଦଳାଇବାକୁ ପ୍ରସ୍ତାବ ଦେଇଥିଲେ। ପୂର୍ବତନ ଏନ୍‌ଏସି ଅଧ୍ୟକ୍ଷ ନରହରି ସାହୁ କହିଲେ, ପାଲାମଣ୍ଡପ ନିକଟରେ ରାବଣପୋଡ଼ି କରାଯାଉଛି। ଉକ୍ତ ସ୍ଥାନ ସଂକୀର୍ଣ୍ଣ ଥିବାରୁ ଦର୍ଶକମାନେ ଏହାର ମଜା ନେଇପାରୁନାହାନ୍ତି। ଏହାକୁ ମେଲଣ ପଡ଼ିଆରେ କରିବାକୁ ସେ ନିବେଦନ କରିଛନ୍ତି। ପ୍ରସ୍ତାବଗୁଡ଼ିକର ସମୀକ୍ଷା ଲାଗି ୨୨ ତାରିଖରେ ଆଉ ଏକ ବୈଠକ ବସିବ। ଆଲୋଚନା ପରେ ପରବର୍ତ୍ତୀ କାର୍ଯ୍ୟପନ୍ଥା ସ୍ଥିର କରାଯିବ ବୋଲି ଉପଜିଲାପାଳ ସୂଚନା ଦେଇଛନ୍ତି। ଶାନ୍ତି କମିଟି କର୍ମକର୍ତ୍ତା, ବଳଦିଆ, ଦୁର୍ଗାପୂଜା କମିଟି କର୍ମକର୍ତ୍ତା ଉପସ୍ଥିତ ଥିଲେ।

## ପୂର୍ତ୍ତ ବିଭାଗ ରାସ୍ତା ବିପଦସଙ୍କୁଳ

**ଢେଙ୍କାନାଳ ଅଫିସ, ୧୮।୯**



ପ୍ରସିଦ୍ଧ ମହିମା ଧର୍ମପୀଠ ମହିମାଗାଦିକୁ ଯାଇଥିବା ପୂର୍ତ୍ତ ବିଭାଗ ରାସ୍ତା ବିପଦସଙ୍କୁଳ ହୋଇପଡ଼ିଛି। ଫଳରେ ଏଠାକୁ ଆସୁଥିବା ପର୍ଯ୍ୟଟକ, ଅନୁଗାମୀ, ସାଧୁସନ୍ଥ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଅଭିଯୋଗ ସତ୍ତ୍ୱେ ଏହାର ମରାମତି ଦିଗରେ ପଦକ୍ଷେପ ନିଆଯାଉ ନ ଥିବାରୁ ଅଞ୍ଚଳବାସୀଙ୍କ ମଧ୍ୟରେ ଅସନ୍ତୋଷ ବଢ଼ିବାରେ ଲାଗିଛି।

ପୂର୍ତ୍ତ ବିଭାଗ ରାସ୍ତାର କାଙ୍କଲୁଣ୍ଡା ଛକଠାରୁ ମହିମାଗାଦିର ଦୂରତ୍ୱ ୩ କିମି। ଉକ୍ତ ରାସ୍ତାରେ ଏକ କଲଭର୍ଟ ନିର୍ମାଣ କରାଯାଇଛି।। ଅଳ୍ପଦିନ ଭିତରେ ଉକ୍ତ କଲଭର୍ଟ ନିକଟ ରାସ୍ତା ପାର୍ଶ୍ୱରେ ବିରାଟ ଗର୍ତ୍ତ ସୃଷ୍ଟି ହୋଇଛି। ବର୍ଷାପାଣି ଜମି ରହୁଥିବାରୁ ପଥଚାରୀମାନେ ଦୁର୍ଘଟଣାର ସମ୍ମୁଖୀନ ହେଉଛନ୍ତି। ଆଗକୁ ପାର୍ବଣ ଆସୁଥିବାରୁ ରାସ୍ତାରେ ଅଧିକ ଭିଡ ହେବ। ଏହାକୁ ତୁରନ୍ତ ମରାମତି କରିବାକୁ ଦାବି ହେଉଛି। ଏ ନେଇ ପୂର୍ତ୍ତ ବିଭାଗ ନିର୍ବାହୀଯନ୍ତ୍ରୀ ମନୋରଞ୍ଜନ ବିଶ୍ୱାଳ କୁହନ୍ତି, ମଙ୍ଗଳବାର ଘଟଣାସ୍ଥଳର ପରିଦର୍ଶନ କରାଯାଇଛି। ତୁରନ୍ତ ପଦକ୍ଷେପ ସ୍ୱରୂପ ଗର୍ତ୍ତରେ ମୋରମ ପକାଯିବ। ବର୍ଷା ଛାଡ଼ିବା ପରେ ଏହାକୁ ଭଲଭାବେ ମରାମତି କରାଯିବ।

## ମଣ୍ଡପରେ ବିଶ୍ୱବିନ୍ଧାଣି



ପରଜଙ୍ଗସ୍ଥିତ ବିଦ୍ୟୁତ୍ ବିଭାଗ କାର୍ଯ୍ୟାଳୟ।



କାମାକ୍ଷାନଗର ବସ୍ ମାଲିକ ସଂଘ।



କାମାକ୍ଷାନଗର ପିଏଚ୍‌ଡି କାର୍ଯ୍ୟାଳୟ।

## ଆଜି କ'ଣ କେଉଁଠି

**ଢେଙ୍କାନାଳ**

■ଲକ୍ଷ୍ମୀପୂଜା ପ୍ରସ୍ତୁତି ବୈଠକ
ସ୍ଥାନ: ଜିଲା ସଦ୍‌ଭାବନା ଗୃହ
ସମୟ: ଅପରାହ୍ନ ସାଢ଼େ ୩ଟା।

## ସଂକ୍ଷେପରେ

### ବିଜେଡି ପରିବର୍ଦ୍ଧିତ କାର୍ଯ୍ୟକାରିଣୀ ବୈଠକ

ପବିତ୍ରନଗର,୧୮।୯(ଡି.ଏନ.ଏ.): କଣିହାଁ ବ୍ଲକ ବିଜେଡିର ପରିବର୍ଦ୍ଧିତ କାର୍ଯ୍ୟକାରିଣୀ ବୈଠକ ବୁଧବାର କର୍ଣ୍ଣପାଳ ପଞ୍ଚାୟତ ଲୁଧୁଣୀ ପୀଠ ନିକଟରେ ଅନୁଷ୍ଠିତ ହୋଇଛି। ବ୍ଲକ ସଭାପତି କୈଳାସ ଚନ୍ଦ୍ର ସାହୁ ଏଥିରେ ସଭାପତିତ୍ୱ କରିଥିଲେ। ପାଲଲହଡ଼ା ବିଧାୟକ ମୁକେଶ ପାଲ ମୁଖ୍ୟଅତିଥି ଭାବେ ଯୋଗ ଦେଇଥିଲେ। ମୁଖ୍ୟମନ୍ତ୍ରୀଙ୍କ ନିର୍ଦ୍ଦେଶକ୍ରମେ ସଭ୍ୟ ସଂଗ୍ରହ ଅଭିଯାନ ସେପ୍ଟେମ୍ବର ୨ ରୁ ଅକ୍ଟୋବର ୧୩ ପର୍ଯ୍ୟନ୍ତ ଚାଲୁ ରଖିବାକୁ ବିଧାୟକ ପାଲ ଉପସ୍ଥିତ ପଞ୍ଚାୟତ ବିଜେଡି ସଭାପତିଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଏଥିସହିତ ପ୍ରତି ପଞ୍ଚାୟତ ନିମନ୍ତେ ଜଣେ ଜଣେ ପ୍ରଭାରୀ ଓ ସଂଯୋଜକଙ୍କୁ ବିଧାୟକ ମନୋନୀତ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ବିଜେଡି ବ୍ଲକ ସମ୍ପାଦକ ହିମାଞ୍ଚଳ ପଣ୍ଡା, ଜିଲା ଉପସଭାପତି ବାବୁଲା ପ୍ରଧାନ, ଜିଲା ସମ୍ପାଦକ ଝସକେତନ ପ୍ରଧାନ, ବ୍ଲକ ସଂଯୋଜକ ସୁବାସ ଚନ୍ଦ୍ର ମହାନ୍ତି, ଜିତେନ୍ଦ୍ର ବିଶ୍ୱାଳ ପ୍ରମୁଖ ଯୋଗ ଦେଇଥିଲେ।

### ସ୍ୱାସ୍ଥ୍ୟକେନ୍ଦ୍ରରେ ଫଳ ବଣ୍ଟନ

କଣିହାଁ, ୧୮।୯(ଡି.ଏନ.ଏ.): କଣିହାଁ ବ୍ଲକ ସ୍ୱାସ୍ଥ୍ୟକେନ୍ଦ୍ରରେ ବୁଧବାର ଭାଜପା ତରଫରୁ ରୋଗୀମାନଙ୍କୁ ଫଳ ବଣ୍ଟନ କରାଯାଇଛି। କଣିହାଁ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଅଧିକାରୀଙ୍କ ଉପସ୍ଥିତିରେ ରାଜ୍ୟ ସମ୍ପାଦକ କାଳନ୍ଦୀ ସାମଲ, ବ୍ଲକ ଅଧ୍ୟକ୍ଷା ନମୀତା ସାହୁ, ଉପାଧ୍ୟକ୍ଷ ତ୍ରିପାରୀ ପ୍ରଧାନ, ଜିଲା ଉପସଭାପତି ନୃସିଂହ ବରାଳ, ସରପଞ୍ଚ ଲୋକନାଥ ସାହୁ, ସମିତି ସଭ୍ୟ ଦେବେନ୍ଦ୍ର ବାରିକ ପ୍ରମୁଖ ଉପସ୍ଥିତ ଥିଲେ।

### ଦୁର୍ଗାପୁର-ଭାଗୀରଥିପୁର ରାସ୍ତା ବିପର୍ଯ୍ୟସ୍ତ


ଛେଣ୍ଡିପଦା,୧୮।୯(ଡି.ଏନ.ଏ): ଅନୁଗୋଳ ଗ୍ରାମ୍ୟ ନିର୍ମାଣ ବିଭାଜନ ତଥା ଜରପଡା ସେକ୍ସନ ଅଧୀନରେ ଥିବା ଦୁର୍ଗାପୁର-ଭାଗୀରଥିପୁର ଗ୍ରାମ୍ୟ ନିର୍ମାଣ ବିଭାଗ ରାସ୍ତା ଦୀର୍ଘଦିନ ହେବ ବିପର୍ଯ୍ୟସ୍ତ ହୋଇପଡ଼ିଛି। ବାରମ୍ବାର ଦାବି ସତ୍ତ୍ୱେ ମରାମତି କାର୍ଯ୍ୟ କରାଯାଉ ନ ଥିବାରୁ ଏ ନେଇ ଜନସାଧାରଣ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି।

ଅଭିଯୋଗ ମୁତାବକ, ଦୁର୍ଗାପୁର, କୋଡାସାହି ଏବଂ ଆମ୍ବୁରୀସାହିଠାରେ ପ୍ରାୟ ୧୭ ବର୍ଷ ତଳେ ଉକ୍ତ ରାସ୍ତାକୁ କଂକ୍ରିଟ କରାଯାଇଥିଲା। ହେଲେ ଆବଶ୍ୟକ ରକ୍ଷଣାବେକ୍ଷଣ ଏବଂ ପ୍ରତିଦିନ ଶତାଧିକ ଯାନବାହନ ଯାତାୟାତ ଯୋଗୁ ଉକ୍ତ କଂକ୍ରିଟ ରାସ୍ତାଟି ସମ୍ପୂର୍ଣ୍ଣ ଖାଲଖମାରେ ପରିପୂର୍ଣ୍ଣ ହୋଇପଡିଛି। ଫଳରେ ଅଧିକାଂଶ ସମୟରେ ପଥଚାରୀ ଦୁର୍ଘଟଣାର ଶିକାର ହେଉଥିବା ଲକ୍ଷ୍ୟ କରାଯାଉଛି। ସେହିପରି ଦଳିତ ସାହି ଗ୍ରାମଠାରେ ଥିବା ମାଟି ରାସ୍ତାକୁ କଂକ୍ରିଟ କରିବାକୁ ସ୍ଥାନୀୟ ଲୋକେ ଦାବି କରିଛନ୍ତି। ଏହାସହ ଆମ୍ବୁରୀସାହି, କୋଡାସାହିଠାରେ ରାସ୍ତାର ଉଭୟ ପାର୍ଶ୍ୱରେ ଡ୍ରେନ ବ୍ୟବସ୍ଥା ନ ଥିବାରୁ ସାମାନ୍ୟ ବର୍ଷାହେଲେ ପାଣି ଜମି ରହୁଛି। ପ୍ରଧାନ ସାହି ଗ୍ରାମ ନିକଟରେ ପିଚୁ ରାସ୍ତା ସାଙ୍ଗକୁ ଡ୍ରେନ ନିର୍ମାଣ କାର୍ଯ୍ୟ କରିବା ପାଇଁ ଦାବି ହୋଇଛି। ଅପରପକ୍ଷରେ ଲଟାବୁଦା ସଫା କରାଯାଉ ନ ଥିବା ଯୋଗୁ ରାସ୍ତା ସଙ୍କୁଚିତ ହୋଇପଡ଼ିଛି। ଏଥିଯୋଗୁ ଯାତାୟାତରେ ଲୋକେ ହନ୍ତସନ୍ତ ହେଉଥିବା ବେଳେ ଅନେକ ସମୟରେ ଦୁର୍ଘଟଣା ଘଟୁଥିବା ଲକ୍ଷ୍ୟ କରାଯାଉଛି। ସେହିପରି ଉକ୍ତ ରାସ୍ତା ଉଭୟ ଜେରେଙ୍ଗ ଦେହୁରୀ ସାହି ଏବଂ ଦୁର୍ଗାପୁର ପଞ୍ଚାୟତକୁ ସଂଯୋଗ କରୁଛି। ଏହା ଉପରେ ଛେଣ୍ଡିପଦା ବ୍ଲକ ଅଞ୍ଚଳର ଅଧିକାଂଶ ଲୋକ ଯାତାୟାତ ପାଇଁ ନିର୍ଭର କରୁଛନ୍ତି। ତେଣୁ ତୁରନ୍ତ ବିଭାଗ ପକ୍ଷରୁ ସ୍ଥାୟୀ ପଦକ୍ଷେପ ଗ୍ରହଣ କରିବା ପାଇଁ ସରପଞ୍ଚ ବିଭୂତି ଭୂଷଣ ଗଡନାୟକ, ସମିତିସଭ୍ୟ ପ୍ରସନ୍ନ କୁମାର ପ୍ରଧାନ, ଜିଲା ପରିଷଦ ସଭ୍ୟ ଶ୍ରୀଧର ଗଡନାୟକ ପ୍ରମୁଖ ଦାବି କରିଛନ୍ତି।

## ■ପରିବହନ କାର୍ଯ୍ୟାଳୟରେ ଦଲାଲ ରାଜ

# ହାତଗୁଞ୍ଜା ନେଇ କିରାଣିଙ୍କ ପରି କରୁଛନ୍ତି କାମ

ଅନୁଗୋଳ ଅଫିସ, ୧୮।୯



ସଂଶୋଧିତ ମୋଟରଯାନ ଆଇନ ଲାଗୁ ପରେ ଏବେ ରାଜ୍ୟରେ ଥିବା ଆଞ୍ଚଳିକ ପରିବହନ କାର୍ଯ୍ୟାଳୟଗୁଡ଼ିକରେ ଅସମ୍ଭବ ଭିଡ଼ ହେଉଛି। ଗାଡ଼ି ପଞ୍ଜୀକରଣ, ଡ୍ରାଇଭିଂ ଲାଇସେନ୍ସ, ଟିକସ ପଇଠ ଆଦି ପାଇଁ ଦୈନିକ ହଜାର ହଜାର ଲୋକ ପରିବହନ କାର୍ଯ୍ୟାଳୟକୁ ଧାଉଁଥିବା ଦେଖାଯାଉଛି। ଏଥିରୁ ବାଦ୍ ପଡ଼ିନି ଅନୁଗୋଳଠାରେ ଥିବା ଆଞ୍ଚଳିକ ପରିବହନ କାର୍ଯ୍ୟାଳୟ। ଏଠାରେ ମଧ୍ୟ ସମାନ ଅବସ୍ଥା ସୃଷ୍ଟି ହୋଇଛି। ହେଲେ ଏହାର ଫାଇଦା ଉଠାଉଛନ୍ତି କେତେଜଣ ଦଲାଲ। କାମ କରାଇ ଦେବା ଆଳରେ ସେମାନେ ଦୈନିକ ବିଭିନ୍ନ କାର୍ଯ୍ୟରେ ଏଠାକୁ ଆସୁଥିବା ଲୋକଙ୍କଠାରୁ ମୋଟା ଅଙ୍କର ଅର୍ଥ ଆଦାୟ କରୁଥିବା ଅଭିଯୋଗ ହେଉଛି। ଏପରି କି କିରାଣିଙ୍କ ଭଳି କାର୍ଯ୍ୟାଳୟର ବିଭିନ୍ନ ଫାଇଲରେ ସେମାନେ ହାତ ମାରୁଥିବା ଚର୍ଚ୍ଚା ହେଉଛି।

ଆଲୋଚନାରୁ ଜଣାପଡ଼ିଛି ଯେ, ପାଖାପାଖି ୮ ଜଣ ଦଲାଲ୍ ଅନୁଗୋଳ ଆଞ୍ଚଳିକ ପରିବହନ କାର୍ଯ୍ୟାଳୟରେ ସକ୍ରିୟ ଅଛନ୍ତି। ସେମାନଙ୍କ ମଧ୍ୟରୁ ୪/୫ ଜଣ ଚୌକି, ଟେବୁଲ ପକାଇ ବସି କିରାଣିଙ୍କ ଭଳି ଲୋକଙ୍କ ବିଭିନ୍ନ କାର୍ଯ୍ୟ କରିଦେବାକୁ କହି ଅର୍ଥ ଦାବି କରୁଛନ୍ତି। କାର୍ଯ୍ୟାଳୟରେ ୯ କିରାଣି ପଦବୀରୁ ୬ଟି ଖାଲି ପଡ଼ିଥିବାରୁ ଦଲାଲମାନେ ଶୀଘ୍ର କାର୍ଯ୍ୟ କରିଦେବାକୁ କହି ଲୋକଙ୍କଠାରୁ ଅର୍ଥ ଆଦାୟ କରୁଛନ୍ତି। ଲାଇସେନ୍ସ, ଗାଡ଼ି ନମ୍ବର ପଞ୍ଜୀକରଣ, ଫିଟନେସ, ପସନ୍ଦର ନମ୍ବର ପ୍ଲେଟ, ଏନ୍‌ଓସି ଆଦି ପାଇଁ ଲମ୍ବା ଧାଡ଼ିରେ ଠିଆ ହୋଇ ଘଣ୍ଟା ଘଣ୍ଟା ଅପେକ୍ଷା ପରିବର୍ତ୍ତେ କିଛି ହାତଗୁଞ୍ଜା ଦେଇ ଅନେକ ଲୋକ କାର୍ଯ୍ୟ କରିନେବାକୁ ଚାହୁଁଥିବାରୁ ଦଲାଲଙ୍କ ଭଲ ରୋଜଗାର ହେଉଛି। ପଡ଼ୋଶୀ ରାଜ୍ୟରୁ ଆସିଥିବା ଜଣେ ଟ୍ରକ୍ ଚାଳକ କହିଛନ୍ତି ଯେ, ଗାଡ଼ିର କାଗଜପତ୍ର ସବୁ ଠିକ୍ ଥିଲେ ମଧ୍ୟ ତାଙ୍କୁ ଦଲାଲମାନେ ଜରିମାନା ଦେବାକୁ ବାଧ କରିଥିଲେ। କିନ୍ତୁ ଏ ନେଇ ସେ ଅଭିଯୋଗ କରିବେ ବୋଲି କହିବାରୁ ସେମାନେ ଜୁଲମ କରି ନ ଥିଲେ। ତେବେ କର୍ମଚାରୀ ହୋଇ ନ ଥିଲେ ବି ଏମାନେ ପରିବହନ କାର୍ଯ୍ୟାଳୟରେ ଲୋକଙ୍କ ବିଭିନ୍ନ କାର୍ଯ୍ୟ କିପରି କରାଇ ଦେଉଛନ୍ତି ଓ କିଏ ଏହି ଦଲାଲମାନଙ୍କୁ ପ୍ରଶ୍ରୟ ଦେଉଛି ତାହା ଏବେ ପ୍ରଶ୍ନବାଚୀ ସୃଷ୍ଟି କରିଛି।

ଯୋଗାଯୋଗ ସମ୍ଭବ ନ ହେବାରୁ ଏ ସମ୍ପର୍କରେ ଆରଟିଓ ଧନଞ୍ଜୟ ସେନାପତିଙ୍କ ମତାମତ ମିଳିପାରି ନାହିଁ। ତେବେ ଜିଲାପାଳ ମନୋଜ କୁମାର ମହାନ୍ତି କହିଛନ୍ତି, ପରିବହନ କାର୍ଯ୍ୟାଳୟରେ ଏଭଳି ଭାବେ କାର୍ଯ୍ୟ ହେବା କଥା ନୁହେଁ। ବିଭିନ୍ନ ସ୍ଥାନରେ ଦଲାଲ୍‌ଙ୍କ ପ୍ରାଧାନ୍ୟ ବଢ଼ିବାରେ ଲାଗିଛି। ଯଦି ସେପରି କିଛି ଘଟଣା ହେଉଥିବ, ଏ ନେଇ ଅଧିକାରୀଙ୍କୁ ତାଗିଦ୍ କରାଯିବ। ଦଲାଲମାନଙ୍କୁ କିଏ ଓ କାହିଁକି ପ୍ରଶ୍ରୟ ଦେଉଛି ତାହାର ଖୋଳତାଡ଼ କରାଯିବ ବୋଲି ଜିଲାପାଳ କହିଛନ୍ତି।

## ଟଙ୍କା ଲୁଟ୍ ସହ ଯୁବକଙ୍କୁ ମାଡ଼ ଅଭିଯୋଗ

ବଇଣ୍ଡା,୧୮।୯(ଡି.ଏନ.ଏ)

ହଣ୍ଡପା ଥାନା କଦଳୀମୁଣ୍ଡା ଗ୍ରାମର ପ୍ରଶାନ୍ତ କୁମାର ସାହୁଙ୍କୁ ସେହିଗ୍ରାମର ତପନ କୁମାର ମହାନ୍ତି, ଜଳଧର ବେହେରା, ଆଶିଷ ବେହେରା, ସନ୍ତୋଷ ବେହେରା, ସଞ୍ଜୟ ସାହୁ, ସୁଶାନ୍ତ ପ୍ରଧାନ ମଙ୍ଗଳବାର ରାତିରେ ବଇଣ୍ଡା ଲେଭଲ କ୍ରସିଂଠାରେ ମାଡ଼ ମାରିବା ସହ ୧୧ ହଜାର ଟଙ୍କା ଲୁଟି ନେଇଥିବା ହଣ୍ଡପା ଥାନାରେ ଅଭିଯୋଗ ହୋଇଛି।
ତାଙ୍କ ଅଭିଯୋଗପତ୍ରରେ ଦର୍ଶାଯାଇଛି, ସେ ତାଙ୍କ ସ୍କୁଟି ଯୋଗେ ଜାମୁନାଳୀ ତେଲଟାଙ୍କିକୁ ତେଲ ପକାଇବା ପାଇଁ ଯାଉଥିବାବେଳେ ପୂର୍ବ ଶତ୍ରୁତାକୁ ନେଇ ତାଙ୍କୁ ଆକ୍ରମଣ କରାଯାଇଛି। ପୋଲିସ ନଂ. ୧୬୦/୧୯ରେ ଏକ ମାମଲା ରୁଜୁ କରିଛି। ଅପରପକ୍ଷେ ଆଶିଷ ବେହେରାଙ୍କ ସମ୍ପର୍କୀୟ ସୁବାସ ଶତପଥୀ ଏକ ପାଲଟା ଅଭିଯୋଗ କରିଛନ୍ତି। ସେ ଅଭିଯୋଗରେ ଦର୍ଶାଇଛନ୍ତି, ବଇଣ୍ଡା ଛୋଟ ଗାଡ଼ି ମାଲିକ ସଂଘଠାରେ ବିଶ୍ୱକର୍ମା ପୂଜା ଚାଲିଥିବାବେଳେ ପ୍ରଶାନ୍ତ ଆସି ଆଶିଷଙ୍କୁ ଗାଳିଗୁଲଜ କରିବା ସହ ତାଙ୍କୁ ମାଡ଼ ମାରିଥିଲେ। ତାଙ୍କ ଅଭିଯୋଗକୁ ଭିତ୍ତି କରି ପୋଲିସ ନଂ. ୧୬୧/୧୯ରେ ଏକ ମାମଲା ରୁଜୁ କରାଯାଇଛି। ଏଥିରେ କାହାରିକୁ ଗିରଫ କରାଯାଇ ନାହିଁ।

## ଗୁଣାତ୍ମକ ଶିକ୍ଷା ଉପରେ ଗୁରୁତ୍ୱାରୋପ



ବୈଠକରେ ଉପସ୍ଥିତ ଅତିଥିମାନେ।

ତାଳଚେର,୧୮।୯(ନି.ପ୍ର.)

ତାଳଚେର ବ୍ଲକ ପଦ୍ମାବତୀପୁର ପଞ୍ଚାୟତ କନ୍ଧବେରେଣୀ ଆଶ୍ରମ ବିଦ୍ୟାଳୟରେ ଶିକ୍ଷକ-ଅଭିଭାବକ ବୈଠକ ବୁଧବାର ଅନୁଷ୍ଠିତ ହୋଇଯାଇଛି। ପ୍ରଧାନଶିକ୍ଷକ କେଦାର ଚନ୍ଦ୍ର ପଟ୍ଟନାୟକ ଏଥିରେ ଅଧ୍ୟକ୍ଷତା କରିଥିଲେ। ମୁଖ୍ୟଅତିଥି ଭାବେ ତାଳଚେର ବିଧାୟକ ବ୍ରଜକିଶୋର ପ୍ରଧାନ ଯୋଗଦେଇ ଗଭୀର ନିଷ୍ଠା ଓ କଠିନ ଅଧ୍ୟବସାୟ ବଳରେ ଛାତ୍ରୀଛାତ୍ରମାନେ ଉତ୍ତମ ନାଗରିକ ହେବାକୁ ପରାମର୍ଶ ଦେଇଥିଲେ। ମୁଖ୍ୟବକ୍ତା ଭାବେ ତାଳଚେର ବିଡିଓ ନେତ୍ରାନନ୍ଦ ମଲ୍ଲିକ ଯୋଗଦେଇ ଗୁଣାତ୍ମକ ଶିକ୍ଷା ଉପରେ ଗୁରୁତ୍ୱାରୋପ କରିଥିଲେ। ଅନ୍ୟତମ ସମ୍ମାନିତ ଅତିଥିଭାବେ ସରପଞ୍ଚ ଖୁଲଣା ପରିଡା, ବ୍ଲକ ସମ୍ପ୍ରସାରଣ ଅଧିକାରୀ ଅକ୍ଷୟ କୁମାର ପିଙ୍ଗୁଆ, ବିଦ୍ୟାଳୟ ଶିକ୍ଷା କମିଟି ସଭାପତି ଦୟାନିଧି ସାହୁ ପ୍ରମୁଖ ମଞ୍ଚାସୀନ ଥିଲେ। ବିଦ୍ୟାଳୟ ପରିଚାଳନା କମିଟିର ସମସ୍ତ ସଦସ୍ୟଙ୍କ ସହ ଅଭିଭାବକ ଓ ଗ୍ରାମବାସୀ ବୈଠକରେ ଉପସ୍ଥିତ ଥିଲେ। ଶିକ୍ଷକ ନାରାୟଣ ସାହୁ ଅତିଥି ପରିଚୟ ସହ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ସ୍ଥାନୀୟ ୱାର୍ଡମେମ୍ବର ଘନଶ୍ୟାମ ସେଠୀ, ଅଜୟ ସାହୁ, ଅଶୋକ ନାୟକଙ୍କ ସହ ଶିକ୍ଷକ ଘନଶ୍ୟାମ ସାହୁ, ଲକ୍ଷ୍ମୀଧର ବେହେରା, କନକ କିସାନ୍, ସୁମିତା ଗଡନାୟକ ପରିଚାଳନାରେ ସହଯୋଗ କରିଥିଲେ।

## ଅହିଂସାକୁ ବ୍ରତ କରିବାକୁ ପରାମର୍ଶ



ଆଲୋଚନାଚକ୍ରରେ ଉପସ୍ଥିତ ଅତିଥି।

ତାଳଚେର,୧୮।୯(ନି.ପ୍ର.)

ମହାତ୍ମା ଗାନ୍ଧୀଙ୍କ ୧୫୦ତମ ଜନ୍ମଉତ୍ସବ ଉପଲକ୍ଷେ ତାଳଚେର କନିଷ୍ଠ ମହାବିଦ୍ୟାଳୟରେ ଗାନ୍ଧିଜୀଙ୍କ ଅହିଂସା ନୀତି ଉପରେ ଏକ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଯାଇଛି। ଅର୍ଥଶାସ୍ତ୍ର ମୁଖ୍ୟ ପ୍ରାଧ୍ୟାପକ ତ୍ରିପୁରାରୀ ନାଥ ଏଥିରେ ଅଧ୍ୟକ୍ଷତା କରି ଗାନ୍ଧିଜୀଙ୍କ ଚିନ୍ତା ଓ ଦର୍ଶନର ଯୁଗପୋଯୋଗୀ ପ୍ରାସଙ୍ଗିକତା ଉପରେ ଆଲୋକପାତ କରିଥିଲେ। ମୁଖ୍ୟଅତିଥି ଭାବେ କଲେଜ ଅଧ୍ୟକ୍ଷ ଅଶୋକ ଶର୍ମା ଯୋଗଦେଇ ଜୀବନରେ ଅହିଂସା ବ୍ରତ ଗ୍ରହଣ କରିବାକୁ ଛାତ୍ରୀଛାତ୍ରମାନଙ୍କୁ ପରାମର୍ଶ ଦେଇଥିଲେ। ଅନ୍ୟତମ ଅତିଥିଭାବେ ଇତିହାସ ବିଭାଗ ମୁଖ୍ୟ ପ୍ରଫେସର ନିମାଇଁ ଚରଣ ପ୍ରଧାନ, ଅଧ୍ୟାପକ ବିକାଶରଞ୍ଜନ ପଟ୍ଟନାୟକ ଭାରତର ସ୍ୱାଧୀନତାରେ ଗାନ୍ଧିଜୀଙ୍କ ଅବଦାନ ଓ ଦର୍ଶନ ଉପରେ ବିସ୍ତୃତ ଭାବେ ଆଲୋଚନା କରିବା ସହ ବିଚାରାଧାରାରେ ଅନୁପ୍ରାଣୀତ ହେବାକୁ ଆହ୍ୱାନ ଦେଇଥିଲେ। ଅଧ୍ୟାପିକା, ଅଧ୍ୟାପକ, କର୍ମଚାରୀ, ଛାତ୍ରୀଛାତ୍ରମାନେ ଉପସ୍ଥିତ ଥିଲେ।

## ଜାତୀୟ ପୁଷ୍ଟି ମାସ ପାଳିତ

ଛେଣ୍ଡିପଦା,୧୮।୯(ସ୍ୱ.ପ୍ର)

ଛେଣ୍ଡିପଦା ବ୍ଲକ ସମନ୍ୱିତ ଶିଶୁ ପ୍ରକଳ୍ପ ବିକାଶ ପକ୍ଷରୁ ସାପୋଇସାହି ଅଙ୍ଗନୱାଡି କେନ୍ଦ୍ରରେ ପ୍ରକଳ୍ପସ୍ତରୀୟ ଜାତୀୟ ପୁଷ୍ଟି ମାସ ପାଳିତ ହୋଇଯାଇଛି। ଛେଣ୍ଡିପଦା ବ୍ଲକ ଉପାଧ୍ୟକ୍ଷା ସୁଷମା ରାଉଳ ମୁଖ୍ୟଅତିଥି ଭାବେ ଯୋଗ ଦେଇ ଏହାକୁ ଉଦଘାଟନ କରିଥିଲେ। ଛେଣ୍ଡିପଦା ସମନ୍ୱିତ ଶିଶୁ ବିକାଶ ଅଧିକାରିଣୀ ସେବାସ୍ମିଆନା କୁଜୁରଙ୍କ ନେତୃତ୍ୱରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ବ୍ଲକର ପ୍ରାୟ ସମସ୍ତ ଅଙ୍ଗନୱାଡି କର୍ମୀ ଯୋଗ ଦେଇଥିଲେ। ପରେ ଶିଶୁ ବିକାଶ ଅଧିକାରିଣୀ ଜାତୀୟ ପୁଷ୍ଟି ମାସ ପାଳନର ଉଦ୍ଦେଶ୍ୟ ଓ ମହତ୍ତ୍ୱ ସମ୍ପର୍କରେ ଆଲୋଚନା କରିଥିଲେ। ପ୍ରକଳ୍ପ ଅଧିନସ୍ଥ ୯ଟି ମଣ୍ଡଳର କର୍ମୀ ପୁଷ୍ଟିଯୁକ୍ତ ଖାଦ୍ୟ ପ୍ରଦର୍ଶନ କରିଥିଲେ। ସ୍ୱାସ୍ଥ୍ୟ ପରିଦର୍ଶିକା, ଛେଣ୍ଡିପଦା ମଣ୍ଡଳ ପରିଦର୍ଶିକା ଓ କୋଶଳା ମଣ୍ଡଳ ପରିଦର୍ଶିକା ଉପସ୍ଥିତ ରହି ଗର୍ଭବତୀ, ପ୍ରସୂତି ଓ କିଶୋରୀଙ୍କୁ ପୁଷ୍ଟି ସମ୍ବନ୍ଧୀୟ ତଥ୍ୟ ଉପରେ ବୁଝାଇଥିଲେ। ପରା(୧)ର ଅଙ୍ଗନୱାଡି କର୍ମୀ ବିଜୁଳୀ ସାହୁ ସଙ୍ଗୀତ ମାଧ୍ୟମରେ କିଶୋରୀଙ୍କ ଖାଦ୍ୟ ଓ ଯତ୍ନ ସମ୍ପର୍କରେ ସଚେତନ କରାଇଥିଲେ। ପ୍ରଦର୍ଶିତ ହୋଇଥିବା ପୁଷ୍ଟିକର ଖାଦ୍ୟକୁ ମା'ମାନଙ୍କ ସହ ଅତିଥିମାନେ ବୁଲି ଦେଖିଥିଲେ। ପରେ ଅତିଥିମାନଙ୍କ ଦ୍ୱାରା ଖାଦ୍ୟ ପ୍ରଦର୍ଶନୀର ଛେଣ୍ଡିପଦା ମଣ୍ଡଳକୁ ପ୍ରଥମ, ବାଲିପଟ୍ଟା ମଣ୍ଡଳକୁ ଦ୍ୱିତୀୟ ଓ କୋଶଳା ମଣ୍ଡଳକୁ ତୃତୀୟ ସ୍ଥାନ ଅଧିକାର କରିଥିବା ଘୋଷଣା କରାଯିବା ସହ ସେମାନଙ୍କୁ ପୁରସ୍କୃତ କରାଯାଇଥିଲା।


## ଆଦର୍ଶ ପଞ୍ଚାୟତ ଗଠନକୁ ଗୁରୁତ୍ୱ

ଛେଣ୍ଡିପଦା,୧୮।୯(ସ୍ୱ.ପ୍ର.)




ଅନୁଗୋଳ ଜିଲା ଛେଣ୍ଡିପଦା ପଞ୍ଚାୟତ ରାଜୀବ ଗାନ୍ଧୀ ସଭାଗୃହଠାରେ ୫ଟି ପଞ୍ଚାୟତର ପ୍ରତିନିଧିମାନଙ୍କୁ ନେଇ ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି। ଅଲିଭା ମହାସଂଘର ସଦସ୍ୟା ମାଳତୀ ବେହେରା କାର୍ଯ୍ୟକ୍ରମ ଆରମ୍ଭ କରିଥିଲେ। ଦ ହଙ୍ଗର ପ୍ରୋଜେକ୍ଟ ସହାୟତାରେ ନାରୀସୁରକ୍ଷା ସମିତି ପକ୍ଷରୁ ଆୟୋଜିତ ବୈଠକରେ ସଙ୍ଗଠନର ନିର୍ଦ୍ଦେଶିକା ସ୍ମିତାରାଣୀ ପଟ୍ଟନାୟକ ଯୋଗଦେଇ ଆଦର୍ଶ ପଞ୍ଚାୟତ ଗଠନ, ଏହାର ଲକ୍ଷ୍ୟ ଓ ଉଦ୍ଦେଶ୍ୟ ସମ୍ପର୍କରେ ଆଲୋକପାତ କରିଥିଲେ। ଏଥି ନିମନ୍ତେ ମହିଳା ଓ ପୁରୁଷଙ୍କ ମଧ୍ୟରେ ଥିବା ପାର୍ଥକ୍ୟକୁ କମ୍ କରାଯାଇ ଉଭୟଙ୍କ ମଧ୍ୟରେ ଏକ ସମାନ୍ତରାଳ ଭାବ ସୃଷ୍ଟି କରିବା, ପଞ୍ଚାୟତସ୍ତରରେ ରହିଥିବା ସମସ୍ୟା ଚିହ୍ନଟ ସହ ଏହାର ସମାଧାନ କରିବା, ସାମୂହିକ ଓ ଜନହିତକର କାର୍ଯ୍ୟକ୍ରମଗୁଡିକୁ ସହଭାଗିତାରେ ତ୍ୱରାନ୍ୱିତ କରିବା ଆଦି ଉପରେ ଆଲୋଚନା କରାଯାଇଥିଲା। ଅଞ୍ଜନା ମହାକୁଡ, ସୁରେଶ ନାୟକ, ତପସ୍ୱିନୀ ବେହେରା ସହଯୋଗ କରିଥିଲେ। ବୈଠକରେ କୋଶଳା, ଛେଣ୍ଡିପଦା, ରାଇଝରଣ, ନିଶା ଓ ପରଙ୍ଗ ଆଦି ପଞ୍ଚାୟତର ୨୯ରୁ ଊର୍ଦ୍ଧ୍ୱ ପ୍ରତିନିଧି ଯୋଗଦେଇଥିଲେ।

## ନୂତନ ଛାତ୍ରୀଛାତ୍ରଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା




କାର୍ଯ୍ୟକ୍ରମରେ ଉପସ୍ଥିତ ଅତିଥିମାନେ।

ବଇଣ୍ଡା,୧୮।୯(ଡି.ଏନ.ଏ)

କିଶୋରନଗର ବ୍ଲକ ବଇଣ୍ଡା ଜନତା କଲେଜରେ ବୁଧବାର ଯୁକ୍ତ ୩ ପ୍ରଥମ ବର୍ଷ ରାଜନୀତି ବିଜ୍ଞାନର ଛାତ୍ରୀଛାତ୍ରମାନଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା ଦିଆଯାଇଛି। କଲେଜ ଅଧ୍ୟକ୍ଷ ବିପିନ ବିହାରୀ ପ୍ରଧାନଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ଅତିଥି ଭାବେ ଅଧ୍ୟାପକ ସିଦ୍ଧାର୍ଥ ପଣ୍ଡା,ଶ୍ରୀନିବାସ ଦେହୁରି, କାଳନ୍ଦୀଚରଣ ପ୍ରଧାନ, ଅସିତ ଜେନା, ସୁଧାକର ସାହୁ ଯୋଗ ଦେଇଥିଲେ। ଏହି ଅବସରରେ ନୂତନ ଛାତ୍ରୀଛାତ୍ରଙ୍କୁ ପୁରାତନ ଛାତ୍ରୀଛାତ୍ରମାନେ ଫୁଲ ଓ ଚନ୍ଦନ ଦେଇ ସ୍ୱାଗତ କରିଥିଲେ।

## ■ଯଶୋବନ୍ତ ପରିଡ଼ା ହତ୍ୟାକାଣ୍ଡ

# ରବିଙ୍କୁ ରିମାଣ୍ଡରେ ଆଣିଲା ପୋଲିସ

କାମାକ୍ଷାନଗର, ୧୮।୯(ଡି.ଏନ୍.ଏ.)

ବହୁଚର୍ଚ୍ଚିତ ବିଜେଡି ନେତା ଯଶୋବନ୍ତ ପରିଡ଼ା ହତ୍ୟାକାଣ୍ଡ ଘଟଣାର ଅନ୍ୟତମ ଅଭିଯୁକ୍ତ ରବି ରାଓ ଓରଫ ରିଣ୍ଟୁଙ୍କୁ କାମାକ୍ଷାନଗର ପୋଲିସ ବୁଧବାର ଜୁଡିସିଆଲ ରିମାଣ୍ଡରେ ଆଣିଛି। ଗତ ଜୁଲାଇରେ ଖୋର୍ଦ୍ଧା ପୋଲିସ ରବିଙ୍କୁ ଏନ୍‌କାଉଣ୍ଟର କରିଥିଲା। ଏହାପରେ ପୋଲିସ ହେପାଜତରେ ତାଙ୍କର ଚିକିତ୍ସା ଚାଲିଥିଲା। ସେ ସୁସ୍ଥ ହେବାପରେ ଅଧିକ ପଚରାଉଚୁରା ପାଇଁ ରିମାଣ୍ଡରେ ଅଣାଯାଇଥିବା ଏସ୍‌ଡିପିଓ ତଥା ମାମଲାର ତଦନ୍ତକାରୀ ଅଧିକାରୀ ସୁପ୍ରସନ୍ନ ମଲ୍ଲିକ ସୂଚନା ଦେଇଛନ୍ତି। ସୂଚନାଯୋଗ୍ୟ, ୨୦୧୮ ମାର୍ଚ୍ଚ ୨୬ରେ ଯଶୋବନ୍ତଙ୍କୁ ଗୁଳି କରି ହତ୍ୟା କରାଯାଇଥିଲା। ଜିଲା ବିଜେଡିର ଜଣେ ହେଭିୱେଟ୍ ନେତାଙ୍କୁ ହତ୍ୟା ସେହି ସମୟରେ ରାଜ୍ୟ ରାଜନୀତିରେ ଚର୍ଚ୍ଚାର ବିଷୟ ପାଲଟିଥିଲା। ଯଶୋବନ୍ତଙ୍କ ଭଣଜା ଖଗେଶ୍ୱର ଭୂତିଆଙ୍କ ଅଭିଯୋଗକ୍ରମେ ନଂ.୫୬/୧୮ରେ ମାମଲା ରୁଜୁ କରାଯାଇଥିଲା। ପ୍ରଥମ ପର୍ଯ୍ୟାୟରେ ପୋଲିସ ବିଭିନ୍ନ ସ୍ଥାନରେ ଚଢ଼ାଉ କରି ହତ୍ୟାକାଣ୍ଡର ମାଷ୍ଟରମାଇଣ୍ଡ୍ ରାକେଶ ନାଥ ଓରଫ୍ ଭାଇଜାନ, ପ୍ରକାଶ କୁମାର ନାୟକ, ତବୁ ଖାନ, କମଳଲୋଚନ ମହାପାତ୍ର, ପ୍ରବୀଣ କୁମାର ସାହୁ, ଶୁଭେନ୍ଦୁ କୁମାର ସାମନ୍ତରାୟ, ଜିତେନ୍ଦ୍ର ମାନସିଂ, ସନ୍ତୋଷ କୁମାର ବାରିକଙ୍କୁ ଗିରଫ କରିଥିଲା। ଜାନୁୟାରୀରେ ଖୋର୍ଦ୍ଧା ପୋଲିସର ଏନ୍‌କାଉଣ୍ଟରରେ ଅନ୍ୟତମ ଅଭିଯୁକ୍ତ ସୂର୍ଯ୍ୟକାନ୍ତ ଛୋଟରାୟ ଓରଫ୍ ସିଲୁ ଧରାପଡ଼ିଥିଲେ। କାମାକ୍ଷାନଗର ପୋଲିସ ତାଙ୍କୁ ରିମାଣ୍ଡରେ ଆଣି ଜେଲ୍‌କୁ ପଠାଇ ଦେଇଥିଲା। ଏହାପରେ ଜୁଲାଇରେ ଖୋର୍ଦ୍ଧା ପୋଲିସ ପକ୍ଷରୁ କରାଯାଇଥିବା ଅନ୍ୟ ଏକ ଏନ୍‌କାଉଣ୍ଟରରେ ହତ୍ୟାକାଣ୍ଡର ଶେଷ ଅଭିଯୁକ୍ତ ରବି ଧରାପଡ଼ିଥିଲେ। ଏ ନେଇ ଏସ୍‌ଡିପିଓ କୁହନ୍ତି, ଘଟଣାର ସମସ୍ତ ଅଭିଯୁକ୍ତ ଗିରଫ ହୋଇଛନ୍ତି। ସେମାନଙ୍କୁ କାମାକ୍ଷାନଗର ସବ୍‌ଜେଲରେ ରଖାଯାଇଛି। ଏହାପରେ ମାମଲାର ବିଚାର ପ୍ରକ୍ରିୟା ତ୍ୱରାନ୍ୱିତ ହୋଇପାରିବ।

## ନାଳରେ ଭାସିଯାଇ ଯୁବତୀ ମୃତ

ଆଠମଲ୍ଲିକ,୧୮।୯(ଡି.ଏନ.ଏ.)

ଆଠମଲ୍ଲିକ ଥାନା ଖଡରାପଡା ଗ୍ରାମ ନାଳରେ ଗାଧୋଉଥିବାବେଳେ ସେହି ଗ୍ରାମର ପ୍ରତିମା ମହାକୁଡ (୨୪) ଭାସିଯାଇ ପ୍ରାଣ ହରାଇଛନ୍ତି। ପ୍ରତିମା ଗ୍ରାମ ନିକଟସ୍ଥ ନାଳରେ ଥିବା ଚେକ୍ ଡ୍ୟାମ୍‌କୁ ଅପରାହ୍ନରେ ଗାଧୋଇବା ପାଇଁ ଯାଇଥିଲେ। ଗାଧୋଇବା ସମୟରେ ଉପରମୁଣ୍ଡରୁ ହଠାତ୍ ବର୍ଷା ପାଣି ମାଡି ଆସି ତାଙ୍କୁ ଭସେଇ ନେଇଥିଲା। ପ୍ରତିମା ଘରକୁ ଫେରିବାରେ ବିଳମ୍ବ ହେବାରୁ ପରିବାର ଲୋକ ସେଠାକୁ ଯାଇ ଖୋଜାଖୋଜି କରିଥିଲେ। ପରେ ତାଙ୍କର କୌଣସି ସନ୍ଧାନ ନ ପାଇବାରୁ ଆଠମଲ୍ଲିକ ଅଗ୍ନିଶମ ବାହିନୀକୁ ସୂଚନା ଦେଇଥିଲେ। ଖବରପାଇ ଅଗ୍ନିଶମ କର୍ମଚାରୀ ଘଟଣାସ୍ଥଳରେ ପହଞ୍ଚି ପ୍ରତିମାଙ୍କ ମୃତଦେହ ଉଦ୍ଧାର କରିଥିଲେ। ଗୁରୁବାର ତାଙ୍କ ମୃତଦେହ ବ୍ୟବଚ୍ଛେଦ ହେବ ବୋଲି ଜଣାଯାଇଛି।

## ■ଟିପିଲେଇ ଅଙ୍ଗନୱାଡି ଶିଶୁ ଅସୁସ୍ଥ ଘଟଣା

# ସୁଧୁରୁନି ସ୍ୱାସ୍ଥ୍ୟାବସ୍ଥା, ଜଣେ କଟକ ସ୍ଥାନାନ୍ତର

ଭୁବନ, ୧୮।୯(ଡି.ଏନ୍.ଏ.)

■ବିଭାଗ ପକ୍ଷରୁ ଶୃଙ୍ଖଳାଗତ କାର୍ଯ୍ୟାନୁଷ୍ଠାନ
■କର୍ମୀ, ସହାୟିକାଙ୍କ ଦରମା ବନ୍ଦ ନିର୍ଦ୍ଦେଶ

ଢେଙ୍କାନାଳ ଜିଲା ଭୁବନ ଥାନା ଟିପିଲେଇ ଅଙ୍ଗନୱାଡି କେନ୍ଦ୍ରରୁ ମଙ୍ଗଳବାର ଫେରି ଅସୁସ୍ଥ ହୋଇପଡ଼ିଥିବା ୨ ଶିଶୁଙ୍କ ସ୍ୱାସ୍ଥ୍ୟାବସ୍ଥାରେ ସୁଧାର ଆସିନାହିଁ। ଜିଲା ଚିକିତ୍ସାଳୟରେ ଚିକିତ୍ସିତ ହେଉଥିବା ମାନସ ନାୟକଙ୍କ ପୁଅ ଶୁଭମ୍ (୫)ଙ୍କୁ କଟକ ସ୍ଥାନାନ୍ତର କରାଯାଇଛି। ସେହିପରି ସଞ୍ଜୟ ଦେହୁରୀଙ୍କ ଝିଅ ସନ୍ତୋଷିନୀ (୪)ଙ୍କ ଚିକିତ୍ସା ଜିଲା ସ୍ୱାସ୍ଥ୍ୟକେନ୍ଦ୍ରରେ ଚାଲିଥିବା ସିଡିପିଓ ପ୍ରମୋଦିନୀ ତ୍ରିପାଠୀ ସୂଚନା ଦେଇଛନ୍ତି।

ଅନ୍ୟପଟେ ଅଙ୍ଗନୱାଡି କର୍ମୀ ସୋମବାର ଛୁଟିରେ ଥିଲେ। ମଙ୍ଗଳବାର ସେ କାର୍ଯ୍ୟରେ ଯୋଗଦେବା କଥା। ହେଲେ ସହାୟିକାଙ୍କ ସ୍ୱାମୀ କେନ୍ଦ୍ରର ଚାବି ଧରି ପଳାଇ ଯାଇଥିବାରୁ କେନ୍ଦ୍ର ଖୋଲାଯାଇପାରି ନ ଥିଲା। ୫-୬ଜଣ ପିଲା ଆସିଥିଲେ। ସେମାନଙ୍କୁ ସହାୟିକା ଘରକୁ ପଠାଇ ଦେଇଥିଲେ। ଅଙ୍ଗନୱାଡି କେନ୍ଦ୍ରରେ ଖାଦ୍ୟ ରୋଷେଇ ହୋଇ ନ ଥିଲା। କାର୍ଯ୍ୟରେ ଅବହେଳା କରିଥିବା ଅଭିଯୋଗରେ ଅଙ୍ଗନୱାଡି କେନ୍ଦ୍ରର କର୍ମୀ ଏବଂ ସହାୟିକାଙ୍କ ବିରୋଧରେ ବିଭାଗ ପକ୍ଷରୁ ଶୃଙ୍ଖଳାଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଛି। ଉଭୟଙ୍କୁ କାରଣ ଦର୍ଶାଅ ନୋଟିସ୍ ଜାରି କରାଯିବା ସହ ଦରମା ବନ୍ଦ କରାଯାଇଥିବା ସିଡିପିଓ କହିଛନ୍ତି।

ସୂଚନାଯୋଗ୍ୟ, ମଙ୍ଗଳବାର ସମ୍ପୃକ୍ତ ୨ ଶିଶୁ ଅଙ୍ଗନୱାଡି କେନ୍ଦ୍ରକୁ ଯାଇଥିଲେ। ସ୍କୁଲରୁ ଫେରିବା ପରେ ହଠାତ୍ ଦୁହେଁ ଅସୁସ୍ଥ ହୋଇପଡ଼ିଥିଲେ। ସେମାନଙ୍କ ପାଟିରୁ ଫେଣ ବାହାରିବା ସହ ଅଚେତ ହୋଇପଡ଼ିଯାଇଥିଲେ। ସେମାନଙ୍କୁ ତୁରନ୍ତ ଭୁବନ ମେଡିକାଲରେ ଭର୍ତ୍ତି କରାଯାଇଥିଲା। ରାତି ସାଢ଼େ ୮ରେ ସ୍ୱାସ୍ଥ୍ୟାବସ୍ଥାରେ ଉନ୍ନତି ନ ଆସିବାରୁ ସେମାନଙ୍କୁ ଜିଲା ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତର କରାଯାଇଥିଲା। ସେଠାରେ ଶୁଭମ୍‌ଙ୍କ ସ୍ୱାସ୍ଥ୍ୟାବସ୍ଥା ଆହୁରି ବିଗିଡ଼ି ଯିବାରୁ ତାଙ୍କୁ କଟକ ପଠାଇ ଦିଆଯାଇଥିବା ଜଣାପଡ଼ିଛି। ସନ୍ତୋଷିନୀଙ୍କ ନିକଟରେ ରକ୍ତହୀନତା ଲକ୍ଷଣ ଦେଖାଦେଇଛି। ତାଙ୍କୁ ରକ୍ତ ଦେବାକୁ ଡାକ୍ତର ପରାମର୍ଶ ଦେଇଛନ୍ତି।

**ଧରିତ୍ରୀର ଢେଙ୍କାନାଳ ସଂସ୍କରଣ ପ୍ରତିନିଧିଙ୍କ ଟେଲିଫୋନ ନମ୍ବର**

ଢେଙ୍କାନାଳ ଅଫିସ- (୦୬୭୬୨)-୨୨୪୨୫୪, ଢେଙ୍କାନାଳ-୯୪୩୭୦୯୪୦୩୭, କାମାକ୍ଷାନଗର-୯୪୩୭୩୬୦୯୭୦, ହିନ୍ଦୋଳ-୭୮୯୪୪୬୨୯୦୫, ଭୁବନ-୭୮୯୪୪୬୨୯୦୭, ପରଜଙ୍ଗ-୯୯୩୭୮୬୪୨୯୧, ଭାପୁର-୯୯୩୭୦୭୯୭୭୦, ରାସୋଳ-୯୪୩୭୭୦୬୧୬୭, ସାତମାଇଲ-୯୯୩୭୭୫୧୪୨୮, ଅନୁଗୋଳ ଅଫିସ-(୦୬୭୬୪)-୨୩୭୫୫୬, ଅନୁଗୋଳ- ୯୮୫୩୮୪୯୧୨୩, ଅନୁଗୋଳ (ଫଟୋଗ୍ରାଫର)- ୯୮୬୧୨୨୦୬୫୫, ତାଳଚେର- ୦୪୩୭୨୯୨୪୭୮, କଣିହାଁ-୭୮୯୪୪୬୨୯୧୨, ବଁଅରପାଳ- ୭୮୯୪୪୬୨୯୧୬, ବନ୍ତଲା-୯୯୩୭୯୦୮୯୧୫, ଆଠମଲ୍ଲିକ- ୭୮୯୪୪୬୨୯୧୭, ବଇଣ୍ଡା- ୭୮୯୪୪୬୨୯୧୮, ଛେଣ୍ଡିପଦା- ୭୮୯୪୪୬୨୯୧୯, ପାଲଲହଡା- ୭୮୯୪୪୬୨୯୨୧, ପବିତ୍ରନଗର- ୮୦୧୮୧୩୫୩୩୧।

# ‘୫ମାସ କୋମାକୁ ଚାଲିଯାଇଥିଲି’




ରତ୍ନାକର ରାଉତ। ବାଲେଶ୍ୱର ଜିଲା ରେମୁଣା ବ୍ଲକ ଅନ୍ତର୍ଗତ ବୋଇତା ଗ୍ରାମରେ ୧୯୬୧ମସିହା ଅଗଷ୍ଟ ୨୮ରେ ତାଙ୍କର ଜନ୍ମ। ଫକୀର ମୋହନ କଲେଜରୁ ସ୍ନାତକ ଓ ରେଭେନ୍ସାରେ ସ୍ନାତକୋତର ପରେ ଏମ୍‌ଫିଲ୍ କରିବା ସମୟରେ ସେ ୧୯୮୫ ଜୁନ୍‌ରେ ପାଇଥିଲେ ଓଏଏସ୍ । ୧୯୮୭ ଫେବୃୟାରୀରେ କଟକ ଜିଲାପାଳ କାର୍ଯ୍ୟାଳୟରେ ଟ୍ରେନିଂ ରିଜର୍ଭ ଅଫିସର ଭାବେ କାର୍ଯ୍ୟ ଆରମ୍ଭ କରି ପରେ ଜିଲାପାଳ, ଓଡ଼ିଶା ଲୋକପାଳଙ୍କ ସେକ୍ରେଟେରୀ, ଶିଳ୍ପ ବିଭାଗ, ଗଣଶିକ୍ଷା ବିଭାଗ ଭଳି ରାଜ୍ୟ ସରକାରଙ୍କ ବିଭିନ୍ନ ବିଭାଗରେ କାର୍ଯ୍ୟ ତୁଲାଇଛନ୍ତି। ଏବେ ପ୍ରାଣୀପାଳନ ଓ ପ୍ରାଣୀ ଚିକିତ୍ସା ବିଭାଗର ନିର୍ଦ୍ଦେଶକ ଭାବେ ସେ କାର୍ଯ୍ୟରତ। ଚାକିରିର ବ୍ୟସ୍ତତା ଭିତରେ ସାହିତ୍ୟର ମୋହ ଛାଡ଼ିପାରିନାହାନ୍ତି । ଲେଖିଛନ୍ତି ଅନେକ ପୁସ୍ତକ। ୧୪ଟି କବିତା ସଙ୍କଳନ, ୩ଟି ଗଳ୍ପ ସଙ୍କଳନ, ୨ଟି ପ୍ରବନ୍ଧ, ଗୋଟିଏ ପିଲାଙ୍କ ପାଇଁ ପୁସ୍ତକ, ୨ଟି ହିନ୍ଦୀ ପୁସ୍ତକ ଓ ଗୋଟିଏ ଇଂଲିଶ ପୋଏମ ପୁସ୍ତକ ତାଙ୍କ ସର୍ଜନାର ସ୍ୱାକ୍ଷର। ଏଥର ‘ନିଜକଥା’ରେ ଜାଣନ୍ତୁ ତାଙ୍କ ସମ୍ପର୍କରେ....

## ନିଜ କଥା

**ଚାକିରିର ପ୍ରଥମ ଦିନ କିପରି ଥିଲା ?**

▶ ମୁଁ ରେଭେନ୍ସା କଲେଜରେ ପଢ଼ିବାବେଳେ ଛାତ୍ରନେତା ଥିଲି ଓ ବିଭିନ୍ନ ପ୍ରସଙ୍ଗ ନେଇ ଜିଲାପାଳଙ୍କ କାର୍ଯ୍ୟାଳୟକୁ ଅନେକ ଥର ଯାଇଥିଲି। ଏଣୁ ଯେତେବେଳେ ମୋର ସେଠି ପୋଷ୍ଟିଂ ହେଲା ମୋତେ ଲାଗିଲା ମୋର ଅତି ପରିଚିତ ଜାଗାକୁ ମୁଁ ଯାଉଛି। ଜଣେ ନୂଆ ଜାଗାରେ ଚାକିରୀରେ ଯୋଗଦେଲେ ମନରେ ଯେଉଁ ଭାବନା ଥାଏ, ତାହା ମୋର ନଥିଲା। କାରଣ ଜିଲାପାଳ କାର୍ଯ୍ୟାଳୟର ଅଧିକାଂଶ ଲୋକଙ୍କ ସହିତ ମୋର ପରିଚୟ ଥିଲା।

**ପ୍ରଥମ ଦରମା କେଉଁଥିରେ ଖର୍ଚ୍ଚ କରିଥିଲେ?**

▶ ପ୍ରଥମ ଦରମା ମୁଁ ୧୬୫୨ଟଙ୍କା ପାଇଥିଲି। ସେହି ଟଙ୍କାକୁ ନିଜ ପାଇଁ ଓ ମୋ ପରିବାର ପାଇଁ ଖର୍ଚ୍ଚ କରିଥିଲି। ଏହା ସହିତ ସାଙ୍ଗମାନେ ମିଶି ଗୋଟେ ଭୋଜି କରିଥିଲୁ।

**ସମୟ ମିଳିଲେ କ’ଣ କରିବାକୁ ପସନ୍ଦ କରନ୍ତି?**

▶ ସମୟ ମିଳିଲେ ମୁଁ ପଢ଼ାପଢ଼ି କରେ। କବିତା, ଗଳ୍ପ, ପତ୍ରିକା ଆଦିପଢ଼େ।ତେବେପୁରାଣପଢ଼ିବାକୁମୋତେବହୁତଭଲଲାଗେ। ଅନେକ ସମୟରେ ଗୀତା, ମହାଭାରତ ଆଦି ପଢ଼ିଥାଏ।

**କେଉଁ ଲେଖକଙ୍କ ପୁସ୍ତକ ପଢ଼ିବାକୁ ପସନ୍ଦ କରନ୍ତି?**

▶ ମୋର ସେଭଳି କେହି ନିର୍ଦ୍ଦିଷ୍ଟ ପ୍ରିୟ ଲେଖକ ନାହାନ୍ତି। ସମସ୍ତଙ୍କ ଲେଖା ମୁଁ ପଢ଼େ। କାରଣ ମୁଁ ଜାଣିବାକୁ ଚାହେଁ ଯେଉଁମାନେ ପ୍ରତିଷ୍ଠିତ ଲେଖକ ସେମାନଙ୍କର କେବଳ ଲେଖିବାର ଦକ୍ଷତା ଅଛି ନା ନୂଆ ବା ଅପରିଚିତ ଲେଖକଙ୍କର ସେହି ଦକ୍ଷତା ରହିଛି। ତେଣୁ ବିଭିନ୍ନ ପ୍ରକାର ପୁସ୍ତକ ପଢ଼ିଥାଏ। ଏପରିକି ସ୍କୁଲ, କଲେଜ ମାଗାଜିନ୍‌ଟିଏ ପାଇଲେ ବି ସେଥିରେ ଲେଖାଯାଇଥିବା ଗଳ୍ପ, କବିତାକୁ ପଢ଼ିଥାଏ। ଯେଉଁମାନେ ନୂଆ ଲେଖନ୍ତି ସେମାନଙ୍କ ଲେଖା ମଧ୍ୟ ବହୁତ ଭଲ ଥାଏ। ଅନେକ ଲେଖକ ଅଛନ୍ତି ଯେଉଁମାନେ ଅଳ୍ପ କିଛି ଲେଖିଛନ୍ତି, କିନ୍ତୁ ସେମାନଙ୍କ ଲେଖା ଉଚ୍ଚକୋଟୀର ହୋଇଛି।

**ସ୍ମୃତିର ଘଟଣା ଯାହା ଚିରସ୍ମରଣୀୟ?**

▶ ଗ୍ରାଜୁଏସନ ବେଳେ ଖରାଦିନ ଛୁଟି ସମୟରେ ମୋର ଏକ ଛୋଟ ଅପରେସନ ହୋଇଥିଲା। ସେହି ସମୟରେ ଟିଟାନସ୍ ହୋଇଗଲା। ତା’ର ଚିକିତ୍ସା ହେଲାବେଳକୁ ମୁଁ କୋମାକୁ ଚାଲିଯାଇଥିଲି। ଜୁନ୍ ୨୩ରୁ ମୁଁ କୋମାକୁ ଯାଇଥିଲି ଓ ୫ମାସ ପରେ ନଭେମ୍ବରରେ ମୋର ସେନ୍ସ ଆସିଥିଲା। ଏହା ମୋର ଦୁଃଖର ସ୍ମୃତି ଘଟଣା। ମୋର ପ୍ରଥମ ପୁସ୍ତକ ଯେବେ ଲୋକାର୍ପିତ ହୋଇଥିଲା ତାହା ମୋ ପାଇଁ ଖୁସିର ଦିନ ଥିଲା।

**ବାହାରକୁ ବୁଲିବାକୁ ପସନ୍ଦ କରନ୍ତି ?**

▶ ହଁ। କିନ୍ତୁ ମୋତେ ଓଡ଼ିଶା ସବୁଠାରୁ ଅଧିକ ଭଲଲାଗେ। ଭାରତର ବିଭିନ୍ନ ରାଜ୍ୟ ସମେତ ବିଦେଶ ବି ଭ୍ରମଣ କରିଛି। ଯେଉଁ ସ୍ଥାନକୁ ଯାଏ ସେଠାରେ ୩ରୁ ୪ଦିନ ରହିଲା ପରେ ମୁଁ ମୋ ରାଜ୍ୟକୁ ଫେରିଆସିବା ପାଇଁ ଚାହେଁ। କାରଣ ଓଡ଼ିଶାରେ ଯାହା ଅଛି, ତାହା କେଉଁଠି ପାଏନାହିଁ।

**ଖବରକାଗଜର କେଉଁ ବିଭାଗ ଆପଣଙ୍କୁ ଆକୃଷ୍ଟ କରେ?**

▶ ଯେକୌଣସି ଖବରକାଗଜ ପଢ଼େ ତା’ର ମୁଁ ସବୁ ବିଭାଗକୁ ତନ୍ନ ତନ୍ନ କରି ପଢ଼ିଥାଏ। ତେବେ ମୋତେ ହ୍ୟୁମାନ ଇଣ୍ଟରେଷ୍ଟ ଷ୍ଟୋରି ପଢ଼ିବାକୁ ଭଲଲାଗେ। ଏହାଛଡ଼ା ସାହିତ୍ୟ ବିଭାଗ ଓ ଛୁଟିଦିନ ପଢ଼ିବାକୁ ପସନ୍ଦ କରେ।

**ଫିଲ୍ମ ଦେଖିବାକୁ ପସନ୍ଦ କରନ୍ତି?**

▶ ଫିଲ୍ମ ଦେଖିବାକୁ ସମୟ ମିଳେ ନାହିଁ। କିନ୍ତୁ ଯେତେବେଳେ ଦେଖେ କଳାତ୍ମକ ଫିଲ୍ମ ଦେଖିବାକୁ ଚାହେଁ।

**ମ୍ୟାଡମଙ୍କ କେଉଁ ଗୁଣ ଭଲଲାଗେ?**

▶ ଆମଭଳି ଲୋକ ପରିବାରକୁ ସମୟ ଦେଇପାରନ୍ତି ନାହିଁ। କିନ୍ତୁ ସେ ଜଣେ ଅଧ୍ୟାପିକା ହୋଇ ମଧ୍ୟ ନିଜ ପ୍ରଫେସନାଲ କାମ ସହିତ ପରିବାରର ସବୁକଥା ବୁଝନ୍ତି।

– ଅସମାପିକା ସାହୁ

# ଧୋନୀଙ୍କ ଠାରୁ ଅନେକ କିଛି ଶିଖିବାର ଅଛି




## ମୋ ଅନୁଭୂତି

**ଦୀର୍ଘବର୍ଷ ଧରି ଓଡ଼ିଶା କ୍ରିକେଟ ଦଳର ଫିଜିଓ ଦାୟିତ୍ୱରେ ଅଛନ୍ତି ଶୁଭକାନ୍ତ ସାହୁ। ଏପରିକି ପ୍ରଥମ ଓଡ଼ିଆ ଭାବେ ବିସିସିଆଇର ଲେଭଲ-୧ ଫିଜିଓ କୋର୍ସରେ ସେ ଉନ୍ନୀତ ହୋଇଥିଲେ। ପିତା ନବକିଶୋର ସାହୁ ଓ ମା’ ଶାନ୍ତିଲତା ସାହୁଙ୍କ ପୁଅ ଶୁଭକାନ୍ତଙ୍କ ଘର ଢେଙ୍କାନାଳ ଜିଲାରେ। ଏବେ ରହୁଛନ୍ତି କଟକ ସିଡିଏରେ । ଏଥର ତାଙ୍କ ଅନୁଭୂତିରୁ କିଛି..**

ଅନେକ କିମ୍ବଦନ୍ତୀ କ୍ରିକେଟ ଖେଳାଳିଙ୍କ ସହ ଭେଟ ହୋଇଛି। ଭାରତକୁ ଗୌରବାନ୍ୱିତ କରିଥିବା ଅନେକ ଖ୍ୟାତନାମା କ୍ରିକେଟରଙ୍କ ସହ ସମୟ ମଧ୍ୟ ଅତିବାହିତ କରିଛି। ହେଲେ ମହେନ୍ଦ୍ର ସିଂ ଧୋନୀଙ୍କ ସହ ଯେତିକି ସମୟ କାଟିଛି ତାହା ନିଆରା ଥିଲା। ଧୋନୀଙ୍କ ଭିତରେ ଭଲ ଗୁଣଗୁଡ଼ିକ ଭର୍ତ୍ତି ହୋଇରହିଛି। ସ୍ପୋର୍ଟସମ୍ୟାନ ସ୍ପିରିଟ ବୋଲି ଥିବା ଶବ୍ଦ ତାଙ୍କ ନିକଟରେ ହିଁ ପ୍ରଯୁଜ୍ୟ। ଗତ ସୟଦ ମୁସ୍ତାକ ଅଲ୍ଲୀ ଟି ୨୦ ଟୁର୍ନାମେଣ୍ଟରେ ଝାଡ଼ଖଣ୍ଡରେ ଘରୋଇ ଝାଡ଼ଖଣ୍ଡ ଦଳ ବିପକ୍ଷରେ ଆମର ଏକ ମ୍ୟାଚ୍ ଥିଲା। ଅଭ୍ୟାସ ଚାଲିଥିବା ବେଳେ ସେ ଆସି ଷ୍ଟାଡିୟମରେ ପହଞ୍ଚିଥିଲେ। ତାଙ୍କ ସହ କଥାବାର୍ତ୍ତା ବେଳେ ଅନୁଭବ ବି ହୋଇ ନ ଥିଲା ଯେ ସେ ଜଣେ ମହାନ କ୍ରିକେଟର ଆଖ୍ୟା ବହନ କରୁଛନ୍ତି ବୋଲି। କାଣିଚାଏ ଗର୍ବ କି ଅହଂକାର କେହି ତାଙ୍କ ନିକଟରେ ପାଇବେନି। ଓଡ଼ିଶା ଖେଳାଳିଙ୍କ ସହ ବହୁତ ସମୟ ଧରି କଥା ହୋଇଥିଲେ। ଏପରିକି ଓଡ଼ିଆ ଖେଳାଳିଙ୍କୁ ବ୍ୟାଟିଂ, କିପିଂ ଟିପ୍ସ ମଧ୍ୟ ଦେଇଥିଲେ। କେବଳ କ୍ରିକେଟ ଖେଳାଳି ନୁହନ୍ତି, ସାଧାରଣ ମଣିଷଟିଏ ମଧ୍ୟ ତାଙ୍କ ନିକଟରୁ ଅନେକ କିଛି ଶିଖିବାକୁ ପାଇବ। ଅନ୍ୟ ଏକ ଅନୁଭୂତି ସମ୍ପର୍କରେ ଶୁଭକାନ୍ତ କହିଥିଲେ, ୨୦୧୮ ଆଇପିଏଲ ସିଜନରେ ଚେନ୍ନାଇ ସୁପର କିଙ୍ଗ୍ସ ଚାମ୍ପିୟନ ହୋଇଥିଲା। ଯେଉଁଦିନ ଫାଇନାଲ ମ୍ୟାଚ୍ ସରିଲା ତା ପରଦିନ ଧୋନୀ ଝାଡ଼ଖଣ୍ଡ ଷ୍ଟାଡିୟମରେ ଅଭ୍ୟାସ କରିବାକୁ ଆସିଥିଲେ। ପୂର୍ବାଞ୍ଚଳ ଜୁନିୟର ଦଳର ଶିବିର ସେହି ଷ୍ଟାଡିୟମରେ ଚାଲିଥାଏ। ମୁଁ ପୂର୍ବାଞ୍ଚଳ ଦଳର ଫିଜିଓ ଥିଲି। ଧୋନୀଙ୍କୁ ପଚାରିଥିଲି ଯେ, ଗତକାଲି ଏକ ଲମ୍ବା ଟୁର୍ନାମେଣ୍ଟର ଫାଇନାଲ ମ୍ୟାଚ୍ ଖେଳି ଆଜି ପୁଣି ଅଭ୍ୟାସକୁ ଆସିବା କ’ଣ ଜରୁରୀ ଥିଲା ? ଏହାର ଉତ୍ତରରେ ସେ କହିଥିଲେ, ଯଦି ଆମେ ସବୁଦିନ ଆମ ଟାର୍ଗେଟକୁ ନେଇ ପରିଶ୍ରମ ନ କରିବା ତା’ ହେଲେ ଟାର୍ଗେଟ ଆମଠାରୁ ଦୂରେଇଯିବ। ବୋଧ ହୁଏ ଧୋନୀଙ୍କ ଠାରୁ ଅନେକ କିଛି ଶିଖିବା ବାକି ରହିଛି ବୋଲି କୁହନ୍ତି ଶୁଭକାନ୍ତ ।

–କୁମାରଶ୍ରୀ ସାହୁ

## ଖାଦ୍ୟ ରୁଚି

# ରାନି ପ୍ରନ



ଆମିଷ ଭିତରେ ଚିଙ୍ଗୁଡ଼ିକୁ ବିଭିନ୍ନ ରଙ୍ଗ ଦେଇ ପରଷା ଯାଇଥାଏ। ଷ୍ଟାର୍ଟରଠାରୁ ନେଇ ମେନ୍ କୋର୍ସରେ ସମସ୍ତେ ପସନ୍ଦ କରନ୍ତି ଏହି ଖାଦ୍ୟକୁ। ସେହିଭଳି ରାନି ପ୍ରନ ହେଉଛି ଚିଙ୍ଗୁଡ଼ିର ଏକ ସ୍ୱତନ୍ତ୍ର ପ୍ରସ୍ତୁତି। ଭୁବନେଶ୍ୱରରେ ଖୁବ୍ କମ୍ ରେସ୍ତୋରାଁରେ ଏହା ପରଷା ଯାଉଛି ଓ ପସନ୍ଦଯୋଗ୍ୟ ବି ହେଉଛି। ଏହାକୁ ସହଜରେ ଘରେ ପ୍ରସ୍ତୁତ କରି ଅତିଥିଙ୍କୁ ପରିଷି ହେବ, ସଂଧ୍ୟାରେ ସ୍ନାକ୍ସ ଭଳି ମଧ୍ୟ ଖାଇହେବ। ଭୁବନେଶ୍ୱରରୁ ପୁରୀ ଜାତୀୟ ରାଜପଥରେ ଶିଶୁପାଳଗଡସ୍ଥ ବ୍ରଦର୍ସ ଢାବାରେ କାର୍ଯ୍ୟରତ ଶେଫ୍ ସତ୍ୟଜିତ୍ ‘ରାନି ପ୍ରନ’ ପ୍ରସ୍ତୁତି ସମ୍ପର୍କରେ କହନ୍ତି...


ଶେଫ୍: ସତ୍ୟଜିତ୍

### ଆବଶ୍ୟକ ସାମଗ୍ରୀ

ଚିଙ୍ଗୁଡ଼ି ୬ ପିସ୍ (ବଡ଼), ତେଲ ୨୦୦ ମିଲି ଅଣ୍ଡା ୧ଟା, କଞ୍ଚାଲଙ୍କା କିମା ୫୦ ଗ୍ରାମ୍, ଅଦା ରସୁଣ କିମା ୫୦ ଗ୍ରାମ୍, ପିଆଜ କିମା ୫୦ ଗ୍ରାମ୍, ଭୁର୍ସୁଙ୍ଗ ପତ୍ର ୧୦ ଗ୍ରାମ୍, ଶୁଖିଲା ଲଙ୍କା ୨ ପିସ୍, ଦହି ୫୦ ଗ୍ରାମ୍, ଟମାଟୋ ସସ୍ ୫୦ ଗ୍ରାମ, ମଇଦା ୨୫ ଗ୍ରାମ୍, କର୍ନଫ୍ଲୋର ୨୫ ଗ୍ରାମ୍, ଲୁଣ ୨୫ ଗ୍ରାମ୍, ଶୁଖିଲା ଲଙ୍କା ପେଷ୍ଟ ୧୦ ଗ୍ରାମ, ଅମୂଲ କ୍ରିମ୍ ୧୦ ମି.ଲି, ଗୋଲମରିଚ ଗୁଣ୍ଡ ୫ ଗ୍ରାମ୍, ଧନିଆ ପତ୍ର ୫ ଗ୍ରାମ୍।

### ପ୍ରସ୍ତୁତି ପ୍ରଣାଳୀ

ଚିଙ୍ଗୁଡ଼ିରେ ଲୁଣ, ଅଦା ରସୁଣ ପେଷ୍ଟ, ଅଧା ଅଣ୍ଡା ଗୋଳେଇକି ୧୦ ମିନିଟ୍ ରଖନ୍ତୁ। ଅଲଗା ଏକ ପାତ୍ରରେ ଅଧା ଅଣ୍ଡା, ଲୁଣ, ମଇଦା, କର୍ନଫ୍ଲୋରରେ ପାଣି ଦେଇ ମୋଟା କରି ଗୋଳାନ୍ତୁ। ମ୍ୟାରିନେଟ୍ ହୋଇଯାଇଥିବା ଚିଙ୍ଗୁଡ଼ିକୁ ଏଥିରେ ବୁଡାଇ ଛାଣନ୍ତୁ। ଗୋଲ୍ଡେନ ରଙ୍ଗ ହେବା ପର୍ଯ୍ୟନ୍ତ ଏହା ଛଣାଯିବ। ଅଲଗା ଏକ ତାୱାରେ ତେଲ, ଶୁଖିଲା ଲଙ୍କା, ଭୁର୍ସୁଙ୍ଗ ପତ୍ର, ଅଦା ରସୁଣ କିମା ପକାଇ ଭାଜିବାକୁ ପଡିବ। ନାଲି ରଙ୍ଗ ହେଲା ପରେ ଏଥିରେ ପିଆଜ ପକାନ୍ତୁ। ଅଳ୍ପ ସମୟ ଭାଜିଲା ପରେ ସେଥିରେ ଦହି, ଅଦାରସୁଣ ପେଷ୍ଟ, ଟମାଟୋ ସସ୍, ଶୁଖିଲା ଲଙ୍କା ପେଷ୍ଟ, ଲୁଣ, ଅମୂଲ କ୍ରିମ୍ ପକାଇ ବହଳିଆ କରନ୍ତୁ। ଛଣା ଚିଙ୍ଗୁଡ଼ିକୁ ଏଥିରେ ମିଶାଇ ଡିଶ୍‌ରୁ କାଢ଼ି ଗୋଲ ମରିଚ ଗୁଣ୍ଡ, ଧନିଆ ପତ୍ର ପକାଇ ପରଷି ଦିଅନ୍ତୁ।

ରିପୋର୍ଟ: ଶୋଭେନ୍ ବିଶ୍ୱାଳ

## ସେଲ୍‌ଫି କର୍ଣ୍ଣର ଧରିତ୍ରୀ

ସୀମିତ ସ୍ଥାନ ଯୋଗୁ ଏଠାରେ ସମସ୍ତ ସେଲ୍‌ଫି ଛାପି ହେଉନାହିଁ ।
ଅଧିକ ସେଲ୍‌ଫି ଦେଖିବା ପାଇଁ ଯାଆନ୍ତୁ ଆମ ୱେବ୍‌ସାଇଟ୍
www.dharitri.com/category/selfie/
ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି : dklselfie@gmail.com


ଅମୀତ


ସୀମାଲି


ଟୁନା


ପ୍ରସନ୍ନ


ସୁବ୍ରତ


ସୀତାକାନ୍ତ


ସୋନାଲି


ରଜନୀକାନ୍ତ


ପ୍ରିୟବ୍ରତ

ଏଠାରେ ନାହିଁ? ଦେଖନ୍ତୁ ଆପଣଙ୍କ ସେଲ୍‌ଫି ଫଟୋ
www.dharitri.com/category/selfie/

## ବଲାଙ୍ଗୀରରେ ହାଇକୋର୍ଟ ସ୍ଥାୟୀ ବେଞ୍ଚ ପ୍ରତିଷ୍ଠା ଦାବି

# ସମସ୍ତ ସରକାରୀ, କର୍ପୋରେଟ୍ ଅଫିସ ବନ୍ଦ

**ବଲାଙ୍ଗୀର ଅଫିସ/ଟିଟିଲାଗଡ଼, ୧୮।୯ (ଡି.ଏନ୍.ଏ.)**



ଜିଲାପାଳ କାର୍ଯ୍ୟାଳୟ ସମ୍ମୁଖରେ ଅନୁଷ୍ଠିତ ଗଣଧାରଣା।

ବଲାଙ୍ଗୀରରେ ହାଇକୋର୍ଟ ସ୍ଥାୟୀ ବେଞ୍ଚ ପ୍ରତିଷ୍ଠା ଦାବି ନେଇ ମିଳିତ କ୍ରିୟାନୁଷ୍ଠାନ କମିଟି ସହଯୋଗରେ ଜିଲା ଓକିଲ ସଂଘ ପକ୍ଷରୁ ବୁଧବାର ଓ ଗୁରୁବାର ବଲାଙ୍ଗୀର ବନ୍ଦ ଡାକରା ଦିଆଯାଇଥିଲା। ବୁଧବାର ପ୍ରଥମ ଦିନ ଜିଲାର ସମସ୍ତ ସରକାରୀ ଓ କର୍ପୋରେଟ୍ ଅଫିସ ବନ୍ଦ ରହିଥିଲା। ଏହି ଆନ୍ଦୋଳନରେ ଜିଲାର ବଲାଙ୍ଗୀର, ଟିଟିଲାଗଡ଼, ପାଟଣାଗଡ଼, କଣ୍ଟାବାଞ୍ଜି ଓ ତୁଷରା ସହରାଞ୍ଚଳ, ସବୁ ବ୍ଲକ୍ ଓ ତହସିଲ ତଥା ଗ୍ରାମାଞ୍ଚଳ ପ୍ରଭାବିତ ହୋଇଥିଲା।

ବୁଧବାର ଓକିଲ ସଂଘ ଓ କ୍ରିୟାନୁଷ୍ଠାନ କମିଟି ସଦସ୍ୟମାନେ କେନ୍ଦ୍ର ଓ ରାଜ୍ୟ ସରକାର ଅଧୀନରେ ଥିବା ସମସ୍ତ ଅଫିସ, ବ୍ୟାଙ୍କ, ବୀମା କାର୍ଯ୍ୟାଳୟକୁ ବନ୍ଦ କରିଥିଲେ। ଓକିଲ ସଂଘ ସଭ୍ୟମାନେ ଜିଲା ମୁଖ୍ୟ ଡାକଘର, ଷ୍ଟେଟ୍ ବ୍ୟାଙ୍କ, ଡିଆର୍‌ଡିଏ, ଆର୍‌ଟିଓ ଅଫିସ, ବିଏସ୍‌ଏନ୍‌ଏଲ, ଏଲ୍‌ଆଇସି ଅଫିସ ବନ୍ଦ କରିଥିଲେ। ଓକିଲମାନଙ୍କ ପିକେଟିଂ ଯୋଗୁ ଜିଲା ଓ ଦୌରା ଜଜ୍ ତଥା ଅନ୍ୟ ବିଚାରପତିମାନେ ସିଭିଲ କୋର୍ଟ ସମ୍ମୁଖରୁ ଫେରିଯାଇଥିଲେ। ଏହାପରେ ଶତାଧିକ ଓକିଲ, ବିଭିନ୍ନ ସଙ୍ଗଠନର କାର୍ଯ୍ୟକର୍ତ୍ତା ଓ ପ୍ରତିନିଧିମାନେ ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଗଣଧାରଣାରେ ବସିଥିଲେ। ଓକିଲ ସଂଘ ସଭାପତି ପ୍ରମୋଦ କୁମାର ତ୍ରିପାଠୀ ଏବଂ ସମ୍ପାଦକ ଅମନ ନାଗଙ୍କ ନେତୃତ୍ୱରେ ଅନୁଷ୍ଠିତ ପ୍ରତିବାଦ ସଭାରେ ରାଜ୍ୟ ଓ କେନ୍ଦ୍ର ସରକାରଙ୍କୁ ଚେତାବନୀ ଦିଆଯାଇଥିଲା। ସମସ୍ତ ଭିତ୍ତିଭୂମି ଥିବା ସତ୍ତ୍ୱେ ବଲାଙ୍ଗୀରରେ ହାଇକୋର୍ଟ ସ୍ଥାୟୀ ବେଞ୍ଚ ପ୍ରତିଷ୍ଠା ନ କରିବା ଦୁର୍ଭାଗ୍ୟଜନକ ବୋଲି କହିଥିଲେ। ବଲାଙ୍ଗୀର ନାଗରିକ କମିଟି ସଭାପତି ବିକ୍ରମାନନ୍ଦ ବହିଦାର, ସମ୍ପାଦକ ବିଷ୍ଣୁପ୍ରସାଦ କେଡିଆ, ଆକ୍ସନ କମିଟି ଆବାହକ ତଥା ଭାଜପା ନେତା ଗୋପାଲଜୀ ପାଣିଗ୍ରାହୀ, ସମ୍ପାଦକ ଧୀରେନ୍ଦ୍ର ନାରାୟଣ ସିଂଦେଓ, ମୁନା ପଟ୍ଟନାୟକ, ୟୁଥ ଆକ୍ସନ କମିଟି ବିନୋଦ କାଲସାଏ, ସନ୍ତୋଷ ପଟ୍ଟନାୟକ, ପିଙ୍କୁ ବନଛୋର, ଅପ୍ରମିତ ପରିଛା, ରବି ଖମାରୀ, ସରୋଜ ସାହୁ, ଓଡ଼ିଆ ଖଣ୍ଡାୟତ ସମାଜର ଅଶୋକ ରାଉତ, ଜିଲା ଟ୍ରକ ଆସୋସିଏଶନର ଅସୀମ ପଟ୍ଟନାୟକ ଆନ୍ଦୋଳନରେ ସାମିଲ ହୋଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ଓଡ଼ିଶା ଜନମୋର୍ଚ୍ଚାର ବାସୁଦେବ ରଥ, କଂଗ୍ରେସ ନେତା ବିଧୁଭୂଷଣ ତ୍ରିପାଠୀ, ଜିଲା କଂଗ୍ରେସ କମିଟି ସଭାପତି ଦିଲୀପ ବେହେରା ପ୍ରମୁଖ ଯୋଗଦେଇ ବିଭିନ୍ନ ସରକାରୀ ବିରୋଧୀ ସ୍ଲୋଗାନ ଦେଇଥିଲେ। ଗୁରୁବାର ମଧ୍ୟ ସରକାରୀ କାର୍ଯ୍ୟାଳୟ ବନ୍ଦ ରହିବ ବୋଲି ଓକିଲ ସଂଘ ପକ୍ଷରୁ ସୂଚନା ଦିଆଯାଇଛି।

## ହାତୀ ଆକ୍ରମଣରେ ବୃଦ୍ଧ ମୃତ

**ବାଲିଶଙ୍କରା,୧୮।୯ (ଡି.ଏନ.ଏ.)**

ସୁନ୍ଦରଗଡ଼ ଜିଲା ଉଜ୍ଜଳପୁର ରେଞ୍ଜ କିଞ୍ଜିରକେଲା ସେକ୍ସନ ଅନ୍ତର୍ଗତ ଦେଓଭୁବନପୁର ଗ୍ରାମରେ ମଙ୍ଗଳବାର ବିଳମ୍ବିତ ରାତିରେ ଦନ୍ତା ହାତୀ ଆକ୍ରମଣରେ ଜଣେ ବୃଦ୍ଧଙ୍କ ମୃତ୍ୟୁ ଘଟିଛି। ମୃତକ ହେଲେ ଧରୋ ବାର୍ଲ୍ଲା (୭୦)। ସେ ବିଶ୍ୱକର୍ମାଙ୍କ ପୂଜା ପାଇଁ ବାହାରେ ଶୋଇଥିବା ବେଳେ ଏହି ଦୁଃଖଦ ଘଟଣା ଘଟିଥିଲା। ଛତିଶଗଡରୁ ଦଳଛଡ଼ା ହୋଇ ଏକ ଦନ୍ତାହାତୀ ଓଡ଼ିଶାର ସୀମାନ୍ତବର୍ତ୍ତୀ ବ୍ରାହ୍ମଣମରା, କେନ୍ଦୁଡିହି ଗ୍ରାମ ନିକଟସ୍ଥ ଜଙ୍ଗଲରେ ରହିଥିଲା। ଗତ ଦୁଇ ଦିନ ହେବ ସେହି ଅଞ୍ଚଳରେ ଘରଦ୍ୱାର ଭାଙ୍ଗି ଧାନ ଚାଉଳ ଖାଇବା ସହ ଘରୋଇ ଉପକରଣ ନଷ୍ଟ କରି ଦେଇଥିଲା। ହାତୀଟି ମଙ୍ଗଳବାର ରାତିରେ ବ୍ରାହ୍ମଣମରାଠାରୁ ୬ କିମି. ଦୂର ଦେଓଭୁବନପୁର ଗ୍ରାମକୁ ଚାଲିଆସିଥିଲା। ବିଶ୍ୱକର୍ମା ପୂଜା ଥିବାରୁ ଧରୋ ନିଜ ଘରକୁ ନ ଯାଇ ସାଧୁ ବାଘଙ୍କ ଘର ବାହାରେ ଶୋଇଥିଲେ। ହାତୀ ସେହି ରାସ୍ତା ଦେଇ ଯିବାବେଳେ ଧରୋଙ୍କୁ ଆକ୍ରମଣ କରି କଚାଡି ଦେଇଥିଲା। ଫଳରେ ଘଟଣାସ୍ଥଳରେ ହିଁ ତାଙ୍କ ମୃତ୍ୟୁ ହୋଇଯାଇଥିଲା। ଚିତ୍କାର ଶୁଣି ଗ୍ରାମବାସୀ ହାତୀ ଘଉଡ଼ାଇ ଥିଲେ। ହାତୀ ଦେଓଭୁବନପୁର ଗ୍ରାମ ଅତିକ୍ରମ କରିବାବେଳେ ରାଜେନ୍ଦ୍ର ଖାଲଖୋ, ନାଗୁ ବାର୍ଲ୍ଲା, ଧରମ ପ୍ରଧାନଙ୍କ ଘର ଭାଙ୍ଗି ଦେଇଥିଲା। ଖବରପାଇ କିଞ୍ଜିରକେଲା ଫରେଷ୍ଟର ଅଶ୍ୱିନୀ କୁମାର ପଟେଲ ଘଟଣାସ୍ଥଳରେ ପହଞ୍ଚି ମୃତକଙ୍କ ପରିବାରଙ୍କୁ ଅନ୍ତ୍ୟେଷ୍ଟିକ୍ରିୟା ପାଇଁ ୫ ହଜାର ଟଙ୍କା ପ୍ରଦାନ କରିଥିଲେ।

## ଓଡ଼ିଶା ଭବନରେ ମୁଖ୍ୟମନ୍ତ୍ରୀଙ୍କ ସମୀକ୍ଷା

# ରେଳ ପ୍ରକଳ୍ପ କାର୍ଯ୍ୟକାରିତା ଉପରେ ଗୁରୁତ୍ୱ


ଓଡ଼ିଶା ଭବନରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ରାଜ୍ୟର ବିଭିନ୍ନ ଯୋଜନା ସମ୍ପର୍କରେ ସମୀକ୍ଷା କରୁଛନ୍ତି।

**ଭୁବନେଶ୍ୱର, ୧୮।୯(ବ୍ୟୁରୋ)**

ରାଜ୍ୟରେ ଥିବା ବିଭିନ୍ନ ରେଳ ପ୍ରକଳ୍ପଗୁଡିକର ଅଗ୍ରଗତି ତ୍ୱରନ୍ତ କରାଯାଉ। ଏହାଦ୍ୱାରା ରାଜ୍ୟର ବିଭିନ୍ନ ସ୍ଥାନକୁ ରେଳ ଚଳାଚଳ ବୃଦ୍ଧି ପାଇବ। ଏହା ରେଲୱେ ରାଜସ୍ୱ ବୃଦ୍ଧି ସହ ରାଜ୍ୟର ଅର୍ଥନୀତିରେ ମଧ୍ୟ ସହାୟକ ହେବ। ଦୁଇଦିନିଆ ନୂଆଦିଲ୍ଲୀ ଗସ୍ତରେ ଥିବା ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ବୁଧବାର କେନ୍ଦ୍ର ସରକାରଙ୍କ ନିକଟରେ ପଡିରହିଥିବା ବିଭିନ୍ନ ଯୋଜନାର ସମୀକ୍ଷା କରିଥିଲେ। ଏହି ବୈଠକରେ ମୁଖ୍ୟମନ୍ତ୍ରୀ ରାଜ୍ୟରେ ରେଳ ପ୍ରକଳ୍ପଗୁଡିକର ଅଗ୍ରଗତି ପାଇଁ କେନ୍ଦ୍ରୀୟ ଅଧିକାରୀଙ୍କ ସହ ବିଶେଷ ଆଲୋଚନା କରିଥିବା ଜଣାପଡିଛି।

ରେଳ ପ୍ରକଳ୍ପଗୁଡିକ ପାଇଁ ଆବଶ୍ୟକ ଜମି ରାଜ୍ୟ ସରକାର ମାଗଣାରେ ପ୍ରଦାନ କରିଛନ୍ତି। ଏଥିସହ ରେଲ୍‌ୱେକୁ ଆବଶ୍ୟକ ଆନୁଷଙ୍ଗିକ ସହଯୋଗ ପାଇଁ ସଦା ପ୍ରସ୍ତୁତ ଥିବା ମଧ୍ୟ ମୁଖ୍ୟମନ୍ତ୍ରୀ ସ୍ପଷ୍ଟ କରିଛନ୍ତି। ଓଡ଼ିଶା ଗ୍ରାମବହୁଳ ରାଜ୍ୟ, ଏବେ ବି ଅନେକ ସ୍ଥାନରେ ଟେଲିଫୋନ୍ ଟାୱାର ନାହିଁ। ତେଣୁ ଟେଲିକମ୍ ବ୍ୟବସ୍ଥାରେ ସୁଧାର ଆଣିବା ପାଇଁ ଅଧିକ ଟାୱାର ବସାଇବାକୁ ମୁଖ୍ୟମନ୍ତ୍ରୀ ଅନୁରୋଧ କରିଛନ୍ତି। ସାଧାରଣ ଜନତାଙ୍କ ପାଇଁ ରାଜ୍ୟ ସରକାର ଅନେକ କଲ୍ୟାଣକାରୀ ଯୋଜନା ପ୍ରଣୟନ କରିଛନ୍ତି। ଅଧିକାଂଶ ଯୋଜନାର ସହାୟତା ରାଶି ସିଧାସଳଖ ହିତାଧିକାରୀଙ୍କ ବ୍ୟାଙ୍କ୍ ଆକାଉଣ୍ଟକୁ ଯାଉଛି। ହେଲେ ଏବେ ବି ଅନେକ ସ୍ଥାନରେ ବ୍ୟାଙ୍କିଙ୍ଗ୍ ସୁବିଧାର ଅଭାବ ଅନୁଭୂତ ହେଉଛି। ତେଣୁ ରାଜ୍ୟରେ ଅଧିକ ସଂଖ୍ୟକ ବ୍ୟାଙ୍କ୍, ଶାଖା କାର୍ଯ୍ୟାଳୟ ଏବଂ ଏଟିଏମ୍ ବ୍ୟବସ୍ଥା କରିବା ପାଇଁ ରାଜ୍ୟ ପକ୍ଷରୁ ଅନୁରୋଧ କରାଯାଇଛି। ନୂଆଦିଲ୍ଲୀସ୍ଥିତ ମୁଖ୍ୟ ଆବାସିକ କମିଶନର(ସିଆରସି)ଙ୍କ କାର୍ଯ୍ୟାଳୟରେ ୫-ଟି ପଦ୍ଧତିରେ କାର୍ଯ୍ୟ କରିବା ଉପରେ ମୁଖ୍ୟମନ୍ତ୍ରୀ ଗୁରୁତ୍ୱ ପ୍ରଦାନ କରିଛନ୍ତି। ଓଡ଼ିଶା ଭବନରେ ଆୟୋଜିତ ହୋଇଥିବା ଏହି ସମୀକ୍ଷା ବୈଠକରେ କେନ୍ଦ୍ର ସରକାରଙ୍କ ବିଭିନ୍ନ ପଦାଧିକାରୀ, ମୁଖ୍ୟ ଶାସନ ସଚିବ ଅସିତ କୁମାର ତ୍ରିପାଠୀ, ମୁଖ୍ୟମନ୍ତ୍ରୀଙ୍କ କାର୍ଯ୍ୟାଳୟ(ସିଏମ୍‌ଓ)ର ମୁଖ୍ୟ ପରାମର୍ଶଦାତା ଆର.ବାଲକ୍ରିଷ୍ଣନ, ଆବାସିକ କମିଶନର ତୁହିନକାନ୍ତ ପାଣ୍ଡେ ପ୍ରମୁଖ ଉପସ୍ଥିତ ରହିଥିଲେ। ଚଳିତ ବର୍ଷ ଜାନୁୟାରୀରେ ଶେଷ ଥର ପାଇଁ ଏହି ବୈଠକ ଅନୁଷ୍ଠିତ ହୋଇଥିଲା। ଏହି ସମୀକ୍ଷା ପରେ ସିଆରସିଙ୍କ କାର୍ଯ୍ୟାଳୟ ପକ୍ଷରୁ ନିଆଯାଇଥିବା ପଦକ୍ଷେପର ମଧ୍ୟ ମୁଖ୍ୟମନ୍ତ୍ରୀ ତର୍ଜମା କରିଥିଲେ।

## କାଳିଆ ଯୋଜନାରେ ଅଯୋଗ୍ୟ ହିତାଧିକାରୀ ପ୍ରସଙ୍ଗ

# ୩.୪୧ଲକ୍ଷ ନୁହେଁ କେବଳ ୩୨ହଜାର

**ଫେରସ୍ତ ପାଇଁ ପଦକ୍ଷେପ ନିଆଯିବ: ମୁଖ୍ୟମନ୍ତ୍ରୀ**

**ଭୁବନେଶ୍ୱର, ୧୮।୯(ବ୍ୟୁରୋ):** କୃଷି ଓ କୃଷକ ସଶକ୍ତୀକରଣ ବିଭାଗ ଦ୍ୱାରା କାର୍ଯ୍ୟକାରୀ ହେଉଥିବା 'କାଳିଆ' ଯୋଜନାରେ ଅଯୋଗ୍ୟ ହିତାଧିକାରୀଙ୍କ ସଂଖ୍ୟା ୩.୪୧ଲକ୍ଷ ନୁହେଁ ବରଂ ୩୨ ହଜାର ବୋଲି କୃଷି ବିଭାଗ ପକ୍ଷରୁ ବୁଧବାର ସ୍ୱଷ୍ଟୀକରଣ ଦିଆଯାଇଛି। ୩୨ହଜାର ଅଯୋଗ୍ୟ ହିତାଧିକାରୀଙ୍କ ମଧ୍ୟରୁ ୨୦,୦୦୦ ସରକାରୀ କର୍ମଚାରୀ ଏବଂ ୧୨,୦୦୦ ବଡ଼ଚାଷୀ ଅଛନ୍ତି। ଏହା ମୋଟ ସହାୟତା ପାଇଥିବା ୫୧.୦୫ଲକ୍ଷ ଚାଷୀ ସଂଖ୍ୟାର ଏକ ପ୍ରତିଶତରୁ କମ୍ ଅଂଶ। ଏମାନଙ୍କଠାରୁ ଟଙ୍କା ଫେରସ୍ତ ପାଇଁ ବ୍ୟବସ୍ଥା କରାଯିବ ବୋଲି କୃଷି ବିଭାଗ ସ୍ୱଷ୍ଟୀକରଣ ଦେଇଛି। ଏପରି କି ଦୁଇଦିନିଆ ନୂଆଦିଲ୍ଲୀ ଗସ୍ତରେ ଥିବା ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ମଧ୍ୟ ଟଙ୍କା ଫେରସ୍ତ ପାଇଁ ପଦକ୍ଷେପ ନିଆଯାଉଥିବା ମତ ଦେଇଥିଲେ। କୃଷି ମନ୍ତ୍ରୀ ଅରୁଣ ସାହୁ ମଙ୍ଗଳବାର ରାଜ୍ୟର ପ୍ରାୟ ୩.୪୧ଲକ୍ଷ ଅଯୋଗ୍ୟ ହିତାଧିକାରୀ କାଳିଆ ଯୋଜନାରେ ସହାୟତା ପାଇଥିବା ନେଇ ସୂଚନା ଦେବା ପରେ ଯୋଜନାର କାର୍ଯ୍ୟକାରିତାକୁ ନେଇ ବିରୋଧୀ ଦଳ ପକ୍ଷରୁ କଡ଼ା ସମାଲୋଚନା କରାଯାଇଥିଲା।

ହିତାଧିକାରୀଭାବେ ସହାୟତା ଲାଭ କରିଥିବା ୯୯ ପ୍ରତିଶତ ଚାଷୀ ଯୋଗ୍ୟ ବୋଲି ପ୍ରମାଣିତ ହୋଇଥିବା ବିଭାଗ ପକ୍ଷରୁ କୁହାଯାଇଛି। ଯାଞ୍ଚ ସମୟରେ ପ୍ରାୟ ୩ଲକ୍ଷ ଯୋଗ୍ୟ ହିତାଧିକାରୀଙ୍କ ପରିବାରର ଏକାଧିକ ସଦସ୍ୟ(ଏପରି କି ନାବାଳକ/ନାବାଳିକା) ମଧ୍ୟ ସହାୟତା ରାଶି ପାଇଥିବା ଜଣାପଡ଼ିଛି। ଏମାନେ ପ୍ରକୃତ ପକ୍ଷେ ଅଯୋଗ୍ୟ ହିତାଧିକାରୀ ନୁହନ୍ତି ବୋଲି କୃଷି ବିଭାଗ ସ୍ପଷ୍ଟ କରିଛି। ହେଲେ କାଳିଆ ଯୋଜନାରେ ଏକ ପରିବାରରୁ କେବଳ ଜଣେ ମାତ୍ର ସହାୟତା ପାଇ ପାରିବାର ନିୟମ ରହିଛି। ତେଣୁ ଏପରି ସ୍ଥିତିରେ ଉକ୍ତ ପରିବାରର ଜଣଙ୍କୁ ଯୋଗ୍ୟ ବିବେଚନା କରି ଅନ୍ୟମାନେ ପାଇଥିବା ରାଶିକୁ ପରବର୍ତ୍ତୀ କିସ୍ତି ସ୍ୱରୂପ ବ୍ୟବସ୍ଥିତ(ଆଡଜଷ୍ଟ) କରାଯିବ ବୋଲି କୁହାଯାଇଛି। ଅଯୋଗ୍ୟ ହିତାଧିକାରୀଙ୍କୁ ଟଙ୍କା ଫେରସ୍ତ କରିବାକୁ ସରକାର ଅନୁରୋଧ କରିଥିଲେ। ଏହାପରେ ସହାୟତା ରାଶି ତାଲିକାରୁ ନିଜ ନାମକୁ ବାଦ୍ ଦେବା ପାଇଁ ପ୍ରାୟ ଏକଲକ୍ଷ ବ୍ୟକ୍ତି ନାଲି ଫର୍ମ ପ୍ରଦାନ କରିଛନ୍ତି। ଏଥିସହିତ ୨୦୦୦ ହିତାଧିକାରୀ ସ୍ୱତଃପ୍ରବୃତ୍ତ ଭାବେ ଫେରାଇବା ପାଇଁ ଆବେଦନ କରିଥିବା ବିଭାଗ ପକ୍ଷରୁ କୁହାଯାଇଛି।

ଉଲ୍ଲେଖଯୋଗ୍ୟ, ରାଜ୍ୟର ୧୨,୦୦୦ ବଡ଼ଚାଷୀ, ୯୦୦୦ ନାବାଳକ ଏବଂ ପ୍ରାୟ ୨୦,୦୦୦ ସରକାରୀ କର୍ମଚାରୀ ଏହି ସହାୟତା ପାଇଥିଲେ। ଅନୁରୂପଭାବେ ଗୋଟିଏ ଗୋଟିଏ ମନୋନୀତ ପରିବାରର ୩ ଲକ୍ଷ ହିତାଧିକାରୀ ଏକାଧିକ ବ୍ୟକ୍ତି ଦର୍ଶାଇ କାଳିଆ ସହାୟତା ନେଇ ସାରିଛନ୍ତି। ଏହିପରି ଭାବେ ରାଜ୍ୟର ପ୍ରାୟ ୩ ଲକ୍ଷ ୪୧ ହଜାର ଅଯୋଗ୍ୟ ହିତାଧିକାରୀ କାଳିଆ ଯୋଜନାରେ ସହାୟତା ପାଇଥିବା ମନ୍ତ୍ରୀ ମଙ୍ଗଳବାର କହିଥିଲେ।

## ନବଜାତକ ମୃତ୍ୟୁକୁ ନେଇ ଉତ୍ତେଜନା

**ସୁନ୍ଦରଗଡ଼, ୧୮।୯ (ଡି.ଏନ୍.ଏ.):** ସୁନ୍ଦରଗଡ଼ ଜିଲା ମୁଖ୍ୟ ଡାକ୍ତରଖାନା ପରିସରରେ ଥିବା ମାତୃ ଓ ଶିଶୁ କଲ୍ୟାଣ ବିଭାଗରେ ବୁଧବାର ଜଣେ ନବଜାତକ ଶିଶୁ ମୃତ୍ୟୁକୁ ନେଇ ଉତ୍ତେଜନା ପ୍ରକାଶ ପାଇଥିଲା। ଟାଙ୍ଗରପାଲି ବ୍ଲକ କୁଅଁରବଗା ଗ୍ରାମର ଜଣେ ମହିଳା ବୁଧବାର ଏକ ପୁତ୍ର ସନ୍ତାନ ଜନ୍ମ ଦେଇଥିଲେ। ହେଲେ ପରବର୍ତ୍ତୀ ସମୟରେ ଶିଶୁର ମୃତ୍ୟୁ ଘଟିଥିଲା। ଡାକ୍ତରଙ୍କ ଅବହେଳାରୁ ଶିଶୁର ମୃତ୍ୟୁ ଘଟିଥିବା ନେଇ ପରିବାର ଲୋକେ ଅଭିଯୋଗକରି ପାଟିତୁଣ୍ଡ କରିଥିଲେ। ଶିଶୁ ଜନ୍ମ ହେବା ପରେ ଜଟିଳ ହୃଦ୍‌ସମସ୍ୟା ଥିବାରୁ ତାର ମୃତ୍ୟୁ ଘଟିଥିବା ଜିଲା ମୁଖ୍ୟ ଚିକିତ୍ସାଧିକାରୀ ପଟେଲ ପ୍ରକାଶ କରିଛନ୍ତି।


### ନିୟନ୍ତ୍ରିତ ବଜାର କମିଟି, ମାଲକାନଗିରି

**ପତ୍ର ସଂଖ୍ୟା: ୪୪୨** **ବିଜ୍ଞାପନ** **ତାରିଖ: ୧୬.୦୯.୨୦୧୯**

ନିୟନ୍ତ୍ରିତ ବଜାର କମିଟି, ମାଲକାନଗିରିଙ୍କ ନିଷ୍ପତ୍ତି ଏବଂ ଅଧ୍ୟକ୍ଷ-ତଥା-ଉପ-ଜିଲ୍ଲାପାଳଙ୍କ ଆଦେଶକ୍ରମେ, ଏତଦ୍ୱାରା କାଲିମେଳା ବ୍ଲକ ପରିସୀମା ଅନ୍ତର୍ଗତ ସମସ୍ତ ଚାଷୀଭାଇ ଓ ଭଉଣୀମାନଙ୍କୁ ଜଣାଇ ଦିଆଯାଉଅଛି ଯେ, ଉପ-ବଜାର ପ୍ରାଙ୍ଗଣ କାଲିମେଳାରେ ତିଆରି ହୋଇଥିବା ୧୩(ତେର) ଗୋଟି ନୂତନ ଦୋକାନ ଗୃହକୁ Tender ମାଧ୍ୟମରେ ନିୟନ୍ତ୍ରିତ ବଜାର କମିଟି, ମାଲକାନଗିରି ତରଫରୁ ଦରଖାସ୍ତ ଆହ୍ୱାନ କରାଯାଉଅଛି। ଇଚ୍ଛୁକ ଚାଷୀ ଭାଇ ଓ ଭଉଣୀମାନେ ଅଫିସ କାର୍ଯ୍ୟ ନିର୍ଘଣ୍ଟ ସମୟ ଅର୍ଥାତ୍ ସକାଳ ଘ ୧୦.୦୦ମି.ରୁ ଅପରାହ୍ନ ଘ. ୫.୦୦ମି. ମଧ୍ୟରେ ନିୟନ୍ତ୍ରିତ ବଜାର କମିଟି ମାଲକାନଗିରିଙ୍କ କାର୍ଯ୍ୟାଳୟରୁ ଏଥିସକାଶେ ଉଦ୍ଦିଷ୍ଟ ଆବେଦନ ଫର୍ମ ଓ ସର୍ତ୍ତାବଳୀ ଟ୧୦୦୦/- (ଏକ ହଜାର ଟଙ୍କା) ମାତ୍ର ଜମା ଦେଇ ଆସନ୍ତା ତା୧୬।୦୯।୨୦୧୯ରିଖରୁ ତା୧୫।୧୦।୨୦୧୯ରିଖ ମଧ୍ୟରେ ପାଇପାରିବେ। ଆବେଦନ ଫର୍ମ ସହ ଉଦ୍ଦିଷ୍ଟ ସର୍ତ୍ତାବଳୀକୁ ସଠିକ ଓ ନିର୍ଭୁଲ ଭାବରେ ପୂରଣ କରି ଆବଶ୍ୟକୀୟ କାଗଜ ପତ୍ର ସହ ଆସନ୍ତା ତା୧୫।୧୦।୨୦୧୯ରିଖ ଅପରାହ୍ନ ୫ ଘଟିକା ମଧ୍ୟରେ ମୁଦ ଲଫାପାରେ ରେଜିଷ୍ଟ୍ରି ଡାକ/ କ୍ଷିପ୍ର ଡାକ ମାଧ୍ୟମରେ ନିୟନ୍ତ୍ରିତ ବଜାର କମିଟି, ମାଲକାନଗିରି କାର୍ଯ୍ୟାଳୟରେ ଦାଖଲ କରିବେ। ଧାର୍ଯ୍ୟ ତାରିଖ ଓ ସମୟ ପରେ ଡାକ ଯୋଗେ ଆସିଥିବା କୌଣସି ଦରଖାସ୍ତକୁ ଗ୍ରହଣ କରାଯିବ ନାହିଁ। ଦରଖାସ୍ତ ଫର୍ମଗୁଡ଼ିକୁ ତା୧୭।୧୦।୨୦୧୯ରିଖ ପୂର୍ବାହ୍ନ ଘ୧୧.୦୦ଟିକା ସମୟରେ ନିୟନ୍ତ୍ରିତ ବଜାର କମିଟି, ମାଲକାନଗିରି କାର୍ଯ୍ୟାଳୟଠାରେ ଦରଖାସ୍ତକାରୀ କିମ୍ବା ତାଙ୍କର ପ୍ରାଧିକୃତ ବ୍ୟକ୍ତିଙ୍କ ଉପସ୍ଥିତିରେ ଖୋଲାଯିବ।

**ଅଧ୍ୟକ୍ଷଙ୍କ ଆଦେଶକ୍ରମେ**
**ସ୍ୱା./- ସମ୍ପାଦକ, ନିୟନ୍ତ୍ରିତ ବଜାର କମିଟି, ମାଲକାନଗିରି**

### OFFICE OF THE MUNICIPAL COUNCIL, PHULBANI, KANDHAMAL

**e-Procurement Notice**
**Tender Call Notice No. 6085, Dated 17.09.2019**
**BID Reference No. EO_PLB.M_01_2019-20**
**Tender ID-2019_ORULB_56332_1 to 56332_15**

| | | |
|---|---|---|
| 1 | Name of the work: | 15 Nos. of work as in the DTCN published in the website. |
| 2 | Estimated Cost: | Rs. 1,86,000/- to 10,48,000/-. |
| 3 | Period of completion: | 30 days to 120 days |
| 4 | Date and time of availability of bid documents: | From 10.00 AM on 18.09.2019 to 5.00 PM on 30.09.2019. |
| 5 | Last date/time for receipt of bids in the portal: | 5.00 PM on 30.09.2019. |
| 6 | Date and time of opening bid: | After 3.00 PM on 03.10.2019. |
| 7 | Name and address of the officer inviting Bid: | Executive Officer, Phulbani Municipality. |

Further detail can be seen from the e-procurement portal **https://tendersorissa.gov.in**.
**Sd./- Executive Officer, Phulbani Municipality**

### ନିୟନ୍ତ୍ରିତ ବଜାର କମିଟି, ମାଲକାନଗିରି

**ପତ୍ର ସଂଖ୍ୟା: ୪୪୧** **ବିଜ୍ଞାପନ** **ତାରିଖ: ୧୬.୦୯.୨୦୧୯**

ନିୟନ୍ତ୍ରିତ ବଜାର କମିଟି, ମାଲକାନଗିରିଙ୍କ ନିଷ୍ପତ୍ତି ଏବଂ ଅଧ୍ୟକ୍ଷ-ତଥା-ଉପ-ଜିଲ୍ଲାପାଳଙ୍କ ଆଦେଶକ୍ରମେ, ଏତଦ୍ୱାରା କାଲିମେଳା ବ୍ଲକ ପରିସୀମା ଅନ୍ତର୍ଗତ ସମସ୍ତ ଚାଷୀଭାଇ ଓ ଭଉଣୀମାନଙ୍କୁ ଜଣାଇ ଦିଆଯାଉଅଛି ଯେ, ଉପ-ବଜାର ପ୍ରାଙ୍ଗଣ ପୋଟେରୁରେ ତିଆରି ହୋଇଥିବା ୧୫(ପନ୍ଦର) ଗୋଟି ନୂତନ ଦୋକାନ ଗୃହକୁ Tender ମାଧ୍ୟମରେ ନିୟନ୍ତ୍ରିତ ବଜାର କମିଟି, ମାଲକାନଗିରି ତରଫରୁ ଦରଖାସ୍ତ ଆହ୍ୱାନ କରାଯାଉଅଛି। ଇଚ୍ଛୁକ ଚାଷୀ ଭାଇ ଓ ଭଉଣୀମାନେ ଅଫିସ କାର୍ଯ୍ୟ ନିର୍ଘଣ୍ଟ ସମୟ ଅର୍ଥାତ୍ ସକାଳ ଘ ୧୦.୦୦ମି.ରୁ ଅପରାହ୍ନ ଘ. ୫.୦୦ମି. ମଧ୍ୟରେ ନିୟନ୍ତ୍ରିତ ବଜାର କମିଟି ମାଲକାନଗିରିଙ୍କ କାର୍ଯ୍ୟାଳୟରୁ ଏଥିସକାଶେ ଉଦ୍ଦିଷ୍ଟ ଆବେଦନ ଫର୍ମ ଓ ସର୍ତ୍ତାବଳୀ ଟ୧୦୦୦/- (ଏକ ହଜାର ଟଙ୍କା) ମାତ୍ର ଜମା ଦେଇ ଆସନ୍ତା ତା୧୬।୦୯।୨୦୧୯ରିଖରୁ ତା୧୫।୧୦।୨୦୧୯ରିଖ ମଧ୍ୟରେ ପାଇପାରିବେ। ଆବେଦନ ଫର୍ମ ସହ ଉଦ୍ଦିଷ୍ଟ ସର୍ତ୍ତାବଳୀକୁ ସଠିକ ଓ ନିର୍ଭୁଲ ଭାବରେ ପୂରଣ କରି ଆବଶ୍ୟକୀୟ କାଗଜ ପତ୍ର ସହ ଆସନ୍ତା ତା୧୫।୧୦।୨୦୧୯ରିଖ ଅପରାହ୍ନ ୫ ଘଟିକା ମଧ୍ୟରେ ମୁଦ ଲଫାପାରେ ରେଜିଷ୍ଟ୍ରି ଡାକ/ କ୍ଷିପ୍ର ଡାକ ମାଧ୍ୟମରେ ନିୟନ୍ତ୍ରିତ ବଜାର କମିଟି, ମାଲକାନଗିରି କାର୍ଯ୍ୟାଳୟରେ ଦାଖଲ କରିବେ। ଧାର୍ଯ୍ୟ ତାରିଖ ଓ ସମୟ ପରେ ଡାକ ଯୋଗେ ଆସିଥିବା କୌଣସି ଦରଖାସ୍ତକୁ ଗ୍ରହଣ କରାଯିବ ନାହିଁ। ଦରଖାସ୍ତ ଫର୍ମଗୁଡ଼ିକୁ ତା୧୭।୧୦।୨୦୧୯ରିଖ ପୂର୍ବାହ୍ନ ଘ୧୧.୦୦ଟିକା ସମୟରେ ନିୟନ୍ତ୍ରିତ ବଜାର କମିଟି, ମାଲକାନଗିରି କାର୍ଯ୍ୟାଳୟଠାରେ ଦରଖାସ୍ତକାରୀ କିମ୍ବା ତାଙ୍କର ପ୍ରାଧିକୃତ ବ୍ୟକ୍ତିଙ୍କ ଉପସ୍ଥିତିରେ ଖୋଲାଯିବ।

**ଅଧ୍ୟକ୍ଷଙ୍କ ଆଦେଶକ୍ରମେ**
**ସ୍ୱା./- ସମ୍ପାଦକ, ନିୟନ୍ତ୍ରିତ ବଜାର କମିଟି, ମାଲକାନଗିରି**

### ROGI KALYAN SAMITI, SUB DIVISIONAL HOSPITAL PATNAGARH, DIST- BALANGIR

**Advt. No.** **Date: 18.09.2019**

**TENDER CALL NOTICE**

The Rogi Kalyan Samiti, SDH Patnagarh invites sealed tenders for supply of diet to indoor patients from registered private organizations/ companies/ agencies/ firms for the year 2019-20. The bidders may obtain tender documents with terms and conditions from the O/o the undersigned on working days only on deposit of Rs.200/- (Rupees Two hundred only) from the date of publication of this notice. The last date of receipt of tender documents is on 18.10.2019 up to 5:00 PM and the same will be opened on next working day at 3:00 PM. Tender documents should be sent through Regd. Post/ Speed Post only. The undersigned reserves the right to reject or cancel any or all the tenders without assigning any reason thereof.

**Sd./- Member Secy, RKS-cum-Supdtt, SDH, Patnagarh**

### OFFICE OF THE CHIEF DISTRICT MEDICAL & PUBLIC HEALTH OFFICER, RAYAGADA

**District Headquarters Hospital Campus, Rayagada-765001**
**Phone No. 06856-235603, Fax No. 06856-236631**
**No.5193/2019 Rayagada** **Dated: 07.09.2019**

**TENDER CALL NOTICE**

No.339-E :- Sealed tenders are invited from the reputed manufacturers/ distributors/ suppliers for supply of "PHYSIOTHERAPY, SENSORY UNIT, SPECIAL EDUCATOR EQUIPMENT AND HIPRO MACHINE FOR AUDIOLOGY FOR DEIC, RAYAGADA FOR THE YEAR 2019-20." Requirement list, terms & conditions (Tender Scheduled paper) may be obtained from the Office of the Chief District Medical & Public Health Officer, Rayagada on payment of Rs.2000/- in shape of any Nationalized / Scheduled Bank draft (Non-refundable) in favour of Chief District Medical Officer, Rayagada during working hour i.e. from 10.00 A.M to. 5.30 P.M.

Interested parties are invited to submit their tenders in sealed envelope to the Chief District Medical & Public Health Officer, Rayagada on or before 01.10.2019 up to 5.30 PM and the same will be OPENED on 03.10.2019 at 11.00 AM in the office chamber of Chief District Medical & Public Health Officer, Rayagada. The parties may present or sent their authorized representatives at the time of opening of tender. The undersigned reserves the right to accept or reject any or all the tenders without assigning any reason thereof in the office chamber of Chief District Medical & Public Health Officer. Rayagada.

**Sd./- Dr. Shaktibrata Mohanty**
**Chief District Medical & Public Health Officer, Rayagada**
**10035/11/0012/1920**

### ବିଜ୍ଞାପନ

**No.12-P**

**ରାଜ୍ୟ କତାଶିଳ୍ପ ତାଲିମ ତଥା ରୂପାଙ୍କନ କେନ୍ଦ୍ର, ତେଇଶିପୁର, ପୁରୀଠାରେ ୨୦୧୯-୨୦ ମସିହା ଶିକ୍ଷାବର୍ଷରେ ତାଲିମ ଗ୍ରହଣ କରିବା ପାଇଁ ଆବେଦନ ପତ୍ର ଆହ୍ୱାନ**

୧. ରାଜ୍ୟ କତାଶିଳ୍ପ ତାଲିମ ତଥା ରୂପାଙ୍କନ କେନ୍ଦ୍ର, ତେଇଶିପୁର, ଜିଲ୍ଲା-ପୁରୀ
୨. ତାଲିମ ଅବଧି: **ଏକ ବର୍ଷ**
୩. **ଯୋଗ୍ୟତା:**
(କ) ଆବେଦନକାରୀ/କାରିଣୀ ଅନ୍ୟୁନ ହାଇସ୍କୁଲ ସାର୍ଟିଫିକେଟ୍ ପରୀକ୍ଷା ପାସ୍ କରିଥିବା ଆବଶ୍ୟକ।
(ଖ) ଆବେଦନକାରୀ/କାରିଣୀମାନଙ୍କର ବୟସ ସୀମା **୦୧।୧୦।୨୦୧୯ ସୁଦ୍ଧା ୧୮ ରୁ ୩୫ ବର୍ଷ** ମଧ୍ୟରେ ହୋଇଥିବା ଆବଶ୍ୟକ/ ତଫସିଲଭୁକ୍ତ ଜାତି/ ଉପଜାତି ଓ ମହିଳା ବର୍ଗର ପ୍ରାର୍ଥୀ/ ପ୍ରାର୍ଥିନୀମାନଙ୍କ ପାଇଁ ବୟସ ସୀମା **୦୫** ବର୍ଷ କୋହଳ କରାଯିବ।
(ଗ) ରାଜ୍ୟ ସରକାରଙ୍କ ଦ୍ୱାରା ସ୍ୱୀକୃତି-ପ୍ରାପ୍ତ କତା ତାଲିମ ତଥା ଉତ୍ପାଦନ କେନ୍ଦ୍ରରେ ଉତ୍ତୀର୍ଣ୍ଣ ହୋଇଥିବା ପ୍ରାର୍ଥୀ ଓ ପ୍ରାର୍ଥିନୀମାନଙ୍କୁ ଅଗ୍ରାଧିକାର ଦିଆଯିବ ଏବଂ ସେହିମାନଙ୍କ ପାଇଁ ଶିକ୍ଷାଗତ ଯୋଗ୍ୟତା ଅନ୍ୟୁନ ସପ୍ତମ ଶ୍ରେଣୀ ପର୍ଯ୍ୟନ୍ତ କୋହଳ କରାଯିବ।
୪. ସ୍ଥାନ ସଂଖ୍ୟା: **୩୦**
୫. ଛାତ୍ରବୃତ୍ତି: ମାସିକ ୬୦୦ ଟଙ୍କା **(ଛଅଶହ ଟଙ୍କା)**
୬. ସଂରକ୍ଷଣ: ତଫସିଲଭୁକ୍ତ ଜାତି/ ଉପଜାତି/ ଶାରୀରିକ ଅକ୍ଷମ ଏବଂ ମହିଳା ବର୍ଗର ପ୍ରାର୍ଥୀ/ ପ୍ରାର୍ଥିନୀମାନଙ୍କ ପାଇଁ ଓଡ଼ିଶା ରାଜ୍ୟ ସରକାରଙ୍କର ସଂରକ୍ଷଣ ନିୟମ ଅନୁସାରେ ସ୍ଥାନ ସଂରକ୍ଷିତ ରଖାଯିବ।
୭. ଛାତ୍ରାବାସ: ମାଗଣାରେ ସୀମିତ ଛାତ୍ର/ଛାତ୍ରୀମାନଙ୍କ ପାଇଁ ଛାତ୍ରାବାସରେ ରହିବାର ବ୍ୟବସ୍ଥା ରହିଛି।
୮. ଆବେଦନକାରୀ/ କାରିଣୀ ନିମ୍ନଲିଖିତ ବିବରଣୀ ଅନୁସାରେ ସାଦାକାଗଜରେ ଲେଖି ଆବେଦନ କରିପାରିବେ।
(କ) ଆବେଦନକାରୀ/ କାରିଣୀଙ୍କ ନାମ:
(ଖ) ପିତା/ ଅଭିଭାବକଙ୍କ ନାମ:
(ଗ) ବର୍ତ୍ତମାନ ଓ ସ୍ଥାୟୀ ଠିକଣା:
(ଘ) ଶିକ୍ଷାଗତ ଯୋଗ୍ୟତା:
(ଏହାର ଅବିକଳ ନକଲ ସଂଲଗ୍ନ କରିବେ)
(ଙ) ବୟସ (୦୧।୧୦।୨୦୧୯ ସୁଦ୍ଧା):
(ବୟସର ପ୍ରମାଣପତ୍ରର ଅବିକଳ ନକଲ ସଂଲଗ୍ନ କରିବେ)
(ଚ) କତା ଶିଳ୍ପରେ ଥିବା ଅଭିଜ୍ଞତାର ବିବରଣୀ:
(ଛ) ତଫସିଲଭୁକ୍ତ ଜାତି/ଉପଜାତି/ଶାରୀରିକ ଅକ୍ଷମ ହୋଇଥିଲେ ପ୍ରମାଣପତ୍ରର ସହିନକଲ, ଆବେଦନପତ୍ର ସହ ସଂଲଗ୍ନ କରିବେ:
**ତାରିଖ:**
**ସ୍ଥାନ:** **ଆବେଦନକାରୀଙ୍କ ସ୍ୱାକ୍ଷର**
୯. ଆବେଦନ କରିବାର ଠିକଣା: ଅଧୀକ୍ଷକ, ରାଜ୍ୟ କତାଶିଳ୍ପ ତାଲିମ ତଥା ରୂପାଙ୍କନ କେନ୍ଦ୍ର, ସା:ପୋ- ତେଇଶିପୁର, ଜିଲ୍ଲା-ପୁରୀ।
୧୦. ଆବେଦନ ଗ୍ରହଣର ଶେଷ ତାରିଖ: **୨୬।୦୯।୨୦୧୯**।
୧୧. ମନୋନୟନ ପ୍ରଣାଳୀ: ଆବେଦନକାରୀ/ କାରିଣୀ **ତା୨୭।୦୯।୨୦୧୯ରିଖ ଦିବା ୧୧.୦୦ ଘଣ୍ଟା** ସମୟରେ ରାଜ୍ୟ କତାଶିଳ୍ପ ତାଲିମ ତଥା ରୂପାଙ୍କନ କେନ୍ଦ୍ର, ତେଇଶିପୁରଠାରେ ଉପସ୍ଥିତ ରହି ମନୋନୟନ ନିମନ୍ତେ ସାକ୍ଷାତ୍‌କାରରେ ଯୋଗଦେବେ। ସାକ୍ଷାତ୍‌କାର ପାଇଁ ଆବେଦନକାରୀ/ କାରିଣୀଙ୍କୁ କୌଣସି ଯାତାୟାତ ଖର୍ଚ୍ଚ ଦିଆଯିବ ନାହିଁ।
**ବି:ଦ୍ର:** ସବିଶେଷ ବିବରଣୀ ପାଇଁ ଶିଳ୍ପ ନିର୍ଦ୍ଦେଶାଳୟ, ଓଡ଼ିଶା, କଟକ, ଫୋନ୍ ନଂ- (୦୬୭୧) ୨୩୦୬୦୨୩/ ଜିଲ୍ଲା ଶିଳ୍ପ କେନ୍ଦ୍ର, ପୁରୀ, ଫୋନ୍ ନଂ- **(୦୬୭୫୨) ୨୨୩୩୯୪** ଏବଂ ଅଧୀକ୍ଷକ, ରାଜ୍ୟ କତାଶିଳ୍ପ ତାଲିମ ତଥା ରୂପାଙ୍କନ କେନ୍ଦ୍ର, ତେଇଶିପୁର, ଜିଲ୍ଲା-ପୁରୀ, ଫୋନ୍ ନଂ- **(୦୬୭୫୨) ୨୪୮୫୪୫,** ଇ-ମେଲ- sctdcpur.od@gov.in ଙ୍କୁ ଯୋଗାଯୋଗ କରିବା ପାଇଁ ଅନୁରୋଧ। ସାକ୍ଷାତ୍‌କାର ସମୟରେ ପ୍ରାର୍ଥୀ/ ପ୍ରାର୍ଥିନୀ ସମସ୍ତ ମୂଳ ପ୍ରମାଣପତ୍ର ତନଖି ନିମନ୍ତେ ସାଙ୍ଗରେ ଆଣିବା ଆବଶ୍ୟକ।

**14010/11/0002/1920** **ସ୍ୱା./- ଶିଳ୍ପ ନିର୍ଦ୍ଦେଶକ, ଓଡ଼ିଶା**

### COLLECTORATE, GAJAPATI PARALAKHEMUNDI

**(ST & SC DEV.SECTION)**

**TENDER CALL NOTICE**

**No.1537/Welfare** **Dated: 16.09.19**

Sealed tenders are invited from the intending Registered Authorized Dealers, Renowned firms and distributors / Dealers, Co-operative Society for supply of the items of the school Uniforms, General material for Urban Education Programme - "Anwesha" running under ST & SC Dev. Department of Gajapati district for the academic session 2019-20. The last date of submission of tender paper is on or before 30.09.2019 by 5.00 P.M to this office by registered post/speed post addressing to the District Welfare Office Gajapati. At/Po-Paralakhemundi, Dist - Gajapati, PIN - 761200. The tender will be opened before the District Purchase Committee in prudence of the bidders or their authorized agents on dated 01.10.2019 at 11.00 A.M in the office chamber of the PA. ITDA, Paralakhemundi. The tenders should submit valid PAN Number and upto date VAT Clearance Certificate along with the tender papers. The under signed reserves the right to accept/ reject or modify the tender wholly or partially without assigning any reason thereof. Earnest Money Deposit (refundable) as mentioned against each unit will have to be submitted in shape of Demand Draft in favour of the District Welfare Officer, Gajapati in any Nationalized Bank payable at Gajapati along with the tender papers. For any query please contact **06815-222825**

Tender paper along with details can be obtained from the Office of the under signed on any working days till 5.00 P.M of 27.09.2019 on payment of cost of Rs.2000/- through Demand Draft (Non - refundable) or can be downloaded from the District Website (www.gajapati.nic.in) and submitted along with the Demand Draft of Rs.2000/-(non-refundable) in favour of the District Welfare Officer, Gajapati in any nationalized bank payable at Gajapati.

**Sd./-**
**District Welfare Officer, Gajapati**

### ZILLA SWASTHYA SAMITI, BARGARH

**OFFICE OF THE CHIEF DISTRICT MEDICAL & PUBLIC HEALTH OFFICER CUM DISTRICT MISSION DIRECTOR,NHM, BARGARH**

**NOTICE**

**No.8086** **Date: 17.09.19**

Applications are invited from the contractual employees currently working under NHM in the same post of OSH & FW society in other district, desiring to be posted in BARGARH District against the vacant positions mentioned below.

| Sl. No. | Name of the Post | No. of Post vacant |
|---|---|---|
| 1 | Psychiatric Nurse, District Mental Health Programme | 1 No. |
| 2 | Clinical Psychologist, District Mental Health Programme | 1 No. |
| 3 | Psychiatric Social Worker, District Mental Health Programme | 1 No. |
| 4 | Community Nurse, District Mental Health Programme | 1 No. |
| 5 | Programme Officer, District Mental Health Programme | 1 No. |
| 6 | Finance-Logistic Assistant (FLA), NVBDCP | 1 No. |
| 7 | DPMU, Accountant | 2 Nos. |

Interested In house candidates of NHM may log on to **www.bargarh.nic.in** for details terms and conditions & application form etc. The Eligible candidates for the above post, who are interested, may apply in the prescribed form to the office of the **Chief District Medical & Public Health Officer -cum- District Mission Director, Bargarh Pin Code-768028, by 25.09.2019 upto (5.00 P.M) by Regd. Post / Speed Post / Courier only.** Application received after the due date will not be considered. Number of vacancies under this advertisement is provisional which may increase or decrease depending upon the actual vacancy. Time to time notification regarding status of selection process will be hoisted in district web-site. The undersigned reserves the right to cancel / reject any or all the applications without assigning any reason thereof. This office will not be responsible for any postal delay. No personal query will be entertained.

**Sd./- Chief District Medical & PHO cum DMD, Bargarh**

### ନିର୍ବାହୀ ଯନ୍ତ୍ରୀଙ୍କ କାର୍ଯ୍ୟାଳୟ, ବଲାଙ୍ଗୀର ଗ୍ରାମ୍ୟ ଜଳ ଯୋଗାଣ ଓ ପରିମଳ ଖଣ୍ଡ

**OFFICE OF THE EXECUTIVE ENGINEER**
**RURAL WATER SUPPLY & SANITATION DIVISION, BALANGIR**
**Near R.T.O. Office, Balangir, Odisha, Pin-767001, Ph.: 06652-232173 (Off),**
**Email: eerwss_blg@nic.in, Email:eerwssbalangir@gmail.com**

**AUCTION SALE NOTICE**
**No. 01 Dated:- 13.09.2019**

**No.359-O:-** Sealed tenders in conformity with detailed tender schedule are invited for following works - Auction sale of condemned vehicles on " AS IS WHERE IS BASIS." The tenders will be received up to 2.00 PM on 14.10.2019 and will be opened by the undersigned on date 15.10.2019 at 11.00 AM in the presence of the tenderers or their authorized representatives, if any.

Intending tenders may inspect the unserviceable machineries / vehicles / on the location specified as per lots on the Tender Schedule within working hours before the date of submission of tenders.

The tender schedule of the unserviceable T & P materials / vehicles to be auctioned along with terms and conditions can be had from the office of the undersigned from 26.09.2019 to 14.10.2019 upto 2.00PM during the office hours on payment of Rs. 400.00 (Rupees four hundred only) by cash which is non-refundable.

Intending bidders are requested to inspect the vehicle & required to deposit / enclose the E.M.D in shape of NSC / Pass Book of Post office Savings Account amounting to @ 5% of quoted price, duly pledged in favour of the Executive Engineer, RWS&S Division, Balangir along with his tender without which the tender is liable for rejection.

The authority reserves the right to accept or reject any or all of the tenders without assigning any reason thereto.

| Sl No | Description of condemned vehicle | Year of Pur-chase | Place of availability of the condemned vehicle | Sanctioned Up set Price | EMD to be deposited | Cost of-Tender Paper |
|---|---|---|---|---|---|---|
| 1 | 2 | 3 | 4 | 5 | 6 | 7 |
| 1 | ORR 3 – 3920 (Mahindra & Mahindra Jeep) | 1982 | Office of the Asst. Executive Engineer, RWS&S Sub-Division, Titilagarh | Rs. 35000.00 | 5 % of quoted price | 400.00 |

**25033/11/0006/1920** **Sd./- Executive Engineer, RWS&S Division, Balangir**

# ଅଡୁଆ କଲା କିସ୍

ଆଲିୟା କେତେ ଆଶା ବାନ୍ଧି ବସିଥିଲେ। ବଲିଉଡ୍‌ର ଆଗଧାଡ଼ିର ଅଭିନେତା ସଲମାନ ଖାନ୍‌ଙ୍କ ସହ ଅଭିନୟ କରିବେ। ହେଲେ ସବୁ ଆଶା ପାଣି ଫୋଟକା ପରି ମିଳାଇ ଗଲା। ମାତ୍ର ଗୋଟିଏ ସିନ୍ ପାଇଁ ସେ ଏଥିରେ ଅଭିନୟ କରିବେ ନାହିଁ ବୋଲି ସଫା ସଫା ଶୁଣାଇ ଦେଲେ ସଲ୍ଲୁ ମିଆଁ। ଏଥିରେ ଏକ କିସ୍ ଶଟ୍ ରହିଥିଲା, ଯାହାକୁ ନେଇ ସଲମାନ ନିଜର ଅରାଜି ବ୍ୟକ୍ତ କରିଥିଲେ। ଫିଲ୍ମଟି ହେଲା 'ଇଁଶଆଲ୍‌ହା'। ଖାସ୍ କଥା ହେଲା ସଞ୍ଜୟ ଲୀଳା ଭଁସାଲୀଙ୍କ ନିର୍ଦ୍ଦେଶନାରେ ନିର୍ମିତ ହେଉଥିବା ଏହି ଫିଲ୍ମରୁ ସଲମାନ ଓହରି ଯିବା ପରେ ଆଲିୟା ମନ ଦୁଃଖ କରିଛନ୍ତି। ଏପରି କି ଏହି ଶଟ୍‌କୁ କାହାଣୀରୁ ବାଦ୍ ଦେବାକୁ ସଞ୍ଜୟ ପ୍ରପୋଜାଲ ଦେଇଥିଲେ ମଧ୍ୟ ସଲମାନ ତାହାକୁ ଗ୍ରହଣ କରି ନ ଥିଲେ। ଯଦି ସଲମାନ ରାଜି ହୋଇଥାଆନ୍ତେ, ତେବେ 'ହମ୍ ଦିଲ୍ ଦେ ଚୁକେ ସନମ୍' ପରେ ଅର୍ଥାତ୍ ଦୁଇ ଦସନ୍ଧି ପରେ ସଞ୍ଜୟଙ୍କ ଫିଲ୍ମରେ ସେ ପୁଣି ଥରେ ଆକ୍ଟିଂ କରିଥାଆନ୍ତେ। ତେବେ ସଲମାନ ମନା କରିବା ପରେ ଏବେ ଏଥିରେ କିଏ ନାୟକ ସାଜିବେ ତାହା ଦେଖିବାକୁ ବାକି ରହିଲା। ଫିଲ୍ମଟି ଆସନ୍ତା ବର୍ଷ ଇଦ୍ ଅବସରରେ ରିଲିଜ ହେବାର ଯୋଜନା ରହିଛି ବୋଲି ସଞ୍ଜୟ ସୂଚନା ଦେଇଛନ୍ତି।


ଆଲିୟା

# ୨୫ବର୍ଷ ପରେ...

ବଲିଉଡ୍‌ର ଅନ୍ୟତମ ଲୋକପ୍ରିୟ ଅଭିନେତା ରିଷି କପୁର। ଯୁବାବସ୍ଥାରେ ସେ ନିଜକୁ ଜଣେ ରୋମାଣ୍ଟିକ ନାୟକ ଭାବରେ ପରିଚୟ ସୃଷ୍ଟି କରିଥିଲେ। 'ବବି, ପ୍ରେମ ରୋଗ, ସରଗମ୍, କର୍ଜ, ନସିବ ଅପନା ଅପନା, ଦୋସ୍ତି ଦୁସ୍‌ମନୀ, ନାଗିନା, ଚାନ୍ଦିନୀ, ହେନା, ବୋଲ୍ ରାଧା ବୋଲ୍, ଦାମିନୀ, ଦିୱାନା, ଅମର ଆକବର ଆନ୍ଥୋନୀ' ପରି ଶତାଧିକ ସିନେମାରେ ନିଜର ଅଭିନୟ ଦକ୍ଷତା ଦେଖାଇ ସାରିଛନ୍ତି। ପ୍ରଥମ ସିନେମା 'ବବି' ପାଇଁ ସେ ଶ୍ରେଷ୍ଠ ନବାଗତ ଅଭିନେତା ଭାବରେ ଫିଲ୍ମ ଫେୟାର ପୁରସ୍କାର ହାସଲ କରିଥିଲେ। ହେଲେ ଏହାର ୨୫ବର୍ଷ ପରେ ସେ ଦ୍ୱିତୀୟ ଥର ପାଇଁ ଏହି ପୁରସ୍କାର ଜୀବନବ୍ୟାପୀ ସାଧନା ପାଇଁ ପାଇଥିଲେ। ନିତୁ ସିଂଙ୍କୁ ବିବାହ କରିବା ପୂର୍ବରୁ ଦୁହିଁଙ୍କ ଭିତରେ ପ୍ରେମ ସମ୍ପର୍କ ଥିଲା। ସେତେବେଳେ ନିତୁଙ୍କୁ ସବୁବେଳେ ସେ ଚିଡ଼ାଉଥିଲେ। ଥରେ 'ଅମର ଆକବର ଆନ୍ଥୋନୀ' ଫିଲ୍ମର ଶୁଟିଂ ସମୟରେ ନିତୁ ମେକଅପ ନେଉଥାଆନ୍ତି। ଏହି ସମୟରେ ରିଷି ମେକଅପ ରୁମ୍‌କୁ ଆସି କହିଲେ, 'ନିତୁ ତୁମକୁ ଏହି ମେକଅପ ମାନୁନାହିଁ। ଏହା କହି ସେ ତାଙ୍କ ଗାଲରେ କାଜଲ ଲଗାଇ ଦେଇଥିଲେ। ତା'ପରେ ନିତୁ ପୁଣି ଥରେ ମେକଅପ ନେଇଥିଲେ। ମାଧୁରୀ ଦୀକ୍ଷିତଙ୍କ ସହ ରିଷି ବେଶ୍ କେତୋଟି ସିନେମାରେ ଅଭିନୟ କରିଛନ୍ତି। ପୁଣି ଏପରି ସଂଯୋଗ 'ୟେ ଜୱାନୀ ହୈ ଦିୱାନୀ'ରେ ତାଙ୍କର ପୁଅ ରଣବୀର କପୁରଙ୍କ ସହ ମାଧୁରୀ ଏକ ଆଇଟମ ନମ୍ବରରେ ନାଚିଥିଲେ। 'ଦିୱାନା' ଚଳଚ୍ଚିତ୍ରରେ 'ଐସି ଦିୱାନଗିଁ ଦେଖା ନହିଁ କହିଁ' ଗୀତରେ ଶାହରୁଖ-ଦିବ୍ୟା ଭାରତୀଙ୍କୁ ଦେଖିବାକୁ ମିଳିଥିଲା। କିନ୍ତୁ ପ୍ରଥମେ ଏହି ଗୀତରେ ଶାହରୁଖଙ୍କ ବଦଳରେ ନିଜକୁ ସାମିଲ କରିବାକୁ ରିଷି ଚାପ ପକାଇଥିଲେ ବୋଲି ଶୁଣିବାକୁ ମିଳେ।


ରିଷି

# ଚୁଜି ହେଲେଣି ଅନନ୍ୟା

ନବାଗତା ଅନନ୍ୟା ଏବେ ଚୁଜି ହେଲେଣି। ଭୂମିକା ହେଉ କି କାହାଣୀ ଯଦି ପସନ୍ଦ ନ ହେଲା ତେବେ ସିଧା ସିଧା ମନା କରିଦେଉଛନ୍ତି। ନିକଟରେ ଏପରି ୩-୪ଟି ଅଫର ହାତଛଡ଼ା କରିଛନ୍ତି ଚଙ୍କି ପାଣ୍ଡେଙ୍କ ଏହି କନ୍ୟା। 'ପ୍ରଥମେ କାହାଣୀ ଏବଂ ଭୂମିକା ମୋର ପସନ୍ଦ ଆସିବା ଦରକାର। ତା'ପରେ ଅଫରଟି ଗ୍ରହଣ କରିବି କି ନାହିଁ ସେକଥା ଚିନ୍ତା କରିବି। ଏଣୁ ତେଣୁ ଗୁଡ଼ିଏ ଫିଲ୍ମରେ ଆକ୍ଟିଂ କରିବା ଅପେକ୍ଷା ବର୍ଷକୁ ୨-୩ଟି ଫିଲ୍ମରେ ଅଭିନୟ କଲେ କ୍ଷତି କ'ଣ ବୋଲି କହିଛନ୍ତି ଅନନ୍ୟା।



# ଖବର ଟବର


ଚୁଲ୍‌ବୁଲି

- ଚୁଲ୍‌ବୁଲି ଚୌଧୁରୀଙ୍କ ହାତରେ ଏବେ ଆଉ ଏକ ସିନେମା। ପ୍ରାରମ୍ଭିକ କାମ ଚାଲିଥିବା ନୂଆ ଓଡ଼ିଆ ସିନେମା 'ତୁ ମୋର ସବୁକିଛି'ର ସେ ନାୟିକା ସାଜିବାକୁ ଯାଉଛନ୍ତି। ତାଙ୍କ ଅପୋଜିଟ୍‌ରେ କିଏ ନାୟକ ଭୂମିକାରେ ଅଭିନୟ କରିବ, ତାହା ଫାଇନାଲ ହୋଇନାହିଁ। ଫିଲ୍ମଟିର ପ୍ରଯୋଜନା ସହ ନିର୍ଦ୍ଦେଶନା ଦେବେ ରବୀନ୍ଦ୍ର ପ୍ରଧାନ।
- ସୁଧାକର ବସନ୍ତ ଏବେ ଆଉ ଏକ ସିନେମାର ନିର୍ଦ୍ଦେଶନା ଦେବାକୁ ଯାଉଛନ୍ତି। ଏହାର ଟାଇଟଲ ରହିଛି 'ଧଡ଼କନରେ ତୁ'। ପ୍ରେମ କାହାଣୀଭିତ୍ତିକ ଏହି ଫିଲ୍ମର ମେଲ୍ ଲିଡ୍‌ରେ ଅଭିନୟ କରିବେ ଦୀପକ ଏବଂ ତାଙ୍କ ସହ ସ୍କ୍ରିନ ଶେୟାର କରିବେ ସସ୍ମିତା।
- ରମେଶ ରାଉତଙ୍କ ନିର୍ଦ୍ଦେଶନାରେ 'ଅଟୋଗ୍ରାଫ୍'ର ଶୁଟିଂ ଶେଷ ପର୍ଯ୍ୟାୟରେ ପହଞ୍ଚିଛି। ଏହି ଫିଲ୍ମରୁ ଓଡ଼ିଆ ସିନେମାରେ ଡେବ୍ୟୁ ଆରମ୍ଭ କରୁଛନ୍ତି ନବାଗତା ସ୍ୱାତୀ।
- ହାସ୍ୟାଭିନେତା ଅମର ଏବଂ ନବାଗତା ଅମ୍ରିତାଙ୍କୁ ନେଇ ନିର୍ମିତ 'ହୀରାଲାଲ୍ ମୋତିଲାଲ୍' ଖୁବ୍‌ଶୀଘ୍ର ରିଲିଜ ହେବ ବୋଲି ପ୍ରଯୋଜନା ସଂସ୍ଥା ପକ୍ଷରୁ ସୂଚନା ଦିଆଯାଇଛି।

# ପ୍ରେମ ଅନ୍ତରାଳେ

ସୋନି ବସ୍ତିରେ ରହେ। ବଡ଼ ଭଉଣୀର ସେହି ବସ୍ତିରେ ଗୋଟିଏ ଢାବା ରହିଛି। ପ୍ରାୟ ଅନେକ ସମୟରେ ଜଣେ ଯୁବକ ସେହି ଢାବାକୁ ଖାଇବାକୁ ଆସେ। ଏମିତି କେତେଥର ଦେଖାହେବା ପରେ ସୋନି ପ୍ରେମରେ ପଡ଼ିଯାଇଛି ସେହି ଯୁବକ। ଆଉ ତା'ପରେ ଯାହା ଘଟିଛି ତାହା ସେ ବିଶ୍ୱାସ କରିପାରିନି। ସୋନିକୁ ପ୍ରେମ କରିବା ପରେ ଯୁବକର ବିଜ୍‌ନେସର ଉନ୍ନତି ଘଟିଛି। ସୋନି ପ୍ରେମରେ ପଡ଼ିବା ପରେ ଯୁବକ ଜୀବନରେ ଆଉ କ'ଣ ଘଟୁଛି ତାହା କାହାଣୀରେ ନିହିତ ରହିଛି। ନିଜର ପରୋପକାରୀ ଗୁଣ ଏବଂ ଜଣେ ସଫଳ ବିଜ୍‌ନେସମ୍ୟାନ ହେବା ପରେ ବାବୁ ନାମକ ସେହି ଯୁବକ ପରିଚିତ ହୋଇଛି 'ବାବୁ ଭାଇଜାନ୍' ନାମରେ। ପିଲାଟି ଦିନରୁ ଅଭାବ ସହ ଲଢ଼ିଥିବା ଏହି ଯୁବକ କିପରି ଭବିଷ୍ୟତରେ ନିଜକୁ ଜଣେ ନାମୀ ବିଜ୍‌ନେସ ଟାଇକୁନ୍ ଭାବେ ପରିଚିତ କରାଇପାରିଛି ତାହାକୁ ଆଧାର କରି ନିର୍ମିତ ହେଉଛି ଓଡ଼ିଆ ବାୟୋପିକ୍ 'ବାବୁ ଭାଇଜାନ୍'। ଖ୍ୱାଜା ଗରିବ୍ ନୱାଜ ପ୍ରଡକ୍ସନ ବ୍ୟାନରରେ ଏହି ଫିଲ୍ମର ଶୁଟିଂ ଶେଷ ପର୍ଯ୍ୟାୟରେ ପହଞ୍ଚିଛି। ଏକ ସତ୍ୟ ଘଟଣା ଏବଂ ବାଲେଶ୍ୱର ଜିଲାର ଲଛମନଖୁଣ୍ଟା ନାମକ ଏକ ଅଜଣା ଗାଁର ଜଣେ ଯୁବକ (ବାବୁ)ର ଜୀବନୀକୁ ନେଇ ଉକ୍ତ ସିନେମାର କାହାଣୀ, ଚିତ୍ରନାଟ୍ୟ ରଚନା ସହ ପ୍ରଯୋଜନା କରିଛନ୍ତି ସନ୍ତୋଷ ନାରାୟଣ ଦାସ। ଚିତ୍ରଟିର ନିର୍ଦ୍ଦେଶନା ଦେଉଛନ୍ତି ତାପସ ସରଘରିଆ। ଫିଲ୍ମର ଟାଇଟଲ ଭୂମିକାରେ ଅରିନ୍ଦମ ଅଭିନୟ କରିଥିବା ବେଳେ ତାଙ୍କ ସହ ପ୍ରଥମ ଥର ପାଇଁ ସ୍କ୍ରିନ୍ ଶେୟାର କରିଛନ୍ତି ଶିବାନୀ (ସୋନି)। ଏମାନଙ୍କ ବ୍ୟତୀତ ଶ୍ରୀତମ ଦାସ, ମିହିର ଦାସ, ଚୌଧୁରୀ ବିକାଶ ଦାସ, ବିଦୁସ୍ମିତା, ମନୋଜ ମିଶ୍ର, ପ୍ରଦ୍ୟୁମ୍ନ ଲେଙ୍କା, ସନ୍ତୋଷ ନାରାୟଣ ଦାସ ଏବଂ ତାପସ ସରଘରିଆ ପ୍ରମୁଖ କଳାକାର ବିଭିନ୍ନ ଭୂମିକାରେ ଅଭିନୟ କରିଛନ୍ତି।


ଶିବାନୀ

## ଅପେରା ହାଲଚାଲ

# ଟୁ-ଇନ୍-ୱାନ୍ ଅଭି

ଥରେ ଅପେରା ସିଜନ ଅଧାରେ ଏକ ପାର୍ଟିର ଆଙ୍କର କୌଣସି କାରଣବଶତଃ ପାର୍ଟି ଛାଡ଼ି ଚାଲିଗଲେ। ଠିକ୍ ସେତିକିବେଳେ ଜଲିଉଡ୍‌ର ବର୍ଷୀୟାନ ଅଭିନେତା କୈଳାସ ବେହେରା ଜଣେ ଅଭିନେତାଙ୍କୁ ଏହି ଦାୟିତ୍ୱ ଦେବାକୁ ପରାମର୍ଶ ଦେଇଥିଲେ। ଆଉ ସେହି ସୁଯୋଗ ପାଇବା ପରେ ଅଭିନୟ ସହ ଆଙ୍କରିଂକୁ ଏକ ଚ୍ୟାଲେଞ୍ଜ ଭାବେ ନେଇଥିଲେ ସେହି କଳାକାର। ସେହି ଦିନଠାରୁ ଏ ପର୍ଯ୍ୟନ୍ତ ପାଖାପାଖି ଆଠବର୍ଷ ଭିତରେ ନିଜକୁ ଜଣେ ଆଗଧାଡ଼ିର ଆଙ୍କରର ଭାବରେ ସେ ପରିଚିତ କରାଇ ପାରିଛନ୍ତି। ସେ ହେଲେ ଅଭିମନ୍ୟୁ ପରିଡ଼ା। ଯାତ୍ରା ଜଗତରେ ସେ ଅଭି ନାମରେ ପରିଚିତ। ନିଜ ସମ୍ପର୍କରେ ସେ କହନ୍ତି, 'ଇଷ୍ଟର୍ନ ପିଙ୍କ୍‌ରୁ ମୋର ଅଭିନୟ କ୍ୟାରିୟର ଆରମ୍ଭ। ପ୍ରଥମ ନାଟକ 'ନିଇତି ରାତିରେ ନୂଆ ବର' ପରେ ମୋ କ୍ୟାରିୟରକୁ ନୂଆ ମୋଡ଼ ଦେଇଥିଲା ରଙ୍ଗମହଲର ଚର୍ଚ୍ଚିତ ନାଟକ 'ଖରାପ ଝିଅର ଗପ'। ସେଥିରେ ସାନଭାଇ ରାମପଦ ଭୂମିକାରେ ମୁଁ ଅଭିନୟ କରିଥିଲି, ଆଉ ଏହି ଭୂମିକା ମୋତେ ଦେଇଥିଲା ସ୍ୱତନ୍ତ୍ର ପରିଚୟ। ରଙ୍ଗମହଲର ପ୍ରୋପ୍ରାଇଟର ସତ୍ୟ ଜେନାଙ୍କ କେଇପଦ କଥା ଅପେରା ଜଗତରେ ମୋତେ ଆଗେଇବାକୁ ଯଥେଷ୍ଟ ପ୍ରେରଣା ଯୋଗାଇଥିଲା। ଏବେ ସମାଜରେ ସଚେତନତା ପାଇଁ ଆଙ୍କରିଂ ମାଧ୍ୟମରେ ବଳିଷ୍ଠ ବାର୍ତ୍ତା ଦିଆଯାଉଛି।' ନବଗଠିତ ଅପେରା ସୂର୍ଯ୍ୟମନ୍ଦିର ପରିବେଷିତ ନାଟକ 'କାହାଣୀ କହିବ ସୂର୍ଯ୍ୟମନ୍ଦିର'ରେ ପୋଲିସ ଅଫିସର ଭୂମିକାରେ ମଧ୍ୟ ଅଭିନୟ କରୁଛନ୍ତି ଟୁ-ଇନ୍-ୱାନ୍ ଅଭି।



## ପରଦାରେ...

# ଜୋର୍ କା ଝଟ୍‌କା

ଚଳିତ ମାସ ୨୦ରେ ରିଲିଜ୍ ହେବାକୁ ଯାଉଛି ଓଡ଼ିଆ ଚଳଚ୍ଚିତ୍ର 'ଜୋର୍ କା ଝଟ୍‌କା'। କମେଡିଭିତ୍ତିକ ଏହି ଫିଲ୍ମଟିର କାହାଣୀରେ ଏଭଳି ମସଲା ରହିଛି, ଯାହା ଯୁବପିଢ଼ିଙ୍କୁ ନିଶ୍ଚୟ ପ୍ରଭାବିତ କରିବ ବୋଲି ଆଶା ରଖିଛନ୍ତି ନବାଗତ ପ୍ରଯୋଜକ ଅଶୋକ ବେହେରା ଏବଂ ଶିବାନୀ ବେହେରା। 'ଫିଲ୍ମରେ କେବଳ ହାସ୍ୟରସ ନୁହେଁ, ଲଭ୍, ଇମୋଶନ ମଧ୍ୟ ରହିଛି। କାହାଣୀର ପ୍ରତିଟି ଭାଗକୁ ସମାନ ଗୁରୁତ୍ୱ ଦିଆଯାଇଛି।' କେବଳ କାହାଣୀ ନୁହେଁ, ଅଭିଜିତ୍ ମଜୁମ୍‌ଦାରଙ୍କ ଗୀତ ବେଶ୍ ଶ୍ରୁତିମଧୁର ହୋଇଛି ବୋଲି କହନ୍ତି ଏହାର ନିର୍ଦ୍ଦେଶକ ପିନୁ ନାୟକ। ଏହି ଚଳଚ୍ଚିତ୍ରରେ ଦୀପକ-ପିଙ୍କି ପ୍ରିୟଦର୍ଶିନୀ ଯୋଡ଼ିକୁ ଦେଖିବାକୁ ମିଳିବ। ଏହାବ୍ୟତୀତ ହାସ୍ୟାଭିନେତା ହରିହର ମହାପାତ୍ର ଏବଂ ପ୍ରଜ୍ଞାଙ୍କୁ ଏକ ଭିନ୍ନ ଭୂମିକାରେ ଦର୍ଶକ ଦେଖିବାକୁ ପାଇବେ। ତେବେ 'ଜୋର୍ କା ଝଟ୍‌କା' ଦର୍ଶକଙ୍କୁ କେତେ ଝଟ୍‌କା ଦେଉଛି, ତାହା ଦେଖିବାକୁ ବାକି ରହିଲା।


ଦୀପକ-ପିଙ୍କି

"ସାରା ଦେଶରେ ବେସିକ ଆର୍ଟିଫିସିଆଲ ଇଣ୍ଟେଲିଜେନ୍ସ ପ୍ରଶିକ୍ଷଣ ଦେବା ଲାଗି ଦକ୍ଷତା ବିକାଶ ଏବଂ ଆଣ୍ଟ୍ରେପ୍ରିନ୍ୟୁରସିପ୍ ମନ୍ତ୍ରଣାଳୟ ଆଇଟି କମ୍ପାନୀ ଆଇବିଏମ୍ ସହ ଏକ ଚୁକ୍ତି ସ୍ୱାକ୍ଷର କରିଛି।
– ମହେନ୍ଦ୍ର ନାଥ ପାଣ୍ଡେ, ଦକ୍ଷତା ବିକାଶ ଏବଂ ଉଦ୍ୟୋଗୀ ମନ୍ତ୍ରୀ



"ଦେଶରେ ମାନ୍ଦାବସ୍ଥା ଲାଗି ରହିଥିବା ବେଳେ ଏହାର ଦୂରୀକରଣ ଲାଗି ସରକାରଙ୍କ ପକ୍ଷରୁ ଯଥା ସମ୍ଭବ ପ୍ରୟାସ ଜାରି ରହିଛି।
– ଅମିତାଭ କାନ୍ତ, ନୀତି ଆୟୋଗ ସିଇଓ



## ସଂକ୍ଷେପରେ

### ଶସ୍ତା ହେବ ଏଲ୍‌ସିଡି-ଏଲ୍‌ଇଡି ଟିଭି



ନୂଆଦିଲ୍ଲୀ,୧୮-୯: ଅର୍ଥନୀତିରୁ ମାନ୍ଦାବସ୍ଥାକୁ ଦୂରେଇ ଦେବା ଲକ୍ଷ୍ୟରେ ପାର୍ବଣ ଋତୁ ଆରମ୍ଭରୁ ସରକାର ଟିଭି ବିକ୍ରି ବଢ଼ାଇବା ଯୋଜନା କରିଛନ୍ତି। ଘରୋଇ ଓ ବିନିର୍ମାଣ କ୍ଷେତ୍ରକୁ ପ୍ରୋତ୍ସାହିତ କରିବା ଲକ୍ଷ୍ୟ ଓପନ ସେଲ୍ ଟିଭି ପ୍ୟାନେଲ ଉପରେ ଲାଗୁଥିବା ୫% ଆମଦାନୀ ଶୁଳ୍କକୁ ସରକାର ପ୍ରତ୍ୟାହାର କରିଛନ୍ତି। ସରକାରଙ୍କ ଏହି ଘୋଷଣା ପରେ ଟିଭି ପ୍ୟାନେଲ ମୂଲ୍ୟ ପ୍ରାୟ ୩% କମିବ। ଉଲ୍ଲେଖଥାଉ କି, ୬୦ରୁ ୬୫ ପର୍ଯ୍ୟନ୍ତ ଟିଭି ଦେଶରେ ନିର୍ମାଣ କରାଯାଉଛି। ଟିଭି ନିର୍ମାଣରେ ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ଯନ୍ତ୍ରାଂଶ ହୋଇଥାଏ ଟିଭି ପ୍ୟାନେଲ। ଏହା ଟିଭିର ଉତ୍ପାଦନ ମୂଲ୍ୟର ୬୫ରୁ ୭୦ ପ୍ରତିଶତ ହୋଇଥାଏ। ଏଥିଯୋଗୁ ଏବେ ଗ୍ରାହକଙ୍କୁ ଶସ୍ତାରେ ଏଲ୍‌ଇଡି/ଏଲ୍‌ସିଡି ଟିଭି ମିଳିବ। ୩୨ ଇଞ୍ଚ ପର୍ଯ୍ୟନ୍ତ ଟିଭି ଉପରେ ୧୮% ଜିଏସ୍‌ଟି ଆଦାୟ କରାଯାଉଛି। ଏହାଠାରୁ ବଡ଼ ହୋଇଥିଲେ ୨୮% ଜିଏସ୍‌ଟି ଦେବାକୁ ପଡିଥାଏ।

### ନକଲି ପ୍ରଡକ୍ଟ ବିକ୍ରି ମାମଲାରେ ଟାଇଟାନକୁ ଆଶ୍ୱସ୍ତି

ନୂଆଦିଲ୍ଲୀ,୧୮-୯: ଇ-କମର୍ସ ସାଇଟ ସ୍ନାପଡିଲରେ ନକଲି ଟାଇଟାନ ଏବଂ ଫାଷ୍ଟ୍ରାକ ଘଣ୍ଟା ବିକ୍ରି ମାମଲାରେ ଟାଇଟାନ କମ୍ପାନୀକୁ ଦିଲ୍ଲୀ ହାଇକୋର୍ଟଙ୍କ ପକ୍ଷରୁ ଆଶ୍ୱସ୍ତି ମିଳିଛି। ସ୍ନାପଡିଲରେ ନକଲି ପ୍ରଡକ୍ଟ ବିକ୍ରି ନେଇ ରୋହିତ କୁମାର ଜୈନ ଏବଂ ଧରମ ପାଲଙ୍କ ବିରୋଧରେ ଟାଇଟାନ ଦିଲ୍ଲୀ ହାଇକୋର୍ଟର ଦ୍ୱାରସ୍ଥ ହୋଇଥିଲେ। କୋର୍ଟ ଟାଇଟାନ ସପକ୍ଷରେ ନିଷ୍ପତ୍ତି ଶୁଣାଇଛନ୍ତି। ଏହି ଦୁଇ ବ୍ୟକ୍ତିଙ୍କ ଜରିମାନା ଦେବାକୁ କୋର୍ଟ ନିର୍ଦ୍ଦେଶ ଦେଇଥିବା ବେଳେ ସ୍ନାପଡିଲକୁ ଏକ ନିର୍ଦ୍ଦିଷ୍ଟ ସମୟ ମଧ୍ୟରେ ପକ୍ଷର ସତ୍ୟପାଠ ଦେବାକୁ କୁହାଯାଇଛି। ସ୍ନାପଡିଲ ଏହାର ୱେବସାଇଟରେ ଟାଇଟାନ ଏବଂ ଫାଷ୍ଟ୍ରାକର ଅସଲି ପ୍ରଡକ୍ଟ ବିକ୍ରି ନେଇ ନିଶ୍ଚିତ କରାଇବାକୁ ନ୍ୟାୟାଳୟ ନିର୍ଦ୍ଦେଶରେ କହିଛନ୍ତି। ଦିଲ୍ଲୀ ହାଇକୋର୍ଟର ଏହି ନିଷ୍ପତ୍ତିକୁ ସ୍ୱାଗତ କରୁଛୁ ବୋଲି ଟାଇଟାନ କମ୍ପାନୀ ଲିମିଟେଡର ୱାଚେସ୍ ଏବଂ ଆସେସୋରିଜ ସିଇଓ ରବିକାନ୍ତ କହିଛନ୍ତି। ଗ୍ରାହକଙ୍କ ସ୍ୱାର୍ଥକୁ ସର୍ବଦା ଧ୍ୟାନ ରଖିଥିବା ବେଳେ ପ୍ରଡକ୍ଟଗୁଣବତ୍ତାରେ କୌଣସି ସାଲିସ କରି ନ ଥାଉ ବୋଲି ସିଇଓ କାନ୍ତ କହିଛନ୍ତି।

### ଆଉ ୬ ଦେଶକୁ ଡାକ ବିଭାଗର ସ୍ପିଡ ପୋଷ୍ଟ ସେବା

ନୂଆଦିଲ୍ଲୀ,୧୮-୯: ଭାରତୀୟ ଡାକ ବିଭାଗ ପକ୍ଷରୁ ଆଉ ୬ ଦେଶକୁ ସ୍ପିଡ ପୋଷ୍ଟ ସେବା ଶୁଭାରମ୍ଭ ସମ୍ପର୍କରେ ଘୋଷଣା କରାଯାଇଛି। ଏସିଆ, ୟୁରୋପ ଏବଂ ଦକ୍ଷିଣ ଆମେରିକାର ଏହି ଦେଶ ଗୁଡିକ ମଧ୍ୟରେ ରହିଛନ୍ତି ହର୍ଜିଗୋଭିନା, ବ୍ରାଜିଲ, ଇକ୍ୱାଡୋର, କାଜାକିସ୍ତାନ, ଲିଥୁଆନିଆ ଏବଂ ଉତ୍ତର ମେସିଡୋନିଆ। ଏହି ସ୍ଥାନଗୁଡିକୁ ପ୍ରିମିୟମ ସର୍ଭିସ ଏକ୍ସପ୍ରେସ ମେଲ୍ ସେବା ଯୋଗାଇ ଦିଆଯିବ। ଏହା ଦ୍ୱାରା ଲୋକମାନେ ସେମାନଙ୍କ ଦସ୍ତାବିଜକୁ ସହଜରେ ଉପରୋକ୍ତ ସ୍ଥାନଗୁଡିକୁ ପଠାଇବାର ସୁବିଧା ଲାଭ କରିପାରିବେ। ନୂଆ ସୁବିଧା ଦ୍ୱାରା ଏହି ଦେଶଗୁଡିକୁ ସେବା ଯୋଗାଣ ତ୍ୱରାନ୍ୱିତ ହେବ।

# ବିଦେଶୀ ନିବେଶକଙ୍କ ମୋହଭଙ୍ଗ

## ଷ୍ଟକ୍ ମାର୍କେଟରୁ ୪୫୦୦ କୋଟି ଡଲାର ଫେରାଇନେବା ଆରମ୍ଭ



- ଜୁନ୍‌ରେ ୪.୫ ବିଲିୟନ ଡଲାର ନିବେଶ ପ୍ରତ୍ୟାହାର
- ପ୍ରଧାନମନ୍ତ୍ରୀ ଅର୍ଥନୀତି ପରିଚାଳନାରେ ସଫଳ ହୋଇ ନ ଥିବା ଅଭିଯୋଗ
- ଅର୍ଥନୀତି ଢାଞ୍ଚାଗତ ମାନ୍ଦାବସ୍ଥା ଆଡ଼କୁ ଗତି କରୁଛି:ବିଶେଷଜ୍ଞ

ମୁମ୍ବାଇ,୧୮-୯

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ନେତୃତ୍ୱରେ ଏନ୍‌ଡିଏ ସରକାର ଦେଶର ଆର୍ଥିକ ପ୍ରଗତିକୁ ଆହୁରି ଉଚ୍ଚକୁ ନେବେ ବୋଲି ବିଦେଶୀ ନିବେଶକଙ୍କ ଭରସା ଥିଲା। ଏହି କାରଣରୁ ସେମାନେ ଗତ ୬ ବର୍ଷ ଧରି ଭାରତୀୟ ଷ୍ଟକ୍ ବଜାରରେ ପ୍ରାୟ ୪୫୦୦କୋଟି ଡଲାର ନିବେଶ କରିଥିଲେ। ତେବେ ମୋଦି ସରକାରଙ୍କ ଆର୍ଥିକ ନୀତିକୁ ଦେଖିବା ପରେ ଏବଂ ଦେଶର ଅର୍ଥନୀତିର ଅବସ୍ଥା ବେହାଲ ହୋଇଥିବା ଦେଖି ଏବେ ସେମାନଙ୍କ ମୋହଭଙ୍ଗ ହେଲାଣି। ଫଳସ୍ୱରୂପ ସେମାନେ ଏବେ ନିଜର ନିବେଶ ଫେରାଇ ନେବାକୁ ଆରମ୍ଭ କରିଛନ୍ତି। ପ୍ରାପ୍ତ ସୂଚନାନୁଯାୟୀ, ଜୁନ୍ ସୁଦ୍ଧା ସେମାନେ ପ୍ରାୟ ୪.୫ବିଲିୟନ ଡଲାର ଶେୟାର ବିକ୍ରି କରି ଘରକୁ ଅର୍ଥ ଫେରାଇ ନେଇଥିବା ଜଣାପଡିଛି। ୧୯୯୯ ପରେ ଏତେ ବିଶାଳ ପରିମାଣ ଅର୍ଥ ବିଦେଶକୁ ପଳାଉଥିବା ବିଶେଷ ପ୍ରଣିଧାନଯୋଗ୍ୟ।

ବିଦେଶରେ ୫୨୦୦ କୋଟି ଡଲାର ପୁଞ୍ଜିନିବେଶ ପରିଚାଳନା କରୁଥିବା ଲଣ୍ଡନସ୍ଥିତ ଲୋମ୍ବାର୍ଡ ଓଡିୟର୍ ଇନ୍‌ଭେଷ୍ଟମେଣ୍ଟ ମ୍ୟାନେଜର୍ସର ଚିଫ୍ ଇନ୍‌ଭେଷ୍ଟମେଣ୍ଟ ଷ୍ଟ୍ରାଟେଜିଷ୍ଟ ସଲମାନ ଅହମ୍ମଦଙ୍କ କହିବାନୁଯାୟୀ ୨୦୧୪ ପୂର୍ବରୁ ମୋଦିଙ୍କୁ ନେଇ ନିବେଶକଙ୍କ ମଧ୍ୟରେ ଥିବା ଉତ୍ସାହରେ ଭଟ୍ଟା ପଡିଛି। ଭାରତର ଅର୍ଥନୀତିରେ ମାନ୍ଦାବସ୍ଥା ଦେଖାଦେବ ଏହା ବିଦେଶୀ ନିବେଶକ ଭାବିପାରୁ ନ ଥିଲେ। ଦେଶର ଅର୍ଥନୀତି ୫ ତ୍ରୈମାସ ହେଲା କମିବାରେ ଲାଗିଛି। ୨୦୧୩ ପରେ ଏହା ସବୁଠାରୁ ନିମ୍ନ ସ୍ତର ରହିଛି। ଭାରତର ପ୍ରଥମ ତ୍ରୈମାସରେ ଜିଡିପି ଅଭିବୃଦ୍ଧି ହାର ୫%ର ଶିରୋନାମା ହାସଲ କରିବାରୁ ସ୍ପଷ୍ଟ ହେଉଛି ଯେ, ଭାରତର ଅର୍ଥନୀତିର ଅବସ୍ଥା କିଭଳି ରହିଛି। କାର୍ ବିକ୍ରି ରେକର୍ଡ ଦ୍ରୁତଗତିରେ ହ୍ରାସ ପାଇଚାଲିଛି। ଏଥିରୁ ଏହି କ୍ଷେତ୍ରର ଯନ୍ତ୍ରଣା କେତେ ତାହା ସହଜରେ ବୁଝି ହେବ। ବେକାରି ସମସ୍ୟା ୪୫ ବର୍ଷର ସର୍ବୋଚ୍ଚ ସ୍ତରରେ ରହିଛି ଏବଂ ଅନାଦାୟ ଋଣ ବୋଝରେ ଦେଶର ବ୍ୟାଙ୍କିଙ୍ଗ୍ ଶିଳ୍ପ ଆଣ୍ଠେଇଲାଣି। ଭାରତ ନିଜର ୮୩ ପ୍ରତିଶତ ଚାହିଦା ପୂରଣ ପାଇଁ ଅନ୍ତର୍ଜାତୀୟ ବଜାରରୁ ଅଶୋଧିତ ତେଲ ଆମଦାନୀ କରିଥାଏ। ସୋମବାର ତେଲ ଦରରେ ଅଚାନକ ୨୦% ବୃଦ୍ଧି ଦେଶର ଅର୍ଥନୀତି ପାଇଁ ବୋଝ ଉପରେ ନଳିତା ବିଡା ହେବାକୁ ଯାଉଛି। ତେବେ ମୋଦି ସରକାର ଅର୍ଥନୀତିକୁ ସଜାଡିବା ଲାଗି ପଦକ୍ଷେପ ନେଉଛନ୍ତି ସତ, ତେବେ କାର୍ଯ୍ୟାନୁଷ୍ଠାନ ନେବାରେ ବିଳମ୍ବ କରିଦେଇଛନ୍ତି ବୋଲି ବିଶେଷଜ୍ଞମାନେ ମତପ୍ରକାଶ କରିଛନ୍ତି। ଭାରତ ଏବେ ଢାଞ୍ଚାଗତ ମାନ୍ଦାବସ୍ଥା ଆଡକୁ ଗତି କରୁଥିବାରୁ ଏହା ସବୁଠୁ ଚିନ୍ତାର ବିଷୟ ହୋଇଛି। ଏହାଦ୍ୱାରା ୨ ଲକ୍ଷ କୋଟି ଡଲାରର ଭାରତୀୟ ଷ୍ଟକ୍ ମାର୍କେଟ ଉପରେ ଖଣ୍ଡା ହୋଇ ଝୁଲୁଛି। ଏହାଛଡ଼ା ଆମାଜନ ନିଟ୍‌ଫ୍ଲିକ୍ସ ଭଳି ବିଦେଶୀ କମ୍ପାନୀଙ୍କ ଉପରେ କଟକଣା ଜାରି କରାଯାଉଥିବାରୁ ଭାଜପା ନେତୃତ୍ୱାଧୀନ ମୋଦି ସରକାରଙ୍କ ପାଇଁ ନୂଆ ନିଯୁକ୍ତି ସୃଷ୍ଟି କରିବା ଅତ୍ୟନ୍ତ କଷ୍ଟସାଧ ହେବ। ନିକଟରେ ବ୍ଲୁମବର୍ଗକୁଇଣ୍ଟ ସହ ସାକ୍ଷାତକାର ବେଳେ ଭାଜପା ଏମ୍‌ପି ସୁବ୍ରମଣ୍ୟମ ସ୍ୱାମୀ ସରକାର ଅର୍ଥନୀତିକୁ ସଜାଡିବାକୁ ପଦକ୍ଷେପ ନେବାରେ ବିଳମ୍ବ କରିବାର ବିପଦ ସମ୍ପର୍କରେ ଉଲ୍ଲେଖ କରିସାରିଛନ୍ତି। ଆଗାମୀ ୫ରୁ ୬ ମାସ ମଧ୍ୟରେ ଅର୍ଥନୀତିକୁ ନ ସଜାଡିଲେ ଲୋକେ ତାଙ୍କୁ ଚ୍ୟାଲେଞ୍ଜ କରିବା ଆରମ୍ଭ କରିଦେବେ ବୋଲି ସେ କହିଛନ୍ତି। ଅନ୍ୟପକ୍ଷରେ ଆଇନ ତଥା ଆଇଟି ମନ୍ତ୍ରୀ ରବି ଶଙ୍କର ପ୍ରସାଦ ନିକଟରେ କହିଥିଲେ ଯେ, ଭାରତ ଏକ ଆକର୍ଷଣୀୟ ନିବେଶ ଲକ୍ଷ୍ୟସ୍ଥଳ ହୋଇଥିବାବେଳେ ସ୍ଥାନୀୟ ପ୍ରତିଭାର ଏକ ବିଶାଳ ବଜାର ହୋଇଛି। ଏହାଛଡ଼ା ଦେଶରେ ରାଜନୈତିକ ସ୍ଥିରତା ରହିଥିବା ବେଳେ କେନ୍ଦ୍ରରେ ଦୁର୍ନୀତିମୁକ୍ତ ସରକାର କାର୍ଯ୍ୟ କରୁଛନ୍ତି। ଏଥିସହ ସରକାର ଆବଶ୍ୟକ ସ୍ଥଳରେ ଆର୍ଥିକ ସଂସ୍କାର କାର୍ଯ୍ୟକ୍ରମକୁ ଆଗେଇ ନେଉଛନ୍ତି। ତେବେ ବିଶେଷଜ୍ଞଙ୍କ ମତରେ ଅର୍ଥନୀତିରେ ଦେଖାଦେଇଥିବା ସମସ୍ୟା ମୋଦି ଆସିବା ପୂର୍ବରୁ ସୃଷ୍ଟି ହୋଇଥିଲେ ସୁଦ୍ଧା ପ୍ରଧାନମନ୍ତ୍ରୀ ଏହାକୁ ଭୁଲ୍ ଭାବେ ପରିଚାଳନା କରିବା ସମସ୍ତଙ୍କୁ ନିରାଶ କରିଛି। ୨୦୧୬ରେ ୮୬% ଟଙ୍କାକୁ ଅଚଳ କରିଦେବା ଅର୍ଥନୀତି ପାଇଁ ଅଭିଶାପ ହୋଇଛି। ସେହିପରି ୨୦୧୭ରେ ତରବରିଆ ଭାବେ ଜିଏସ୍‌ଟି ଲାଗୁ କରିବା ଦ୍ୱାରା ବ୍ୟବସାୟ କରିବା କଷ୍ଟସାଧ ହୋଇଛି। ସେହିପରି ସାମାଜିକ ଓ ରାଜନୈତିକ ବିରୋଧ ଯୋଗୁ ମୋଦି ତାଙ୍କ କାର୍ଯ୍ୟକାଳ ପ୍ରାରମ୍ଭରେ ହାତକୁ ନେଇଥିବା ଜମି ଓ ଶ୍ରମ ଆଇନ ସଂସ୍କାରକୁ ପ୍ରତ୍ୟାହାର କରି ନେଲେ। ମୋଦି କେବଳ ମୁଦ୍ରାସ୍ଫୀତିକୁ ନିୟନ୍ତ୍ରଣ କରିବାରେ ସଫଳ ହୋଇଥିଲେ ସୁଦ୍ଧା ବିଦେଶୀ ନିବେଶକମାନେ ମୋଦିନୋମିକ୍ସ(ମୋଦିଙ୍କ ଅର୍ଥନୀତି)ର ଯୁଗାନ୍ତକାରୀ ପଦକ୍ଷେପକୁ ଅଦ୍ୟାବଧି ଅପେକ୍ଷା କରିଛନ୍ତି। ଏହା ଅଦ୍ୟାବଧି ବାସ୍ତବ ରୂପ ନେଇପାରିଲା ନାହିଁ। ସବୁଠୁ ବଡ଼ କଥା ହେଲା ଅର୍ଥନୀତି ଏବେ ମାନ୍ଦାବସ୍ଥା ଘେରରେ ରହିଥିବାରୁ ବଡ଼ଧରଣର ସଂସ୍କାର କାର୍ଯ୍ୟକ୍ରମକୁ ଏବେ ଶୀତଳ ଭଣ୍ଡାରରେ ରଖିଦିଆଯିବ। ମୋଦି ସରକାର ତାଙ୍କର ସମସ୍ତ ଶକ୍ତି ଜମ୍ମୁ-କଶ୍ମୀର ପାଇଁ ଖର୍ଚ୍ଚ କରୁଛନ୍ତି। ଫଳରେ ଦେଶର ଅର୍ଥନୀତି ଏବେ ସରକାରଙ୍କ ପାଇଁ ଗୁରୁତ୍ୱ ହରାଇଛି ବୋଲି କାର୍ଟିକା ମ୍ୟାନେଜମେଣ୍ଟର ଏମ୍‌ଡି କାଟାଲିନ ଜିନଗୋଲ୍ଡ କହିଛନ୍ତି। ମୋଦି ସରକାରଙ୍କୁ ନିବେଶକ ସହାୟକ ପଦକ୍ଷେପ ନେବାକୁ ହେବ। ଅଧିକରୁ ଅଧିକ ରାଷ୍ଟ୍ରାୟତ୍ତ ସଂସ୍ଥାର ଘରୋଇକରଣ କରିବା, ଶ୍ରମ ଆଇନକୁ ଆହୁରି ସରଳ କରିବା, ଜମି କ୍ରୟରେ ଥିବା କଟକଣାକୁ ଢ଼ିଲା କରିବା, ଏକ ଅନାଦାୟ ଋଣ ବ୍ୟାଙ୍କ ପ୍ରତିଷ୍ଠା କରି ରାଷ୍ଟ୍ରାୟତ୍ତ ବ୍ୟାଙ୍କଗୁଡ଼ିକର ସମସ୍ତ ଅନାଦାୟ ଋଣକୁ ଏକାଠି କରାଯାଉ ବୋଲି ବିଦେଶୀ ନିବେଶକ ଚାହୁଁଛନ୍ତି। ଏହାଛଡ଼ା କ୍ଷୁଦ୍ର ଉଦ୍ୟୋଗୀଙ୍କୁ ଟିକସ ରିଫଣ୍ଡ ପ୍ରଦାନକୁ ତ୍ୱରାନ୍ୱିତ କରିବାକୁ ହେବ ବୋଲି ସେ କହିଛନ୍ତି। ମୋଦି ସରକାର ଅର୍ଥନୀତି ସଜାଡିବାକୁ ବିଶେଷ କିଛି କରିପାରିବେ ନାହିଁ ବୋଲି ଉଲ୍ଲେଖ କରି ପ୍ରଖ୍ୟାତ ନିବେଶଗୁରୁ ତଥା 'ଗ୍ରିଡ୍ ଆଣ୍ଡ ଫିୟର' ପୁସ୍ତକର ଲେଖକ କ୍ରିଷ୍ଟୋଫର ଉଡ଼ ଭାରତ ବଦଳରେ ଇଣ୍ଡୋନେସିଆରେ ନିବେଶ ଲାଗି ପରାମର୍ଶ ଦେଇଛନ୍ତି। କେବଳ ବିଦେଶୀ ନିବେଶକ ନୁହଁନ୍ତି ଦେଶର କର୍ପୋରେଟ ଜଗତ ମଧ୍ୟ ମାନ୍ଦାବସ୍ଥା ନେଇ ଚିନ୍ତିତ। ଦେଶର ସର୍ବବୃହତ କଞ୍ଜ୍ୟୁମର ଗୁଡ୍ସ ନିର୍ମାତା ହିନ୍ଦୁସ୍ଥାନ ୟୁନିଲିଭର ଲିମିଟେଡ ଅଧ୍ୟକ୍ଷ ସଞ୍ଜୀବ ମେହେଟା କହିଛନ୍ତି ଯେ, କମ୍ପାନୀର ସାବୁନ, ଶାମ୍ପୁ ବିକ୍ରି କମିଗଲାଣି। ଏହା ମାନ୍ଦାବସ୍ଥାର ସଙ୍କେତ ଦେଉଛି।

## ନାଲ୍‌କୋର ୧୭୩୨ କୋଟି ଟଙ୍କା ରେକର୍ଡ ନିଟ୍ ଲାଭ




- ଦଶନ୍ଧିରେ ସର୍ବାଧିକ
- ୧୦୭୨ କୋଟି ଟଙ୍କା ଲାଭାଂଶ ଘୋଷଣା

ଭୁବନେଶ୍ୱର,୧୮-୯

ନ୍ୟାଶନାଲ ଆଲୁମିନିୟମ କମ୍ପାନୀ ଲିମିଟେଡ (ନାଲ୍‌କୋ) ନିଟ୍ ଲାଭରେ ରେକର୍ଡ ହାସଲ କରିଛି। କମ୍ପାନୀ ୨୦୧୮-୧୯ ଆର୍ଥିକ ବର୍ଷରେ ଦଶନ୍ଧିରେ ସର୍ବାଧିକ ୧୭୩୨ କୋଟି ଟଙ୍କା ନିଟ୍ ଲାଭ କରିଥିବା ଏହାର ୩୮ ତମ ବାର୍ଷିକ ସାଧାରଣ ବୈଠକ ଅବସରରେ ସୂଚନା ଦେଇଛି। ସେହିଭଳି ଗତ ଆର୍ଥିକ ବର୍ଷରେ କମ୍ପାନୀ ରେକର୍ଡ ମୂଲ୍ୟର ୧୧୫% ଡିଭିଡେଣ୍ଡ ବା ୧୦୭୨.୭୩ କୋଟି ଟଙ୍କା ସମ୍ପର୍କରେ ଘୋଷଣା କରିଛି। ଏହା ୨୦୧୭-୧୮ ଆର୍ଥିକ ବର୍ଷରେ ୧୧୪% ରହିଥିଲା। ନୂଆଦିଲ୍ଲୀରେ ଅନୁଷ୍ଠିତ ଅଂଶୀଦାରଙ୍କ ବୈଠକରେ ଏହି ଡିଭିଡେଣ୍ଡ ପେଆଉଟ ପ୍ରସ୍ତାବକୁ ଗୃହୀତ କରାଯାଇଛି। ନାଲ୍‌କୋ ଏହାର ସ୍ଥାପନାଠାରୁ ବର୍ତ୍ତମାନ ଯାଏ ଟିକସ, ରୟାଲଟି ଏବଂ ଲାଭାଂଶ ଭାବେ ୩୨,୮୮୬ କୋଟି ଟଙ୍କା ପ୍ରଦାନ କରିଛି। ଏହା ମଧ୍ୟରେ କେନ୍ଦ୍ର ସରକାରଙ୍କୁ ୨୫,୯୧୭ କୋଟି ଏବଂ ରାଜ୍ୟ ସରକାରଙ୍କୁ ୬,୯୬୯ କୋଟି ଟଙ୍କା ପ୍ରଦାନ କରାଯାଇଛି। ଐକବଦ୍ଧ ଭାବେ କାର୍ଯ୍ୟ, ମିତବ୍ୟୟିତା ଉପରେ ଲକ୍ଷ୍ୟ ଏବଂ ବିଧିବଦ୍ଧ ଯୋଜନାକୁ ଏହି ଅବସରରେ କମ୍ପାନୀର ଅଧ୍ୟକ୍ଷ ତପନ କୁମାର ଚାନ୍ଦ ଶ୍ରେୟ ଦେଇଛନ୍ତି। ୨୦୧୮-୧୯ ଆର୍ଥିକ ବର୍ଷକୁ କମ୍ପାନୀ ଲାଗି ଏକ ସ୍ମରଣୀୟ ବର୍ଷ ଭାବେ ଉଲ୍ଲେଖ କରି ସେ କହିଛନ୍ତି ଯେ, ଉତ୍ପାଦନ, ଉତ୍ପାଦକତା, ଆର୍ଥିକ ଲାଭ ଏବଂ ମାନବ ସମ୍ବଳ ନିୟୋଜନ ପ୍ରତିଟି କ୍ଷେତ୍ରରେ ନାଲ୍‌କୋ ଉଲ୍ଲେଖନୀୟ ସଫଳତା ହାସଲ କରିଛି।

## ଶୀଘ୍ର ସୁଧାର ସମ୍ଭାବନା କମ୍

### ଅଟୋ ଶିଳ୍ପରେ ମାନ୍ଦାବସ୍ଥା

ନୂଆଦିଲ୍ଲୀ,୧୮-୯

ଦେଶର ଅଟୋମୋବାଇଲ ଶିଳ୍ପ ବର୍ତ୍ତମାନ ମାନ୍ଦାବସ୍ଥା ଦେଇ ଗତି କରୁଥିବା ବେଳେ ଏହି ଶିଳ୍ପରେ ଏତେ ଶୀଘ୍ର ସ୍ଥିତାବସ୍ଥା ଆସିବାର ସମ୍ଭାବନା ନାହିଁ ବୋଲି ବଜାର ବିଶେଷଜ୍ଞମାନେ କହିଛନ୍ତି। ଚାହିଦା କମିବାରୁ ଅଟୋ ଶିଳ୍ପରେ ମାନ୍ଦାବସ୍ଥା ଲାଗି ରହିଥିବା ବେଳେ ସାରା ଦେଶରେ ଅନେକ ଲୋକଙ୍କ ନିଯୁକ୍ତି ଚାଲିଯାଇଛି। ଅଟୋମୋବାଇଲ ଶିଳ୍ପ ୨୮% ଜିଏସ୍‌ଟିକୁ ହ୍ରାସ କରି ୧୮%କୁ ଆଣିବା ନେଇ ଦାବି ହେଉଛି। ଜିଏସ୍‌ଟି ହ୍ରାସ ନେଇ ଶିଳ୍ପ ଆଶାବାଦୀ ଥିବା ବେଳେ ଏହା କମିବ ନାହିଁ ବୋଲି ଜଣାପଡିଛି। ଶୁକ୍ରବାର ଜିଏସ୍‌ଟି ପରିଷଦ ବୈଠକ ବସିବାକୁ ଥିବା ବେଳେ ଅଟୋମୋବାଇଲ ଶିଳ୍ପ ବିସ୍କୁଟ ସହ ଅନ୍ୟ ସାମଗ୍ରୀ ଉପରେ ଜିଏସ୍‌ଟି ହ୍ରାସ ପ୍ରସ୍ତାବକୁ ଅଗ୍ରାହ୍ୟ କରି ଦେଇଛି। ମାତ୍ର ହୋଟେଲ ଶିଳ୍ପ ଉପରେ ଜିଏସ୍‌ଟି କମାଇବା ଉପରେ କମିଟି ସହମତି ପ୍ରକାଶ କରିଛି। ଜିଏସ୍‌ଟି ହ୍ରାସ ନିଷ୍ପତ୍ତି ଦ୍ୱାରା କେନ୍ଦ୍ର ଏବଂ ରାଜ୍ୟଗୁଡିକର ଟିକସ ସଂଗ୍ରହରେ ପ୍ରଭାବ ପଡିବ। ଏହାକୁ ବିଚାର କରି ଟିକସ ହ୍ରାସ କରିବା ସପକ୍ଷରେ କମିଟି ନ ଥିବା ଜଣା ପଡିଛି। ଏଣୁ ଆଗାମୀ ଦିନରେ ଅଟୋ ଶିଳ୍ପରେ ଶୀଘ୍ର ସୁଧାର ଆସିବାର ସମ୍ଭାବନା ନ ଥିବା ବିଶେଷଜ୍ଞ କହିଛନ୍ତି। ଗତ ୩ ତ୍ରୈମାସ ଧରି ଅଟୋମୋବାଇଲ ଶିଳ୍ପରୁ ଜିଏସ୍‌ଟି ହ୍ରାସ ନେଇ ଫିଟ୍‌ମେଣ୍ଟ କମିଟି ବିଚାର କରୁଛି। ଦେଶରେ ସଂଗ୍ରହ ହେଉଥିବା ମୋଟ ଜିଏସ୍‌ଟିରେ ଅଟୋ ଶିଳ୍ପର ଅଂଶ ୫୦ରୁ ୬୦ ହଜାର କୋଟି ଟଙ୍କା ରହିଛି। ଏହି ଶିଳ୍ପ ଉପରୁ ଜିଏସ୍‌ଟି କମାଇଲେ ଏହା ରାଜସ୍ୱକୁ ପ୍ରଭାବିତ କରିବ ବୋଲି ଫିଟମେଣ୍ଟ କମିଟି ଯୁକ୍ତି ବାଢିଛି।

# ଅବସରକାଳୀନ ପାଣ୍ଠି ନିବେଶରେ ମୂଳଧନ ସୁରକ୍ଷାକୁ ଦେଖନ୍ତୁ

## ଅର୍ଥର ଅର୍ଥ



Rupkumar Pradhan
CERTIFIED FINANCIAL PLANNER[CM], CHARTERED WEALTH MANAGER
"Director, SmartFin Wealth Management Pvt. Ltd."

'ଧରିତ୍ରୀ' ପକ୍ଷରୁ 'ଅର୍ଥର ଅର୍ଥ' ଶୀର୍ଷକ ଫାଇନାନ୍‌ସିଆଲ କାଉନ୍‌ସେଲିଂ ପ୍ରଶ୍ନୋତ୍ତର ସ୍ତମ୍ଭ ଗୁରୁବାର ପ୍ରକାଶ ପାଉଛି। ତେଣୁ ଆମର ପ୍ରିୟ ପାଠକବନ୍ଧୁ ଆପଣ କ୍ୟାପିଟାଲ ମାର୍କେଟ, ଶେୟାର ବଜାର, ବ୍ୟାଙ୍କିଙ୍ଗ୍, ମ୍ୟୁଚୁଆଲ ଫଣ୍ଡ ତଥା ବ୍ୟକ୍ତିଗତ ଫାଇନାନ୍ସ ଉପରେ ପ୍ରଶ୍ନ ଆମକୁ ଚିଠି ମାଧ୍ୟମରେ ପଚାରି ପାରିବେ।

**୨ ବର୍ଷ ପରେ ଅବସର ଗ୍ରହଣ କରିବି। ଏହା ପରେ ମିଳୁଥିବା ଅବସରକାଳୀନ ପାଣ୍ଠିକୁ ଏକ ସୁରକ୍ଷିତ ସ୍କିମ୍‌ରେ ନିବେଶ କରିବାକୁ ଚାହୁଁଛି। ଏହା ଦ୍ୱାରା ମାସିକ ଆୟ ପାଇବା ପାଇଁ ଚାହୁଁଛି?**

**– ଜଗବନ୍ଧୁ ମିଶ୍ର, ସମ୍ବଲପୁର**

▶ ଅବସରକାଳୀନ ପାଣ୍ଠି ନିବେଶ ସମୟରେ ମୂଳଧନର ସୁରକ୍ଷା ଓ ମୁଦ୍ରାସ୍ଫୀତିର ପ୍ରଭାବକୁ ଦୃଷ୍ଟି ଦେବା ନିହାତି ଜରୁରୀ। ଆପଣଙ୍କ ଅବସରକାଳୀନ ପାଣ୍ଠି ନିବେଶ ୩ଟି ଦିଗ ଉପରେ ନିର୍ଭର କରିଥାଏ। ଏଗୁଡିକ ହେଲା ମାସିକ ଖର୍ଚ୍ଚ, ଅବସରକାଳୀନ ପାଣ୍ଠି ଓ ବୟସ । ଏହି ସବୁ ଦିଗକୁ ଦେଖି ଅବସରକାଳୀନ ପାଣ୍ଠିରେ ନିବେଶ କରାଯାଏ । ଏହା ଅନୁଯାୟୀ ନିବେଶ ପୋର୍ଟଫୋଲିଓ ପ୍ରସ୍ତୁତ କରିବାକୁ ପଡିବ। ଉଦାହରଣ ସ୍ୱରୂପ ଆପଣଙ୍କ ବୟସ ୬୫, ମାସିକ ୧୦,୦୦୦ ଟଙ୍କା ଖର୍ଚ୍ଚର ଆବଶ୍ୟକତା ରହିଛି। ୫ କୋଟି ଟଙ୍କାର ଅବସରକାଳୀନ ପାଣ୍ଠି ଅଛି। କିନ୍ତୁ ଯଦି ଆପଣଙ୍କ ବୟସ ୫୫ ବର୍ଷ, ମାସିକ ମାସିକ ୧ ଲକ୍ଷ ଟଙ୍କାର ଖର୍ଚ୍ଚ ଆବଶ୍ୟକତା ଓ ୨ କୋଟି ଟଙ୍କା ଅବସରକାଳୀନ ପାଣ୍ଠି ଅଛି ତେବେ ଏ କ୍ଷେତ୍ରରେ ନିବେଶ ପୋର୍ଟଫୋଲିଓ ସୁପାରିସ ଭିନ୍ନ ହେବ।

ବର୍ତ୍ତମାନ ଆପଣଙ୍କ ଅବସରକାଳୀନ ପାଣ୍ଠିକୁ ନିବେଶ କରିବେ ଯାହାକି ସୁରକ୍ଷିତ ସ୍କିମ ହେବ। ଅର୍ଥାତ୍ ଏକ ସମୟରେ ଯାହା ନିରାପଦ ଓ ସୁରକ୍ଷିତ ତାହା ପରବର୍ତ୍ତୀ ସମୟରେ ରିସ୍କ ହୋଇଯାଇପାରେ। ମୁଦ୍ରାସ୍ଫୀତିର ପ୍ରଭାବରେ ଆପଣଙ୍କ ଅବସରକାଳୀନ ପାଣ୍ଠିର କ୍ରୟ କରିବା ଶକ୍ତି କମିଯିବ। ସବୁଠାରୁ ମୁଖ୍ୟ ପ୍ରଶ୍ନ ହେଉଛି ଆପଣଙ୍କ ଅବସରକାଳୀନ ପାଣ୍ଠି ଆପଣଙ୍କର କିପ୍ରକାରର ଦୈନିକ ଜୀବନଶୈଳୀ ଖର୍ଚ୍ଚ(ଅର୍ଥାତ୍ ମୁଦ୍ରାସ୍ଫୀତି ପ୍ରଭାବୀ ଖର୍ଚ୍ଚ)କୁ ସହାୟକ ହେବ? ଆପଣଙ୍କ ମାସିକ ଖର୍ଚ୍ଚ ବିଷୟରେ ଜଣାଇ ନାହାନ୍ତି। ଅବସରକାଳୀନ ପାଣ୍ଠିକୁ ନିବେଶ କରି ମାସିକ ଆୟ ପାଇବା ସହିତ ମୁଦ୍ରାସ୍ଫୀତିର ପ୍ରଭାବ ଆୟକର ପ୍ରଭାବ ସହିତ ଜୀବନର ଶେଷ ପର୍ଯ୍ୟନ୍ତ ମାସିକ ଆୟ ବଜାୟ ରଖିବା ଏକ ଜଟିଳ ନିବେଶ ପକ୍ରିୟା। ଏ କ୍ଷେତ୍ରରେ ଆପଣ ଜଣେ ଚାର୍ଟାର୍ଡ ୱେଲଥ ମ୍ୟାନେଜର କିମ୍ବା ସାର୍ଟିଫାଏଡ ଫାଇନାସିଆଲ ପ୍ଲାନରଙ୍କ ପରାମର୍ଶ ଓ ଆଲୋଚନା କରି ନିବେଶ କରିବା ଉଚିତ ହେବ।

### ତଫାତ୍ କ'ଣ ବୁଝିନିଅନ୍ତୁ

| ଦୈନିକ ଶେୟାର କିଣାବିକା | ଦୀର୍ଘକାଳୀନ ନିବେଶ |
|---|---|
| ଏହା ଦୈନିକ ହିସାବରେ ପୁଞ୍ଜିବଜାରରେ ଶେୟାର ବା ଷ୍ଟକ୍ କିଣିବିକା କରିବା ଆବଶ୍ୟକତା ଅଛି। | ଏହା ଦୀର୍ଘକାଳୀନ ନିବେଶ ହିସାବରେ ଶେୟାର କିଣାଯାଏ। |
| ଏହା ସମୟ ସାପେକ୍ଷ। ଜଣେ ଟ୍ରେଡ଼ର ଦୈନିକ କିଛି ଘଣ୍ଟା ସମୟ ନିହାତି ଦେବାକୁ ପଡିବ। | କିଛି ବ୍ୟବଧାନରେ ଶେୟାର ମୂଲ୍ୟ କିପରି ଆଗକୁ ଯାଉଛି ଦୃଷ୍ଟି ଦେବା ଦରକାର କିନ୍ତୁ ଏହା ପ୍ରତି ମିନିଟକୁ ମିନିଟ କରାଯାଏ ନାହିଁ। |
| ଏହା ବେଳେବେଳେ ଅଧିକ କ୍ଷତି ହେବାର ସମ୍ଭାବନା ଅଛି। କ୍ଷତି ଲାଭ ହେବା ଠାରୁ ଅଧିକ। ତେଣୁ ଏହା ଅଧିକ ରିସ୍କ। | ଦୀର୍ଘକାଳୀନ ନିବେଶରେ ମଧ୍ୟ ରିସ୍କ ଅଛି। କିନ୍ତୁ ଦୈନିକ ଶେୟାର ଟ୍ରେଡିଂ ଠାରୁ ବହୁତ କମ। |
| ଦୈନିକ ଶେୟାର କିଣାବିକା ଏକ ଦକ୍ଷତା। ଏହା ସମସ୍ତଙ୍କ ଦ୍ୱାରା ହୋଇପାରିବା ନାହିଁ। | ଦୀର୍ଘକାଳୀନ ନିବେଶ ସମସ୍ତେ କରିପାରିବେ। ଖୁଚୁରା ନିବେଶକାରୀ ସର୍ବଦା ଦର୍ଘକାଳୀନ ନିବେଶ କରିବା ଉଚିତ। |

**ଜଣେ ବନ୍ଧୁ ଏକ ଶେୟାର ବୋକିଙ୍ଗ କମ୍ପାନୀରେ କାମ କରୁଛନ୍ତି। ଡିମାଟ ଆକାଉଣ୍ଟ ଓ ଟ୍ରେଡିଙ୍ଗ ଆକାଉଣ୍ଟ ଖୋଲି ଶେୟାର କିଣାବିକା କରିବା ପାଇଁ ସେ ପରାମର୍ଶ ଦେଇଛନ୍ତି। ପ୍ରତିଦିନ ଶେୟାର କିଣାବିକା ଓ ଦୀର୍ଘକାଳୀନ ନିବେଶ ଭିତରେ ତଫାତ କ'ଣ ଅଛି। ମୋ କ୍ଷେତ୍ରରେ କ'ଣ କରିବା ଉଚିତ ହେବ?**

**– ସୋନାଲି ସାହୁ, ପୁରୀ**

▶ ସବୁଠାରୁ ପ୍ରଥମ ଓ ମୁଖ୍ୟ ଦିଗ ହେଉଛି ଦୈନିକ ଶେୟାର କିଣାବିକା କେବେ ବି ନିବେଶ ସହିତ ସମାନ ନୁହେଁ। ଦୈନିକ ଶେୟାର କିଣାବିକା ନାମ ଅନୁସାରେ ଏହା ସୂଚିତ କରୁଛି ଯେ, ଏହାର ମୌଳିକ ଶେୟାର କିଣାବିକା କ୍ଷେତ୍ରରେ ଶେୟାର କିଣିବା ସେହି ଦିନ ହିଁ କରିବାକୁ ପଡିବ। ଏହା ସବୁଠାରୁ ରିସ୍କ। ଯେଉଁମାନେ ଏ କ୍ଷେତ୍ରରେ ଏକଦମ୍ ନୂଆ ତାଙ୍କ ଏହା ଅଧିକ ରିସ୍କ ଓ ଏହି କିଣାବିକାରୁ ଲାଭ ପାଇବା ପାଇଁ ଏକ ଗବେଷଣା ଓ ଆବେଗପ୍ରଦାନ ଦିଗ ସହିତ ଏକ ରଣନୀତି ଅନୁଯାୟୀ କିଣାବିକା କରିବାକୁ ପଡ଼ିବ।

ଏଠାରେ ଦିଆଯାଇଥିବା ଟେବୁଲକୁ ଦେଖିଲେ ବୁଝିପାରିବେ।

**– ମ୍ୟୁଚୁଆଲ ଫଣ୍ଡ ଏସ୍‌ଆଇପିରେ ୩୬ ବର୍ଷ ପର୍ଯ୍ୟନ୍ତ ମାସିକ ୧୫୦୦ ଟଙ୍କା ନିବେଶ କରିବା ଦ୍ୱାରା କେତେ ପାଣ୍ଠି ଗଠନ ହୋଇପାରିବେ?**

**–ପୂଜା ସ୍ୱାଇଁ, ବାଲେଶ୍ୱର**

▶ ଆପଣ ମ୍ୟୁଚୁଆଲ ଫଣ୍ଡ ଏସ୍‌ଆଇପି (ସିଷ୍ଟମେଟିକ ଇନଭେଷ୍ଟମେଣ୍ଟ ପ୍ଲାନ୍)ରେ ମାସିକ ୧୫୦୦ ଟଙ୍କା ୩୬ ବର୍ଷ (୪୩୨ ମାସ) ନିବେଶ କରନ୍ତି ଓ ଧରିନେବା ୧୨ ବାର୍ଷିକ ସୁଧହାର ତେବେ ଆପଣ ୧.୦୯ କୋଟି ଟଙ୍କାର ଏକ ପାଣ୍ଠି ଗଠନ କରିପାରିବେ।

ଆମ ଠିକଣା
ବିଜ୍‌ନେସ ଧରିତ୍ରୀ
ଧରିତ୍ରୀ, ବି-୧୫, ରସୁଲଗଡ ଶିଳ୍ପାଞ୍ଚଳ,
ଭୁବନେଶ୍ୱର - ୧୦



❝ ବେଲଜିଆନ୍ ଓପନ୍ ଜିତିବା ପରେ ମୋର ଆତ୍ମବିଶ୍ୱାସ ବହୁତ ବଢ଼ିଯାଇଛି। ଏହା ମୋତେ ଆଗାମୀ ଟୁର୍ନାମେଣ୍ଟରେ ଉନ୍ନତ ପ୍ରଦର୍ଶନ କରିବାରେ ସହାୟକ ହେବ।

**-ଲକ୍ଷ୍ୟ ସେନ୍, ଭାରତୀୟ ବ୍ୟାଡ୍‌ମିଣ୍ଟନ ଖେଳାଳି**



❝ ଷ୍ଟିଭ ସ୍ମିଥ୍ ଯଦି ଭାରତୀୟ ହୋଇଥାନ୍ତେ ତେବେ ତାଙ୍କ ଅଣପାରମ୍ପରିକ ବ୍ୟାଟିଂ ଶୈଳୀକୁ ନେଇ ପ୍ରଶ୍ନବାଚୀ ଉଠି ନ ଥାନ୍ତା ଓ ଏହାକୁ ଗ୍ରହଣ କରାଯାଇଥାନ୍ତା ।

**-ଟ୍ରେଣ୍ଟ ଉଡ୍‌ହିଲ, ସ୍ମିଥ୍‌ଙ୍କ ପିଲାଦିନ କୋଚ୍**

## ସଂକ୍ଷେପରେ

### ଦିଲ୍ଲୀ ଦଳରେ ପନ୍ତ, ସାଇନି

ନୂଆଦିଲ୍ଲୀ, ୧୮।୯ (ପି.ଟି.): ଭାରତୀୟ କ୍ରିକେଟ୍ କଣ୍ଟ୍ରୋଲ ବୋର୍ଡ (ବିସିସିଆଇ) ଆନୁକୂଲ୍ୟରେ ଆସନ୍ତା ୨୪ରୁ ଆରମ୍ଭ ହେବାକୁ ଥିବା ଦିନିକିଆ ଟୁର୍ନାମେଣ୍ଟ ବିଜୟ୍ ହଜାରେ ଟ୍ରଫି ଲାଗି ବୁଧବାର ଦିଲ୍ଲୀ ଦଳ ଘୋଷଣା କରାଯାଇଛି। ଧ୍ରୁବ ସୋରୀଙ୍କ ନେତୃତ୍ୱରେ ପ୍ରଥମ ୪ ମ୍ୟାଚ୍ ଲାଗି ଘୋଷିତ ୧୬ ଜଣିଆ ଦଳରେ ଯୁବ ଉଇକେଟ୍‌କିପର ରିଷଭ ପନ୍ତ ଓ ଦ୍ରୁତ ବୋଲର ନବଦୀପ ସାଇନିଙ୍କୁ ସ୍ଥାନ ମିଳିଛି। ପନ୍ତ ଓ ସାଇନି ପ୍ରାରମ୍ଭିକ ପର୍ଯ୍ୟାୟରେ କେତୋଟି ମ୍ୟାଚ୍ ଲାଗି ଦିଲ୍ଲୀ ପାଇଁ ଉପଲବ୍ଧ ହେବେ ବୋଲି ଜଣାପଡ଼ିଛି। 'ଜାତୀୟ ଡ୍ୟୁଟି ପୂର୍ବରୁ ପନ୍ତ ଅତିକମ୍‌ରେ ୨ରୁ ୩ ମ୍ୟାଚ୍ ଖେଳିବେ ବୋଲି ଆଶା କରାଯାଉଛି। ରିଷଭ ମଧ ନିଜେ ଏହି ପ୍ରତିଯୋଗିତା ଖେଳିବା ପାଇଁ ଆଗ୍ରହ ପ୍ରକାଶ କରିଛନ୍ତି' ବୋଲି ଦିଲ୍ଲୀ ସିନିୟର ଚୟନ କମିଟି ଅଧ୍ୟକ୍ଷ ଅତୁଲ ୱାସନ କହିଛନ୍ତି। ଭାରତ ଓ ଦକ୍ଷିଣ ଆଫ୍ରିକା ମଧ୍ୟରେ ପ୍ରଥମ ଟେଷ୍ଟ ସେପ୍ଟେମ୍ବର ୨୯ରୁ ବିଶାଖାପଟନମରେ ଆରମ୍ଭ ହେବ। ଉଭୟ ପନ୍ତ ଓ ସଇନି ଭାରତୀୟ ଦଳର ସଦସ୍ୟ ରହିଛନ୍ତି। ତେଣୁ ବିଜୟ୍ ହଜାରେ ଟ୍ରଫିର ପ୍ରାରମ୍ଭିକ ପର୍ଯ୍ୟାୟରେ ଦିଲ୍ଲୀ ପାଇଁ କିଛି ମ୍ୟାଚ୍‌ରେ ଖେଳିବେ। ଅପରପକ୍ଷରେ ପାରିବାରିକ କାରଣ ଲାଗି ଅଷ୍ଟ୍ରେଲିଆ ଯିବାକୁ ଥିବାରୁ ଶିଖର ଧାୱନ ପ୍ରାରମ୍ଭରୁ ଦିଲ୍ଲୀ ଦଳ ସହ ଅନୁପସ୍ଥିତ ରହିବେ ବୋଲି ଜଣାପଡ଼ିଛି। ଚଳିତ ୨୪ରେ ବିଦର୍ଭ ବିପକ୍ଷରେ ଖେଳି ବିଜୟ୍ ହଜାରେ ଟ୍ରଫିରେ ଦିଲ୍ଲୀ ଏହାର ଅଭିଯାନ ଆରମ୍ଭ କରିବ।

### ପାକିସ୍ତାନ ଖେଳାଳିଙ୍କୁ ବିରିୟାନି ମନା

କରାଚୀ, ୧୮।୯: ଚଳିତ ବର୍ଷ ଇଂଲଣ୍ଡରେ ଅନୁଷ୍ଠିତ ଆଇସିସି ବିଶ୍ୱକପ୍‌ରେ ପାକିସ୍ତାନ ଦଳର ଖେଳାଳିଙ୍କୁ ଫିଟ୍‌ନେସ ପାଇଁ ବହୁ ସମାଲୋଚିତ ହେବାକୁ ପଡ଼ିଥିଲା। ଖେଳାଳିଙ୍କ ଫିଟ୍‌ନେସ ସୁଧାରିବା ଲାଗି ନୂଆକରି କୋଚ୍ ଓ ମୁଖ୍ୟ ଚୟନକର୍ତ୍ତା ଦାୟିତ୍ୱ ସମ୍ଭାଳିଥିବା ପୂର୍ବତନ ଅଧିନାୟକ ମିସ୍‌ବା ଉଲ ହକ ଏକ ବଡ଼ ପଦକ୍ଷେପ ନେଇଛନ୍ତି। ଦେଶର କ୍ରିକେଟରଙ୍କୁ ବିରିୟାନି ଖାଇବାକୁ ମନା କରିଛନ୍ତି। କେବଳ ଏତିକି ନୁହେଁ, ରେଡ୍ ମିଟ୍ ଓ ବିଭିନ୍ନ ନନ୍‌ଭେଜ ଆଇଟମକୁ ଦେଶର ଘରୋଇ ଟୁର୍ନାମେଣ୍ଟ ଓ ଜାତୀୟ କ୍ୟାମ୍ପରେ ଅଂଶଗ୍ରହଣ କରୁଥିବା ଖେଳାଳିଙ୍କ ଡାଏଟ୍‌ରୁ ହଟାଇ ଦେଇଛନ୍ତି। ବିଶ୍ୱକପ୍‌ରେ ଭାରତୀୟ ଦଳଠାରୁ ଶୋଚନୀୟ ପରାଜୟ ପରେ ବହୁ ପ୍ରଶଂସକ ଭାରତୀୟ ଅଧିନାୟକ ବିରାଟ କୋହଲିଙ୍କ ସହ ସର୍ଫରାଜ ଅହମ୍ମଦଙ୍କୁ ତୁଳନା କରି ସମାଲୋଚନା କରିଥିଲେ। ମିସ୍‌ବା ଘରୋଇ ଟୁର୍ନାମେଣ୍ଟ ଖେଳୁଥିବା ଖେଳାଳିଙ୍କ ଡାଏଟରୁ ଗରିଷ୍ଠ ଖାଦ୍ୟ ହଟାଇବାକୁ ନିର୍ଦ୍ଦେଶ ଦେଇଛନ୍ତି। ଏଥିଯୋଗୁ ଖେଳାଳିଙ୍କୁ ଆଉ ବିରିୟାନି କିମ୍ବା ଅତ୍ୟଧିକ ତେଲଯୁକ୍ତ ରେଡ୍ ମିଟ୍ କିମ୍ବା ମିଠା ଆଇଟମ ମିଳିବ ନାହିଁ। କେବଳ ନିରାମିଷ ଆଇଟମ ଓ ପାସ୍ତା ସହ ବିଭିନ୍ନ ପ୍ରକାର ଫଳ ଖାଇବାକୁ ଦିଆଯିବ।

■ ଏଫ୍‌ଆଇଏଚ୍ ହକି ଅଲିମ୍ପିକ୍ କ୍ୱାଲିଫାୟର୍ସ

# ଅନ୍‌ଲାଇନ୍ ଟିକେଟ ବିକ୍ରି ଆରମ୍ଭ

ଭୁବନେଶ୍ୱର, ୧୮।୯(କ୍ରୀଡ଼ା ପ୍ରତିନିଧି)

ସ୍ଥାନୀୟ କଳିଙ୍ଗ ଷ୍ଟାଡିୟମରେ ନଭେମ୍ବର ୧ ଓ ୨ ତାରିଖରେ ଏଫ୍‌ଆଇଏଚ୍ ହକି ଅଲିମ୍ପିକ୍ କ୍ୱାଲିଫାୟର୍ସ ଅନୁଷ୍ଠିତ ହେବ। ଏହାର ମହିଳା ବିଭାଗରେ ଭାରତ ଓ ଆମେରିକା ଏବଂ ପୁରୁଷରେ ଭାରତ ଓ ରୁଷିଆ ମଧ୍ୟରେ ମୁକାବିଲା ହେବ। ଏହି ୨ ମ୍ୟାଚରେ ଭଲ ପ୍ରଦର୍ଶନ କରି ଭାରତୀୟ ମହିଳା ଓ ପୁରୁଷ ଦଳ ୨୦୨୦ ଟୋକିଓ ଅଲିମ୍ପିକ୍ସ ପାଇଁ ଯୋଗ୍ୟତା ଅର୍ଜନ ଲକ୍ଷ୍ୟରେ ରହିଛି। ଏହି ସମ୍ମାନଜନକ ପ୍ରତିଯୋଗିତା ପାଇଁ ଅନ୍ତର୍ଜାତୀୟ ହକି ଫେଡେରେଶନ ଓ ହକି ଇଣ୍ଡିଆ ପକ୍ଷରୁ ବୁଧବାରଠାରୁ ଅନ୍‌ଲାଇନ୍ ଟିକେଟ ବିକ୍ରି ଆରମ୍ଭ ହୋଇଛି। ଟିକେଟ https://in.ticketgenie.in/Tickets/FIH-Hockey-Olympic-Qualifiers-Odisha ରେ ଉପଲବ୍ଧ। ଅଲିମ୍ପିକ୍ କ୍ୱାଲିଫାୟର୍ସ ପାଇଁ ସାଉଥ୍ ଓ ନର୍ଥ ଷ୍ଟାଣ୍ଡର ମୂଲ୍ୟ ୨୦୦ଟଙ୍କା ଲେଖାଏ ଏବଂ ଇଷ୍ଟ ଷ୍ଟାଣ୍ଡର ମୂଲ୍ୟ ୩୦୦ ଟଙ୍କା ଧାର୍ଯ୍ୟ କରାଯାଇଛି। ୱେଷ୍ଟଷ୍ଟାଣ୍ଡ ଗ୍ୟାଲେରିର ମୂଲ୍ୟ ବର୍ତ୍ତମାନ ଉପଲବ୍ଧ ନାହିଁ ବୋଲି ଦର୍ଶାଯାଉଛି।

ଭାରତୀୟ ପୁରୁଷ ଦଳ ସମ୍ପ୍ରତି ବିଶ୍ୱ ର୍‍ୟାଙ୍କିଙ୍ଗ୍‌ର ୫ମ ସ୍ଥାନରେ ଥିବାବେଳେ ରୁଷିଆ ୨୨ତମ ସ୍ଥାନରେ ରହିଛି। ସେହିପରି ଭାରତୀୟ ମହିଳା ଦଳ ୯ମ ସ୍ଥାନରେ ଥିବାସ୍ଥଳେ ପ୍ରତିଦ୍ୱନ୍ଦ୍ୱୀ ଆମେରିକା ୧୩ତମ ସ୍ଥାନରେ ଅଛି। ୨ଟି ମ୍ୟାଚର ଗୋଲ ସ୍କୋର ଭିତ୍ତିରେ ବିଜେତା ନିର୍ଣ୍ଣିତ ହେବ ଏବଂ ସେହି ଦଳ ଟୋକିଓ ଅଲିମ୍ପିକ୍ସ ପାଇଁ ଯୋଗ୍ୟତା ଅର୍ଜନ କରିବ। ଦୁଇ ଦିନଯାକ ମ୍ୟାଚ ସମାନ ସମୟରେ ଅନୁଷ୍ଠିତ ହେବ। ମହିଳା ବିଭାଗ ମ୍ୟାଚ ସନ୍ଧ୍ୟା ୬ଟା ଏବଂ ପୁରୁଷ ବିଭାଗ ମ୍ୟାଚ ରାତି ୮ଟାରେ ଅନୁଷ୍ଠିତ ହେବ। ଅନ୍‌ଲାଇନ୍ ଟିକେଟ ରିଡମ୍ପଶନ ତାରିଖ ପରେ ଘୋଷଣା କରାଯିବ ବୋଲି ହକି ଇଣ୍ଡିଆ ପକ୍ଷରୁ ପ୍ରକାଶ କରାଯାଇଛି।

ଅନ୍‌ଲାଇନ୍ ଟିକେଟ ଶୁଭାରମ୍ଭ ଅବସରରେ ହକି ଇଣ୍ଡିଆ ସଭାପତି ମହମ୍ମଦ ମୁସ୍ତାକ କହିଲେ ଯେ, ''ଏଫଆଇଏଚ୍ ହକି ଅଲିମ୍ପିକ୍ କ୍ୱାଲିଫାୟର୍ସ ଆମ ସିନିୟର ମହିଳା ଓ ପୁରୁଷ ଦଳପାଇଁ ଏକ ଗୁରୁତ୍ୱପୂର୍ଣ୍ଣ ଟୁର୍ନାମେଣ୍ଟ। ତେଣୁ ଦେଶର କ୍ରୀଡ଼ାପ୍ରେମୀମାନେ ଅନ୍‌ଲାଇନ୍ ଟିକେଟ କ୍ରୟ କରି ଭୁବନେଶ୍ୱରସ୍ଥିତ କଳିଙ୍ଗ ଷ୍ଟାଡିୟମରେ ଉପସ୍ଥିତ ରହିବା ସହ ଆମ ଦଳକୁ ଉତ୍ସାହିତ କରିବେ ବୋଲି ମୁଁ ଆଶା କରୁଛି। ଭାରତୀୟ ଦଳକୁ ସ୍ଥାନୀୟ ଦର୍ଶକଙ୍କ ସମର୍ଥନ ଯେ ମିଳିବ ଏଥିରେ ଦ୍ୱିମତ ନାହିଁ। ମାତ୍ର ଅନ୍‌ଲାଇନ୍‌ରେ ଟିକେଟ କ୍ରୟ କରି ଦେଶର ବିଭିନ୍ନ ଭାଗରେ ଥିବା କ୍ରୀଡ଼ାପ୍ରେମୀମାନେ ମଧ୍ୟ ଏହି ଗୁରୁତ୍ୱପୂର୍ଣ୍ଣ ମ୍ୟାଚ ସମୟରେ କଳିଙ୍ଗ ଷ୍ଟାଡିୟମରେ ଉପଲବ୍ଧ ହେବାନେଇ ଆଶା ରହିଛି''।



**ଟିକେଟ ମୂଲ୍ୟ**
- ■ ନର୍ଥ ଷ୍ଟାଣ୍ଡ: ୨୦୦ ଟଙ୍କା
- ■ ସାଉଥ ଷ୍ଟାଣ୍ଡ: ୨୦୦ ଟଙ୍କା
- ■ ଇଷ୍ଟ ଷ୍ଟାଣ୍ଡ: ୩୦୦ ଟଙ୍କା

**କାର୍ଯ୍ୟସୂଚୀ**
- ■ ନଭେମ୍ବର ୧(ମହିଳା ବିଭାଗ) ଭାରତ ବନାମ ଆମେରିକା, ସମୟ: ସନ୍ଧ୍ୟା ୬ଟା
- ■ ନଭେମ୍ବର ୧(ପୁରୁଷ ବିଭାଗ) ଭାରତ ବନାମ ରୁଷିଆ, ସମୟ: ରାତି ୮ଟା
- ■ ନଭେମ୍ବର ୨(ମହିଳା ବିଭାଗ) ଭାରତ ବନାମ ଆମେରିକା, ସମୟ: ସନ୍ଧ୍ୟା ୬ଟା
- ■ ନଭେମ୍ବର ୨(ପୁରୁଷ ବିଭାଗ) ଭାରତ ବନାମ ରୁଷିଆ, ସମୟ: ରାତି ୮ଟା

### ପ୍ରଦର୍ଶନୀ ମ୍ୟାଚ୍‌ରେ ଖେଳିବେ ଫେଡରର--ଡେଲ ପାଟ୍ରୋ

ପ୍ୟାରିସ୍, ୧୮।୯(ଏଏଫ୍‌ପି)

ଆର୍ଜେଣ୍ଟିନା ରାଜଧାନୀ ବୁଏନ୍ସ ଏରିଜ୍‌ଠାରେ ନଭେମ୍ବର ୨୦ ତାରିଖରେ ହେବାକୁ ଥିବା ଏକ ପ୍ରଦର୍ଶନୀ ମ୍ୟାଚ୍‌ରେ ରୋଜର ଫେଡରର ଓ ଜୁଆନ ମାର୍ଟିନ ଡେଲ ପାଟ୍ରୋ ପରସ୍ପରକୁ ଭେଟିବେ। ଆର୍ଜେଣ୍ଟିନା ଫେରି ବନ୍ଧୁ ଡେଲ ପାଟ୍ରୋଙ୍କ ସହ ଖେଳିବା ପାଇଁ ମୁଁ ବହୁତ ଉତ୍ସାହିତ ଅଛି ବୋଲି ଫେଡରର ଟୁଇଟରରେ ଅପଲୋଡ୍ ହୋଇଥିବା ଏକ ଭିଡିଓରେ କହିଛନ୍ତି। ପାର୍କ୍ୟୁ ରେକା ଷ୍ଟାଡିୟମର ଦକ୍ଷତା ପ୍ରାୟ ୧୫,୫୦୦। ଏହାକୁ ଡେଭିସ କପ୍ ବେଳେ ବ୍ୟବହାର କରାଯାଉଛି। ୨୦୦୯ ୟୁଏସ୍ ଓପନ ଚାମ୍ପିୟନ ଡେଲ ପାଟ୍ରୋ ଆଣ୍ଠୁରେ ଅସ୍ତ୍ରୋପଚାର କରାଇବା ପରେ କୋର୍ଟକୁ ଓହ୍ଲାଇ ନାହାନ୍ତି। ଆର୍ଜେଣ୍ଟିନାର ଏହି ୩୦ ବର୍ଷୀୟ ଖେଳାଳି ୨୦୧୮ ୟୁଏସ୍ ଓପନ୍‌ରେ ଉପବିଜେତା ହୋଇ ରହିଥିଲେ। ହେଲେ ଚଳିତ ବର୍ଷର ୟୁଏସ୍ ଓପନରେ ଖେଳି ନ ଥିଲେ। ଷ୍ଟକ୍‌ହୋମଠାରେ ହେବାକୁ ଥିବା ଏଟିପି ଟୁର୍ନାମେଣ୍ଟରେ ସେ କୋର୍ଟକୁ ଫେରିବା ନେଇ ଆଶା କରାଯାଉଛି।

## ସିଙ୍ଗଲ୍ସ, ଡବଲ୍ସ କ୍ୱାର୍ଟରରେ ପ୍ରମୋଦ

**ଥାଇଲାଣ୍ଡ ପାରା ବ୍ୟାଡ୍‌ମିଣ୍ଟନ**

ଭୁବନେଶ୍ୱର, ୧୮।୯(କ୍ରୀଡ଼ା ପ୍ରତିନିଧି)

ବ୍ୟାଙ୍କକ୍‌ର ହୁଆମାର୍କ ଇନ୍‌ଡୋର ଷ୍ଟାଡିୟମରେ ଚାଲିଥିବା ଥାଇଲାଣ୍ଡ ଅନ୍ତର୍ଜାତୀୟ ପାରା ବ୍ୟାଡ୍‌ମିଣ୍ଟନ ଚାମ୍ପିୟନଶିପ୍‌ର ଉଭୟ ପୁରୁଷ ସିଙ୍ଗଲ୍ସ ଓ ଡବଲ୍ସ କ୍ୱାର୍ଟର ଫାଇନାଲରେ ଓଡ଼ିଶାର ପ୍ରମୋଦ ଭଗତ ପ୍ରବେଶ କରିଛନ୍ତି। ପ୍ରତିଯୋଗିତାର ତୃତୀୟ ଦିବସରେ ବୁଧବାର ଅନୁଷ୍ଠିତ ପ୍ରି-କ୍ୱାର୍ଟର ଫାଇନାଲରେ ପ୍ରମୋଦ ମାଲେସିଆର ହୁଜାରୀ ଅବଦୁଲ ମାଲିକଙ୍କୁ ୨୧-୧୮, ୧୯-୨୧,୨୧-୧୫ ପଏଣ୍ଟରେ ପରାସ୍ତ କରିଛନ୍ତି। ରାଉଣ୍ଡ-୨ରେ ସେ ୟୁଏଇ(ୟୁନାଇଟେଡ ଆରବ ଏମିରେଟ୍ସ)ର ଫିରୋଜ ଶାହାଙ୍କୁ ୨୧-୧୨, ୨୧-୧୪ରେ ହରାଇ ଦେଇଥିଲେ। ଡବଲ୍ସରେ ମନୋଜ ସରକାରଙ୍କୁ ସାଥିକରି ଖେଳୁଥିବା ପ୍ରମୋଦ ଅଷ୍ଟ୍ରେଲିଆ ଯୋଡ଼ି ବୋଗନର ହେଡେନ ଓ ସୋନବନ୍‌ଙ୍କୁ ୨୧-୭, ୨୧-୯ରେ ହରାଇ କ୍ୱାର୍ଟର ଫାଇନାଲରେ ପହଞ୍ଚିଛନ୍ତି। ଭାରତ ପକ୍ଷରୁ ପ୍ରତିନିଧିତ୍ୱ କରୁଥିବା ଅନ୍ୟତମ ଓଡ଼ିଆ ଖେଳାଳି ଦୀପ ରଞ୍ଜନ ବିଶୋଇ ଓ ଦିଲେଶ୍ୱର ରାଓ ଡବଲ୍ସର ରାଉଣ୍ଡ-୨ରେ ହାରିଯାଇଛନ୍ତି। ସେହିପରି ସିଙ୍ଗଲ୍ସରେ ଦୀପ ରଞ୍ଜନ ରାଉଣ୍ଡ-୨ରେ ଏବଂ ଦିଲେଶ୍ୱର ପ୍ରି-କ୍ୱାର୍ଟରରେ ହାରି ବିଦାୟ ନେଇଛନ୍ତି।



ପ୍ରମୋଦ ଭଗତ ଏକ ରିଟର୍ନ ଶଟ ଖେଳୁଛନ୍ତି।

## ସୁପର ଓଭରରେ ଜିତିଲା ସେଣ୍ଟ କିଟ୍ସ

ସେଣ୍ଟ କିଟ୍ସ, ୧୮।୯

କାରବିୟନ ପ୍ରିମିୟର ଲିଗ (ସିପିଏଲ)ରେ ଅନୁଷ୍ଠିତ ଏକ ମ୍ୟାଚ୍‌ରେ ଅଧିନାୟକ କାର୍ଲୋସ ବ୍ରାଥୱେଟ୍‌ଙ୍କ ଅଲରାଉଣ୍ଡିଂ ପ୍ରଦର୍ଶନ ବଳରେ ସେଣ୍ଟ କିଟ୍ସ ଆଣ୍ଡ୍ ନେଭିସ ପାଟ୍ରିଅଟ୍ସ ସୁପର ଓଭରରେ ଟ୍ରିନବାଗୋ ନାଇଟ୍ ରାଇଡର୍ସକୁ ହରାଇ ଦେଇଛି। ଆମନ୍ତ୍ରଣ ପାଇ ବ୍ୟାଟିଂ କରିଥିବା ନାଇଟ୍ ରାଇଡର୍ସ ଦଳ ଧାର୍ଯ୍ୟ ୨୦ ଓଭରରେ ୪ ଉଇକେଟ ହରାଇ ୨୧୬ ରନ୍ କରିଥିଲା। ଦଳ ପାଇଁ ଲିଣ୍ଡଲ ସିମନ୍ସ ୯୦, କଲିନ ମୁନ୍‌ରୋ ୨୮, ଡାରେନ ବ୍ରାଭୋ ୨୪ ଓ ଜେମ୍ସ ନିଶାମ ୨୨ ରନ୍ କରିଥିଲେ। ବୋଲିଂରେ ସେଣ୍ଟ କିଟ୍ସ ଆଣ୍ଡ୍ ନେଭିସ ପାଟ୍ରିଅଟ୍ସ ପାଇଁ ଅଧିନାୟକ ବ୍ରାଥୱେଟ ୨ ଉଇକେଟ ନେଇଥିଲେ। ଜବାବରେ ଅଧିନାୟକ ବ୍ରାଥୱେଟ୍‌ଙ୍କ ବିସ୍ଫୋରକ ୬୪ ଓ ଇଭିନ ଲୁଇସଙ୍କ ୪୫ ରନ୍‌ର ଇନିଂସ ବଳରେ ଦଳ ସମସ୍ତ ଓଭର ବ୍ୟାଟିଂ କରି ୭ ଉଇକେଟ ହରାଇ ସମାନ ସ୍କୋର କରିଥିଲା। ଏଣୁ ମ୍ୟାଚ୍‌ର ଫଳାଫଳ ପାଇଁ ସୁପର ଓଭରର ସହାୟତା ନିଆଯାଇଥିଲା। ଏଥିରେ ନାଇଟ ରାଇଡର୍ସ ପକ୍ଷରୁ ବୋଲିଂ କରିଥିବା ଅଲି ଖାନଙ୍କ ଓଭରର ପ୍ରଥମ ଓ ୫ମ ବଲକୁ ବ୍ରାଥୱେଟ ଛକା ଲଗାଇଥିବାବେଳେ ୬ଷ୍ଠ ବଲରେ ୪ ରନ୍ ହାସଲ କରିଥିଲେ। ଓଭରରେ ଦୁଇଟି ସିଙ୍ଗଲ ରନ୍ ମଧ୍ୟ ହୋଇଥିଲା। ଫଳରେ ନାଇଟ୍ ରାଇଡର୍ସ ଆଗରେ ୧୯ ରନ୍‌ର ବିଜୟ ଲକ୍ଷ୍ୟ ଧାର୍ଯ୍ୟ ହୋଇଥିଲା। ଜବାବରେ ବ୍ରାଥୱେଟ୍‌ଙ୍କ ବୋଲିଂରେ ପ୍ରତିପକ୍ଷ ଟିକେଆର ମାତ୍ର ୬ ରନ୍ କରିପାରିଥିଲା।



କାର୍ଲୋସ ବ୍ରାଥୱେଟ

**ସଂକ୍ଷିପ୍ତ ସ୍କୋର**

ଟ୍ରିନିବାଗୋ ନାଇଟ୍ ରାଇଡର୍ସ(ଟିକେଆର)- ୨୦ ଓଭରରେ ୨୧୬/୪ (ଲିଣ୍ଡଲ ସିମନ୍ସ ୯୦, ଡାରେନ ବ୍ରାଭୋ ୨୪*, କଲିନ ମୁନ୍‌ରୋ ୨୮, କାର୍ଲୋସ ବ୍ରାଥୱେଟ ୨/୪୮)।
ସେଣ୍ଟ କିଟ୍ସ - ୨୦ ଓଭରରେ ୨୧୬/୭ (କାର୍ଲୋସ ବ୍ରାଥୱେଟ ୬୪, ଇଭିନ ଲୁଇସ ୪୫, ଆଣ୍ଡରସନ ଫିଲିପ ୩/୩୮, ଅଲି ଖାନ ୨/୨୭)।

## ତୁର୍କମେନିସ୍ତାନକୁ ହରାଇଲା ଭାରତ

ନୂଆଦିଲ୍ଲୀ, ୧୮।୯

ଉଜବେକିସ୍ତାନରେ ଚାଲିଥିବା ୨୦୨୦ ଏଏଫ୍‌ସି (ଏସିଆନ ଫୁଟ୍‌ବଲ କନ୍‌ଫେଡେରେଶନ) କପ୍ ଯୋଗ୍ୟତା ପର୍ଯ୍ୟାୟରେ ଭାରତ ବିଜୟରୁ ଅଭିଯାନ ଆରମ୍ଭ କରିଛି। ବୁଧବାର ଅନୁଷ୍ଠିତ ଗ୍ରୁପ୍-ବି'ର ଏକ ମ୍ୟାଚ୍‌ରେ ଭାରତୀୟ ଯୁବ ଦଳ ୫-୦ ଗୋଲରେ ଏକପାଖିଆ ଭାବେ ତୁର୍କମେନିସ୍ତାନକୁ ପରାସ୍ତ କରିଛି। ବିଜୟୀ ଦଳ ପକ୍ଷରୁ ସିଦ୍ଧାର୍ଥ ନୋଙ୍ଗମେଇକାପାମ (୪୧ତମ ଓ ୯୦+୨ତମ) ଡବଲ୍ ଗୋଲସ୍କୋର କରିଥିବାବେଳେ ଶୁଭୋ ପଲ (୨୪ତମ), ତାଇସନ ସିଂ (୫୨ତମ) ଓ ହିମାଂଶୁ ଜାଙ୍ଗ୍ରା (୮୮ତମ) ଗୋଟିଏ ଲେଖାଏ ବଲ୍ ପ୍ରତିପକ୍ଷ ନେଟ୍ସ ମଧ୍ୟକୁ ପଠାଇବାରେ ସଫଳ ହୋଇଥିଲେ। ଭାରତ ଓ ତୁର୍କମେନିସ୍ତାନ ବ୍ୟତୀତ ଏହି ଗ୍ରୁପ୍‌ରେ ବାହାରିନ ଓ ଆୟୋଜକ ଉଜବେକିସ୍ତାନ ରହିଛନ୍ତି।

■ ଇଣ୍ଡିପେଣ୍ଡେନ୍ସ କପ୍ ଅନ୍ତର୍ଜାତୀୟ ହ୍ୟାଣ୍ଡବଲ

## ଭାରତୀୟ ଦଳରେ ଓଡ଼ିଶାରୁ ୩

ଭୁବନେଶ୍ୱର, ୧୮।୯(କ୍ରୀଡ଼ା ପ୍ରତିନିଧି)

ଉଜବେକିସ୍ତାନର ତାସ୍‌କେଣ୍ଟଠାରେ ଚଳିତମାସ ୧୮ରୁ ୨୫ ପର୍ଯ୍ୟନ୍ତ ହେବାକୁଥିବା ୨୮ତମ ଇଣ୍ଡିପେଣ୍ଡେନ୍ସ କପ ଅନ୍ତର୍ଜାତୀୟ ହ୍ୟାଣ୍ଡବଲ ପ୍ରତିଯୋଗିତା ଅନୁଷ୍ଠିତ ହେବ। ଏଥିପାଇଁ ବୁଧବାର ଘୋଷିତ ଭାରତୀୟ ଦଳରେ ଓଡ଼ିଶାର ୩ ଖେଳାଳି ସ୍ଥାନ ପାଇଛନ୍ତି। ସେମାନେ ହେଲେ ଭୁବନେଶ୍ୱରର ଆର୍ଯ୍ୟନ ବ୍ରାହ୍ମିନ ଏବଂ ପୁରୀର ରଣଜିତ ମହାନ୍ତି ଓ ଆକାଶ କୁମାର ପଟ୍ଟନାୟକ। ପ୍ରତିଯୋଗିତାରେ ଭାଗ ନେବାପାଇଁ ଭାରତୀୟ ଦଳ ବୁଧବାର ଅମୃତସରରୁ ତାସକେଣ୍ଟ ଯାତ୍ରା କରିଛି। ପ୍ରକାଶ ଯୋଗ୍ୟ ଯେ, ଆର୍ଯ୍ୟନ ଓଡ଼ିଶାର ପ୍ରଥମ ଅନ୍ତର୍ଜାତୀୟ ହ୍ୟାଣ୍ଡବଲ ଖେଳାଳିଭାବେ ଗତ ୨ ବର୍ଷ ହେଲା ଭାରତୀୟ ଜୁନିୟର ଦଳରେ ସ୍ଥାନ ପାଇ ଆସୁଛନ୍ତି। ଆର୍ଯ୍ୟନଙ୍କ ସମେତ ଆକାଶ ଓ ରଣଜିତ ପ୍ରଥମଥରପାଇଁ ସିନିୟର ସ୍ତରରେ ଅନ୍ତର୍ଜାତୀୟ ପଦାର୍ପଣ କରିଛନ୍ତି। ଗତ ୨୮ ତାରିଖରେ ଲକ୍ଷ୍ନୌଠାରେ ଭାରତୀୟ ହ୍ୟାଣ୍ଡବଲ ଦଳର ଚୟନ ଶିବିର ଅନୁଷ୍ଠିତ ହୋଇଥିଲା। ସେଥିରେ ଓଡ଼ିଶାର ଏହି ୩ ଖେଳାଳି ପ୍ରଭାବୀ ପ୍ରଦର୍ଶନ କରି ଚୟନକର୍ତ୍ତାଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ରାଜ୍ୟ କ୍ରୀଡ଼ା ଇତିହାସରେ ନୂତନ ଫର୍ଦ୍ଦ ସଂଯୋଗ କରିଥିବା ଏହି ୩ ଖେଳାଳିଙ୍କୁ ଓଡ଼ିଶା ହ୍ୟାଣ୍ଡବଲ ଆସୋସିଏଶନ ସଭାପତି ସୟଦ ମକବୁଲ ଅଲ୍ଲୀ ଓ ସମ୍ପାଦକ ବୀରେନ ବେହେରା ଶୁଭେଚ୍ଛା ଜଣାଇଛନ୍ତି।



ରଣଜିତ ମହାନ୍ତି, ଆର୍ଯ୍ୟନ ବ୍ରାହ୍ମିନ ଓ ଆକାଶ କୁମାର ପଟ୍ଟନାୟକ।

### ଚର୍ଚ୍ଚାରେ ରୋନାଲ୍ଡୋଙ୍କ ମନ୍ତବ୍ୟ

ମାଡ୍ରିଡ୍, ୧୮।୯

ବର୍ତ୍ତମାନ ବିଶ୍ୱ ଫୁଟ୍‌ବଲର ଶ୍ରେଷ୍ଠ ଖେଳାଳି ବିବେଚିତ ହେଉଥିବା କ୍ରିଷ୍ଟିଆନୋ ରୋନାଲ୍ଡୋ ନିଜ ମଡେଲ ଗର୍ଲଫ୍ରେଣ୍ଡ ଜର୍ଜିନା ରୋଡ୍ରିଗୁଏଜଙ୍କ ସମ୍ପର୍କରେ ଏମିତି ଏକ ମନ୍ତବ୍ୟ ଦେଇଛନ୍ତି, ଯାହାକୁ ଅନେକ ପ୍ରଶଂସକ ନାପସନ୍ଦ କରିପାରନ୍ତି। ଏକ ଅନ୍ତର୍ଜାତୀୟ ଚ୍ୟାନେଲକୁ ଦେଇଥିବା ସାକ୍ଷାତ୍‌କାରରେ ୩୪ ବର୍ଷୀୟ ପର୍ତ୍ତୁଗାଲ ଷ୍ଟାର କହିଛନ୍ତି, ୨୦୧୮ରେ ରିୟଲ ମାଡ୍ରିଡ୍ ପକ୍ଷରୁ ଖେଳୁଥିବାବେଳେ ଜୁଭେଣ୍ଟସ ବିପକ୍ଷରେ ବାଇସାଇକେଲ କିକ୍ ଜରିଆରେ ଦେଇଥିବା ଗୋଲ ମୋ କ୍ୟାରିୟରର ଶ୍ରେଷ୍ଠ ଗୋଲ। କାରଣ ମୁଁ ପ୍ରାୟ ୭୦୦ ଗୋଲ କରିସାରିଛି, ହେଲେ ଏଭଳି ଷ୍ଟାଇଲରେ କେବେ କରିନାହିଁ। ଶେଷରେ ମୁଁ ବାଇସାଇକେଲ କିକ୍ ଦେବାରେ ସଫଳ ହୋଇଛି। କିନ୍ତୁ ଏହି ଗୋଲ ମଡେଲ ଗର୍ଲଫ୍ରେଣ୍ଡ ଜର୍ଜିନାଙ୍କ ସହ ଶାରୀରିକ ସମ୍ପର୍କ ରଖିବାର ଅନୁଭୂତି ସହ ତୁଳନୀୟ ନୁହେଁ। ବର୍ତ୍ତମାନ ଜୁଭେଣ୍ଟସ ପକ୍ଷରୁ ଖେଳୁଥିବା ରୋନାଲ୍ଡୋ ଆହୁରି କହିଛନ୍ତି, ଗର୍ଲଫ୍ରେଣ୍ଡ ଜର୍ଜିନାଙ୍କ ସହ ପ୍ରଥମ ଦେଖାରେ ହିଁ ପ୍ରେମ ହୋଇଯାଇଥିଲା। ମୋ ପରିବାର ଚଳାଇବାରେ ସେ ମୋତେ ସାହାଯ୍ୟ କରନ୍ତି। ତାଙ୍କ ପ୍ରେମରେ ମୁଁ ଏବେ ବି ଅଛି। ସେ ମୋ ହୃଦୟରେ ଅଛନ୍ତି। ଜର୍ଜିନାଙ୍କୁ ଶୀଘ୍ର ବିବାହ କରିବା ନେଇ ପ୍ରଶ୍ନ କରାଯାଇଥିଲା, ଯାହାର ଉତ୍ତରରେ ରୋନାଲ୍ଡୋ କହିଛନ୍ତି, ନିଶ୍ଚିତ ବିବାହ କରିବି। କିନ୍ତୁ କେବେ ଜଣାନାହିଁ। ମୋତେ ବିବାହିତ ଦେଖିବା ମୋ ମା'ଙ୍କ ସ୍ୱପ୍ନ।

## ପଦକ ନିଶ୍ଚିତ କଲେ ପଙ୍ଘାଲ, କୌଶିକ


**ବକ୍ସିଂ ବିଶ୍ୱ ଚାମ୍ପିୟନଶିପ୍**

ଏକଟେରିନବର୍ଗ, ୧୮।୯ (ପି.ଟି.)

ଏସିଆନ ଗେମ୍ସ ସ୍ୱର୍ଣ୍ଣ ପଦକ ବିଜେତା ଅମିତ୍ ପଙ୍ଘାଲ (୫୨ କିଗ୍ରା) ଓ ମନୀଷ କୌଶିକ (୬୩ କିଗ୍ରା) ଏଠାରେ ଚାଲିଥିବା ବକ୍ସିଂ ବିଶ୍ୱ ଚାମ୍ପିୟନଶିପ୍‌ର ସେମିଫାଇନାଲରେ ପ୍ରବେଶ କରିବା ସହ ଦେଶପାଇଁ ୨ ପଦକ ନିଶ୍ଚିତ କରିଛନ୍ତି। ବୁଧବାର ଅନୁଷ୍ଠିତ ପୁରୁଷ ୫୨ କିଗ୍ରା ବର୍ଗର କ୍ୱାର୍ଟର ଫାଇନାଲ ମୁକାବିଲାରେ ଦ୍ୱିତୀୟ ସିଡ୍ ଅମିତ୍ ୪-୧ରେ ଫିଲିପାଇନ୍ସର କାର୍ଲୋ ପାଲାମଙ୍କୁ ପରାସ୍ତ କରିଥିଲେ। ସେହିଭଳି ୬୩ କିଗ୍ରା ବର୍ଗରେ କୌଶିକ ୫-୦ରେ ବ୍ରାଜିଲର ୱାଣ୍ଡରସନ ଡି ଓଲିଭରିଆଙ୍କୁ ହରାଇ ସେମିଫାଇନାଲରେ ସ୍ଥାନ ପକ୍କା କରିଛନ୍ତି। ଏଥିସହ ବକ୍ସିଂର ଏହି ସର୍ବୋଚ୍ଚ ପ୍ରତିଯୋଗିତାରେ ଅମିତ୍ ଓ କୌଶିକ ପ୍ରଥମଥର ଲାଗି ପଦକ ଜିତିବା ଏକପ୍ରକାର ନିଶ୍ଚିତ କରିଛନ୍ତି। ତେବେ ପୂର୍ବତନ ସ୍ୱର୍ଣ୍ଣ ପଦକ ବିଜେତା ସଞ୍ଜିତ୍ ୯୧ କିଗ୍ରା ବର୍ଗର ସେମିଫାଇନାଲରେ ୧-୪ ଏକ୍ୟୁଏଡର ବକ୍ସର ଜୁଲିଓ କାଷ୍ଟିଲୋଙ୍କ ନିକଟରୁ ହାରି ଯାଇଛନ୍ତି। ଏହି ସଂସ୍କରଣ ପୂର୍ବରୁ ବକ୍ସିଂ ବିଶ୍ୱ ଚାମ୍ପିୟନଶିପ୍‌ର ଗୋଟିଏ ସଂସ୍କରଣରେ ଭାରତ କେବେ ମଧ୍ୟ ଗୋଟିଏରୁ ଅଧିକ ବ୍ରୋଞ୍ଜ ପଦକ ଜିତିପାରି ନାହିଁ। ମୋଟ୍ ଉପରେ ଏହି ସମ୍ମାନଜନକ ପ୍ରତିଯୋଗିତାରେ ଭାରତ ଆଜି ପର୍ଯ୍ୟନ୍ତ ୪ ବ୍ରୋଞ୍ଜ ପଦକ ଜିତିପାରିଛି। ୨୦୦୯ରେ ବିଜେନ୍ଦର ସିଂ, ୨୦୧୧ରେ ବିକାଶ କ୍ରିଷ୍ଣା, ୨୦୧୫ରେ ଶିବ ଥାପ୍ପା ଓ ୨୦୧୭ରେ ଗୌରବ ବିଧୁରୀ ଭାରତ ପାଇଁ ଏହି ପଦକ ସଫଳତା ଆଣିଥିଲେ।



ପ୍ରତିପକ୍ଷ ବକ୍ସରଙ୍କୁ ପଞ୍ଚ ମାରୁଛନ୍ତି ଭାରତର ଅମିତ ପଙ୍ଘାଲ।



"ବାର୍ସେଲୋନା ଷ୍ଟାର୍ ଲିଓନେଲ ମେସିଙ୍କ ତୁଳନାରେ ଅଧିକ ବାଲନ୍ ଡି' ଓର୍ ପୁରସ୍କାର ପାଇବାକୁ ଯୋଗ୍ୟ ।

–କ୍ରିଷ୍ଟିଆନୋ ରୋନାଲ୍ଡୋ, ପର୍ତ୍ତୁଗାଲ ଷ୍ଟାର୍ ଫୁଟ୍‌ବଲର



"ଖେଳାଳିଙ୍କ ଦକ୍ଷତା ଉପରେ ମୋର ଭରସା ରହିଛି। ତେଣୁ ସାଫ୍ ୧୮ ବର୍ଷରୁ କମ୍ ଫୁଟ୍‌ବଲ ପ୍ରତିଯୋଗିତାରେ ବିଜୟରୁ ଅଭିଯାନ ଆରମ୍ଭ କରିବା ଲକ୍ଷ୍ୟରେ ରହିଛୁ।

–ଫ୍ଲଏଡ୍ ପିଣ୍ଟୋ, ଭାରତୀୟ ଯୁବ ଫୁଟ୍‌ବଲ ଦଳର କୋଚ୍

**ସଂକ୍ଷେପରେ**

## ସିନ୍ଧୁ ଆଗେଇଲେ, ସାଇନାଙ୍କ ବିଦାୟ



ଚାଙ୍ଗ୍‌ଝୋ(ଚାଇନା),୧୮।୯: ବିଶ୍ୱ ଚାମ୍ପିୟନ ପି. ଭି. ସିନ୍ଧୁ ପୂର୍ବତନ ଅଲିମ୍ପିକ୍ ଚାମ୍ପିୟନ ଲି ଜୁଇରୁଇଙ୍କୁ ହରାଇ ଏଠାରେ ଚାଲିଥିବା ଚାଇନା ଓପନ୍ ୱାର୍ଲ୍ଡ ଟୁର ସୁପର-୧୦୦୦ ଟୁର୍ନାମେଣ୍ଟର ପ୍ରିକ୍ୱାର୍ଟର ଫାଇନାଲରେ ପ୍ରବେଶ କରିଛନ୍ତି। ଅନ୍ୟପକ୍ଷରେ ସାଇନା ନେହ୍ୱାଲଙ୍କୁ ପ୍ରଥମ ରାଉଣ୍ଡରୁ ପରାଜୟ ସହ ବିଦାୟ ନେବାକୁ ପଡ଼ିଛି। ଭାରତର ଟପ୍ ଶଟଲର ସିନ୍ଧୁ ୨୧-୧୮, ୨୧-୧୨ ଗେମ୍‌ରେ ଲି ଜୁଇରେଇଙ୍କୁ ହରାଇଛନ୍ତି। ଏହି ବିଜୟ ଲାଗି ତାଙ୍କୁ ୩୪ ମିନିଟ୍ ଲାଗିଥିଲା। ପୂର୍ବତନ ଶୀର୍ଷ ର୍‍ୟାଙ୍କଧାରୀ ସାଇନାଙ୍କୁ ବିପର୍ଯ୍ୟୟର ସମ୍ମୁଖୀନ ହେବାକୁ ପଡ଼ିଛି। ସେ ପ୍ରଥମ ରାଉଣ୍ଡରେ ୧୦-୨୧, ୧୭-୨୧ ଗେମ୍‌ରେ ଥାଇଲାଣ୍ଡର ବୁସାନାନ ଓଙ୍ଗବାମ୍ରୁନଫାନ୍‌ଙ୍କଠାରୁ ପରାସ୍ତ ହୋଇଛନ୍ତି। ସମାନ ପ୍ରତିଦ୍ୱନ୍ଦ୍ୱୀଙ୍କ ବିପକ୍ଷରେ ୨୯ ବର୍ଷୀୟା ସାଇନାଙ୍କ ଏହା କ୍ରମାଗତ ଦ୍ୱିତୀୟ ପରାଜୟ। ଅବଶ୍ୟ ପୂର୍ବରୁ ସାଇନା ଏଠାରେ ବହୁ ସଫଳତା ହାସଲ କରିସାରିଛନ୍ତି। ୨୦୧୪ରେ ଚାମ୍ପିୟନ ହୋଇଥିବାବେଳେ ୨୦୧୫ରେ ଉପବିଜେତା ଥିଲେ। ଚଳିତ ବର୍ଷ ସାଇନାଙ୍କ ପ୍ରଦର୍ଶନ ସେତେଟା ଆଖିଦୃଶିଆ ରହିନାହିଁ। ଆହତ ସମସ୍ୟା ଯୋଗୁ ଦୁଇ ମାସର ବ୍ରେକ୍ ନେଇ ଫେରିଥିଲେ ମଧ କୌଣସି ଟୁର୍ନାମେଣ୍ଟ ଫାଇନାଲରେ ପ୍ରବେଶ କରିପାରିନାହାନ୍ତି।

## ନାଲ୍‌କୋ କପ୍ ହକି
## ପୂର୍ବତଟ ରେଲୱେ-ସୁନ୍ଦରଗଡ଼ ସାଇ ଫାଇନାଲ

କଟକ ଅଫିସ,୧୮।୯: ବାରବାଟୀ ଷ୍ଟାଡିୟମରେ ଚାଲିଥିବା ୧୭ତମ ନାଲକୋ କପ୍ ରାଜ୍ୟ ହକି ଚାମ୍ପିୟନଶିପରେ ବୁଧବାର ଦୁଇଟି ସେମିଫାଇନାଲ ମ୍ୟାଚ୍ ଖେଳାଯାଇଛି। ଏଥିରେ ପୂର୍ବତଟ ରେଲୱେ ଓ ସୁନ୍ଦରଗଡ଼ ସାଇ ହଷ୍ଟେଲ ବିଜୟୀ ହୋଇ ଫାଇନାଲରେ ପ୍ରବେଶ କରିଛନ୍ତି। ପୂର୍ବତଟ ରେଲୱେ ୧-୦ ଗୋଲରେ ଓଡ଼ିଶା ପୋଲିସକୁ ପରାସ୍ତ କରିଛି। ରେଲୱେ ପକ୍ଷରୁ ଚତୁର୍ଥ କ୍ୱାର୍ଟରର ୫୨ତମ ମିନିଟ୍‌ରେ ସୁନୀଲ ଟପ୍ପୋ ଏକମାତ୍ର ଗୋଲ୍ ସ୍କୋର କରିଥିଲେ। ସୁନ୍ଦରଗଡ଼ ସାଇ ହଷ୍ଟେଲ ୨-୧ ଗୋଲରେ ଖୋର୍ଦ୍ଧାକୁ ପରାସ୍ତ କରିଛି। ଖୋର୍ଦ୍ଧା ପକ୍ଷରୁ ପ୍ରଥମ କ୍ୱାର୍ଟର ପଞ୍ଚମ ମିନିଟ୍‌ରେ ପ୍ରସାଦ କୁଜୁର ପ୍ରଥମ ଗୋଲ୍ ଦେଇଥିଲେ। ମିଳିଥିବା ଏକ ପେନାଲ୍ଟି କର୍ନରର ଫାଇଦା ଉଠାଇ ଖୋର୍ଦ୍ଧା ଏହି ଗୋଲ୍ ଦେଇଥିଲା। ଏହାର ୧ ମିନିଟ୍ ପରେ ତଥା ଷଷ୍ଠ ମିନିଟରେ ସାଇ ପକ୍ଷରୁ ପୂରନ କେରକେଟା ଗୋଟିଏ ଗୋଲ୍ ଦେଇ ମ୍ୟାଚ୍‌କୁ ସମାନ ସ୍ଥିତିରେ ପହଞ୍ଚାଇଥିଲେ। ଦ୍ୱିତୀୟ ଓ ତୃତୀୟ କ୍ୱାର୍ଟର ଗୋଲ୍‌ଶୂନ୍ୟ ରହିଥିଲା। ଚତୁର୍ଥ ତଥା ଅନ୍ତିମ କ୍ୱାର୍ଟରର ୫୩ତମ ମିନିଟ୍‌ରେ ଅଜୟ ଏକ୍କା ସୁନ୍ଦରଗଡ଼ ସାଇ ହଷ୍ଟେଲ ପକ୍ଷରୁ ବିଜୟସୂଚକ ଗୋଲ୍ ସ୍କୋର କରିଛନ୍ତି ।


# ଦ୍ୱିତୀୟ ଟି୨୦: ଭାରତର ସହଜ ବିଜୟ

ମୋହାଲି, ୧୮।୯(ପି.ଟି.)

ସ୍ଥାନୀୟ ପଞ୍ଜାବ କ୍ରିକେଟ ଆସୋସିଏଶନ (ପିସିଏ) ଆଇଏସ୍ ବିନ୍ଦ୍ରା ଗ୍ରାଉଣ୍ଡରେ ବୁଧବାର ଖେଳାଯାଇଥିବା ଦ୍ୱିତୀୟ ଟି୨୦ ମ୍ୟାଚ୍‌ରେ ଭାରତ ୭ ଉଇକେଟରେ ଦକ୍ଷିଣ ଆଫ୍ରିକାକୁ ପରାସ୍ତ କରିଛି। ଫଳରେ ୩ ମ୍ୟାଚ୍ ବିଶିଷ୍ଟ ଏହି ସିରିଜରେ ଭାରତ ୧–୦ରେ ଅଗ୍ରଣୀ ହାସଲ କରିଛି। ଟସ୍ ଜିତି ଭାରତ ଫିଲ୍ଡିଂ କରିବାକୁ ନିଷ୍ପତ୍ତି ନେଇଥିଲା। ପ୍ରଥମେ ବ୍ୟାଟିଂ କରି ଦକ୍ଷିଣ ଆଫ୍ରିକା ନିର୍ଦ୍ଧାରିତ ୨୦ ଓଭରରେ ୫ ଉଇକେଟ ହରାଇ ୧୪୯ ରନ କରିଥିଲା। ଜବାବରେ ଭାରତ ୧୯ ଓଭରରେ ୩ ଉଇକେଟ ହରାଇ ୧୫୧ ରନ ସଂଗ୍ରହ କରି ନେଇଥିଲା। ଅଧିନାୟକ ବିରାଟ କୋହଲି ୫୨ଟି ବଲର ସମ୍ମୁଖୀନ ହୋଇ ୪ ଚୌକା ଓ ୩ ଛକା ସହ ୭୨ ରନରେ ଅପରାଜିତ ରହି ବିଜୟରେ ମୁଖ୍ୟ ଭୂମିକା ଗ୍ରହଣ କରିବା ସହ ପ୍ଲେୟାର ଅଫ୍ ଦି ମ୍ୟାଚ୍ ବିବେଚିତ ହୋଇଛନ୍ତି।

୧୫୦ରନ ବିଜୟ ଲକ୍ଷ୍ୟର ପିଛା କରି ଭାରତ ତାରକା ଓପନର ରୋହିତ ଶର୍ମାଙ୍କୁ ପ୍ରଥମେ ହରାଇଥିଲା। ରୋହିତ ୧୨ ବଲରୁ ୨ ଛକା ସହ ୧୨ ରନ କରି ଆଣ୍ଡିଲ ଫେଲୁକ୍ୱାୟୋଙ୍କ ଦ୍ୱାରା ଏଲ୍‌ବିଡବ୍ଲ୍ୟୁ ହୋଇ ପ୍ୟାଭିଲିୟନ ଫେରିଥିଲେ। ଏହାପରେ ଅଭିଜ୍ଞ ଓପନର ଶିଖର ଧାୱନ ୩୧ଟି ବଲ ଖେଳି ୪ ଚୌକା ଓ ୧ ଛକା ସହ ଦ୍ରୁତ ୪୦ ରନ କରି ତାବରେଜ୍ ଶାମସିଙ୍କ ବଲ୍‌ରେ ଲଙ୍ଗ ଅନ୍‌ରେ ଡେଭିଡ ମିଲରଙ୍କୁ କ୍ୟାଚ୍ ଦେଇ ଆଉଟ ହୋଇଥିଲେ। ମିଲର ଗୋଟିଏ ହାତରେ ଏକ ଚମତ୍କାର କ୍ୟାଚ ନେଇଥିଲେ। ବେପରୁଆ ଖେଳ ପାଇଁ ବେଶ୍ ସମାଲୋଚିତ ହୋଇଥିବା ଯୁବ ଉଇକେଟକିପର ବ୍ୟାଟ୍ସମ୍ୟାନ ରିଷଭ ପନ୍ତଙ୍କ ପାଳି ପଡିଥିଲା। ସେ ମାତ୍ର ୪ ରନ କରି ବିର୍ଜନ ଫର୍ଚ୍ୟୁନଙ୍କ ବଲ୍‌କୁ ଲେଗ୍ ସାଇଡ୍‌କୁ ଖେଳିବାକୁ ପ୍ରୟାସ କରିଥିଲେ। ତେବେ ଶର୍ଟ ଫାଇନ ଲେଗ୍‌ରେ ଶାମସି ତାଙ୍କ କ୍ୟାଚ୍ ନେଇଥିଲେ। ଫଳରେ ପନ୍ତଙ୍କୁ ନିରାଶ ହେବାକୁ ପଡିଥିଲା। ଆୟାର ୧୪ ବଲରୁ ୨ ଚୌକା ସହ ୧୬ ରନ କରି ଅପରାଜିତ ରହିଥିଲେ। ବୋଲିଂରେ ଦକ୍ଷିଣ ଆଫ୍ରିକା ତରଫରୁ ଫେଲୁକ୍ୱାୟୋ, ଶାମସି ଓ ଫର୍ଚ୍ୟୁନ୍ ଗୋଟିଏ ଲେଖାଏ ଉଇକେଟ ଅକ୍ତିଆର କରିଥିଲେ।

ପ୍ରଥମେ ବ୍ୟାଟିଂ କରିବାକୁ ଆମନ୍ତ୍ରଣ ପାଇଥିବା ଦକ୍ଷିଣ ଆଫ୍ରିକା ତରଫରୁ ନବନିଯୁକ୍ତ ଅଧିନାୟକ କ୍ୱିଣ୍ଟନ ଡିକକ ଓ ପଦାର୍ପଣ କରିଥିବା ଟେମ୍ବା ବଭୁମା ଦମ୍‌ଦାର ପ୍ରଦର୍ଶନ କରିଥିଲେ। ତେବେ ଭାରତୀୟ ବୋଲର ନିୟମିତ ବ୍ୟବଧାନରେ ଉଇକେଟ ନେବା ସହ ଅଧିକ ରନ ବ୍ୟୟ କରି ନଥିଲେ। ଅନ୍ତିମ ୪ ଓଭରରେ ଭାରତୀୟ ବୋଲରମାନେ ମାତ୍ର ୨୪ ରନ ଦେଇଥିଲେ। ତେବେ ୨୦ତମ ଓଭରରେ ସଇନି ୨୦ ରନ ବ୍ୟୟ କରିଥିଲେ। ଭଲ ଆରମ୍ଭ ପାଇଥିଲେ ମଧ୍ୟ ଦକ୍ଷିଣ ଆଫ୍ରିକା ବଡ଼ ସ୍କୋର ହାସଲ କରିପାରି ନଥିଲା। ଓପନର ରିଜା ହେଣ୍ଡ୍ରିକ୍ସ ମାତ୍ର ୬ ରନ କରିଥିବା ବେଳେ ଦୀପକ ଚହରଙ୍କ ବଲ୍‌ରେ ମିଡଅନ୍‌ରେ ୱାଶିଂଟନ ସୁନ୍ଦରଙ୍କୁ କ୍ୟାଚ୍ ଦେଇ ଆଉଟ ହୋଇଥିଲେ। ଏହାପରେ ଦ୍ୱିତୀୟ ଉଇକେଟ ଯୋଡିରେ ଡିକକ୍ ଓ ବଭୁମା ୪୫ଟି ବଲରୁ ୫୭ ରନ ସଂଗ୍ରହ କରିଥିଲେ। ଡିକକ୍ ୩୭ ବଲରୁ ୮ ଚୌକା ସହ ୫୨ ରନ ସଂଗ୍ରହ କରି ନବଦୀପ ସଇନିଙ୍କ ବଲ୍‌ରେ ବିରାଟ କୋହଲିଙ୍କୁ କ୍ୟାଚ୍ ଦେଇ ପ୍ୟାଭିଲିୟନ ଫେରିଥିଲେ। କୋହଲି ମିଡ୍‌ଅନ୍‌ରୁ ବାମପଟକୁ ଦୌଡି ଏହି ସୁନ୍ଦର କ୍ୟାଚ୍ ନେଇଥିଲେ। ଏହାପରେ ବଭୁମା ୪୩ଟି ବଲରୁ ୩ ଚୌକା ଓ ୧ ଛକା ସହ ୪୯ ରନ କରି ଆଉଟ ହେବା ସହ ଅର୍ଦ୍ଧଶତକ ହାସଲରୁ ବଞ୍ଚିତ ହୋଇଥିଲେ। ଅଫ୍ ଷ୍ଟମ୍ପ ବାହାରେ ଚହରଙ୍କ ଗୁଡ୍ ଲେନ୍ଥ ବଲ୍‌କୁ ଖେଳିବାକୁ ଯାଇ ବଭୁମା ମିଡ୍‌ଅନ୍‌ରେ ରବୀନ୍ଦ୍ର ଜାଡେଜଙ୍କୁ କ୍ୟାଚ୍ ଦେଇଥିଲେ। ଅନ୍ୟ କୌଣସି ବ୍ୟାଟ୍ସମମ୍ୟାନ ବଡ଼ ସ୍କୋର ହାସଲ କରିପାରି ନଥିଲେ। ରାସି ଭାନ୍ ଡେର ଡୁସେନ ମାତ୍ର ୧ ରନ କରିଥିବା ବେଳେ ଜାଡେଜାଙ୍କ ଦ୍ୱାରା କଟ୍ ଆଣ୍ଡ ବୋଲ୍ଡ ହୋଇଥିଲେ। ଡେଭିଡ ମିଲର ୧୫ ବଲରୁ ୧ ଛକା ସହ ୧୮ ରନକରି ହାର୍ଦ୍ଦିକ ପାଣ୍ଡ୍ୟାଙ୍କ ବଲ୍‌ରେ କ୍ଲିନ୍ ବୋଲ୍ଡ ହୋଇଥିଲେ। ଡ୍ୱେନ ପ୍ରିଟୋରିୟସ ୧୦ ଓ ଆଣ୍ଡିଲ ଫେଲୁକ୍ୱାୟୋ ୮ ରନକରି ଅପରାଜିତ ରହିଥିଲେ। ବୋଲିଂରେ ଭାରତ ପକ୍ଷରୁ ଦୀପକ ଚହର ୨, ନବଦୀପ ସଇନି, ରବୀନ୍ଦ୍ର ଜାଡେଜା ଓ ହାର୍ଦ୍ଦିକ ପାଣ୍ଡ୍ୟା ଗୋଟିଏ ଲେଖାଏ ଉଇକେଟ ହାସଲ କରିଥିଲେ। ଦକ୍ଷିଣ ଆଫ୍ରିକା ତରଫରୁ ୩ଜଣ ଖେଳାଳି ପଦାର୍ପଣ କରିଥିଲେ। ଅନରିଚ୍ ନୋର୍ଜ, ବିଜର୍ନ ଫର୍ଚ୍ୟୁନ ଓ ବଭୁମା ଟି୨୦ରେ ଡେବ୍ୟୁ କରିଥିଲେ।





ବୋଲିଂ ଅବସରରେ ଦୀପକ ଚହର। ଏକ ଆକର୍ଷଣୀୟ କ୍ୟାଚ୍ ନେଉଛନ୍ତି ବିରାଟ କୋହଲି।

**ସଂକ୍ଷିପ୍ତ ସ୍କୋର**

ଦକ୍ଷିଣ ଆଫ୍ରିକା ୨୦ ଓଭରରେ ୧୪୯/୫ (ଡିକକ୍– ୫୨, ବଭୁମା– ୪୯, ମିଲର– ୧୮, ଚହର– ୨/୨୨, ସଇନି– ୧/୩୪, ଜାଡେଜା– ୧/୩୧, ପାଣ୍ଡ୍ୟା– ୧/୩୧)। ଭାରତ ୧୯ ଓଭରରେ ୧୫୧/୩ (କୋହଲି– ୭୨*, ଧାୱନ– ୪୦, ଫେଲୁକ୍ୱାୟୋ– ୧/ ୨୦, ଶାମସି– ୧/ ୧୯, ଫର୍ଚ୍ୟୁନ– ୧/ ୩୨)।

# ପ୍ରାର୍ଥୀ ଘୋଷଣାକୁ ନେଇ ଛକାପଞ୍ଝା

କଟକ ଅଫିସ,୧୮।୯

**ଓସିଏ ନିର୍ବାଚନ**




ଓଡ଼ିଶା କ୍ରିକେଟ ଆସୋସିଏଶନ(ଓସିଏ)ର କର୍ମକର୍ତ୍ତା ନିର୍ବାଚନର ନାମାଙ୍କନ ପତ୍ର ଦାଖଲକୁ ଆଉ ଗୋଟିଏ ଦିନ ବାକି। ୨୦ ତାରିଖ ସକାଳ ୧୦.୩୦ରୁ ସନ୍ଧ୍ୟା ୫ଟା ମଧ୍ୟରେ ପ୍ରାର୍ଥିପତ୍ର ଦାଖଲ କରାଯିବ ବୋଲି ସମୟସୀମା ଧାର୍ଯ୍ୟ କରାଯାଇଛି। ହେଲେ ଏବେ ସୁଦ୍ଧା ପ୍ରାର୍ଥୀ ଘୋଷଣା ହୋଇନି। ମୋଟ ୬ଟି ପଦବୀ ନିମନ୍ତେ ହେବାକୁ ଥିବା ଓସିଏର ଆଗାମୀ ନିର୍ବାଚନରେ ଦୁଇଟି ଗୋଷ୍ଠୀ ପ୍ରାର୍ଥୀ ଦେବେ ବୋଲି ଅଣ୍ଟା ଭିଡ଼ିଛନ୍ତି। ଛକାପଞ୍ଝା ଭିତରେ ରହିଛି ଉଭୟ ଗୋଷ୍ଠୀର ପ୍ରାର୍ଥୀ ଘୋଷଣା ପ୍ରକ୍ରିୟା। କିଏ ପ୍ରଥମେ ପ୍ରାର୍ଥୀ ଘୋଷଣା କରିବ ତାହାକୁ ଉଭୟ ଅପେକ୍ଷା କରିଛନ୍ତି।

ଦକ୍ଷ କ୍ରୀଡ଼ା ସଙ୍ଗଠକ ଆଶୀର୍ବାଦ ବେହେରାଙ୍କ ଗୋଷ୍ଠୀ ବିଧିବଦ୍ଧ ଘୋଷଣା କରି ନ ଥିଲେ ହେଁ ବର୍ତ୍ତମାନସୁଦ୍ଧା ୨ ଜଣ ପ୍ରାର୍ଥୀଙ୍କ ନାମ ପ୍ରକାଶ କରିଛି । ଏହି ଗୋଷ୍ଠୀର ସଭାପତି ପ୍ରାର୍ଥୀ ପଙ୍କଜଲୋଚନ ମହାନ୍ତି ଓ ସମ୍ପାଦକ ପ୍ରାର୍ଥୀ ହେଉଛନ୍ତି ସଞ୍ଜୟ ବେହେରା। ମଙ୍ଗଳବାର ପୁରୀରେ ଅନୁଷ୍ଠିତ ବୈଠକରେ ଏ ସଂକ୍ରାନ୍ତରେ ଆଲୋଚନା ମଧ୍ୟ ହୋଇଥିଲା। ସେହିପରି ଅନ୍ୟ ଗୋଷ୍ଠୀ ମଧ୍ୟ ଏବେ ସୁଦ୍ଧା ୨ ପଦବୀରେ ସୀମିତ ରହିଛି। ସଭାପତି ଭାବେ ନବରଞ୍ଜନ ପଟ୍ଟନାୟକ ଓ ସମ୍ପାଦକ ଭାବେ ପ୍ରଦୀପ ଚୌହ୍ୱାନ ନିର୍ବାଚନ ଲଢ଼ିବେ। ଏବେ ବାକି ପଡ଼ିଛି ଆଉ ୪ ପଦବୀ। ଏଗୁଡ଼ିକ ହେଲା, ଉପସଭାପତି, ଯୁଗ୍ମ ସମ୍ପାଦକ, କୋଷାଧ୍ୟକ୍ଷ ଓ ଆପେକ୍ସ କାଉନସିଲ ସଦସ୍ୟ। ଉକ୍ତ ୪ ପଦବୀ ନିମନ୍ତେ ପ୍ରାର୍ଥୀ ଦେବା ଉଭୟ ଗୋଷ୍ଠୀ ପାଇଁ ଗୁରୁତ୍ୱପୂର୍ଣ୍ଣ ହୋଇପଡ଼ିଛି। ଶୁଣିବାକୁ ମିଳିଛି ଯେ, ଆଶୀର୍ବାଦଙ୍କ ଗୋଷ୍ଠୀ ବଳକା ୪ ପଦବୀ ଭିତରୁ ୨ଟି ପଦବୀ ନିମନ୍ତେ ଅନୁବନ୍ଧିତ ଜିଲା ସଂଘର ପ୍ରତିନିଧିଙ୍କୁ ବାଛିବ। ଜିଲା ସଂଘର ଭୋଟକୁ କବଜା ରଖିବାକୁ ଯାଇ ଏଭଳି ପଦକ୍ଷେପ ନେବ। ଏ ସମ୍ପର୍କରେ ଆଶୀର୍ବାଦଙ୍କୁ ପଚାରିବାରୁ ସେ କହିଥିଲେ ଯେ, ନାମାଙ୍କନ ପତ୍ର ଦାଖଲ ଦିନ ସକାଳେ ପ୍ରାର୍ଥୀ ତାଲିକା ଘୋଷଣା କରିବୁ। ଏବେ ସୁଦ୍ଧା ଅବଶିଷ୍ଟ ୪ଟି ପଦବୀ ନିମନ୍ତେ ପ୍ରାର୍ଥୀ ଚୟନ ହୋଇନି ବୋଲି ସେ କହିଛନ୍ତି । ଅନ୍ୟପକ୍ଷରେ କ୍ଲବ ସମ୍ପାଦକ ପ୍ରଦୀପ ଚୌହ୍ୱାନ କହିଛନ୍ତି ଯେ, ଦୁଇଟି ପଦବୀ ନିମନ୍ତେ ଆମର ପ୍ରାର୍ଥୀ ସ୍ଥିର। ଅନ୍ୟ ୪ ପଦବୀ କାହାକୁ ଦିଆଯିବ ତାହା ଚୂଡ଼ାନ୍ତ ହୋଇନି। ଖୁବଶୀଘ୍ର ଏହା ଘୋଷଣା କରାଯିବ ବୋଲି ପ୍ରଦୀପ କହିଥିଲେ। ହେଲେ ନାମାଙ୍କନ ପତ୍ର ଦାଖଲକୁ ଆଉ ୨୪ ଘଣ୍ଟା ବାକି ଥିବା ବେଳେ ଉଭୟ ଗୋଷ୍ଠୀର ଏଭଳି ମତାମତ ନିର୍ବାଚନ ମାହୋଲକୁ ଫିକା ପକାଉଛି। ବିଶେଷ ସୂତ୍ରରୁ ଜଣାପଡ଼ିଛି ଯେ, ଉଭୟ ଗୋଷ୍ଠୀ ପ୍ରତିପକ୍ଷର ପ୍ରାର୍ଥୀ ଘୋଷଣାକୁ ଅପେକ୍ଷା କରିଛି। ଗୋଟିଏ ଗୋଷ୍ଠୀ ପ୍ରାର୍ଥୀ ଘୋଷଣା କଲେ, ଏହାକୁ ନଜରରେ ରଖି ଅନ୍ୟ ଗୋଷ୍ଠୀ ପ୍ରାର୍ଥୀ ଘୋଷଣା କରିବ ବୋଲି କ୍ରୀଡ଼ା ମହଲରେ ଆଲୋଚନା ହେଉଛି।

## କ୍ୟୁରେଟର ଦଲ୍‌ଜିତଙ୍କୁ କୋହଲି, ଶାସ୍ତ୍ରୀଙ୍କ ସମ୍ବର୍ଦ୍ଧନା

ମୋହଲି, ୧୮।୯(ପି.ଟି.)

ଭାରତୀୟ ଅଧିନାୟକ ବିରାଟ କୋହଲି ଓ ହେଡ୍ କୋଚ୍ ରବି ଶାସ୍ତ୍ରୀ ବୁଧବାର ଅଭିଜ୍ଞ କ୍ୟୁରେଟର ଦଲଜିତ୍ ସିଂଙ୍କୁ ସମ୍ବର୍ଦ୍ଧିତ କରିଛନ୍ତି। ଏଠାରେ ଖେଳାଯାଇଥିବା ଦକ୍ଷିଣ ଆଫ୍ରିକା ବିପକ୍ଷ ଦ୍ୱିତୀୟ ଟି୨୦ ମ୍ୟାଚ୍ ପୂର୍ବରୁ କିଛିଦିନ ତଳେ ଅବସର ଗ୍ରହଣ କରିଥିବା ଦଲଜିତ୍‌ଙ୍କୁ ବିଶେଷ ଭାବେ ସମ୍ବର୍ଦ୍ଧନା ଜ୍ଞାପନ କରାଯାଇଥିଲା। ଭାରତୀୟ କ୍ରିକେଟ କଣ୍ଟ୍ରୋଲ ବୋର୍ଡ (ବିସିସିଆଇ) ମୁଖ୍ୟ କୁରେଟର ହିସାବରେ ୭୭ ବର୍ଷୀୟ ଦଲଜିତ୍ ଅବସର ଗ୍ରହଣ କରିଥିଲେ। ସେ ଦୀର୍ଘ ୨୨ ବର୍ଷ ଧରି ଭାରତୀୟ କ୍ରିକେଟ ପାଇଁ ନିରବଚ୍ଛିନ୍ନ ଭାବେ କାର୍ଯ୍ୟ କରିଆସିଛନ୍ତି। ଏହି ମ୍ୟାଚ୍‌ରେ ମଧ୍ୟ ସେ ପିଚ୍ ପ୍ରସ୍ତୁତିର ତଦାରଖ କରିଥିଲେ। ଏହି ଅବସରରେ କୋହଲି ଓ ଶାସ୍ତ୍ରୀ ଦଲଜିତ୍‌ଙ୍କୁ ଏକ ଫଳକ ପ୍ରଦାନ କରିଥିଲେ। ଦଲଜିତ୍ ମଧ୍ୟ ପୂର୍ବରୁ ପ୍ରଥମ ଶ୍ରେଣୀ କ୍ରିକେଟ ଖେଳିଛନ୍ତି। ସେ ପଞ୍ଜାବ ପାଇଁ ୮୭ଟି ମ୍ୟାଚ୍ ଖେଳିଛନ୍ତି। ଭାରତୀୟ କ୍ରିକେଟକୁ ତାଙ୍କର ଅବଦାନ ପାଇଁ ବିଶେଷ ଭାବେ ସମ୍ମାନିତ କରାଯାଇଛି।

■ ଦ୍ୱିତୀୟ ଅନ୍‌ଅଫିସିଆଲ ଟେଷ୍ଟ

# ସୁବିଧାଜନକ ସ୍ଥିତିରେ ଭାରତ–ଏ



ଏଡେନ୍ ମାକ୍ରାମ

ମହୀଶୂର,୧୮।୯(ପି.ଟି.)

ଏଠାରେ ଚାଲିଥିବା ଦକ୍ଷିଣ ଆଫ୍ରିକା ଏ' ବିପକ୍ଷ ଦ୍ୱିତୀୟ ଅନ୍‌ଅଫିସିଆଲ ଟେଷ୍ଟ ମ୍ୟାଚ୍‌ରେ ଘରୋଇ ଭାରତ ଏ' ଉନ୍ନତ ବ୍ୟାଟିଂ ଓ ବୋଲିଂ କରି ସୁବିଧାଜନକ ସ୍ଥିତିରେ ରହିଛି। ଟସ୍ ହାରି ବ୍ୟାଟିଂ ପାଇଁ ଆମନ୍ତ୍ରଣ ପାଇଥିବା ଭାରତ ଏ' ଓପନର ଶୁବମନ ଗିଲ, କରୁଣ ନାୟାର, ଅଧିନାୟକ ତଥା ଉଇକେଟକିପର ବ୍ୟାଟ୍ସମ୍ୟାନ ରିଦ୍ଧିମାନ ଶାହା ଓ ଶିବମ ଦୁବେଙ୍କ ଅର୍ଦ୍ଧଶତକ ସହାୟତାରେ ପ୍ରଥମ ଇନିଂସରେ ୧୨୩ ଓଭରରେ ୪୧୭ ରନ କରି ଅଲଆଉଟ ହୋଇଥିଲା। ଜବାବରେ ଦକ୍ଷିଣ ଆଫ୍ରିକା ପ୍ରଥମ ଇନିଂସ ଆରମ୍ଭ କରି ବୁଧବାର ଦ୍ୱିତୀୟ ଦିନ ଖେଳ ଶେଷ ସୁଦ୍ଧା ୪୬ ଓଭରରେ ୫ ଉଇକେଟ ହରାଇ ୧୫୯ ରନ ସଂଗ୍ରହ କରିଛି। ଫଳରେ ଦକ୍ଷିଣ ଆଫ୍ରିକା ୫ ଉଇକେଟ ହାତରେ ରଖି ଏବେ ୨୫୮ ରନ ପଛରେ ପଡିଛି। ଷ୍ଟମ୍ପ ଅପସାରଣ ବେଳକୁ ଓପନର ଏଡେନ ମାରକ୍ରାମ ୮୩ ରନର ଅର୍ଦ୍ଧଶତକୀୟ ପାଳି ଖେଳି ଓ ୱିଆନ ମଲ୍ଡର ୯ ରନ କରି ଅପରାଜିତ ରହିଛନ୍ତି।

ଦକ୍ଷିଣ ଆଫ୍ରିକା ୨୦ ରନରେ ପ୍ରଥମ ଉଇକେଟ ହରାଇ ପ୍ରାରମ୍ଭିକ ଝଟ୍‌କା ଖାଇଥିଲା। ତେବେ ଦଳ ଏକଦା ଗୋଟିଏ ଉଇକେଟ ହରାଇ ୧୦୨ ରନକରି ସ୍ଥିତ ସମ୍ଭାଳିବା ସହ ଭଲ ଆରମ୍ଭ କରିଥିଲା। ଏହା ପରେ ୪୦ ରନରେ ଦଳ ୪ ଉଇକେଟ ହରାଇ ବ୍ୟାକ୍‌ଫୁଟ୍‌କୁ ଚାଲିଯାଇଥିଲା। ଓପନର ପିଟର ମଲାନ ୬ ରନ କରି ପ୍ରଥମେ ଆଉଟ ହୋଇଥିଲେ। ଏହାପରେ ୪୧ ରନକରି ଥେଉନିସ୍ ଡି ବ୍ରୁଇନ୍ ପ୍ୟାଭିଲିୟନ ଫେରିଥିଲେ। ଖାୟା ଜୋଣ୍ଡୋ ୫, ସେନୁରାନ ମୁଥୁସ୍ୱାମୀ ୧୨ ଓ ଉଇକେଟକିପର ବ୍ୟାଟ୍ସମ୍ୟାନ ହେନରିଚ୍ କ୍ଲାସେନ ୨ ରନ କରି ଆଉଟ ହୋଇଥିଲେ। ବୋଲିଂରେ ଭାରତ ତରଫରୁ ଶାହବାଜ ନଦୀମ ଓ କୁଲଦୀପ ଯାଦବ ୨ଟି ଲେଖାଏ ଓ ମହମ୍ମଦ ସିରାଜ ଗୋଟିଏ ଉଇକେଟ ହାସଲ କରିଥିଲେ।

ଅସମାପ୍ତ ପ୍ରଥମ ଇନିଂସ ସ୍କୋର ୨୩୩/୩ରୁ ଭାରତ ଏ' ଖେଳ ଆରମ୍ଭ କରି ଅଲଆଉଟ ହୋଇଥିଲା। ଓଭରନାଇଟ୍ ବ୍ୟାଟ୍ସମ୍ୟାନ କରୁନ ନାୟାର ୭୮ରୁ ଖେଳ ଆରମ୍ଭ କରିଥିଲେ ଓ ଆଉ ଅଧିକ ରନ ସଂଗ୍ରହ କରି ନ ପାରି ପ୍ୟାଭିଲିୟନ ଫେରିଥିଲେ। ସେହିପରି ୩୬ ରନରୁ ଖେଳ ଆରମ୍ଭ କରି ରିଦ୍ଧିମାନ ୬୦ ରନର ଅର୍ଦ୍ଧଶତକୀୟ ପାଳି ଖେଳି ପ୍ୟାଭିଲିୟନ ଫେରିଥିଲେ। ଏହାପରେ ଶିବମ ଦୁବେ ୬୮ ରନର ଅର୍ଦ୍ଧଶତକୀୟ ପାଳି ଖେଳିଥିଲେ। ଜଲାଜ ଏସ୍ ସାକସେନା ୪୮ ରନର ଇନିଂସ ଖେଳି ଅପରାଜିତ ରହିଥିଲେ। ଅନ୍ୟମାନଙ୍କ ମଧ୍ୟରେ କୁଲଦୀପ ଯାଦବ ୨, ଶାହାବାଜ ନଦୀମ ୧୧, ଉମେଶ ଯାଦବ ୨୪ ରନ କରି ଆଉଟ ହୋଇଥିବା ବେଳେ ମହମ୍ମଦ ସିରାଜ ଖାତା ଖୋଲିପାରି ନ ଥିଲେ। ଦକ୍ଷିଣ ଆଫ୍ରିକା ତରଫରୁ ବୋଲିଂରେ ୱିଆନ ମୁଲ୍ଡର ଓ ଡେନ୍ ପିଟ୍ ୩ଟି ଲେଖାଏ, ଭର୍ଣ୍ଣନ ଫିଲାଣ୍ଡର, ଲୁଙ୍ଗି ଏନ୍‌ଗିଡି ଓ ଲୁଟୋ ସିପାମ୍ଲା ଗୋଟିଏ ଲେଖାଏ ଉଇକେଟ ଅକ୍ତିଆର କରିଥିଲେ।

**ସଂକ୍ଷିପ୍ତ ସ୍କୋର:**

ଭାରତ ଏ' ପ୍ରଥମ ଇନିଂସ–୧୨୩ ଓଭରରେ ୪୧୭ ଅଲଆଉଟ୍ (ଶୁବମନ– ୯୨, ନାୟାର– ୭୮, ଦୁବେ– ୬୮, ରିଦ୍ଧିମାନ– ୬୦, ସାକସେନା– ୪୮*, ମୁଲ୍ଡର– ୩/୪୭, ପିଟ୍– ୩/୭୮)। ଦକ୍ଷିଣ ଆଫ୍ରିକା ପ୍ରଥମ ଇନିଂସ–୪୬ ଓଭରରେ ୧୫୯/୫ (ମାରକ୍ରାମ– ୮୩*, ବ୍ରୁଇନ– ୪୧, ନଦୀମ– ୨/୪୧, କୁଲଦୀପ– ୨/୫୧)।

# ବ୍ରୋଞ୍ଜ୍ ସହ ଭିନେଶଙ୍କୁ ଅଲିମ୍ପିକ୍ କୋଟା

ନୁର– ସୁଲତାନ, ୧୮।୯(ପି.ଟି.)

କାଜାଖସ୍ଥାନରେ ଚାଲିଥିବା ରେସଲିଂ ଚାମ୍ପିୟନଶିପ୍‌ରେ ବୁଧବାର ଭାରତୀୟ ରେସଲରମାନେ ଦମ୍‌ଦାର ପ୍ରଦର୍ଶନ କରିଛନ୍ତି। ଭାରତୀୟ ମହିଳା ରେସଲର ଭିନେଶ ଫୋଗତ ୫୩ କେ.ଜି. ଫ୍ରିଷ୍ଟାଇଲ ଇଭେଣ୍ଟରେ ବ୍ରୋଞ୍ଜ୍ ପଦକ ହାସଲ କରିବା ସହ ୨୦୨୦ ଟୋକିଓ ଅଲିମ୍ପିକ୍ କୋଟା ହାସଲ କରି ଏହି ମେଗା ଇଭେଣ୍ଟ ଅଂଶଗ୍ରହଣ କରିବାକୁ ଯୋଗ୍ୟତା ହାସଲ କରିଛନ୍ତି। ସେହିପରି ଅନ୍ୟତମ ମହିଳା ରେସଲର ପୂଜା ଧଣ୍ଡା ଆଉ ଗୋଟିଏ ବିଜୟ ହାସଲ କଲେ ବିଶ୍ୱ ଚାମ୍ପିୟନଶିପ୍‌ରେ ତାଙ୍କର ଦ୍ୱିତୀୟ ପଦକ ହାସଲ କରିବେ। ପୂର୍ବରୁ ଭାରତ ୩ଟି ବିଶ୍ୱ ଚାମ୍ପିୟନଶିପ୍‌ରେ ପଦକ ବିନା ଖାଲି ହାତରେ ଫେରିଥିଲା। ଶେଷରେ ଭିନେଶ ଭାରତକୁ ସଫଳତା ପ୍ରଦାନ କରିଛନ୍ତି। ୨୫ ବର୍ଷୀୟ ଭିନେଶ ପ୍ରତିପକ୍ଷ ଗ୍ରୀସ୍‌ର ମାରିଆ ପ୍ରେଭୋଲାରାକିଙ୍କୁ ହରାଇ ବ୍ରୋଞ୍ଜ୍ ପଦକ ଜିତିଛନ୍ତି।

ପଞ୍ଚମ ଭାରତୀୟ ରେସଲର ହିସାବରେ ଭିନେଶ ବିଶ୍ୱ ଚାମ୍ପିୟନଶିପ୍‌ରେ ପଦକ ହାସଲ କରିବାର ଗୌରବ ଅର୍ଜନ କରିଛନ୍ତି। ଏହି ପ୍ରତିଯୋଗିତାରେ ୪ଥର ଅଂଶଗ୍ରହଣ କରିବା ପରେ ଫୋଗତ ପଦକ ଜିତିବାକୁ ସକ୍ଷମ ହୋଇଛନ୍ତି। ପୂର୍ବରୁ ୨୦୦୬ରେ ଆଲ୍‌କା ତୋମାର, ୨୦୧୨ରେ ଗୀତା ଫୋଗତ, ୨୦୧୨ରେ ବବିତା ଫୋଗତ ଓ ୨୦୧୮ରେ ପୂଜା ଧଣ୍ଡା ପଦକ ହାସଲ କରିଥିଲେ। ବୁଧବାର ଭିନେଶ ବିଶ୍ୱର ୧ ନମ୍ବର ରେସଲର ସାରା ଅନ ହିଲଡେବ୍ରଣ୍ଡକୁ ମାତ୍ ଦେଇଥିଲେ। ଭିନେଶ ଏବେ ଭାରତର ସଫଳତମ ରେସଲର ବିନଯାଇଛନ୍ତି। ସେ ପୂର୍ବରୁ ରାଜ୍ୟଗୋଷ୍ଠୀ କ୍ରୀଡ଼ା, ଏସିଆନ ଗେମ୍ସରେ ସ୍ୱର୍ଣ୍ଣ ପଦକ ହାସଲ କରିଥିଲେ।




ଭିନେଶ ଫୋଗତ ଓ ପ୍ରତିପକ୍ଷଙ୍କ ମଧ୍ୟରେ ଅନୁଷ୍ଠିତ ଲଢ଼େଇ।

**ବିଶ୍ୱ ରେସଲିଂ ଚାମ୍ପିୟନଶିପ୍**

ନନ୍ ଅଲିମ୍ପିକ୍ କାଟାଗୋରୀରେ ପୂଜା ୫୯ କେ.ଜି. ବର୍ଗରେ ସେମିଫାଇନାଲରେ ପ୍ରବେଶ କରିଛନ୍ତି। ଜାପାନର ୟୁଜୁକା ଇନାଗାକିଙ୍କୁ ୧୧–୮ରେ ହରାଇ ସେମିକୁ ଉଠିଥିଲେ। ତେବେ ସେ ସେମିରେ ରୁଷିଆର ଲିଉବୋଭ ଓଭଚାରୋଭଙ୍କଠାରୁ ପରାସ୍ତ ହୋଇଥିଲେ। ଏବେ ସେ ବ୍ରୋଞ୍ଜ୍ ପଦକ ପାଇଁ ଲଢ଼ିବେ। ପୂର୍ବରୁ ସେ ୨୦୧୮ ବୁଦାପେଷ୍ଟ ବିଶ୍ୱ ଚାମ୍ପିୟନଶିପ୍‌ରେ ୫୭ କେ.ଜି. ବର୍ଗରେ ବ୍ରୋଞ୍ଜ୍ ଜିତିଥିଲେ। ପୂଜା ଆଉ ଏକ ବ୍ରୋଞ୍ଜ୍ ପଦକ ହାସଲ କଲେ ଭାରତ ଦ୍ୱିତୀୟ ରେସଲର ଭାବେ ଦୁଇଟି ବିଶ୍ୱ ଚାମ୍ପିୟନଶିପ୍ ପଦକ ହାସଲ କରିବେ। ପୂର୍ବରୁ ବଜରଙ୍ଗ ପୁନିଆ ୨୦୧୩ରେ ବ୍ରୋଞ୍ଜ୍ ଓ ୨୦୧୮ରେ ରୌପ୍ୟ ପଦକ ହାସଲ କରିଥିଲେ।

ଧରିତ୍ରୀ
DHARITRI

www.orissakhabar.com/ www.dharitri.com ପୃଷ୍ଠା ୨୦ Press Regd. No. ORIORI/2005/14846 Postal Regd. No. BN/42/18-20. Edition Phone (06762) 224254, (06764) 237556 ଢେଙ୍କାନାଳ,ଗୁରୁବାର, ସେପ୍ଟେମ୍ବର ୧୯/୨୦୧୯ Dhenkanal, Thursday , September 19 / 2019

## ସଂକ୍ଷେପରେ

### ଅବକାରୀ ଚଢ଼ାଉ, ୬ ଗିରଫ



ବଇଣ୍ଡା,୧୮।୯(ଡି.ଏନ.ଏ)- ଆଠମଲ୍ଲିକ ଅବକାରୀ ବିଭାଗ ପକ୍ଷରୁ ବୁଧବାର ଠାକୁରଗଡ଼ ଥାନାର ବିଭିନ୍ନ ଗ୍ରାମରେ ଚଢ଼ାଉ କରାଯାଇ ୮୫ ଲିଟର ଦେଶୀ ମଦ ଜବତ କରାଯାଇଛି। ଏହି ଘଟଣାରେ ୬ ଜଣଙ୍କୁ ଗିରଫ କରାଯାଇଛି। ସେମାନେ ହେଲେ ଠାକୁରଗଡ଼ ଥାନା ରାଜିଙ୍ଗ ଗ୍ରାମର କୁମାରୀ ବେହେରା, ନବଘନ ବେହେରା, ଟାପଢୋଲ ଗ୍ରାମର ଶଶି ନାୟକ, ବରଡିପ ଗ୍ରାମର କୁନା ବେହେରା, ଖମାର ଗ୍ରାମର ଦ୍ୱାରୀ ବେହେରା, ଉଚ୍ଛାପୁର ଗ୍ରାମର ଶଙ୍କର ବେହେରା। ଏମାନେ ଘରେ ବେଆଇନ ଭାବେ ମଦ ବିକ୍ରି କରୁଥିବା ଖବରପାଇ ଅବକାରୀ ନିରୀକ୍ଷକ ସୁମତି ତ୍ରିପାଠୀ, ଉପନିରୀକ୍ଷକ ଭକ୍ତବତ୍ସ ବର୍ମା, ପ୍ରଫୁଲ୍ଲ କୁମାର ପତି, ରମାକାନ୍ତ ଚାନ୍ଦ, ଅରୁଣ ଚାଉଳିଆ ପ୍ରମୁଖ ଚଢ଼ାଉ କରିଥିଲେ।

### ଚୋରି କନକ ଦୁର୍ଗା ମୂର୍ତ୍ତି ଉଦ୍ଧାର



ଅନୁଗୋଳ ଅଫିସ, ୧୮।୯- ଅନୁଗୋଳ ତଳମୂଳ ଅଞ୍ଚଳରୁ ୧୦ ମାସ ତଳୁ ଚୋରି ହୋଇଯାଇଥିବା ମା' କନକ ଦୁର୍ଗାଙ୍କ ମୂର୍ତ୍ତି ଉଦ୍ଧାର ହୋଇଛି। ଅଷ୍ଟଧାତୁରେ ନିର୍ମିତ ଏହି ମୂର୍ତ୍ତି ଚୋରି ପରଠାରୁ ଅଞ୍ଚଳବାସୀ ଚିନ୍ତାରେ ଥିଲେ। ଏପରି କି ମୂର୍ତ୍ତି ଫେରିପାଇବା ପାଇଁ ବିଭିନ୍ନ ସମୟରେ ପୂଜାର୍ଚ୍ଚନା ମଧ କରୁଥିଲେ। ତେବେ ମନ୍ଦିରର ଶହେ ମିଟର ଦୂରରେ ଥିବା ଏକ ଯୋର ନିକଟରେ ପୋତାଯାଇଥିବାବେଳେ ଏହାକୁ ମଙ୍ଗଳବାର ରାତିରେ ଉଦ୍ଧାର କରାଯାଇଥିବା ସୂଚନା ମିଳିଛି। ମଙ୍ଗଳବାର ପ୍ରଥମେ ୩ଟି ସ୍ଥାନରେ ଗାତ ଖୋଳାଯାଇଥିଲା। ତେବେ ଚତୁର୍ଥ ଗାତ ଆଣ୍ଠୁଏ ଖୋଳା ହେବା ପରେ ମା'ଙ୍କ ସନ୍ଧାନ ମିଳିଥିଲା। ମା'ଙ୍କ ସନ୍ଧାନ ମିଳିବା କଥା ପ୍ରଘଟ ହେବା ପରେ ମନ୍ଦିରକୁ ବହୁ ଲୋକଙ୍କ ସୁଅ ଛୁଟିଥିଲା। ଜନୈକ ବାବାଙ୍କ ସୂଚନା ଆଧାରରେ ମା'ଙ୍କୁ ଉଦ୍ଧାର କରାଯାଇଥିବା ବିଭିନ୍ନ ସ୍ଥାନରେ ଆଲୋଚନା ହେଉଛି।

### ପୁଣି ବିବାଦରେ ଜିଲା ମୁଖ୍ୟ ଚିକିତ୍ସାଳୟ

# ବେଡ୍‌ରୁ ରୋଗୀ ଗାଏବ

ଅନୁଗୋଳ ଅଫିସ, ୧୮।୯

ଅନୁଗୋଳ ଜିଲା ମୁଖ୍ୟ ଚିକିତ୍ସାଳୟରେ ଚିକିତ୍ସାଧୀନ ରୋଗୀ ଅଙ୍ଗାରବନ୍ଧ ଗ୍ରାମର ଟିଙ୍କାରୁ ନାଏକ (୨୦) ହଠାତ୍ କେଉଁଆଡ଼େ ଚାଲିଯାଇଥିବା ପରିବାର ଲୋକେ ଅଭିଯୋଗ କରିଛନ୍ତି। ମେଡିକାଲ କର୍ତ୍ତୃପକ୍ଷଙ୍କ ଦାୟିତ୍ୱହୀନତା ପାଇଁ ଏପରି ଘଟଣା ଘଟିଥିବା ଟିଙ୍କାରୁଙ୍କ ପରିବାର ଲୋକେ ଅଭିଯୋଗ କରିଛନ୍ତି। ଏ ନେଇ ସେମାନେ ଜିଲାପାଳଙ୍କ ଦ୍ୱାରସ୍ଥ ହୋଇଥିବା ସୂଚନା ଦେଇଛନ୍ତି।



ପରିବାର ଲୋକେ ଅଭିଯୋଗ କରିଛନ୍ତି ଯେ, ଗତ ୧୪ ତାରିଖରେ ଟିଙ୍କାରୁଙ୍କୁ ମେଡିକାଲରେ ଭର୍ତ୍ତି କରାଯାଇଥିଲା। ୧୫ ତାରିଖ ସକାଳେ ସୁରକ୍ଷାକର୍ମୀମାନେ ସମ୍ପର୍କୀୟମାନଙ୍କୁ ୱାର୍ଡରୁ ବାହାରକୁ ଯିବା ପାଇଁ କହିଥିଲେ। ପରିବାର ଲୋକେ ବାହାରକୁ ଆସିଥିବା ବେଳେ ଟିଙ୍କାରୁ ବେଡ୍‌ରୁ ଉଠି କେଉଁଆଡ଼େ ଚାଲିଯାଇଥିଲେ। ପରେ ପରିବାର ଲୋକେ ଏ ସମ୍ପର୍କରେ ଜାଣି ଖୋଜାଖୋଜି କରିବା ସହ ସୁରକ୍ଷାକର୍ମୀଙ୍କୁ ପଚାରିଥିଲେ। ହେଲେ ରୋଗୀ କେଉଁଆଡ଼େ ଯାଇଛି ସୁରକ୍ଷାକର୍ମୀ ଜାଣି ନ ଥିବା କହିଥିଲେ। ଏପରି କି ୱାର୍ଡରେ ଥିବା ଡାକ୍ତର ଓ ନର୍ସମାନଙ୍କୁ ପଚାରିବାରୁ ସେମାନେ ଦୁର୍ବ୍ୟବହାର କରିଥିବା ପରିବାର ଲୋକେ ଅଭିଯୋଗ କରିଛନ୍ତି। ପ୍ରଥମେ ଏଡିଏମ୍‌ଓ ମେଡିକାଲଙ୍କୁ ଭେଟି ଘଟଣା ସମ୍ପର୍କରେ ଜଣାଇବାକୁ ଯାଇଥିଲେ। ତାଙ୍କୁ ନ ପାଇବାରୁ ଜିଲାପାଳଙ୍କ ଦ୍ୱାରସ୍ଥ ହୋଇଥିବା ପରିବାର ଲୋକେ ପ୍ରକାଶ କରିଛନ୍ତି। ଏ ସମ୍ପର୍କରେ ମେଡିକାଲ ମ୍ୟାନେଜର ଦେବାଶିଷ ଦାସ କହିଛନ୍ତି, ଘଟଣା ନେଇ କିଛି ଜାଣି ନାହିଁ। ବୁଝିକରି କହିବି।

### ଆଦର୍ଶ ଇଣ୍ଟରନ୍ୟାଶନାଲ ସ୍କୁଲ ପ୍ରତିଷ୍ଠାତାଙ୍କୁ ସମ୍ବର୍ଦ୍ଧନା



ଅନୁଗୋଳ ଅଫିସ, ୧୮।୯

ଅନୁଗୋଳ ଆଦର୍ଶ ଇଣ୍ଟରନ୍ୟାଶନାଲ ସ୍କୁଲ ପ୍ରତିଷ୍ଠାତା ମହେଶ ଚନ୍ଦ୍ର ଧଳ ଓ ପ୍ରଶାସନିକ ଅଧିକାରୀ ଅବନୀକାନ୍ତ ଷଡ଼ଙ୍ଗୀଙ୍କୁ ସ୍କୁଲ ପରିସରରେ ସମ୍ବର୍ଦ୍ଧିତ କରାଯାଇଛି। ଆନ୍ତର୍ଜାତିକ ଖ୍ୟାତି ସମ୍ପନ୍ନ ବଲସ୍ ବ୍ରିଜ ବିଶ୍ୱ ବିଦ୍ୟାଳୟ ନୂଆଦିଲ୍ଲୀ ପକ୍ଷରୁ ଗତ ୮ ତାରିଖରେ ଧଳ ଓ ଷଡ଼ଙ୍ଗୀଙ୍କୁ ଶିକ୍ଷା କ୍ଷେତ୍ରରେ ସମ୍ମାନ ସୂଚକ ଡକ୍ଟରେଟ ଉପାଧି ପ୍ରଦାନ କରାଯାଇଥିବାରୁ ଉଭୟଙ୍କୁ ଏହି ସମ୍ବର୍ଦ୍ଧନା ଦିଆଯାଇଥିଲା। ସ୍କୁଲ ଅଧ୍ୟକ୍ଷ ସନ୍ତୋଷ କୁମାର ଗୌଡ଼ଙ୍କ ପୌରୋହିତ୍ୟରେ ଉପାଧ୍ୟକ୍ଷ ବିଜୟ କୁମାର ଦାସ, ଆଦର୍ଶ ଅନୁଷ୍ଠାନର ଲୋକ ସମ୍ପର୍କ ଅଧିକାରୀ ବଂଶୀଧର ମିଶ୍ରଙ୍କ ଉପସ୍ଥିତିରେ ସମସ୍ତ ଶିକ୍ଷୟିତ୍ରୀ ଓ ଶିକ୍ଷକ ସମ୍ବର୍ଦ୍ଧନା ଜ୍ଞାପନ କରିଥିଲେ। ଶିକ୍ଷକ ଅଜୟ କୁମାର ଦାସ ଏହି ସଫଳତା ଅନୁଷ୍ଠାନ ପାଇଁ ତଥା ସମସ୍ତ କର୍ମଚାରୀଙ୍କ ପାଇଁ ଗୌରବର ବିଷୟ ବୋଲି କହିଥିଲେ। ଶେଷରେ ସମ୍ବର୍ଦ୍ଧନା ପାଇଁ ଧଳ ଓ ଷଡ଼ଙ୍ଗୀ କର୍ମଚାରୀମାନଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ।

### ଠିକାସଂସ୍ଥାର ମନମୁଖି କାମକୁ ବିରୋଧ

## ଭାଜପା ପକ୍ଷରୁ ରାଜପଥ ଅବରୋଧ

ପାଲଲହଡ଼ା, ୧୮।୯(ଡି.ଏନ.ଏ.)

ରାଜପଥ ସମ୍ପ୍ରସାରଣ କାମ ନେଇଥିବା ଠିକାସଂସ୍ଥା ମନମୁଖି କାମ କରୁଥିବା ଅଭିଯୋଗ କରି ବୁଧବାର ପାଲଲହଡ଼ା ଭାଜପା ପକ୍ଷରୁ ୪୯ ଓ ୧୪୯ ନମ୍ବର ଜାତୀୟ ରାଜପଥ ଅବରୋଧ କରାଯିବା ସହ ଧାରଣା ଦିଆଯାଇଥିଲା। ରାଜପଥ ସମ୍ପ୍ରସାରଣ କାମ ନେଇଥିବା ଠିକା ସଂସ୍ଥା ପୁରୁଣାରାସ୍ତା ମରାମତି କରୁ ନ ଥିବା ଦଳୀୟ କାର୍ଯ୍ୟକର୍ତ୍ତା ଅଭିଯୋଗ କରିଥିଲେ। ଏ ନେଇ ବାରମ୍ବାର ପ୍ରଶାସନର ଦ୍ୱାରସ୍ଥ ହୋଇଥିଲେ ମଧ ସୁଫଳ ନ ମିଳିବାରୁ ରାସ୍ତା ଅବରୋଧ କରାଯାଇଥିଲା। ପରେ ଜାତୀୟ ରାଜପଥ ପ୍ରାଧିକରଣ କର୍ମଚାରୀ, ପାଲଲହଡ଼ା ତହସିଲଦାର ସ୍ୱାଗତ ଦାଶ, ଥାନା ଅଧିକାରୀ କନକ କୁମାର ମାଝି ଏବଂ ଠିକା ସଂସ୍ଥା କର୍ତ୍ତୃପକ୍ଷ ଆନ୍ଦୋଳନ ସ୍ଥଳରେ ପହଞ୍ଚି ଆଲୋଚନା କରିଥିଲେ। ଆସନ୍ତା ୧୫ଦିନ ମଧ୍ୟରେ ମରାମତି କାର୍ଯ୍ୟ କରାଯିବ ବୋଲି ପ୍ରତିଶ୍ରୁତି ଦେବା ପରେ ରାସ୍ତା ଅବରୋଧ ହଟିଥିଲା। ଏଥିରେ ପାଲଲହଡ଼ା ମଣ୍ଡଳ ଭାଜପା ସଭାପତି ନିଳମ୍ବର ପ୍ରଧାନ, ଖେମଳା ମଣ୍ଡଳ ସଭାପତି ଧର୍ମେନ୍ଦ୍ର ସାହୁ, ପାଲଲହଡା ମଣ୍ଡଳ ସମ୍ପାଦକ ଭୁବନ ଭୁକ୍ତାଙ୍କ ସମେତ ବହୁ ଭାଜପା ନେତା ଉପସ୍ଥିତ ଥିଲେ।



ଭାଜପା କର୍ମୀମାନେ ରାଜପଥ ଅବରୋଧ କରିଛନ୍ତି।

### ୩ ଅସହାୟ ଶିଶୁଙ୍କୁ ସିଡବ୍ଲ୍ୟୁସିକୁ ହସ୍ତାନ୍ତର

ତାଳଚେର,୧୮।୯(ନି.ପ୍ର.)

ମା'ଙ୍କ ମୃତ୍ୟୁ ଓ ହତ୍ୟା ଅଭିଯୋଗରେ ବାପା ଜେଲ୍ ଯିବା ପରେ ଅସହାୟ ହୋଇପଡ଼ିଥିବା ତାଳଚେର ବ୍ଲକ ବଳଣ୍ଡା ମୁଣ୍ଡାହଟିଂର ୩ ଶିଶୁଙ୍କୁ ବୁଧବାର ଜିଲା ଶିଶୁ ମଙ୍ଗଳ କମିଟି (ସିଡବ୍ଲ୍ୟୁସି)କୁ ହସ୍ତାନ୍ତର କରାଯାଇଛି। ସାମାଜିକ କର୍ମୀଙ୍କ ଅଭିଯୋଗ ପରେ ପ୍ରଶାସନ ଏହି ପଦକ୍ଷେପ ନେଇଛି। ପ୍ରକାଶ ଯେ, ବଳଣ୍ଡା ଗୁରୁଦ୍ୱାର ଅଞ୍ଚଳର ମୁନା ଚମ୍ପିଆ ଗତ ୯ ତାରିଖରେ ସ୍ତ୍ରୀ ଗୀତା ଚମ୍ପିଆ (୩୫)ଙ୍କୁ ମାଡ଼ ମାରିଥିଲେ। ଏଥିରେ ଗୀତାଙ୍କ ମୃତ୍ୟୁ ଘଟିଥିଲା। ପରେ ପୋଲିସ ମୁନାଙ୍କୁ ଗିରଫ କରି କୋର୍ଟଚାଲାଣ କରିଥିଲା। ଘଟଣା ପରଠାରୁ ତାଙ୍କର ୧୦ ବର୍ଷ, ୪ ବର୍ଷ ଓ ୨ ବର୍ଷର ୩ ପିଲା ବେସାହାରା ହୋଇ ଯାଇଥିଲେ। କିଛି ମିଳିଲେ ଖାଉଥିଲେ ନ ହେଲେ ଭୋକ ଉପାସରେ ରହୁଥିଲେ। ଖବରପାଇ ସାମାଜିକ କର୍ମୀ ବିନୋଦ ଲାଲ ସମ୍ପୃକ୍ତ ଶିଶୁମାନଙ୍କୁ ଉପଖଣ୍ଡ ପ୍ରଶାସନ ନିକଟକୁ ଆଣି ଥଇଥାନ କରାଯିବାକୁ ଅନୁରୋଧ କରିଥିଲେ। ଉପଜିଲାପାଳ ପରେଶ ଚନ୍ଦ୍ର ନାୟକଙ୍କ ନିର୍ଦ୍ଦେଶରେ ସାମାଜିକ ସୁରକ୍ଷା ଅଧିକାରୀ ଅଶୋକ ନାୟକ ଓ ବିନୋଦ ଲାଲ ୩ ଶିଶୁଙ୍କୁ ଅନୁଗୋଳ ସିଡବ୍ଲ୍ୟୁସିକୁ ହସ୍ତାନ୍ତର କରିଥିଲେ।

### ଜିଲା ଟିମ୍ବର ମର୍ଚ୍ଚାଣ୍ଟ ଆସୋସିଏଶନ୍ ବୈଠକ

## ଚୋରା କାଠ କାରବାର ରୋକିବାକୁ ଦାବି



ବୈଠକରେ ଉପସ୍ଥିତ କର୍ମକର୍ତ୍ତା।

ଅନୁଗୋଳ ଅଫିସ, ୧୮।୯

ଅନୁଗୋଳ ଜିଲା ଟିମ୍ବର ମର୍ଚ୍ଚାଣ୍ଟ ଆସୋସିଏଶନ୍ ପକ୍ଷରୁ ସାଧାରଣ ବୈଠକ ସ୍ଥାନୀୟ ଏକ ହୋଟେଲ ପରିସରରେ ଅନୁଷ୍ଠିତ ହୋଇଯାଇଛି। ସଂଘ ସଭାପତି ରଞ୍ଜନ କୁମାର ଜେନା, ସମ୍ପାଦକ ରଞ୍ଜନ କୁମାର ବେହେରା, ଉପସଭାପତି ଗୋପବନ୍ଧୁ ସ୍ୱାଇଁ, ବିଜୟ କୁମାର ପ୍ରଧାନ, ଯୁଗ୍ମ ସମ୍ପାଦକ ଶେଖ୍ ନଜିମ୍, ଚିତ୍ତରଞ୍ଜନ ନାଥ, କୋଷାଧ୍ୟକ୍ଷ ସଦାନନ୍ଦ ପଣ୍ଡା ପ୍ରମୁଖ ଯୋଗଦାନ କରି ସଂଘର ସମସ୍ୟା ଓ ଏହାର ସମାଧାନ ଉପରେ ଆଲୋଚନା କରିଥିଲେ। ବର୍ଷ ବର୍ଷ ଧରି ବ୍ୟବସାୟୀମାନଙ୍କୁ ଡିପୋ ଲାଇସେନ୍ସ ମିଳୁ ନ ଥିବାରୁ ବୈଠକରେ କ୍ଷୋଭ ପ୍ରକାଶ ପାଇଥିଲା। ସେହିପରି ଜିଲାରେ କାଠର ଚୋରା କାରବାର ବଢ଼ୁଥିବାରୁ ଏହାକୁ ରୋକିବା ପାଇଁ ଜଙ୍ଗଲ ବିଭାଗ ପଦକ୍ଷେପ ନେବାକୁ ଦାବି ହୋଇଥିଲା। ସେହିଭଳି ଓଏଫ୍‌ଡିସି ଟିମ୍ବର ଡିପୋ ଅନୁଗୋଳରେ ବନ୍ଦ ହୋଇଯାଇଥିବାରୁ କାଠ ପାଇଁ ଜନସାଧାରଣଙ୍କୁ ବଇଣ୍ଡା ଯିବାକୁ ପଡୁଛି। ତେଣୁ ପ୍ରଶାସନ ଏଥିପ୍ରତି ଦୃଷ୍ଟି ଦେଲେ ଏସବୁ ସମସ୍ୟାକୁ ସମାଧାନ ହେବ ବୋଲି ସଂଘ ପ୍ରକାଶ କରିଛି। ରଞ୍ଜନ ଜେନା, ଗୋପବନ୍ଧୁ, ବିଜୟ ପ୍ରଧାନ, ରାଜନ ନାୟକ, ମନୋଜ କୁମାର ସାହୁ, ବୀର ଭୂତିଆ, କାଳିଆ ବେହେରାଙ୍କ ସମେତ ବହୁ ବ୍ୟକ୍ତି ଉପସ୍ଥିତ ଥିଲେ।

ପୁରୁଣା ଗଣ୍ଠି ଯନ୍ତ୍ରଣା କାରଣରୁ ଚିନ୍ତିତ
ରୋଗୀମାନଙ୍କ ପାଇଁ ଶୁଭ ଖବର
Helpline : 0171-3055100




Maharashtra — ଆନନ୍ଦା ଲକ୍ଷ୍ମଣ ଗୁଜଲାୱର ୬୪ ବର୍ଷୀୟ ଅବସରପ୍ରାପ୍ତ କର୍ମଚାରୀ। ବିଗତ ଚାରି-ପାଞ୍ଚ ବର୍ଷ ଧରି ତାଙ୍କ ଆଣ୍ଠୁରେ ବହୁତ ପୀଡ଼ା ରହୁଥିଲା। ଦିନେ ତାଙ୍କ ପଡ଼ୋଶୀଙ୍କ କଥା ମାନି ସେ ଡା.ଅର୍ଥୋ ଆୟୁର୍ବେଦିକ ତେଲ ସକାଳେ ଓ ସନ୍ଧ୍ୟାବେଳେ ହାଲୁକା ହାତରେ ମାଲିସ କଲେ ଏବଂ ଡା.ଅର୍ଥୋ ତେଲର ଦୁଇ-ଦୁଇଟି କ୍ୟାପ୍‌ସୁଲ ତିନି ମାସ ପର୍ଯ୍ୟନ୍ତ ବ୍ୟବହାର କଲେ। ଆଜି ସେ ଖୁସି।

Uttar Pradesh — ମୁମ୍‌ତାଜ ବେଗମ ୬୭ ବର୍ଷୀୟ ହାଉସ୍ ୱାଇଫ୍ ଅଟନ୍ତି। ବିଗତ ୩ ବର୍ଷ ହେଲା ଆଣ୍ଠୁ ଓ ଗୋଡ଼ ବ୍ୟଥା କାରଣରୁ ଚଲାବୁଲା କରିପାରୁ ନ ଥିଲେ। ସବୁ ଚିକିତ୍ସା କରାଇଲେ କିନ୍ତୁ କିଛି ଫରକ ପଡ଼ିଲା ନାହିଁ । ଦିନେ ଟିଭିରୁ ଡା.ଅର୍ଥୋ ତେଲ ଓ କ୍ୟାପ୍‌ସୁଲର ଆଡ୍ ଦେଖିଲେ। ସେ ବଜାରରୁ ତାହାକୁ ମଗାଇ ନିର୍ଦ୍ଦେଶ ଅନୁସାରେ ପ୍ରୟୋଗ କଲେ। ଏବେ ସେ ଯନ୍ତ୍ରଣାରୁ ସମ୍ପୂର୍ଣ୍ଣ ଉପଶମ ପାଇଛନ୍ତି।

Madhya Pradesh — ପଣ୍ଡିତ ଲକ୍ଷ୍ମୀ ନାରାୟଣ ସତ୍ୟାର୍ଥୀ ଜଣେ ୬୪ ବର୍ଷୀୟ ଶିକ୍ଷକ ଓ ଚିକିତ୍ସକ। ସେ ଲେଖନ୍ତି କି ୩-୪ ବର୍ଷ ହେଲା ମୋ ଆଣ୍ଠୁ, କହୁଣି ଓ ହାତରେ ବହୁତ ପୀଡ଼ା ରହୁଥିଲା। ମୁଁ ଡା.ଅର୍ଥୋ ଆୟୁର୍ବେଦିକ ତେଲ ସକାଳେ ଓ ସନ୍ଧ୍ୟାବେଳେ ହାଲୁକା ହାତରେ ମାଲିସ୍ କଲି ଓ ଡା.ଅର୍ଥୋର ୨-୨ କ୍ୟାପ୍‌ସୁଲ ସେବନ କଲି। ୫ ମାସ ମଧ୍ୟରେ ହିଁ ମୋତେ ଗଣ୍ଠିର ଭୟଙ୍କର ଯନ୍ତ୍ରଣାରୁ ମୁକ୍ତି ମିଳିଗଲା।

Rajasthan — କଲ୍ୟାଣ ପ୍ରସାଦ ଜୋଶୀଙ୍କୁ ୫୨ ବର୍ଷ ଓ ସେ ପୂଜାପାଠ କରନ୍ତି। ବିଗତ ୩ ବର୍ଷ ଧରି ପିଠି ଓ ଆଣ୍ଠୁର ଯନ୍ତ୍ରଣା କାରଣରୁ ବହୁତ ଚିନ୍ତିତ ଥିଲେ। ଦିନେ ସେ ଟିଭିରେ ଆୟୁର୍ବେଦିକ ଡା.ଅର୍ଥୋ ତେଲ ଓ କ୍ୟାପ୍‌ସୁଲର ବିଜ୍ଞାପନ ଦେଖିଲେ। ସେ ଏହାକୁ ତିନି ମାସ ବ୍ୟବହାର କଲେ। ସେ ଲେଖନ୍ତି କି ତିନି ମାସରେ ହିଁ ତାଙ୍କର ତିନିବର୍ଷର ଯନ୍ତ୍ରଣା ସମ୍ପୂର୍ଣ୍ଣ ଭଲ ହୋଇଗଲା।

Odisha — ଚନ୍ଦ୍ରମଣି ବେଉରିଆ ଜଣେ ୭୧ ବର୍ଷୀୟ ଅବସରପ୍ରାପ୍ତ ବ୍ୟକ୍ତି। ସେ ଲେଖିଛନ୍ତି ଯେ ସେ ବିଗତ ଅନେକ ବର୍ଷ ଧରି ଗଣ୍ଠି ଯନ୍ତ୍ରଣା କାରଣରୁ ବ୍ୟଥିତ ଥିଲେ। କିନ୍ତୁ ଡା. ଅର୍ଥୋ ଆୟୁର୍ବେଦିକ ତେଲ ସକାଳେ ସନ୍ଧ୍ୟାରେ ହାଲୁକା ହାତରେ ମାଲିସ୍ କଲେ ଓ ଦୈନିକ ଡା.ଅର୍ଥୋର ଦୁଇ-ଦୁଇଟି କ୍ୟାପ୍‌ସୁଲ ସେବନ କରି ତାଙ୍କ ଜୀବନ ପୂର୍ବାପେକ୍ଷା ଉନ୍ନତ ହୋଇଯାଇଛି। ଏଥିପାଇଁ ସେ ଡା.ଅର୍ଥୋକୁ ହାର୍ଦ୍ଦିକ କୃତଜ୍ଞତା ଜଣାଇଛନ୍ତି।

Maharashtra — ଦତ୍ତାତ୍ରେୟ ବିନାୟକ ଦୀକ୍ଷିତ୍ ୬୮ ବର୍ଷୀୟ ସମାଜସେବୀ। ମୁଁ ଅନେକ ସମୟ ଧରି ଆଣ୍ଠୁ ଓ ଗଣ୍ଠି ଯନ୍ତ୍ରଣା କାରଣରୁ ଦୁଃଖିତ ଥିଲି ଓ ମହଙ୍ଗା ଔଷଧ ମଧ ପ୍ରଭାବହୀନ ଥିଲା। ବୟସ ବଢ଼ିଚାଲିଥିଲା କିନ୍ତୁ ଯନ୍ତ୍ରଣା କମୁ ନ ଥିଲା। ଦିନେ ମୋ ମିତ୍ର ଆୟୁର୍ବେଦିକ ଡା.ଅର୍ଥୋ ତେଲ ଓ କ୍ୟାପ୍‌ସୁଲ ବିଷୟରେ କହିଲେ । ୪୦ ଦିନ ବ୍ୟବହାର କରିବା ପରେ ମୋ ଯନ୍ତ୍ରଣା ଭଲ ହୋଇଯାଇଛି।

'ଡା. ଅର୍ଥୋ'ର ସବୁ ପ୍ରଡକ୍ଟ କେବଳ 'ଡା. ଅର୍ଥୋ' ନାମରେ ହିଁ ତିଆରି ଓ ବିକ୍ରି ହୋଇଥାଏ ।
ବଜାରରେ ସମାନ ଧରଣର ନାମ, ପ୍ୟାକିଂ, ବୋତଲ, ବିଜ୍ଞାପନ ଇତ୍ୟାଦିରୁ ଭ୍ରମିତ ହୁଅନ୍ତୁ ନାହିଁ ।

## ଭାଜପାର ସେବା ସପ୍ତାହ ପାଳିତ

ପବିତ୍ରନଗର,୧୮।୯(ଡି.ଏନ.ଏ.)

କଣିହାଁ ବ୍ଲକ ପବିତ୍ରନଗରଠାରେ ବୁଧବାର ଭାଜପା ପବିତ୍ରନଗର ମଣ୍ଡଳ ତରଫରୁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ଜନ୍ମ ଜୟନ୍ତୀ ଉପଲକ୍ଷେ ସେବା ସପ୍ତାହ ପାଳିତ ହୋଇଛି। ମଣ୍ଡଳ ସଭାପତି ପ୍ରହ୍ଲାଦ ସାମଲଙ୍କ ତତ୍ତ୍ୱାବଧାନରେ ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ପୂର୍ବତନ ଜିଲାପରିଷଦ ସଦସ୍ୟ ଅଶୋକ ମହାନ୍ତି, ସମ୍ମାନିତ ଅତିଥି ଭାବେ ରମେଶ ଚନ୍ଦ୍ର ପ୍ରଧାନ, ମାନସ ରଞ୍ଜନ ପ୍ରଧାନ, ପ୍ରତିମା ପ୍ରଧାନ ପ୍ରମୁଖ ଉପସ୍ଥିତ ଥିଲେ। ପରେ ଅତିଥିବୃନ୍ଦ ପବିତ୍ରନଗର ଅଞ୍ଚଳର ଶତାଧିକ ଦିବ୍ୟାଙ୍ଗଙ୍କୁ ବସ୍ତ୍ର ବଣ୍ଟନ କରିଥିଲେ।

### ବସ୍‌ରେ ଛାତ୍ରୀଙ୍କୁ ଅସଦାଚରଣ ମାମଲା

## ଚାଳକଙ୍କୁ ୫ ବର୍ଷ କାରାଦଣ୍ଡାଦେଶ

ଅନୁଗୋଳ ଅଫିସ, ୧୮।୯

୫ ବର୍ଷ ତଳେ ଏକ ସ୍କୁଲ ବସ୍‌ରେ ଅନୁଗୋଳର ଜଣେ ପଞ୍ଚମ ଶ୍ରେଣୀ ଛାତ୍ରୀଙ୍କୁ ଚାଳକ କରିଥିବା ଅସଦାଚରଣ ମାମଲାର ରାୟ ବୁଧବାର ପ୍ରକାଶ ପାଇଛି। ଅତିରିକ୍ତ ଜିଲା ଓ ଦୌରା ଜଜ୍ ତଥା ସ୍ୱତନ୍ତ୍ର ପୋକ୍‌ସୋ ଅଦାଲତର ଜଜ୍ ସୁରେଶ ଚନ୍ଦ୍ର ପ୍ରଧାନ ଅଭିଯୁକ୍ତ ବସ୍ ଚାଳକ ପିଙ୍କୁ ନାଏକ(୩୦)ଙ୍କୁ ଦୋଷୀ ସାବ୍ୟସ୍ତ କରିବା ସହ ୫ ବର୍ଷ କାରାଦଣ୍ଡାଦେଶ ପ୍ରଦାନ କରିଛନ୍ତି। ଏଥିସହ ୧୦ ହଜାର ଟଙ୍କା ଜରିମାନା ଦେବାକୁ ନିର୍ଦ୍ଦେଶ ଦେଇଛନ୍ତି।

ବିବରଣୀରୁ ପ୍ରକାଶ ଯେ, ୨୦୧୪ ଡିସେମ୍ବର ୧୮ରେ ଏକ ଘରୋଇ ସ୍କୁଲ ଛାତ୍ରୀଙ୍କୁ ଅସଦାଚରଣ କରାଯାଇଥିଲା। ଛାତ୍ରୀ ଜଣଙ୍କ ସାଙ୍ଗମାନଙ୍କ ସହ ବସ୍‌ରେ ଚଢ଼ୁଥିବା ବେଳେ ଫାଟକ ପାଖରେ ବସ୍ ଚାଳକ ପିଙ୍କୁ ଅସଦାଚରଣ କରିଥିଲେ। ଏପରି କି କାହାକୁ କିଛି ନ କହିବାକୁ ଧମକ ଦେଇଥିଲେ। ଘରେ ପହଞ୍ଚିବା ପରେ ଛାତ୍ରୀ ଜଣକ କାନ୍ଦି କାନ୍ଦି ମା'ଙ୍କୁ ଘଟଣା ସମ୍ପର୍କରେ କହିଥିଲେ। ପରେ ଛାତ୍ରୀଙ୍କ ବାପା ସ୍କୁଲକୁ ଅବଗତ କରାଇବା ସହ ଅନୁଗୋଳ ଥାନାରେ ଅଭିଯୋଗ କରିଥିଲେ। ପୋଲିସ ଅଭିଯୁକ୍ତଙ୍କୁ ଗିରଫ କରି କୋର୍ଟଚାଲାଣ କରିଥିଲା। ମୋଟ ୮ ଜଣଙ୍କ ସାକ୍ଷ୍ୟ ପ୍ରମାଣକୁ ଭିତ୍ତି କରି ଅତିରିକ୍ତ ଜିଲା ଓ ଦୌରାଜଜ୍ ଅଭିଯୁକ୍ତଙ୍କୁ ଉକ୍ତ ଦଣ୍ଡାଦେଶ ପ୍ରଦାନ କରିଥିଲେ। ସରକାରଙ୍କ ପକ୍ଷରୁ ସ୍ୱତନ୍ତ୍ର ପବ୍ଲିକ ପ୍ରୋସିକ୍ୟୁଟର ସରୋଜ ପଟ୍ଟନାୟକ ମାମଲା ପରିଚାଳନା କରିଥିଲେ।




Attractive Consumer Offer and Exchange Bonus | Special Offer for all Maruti Car Owners, Farmers, Commercial Vehicle Owners & IFFCO Society Members

For Institutional Sales / Bulk Deal / GeM enquiries, please contact: Mr Ramakrushna Panda - 7381034040 or email at ramakrushna.panda@maruti.co.in

| BALASORE | BHUBANESWAR | CUTTACK | JEYPORE | ROURKELA | ANGUL |
|---|---|---|---|---|---|
| JYOTE MOTORS PVT. LTD. | JYOTE MOTORS PVT. LTD. | NARAYANI MOTORS PVT. LTD. | LEGEND CARS PVT. LTD. | ORBIT MOTORS PVT. LTD. | ODYSSEY MOTORS PVT. LTD. |
| Januganj, Remuna, Balasore | Near Sai Temple, Cuttack Puri By Pass Road | Nirgundi, Tangi, Cuttack | Near Old TATA Showroom, Jeypore | Near Pahadi Bar, Besides Bharat Petrol Pump, Vedvyas | Near Cineplex, NH 55, Kandasar, Angul |
| Ph: 8338033992 | Ph: 8338033990 | Ph: 8338033999 | Ph: 7894442915 | Ph: 9437007440 | Ph: 6370702436 |

**Fuel Efficiency as certified by test agency under rule 115 of the CMVR, 1989. *Terms and conditions apply. Pictures used are for creative visualization. Car colour and accessories shown may vary from the actual product. ^Offer includes consumer offer, exchange bonus & applicable corporate offer (Wherever Applicable) on Super Carry Diesel.

Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, S-3/5, Industrial Estate, Angul. Published at Kunjakanta, Dhenkanal, Editor- Tathagata Satpathy, ସମ୍ପାଦକ– ତଥାଗତ ସତପଥୀ